# ଅଧ୍ୟାୟ 2

# ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ

# ଅଧ୍ୟାୟ 2

# ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

## 2.1 ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ଏବଂ ଇନ୍‌ପୁଟ୍ ସାମଗ୍ରୀ କ୍ରୟ

**କାର୍ଯ୍ୟନିର୍ବାହୀ ସାରାଂଶ**

ଭିତ୍ତିଭୂମି କାର୍ଯ୍ୟ ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ସରକାରୀ ନିର୍ଦ୍ଦେଶ ଓ ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) କୋଡ଼ର ବ୍ୟବସ୍ଥାକୁ ଅନୁସରଣ କରିନଥିଲା । ବିଭାଗୀୟ କାର୍ଯ୍ୟଗୁଡିକ ଠିକାଦାରଙ୍କ ଦ୍ୱାରା କରାଯାଇଥିଲା, ଯେଉଁ ମାନଙ୍କର ମନୋନୟନରେ ସ୍ୱଚ୍ଛତା ଏବଂ ପାରଦର୍ଶୀତା ଅବଲମ୍ବନ କରାଯାଇ ନଥିଲା । କାମଗୁଡ଼ିକର ଦେୟ ପୈଠ କରିବା ପାଇଁ ଆଇଟିଡିଏ ଦ୍ୱାରା କନିଷ୍ଠ ଯନ୍ତ୍ରୀ (ଜେଇ) ଏବଂ ସହାୟକ ଯନ୍ତ୍ରୀ (ଏଇ)ମାନଙ୍କ ନାମରେ ବ୍ୟାଙ୍କ୍ ଆକାଉଣ୍ଟ ଖୋଲାଯାଇଥିଲା । ଯାହା ସମୟ ସମୟରେ ସଂସ୍ଥା ଦ୍ୱାରା ପର୍ଯ୍ୟାଲୋଚନା/ ଯାଞ୍ଚ କରାଯାଇନଥିଲା । ବିଭାଗୀୟ କାର୍ଯ୍ୟର ଦେୟ ଜେଇ ଏବଂ ଏଇମାନଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟ ମାଧ୍ୟମରେ ପୈଠ କରାଯାଉଥିଲା ଯାହା ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବ ଯୋଗୁଁ ଏକ ପ୍ରମୁଖ ବିଫଳତା ଥିଲା । ବିଭାଗ ଦ୍ୱାରା ସମ୍ପାଦିତ ଓ ଦର୍ଶାଯାଇଥିବା କାର୍ଯ୍ୟର ମାନ, ଗୁଣବତ୍ତା ଓ ଦ୍ରବ୍ୟର ପରିମାଣ ଏବଂ ଶ୍ରମର ପରିମାଣ ଯାହା ଦର୍ଶାଯାଇଥିଲା ତାହା ଭରସା ଯୋଗ୍ୟ ନଥିଲା । କାର୍ଯ୍ୟ ସମ୍ପାଦନରେ ପ୍ରମୁଖ ନିୟନ୍ତ୍ରଣର ଅଭାବ ସରକାରୀ ପାଣ୍ଠିର ଆତ୍ମସାତ୍‌ର ଉଚ୍ଚ ଏବଂ ବଡ଼ ଧରଣର ସାମଗ୍ରୀକ ବିଫଳତାକୁ ଦର୍ଶାଉଛି ।

ଆୟ ଉତ୍ପାଦନ ଯୋଜନା ପାଇଁ ଇନ୍‌ପୁଟ୍ ସାମଗ୍ରୀ କ୍ରୟ ଦିଗରେ ସମବାୟ ସମିତିଗୁଡ଼ିକୁ ନାମାଙ୍କନ ଆଧାରରେ କ୍ରୟ ବରାଦରେ ଅନିୟମିତତା ପ୍ରସଙ୍ଗଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା । ଆଇଟିଡିଏ କିମ୍ବା ସମବାୟ ସମିତିଗୁଡ଼ିକ ପ୍ରକୃତ ବେସରକାରୀ ଯୋଗାଣକାରୀଙ୍କ ଠାରୁ ମୂଲ୍ୟାଙ୍କନ ସଂଗ୍ରହ କରିନଥିଲେ କିମ୍ବା ପ୍ରକାଶିତ ମୂଲ୍ୟ ତାଲିକା ପରୀକ୍ଷା କରି ଏକ ଉଚିତ୍ ବଜାର ମୂଲ୍ୟ ଆବିଷ୍କାର କରିବାକୁ କୌଣସି ପ୍ରଚେଷ୍ଟା କରାଯାଇ ନଥିଲା । ଏହା ବଡ଼ ଅନିୟମିତତା ଏବଂ ଆଇଟିଡିଏ କର୍ମକର୍ତ୍ତାଙ୍କ ସମବାୟ ସମିତି ନିଜ ଯୋଗାଣକାରୀ ମାନଙ୍କ ସହିତ ସାମିଲ୍ ହେବା ସୂଚାଉଛି ।

### 2.1.1 ଉପକ୍ରମ

2011 ଜନଗଣନା ଅନୁଯାୟୀ, ଓଡ଼ିଶାରେ ଅନୁସୂଚିତ ଜନଜାତି (ଏସ୍‌ଟି) ଜନସଂଖ୍ୟା 95 ଲକ୍ଷ ଥିଲା, ଯାହା ରାଜ୍ୟର ମୋଟ ଜନସଂଖ୍ୟାର 22.85 ପ୍ରତିଶତ ଏବଂ ଦେଶର ମୋଟ ଆଦିବାସୀ ଜନସଂଖ୍ୟାର 9.17 ପ୍ରତିଶତ ଅଟେ । ଭାରତର ସମ୍ବିଧାନର ପଞ୍ଚମ ସୂଚୀ ଅନୁଯାୟୀ, 119 ଟି ସମ୍ପ୍ରଦାୟ ବିକାଶ ମଣ୍ଡଳ (ଛଅଟି ଜିଲ୍ଲା ସମ୍ପୂର୍ଣ୍ଣ ଏବଂ ସାତଟି ଜିଲ୍ଲା ଆଂଶିକ)କୁ ନେଇ ରାଜ୍ୟର 63,896 ବର୍ଗ କିଲୋମିଟର ଅଞ୍ଚଳକୁ ଏସ୍‌ଟି ଜନସଂଖ୍ୟାର ବ୍ୟାପକ ବିକାଶ ପାଇଁ "ଅନୁସୂଚିତ ଅଞ୍ଚଳ" ଭାବରେ ଘୋଷଣା କରାଯାଇଛି (1977) ।

ଭାରତର ସମ୍ବିଧାନର ଧାରା 275(1) ଅନୁଯାୟୀ, ଏସ୍‌ଟିମାନଙ୍କର ବିକାଶ ନିମିତ୍ତ ପ୍ରୋତ୍ସାହିତ କରିବା ଏବଂ ଅନୁସୂଚିତ ଅଞ୍ଚଳରେ ପ୍ରଶାସନର ଦକ୍ଷତା ବୃଦ୍ଧି ପାଇଁ, ପ୍ରତିବର୍ଷ ଭାରତର ସଙ୍ଗଠିତ ପାଣ୍ଠିରୁ ଅନୁଦାନ ପ୍ରଦାନ କରାଯାଏ । ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ (ଜୁନ୍ 2016)ର ଅନୁଚ୍ଛେଦ 6.2.1 ଅନୁଯାୟୀ, ଅନୁଦାନ ପ୍ରଧାନତଃ ବାରମ୍ବାର ଖର୍ଚ୍ଚ ନ ହେଉଥିବା କାର୍ଯ୍ୟକ୍ରମ ବାବଦକୁ

ଖର୍ଚ୍ଚ ହେବା ଦରକାର ଯେଉଁ ସ୍ଥାୟୀ ସମ୍ପଦ ଏବଂ ସାଜ ସରଞ୍ଜାମର ଆୟୁ ଅତିକମ୍‌ରେ ତିନି ବର୍ଷରୁ କମ୍ ହୋଇନଥିବ । ଏହା ବ୍ୟତୀତ, କେନ୍ଦ୍ର ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍‌ସିଏ) ଅଧିନରେ ମଧ ପାଣ୍ଠି ପ୍ରଦାନ କରନ୍ତି । ଏସ୍‌ସିଏ ମୁଖ୍ୟତଃ କୃଷି, ଉଦ୍ୟାନ କୃଷି, ଜଳସେଚନ କୃଷି, ପଶୁପାଳନ, ଗ୍ରାମ ଏବଂ କ୍ଷୁଦ୍ର କୁଟୀର ଶିଳ୍ପ, ଦକ୍ଷତା ବିକାଶ ତାଲିମ ଇତ୍ୟାଦି କ୍ଷେତ୍ରରେ ପରିବାର ଆଧାରିତ ଆୟ ଉତ୍ପାଦନ ଯୋଜନା ଏବଂ ଭିତ୍ତିଭୂମି ବିକାଶ ପାଇଁ ମଧ ଉଦ୍ଦିଷ୍ଟ ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ[5] ଅନୁସୂଚିତ ଅଞ୍ଚଳରେ ରହୁଥିବା ଅନୁସୂଚିତ ଜନଜାତି ଜନସଂଖ୍ୟାର ସାମାଜିକ-ଆର୍ଥିକ ବିକାଶ ଦିଗରେ ବିଭିନ୍ନ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟ କରିବା ପାଇଁ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ଆଇଟିଡିଏ) ପ୍ରତିଷ୍ଠା ପାଇଁ ସୁପାରିଶ କରାଯାଇଥିଲା । ସେହି ଅନୁଯାୟୀ, ଅନୁସୂଚିତ ଅଞ୍ଚଳରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ କରିବାର ମୂଳ ଉଦ୍ଦେଶ୍ୟ ସହିତ 1979-80 ରୁ 2022-23[6] ମଧରେ ଓଡ଼ିଶାର 22 ଟି ଆଇଟିଡିଏ ଗୁଡିକ ପ୍ରତିଷ୍ଠା କରାଯାଇଥିଲା ।

### 2.1.2 ସାଂଗଠନିକ ସଂରଚନା ବ୍ୟବସ୍ଥା

ସୋସାଇଟି ପଞ୍ଜିକରଣ ଅଧିନିୟମ, 1860 ଅଧିନରେ ପଞ୍ଜୀକୃତ ସମିତି ଭାବରେ ଆଇଟିଡିଏ ଗୁଡିକର ଗଠନ କରାଯାଇଥିଲା । ସେଗୁଡିକ, ଜଣେ ସଚିବଙ୍କ ନେତୃତ୍ୱାଧିନ ଏବଂ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ (ଏସ୍‌ଟିଏବଂଏସ୍‌ସି)ଙ୍କ ସହଯୋଗ ଦ୍ୱାରା ପରିଚାଳିତ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ (ଏସ୍‌ଏସ୍‌ଡି ବିଭାଗ)ର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ କାର୍ଯ୍ୟ କରନ୍ତି । ପ୍ରତ୍ୟେକ ଆଇଟିଡିଏର ନେତୃତ୍ୱ ଜଣେ ପ୍ରକଳ୍ପ ପ୍ରଶାସକ (ପିଏ) ନେଉଛନ୍ତି, ଯିଏ କି ଏକ ପ୍ରକଳ୍ପ ସ୍ତରୀୟ କମିଟି (ଗଭର୍ଣ୍ଣିଂ ବଡି)କୁ ରିପୋର୍ଟ କରନ୍ତି । ଜିଲ୍ଲାପାଳ ଗଭର୍ଣ୍ଣିଂ ବଡିର ଅଧକ୍ଷ ଭାବରେ କାର୍ଯ୍ୟ କରନ୍ତି । ପ୍ରତ୍ୟେକ ପିଏଙ୍କୁ ଜଣେ ସ୍ୱତନ୍ତ୍ର ଅଧିକାରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ), ସହକାରୀ ଯନ୍ତ୍ରୀ (ଏଇ)/ କନିଷ୍ଠ ଯନ୍ତ୍ରୀ (ଜେଇ) ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀମାନେ ସାହାଯ୍ୟ କରନ୍ତି ।

ଅନୁସୂଚିତ ଅଞ୍ଚଳରେ ରହୁଥିବା ଆଦିବାସୀ ଜନସଂଖ୍ୟାର ବିକାଶ ପାଇଁ ଆଇଟିଡିଏ ଗୁଡିକ ଭିତ୍ତିଭୂମି ବିକାଶ ମୂଳକ କାର୍ଯ୍ୟ କରିଥାଏ, ଯେପରିକି ବିଦ୍ୟାଳୟ, ହଷ୍ଟେଲ ଘର, ବିଦ୍ୟାଳୟର ପ୍ରାଚୀର ନିର୍ମାଣ, ଜଳ ଅମଳ ସଂରଚନା, ପାନୀୟ ଜଳ ଯୋଗାଣ କାର୍ଯ୍ୟ ଇତ୍ୟାଦି ଗୁଡ଼ିକର ନିର୍ମାଣ ଏବଂ ମରାମତି/ ରକ୍ଷଣାବେକ୍ଷଣ । ଏଥି ସହ ଆଇଟିଡିଏ ଗୁଡ଼ିକ ମଧ ଆୟ ଉତ୍ପାଦନ ଯୋଜନା (ଆଇଜିଏସ୍) କାର୍ଯ୍ୟାନ୍ୱିତ କରନ୍ତି ଏବଂ ଆଦିବାସୀ ଯୁବକ ମାନଙ୍କୁ ପ୍ରଶିକ୍ଷଣର ବ୍ୟବସ୍ଥା କରନ୍ତି ।

### 2.1.3 ଅଡିଟ୍‌ର ଉଦ୍ଦେଶ୍ୟ

ବିଭାଗୀୟ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଆଇଟିଡିଏ ମାନଙ୍କ ଦ୍ୱାରା ଆଇଜିଏସ୍ ପାଇଁ ଇନପୁଟ୍ ସାମଗ୍ରୀ କ୍ରୟ ପାଇଁ ସମୟ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମାବଳୀକୁ ସଠିକ୍ ଅନୁପାଳନ ହୋଇଅଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଅନୁପାଳନ ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷାର ଉଦ୍ଦେଶ୍ୟ ଥିଲା, ନିମ୍ନଲିଖିତ ମୂଲ୍ୟାଙ୍କନ କରିବା ଯେ:

- ବିଭାଗୀୟ ଭାବେ କାର୍ଯ୍ୟକାରୀ କାର୍ଯ୍ୟ ପାଇଁ ସାମଗ୍ରୀ ଏବଂ ଶ୍ରମ ଯୋଗାଣ ବାବଦରେ ଦେୟ ବଳବତ୍ତର ଥିବା ନିୟମ, ୱାର୍କ୍‌ସ୍ କୋଡ଼ର ବ୍ୟବସ୍ଥା ଏବଂ ଯୋଜନା ମାର୍ଗଦର୍ଶିକା ଅନୁଯାୟୀ କରାଯାଇଥିଲା ।
- ହିତାଧିକାରୀଙ୍କ ଆଇଜିଏସ୍ ଲାଗୁ କରିବା ପାଇଁ ଇନ୍‌ପୁଟ୍ ସାମଗ୍ରୀ କ୍ରୟ ଦିଗରେ ଦେୟ, ଓଡ଼ିଶା ସାଧାରଣ ଆର୍ଥିକ ନିୟମର ଯୋଜନା ମାର୍ଗଦର୍ଶିକା ଏବଂ ନିୟମାବଳୀ ଅନୁପାଳନ କରାଯାଇଥିଲା ।

### 2.1.4 ଅଡିଟ୍ ମାନଦଣ୍ଡ

ଅଡିଟ୍ ଉଦ୍ଦେଶ୍ୟ ସହିତ ଅନୁପାଳନର ସ୍ଥିତି ମୂଲ୍ୟାଙ୍କନ ପାଇଁ ଯେଉଁ ଅଡିଟ୍ ମାନଦଣ୍ଡ ଉଲ୍ଲେଖ କରାଯାଇଛି, ତାହା ନିମ୍ନଲିଖିତ:

---

5 1974-78 ଅବଧି ମଧରେ

6 1979-80: 20 ଆଇଟିଡିଏ; 1992-93: 1ଟି ଆଇଟିଡିଏ; 2015-16: 1ଟି ଆଇଟିଡିଏ

- ସରକାରୀ ଯୋଜନାଗୁଡିକ ପାଇଁ ନିର୍ଦ୍ଦେଶାବଳୀ ଯେଉଁଥିରେ ବିଭାଗୀୟ କାର୍ଯ୍ୟ କରାଯାଇଥିଲା ।
- ହିତାଧିକାରୀଙ୍କ ପାଇଁ ଆୟ ସୃଷ୍ଟିକାରୀ ଯୋଜନା ପାଇଁ ନିର୍ଦ୍ଦେଶାବଳୀ ।
- ଓଡିଶା ପୂର୍ତ୍ତ ବିଭାଗର କୋଡ଼ ।
- ଓଡିଶା ସାଧାରଣ ଆର୍ଥିକ ନିୟମ ।
- ଏସ୍ଏସ୍‌ଡି ବିଭାଗ ଦ୍ଵାରା ଦିଆଯାଇଥିବା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶାବଳୀ ।

### 2.1.5 ଅଡିଟ୍ ପରିସର ଏବଂ ପଦ୍ଧତି

ରାଜ୍ୟର 22ଟି ଆଇଟିଡିଏ ମଧ୍ୟରୁ 11ଟି ଆଇଟିଡିଏରେ[7] ରେକର୍ଡ ଯାଞ୍ଚ ସହିତ ଅଡିଟ୍ ଜୁଲାଇ 2023 ରୁ ମାର୍ଚ୍ଚ 2024 ମଧ୍ୟରେ କରାଯାଇଥିଲା । ନମୁନା ଦ୍ଵାରା ସ୍ଥିର ହୋଇଥିବା ଆଇଟିଡିଏଗୁଡିକ ପ୍ରତିସ୍ଥାପନ ପଦ୍ଧତି ବିନା, ଅନିୟମିତ ନମୁନା ସଂଗ୍ରହ (ରାଣ୍ଡମ୍ ସାମ୍ପଲିଙ୍ଗ୍ ଉଇଦାଉଟ୍ ରିପ୍ଲେସ୍‌ମେଣ୍ଟ ମେଥଡ୍) ଆଧାରରେ ଚୟନ କରାଯାଇଥିଲା । 2018-19 ରୁ 2022-23 ପର୍ଯ୍ୟନ୍ତ ଆର୍ଥିକ ବର୍ଷ ସମ୍ବନ୍ଧୀୟ କାର୍ଯ୍ୟକଳାପ/ କାରବାରଗୁଡ଼ିକୁ, ଅଡିଟ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

94 ଟି କାର୍ଯ୍ୟ ଏବଂ 27 ଆଇଜିଏସ୍ କାର୍ଯ୍ୟକଳାପର[8] ମିଳିତ ସରଜମିନ୍ ଯାଞ୍ଚ, ବିଭାଗୀୟ ଦ୍ଵାରା ହୋଇଥିବା କାର୍ଯ୍ୟ, ସାମଗ୍ରୀ ଏବଂ ଶ୍ରମ ଯୋଗାଣକାରୀଙ୍କ ସ୍ଥାନ ଏବଂ ଆଇଜିଏସ୍‌ର କାର୍ଯ୍ୟାନ୍ୱୟନ ପାଇଁ ସ୍ଥାନଗୁଡ଼ିକ ଠାରେ କରାଯାଇଥିଲା । ଆବଶ୍ୟକ ସ୍ଥଳେ ହିତାଧିକାରୀମାନଙ୍କ ସହିତ ସାକ୍ଷାତ୍‌କାର ମଧ୍ୟ କରାଯାଇଥିଲା ।

30 ଜୁନ୍ 2023 ରେ ଓଡିଶା ସରକାରଙ୍କ ସ୍ଵତନ୍ତ୍ର ସଚିବ, ଏସ୍ଏସ୍‌ଡି ବିଭାଗଙ୍କ ସହିତ ଏକ ପ୍ରାରମ୍ଭିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଡିଟ୍‌ର ଉଦ୍ଦେଶ୍ୟ, ଅଡିଟ୍ ମାନଦଣ୍ଡ, ଅଡିଟ୍ ପରିସର ଏବଂ ପଦ୍ଧତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା । ଅଡିଟ୍‌ର ଫଳାଫଳଗୁଡିକ ପ୍ରସ୍ଥାନ ସମ୍ମିଳନୀରେ ଏସ୍ଏସ୍‌ଡି ବିଭାଗର ଆର୍ଥିକ ପରାମର୍ଶଦାତା ତଥା ସ୍ଵତନ୍ତ୍ର ସଚିବଙ୍କ ସହିତ ଆଲୋଚନା କରାଯାଇଥିଲା (ଅଗଷ୍ଟ 2024)ଏବଂ ରିପୋର୍ଟରେ ସେମାନଙ୍କର ମତାମତକୁ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଅଛି ।

### 2.1.6 ଅଡିଟ୍‌ର ପ୍ରତିବନ୍ଧକ

ସିଏଜି (ଡିପିସି) ଅଧିନିୟମ, 1971 ର ଧାରା 18 ଅନୁଯାୟୀ, ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ କେନ୍ଦ୍ର କିମ୍ବା ରାଜ୍ୟରେ ଥିବା କୋଷାଗାର କିମ୍ବା ଅନ୍ୟ ଯେ କୌଣସି କାର୍ଯ୍ୟାଳୟର ଆକାଉଣ୍ଟକୁ ଯାଞ୍ଚ କରିପାରିବେ, ଯେଉଁମାନେ ପ୍ରାରମ୍ଭିକ କିମ୍ବା ସହାୟକ ଖାତା ରଖିବା ପାଇଁ ଦାୟୀ । ଏହା ଏକ ଆଇନଗତ ଆବଶ୍ୟକତା ଯେ ଅଡିଟ୍ ପାଇଁ ଆବଶ୍ୟକୀୟ ସଂପୃକ୍ତ ଖାତା, ସୂଚନା ଏବଂ ଅନ୍ୟାନ୍ୟ ଦସ୍ତାବିଜ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପରେ ଏବଂ ଉପଯୁକ୍ତ ଶୀଘ୍ରତା ସହିତ ପ୍ରଦାନ କରାଯିବ ।

ମାତ୍ର 11ଟି ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏରୁ ତିନିଟି ଆଇଟିଡିଏରେ, **ସାରଣୀ 2.1.1** ରେ ଉଲ୍ଲେଖ କରାଯାଇଥିବା ନଥିପତ୍ରଗୁଡ଼ିକୁ ଅଡିଟ୍‌କୁ ଦିଆଯାଇଥିଲା ।

***ସାରଣୀ 2.1.1: ଅଡିଟ୍‌କୁ ଦିଆଯାଇନଥିବା କେସ୍ ରେକର୍ଡଗୁଡ଼ିକ***

| ଆଇଟିଡିଏ ନାମ | ଆବଶ୍ୟକ କେସ୍ ରେକର୍ଡ ଗୁଡ଼ିକ | ଅଡିଟ୍ ପାଇଁ ଦିଆଯାଇଥିବା କେସ୍ ରେକର୍ଡଗୁଡ଼ିକର ସଂଖ୍ୟା | ଅଡିଟ୍‌କୁ ଦିଆଯାଇ ନଥିବା କେସ୍ ରେକର୍ଡ ଗୁଡ଼ିକର ସଂଖ୍ୟା (ପ୍ରତିଶତ) | ଅଡିଟ୍‌କୁ ଦିଆଯାଇନଥିବା କେସ୍ ରେକର୍ଡ ଗୁଡ଼ିକର ଆନୁମାନିକ ମୂଲ୍ୟ (ଟଙ୍କା କୋଟିରେ) |
|---|---|---|---|---|
| କୋରାପୁଟ | 245 | 152 | 93 (38) | 2.98 |
| ମାଲକାନଗିରି | 302 | 168 | 134 (44) | 6.22 |
| ରାଇରଙ୍ଗପୁର | 50 | 20 | 30 (60) | 1.28 |
| **ମୋଟ** | **597** | **340** | **257 (43)** | **10.48** |

[7] କୋରାପୁଟ, ମାଲକାନଗିରି, ଫୁଲବାଣି, ବାଲିଗୁଡା, ଥୁଆମାଳ ରାମପୁର, ପାରଳାଖେମୁଣ୍ଡି, ରାଇରଙ୍ଗପୁର, ନବରଙ୍ଗପୁର, ପାନ୍‌ପୋଷ, ଜୟପୁର ଏବଂ କରଞ୍ଜିଆ

[8] ହିତାଧିକାରୀଙ୍କ ମଧ୍ୟରେ ଇନ୍‌ପୁଟ୍ ସାମଗ୍ରୀ ଏବଂ ଯନ୍ତ୍ରପାତି/ ସରଞ୍ଜାମ ବିତରଣର ଯାଞ୍ଚ

ରେକର୍ଡ ଗୁଡ଼ିକ ପ୍ରଦାନ ନକରିବା, ସିଏଜି ଡିପିସି ଅଧିନିୟମ, 1971 ର ନିୟମକୁ ଉଲ୍ଲଂଘନ କରେ ।

ପ୍ରସ୍ଥାନ ସମ୍ମିଳନୀରେ ବିଭାଗ ମତାମତ ଦେଲେ ଯେ, କର୍ମଚାରୀଙ୍କ ଅଭାବରୁ ଆବଶ୍ୟକ ନଥିପତ୍ରଗୁଡିକ ଅଡିଟ୍ ପାଇଁ ଦାଖଲ କରାଯାଇନାହିଁ ଏବଂ ଭବିଷ୍ୟତରେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଭରସା ଦେଇଛନ୍ତି ।

## ଅଡିଟ୍ ଫଳାଫଳ

ଅଡିଟ୍ ସମୟରେ କରାଯାଇଥିବା ପର୍ଯ୍ୟବେକ୍ଷଣଗୁଡିକୁ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

### 2.1.7 ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ ଓ ଏହାର ହିସାବ

#### *2.1.7.1 ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ*

ବିଭିନ୍ନ ଯୋଜନା ଅଧିନରେ ଆଇଟିଡିଏଗୁଡିକ ସରକାରଙ୍କ ଠାରୁ ପାଣ୍ଠି ଗ୍ରହଣ କରିଥିଲେ ଯଥା- ଆଦିବାସୀ ଉପଯୋଜନା (ଟିଏସ୍‌ପି) ଅଧିନରେ ସତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍‌ସିଏ), ଭାରତର ସମ୍ବିଧାନ ଧାରା 275(1) ଅନୁସାରେ ଅନୁଦାନ, ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ଏବଂ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ସରକାର ଦ୍ୱାରା ପ୍ରାୟୋଜିତ ଯୋଜନା । ଏହା ବ୍ୟତୀତ, ଆଇଟିଡିଏଗୁଡିକ, ନିଷ୍ପାଦନ ସଂସ୍ଥା ଭାବେ, ଅନ୍ୟ ଉତ୍ସରୁ ମଧ ପାଣ୍ଠି ପାଇଥାନ୍ତି ଯଥା ଜିଲ୍ଲା ଖଣିଜ ସ୍ଥାପନ ପାଣ୍ଠି, ଏମ୍‌ପିଏଲ୍‌ଏଡି[9] ପାଣ୍ଠି ଏବଂ ଏମ୍‌ଏଲ୍‌ଏଏଲ୍‌ଏଡି[10] ପାଣ୍ଠି ଏବଂ ଅନ୍ୟ ସରକାରୀ ବିଭାଗ ଇତ୍ୟାଦି । ସମସ୍ତ ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏଗୁଡିକର ପାଣ୍ଠିର ବାର୍ଷିକ ପ୍ରାପ୍ତି ଏବଂ ଉପଯୋଗ **ସାରଣୀ 2.1.2** ରେ ଦିଆଯାଇଛି ।

***ସାରଣୀ 2.1.2: 11 ଟି ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏଗୁଡିକ ଦ୍ୱାରା ପାଣ୍ଠିର ପ୍ରାପ୍ତି ଏବଂ ବ୍ୟବହାର (ପରିମାଣ ଟଙ୍କା କୋଟିରେ)***

| ବର୍ଷ | କାର୍ଯ୍ୟକଳାପ | ପ୍ରାରମ୍ଭିକ ଜମା | ପ୍ରାପ୍ତି | ଖର୍ଚ୍ଚ | ଅବଶେଷ ଜମା |
|---|---|---|---|---|---|
| 2018-19 | ଭିତ୍ତିଭୂମି ଉନ୍ନୟନ, ଆୟ ସୃଷ୍ଟି ଯୋଜନା, ଇତ୍ୟାଦି | 329.29 | 315.98 | 262.33 | 382.94 |
| 2019-20 | | 382.94 | 261.09 | 228.68 | 415.35 |
| 2020-21 | | 415.35 | 211.50 | 230.08 | 396.77 |
| 2021-22 | | 396.77 | 293.44 | 214.21 | 476.00 |
| 2022-23 | | 476.00 | 298.17 | 255.14 | 519.03 |
| **ମୋଟ** | | | **1,380.18** | **1,190.44** | |

*(ଉତ୍ସ: ନମୁନା ଯାଞ୍ଚ କରାଯାଇଥିବା ଆଇଟିଡିଏଗୁଡ଼ିକରୁ ପ୍ରାପ୍ତ ତଥ୍ୟ)*

ଅଡିଟ୍ ଲକ୍ଷ୍ୟ କଲେ ଯେ 2018-23 ଅବଧି ମଧରେ, 1,709.47 କୋଟି ଟଙ୍କା (2018-19 ର ପ୍ରାରମ୍ଭିକ ଅବଶେଷ ମିଶାଇ)ରୁ ଆଇଟିଡିଏଗୁଡ଼ିକ ମାତ୍ର 1,190.44 କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି ଏବଂ 519.03 କୋଟି ଟଙ୍କା (30 ପ୍ରତିଶତ) ଖର୍ଚ୍ଚ କରିପାରିନାହାନ୍ତି, ଯାହା ସଂସ୍ଥାର ଖର୍ଚ୍ଚ ନ କରିପାରିବାର ଦୁର୍ବଳତାକୁ ସୂଚାଉଛି ।

#### *2.1.7.2 ଆଇଟିଡିଏ ଦ୍ୱାରା ବାର୍ଷିକ ହିସାବ ପ୍ରସ୍ତୁତ ନ କରିବା*

ଆଇଟିଡିଏଗୁଡିକ ହେଉଛି କର୍ପୋରେଟ୍ ସଂସ୍ଥା, ଯାହା ସୋସାଇଟି ରେଜିଷ୍ଟ୍ରେସନ ଅଧିନିୟମ, 1860 ଅନୁଯାୟୀ ପଞ୍ଜୀକୃତ ହୋଇଛନ୍ତି । ଏହି ଅଧିନିୟମର ଧାରା 12 ସି ଏହା କଳ୍ପନା କରେ ଯେ, ଏହି ଅଧିନିୟମ ଅଧିନରେ ପଞ୍ଜୀକୃତ ସୋସାଇଟିର ପରିଚାଳନା ଦାୟିତ୍ୱରେ ଥିବା ପ୍ରତ୍ୟେକ ଗଭର୍ଣ୍ଣିଂ ବଡି, ଏହାର ନିୟମିତ ବିବରଣୀ ପ୍ରସ୍ତୁତ କରିବେ, ଯାହାକୁ ପ୍ରତିବର୍ଷ ନିର୍ଦ୍ଧାରିତ ପଦ୍ଧତିରେ ଜଣେ ବ୍ୟକ୍ତି ଯିଏ ଚାଟାର୍ଡ ଆକାଉଣ୍ଟାଣ୍ଟ ଅଧିନିୟମ, 1949 ଅନୁଯାୟୀ ଚାଟାର୍ଡ ଆକାଉଣ୍ଟାଣ୍ଟ ହୋଇଥିବେ କିମ୍ବା ସେହି ବ୍ୟକ୍ତି ଯାହାକୁ ରାଜ୍ୟ ସରକାର ଏ ଦିଗରେ ପ୍ରାଧିକୃତ କରିଥିବେ, ତାଙ୍କ ଦ୍ୱାରା ଅଡିଟ୍ କରାଇବେ । ଅଧିନିୟମର ଧାରା 12ଡି (2) ଅନୁଯାୟୀ, ଅଡିଟର୍ ତାଙ୍କ ରିପୋର୍ଟରେ ଅନିୟମିତତା, ବେଆଇନ କିମ୍ବା ଅନୁପଯୁକ୍ତ ଖର୍ଚ୍ଚ କିମ୍ବା ସୋସାଇଟିର ଅର୍ଥ କିମ୍ବା ଅନ୍ୟାନ୍ୟ ସମ୍ପତ୍ତି

[9] ସାଂସଦ ଆଞ୍ଚଳିକ ବିକାଶ ଯୋଜନା

[10] ବିଧାୟକ ଆଞ୍ଚଳିକ ବିକାଶ ଯୋଜନା

ପୁନରୁଦ୍ଧାର କିମ୍ବା ବିଫଳତା କିମ୍ବା ଅର୍ଥ ବିନିମୟ କିମ୍ବା ଅନ୍ୟାନ୍ୟ ମାମଲା ଦର୍ଶାଇବେ, ଯାହାକି ପରିଚାଳନା ସଂସ୍ଥାର ପରିଚାଳନାଗତ ତ୍ରୁଟି, ଭୁଲ୍ ନୀତିର ପ୍ରୟୋଗ ବା ଅସଦାଚରଣ ହେତୁ ସୃଷ୍ଟି ହୋଇଅଛି ।

ଏହି ଆଇନ୍‌ର ଉପରୋକ୍ତ ବ୍ୟବସ୍ଥାକୁ ସମସ୍ତ ଆଇଟିଡିଏର ମେମୋରାଣ୍ଡମ୍ ଅଫ୍ ଆସୋସିଏସନ୍ (ଏମ୍‌ଓଏ)ରେ ଅନ୍ତର୍ଭୁକ୍ତ କରାଯାଇଛି । ଏମ୍‌ଓଏର ସର୍ତ୍ତ 31 ଅନୁଯାୟୀ ସୋସାଇଟି ଏହାର ଆକାଉଣ୍ଟାଣ୍ଟ୍‌କୁ ବର୍ଷକୁ ଥରେ ଜଣେ ଯୋଗ୍ୟ ଅଡିଟର୍‌ଙ୍କ ଦ୍ୱାରା ସମୀକ୍ଷା କରାଇବେ ଏବଂ ତାଙ୍କ ଦ୍ୱାରା ଏକ ଅବଶିଷ୍ଟାଂଶ ତାଲିକା (ବାଲାନ୍ସ ସିଟ୍) ପ୍ରସ୍ତୁତ କରାଇବେ । ଅଡିଟର୍ ସୋସାଇଟିର ବାସ୍ତବିକ ଆର୍ଥିକ ସ୍ଥିତିର ସମୀକ୍ଷା ବିବରଣୀ ଦାଖଲ କରିବେ ଏବଂ ଏହି ଖାତାଗୁଡିକ ମହାଲେଖାକାର, ଓଡ଼ିଶାଙ୍କ ଦ୍ୱାରା ପୁଣି ଥରେ ଅଡିଟ୍ ହେବ । ଧାରା 33 ଅନୁସାରେ ବାର୍ଷିକ ସାଧାରଣ ବୈଠକର 30 ଦିନ ମଧ୍ୟରେ ବାଲାନ୍ସ ସିଟ୍ ଏବଂ ଅଡିଟର୍‌ଙ୍କ ରିପୋର୍ଟକୁ ସୋସାଇଟି ରେଜିଷ୍ଟ୍ରାର୍‌ଙ୍କ ନିକଟରେ ଦାଖଲ କରିବାକୁ ହେବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ନମୁନା ଅନ୍ତର୍ଭୁକ୍ତ କୌଣସି ଗୋଟିଏ ହେଲେ ଆଇଟିଡିଏ ବାର୍ଷିକ ହିସାବ ପ୍ରସ୍ତୁତ କରିନାହାନ୍ତି କିମ୍ବା ତାହାର ଅଡିଟ୍ ପାଇଁ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ନିଯୁକ୍ତ କରିନାହାନ୍ତି । ଆଇଟିଡିଏ ଦ୍ୱାରା ସୋସାଇଟି ରେଜିଷ୍ଟ୍ରେସନ୍ ଅଧିନିୟମରେ ଥିବା ବ୍ୟବସ୍ଥା ପାଳନ କରିବାର ଏଭଳି ଗୁରୁତର ତ୍ରୁଟିକୁ ଏସ୍‌ଏସ୍‌ଡି ବିଭାଗ ମଧ୍ୟ କେବେ ଦର୍ଶାଇ ନାହିଁ । ଏଥିଯୋଗୁଁ ସୋସାଇଟି ରେଜିଷ୍ଟ୍ରେସନ୍ ଅଧିନିୟମ ଅନୁଯାୟୀ ଦୁର୍ବଳ ସାମାଜିକ ଗୋଷ୍ଠୀ ପାଇଁ ଉପଲବ୍ଧ ପାଣ୍ଠିର ହିସାବ ଓ ବ୍ୟବହାର ପଦ୍ଧତି, ତଦାରଖ ଅଧୀନରେ ନଥିଲା । ଏଣୁ, ଆକାଉଣ୍ଟ୍ ପ୍ରସ୍ତୁତ ହୋଇନଥିବାରୁ ଏବଂ ପରେ ଅଡିଟ୍ ନ ହେବାରୁ, କ୍ଷତି, କିମ୍ବା ଅପଚୟର ତଥା ବ୍ୟୟ ଅପାରଗତାକୁ ସମାଧାନ କରାଯାଇ ପାରୁନାହିଁ । ଏଥି ସହିତ ବାର୍ଷିକ ହିସାବ ନଥିବାରୁ ନମୁନା ଅନ୍ତର୍ଭୁକ୍ତ ଆଇଟିଡିଏ ଦ୍ୱାରା ଦାଖଲ କରାଯାଇଥିବା ପ୍ରାପ୍ତି ଓ ବ୍ୟୟ ତଥ୍ୟର ସଠିକତା ମଧ୍ୟ ଅଡିଟ୍ ପ୍ରମାଣ କରିପାରି ନଥିଲା । ଏହି ତ୍ରୁଟି ଏସ୍‌ଏସ୍‌ଡି ବିଭାଗ ଓ ଆଇଟିଡିଏଗୁଡିକର ପ୍ରକଳ୍ପ ପ୍ରଶାସକଙ୍କର ଉଦାସୀନ ମନୋଭାବ ଯୋଗୁଁ ଘଟିଅଛି, ଯେଉଁମାନେ ଉପରୋକ୍ତ ବୈଧାନିକ ବ୍ୟବସ୍ଥାକୁ ପାଳନ କରିବାରେ ଅବହେଳା କରିଛନ୍ତି ।

ଆଇଟିଡିଏଗୁଡ଼ିକର ବାର୍ଷିକ ହିସାବ ପ୍ରସ୍ତୁତି ନ କରିବାର ଅବହେଳାକୁ ଏସ୍‌ଏସ୍‌ଡି ବିଭାଗ ପ୍ରସ୍ଥାନ ସମ୍ମିଳନୀରେ (ଅଗଷ୍ଟ 2024) ମାନିଛନ୍ତି ଏବଂ କହିଲେ ଯେ ଆର୍ଥିକ ବିବରଣୀ ଶୀଘ୍ର ପ୍ରସ୍ତୁତି ପାଇଁ ସେମାନେ ଉପଯୁକ୍ତ ପଦକ୍ଷେପ ନେଉଛନ୍ତି ।

**ସୁପାରିଶ 2.1.1:**

***ଏସ୍‌ଏସ୍‌ଡି ବିଭାଗ ଆଇଟିଡିଏଗୁଡିକ ଦ୍ୱାରା ବାର୍ଷିକ ଆର୍ଥିକ ବିବରଣୀ ପ୍ରସ୍ତୁତି ନିଶ୍ଚିତ କରାନ୍ତୁ ଏବଂ ସେଗୁଡ଼ିକର ବାର୍ଷିକ ଅଡିଟ୍ କରାନ୍ତୁ ।***

### 2.1.8 ଆଇଟିଡିଏ ଦ୍ୱାରା ଭିତ୍ତିଭୂମିର ବିକାଶମୂଳକ କାର୍ଯ୍ୟର କର୍ଯ୍ୟକାରିତା

ଓପିଡବ୍ଲୁଡି କୋଡ୍ ଭଲ୍ୟୁମ୍ II, ପରିଶିଷ୍ଟ-VII (ସଂଶୋଧନ 2015), ଅନୁସାରେ ସାଧାରଣତଃ ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରିତ ହେବା ଉଚିତ୍ । ଜରୁରୀକାଳୀନ ପରିସ୍ଥିତି, ଯଥା ରିଲିଫ୍ କାର୍ଯ୍ୟ, ବନ୍ୟା କ୍ଷୟ କ୍ଷତି ମରାମତି, ଭାଙ୍ଗି ଯାଇଥିବା ରାସ୍ତା ଏବଂ ବନ୍ଧର ମରାମତି, ଇତ୍ୟାଦି କ୍ଷେତ୍ରରେ ଯଦି କ୍ଷୁଦ୍ର ଟେଣ୍ଡର ବିଜ୍ଞପ୍ତି ଦ୍ୱାରା ଠିକା ଦେଇ ମଧ୍ୟ କାର୍ଯ୍ୟର ତ୍ୱରିତ କାର୍ଯ୍ୟାନ୍ୱୟନ ସମ୍ଭବପର ନୁହେଁ, ସେ କ୍ଷେତ୍ରରେ ଟେଣ୍ଡର ବାତିଲ୍ କରାଯାଇପାରେ । ଏସ୍‌ଏସ୍‌ଡି ବିଭାଗ ନିର୍ଦ୍ଦେଶ ଦେଇଛନ୍ତି (ଜାନୁଆରୀ 2005) ଯେ, ଯେଉଁ କାମର ଆନୁମାନିକ ଖର୍ଚ୍ଚ 5 ଲକ୍ଷ ଟଙ୍କା କିମ୍ବା ତା'ଠାରୁ କମ୍, ତାହା ବିଭାଗ ଦ୍ୱାରା କିମ୍ବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା[11] (ଡିଆରଡିଏ) ଦ୍ୱାରା ଅନୁସରଣ କରାଯାଇଥିବା ପଦ୍ଧତି ମାଧ୍ୟମରେ ସଂପୂର୍ଣ୍ଣ କରିହେବ । ଡିଆରଡିଏ ଦ୍ୱାରା ଅନୁସରଣ କରାଯାଇଥିବା ପଦ୍ଧତିର[12] ମୁଖ୍ୟ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦତ୍ତ କରାଗଲା:

- ପୂର୍ତ୍ତ ବିଭାଗ ଦ୍ୱାରା ଅଧିସୂଚିତ ହୋଇଥିବା ମୂଲ୍ୟ ନିର୍ଦ୍ଧାରଣ ସୂଚୀ ଅନୁଯାୟୀ ଆନୁମାନିକ ଖର୍ଚ୍ଚ ଆକଳନ ପ୍ରସ୍ତୁତିକରଣ ।

11 ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ

12 ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ବିଜ୍ଞପ୍ତି ସଂଖ୍ୟା 13220 ତା. 13 ଜୁଲାଇ 2018 ମାଧ୍ୟମରେ ସୂଚିତ

- ବିଭାଗ ଦ୍ୱାରା କରାଯାଉଥିବା କାର୍ଯ୍ୟଗୁଡ଼ିକରେ ଜିଏସ୍‌ଟି ଛାଡ଼ ।
- ବିଭାଗୀୟ କାର୍ଯ୍ୟର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବୈଧ ଜିଏସ୍‌ଟି ପଞ୍ଜୀକରଣ ନମ୍ବର ଥିବା ପ୍ରାଧିକୃତ ଯୋଗାଣକାରୀଙ୍କ ଠାରୁ ସାମଗ୍ରୀ କ୍ରୟର ପ୍ରମାଣ ସ୍ୱରୂପ ଭାଉଚର୍/ ବିଲ୍ ପ୍ରଦାନ କରିବାକୁ ପଡ଼ିବ ।
- ସାମଗ୍ରୀ ଯୋଗାଣକାରୀ ଏବଂ ଶ୍ରମିକମାନଙ୍କର ପ୍ରାପ୍ୟ ଦେୟ, ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଉପଯୁକ୍ତ ବିଲ୍/ ଭାଉଚର୍ ଏବଂ ମଷ୍ଟର୍ ରୋଲ୍ ମାଧ୍ୟମରେ ଦିଆଯିବ ।
- କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ, କାର୍ଯ୍ୟ କରିବା ସମୟରେ ଏବଂ କାର୍ଯ୍ୟ ସମାପ୍ତ ହେବା ପରେ ପ୍ରକଳ୍ପର ଫଟୋଗ୍ରାଫ୍ ଉଠାଯିବ ଏବଂ କାର୍ଯ୍ୟନିର୍ବାହୀଙ୍କୁ ଚୂଡ଼ାନ୍ତ ଦେୟମୁକ୍ତ କରିବା ପୂର୍ବରୁ, କେସ୍ ରେକର୍ଡରେ ରଖାଯିବ ।

ବିଭାଗୀୟ କାର୍ଯ୍ୟ ସବୁ ଓପିଡବ୍ଲୁଡି କୋଡ଼ର ବ୍ୟବସ୍ଥା ମୁତାବକ କାର୍ଯ୍ୟକାରୀ କରାଯିବା ଦରକାର, ଯେଉଁଥିରେ ଖର୍ଚ୍ଚ ସବୁ ବିଭାଗ ଦ୍ୱାରା ଚଳୁ କରାଯାଇଥିବା ଆଇଟିଡିଏଗୁଡିକର ବ୍ୟକ୍ତିଗତ ଲେଜର୍ ଆକାଉଣ୍ଟରୁ କରାଯିବା ଦରକାର, ମାତ୍ର ଜେଇ/ ଏଇମାନଙ୍କ ନାମରେ ଖୋଲା ଯାଇଥିବା ଅଲଗା ବ୍ୟାଙ୍କ୍ ଆକାଉଣ୍ଟରୁ ନୁହେଁ । ଭିତ୍ତିଭୂମି ବିକାଶ କାର୍ଯ୍ୟ ଆଇଟିଡିଏଗୁଡିକରେ ନିୟୋଜିତ ହୋଇଥିବା ଜେଇ/ ଏଇମାନଙ୍କ ଦ୍ୱାରା ହୋଇଥିଲା । ପ୍ରତ୍ୟେକ କାର୍ଯ୍ୟ ପାଇଁ, ମୂଲ୍ୟର ଆନୁମାନିକ ସୂଚୀ ଅନୁଯାୟୀ ଏକ ମୂଲ୍ୟ ଆକଳନ ପ୍ରସ୍ତୁତି କରାଯାଇଥିଲା ଏବଂ ସମ୍ପୃକ୍ତ ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କ ଦ୍ୱାରା ଅନୁମୋଦନ ହୋଇଥିଲା । ସେମାନେ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ କରୁଥିଲେ ଏବଂ ମୂଲ୍ୟ ଆକଳନ ଅନୁଯାୟୀ ଚଳନ୍ତା ଆକାଉଣ୍ଟ ବିଲ୍ ଦାଖଲ କରୁଥିଲେ । ଚଳନ୍ତା ଆକାଉଣ୍ଟରେ ଦାବି କରାଯାଇଥିବା ରାଶି ଉପରେ ଆଧାର କରି ପ୍ରକଳ୍ପ ପ୍ରଶାସକ ଦେୟ ପ୍ରଦାନ କରୁଥିଲେ । ଏହି ପରିମାଣ ଦେୟ ପଇଠ କରିବା ପାଇଁ ସରକାରୀ କ୍ଷମତା ଅନୁଯାୟୀ ଜେଇ/ ଏଇମାନଙ୍କ ନାମରେ ବ୍ୟାଙ୍କରେ ଚଳନ୍ତି ଖାତା ଖୋଲାଯାଇଥିଲା । ଏହି ବ୍ୟବସ୍ଥା ଡିଆର୍‌ଡିଏର ନିର୍ଦ୍ଦେଶାବଳୀ ଅନୁଯାୟୀ ନଥିଲା କିମ୍ବା କୌଣସି ସରକାରୀ ନିର୍ଦ୍ଦେଶ ଅନୁଯାୟୀ ହୋଇନଥିଲା । ତେଣୁ, ଯେଉଁ ଜେଇ/ ଏଇମାନେ ବିଭାଗୀୟ ଭାବରେ ସମ୍ପାଦିତ କାର୍ଯ୍ୟ ଦାୟିତ୍ୱରେ ଥିଲେ, ସେମାନେ କାର୍ଯ୍ୟ ସମ୍ପାଦନରୁ ହେଉଥିବା ଆର୍ଥିକ ସଞ୍ଚୟ/ ଲାଭର ହକ୍‌ଦାର ଥିଲେ, ଯାହା ସେମାନଙ୍କର ଚଳନ୍ତୀ ବ୍ୟାଙ୍କ୍ ଖାତାରୁ କରାଯାଇଥିବା ବ୍ୟକ୍ତିଗତ ଖର୍ଚ୍ଚ (***ଅନୁଚ୍ଛେଦ 2.1.8.3 ଏବଂ 2.1.8.4***) ଏବଂ ସୋମାନଙ୍କ ଦ୍ୱାରା ନକଲି ଚାଲାଣ ଦାଖଲ (***ଅନୁଚ୍ଛେଦ 2.1.8.5***) ରୁ ସ୍ପଷ୍ଟ ହୋଇଥିଲା । ବିଭାଗୀୟ କାର୍ଯ୍ୟକାରିତାରେ ହେଉଥିବା ଆନୁଷଙ୍ଗିକ ଆର୍ଥିକ ଲାଭକୁ ଦୃଷ୍ଟିରେ ରଖି, 11 ଟି ନମୁନାଭୁକ୍ତ ଆଇଟିଡିଏରେ ମୋଟ କାର୍ଯ୍ୟ ସଂଖ୍ୟାରେ ବିଭାଗୀୟ କାର୍ଯ୍ୟର ପ୍ରତିଶତ 92 ପ୍ରତିଶତ ଥିଲା । ଏଥିସହ ଟେଣ୍ଡର ଏଡାଇବା ଏବଂ ବିଭାଗୀୟ ଭାବେ କାର୍ଯ୍ୟକାରୀ କରିବା ପାଇଁ, ବଡ଼ବଡ଼ କାମକୁ 5 ଲକ୍ଷ ଟଙ୍କା କିମ୍ବା ତା'ଠାରୁ କମ୍ ମୂଲ୍ୟର କାର୍ଯ୍ୟରେ ବିଭକ୍ତ କରାଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି ।

11 ଟି ନମୁନାଭୁକ୍ତ ଆଇଟିଡିଏ ଗୁଡ଼ିକ 2018-19 ରୁ 2022-23, ପାଞ୍ଚ ବର୍ଷ ଅବଧି ମଧ୍ୟରେ 1,083.84 କୋଟି ଟଙ୍କା ମୂଲ୍ୟର 25,582 ଟି କାର୍ଯ୍ୟ କରିଥିଲେ । ଏଥି ମଧ୍ୟରୁ 756.95 କୋଟି ଟଙ୍କା ମୂଲ୍ୟର 23,467 ଟି କାର୍ଯ୍ୟ (92 ପ୍ରତିଶତ) ବିଭାଗୀୟ କାର୍ଯ୍ୟ ଭାବେ ସମ୍ପାଦିତ ହୋଇଥିଲା ଯାହା **ସାରଣୀ 2.1.3** ରେ ଦର୍ଶାଯାଇଛି ।

***ସାରଣୀ 2.1.3: ନମୁନା ଯାଞ୍ଚ ଆଇଟିଡିଏଗୁଡ଼ିକରେ ସମୁଦାୟ କାର୍ଯ୍ୟ ସଂଖ୍ୟା ଏବଂ ବିଭାଗୀୟ ଭାବେ କରାଯାଇଥିବା କାର୍ଯ୍ୟ ସଂଖ୍ୟା***

| କ୍ର. ସଂ. | ଆଇଟିଡିଏର ନାମ | ଅଡିଟ୍ ଅବଧି ମଧ୍ୟରେ ମୋଟ କାର୍ଯ୍ୟ ସଂଖ୍ୟା | ଅଡିଟ୍ ଅବଧି ମଧ୍ୟରେ ମୋଟ ଟେଣ୍ଡର କାର୍ଯ୍ୟ ସଂଖ୍ୟା | ମୋଟ ବିଭାଗୀୟ କାର୍ଯ୍ୟ ସଂଖ୍ୟା | ବିଭାଗୀୟ କାର୍ଯ୍ୟର (ଶତକଡ଼ା) |
|---|---|---|---|---|---|
| 1 | କୋରାପୁଟ | 989 | 248 | 741 | 75 |
| 2 | ମାଲକାନଗିରି | 1,788 | 313 | 1,475 | 82 |
| 3 | ଫୁଲବାଣୀ | 1,307 | 22 | 1,285 | 98 |
| 4 | ବାଲିଗୁଡ଼ା | 4,877 | 49 | 4,828 | 99 |
| 5 | ଥୁଆମୂଳ ରାମପୁର | 1,772 | 61 | 1,711 | 97 |
| 6 | ପାରଳାଖେମୁଣ୍ଡି | 2,896 | 373 | 2,523 | 87 |
| 7 | ରାଇରଙ୍ଗପୁର | 1,576 | 144 | 1,432 | 91 |

| କ୍ର. ସଂ. | ଆଇଟିଡିଏର ନାମ | ଅଡିଟ୍ ଅବଧି ମଧ୍ୟରେ ମୋଟ କାର୍ଯ୍ୟ ସଂଖ୍ୟା | ଅଡିଟ୍ ଅବଧି ମଧ୍ୟରେ ମୋଟ ଟେଣ୍ଡର କାର୍ଯ୍ୟ ସଂଖ୍ୟା | ମୋଟ ବିଭାଗୀୟ କାର୍ଯ୍ୟ ସଂଖ୍ୟା | ବିଭାଗୀୟ କାର୍ଯ୍ୟର (ଶତକଡ଼ା) |
|---|---|---|---|---|---|
| 8 | ନବରଙ୍ଗପୁର | 7,564 | 72 | 7,492 | 99 |
| 9 | ପାନପୋଷ | 971 | 147 | 824 | 85 |
| 10 | ଜୟପୁର | 664 | 596 | 68 | 10 |
| 11 | କରଞ୍ଜିଆ | 1,178 | 90 | 1,088 | 92 |
| | ମୋଟ | **25,582** | **2,115** | **23,467** | **92** |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏ ଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଉପରୋକ୍ତ **ସାରଣୀ 2.1.3** ରୁ ଏହା ସ୍ପଷ୍ଟ ଯେ 11 ଟି ନମୁନାଭୁକ୍ତ ହୋଇଥିବା ଆଇଟିଡିଏଗୁଡିକରେ ବିଭାଗୀୟ ଭାବେ ସମ୍ପାଦିତ ହୋଇଥିବା କାର୍ଯ୍ୟ 2018-19 ରୁ 2022-23 ମଧ୍ୟରେ ହୋଇଥିବା ମୋଟ କାର୍ଯ୍ୟର 10[13] ରୁ 99[14] ପ୍ରତିଶତ ମଧ୍ୟରେ ରହିଥିଲା । ଅଡିଟ୍‌ରେ ଦେଖାଗଲା ଯେ ଗୋଟିଏ କାର୍ଯ୍ୟକୁ 5 ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ବିଭକ୍ତ କରାଯାଇଛି, ଯାହା ବିଭାଗ ଦ୍ୱାରା ସମ୍ପାଦିତ ହୋଇପାରିବ । କାର୍ଯ୍ୟର ବିଭାଜନରେ ଅନିୟମିତତା ଏବଂ ଏଭଳି କାର୍ଯ୍ୟ ସମ୍ପାଦନରେ ଆର୍ଥିକ କାରବାରରେ ସ୍ୱଚ୍ଛତା ସମ୍ପର୍କରେ ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 2.1.8.1 *କାର୍ଯ୍ୟଗୁଡ଼ିକୁ ବିଭାଜନ କରି ବିଭାଗୀୟ କାର୍ଯ୍ୟ ଭାବେ ସମ୍ପାଦନ*

ଅଡିଟ୍ ଲକ୍ଷ୍ୟ କଲେ ଯେ, 11 ଟି ନମୁନାଭୁକ୍ତ ଆଇଟିଡିଏକୁ, ଆର୍ଥିକ ବର୍ଷ 2018-23 ମଧ୍ୟରେ, 622 ଟି ମଞ୍ଜୁର ଆଦେଶ ମାଧ୍ୟମରେ ଏସ୍‌ଏସ୍‌ଡି ବିଭାଗ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ମଞ୍ଜୁର କରିଥିଲା । ନମୁନାଭୁକ୍ତ ହୋଇଥିବା ଆଇଟିଡିଏ କାର୍ଯ୍ୟଗୁଡ଼ିକୁ 25,582 ଟି କାର୍ଯ୍ୟରେ ବିଭକ୍ତ କରିଥିଲେ, ତନ୍ମଧ୍ୟରୁ 23,467 ଟି କାର୍ଯ୍ୟ ବିଭାଗୀୟ କାର୍ଯ୍ୟ ଭାବେ ସମ୍ପାଦିତ କରାଯାଇଥିଲା । ପ୍ରତିବର୍ଷ ପ୍ରତ୍ୟେକ ଆଇଟିଡିଏରେ ହୋଇଥିବା ବିଭାଗୀୟ କାର୍ଯ୍ୟ 3[15] ରୁ 2,191[16] ମଧ୍ୟରେ ହୋଇଥିଲା । 2018-23 ମଧ୍ୟରେ 11 ଟି ନମୁନାଭୁକ୍ତ ଆଇଟିଡିଏଗୁଡ଼ିକରେ ପ୍ରତ୍ୟେକ ଜେଇ/ ଏଇମାନଙ୍କ ଦ୍ୱାରା କରାଯାଇଥିବା ବିଭାଗୀୟ କାର୍ଯ୍ୟଗୁଡ଼ିକର ହାରାହାରି ସଂଖ୍ୟା **ସାରଣୀ 2.1.4** ରେ ଦର୍ଶାଯାଇଛି ।

***ସାରଣୀ 2.1.4:** ନମୁନାଭୁକ୍ତ ହୋଇଥିବା ଆଇଟିଡିଏ ଗୁଡ଼ିକର ଜେଇ/ ଏଇମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ହାରାହାରି ସଂଖ୍ୟା*

| ବର୍ଷ | କାର୍ଯ୍ୟ ସଂଖ୍ୟା | ଜେଇ/ ଏଇମାନଙ୍କ ସଂଖ୍ୟା | ପ୍ରତି ଜେଇ/ ଏଇଙ୍କ ହାରାହାରି କାର୍ଯ୍ୟ ସଂଖ୍ୟା |
|---|---|---|---|
| 2018-19 | 6,386 | 38 | 168 |
| 2019-20 | 4,471 | 37 | 121 |
| 2020-21 | 4,005 | 36 | 111 |
| 2021-22 | 4,226 | 36 | 117 |
| 2022-23 | 4,379 | 37 | 118 |
| ମୋଟ | **23,467** | | |

*(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏଗୁଡ଼ିକ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଅଡିଟ୍, 11 ଟି ନମୁନା ଆଇଟିଡିଏ ମଧ୍ୟରୁ ଛଅଟିର 18 ଟି ମଞ୍ଜୁରୀ ଆଦେଶ ଯାଞ୍ଚ କଲେ (ମୋଟ ଆକଳିତ ଖର୍ଚ୍ଚ: 35.83 କୋଟି ଟଙ୍କା) ଏବଂ ଲକ୍ଷ୍ୟ କଲେ ଯେ, ଆଇଟିଡିଏଗୁଡିକ ମଞ୍ଜୁର ପ୍ରାପ୍ତ ବ୍ୟୟକୁ 746 ଟି କାର୍ଯ୍ୟରେ ବିଭାଜିତ କରିଥିଲେ (ସବିଶେଷ ବିବରଣୀ ***ପରିଶିଷ୍ଟ 2.1.1*** ରେ ଦର୍ଶାଯାଇଛି) । ଏଥିମଧ୍ୟରୁ 653 ଟି କାର୍ଯ୍ୟ ଯାହାର ମୂଲ୍ୟ 5 ଲକ୍ଷ ଟଙ୍କା କିମ୍ବା ତା'ଠାରୁ କମ୍ ଥିଲା, ତାହା ଟେଣ୍ଡରକୁ ପରିହାର କରି ବିଭାଗୀୟ କାର୍ଯ୍ୟ ଭାବେ ସମ୍ପନ୍ନ କରାଯାଇଥିଲା ।

---

13 ଆଇଟିଡିଏ, ଜୟପୁର

14 ଆଇଟିଡିଏ, ବାଲିଗୁଡ଼ା, ନବରଙ୍ଗପୁର

15 ଆଇଟିଡିଏ, ଜୟପୁର (2018-19)

16 ଆଇଟିଡିଏ, ନବରଙ୍ଗପୁର (2018-19)

ଅଡିଟ୍ ଲକ୍ଷ୍ୟ କଲେ ଯେ, 18 ଟି ମଞ୍ଜୁରୀ ଆଦେଶ ମଧ୍ୟରୁ, ଆଇଟିଡିଏ, ଫୁଲବାଣୀ ସମ୍ବନ୍ଧିତ ତିନିଟି ମଞ୍ଜୁରୀ ଆଦେଶ କ୍ଷେତ୍ରରେ ଏସ୍ଏସଡି ବିଭାଗ ଦ୍ୱାରା କାର୍ଯ୍ୟର ବିଭାଜନକୁ ଅନୁମୋଦନ କରାଯାଇଥିଲା, ଯାହା ବିଭାଗ ଦ୍ୱାରା ଦିଆଯାଇଥିବା ନିଜର ଆଦେଶ (ଜାନୁଆରୀ 2005) ର ବ୍ୟତିକ୍ରମ ଥିଲା । ଏହି କାର୍ଯ୍ୟଗୁଡ଼ିକ ଠିକାଦାର ଦ୍ୱାରା ସମ୍ପନ୍ନ କରାଯାଇଥିଲା, ଯଦିଓ ବିଭାଗ ଦ୍ୱାରା କରାଯାଇଛି ବୋଲି ଦର୍ଶାଯାଇଥିଲା । ଏହିସବୁ କ୍ଷେତ୍ରରେ, ଉଭୟ ଆଇଟିଡିଏ ଏବଂ ବିଭାଗ ଜାଣିଶୁଣି ବ୍ୟବସ୍ଥାକୁ ଅବମାନନା କରି କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ଦ୍ୱାରା କରାଇଥିଲେ, ଯାହାକୁ ବିଭାଗୀୟ କାର୍ଯ୍ୟ ବୋଲି ଦର୍ଶାଇଥିଲେ ।

ତେଣୁ, ବିଭାଜିତ କାର୍ଯ୍ୟଗୁଡ଼ିକ ପ୍ରକୃତରେ ବିଭାଗ ଦ୍ୱାରା ହୋଇଛି ବୋଲି କୌଣସି ନିଶ୍ଚିତତା ନଥିଲା । ଏହାର ବ୍ୟାପକ ଏବଂ ବ୍ୟବସ୍ଥାଗତ ଉଦାହରଣ ଥିଲା:

- ଜେଇ/ ଏଇମାନଙ୍କ ଦ୍ୱାରା ବିଭାଗୀୟ ଭାବରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟଗୁଡ଼ିକର ଦେୟ ପ୍ରଦାନ ପାଇଁ ବ୍ୟବହୃତ ହୋଇଥିବା ବ୍ୟାଙ୍କ୍ ଆକାଉଣ୍ଟ୍‌ଗୁଡ଼ିକର ବିବରଣୀ ଆଇଟିଡିଏ ପାଖରେ ଉପଲବ୍ଧ ନହେବା (***ଅନୁଚ୍ଛେଦ 2.1.8.2***) ।

- ସମ୍ପୃକ୍ତ ଜେଇ/ ଏଇମାନଙ୍କ ଦ୍ୱାରା ବ୍ୟବହୃତ ବ୍ୟାଙ୍କ୍ ଆକାଉଣ୍ଟ୍‌ଗୁଡ଼ିକର କାରବାର ବିବରଣୀରେ କାର୍ଯ୍ୟ ସମ୍ପାଦନ ସହିତ ସଂପୃକ୍ତ ନଥିବା ଦେୟ ସ୍ୱୟଂ-ଡ୍ରୋଏଲ୍/ ଏଟିଏମ୍ ଉଠାଣ/ କାର୍ଯ୍ୟକାରୀ କରିବାର ଉଦାହରଣ କାରଣରୁ ସରକାରୀ ପାଣ୍ଠିର ଅପବ୍ୟବହାର ସନ୍ଦେହ କରାଯାଉଛି (***ଅନୁଚ୍ଛେଦ 2.1.8.3***) ।

- ସାମଗ୍ରୀ ଏବଂ ଶ୍ରମ ଯୋଗାଣକାରୀଙ୍କ ବ୍ୟତୀତ ଅନ୍ୟ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ଦେୟ ପ୍ରଦାନ କରାଯାଇଥିଲା, ଯେଉଁମାନଙ୍କର ନକଲି ଚାଲାଣ ଆର୍ଏ ବିଲ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ, ଯେଉଁମାନେ ଜେଇ/ ଏଇମାନଙ୍କ ଠାରୁ ଦେୟ ପାଇଥିଲେ, ସେମାନେ ପ୍ରକୃତ ଠିକାଦାର ଥିଲେ, ଯେଉଁମାନେ କି ଏହି କାର୍ଯ୍ୟଗୁଡ଼ିକ ସମ୍ପାଦନ କରିଥିଲେ । ଏହି ଠିକାଦାରମାନଙ୍କୁ ବିନା ଟେଣ୍ଡରରେ ନିୟୋଜିତ କରାଯାଇଥିଲା, ଯାହା ଅତ୍ୟନ୍ତ ଅନିୟମିତ ଥିଲା ଏବଂ ଜେଇ/ ଏଇ ଏବଂ ପିଏ, ଆଇଟିଡିଏ ଦ୍ୱାରା ସେମାନଙ୍କୁ ଅଯଥା ଅନୁକମ୍ପା ପ୍ରଦାନ କରାଯାଇଥିଲା । (***ଅନୁଚ୍ଛେଦ 2.1.8.4***)

- ଆଇଟିଡିଏର ପିଏମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ପାରିତ ହୋଇଥିବା ଆର୍ଏ ବିଲ୍‌ରେ ଅନ୍ତର୍ଭୁକ୍ତ ସାମଗ୍ରୀ ଏବଂ ଶ୍ରମ ଯୋଗାଣକାରୀଙ୍କ ଦ୍ୱାରା ନକଲି ଚାଲାଣ ଦାଖଲ (***ଅନୁଚ୍ଛେଦ 2.1.8.5***) ।

ଏହି ବ୍ୟାପକ ଓ ବ୍ୟବସ୍ଥାଗତ ଅନିୟମିତତାକୁ ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଛି ।

ଏସ୍ଏସ୍‌ଡି ବିଭାଗ ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଥିଲେ (ଅଗଷ୍ଟ 2024) ଯେ ଜେଇ/ ଏଇଙ୍କ ଆକାଉଣ୍ଟକୁ ରାଶି ସ୍ଥାନାନ୍ତର ଅଭ୍ୟାସକୁ ବନ୍ଦ କରିବାକୁ ଅକ୍ଟୋବର 2023 ରେ ନିର୍ଦ୍ଦେଶ ଦିଆଯାଇଛି ଏବଂ ପ୍ୟାନ୍ ଓ ଜିଏସ୍‌ଟି ଥିବା, ପ୍ୟାନେଲରେ ଅନ୍ତର୍ଭୁକ୍ତ ହୋଇଥିବା ଭେଣ୍ଡର ମାଧ୍ୟମରେ ବିଭାଗୀୟ କାର୍ଯ୍ୟ କରାଯିବ ।

### 2.1.8.2 *କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀ ଦ୍ୱାରା ପରିଚାଳିତ ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକରେ କାରବାର ବିବରଣୀଗୁଡ଼ିକର ଅନୁପସ୍ଥିତି*

ଓଜିଏଫ୍ଆର୍ ନିୟମ 5 ଅନୁଯାୟୀ, ସରକାରୀ ପାଣ୍ଠି ଗ୍ରହଣ କରୁଥିବା ଜଣେ ସରକାରୀ କର୍ମଚାରୀ ଏହା ସୁନିଶ୍ଚିତ କରିବା ପାଇଁ ବ୍ୟକ୍ତିଗତ ଭାବରେ ଦାୟୀ ଅଟନ୍ତି, ଯେ ସେଗୁଡ଼ିକର, ପ୍ରଯୁଜ୍ୟ ନିୟମାବଳୀ କିମ୍ବା ନିର୍ଦ୍ଦେଶାନୁସାରେ, ବଣ୍ଟନ କରାଯାଉଛି ଏବଂ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ସମସ୍ତ କାରବାରର ଏକ ସଠିକ୍ ରେକର୍ଡ ରଖାଯାଉଛି । ଓଜିଏଫ୍ଆର୍ ନିୟମ 296 ରେ ଉଲ୍ଲେଖ ଅଛି ଯେ, ସରକାରୀ ଅର୍ଥର ଖର୍ଚ୍ଚ ପାଇଁ ଦାୟୀ ପ୍ରତ୍ୟେକ ଅଧିକାରୀ ଏହା ଦେଖିବା ଉଚିତ୍ ଯେ ସଠିକ୍ ହିସାବ ରଖାଯାଉଅଛି ଏବଂ ସେଥି ସହିତ ଜଡ଼ିତ ସମସ୍ତ ହିସାବ ତଥା ରିଟର୍ଣ୍ଣ, ସଠିକ୍ ଏବଂ ତୁରନ୍ତ ଭାବରେ, ମହାଲେଖାକାର କିମ୍ବା ସମ୍ପୃକ୍ତ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯାଉଛି । ଅଧିକନ୍ତୁ, ବିଭାଗୀୟ କାର୍ଯ୍ୟ ପାଇଁ, ଓଡ଼ିଶା ପୂର୍ତ୍ତ ବିଭାଗ ସହିଂତା (ଭଲ୍ୟୁମ୍ II, ପରିଶିଷ୍ଟ XXX ଏବଂ XXXIII) ନିୟମାବଳୀ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ବିଭାଗୀୟ ଗୋଦାମ ଗୃହରୁ ସାମଗ୍ରୀ ବ୍ୟବହାର କରିବେ ଏବଂ ମଷ୍ଟର ରୋଲ ମାଧ୍ୟମରେ ଶ୍ରମ ବାବଦକୁ ଦେୟ ପ୍ରଦାନ କରିବେ । ଯଦି ବିଭାଗୀୟ ଗୋଦାମ ଗୃହ ଗୁଡ଼ିକରେ ଆବଶ୍ୟକ ସାମଗ୍ରୀ ଉପଲବ୍ଧ ନଥାଏ, ନିର୍ଦ୍ଧାରିତ କ୍ରୟ ପ୍ରଣାଳୀ ଅବଲମ୍ବନ କରି ଡିଭିଜନ୍ ଦ୍ୱାରା କ୍ରୟ କରାଯିବ ।

ବିଭାଗୀୟ କାର୍ଯ୍ୟ ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା ନିୟମାବଳୀ ଅନୁଯାୟୀ କରାଯିବ, ଯେଉଁଠାରେ ବିଭାଗୀୟ କାର୍ଯ୍ୟ ପାଇଁ ଖର୍ଚ୍ଚ ଆଇଟିଡିଏର ବ୍ୟକ୍ତିଗତ ଲେଜର ଆକାଉଣ୍ଟ୍‌ରୁ ହେବ, କିନ୍ତୁ ତାହା ଜେଇ/ ଏଇମାନଙ୍କ ନାମରେ ଖୋଲା ଯାଇଥିବା ପୃଥକ୍ ଆକାଉଣ୍ଟ୍ ମାଧ୍ୟମରେ ପେଠ କରାଯିବ ନାହିଁ ।

ଜେଇ/ ଏଇମାନଙ୍କ ନାମରେ ଖୋଲା ଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟ୍ ମାଧ୍ୟମରେ ବିଭାଗୀୟ ଦ୍ୱାରା ସମ୍ବନ୍ଧୀତ କାର୍ଯ୍ୟ ପାଇଁ ବିତରକ ମାନଙ୍କୁ ଅର୍ଥ ପ୍ରଦାନ କରିବାର ଅଭ୍ୟାସ ଏସ୍ଏସ୍‌ଡି ବିଭାଗର ଅଭ୍ୟନ୍ତରୀଣ ନିୟନ୍ତ୍ରଣର ଅଭାବକୁ ସୂଚିତ କରେ । ଏହା ଦ୍ୱାରା ସରକାରୀ ଅର୍ଥକୁ ଆତ୍ମସାତ୍ କରିବାର ସୁଯୋଗ ସଂପୃକ୍ତ କର୍ମଚାରୀଙ୍କ ପାଇଁ ଖୋଲାଥିଲା । ଏହା ସମୀକ୍ଷାରେ ସୂଚିତ କରାଯିବା ପରେ ବିଭାଗ ଜେଇ/ ଏଇମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ ମାଧ୍ୟମରେ କାରବାର କରିବା ପ୍ରକ୍ରିୟାକୁ ଉଚ୍ଛେଦ କରିଛନ୍ତି ।

ମନୋନୀତ 11 ଟି ଆଇଟିଡିଏରେ, 2018-19 ରୁ 2022-23 ମଧ୍ୟରେ, ଅଡିଟ୍ ଲକ୍ଷ୍ୟ କଲେ ଯେ:

- ବିଭାଗୀୟ କାର୍ଯ୍ୟ ସମ୍ପାଦନ ପାଇଁ ଜେଇ/ ଏଇମାନଙ୍କ ଦ୍ୱାରା ସମୁଦାୟ 85ଟି ବ୍ୟାଙ୍କ୍ ଆକାଉଣ୍ଟ୍ ପରିଚାଳିତ ହୋଇଥିଲା । ଅନୁମୋଦିତ ଆର୍ଏ ବିଲ୍ ପାଇଁ ସମ୍ବର୍ଦ୍ଧିତ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ, ଏହି ଆକାଉଣ୍ଟକୁ ଟଙ୍କା ପଠାଉଥିଲେ । ଏହି 85ଟି ବ୍ୟାଙ୍କ୍ ଆକାଉଣ୍ଟ୍ ମଧ୍ୟରୁ 14ଟି ବ୍ୟାଙ୍କ୍ ଆକାଉଣ୍ଟ୍‌ର ବିବରଣୀ ଜେଇ/ ଏଇମାନଙ୍କ ସମ୍ବର୍ଦ୍ଧିତ ଥିଲା, ଯାହା ଅଡିଟ୍‌କୁ ଆଇଟିଡିଏ ଦ୍ୱାରା ଉପଲବ୍ଧ କରାଯାଇନଥିଲା । 4ଟି ବ୍ୟାଙ୍କ୍ ଆକାଉଣ୍ଟ୍ କାରବାରର ବିବରଣୀ ଆଂଶିକ ଉପଲବ୍ଧ କରାଯାଇଥିଲା । 14ଟି ବ୍ୟାଙ୍କ୍ ଆକାଉଣ୍ଟ୍‌ର ବିସ୍ତୃତ ତାଲିକା, ଯାହାର ବିବରଣୀ ଉପଲବ୍ଧ କରାଯାଇନଥିଲା, ତାହା ***ପରିଶିଷ୍ଟ 2.1.2*** ରେ ଦିଆଯାଇଛି । 2018-23 ଅବଧି ମଧ୍ୟରେ, ଏହି 14ଟି ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ହସ୍ତାନ୍ତର ହୋଇଥିବା ସରକାରୀ ପାଣ୍ଠିର ମୋଟ ପରିମାଣ, ଯାହାର ବିବରଣୀ ରେକର୍ଡରେ ନ ଥିଲା, 32.50 କୋଟି ଟଙ୍କା ଥିଲା ।

  ଏସ୍ଏସ୍‌ଡି ବିଭାଗ ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଥିଲେ (ଅଗଷ୍ଟ 2024) ଯେ ସମୟର ସ୍ୱଳ୍ପତା, ମାନବ ଶକ୍ତିର ଅଭାବ ଏବଂ ବ୍ୟାଙ୍କ୍ ତ୍ରୁଟି ହେତୁ, 14ଟି ବ୍ୟାଙ୍କ୍ ଆକାଉଣ୍ଟ୍‌ର ବିବରଣୀ ଅଡିଟ୍‌କୁ ପ୍ରଦାନ କରାଯାଇପାରିଲା ନାହିଁ । ବିଭାଗ ଭରସା ଦେଇଛି ଯେ ଅଡିଟ୍ ହେବା ପୂର୍ବରୁ ବ୍ୟାଙ୍କ୍ ବିବରଣୀ ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଜାରି କରାଯିବ ।

- 85ଟି ବ୍ୟାଙ୍କ୍ ଆକାଉଣ୍ଟ୍ ମଧ୍ୟରୁ 19ଟି ଜେଇ/ ଏଇଙ୍କ ବ୍ୟକ୍ତିଗତ ନାମରେ ପରିଚାଳିତ ହୋଇଥିବା ବେଳେ, 66 ଟି ଆକାଉଣ୍ଟ ନିର୍ବାହୀକାରୀଙ୍କ ପଦନାମ ନାମରେ (ଜେଇ/ ଏଇମାନଙ୍କ) ପରିଚାଳିତ ହୋଇଥିଲା । ଆଇଟିଡିଏ, ପାରଳାଖେମୁଣ୍ଡିର ଜେଇ/ ଏଇମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ ତାଙ୍କର ବ୍ୟକ୍ତିଗତ ନାମରେ ପରିଚାଳିତ ହୋଇଥିବାରୁ ଗୋଟିଏ ବ୍ୟାଙ୍କ୍ (ଏଚ୍‌ଡିଏଫ୍‌ସି) ବିବରଣୀ ଦେବାକୁ ମନା କରିଦେଇଥିଲା ।

- ଓଜିଏଫ୍ଆର୍ ନିୟମ 296 ଅନୁସାରେ ପାଣ୍ଠିର ପ୍ରାପ୍ତି ଏବଂ ତାର ବ୍ୟୟର ସଠିକତା ଜାଣିବା ପାଇଁ ଜେଇ/ ଏଇମାନଙ୍କ ଠାରୁ ସମ୍ପୃକ୍ତ ପ୍ରକଳ୍ପ ପ୍ରଶାସକ ଦ୍ୱାରା 85ଟି ବ୍ୟାଙ୍କ୍ ଆକାଉଣ୍ଟ୍‌ର ଆକାଉଣ୍ଟ୍ ଷ୍ଟେଟ୍‌ମେଣ୍ଟ୍ ମଗାଯାଇନଥିଲା ।

  ଏସ୍ଏସ୍‌ଡି ବିଭାଗ କହିଥିଲେ (ଅଗଷ୍ଟ 2024) ଯେ, ଜେଇ/ ଏଇମାନଙ୍କୁ ଦେୟ ଦେବା ଅଭ୍ୟାସ ବନ୍ଦ କରିଦିଆଯାଇଛି ଏବଂ ଭବିଷ୍ୟତରେ ଏହିପରି ଅଭ୍ୟାସକୁ ରୋକିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣକୁ ମଜବୁତ୍ କରାଯିବ ।

- ପ୍ରାୟ 42 ଜଣ ଜେଇ/ ଏଇ, ସେମାନଙ୍କ ଅଫିସିଆଲ୍ ପୋଷ୍ଟରୁ ସ୍ଥାନାନ୍ତର ହେବା ପରେ ସେମାନଙ୍କ ଦ୍ୱାରା ପରିଚାଳିତ ବ୍ୟାଙ୍କ ଆକାଉଣ୍ଟ ଗୁଡିକର କାରବାର ବିବରଣୀକୁ, ସେମାନଙ୍କ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରିନଥିଲେ ।

ଯେହେତୁ ଆଇଟିଡିଏ ଗୁଡିକ ସେମାନଙ୍କ ବାର୍ଷିକ ହିସାବ ପ୍ରସ୍ତୁତ କରୁନଥିଲେ ଏବଂ ସେଥିପାଇଁ, କୌଣସି ଅଡିଟ୍ ହେଉନଥିଲା (***ଅନୁଚ୍ଛେଦ 2.1.7.2*** ରେ ଯାହା ଆଲୋଚନା କରାଯାଇଅଛି), ସରକାରୀ ପାଣ୍ଠିର ସଦୁପଯୋଗ

ହୋଇଛି କି ନାହିଁ, ତାହା ଅଡିଟ୍ ନିଶ୍ଚିତ କରିପାରିଲା ନାହିଁ । ଅଧିକନ୍ତୁ, ଉପଲବ୍ଧ ହୋଇଥିବା ବ୍ୟାଙ୍କ୍ ଆକାଉଣ୍ଟ୍ ଷ୍ଟେଟ୍‌ମେଣ୍ଟ୍ ଗୁଡ଼ିକର ସମୀକ୍ଷା ପରେ ଜଣାପଡିଲା ଯେ, ସରକାରୀ ରାଶି ଆତ୍ମସାତ୍ ହେବାର ସନ୍ଦେହ ଜାତ ହୋଇଛି, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଅଛି ।

### *2.1.8.3 ଜେଇ/ ଏଇମାନଙ୍କ ଦ୍ୱାରା ପରିଚାଳିତ ବ୍ୟାଙ୍କ୍ ଆକାଉଣ୍ଟ୍‌ରୁ ଅନ୍ୟତ୍ର ପାଣ୍ଠି ଅପସାରଣ ଯୋଗୁଁ 148.75 କୋଟି ଟଙ୍କା ସରକାରୀ ପାଣ୍ଠିର ସନ୍ଦେହଜନକ ଆତ୍ମସାତ୍‌କରଣ*

2018-23 ଅବଧି ପାଇଁ 11ଟି ନମୁନାଭୁକ୍ତ ହୋଇଥିବା ଆଇଟିଡିଏ ଗୁଡିକର, 71ଟି ବ୍ୟାଙ୍କ୍ ଆକାଉଣ୍ଟ୍ ବିବରଣୀ ଗୁଡିକର ସମୀକ୍ଷା ପରେ ଅଡିଟ୍ ଲକ୍ଷ୍ୟ କରିଛି ଯେ:

- ବିଭାଗୀୟ କାର୍ଯ୍ୟ ପାଇଁ 71ଟି ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ସ୍ଥାନାନ୍ତର ହୋଇଥିବା ସରକାରୀ ପାଣ୍ଠିର ମୋଟ ପରିମାଣ, ଯାହାର ବିବରଣୀ ରେକର୍ଡରେ ଉପଲବ୍ଧ ଥିଲା, ତାହା 621.79 କୋଟି ଟଙ୍କା ଥିଲା ।

- ବ୍ୟାଙ୍କ ଆକାଉଣ୍ଟ୍‌ରେ ସନ୍ଦେହଜନକ ଆତ୍ମସାତ୍‌କରଣକୁ ପ୍ରତିଫଳିତ କରୁଥିବା ଅପ୍ରାସଙ୍ଗିକ କାରବାରର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥିଲା, ଯେପରିକି ଏଟିଏମ୍ ଦ୍ୱାରା ଟଙ୍କା ଉଠାଣ, ଚେକ୍ ମାଧ୍ୟମରେ ନିଜ ପାଇଁ ଟଙ୍କା ଉଠାଣ, ବାଣିଜ୍ୟିକ ବ୍ୟବସାୟ ସ୍ଥାନରେ ପଏଣ୍ଟ୍-ଅଫ୍-ସେଲ୍ (ପିଓଏସ୍) କାରବାର ପାଇଁ ଦେୟ, ୟୁଟିଲିଟି ବିଲ୍‌ର (ମୋବାଇଲ, ପାଣି, ବିଦ୍ୟୁତ୍ ଇନ୍ଧନ) ପୈଠ କରିବା, ମ୍ୟୁଚୁଆଲ୍ ଫଣ୍ଡ/ ଷ୍ଟକ୍ ମାର୍କେଟ୍‌ରେ ନିବେଶ କରିବା ପାଇଁ ପୈଠ କରିବା, ଇନସୁରାନ୍ସ ପାଇଁ ପୈଠ କରିବା ୟୁପିଆଇ କାରବାର ଏବଂ ଅନ୍ୟାନ୍ୟ ଦେୟ, ଯାହାକି ବିଭାଗୀୟ କାର୍ଯ୍ୟ ସହିତ ଜଡ଼ିତ ନଥିଲା ।

- 71ଟି ବ୍ୟାଙ୍କ୍ ଆକାଉଣ୍ଟ୍ ମଧ୍ୟରୁ 67 ଟିର ସଂପୂର୍ଣ୍ଣ ତାଲିକା, ଯାହାର ବିବୃତ୍ତିରେ ଅପ୍ରାସଙ୍ଗିକ କାରବାର (148.75 କୋଟି ଟଙ୍କା) ରହିଥିଲା ଏବଂ ସରକାରୀ ପାଣ୍ଠିର ସନ୍ଦେହଜନକ ଅପବ୍ୟବହାର ଥିଲା, ତାହାର ବିବରଣୀ ***ପରିଶିଷ୍ଟ 2.1.3*** ରେ ଦର୍ଶାଯାଇଅଛି । ନମୁନାଭୁକ୍ତ ହୋଇଥିବା ଆଇଟିଡିଏଗୁଡିକର କିଛି ବ୍ୟାଙ୍କ୍ ଆକାଉଣ୍ଟ୍‌ଗୁଡିକର ଉଦାହରଣ, ଯାହାର ବିବରଣୀ ଉପଲବ୍ଧ ଥିଲା ଏବଂ ଯେଉଁଥିରେ ବର୍ଣ୍ଣିତ ଅପ୍ରାସଙ୍ଗିକ କାରବାର ଅନ୍ତର୍ଭୁକ୍ତ ଥିଲା, **ସାରଣୀ 2.1.5** ରେ ତାଲିକାଭୁକ୍ତ ହୋଇଛି ।

***ସାରଣୀ 2.1.5: ଅପ୍ରାସଙ୍ଗିକ କାରବାର ଥିବା ବ୍ୟାଙ୍କ୍ ଆକାଉଣ୍ଟ୍‌ର ଉଦାହରଣ***

***(ପରିମାଣ ଟଙ୍କା କୋଟିରେ)***

| କ୍ର. ସଂ. | ଆଇଟିଡିଏ ନାମ | କନିଷ୍ଠ/ ସହାୟକ ଯନ୍ତ୍ରୀଙ୍କ ନାମ | ବ୍ୟାଙ୍କ୍ ଆକାଉଣ୍ଟ୍ ନମ୍ବର | ପରିମାଣ | ମନ୍ତବ୍ୟ |
|---|---|---|---|---|---|
| 1 | ବାଲିଗୁଡ଼ା | ବିXXXXXXXଏ | xxxxxxx4228 (ଏସ୍‌ବିଆଇ) | 2.43 | ଏଟିଏମ୍ ଉଠାଣ ପିଓଏସ୍ କାରବାର, ନଗଦ ଟଙ୍କା ଉଠାଣ, ଇତ୍ୟାଦି । |
| 2 | ଥୁଆମୂଳ ରାମପୁର | ବିXXXXଏନ୍ | xxxxxxxxxxx8867 | 9.56 | |
| 3 | ପାରଳାଖେମୁଣ୍ଡି | ପିXXXXXXXକେ | xxxxxxxxxxx9204 | 1.14 | |
| 4 | ରାଇରଙ୍ଗପୁର | ଡିXXXXXXXଆଇ | xxxxxxx2477 | 10.02 | |
| 5 | କୋରାପୁଟ | ଏମ୍XXXXXXXକେ | xxxxxxxxxx0316 | 1.04 | |
| 6 | ମାଲକାନଗିରି | ଡିXXXXXଏଚ୍ | xxxxxxxxxx0612 | 1.50 | |
| 7 | ଫୁଲବାଣୀ | ଏମ୍XXXXXXଏ | xxxxxxx9118 | 1.60 | |

***(ଉତ୍ସ: ଆଇଟିଡିଏର କନିଷ୍ଠ/ ସହାୟକ ଯନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟ ବିବରଣୀ)***

ନଗଦ/ ମୁଦ୍ରାରେ ହିତାଧିକାରୀଙ୍କୁ 5,000 ଟଙ୍କାରୁ ଅଧିକ ଦେୟ ଦେବା ପାଇଁ ଏଟିଏମ୍, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ, ଇନ୍‌ସୁରାନ୍ସ ପ୍ରିମିୟମ୍ ଦେୟ, ପିଓଏସ୍ ଦ୍ୱାରା ଦେୟ, ମୋବାଇଲ୍ ରିଚାର୍ଜ ଏବଂ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ୟୁପିଆଇ କାରବାର ମାଧ୍ୟମରେ 148.75 କୋଟି ଟଙ୍କା ପୈଠ କରିବା ଦେଖାଯାଇଥିଲା, ଯାହା ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର 26 ଜୁଲାଇ 2012 କାର୍ଯ୍ୟାଳୟ ସ୍ମାରକ ପତ୍ର ଅନୁଯାୟୀ ବର୍ଜିତ । ଏହାର ଦୃଷ୍ଟାନ୍ତମୂଳକ ଉଦାହରଣ ଗୁଡିକ ନିମ୍ନରେ ଆଲୋଚନା କରାଯାଇଅଛି ।

- ଆଇଟିଡିଏ, ଥୁଆମୂଳ ରାମପୁରରେ 24 ଫେବୃଆରୀ 2021 ରୁ 03 ଅଗଷ୍ଟ 2022 ମଧ୍ୟରେ 44 ଥର ଜଣେ ଜେଇଙ୍କ[17] କରେଣ୍ଟ୍ ବ୍ୟାଙ୍କ୍ (ଆକ୍ସିସ୍ ବ୍ୟାଙ୍କ୍) ଆକାଉଣ୍ଟ୍ ନମ୍ବର ***** **** 867 ରୁ ଅନ୍ୟ ବ୍ୟାଙ୍କ୍ ଆକାଉଣ୍ଟକୁ 87 ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ଏହି ପ୍ରାପ୍ତକାରୀଙ୍କ[18] ନାମ ରେକର୍ଡରେ ନଥିଲା । କୌଣସି ପରିଚୟ/ କେଓ୍ୱାଇସି ନଥାଇ ଏତେ ପରିମାଣ ଅର୍ଥ ପ୍ରଦାନ ସନ୍ଦେହଜନକ, ଯେହେତୁ ପ୍ରାପ୍ତକାରୀଙ୍କ ନାମ ସଂପୃକ୍ତ ଜେଇଙ୍କ ନାମ ସହିତ ମେଳ ଖାଉଥିଲା । ଏହି ପରିପ୍ରେକ୍ଷୀରେ ସରକାରୀ ପାଣ୍ଠିର ଆତ୍ମସାତ ହୋଇନାହିଁ ବୋଲି କୁହାଯାଇପାରିବ ନାହିଁ ।

- ସେହି ଜେଇଙ୍କୁ 17 ଅକ୍ଟୋବର 2022 ରେ ପ୍ରତିଷ୍ଠାନରୁ ସ୍ଥାନାନ୍ତର ଏବଂ କାର୍ଯ୍ୟମୁକ୍ତ କରାଯାଇଥିଲା । ସେ ଯେଉଁ ତାରିଖରେ ବଦଳି ହେଲେ, ତାଙ୍କ ଆକାଉଣ୍ଟ୍‌ରେ (ଆକ୍ସିସ୍ ବ୍ୟାଙ୍କ୍ ଆକାଉଣ୍ଟ୍ ସିଏ ନମ୍ବର xxxxxxxxx867) 65.79 ଲକ୍ଷ ଟଙ୍କା ବଳକା ଥିଲା, ଯାହା ସରକାରୀ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ଥିଲା । ତାଙ୍କ ସ୍ଥାନାନ୍ତର ପରେ, ଆଇଟିଡିଏ ତାଙ୍କ ଆକାଉଣ୍ଟକୁ 147.26 ଲକ୍ଷ ଟଙ୍କା ପଠାଇଥିଲେ ଏବଂ 184.13 ଲକ୍ଷ ଟଙ୍କା ଏହି ଆକାଉଣ୍ଟ୍‌ରୁ ଉଠାଯାଇଥିଲା । ଫଳସ୍ୱରୂପ 03 ଡିସେମ୍ବର 2022 ସୁଦ୍ଧା 28.92 ଲକ୍ଷ ଟଙ୍କା ଏହି ଆକାଉଣ୍ଟ୍‌ରେ ବଳକା ରହିଥିଲା । ଏହା ପରିଲକ୍ଷିତ ହୋଇଥିଲା ଯେ, ଜେଇ 12 ଡିସେମ୍ବର 2022 ଏବଂ 22 ଡିସେମ୍ବର 2022 ରେ, 28.83 ଲକ୍ଷ ଟଙ୍କା ପାଞ୍ଚ ଜଣଙ୍କ ଖାତାକୁ[19] ସ୍ଥାନାନ୍ତର କରିଥିଲେ । ଫଳସ୍ୱରୂପ ତାଙ୍କ ଆକାଉଣ୍ଟ୍‌ରେ 30 ସେପ୍ଟେମ୍ବର 2023 ସୁଦ୍ଧା, 9,043 ଟଙ୍କା ବଳକା ଥିଲା । ଜେଇଙ୍କ ସ୍ଥାନାନ୍ତର ହେବା ପରେ ଏତେ ପରିମାଣର ଟଙ୍କା (28.83 ଲକ୍ଷ ଟଙ୍କା) ଆଉ କାହା ଆକାଉଣ୍ଟ୍‌କୁ ସ୍ଥାନାନ୍ତର ହେବା ସନ୍ଦେହଜନକ, କାରଣ ପାଇବା ବ୍ୟକ୍ତିର ପରିଚୟ ରେକର୍ଡରେ ନ ଥିଲା ।

  ଆଇଟିଡିଏ, ଫୁଲବାଣୀର ଜଣେ ପୂର୍ବତନ ଜେଇ (ଯାହାଙ୍କ ଏସ୍‌ବିଆଇ ଆକାଉଣ୍ଟ୍ ନମ୍ବର xxxxxxxxx4306) 1 ଜୁଲାଇ 2019 ରୁ 11 ଜୁନ 2020 ଅବଧି ମଧ୍ୟରେ ଆଇଟିଡିଏ ଫୁଲବାଣୀର କାମ କରୁଥିଲେ । ଏହି ଅବଧି ମଧ୍ୟରେ ବିଭାଗୀୟ କାର୍ଯ୍ୟ ପାଇଁ, ଆଇଟିଡିଏ ତାଙ୍କୁ 1.47 କୋଟି ଟଙ୍କା ଦେଇଥିଲେ । ଯେତେବେଳେ ସେ ଆଇଟିଡିଏ ଫୁଲବାଣୀରୁ କର୍ତ୍ତବ୍ୟ ମୁକ୍ତ ହେଲେ, ତାଙ୍କ ଆକାଉଣ୍ଟ୍‌ରେ 26,11,508.87 ଟଙ୍କା ଥିଲା (11 ଜୁନ 2020) । ଏହି ବଳକା ଟଙ୍କାର ତଥ୍ୟ ପ୍ରକଳ୍ପ ପ୍ରଶାସକ, ଫୁଲବାଣୀକୁ ଦିଆଯାଇନଥିଲା କିମ୍ବା ଜେଇ ତାଙ୍କ ଉତ୍ତରାଧିକାରୀଙ୍କୁ ସେହି ଟଙ୍କାକୁ ହସ୍ତାନ୍ତର କରିନଥିଲେ । କାର୍ଯ୍ୟରୁ ମୁକ୍ତ ପରେ ଆଇଟିଡିଏ ଫୁଲବାଣୀରୁ ବଳକା ଆର୍‌ଏ ବିଲ୍ ବାବଦ 15,25, 695 ଟଙ୍କା ଗ୍ରହଣ କରିଥିଲେ । ଏହା ବ୍ୟତୀତ ସେପ୍ଟେମ୍ବର 2020 ରୁ ଡିସେମ୍ବର 2020 ମଧ୍ୟରେ ଏକ ଅଜଣା ନମ୍ବର ଉତ୍ସରୁ ତାଙ୍କ ଆକାଉଣ୍ଟ୍‌କୁ 5,72,476 ଟଙ୍କା ଆସିଥିଲା । ଏହି ମୋଟ ପରିମାଣ 47,09,751.87 ଟଙ୍କାରୁ ସେ 12 ଜୁନ୍ 2020 ରୁ 09 ଜୁଲାଇ 2020 ମଧ୍ୟରେ, ଚେକ୍ ଏବଂ ଏଟିଏମ୍ ଉଠାଣ, ୟୁପିଆଇ ହସ୍ତାନ୍ତର ଇତ୍ୟାଦି ମାଧ୍ୟମରେ, 46,87,849.63 ଟଙ୍କା ହସ୍ତାନ୍ତର କରିବା ପରେ, ସେଥିରେ 21,902 ଟଙ୍କା ତାଙ୍କ ଆକାଉଣ୍ଟ୍‌ରେ ବଳକା ଥିଲା । ଏହି ସ୍ଥାନାନ୍ତରଣ ସନ୍ଦେହଜନକ ଥିଲା କାରଣ ହସ୍ତାନ୍ତର ହୋଇଥିବା 11 ଜଣଙ୍କ ମଧ୍ୟରୁ 10 ଜଣଙ୍କର କେଓ୍ୱାଇସି ରେକର୍ଡ ନଥିଲା ।

- 1.81 ଲକ୍ଷ ଟଙ୍କା ଏକ ଆକାଉଣ୍ଟ ନମ୍ବର xxxxxxxxxxxx451 (ଆକ୍ସିସ୍ ବ୍ୟାଙ୍କ୍), ଯାହାକି ପାରଳାଖେମୁଣ୍ଡି ଆଇଟିଡିଏର ଏକ ଜେଇଙ୍କ ନାମରେ ଖୋଲାଯାଇଥିଲା, ବୀମା ପ୍ରିମିୟମ୍ (ମ୍ୟାକ୍ସ ଲାଇଫ୍ ଇନ୍‌ସୁରାନ୍ସ କମ୍ପାନୀ) ଦେୟ ବାବଦକୁ ସ୍ଥାନାନ୍ତରିତ ହୋଇଥିଲା । ଏହି ଦେୟ ତିନି ଥର[20]

---

17 ଶ୍ରୀ ***** **** ନାଏକ

18 ଶ୍ରୀ ***** **** ନାଏକ

19 (i) ଶ୍ରୀ ***** ପଣ୍ଡା: 83,000 ଟଙ୍କା (12 ଡିସେମ୍ବର 2022); (ii) ଶ୍ରୀ ***** କେ: 7 ଲକ୍ଷ ଟଙ୍କା (22 ଡିସେମ୍ବର 2022 ରେ ଆର୍‌ଟିଜିଏସ୍) ଶ୍ରୀ ****ବିଶି: 5 ଲକ୍ଷ ଟଙ୍କା (22 ଡିସେମ୍ବର 2022 ରେ ବ୍ୟାଙ୍କ ସ୍ଥାନାନ୍ତର); ଶ୍ରୀ ***** ବାଘ: 8 ଲକ୍ଷ ଟଙ୍କା (22 ଡିସେମ୍ବର 2022 ରେ ବ୍ୟାଙ୍କ ସ୍ଥାନାନ୍ତର); ଶ୍ରୀ ***** ନାଏକ: 8 ଲକ୍ଷ ଟଙ୍କା (22 ଡିସେମ୍ବର 2022 ରେ ବ୍ୟାଙ୍କ ସ୍ଥାନାନ୍ତର)

20 4 ଅଗଷ୍ଟ 2020: 60,327.48 ଟଙ୍କା ; 4 ଅଗଷ୍ଟ 2021: 60,327.48 ଟଙ୍କା; 4 ଅଗଷ୍ଟ 2022: 60,327.48 ଟଙ୍କା

ଇଲେକ୍ଟ୍ରୋନିକ୍ କ୍ଲିୟରାନ୍ସ ସେବା ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଏହି କାରବାରଗୁଡ଼ିକ ଅପ୍ରାସଙ୍ଗିକ ଥିଲା, କାରଣ ବିଭାଗୀୟ କାର୍ଯ୍ୟ ସହିତ ଜଡ଼ିତ ଆକାଉଣ୍ଟ୍‌ରୁ ବ୍ୟକ୍ତିଗତ ଖର୍ଚ୍ଚ କରାଯାଇଥିଲା ।

- ଆଇଟିଡିଏ, ମାଲକାନଗିରିର ଜଣେ ଜେଇ, 8,481 ତାଙ୍କ ସରକାରୀ ଆକାଉଣ୍ଟ୍ ନମ୍ବର xxxxxxxxxxxxx621 (ଆଇଡିବିଆଇ) ରୁ ୟୁପିଆଇ ମାଧ୍ୟମରେ ବ୍ୟକ୍ତିଗତ ଖର୍ଚ୍ଚ କରିଥିଲେ (ଅଗଷ୍ଟ 2022) ।

- ଆଇଟିଡିଏ ଫୁଲବାଣୀର ଜଣେ ଜେଇ, ଜୁଲାଇ ରୁ ଡିସେମ୍ବର 2020 ମଧ୍ୟରେ ତାଙ୍କ ସରକାରୀ ଏସ୍‌ବିଆଇ ଆକାଉଣ୍ଟ୍‌ରୁ ଘର ଭଡ଼ା ବାବଦକୁ 36,000 ଟଙ୍କା ପ୍ରଦାନ କରିଥିଲେ, ଯାହା ଅନିୟମିତ ଥିଲା ।

- ଆଇଟିଡିଏ, ଥୁଆମୂଳ ରାମପୁରର ଜଣେ ଜେଇ ତାଙ୍କ ସରକାରୀ ଆକାଉଣ୍ଟ୍ (ୟୁନିଅନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ) ରୁ ପିଓଏସ୍ କାରବାର ମାଧ୍ୟମରେ ଇନ୍ଧନ ମୂଲ୍ୟ ବାବଦକୁ 51,230 ଟଙ୍କା ଖର୍ଚ୍ଚ କରିଥିଲେ (ମଇ 2018 ରୁ ଜୁଲାଇ 2020) । ଏହା ସମ୍ପୃକ୍ତ ଜେଇଙ୍କର ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ସରକାରୀ ଅର୍ଥର ଉପଯୋଗକୁ ସୂଚିତ କରେ ।

- ଆଇଟିଡିଏ କରଞ୍ଜିଆରେ, ଜଣେ ସହାୟକ ଯନ୍ତ୍ରୀ, ବିଭାଗୀୟ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଆକାଉଣ୍ଟରୁ, ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟ୍‌କୁ 2.02 ଲକ୍ଷ[21] ସ୍ଥାନାନ୍ତରଣ କରିଥିଲେ, ଯାହା ବିଭାଗୀୟ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଆକାଉଣ୍ଟ୍‌ରୁ ଭିନ୍ନ ଆକାଉଣ୍ଟ୍ ଥିଲା ।

- ଆହୁରି ମଧ୍ୟ, ଆଇଟିଡିଏ କରଞ୍ଜିଆରେ ଏହା ଜଣାପଡ଼ିଛି ଯେ, ବିଭିନ୍ନ ସମୟରେ ଜଣେ ସହାୟକ ଯନ୍ତ୍ରୀ ଆଇସିଆଇସିଆଇ ବ୍ୟାଙ୍କ୍ ଆକାଉଣ୍ଟ୍‌ରୁ ଆଇଟିଡିଏର ଅନ୍ୟ ଏକ ଏଇଙ୍କ ଆକାଉଣ୍ଟ୍‌କୁ 1.20 କୋଟି ଟଙ୍କା ସ୍ଥାନାନ୍ତରଣ କରିଥିଲେ । ଏହି ସ୍ଥାନାନ୍ତରର କାରଣ ସମ୍ପର୍କରେ ଅଡିଟ୍‌କୁ ତଥ୍ୟ ପ୍ରଦାନ କରାଯାଇ ନଥିଲା ।

ଏହିଭଳି ଅପ୍ରାସଙ୍ଗିକ କାରବାର ଯଥା, ନଗଦ ଉଠାଣ, ମୋବାଇଲ୍ ଫୋନ୍ ବିଲ୍ ଦେୟ, ଇ-ବାଣିଜ୍ୟ ପ୍ଲାଟଫର୍ମ୍‌ରେ କାରବାର, ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତର କିମ୍ବା ବିଭାଗୀୟ କାର୍ଯ୍ୟ ସହିତ ଜଡ଼ିତ ନଥିବା ବ୍ୟକ୍ତିମାନଙ୍କୁ ଅର୍ଥ ସ୍ଥାନାନ୍ତରଣ, ଜେଇ ଓ ଏଇମାନଙ୍କ ଦ୍ୱାରା ସରକାରୀ ପାଣ୍ଠିର ଆତ୍ମସାତକୁ ସୂଚିତ କରୁଛି । ଅଧିକନ୍ତୁ, ଏହି ବିଭାଗୀୟ କାର୍ଯ୍ୟ ପାଇଁ ଆକାଉଣ୍ଟ୍ ଗୁଡ଼ିକରେ ଦିଆଯାଇଥିବା ପାଣ୍ଠିର ଉତ୍ସ, ସମ୍ପୃକ୍ତ ଆଇଟିଡିଏ ଥିଲେ, ଖାତାରେ ବଳି ପଡ଼ିଥିବା ଅବଶିଷ୍ଟ ପାଣ୍ଠି, ଏହିସବୁ କାର୍ଯ୍ୟ ପାଇଁ ପ୍ରସ୍ତୁତ ଖର୍ଚ୍ଚ ଆକଳନରେ ସଠିକତା ଉପରେ ସନ୍ଦେହ ଜାତ କରୁଛି ଏବଂ ସମ୍ପାଦିତ କାର୍ଯ୍ୟରେ ହୋଇଥିବା ଖର୍ଚ୍ଚର ବାସ୍ତବତା ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ, ଅଡିଟ୍ କାର୍ଯ୍ୟଗୁଡ଼ିକର ମୂଲ୍ୟ ଅଟକଳଗୁଡ଼ିକୁ ଯାଞ୍ଚ କରି ବର୍ଦ୍ଧିତ ଆକଳନ ପାଇଥିଲେ, ଯାହା ***ଅନୁଚ୍ଛେଦ 2.1.8.8*** ରେ ଉଲ୍ଲେଖ କରାଯାଇଛି ।

[21] 1,87,000 ଟଙ୍କା ବ୍ୟକ୍ତିଗତ ବ୍ୟାଙ୍କ୍ ଖାତାକୁ ସ୍ଥାନାନ୍ତର କରାଯାଇଥିଲା (ଇନ୍ଦସ୍ ଇଣ୍ଡ୍ ବ୍ୟାଙ୍କ୍ ଲିଃ: 87,000 ଟଙ୍କା ଏବଂ ଏସ୍‌ବିଆଇ: 1,00,000 ଟଙ୍କା) 29.07.2022 ରେ. 15,000 ଟଙ୍କା ବ୍ୟକ୍ତିଗତ ଆକାଉଣ୍ଟ୍‌କୁ ସ୍ଥାନାନ୍ତର 17.05.2022 କରାଯାଇଥିଲା

**ସୁପାରିଶ 2.1.2:**

***କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା ପାଇଁ ଜେଇ/ ଏଇଙ୍କ ଦ୍ୱାରା ବ୍ୟାଙ୍କ୍ ଆକାଉଣ୍ଟ୍ ପରିଚାଳନାର ଅନିୟମିତ ଅଭ୍ୟାସକୁ ତୁରନ୍ତ ବନ୍ଦ କରିବା ଏବଂ ଓପିଡବ୍ଲୁଡି କୋଡ଼ରେ ଦିଆଯାଇଥିବା ପ୍ରକ୍ରିୟା ଗ୍ରହଣ କରିବାକୁ ଏସ୍ଏସ୍ଡି ବିଭାଗ ଆଇଟିଡିଏମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ।***

**ସୁପାରିଶ 2.1.3:**

***ଏସ୍ଏସ୍ଡି ବିଭାଗ ସମସ୍ତ ଆଇଟିଡିଏରେ ବିଭାଗୀୟ କାର୍ଯ୍ୟ ପାଇଁ ଜେଇ/ ଏଇଙ୍କ ଦ୍ୱାରା କରାଯାଇଥିବା ସମସ୍ତ ବ୍ୟାଙ୍କ କାରବାରର ସମୀକ୍ଷା କରନ୍ତୁ ଏବଂ ସରକାରୀ ପାଣ୍ଠିର ସନ୍ଦେହଜନକ ଅପବ୍ୟବହାରରେ ସଂପୃକ୍ତ ଥିବା ଅଧିକାରୀଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରନ୍ତୁ ।***

### 2.1.8.4 7.28 କୋଟି ଟଙ୍କାର ସନ୍ଦେହଜନକ ଦେୟ

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟ ପାଇଁ ଜୁଲାଇ 2018 ରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସାମଗ୍ରୀ ଏବଂ ଶ୍ରମ ଯୋଗାଣକାରୀଙ୍କୁ ଦେୟ, କାର୍ଯ୍ୟନିର୍ବାହୀ (ଜେଇ/ ଏଇ) ଦ୍ୱାରା ସମ୍ବନ୍ଧୀୟ ଉପଯୁକ୍ତ ବିଲ୍/ ଭାଉଚର ଏବଂ ମଷ୍ଟର ରୋଲ୍ ଦ୍ୱାରା ହେବା ଉଚିତ୍ । ତେଣୁ, ବ୍ୟାଙ୍କ୍ ବିବରଣୀରେ ଲିପିବଦ୍ଧ ହୋଇଥିବା ବ୍ୟୟ କାରବାର ଭାଉଚରରେ ପ୍ରତିଫଳିତ ହେବା ଉଚିତ୍ ।

ସମସ୍ତ 11 ଟି ନମୁନା ଅନ୍ତର୍ଭୁକ୍ତ ଆଇଟିଡିଏରେ ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯେ, 2018-23 ମଧ୍ୟରେ ଭାଉଚର ଦ୍ୱାରା ସଂଶ୍ଲିଷ୍ଟ ଆର୍ଏ ବିଲରେ ଦିଆଯାଇଥିବା ଦାବି ଉପରେ ଆଧାର କରି କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀ (କାର୍ଯ୍ୟନିର୍ବାହୀ)ଙ୍କ ଆକାଉଣ୍ଟ୍‌କୁ ପାଣ୍ଠି ସ୍ଥାନାନ୍ତର କରାଯାଇଛି । ଜେଇ/ ଏଇମାନେ, ଯୋଗାଣକାରୀଙ୍କୁ, ସେମାନଙ୍କର ବିଲ୍/ ଭାଉଚର୍/ ମଷ୍ଟର୍ ରୋଲ୍ ଆଧାରରେ ଦେୟ ପ୍ରଦାନ କରିଥିଲେ । ଅଡିଟ୍ ଲକ୍ଷ୍ୟ କଲା ଯେ ଆର୍ଏ ବିଲ୍ ସହିତ ସଂଲଗ୍ନ ହୋଇଥିବା ଖର୍ଚ୍ଚ ଭାଉଚର ସହିତ ବ୍ୟାଙ୍କ୍ ବିବରଣୀରେ ପ୍ରତିଫଳିତ ହୋଇଥିବା ଦେୟଗୁଡ଼ିକର କ୍ରସ୍-ଚେକିଂ କରାଯାଇ ନାହିଁ, କାରଣ ରେକର୍ଡଗୁଡ଼ିକରେ ଏହିପରି ଯାଞ୍ଚକୁ ଯଥାର୍ଥ କରୁଥିବା କୌଣସି ଦଲିଲ୍ ଉପଲବ୍ଧ ନାହିଁ । ଏଥିସହ, ଆଇଟିଡିଏର ପିଏ ମାନେ କିମ୍ବା ଏସ୍ଏସ୍ଡି ବିଭାଗ, ଜେଇ/ ଏଇମାନଙ୍କ ଆର୍ଏ ବିଲ୍ ଉପରେ ବିଚାରାଧୀନ ଦେୟର ସ୍ଥିତି ଉପରେ କୌଣସି ରିଟର୍ଣ୍ଣ ମାଗିନଥିଲେ, ଯାହା ଆଇଟିଡିଏ ଦ୍ୱାରା ପାସ୍ ହୋଇଥିଲା ଏବଂ ସେମାନଙ୍କ ଆକାଉଣ୍ଟ୍‌କୁ ସ୍ଥାନାନ୍ତର କରାଯାଇଥିଲା ।

ଅଡିଟ୍ 11 ଟି ନମୁନା ହୋଇଥିବା ଆଇଟିଡିଏର 544 ଟି ବିଭାଗୀୟ କାର୍ଯ୍ୟର କେସ୍ ରେକର୍ଡ ଯାଞ୍ଚ କରିଛି । 2018-23 ମଧ୍ୟରେ ଆର୍ଏ ବିଲ୍ ମାଧ୍ୟମରେ ଦାବି କରାଯାଇଥିବା ମୋଟ 22.78 କୋଟି ଟଙ୍କା ବ୍ୟୟ ବିପକ୍ଷରେ 21.64[22] କୋଟି ଟଙ୍କା ଜେଇ/ ଏଇଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ସ୍ଥାନାନ୍ତରଣ ହୋଇଛି । ଅଡିଟ୍ ଯୋଗାଣକାରୀ/ ବିକ୍ରେତାଙ୍କ ପରିଚୟ (ଆର୍ଏ ବିଲ୍ ସହିତ ଟ୍ୟାଗ୍ ହୋଇଥିବା ଭାଉଚର ଅନୁଯାୟୀ) ଏବଂ ପ୍ରକୃତ ଦେୟକାରୀ (ବ୍ୟାଙ୍କ୍ ବିବରଣୀ ଅନୁଯାୟୀ) ର ସବିଶେଷ ତୁଳନା କରିବାକୁ ଚେଷ୍ଟା କଲା । ଏହିପରି ତୁଳନା ସମସ୍ତ କ୍ଷେତ୍ରରେ ସମ୍ଭବ ହୋଇପାରିଲା ନାହିଁ, ଯେହେତୁ କାର୍ଯ୍ୟ ଅନୁଯାୟୀ ଦେୟ ବିବରଣୀ ଯଥା ସଂସ୍ଥାଗୁଡ଼ିକର ନାମ, ଦେୟକାରୀଙ୍କ କେଓ୍ୱାଇସି ବିବରଣୀ, ପେଠର ମାଧ୍ୟମ ଏବଂ ଦେୟ ତାରିଖ ଇତ୍ୟାଦି, ଆଇଟିଡିଏ ଦ୍ୱାରା ରଖାଯାଇନଥିଲା । ସଂପୃକ୍ତ ଜେଇ/ ଏଇ ଏବଂ ଆଇଟିଡିଏର ପିଏ ମାନେ ଉକ୍ତ ତଥ୍ୟ ଗୁଡ଼ିକ ପ୍ରଦାନ କରିପାରିଲେ ନାହିଁ, ଯଦିଓ ଅଡିଟ୍ ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ଅନୁରୋଧ କରାଯାଇଥିଲା ।

11 ଟି ନମୁନା ଆଇଟିଡିଏରେ ଥିବା 544 ଟି ନମୁନା ଯାଞ୍ଚ କାର୍ଯ୍ୟଗୁଡ଼ିକ ଉପରେ ଖର୍ଚ୍ଚ ହୋଇଥିବା ବିବୃତ୍ତି ଏବଂ ଭାଉଚରଗୁଡ଼ିକର ଯାଞ୍ଚ ଉପରେ, ଅଡିଟ୍ ଜାଣିବାକୁ ପାଇଲା ଯେ:


- ନଅଟି ନମୁନା ଆଇଟିଡିଏରେ, 490 ଟି କାର୍ଯ୍ୟରେ ହୋଇଥିବା ମୋଟ 20.71 କୋଟି ଟଙ୍କା ବ୍ୟୟ ମଧ୍ୟରୁ 17.33 କୋଟି ଟଙ୍କା ମୂଲ୍ୟର ଦେୟ ବିବରଣୀ (ହାତ ରସିଦ୍, ସାମଗ୍ରୀ ଇନ୍‌ଭଏସ୍ ଇତ୍ୟାଦି)

22 ସେସ୍, ରୟାଲ୍‌ଟି, ସୁରକ୍ଷା ଜମା, ଇତ୍ୟାଦି କଟାଯିବା ପରେ

କେବଳ ରେକର୍ଡ ଫାଇଲଗୁଡ଼ିକରେ ଏପଲବ୍ଧ ଥିଲା, ଅର୍ଥାତ୍ ଭାଉଚର ମୂଲ୍ୟ ଠାରୁ ଖର୍ଚ୍ଚ ପରିମାଣ 3.38 କୋଟି ଟଙ୍କା ଅଧିକ ଥିଲା । ଅନ୍ୟ ଦୁଇଟି ନମୁନା ଆଇଟିଡିଏ (ରାଇରଙ୍ଗପୁର ଏବଂ ପାନପୋଷ) କ୍ଷେତ୍ରରେ, ଭାଉଚରର ମୂଲ୍ୟ ( 2.13 କୋଟି ଟଙ୍କା) 54 ଟି କାର୍ଯ୍ୟର କେସ୍ ରେକର୍ଡରେ ହୋଇଥିବା ବ୍ୟୟ (2.07 କୋଟି ଟଙ୍କା) ଠାରୁ 0.06 କୋଟି ଟଙ୍କା (***ପରିଶିଷ୍ଟ 2.1.4***) ଅଧିକ ଥିବା ଜଣାପଡ଼ିଛି ।

ଆଠଟି ଆଇଟିଡିଏର ପିଏ ମାନେ ଦର୍ଶାଇଛନ୍ତି ଯେ ଠିକାଦାର/ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରି କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି, ଯେଉଁମାନେ ସାମଗ୍ରୀ କ୍ରୟ କରିଥିଲେ ଏବଂ ଶ୍ରମିକ ଯୋଗାଉଥିଲେ ଏବଂ ସେମାନଙ୍କ ସହିତ ଭାଉଚର ରଖିଥିଲେ । ଉତ୍ତରଗୁଡ଼ିକ ସତ୍ୟକୁ ସ୍ଥାପିତ କଲା ଯେ, ପ୍ରକୃତରେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟଗୁଡ଼ିକ କରାଯାଇଥିଲା ।

- ଓଜିଏଫ୍ଆରରେ ଥିବା ବ୍ୟବସ୍ଥା ଅନୁଯାୟୀ, ହାତ ରସିଦ ମାଧ୍ୟମରେ ଦେୟ କ୍ଷେତ୍ରରେ, ହାତ ରସିଦ ନିର୍ଦ୍ଦିଷ୍ଟ ଫର୍ମରେ ରହିବା ଉଚିତ (ଫର୍ମ ନମ୍ବର 18) । ସମସ୍ତ 11 ଟି ନମୁନା ଆଇଟିଡିଏରେ, ଶ୍ରମ ଏବଂ ସାମଗ୍ରୀର ମୂଲ୍ୟ ଉପରେ 223 ଟି ହାତ ରସିଦ୍ ମାଧ୍ୟମରେ 3.90 କୋଟି ଟଙ୍କା ପ୍ରଦାନ କରାଯାଇଛି । ଦେୟ ତାରିଖ, ଦେୟ ପ୍ରାପ୍ତିକାରୀଙ୍କ ଦସ୍ତଖତ, ଷ୍ଟାମ୍ପ୍ ଇତ୍ୟାଦି ନଥିବା ହାତ ରସିଦ୍‌ଗୁଡ଼ିକୁ ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯାହା ନିମ୍ନ **ଚିତ୍ର 2.1.1** ଏବଂ **2.1.2** ରେ ଦର୍ଶାଯାଇଛି । ତ୍ରୁଟିପୂର୍ଣ୍ଣ ହାତ ରସିଦ୍ ଓ ବ୍ୟାଙ୍କ୍ ବିବରଣୀରେ ଅପ୍ରାସଙ୍ଗିକ କାରବାର, ସରକାରୀ ଅର୍ଥର ସନ୍ଦେହଜନକ ଆତ୍ମସାତ୍‌କୁ ଦର୍ଶାଉଛି ।



BILL-CUM-MONEY RECEIPT

NAME OF THE WORK:- Repair and Maitnenance of Staff Quarter I.T.D.A Koraput Under Koraput Block.

CASE RECORD NO :- 269/22

I Sri ........................., Village:- ..................., G.P.:- ................ of ............ Block Received a sum of Rs. 253577.00 /-(Rupees Two Lakhs Fifty Three Thousand Five Hundred Seventy Seven )o from Sri Pratap Chandra Das, Junior Engineer, I.T.D.A.,Koraput towards supply of the following labours as given given below:-

LABOUR STATEMENT

| Sl No | Description | Total No of Labour engaged | Unit | Rate in Rs. | Amount in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | High Skilled(1st class Mason/Painter/Rod Binder/Carpenter/Roller Driver/Concrete Mixture Operator/ Electrician/ Plumber/ Welder etc) | 25.00 | Each | Rs. 483.00 | Rs. 12075.00 |
| 2 | Skilled(2nd Class Mason/ PainterCarpentor/ Welder/Plumber/Stone Dresser/Wire Man/ Boring Mistry etc) | 26.00 | Each | Rs. 423.00 | Rs. 10998.00 |
| 3 | Semi Skilled(Night Watcher/Tar boiler/Sangi Mulia/Mate/Helper to Carpenter, Rod Binder,Painter & Electrician/Well Sinker/Stone Paker/Thatcher/Tile turner/Pile Driving Mate/Hammer Man etc) | 35.00 | Each | Rs. 373.00 | Rs. 13055.00 |
| 4 | Un-Skilled(Mulia/Chain Man/Khalasi & Scavenger etc) | 653.00 | Each | Rs. 333.00 | Rs. 217449.00 |
| | Total | | | | Rs. 253577.00 |

Received payment & paid by me

(Sri Pratap Chandra Das) J.E.


Signature of the Supplier.

Certified that the labour has been supplied by the contractor & engaged for the above work.

Junior Engineer, I.T.D.A., Koraput.

Assistant Executive Engineer, I.T.D.A., Koraput.

***ଚିତ୍ର 2.1.1: ଦେୟପ୍ରାପ୍ତକାରୀଙ୍କ ଦସ୍ତଖତ ଏବଂ ଦେୟର ତାରିଖ ବିନା (ସିଆର୍ ସଂଖ୍ୟା.269/2022, ଆଇଟିଡିଏ କୋରାପୁଟ୍)***



MONEY RECEIPT CR No- 602/2021-22

Received Rs 347870.00 (Rupees. Three lakhs fourtyseven thousand eight hundred seventy ) only from the Project Administrator , Malkangiri, through J.E.Laxmidhar Bihari towards labour supply & T&P materials for the Work

Repairing, Colouring and electrification of General Hostel at SSD High School , Malkangiri.

| Sl no | Item of work (grouped under "sub heads" and Sub Works of estimate | Quantity executed up to date as per measurement book | Units | Rate Rs. | Amount Rs. |
|---|---|---|---|---|---|
| 1 | 6mm thick cement plaster in CM(1:4) etc compl | 491.76 | Sqm | 108.08 | 53149.00 |
| 2 | 16mm thick cement plaster in CM(1:6) etc compl | 425.07 | Sqm | 137.60 | 58490.00 |
| 3 | 20mm thick cement plaster in CM(1:6) etc compl | 47.35 | Sqm | 137.60 | 6515.00 |
| 4 | Finishing plastered Surfaces of walls with Acrylic wall Putty etc compl | 618.86 | sqm | 37.46 | 23182.00 |
| 5 | Distempering two coats to walls with distemper of approved shade etc compl | 1976.35 | sqm | 42.91 | 84805.00 |
| 6 | Primer paint one coat with any approved paint etc compl | 917.95 | sqm | 41.18 | 37801.00 |
| 7 | Wall painting two coats with weather coat paint of approved shade etc compl | 917.95 | sqm | 44.44 | 40794.00 |
| 8 | Priming one coat with any approved primer etc compl | 309.94 | sqm | 41.18 | 12763.00 |
| 9 | Painting two coats to doors and windows etc compl | 309.94 | sqm | 97.99 | 30371.00 |
| | | | | Total | 347870.00 |

Junior Engineer ITDA, Malkanagiri

Signature Supplier

Billed & Cancelled vide C/R No.

S.O., ITDA, Mkg

***ଚିତ୍ର 2.1.2: ଦେୟପ୍ରାପ୍ତକାରୀଙ୍କ ଦସ୍ତଖତ ଏବଂ ଦେୟର ତାରିଖ ବିନା (ସିଆର୍ ସଂଖ୍ୟା 602/2021-22, ଆଇଟିଡିଏ ମାଲକାନଗିରି)***

ଅଧିକନ୍ତୁ, ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟରେ ମିଳିଥିବା ଅର୍ଥ ଗ୍ରହୀତାଙ୍କ ପରିଚୟ, ସଂପୃକ୍ତ କାର୍ଯ୍ୟ ଫାଇଲ୍‌ଗୁଡିକରେ ଦେୟକାରୀଙ୍କ କେୱାଇସି ଦଲିଲ୍ ଉପଲବ୍ଧ ନ ହେବା କାରଣରୁ ସ୍ଥାପିତ ହୋଇପାରିଲା ନାହିଁ । କାର୍ଯ୍ୟ ଅନୁଯାୟୀ ଦେୟ ବିବରଣୀ ମଧ୍ୟ ରେକର୍ଡରେ ନ ଥିଲା । ଏହିପରି ସବିଶେଷ ତଥ୍ୟର ଅନୁପସ୍ଥିତିରେ ବିଭାଗୀୟ କାର୍ଯ୍ୟରେ ନିୟୋଜିତ ପ୍ରକୃତ ହିତାଧିକାରୀଙ୍କୁ ଦେୟ ନିଶ୍ଚିତ କରାଯାଇପାରି ନଥିଲା ।

ସଂକ୍ଷେପରେ କହିବାକୁ ଗଲେ ବିଭାଗୀୟ କାର୍ଯ୍ୟଗୁଡିକ ଠିକାଦାରଙ୍କ ଦ୍ୱାରା କରାଯାଇଥିଲା, ଯେଉଁମାନେ ଖୋଲା ଏବଂ ସ୍ୱଚ୍ଛ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ମନୋନୀତ ହୋଇନଥିଲେ । କାର୍ଯ୍ୟଗୁଡିକର କାର୍ଯ୍ୟକାରିତା ପାଇଁ ଏହି ଠିକାଦାରମାନଙ୍କୁ ମନୋନୀତ କରାଯାଇଥିଲା, ଯାହା ନିର୍ଦ୍ଦିଷ୍ଟ ଟେଣ୍ଡର ପ୍ରକ୍ରିୟା ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଯାଞ୍ଚକୁ ଏଡାଇବା ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ବିଭାଜିତ ହୋଇଥିଲା । ବିଭାଗୀୟ ସ୍ତରରେ ଏହି କାର୍ଯ୍ୟ ସମ୍ପାଦିତ

ହୋଇଥିବା ଭୁଲ୍ ଭାବରେ ରିପୋର୍ଟ କରାଯାଇଥିଲା । ଏହି ଅଭ୍ୟାସ ଅତ୍ୟଧିକ ଅନିୟମିତ ଥିଲା ଏବଂ ସଂପୃକ୍ତ ପିଏ ଏବଂ ଜେଇ/ ଏଇଙ୍କର ନୈତିକ ମୂଲ୍ୟବୋଧର ଅଭାବ ଏବଂ ନ୍ୟସ୍ତ ସ୍ୱାର୍ଥ ଉଦ୍ଦେଶ୍ୟକୁ ପ୍ରତିଫଳିତ କରିଥିଲା ।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଅଡିଟ୍ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ଆର୍ଏ ବିଲ୍‌ରେ ଅନ୍ତର୍ଭୁକ୍ତ ହୋଇଥିବା ଇନ୍‌ଭଏସ୍ ପ୍ରକୃତ ନୁହେଁ, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବସ୍ତୁନିଷ୍ଠ ବିପଦ ସୃଷ୍ଟି କରୁଛି, ଏବଂ ତାହା ଜେଇଙ୍କ ଦ୍ୱାରା କରାଯାଇଥିବା ସନ୍ଦେହଜନକ କାରବାରରୁ ସ୍ପଷ୍ଟ ହୋଇଛି, ଯାହା ***ଅନୁଚ୍ଛେଦ 2.1.8.3*** (***ପରିଶିଷ୍ଟ 2.1.3*** ର କ୍ରମିକ ସଂଖ୍ୟା 44 ଏବଂ 51) ରେ ଦର୍ଶାଯାଇଛି ।

### 2.1.8.5 ବିକ୍ରେତାଙ୍କୁ 23.91 କୋଟି ଟଙ୍କାର ଅହେତୁକ/ ଅଯଥା ଅନୁକମ୍ପା

କନ୍ଧମାଳ ଜିଲ୍ଲାର ଫୁଲବାଣୀ, ଆଇଟିଡିଏ ସମ୍ବନ୍ଧୀୟ ଅନ୍ୟ 100 କେସ୍ ରେକର୍ଡରେ ନମୁନା ଯାଞ୍ଚରେ, ଅଡିଟ୍ ଲକ୍ଷ୍ୟ କରିଛି ଯେ ଫୁଲବାଣୀ ଆଇଟିଡିଏର ଜେଇ/ ଏଇଙ୍କ ଦ୍ୱାରା କରାଯାଇଥିବା ବିଭାଗୀୟ କାର୍ଯ୍ୟ, ସ୍ଥାନୀୟ ଯୋଗାଣକାରୀ/ ଠିକାଦାରଙ୍କଠାରୁ ଆଉଟ୍‌ସୋର୍ସିଂ କରାଯାଇଥିଲା । ଅଡିଟ୍ ଦ୍ୱାରା 100 ଟି କେସ୍ ରେକର୍ଡ (ମୋଟ ବ୍ୟୟ 4.47 କୋଟି ଟଙ୍କା)ର ପରୀକ୍ଷା କରାଯାଇଥିଲା, ସେଥିମଧ୍ୟରୁ 95 ଟି କ୍ଷେତ୍ରରେ ସମାନ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରାଯାଇଥିଲା, ଯଥା ଶ୍ରୀ ***** କୁମାର ଦାଶ ଏବଂ ଶ୍ରୀମତୀ ***** ପଣ୍ଡା (ପ୍ରଦାନ କରାଯାଇଥିବା ପରିମାଣ 4.27 କୋଟି ଟଙ୍କା) । କାର୍ଯ୍ୟଗୁଡିକ ପାଇଁ ସାମଗ୍ରୀ ସହିତ ଶ୍ରମିକ ସେମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିଲା ।

2018-19 ରୁ 2022-23 ମଧ୍ୟରେ ଫୁଲବାଣୀ ଆଇଟିଡିଏର କାର୍ଯ୍ୟରତ ଦୁଇ କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍‌ଗୁଡିକର ଯାଞ୍ଚରେ, ଦେଖାଗଲା ଯେ ଶ୍ରୀମତୀ ପଣ୍ଡା ଏବଂ ଶ୍ରୀ ଦାଶଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ କୌଣସି ଦଲିଲ ନଥାଇ ମୋଟ 23.91 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ବିଭିନ୍ନ କାର୍ଯ୍ୟ ପାଇଁ ଶ୍ରୀ ଦାଶଙ୍କୁ 14.48 କୋଟି ଟଙ୍କା ଏବଂ ଶ୍ରୀମତୀ ପଣ୍ଡାଙ୍କୁ 9.43 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏତେ ବଡ କାରବାର ସତ୍ତ୍ୱେ ଉପରୋକ୍ତ ଯୋଗାଣକାରୀଙ୍କଠାରୁ କୌଣସି ଟିଡିଏସ୍ ରାଶି କଟାଯାଇ ନଥିଲା । ସେମାନଙ୍କର ଜିଏସ୍‌ଟି ରିଟର୍ଣ୍ଣର ସ୍ଥିତି ମଧ୍ୟ ଆଇଟିଡିଏ ଫୁଲବାଣୀ ଦ୍ୱାରା ଦାବି କରାଯାଇନଥିଲା ।

ପ୍ରସ୍ଥାନ ସମ୍ମିଳନୀରେ ଏସ୍‌ଏସ୍‌ଡି ବିଭାଗ ଦର୍ଶାଇଲେ (ଅଗଷ୍ଟ 2024) ଯେ, କାର୍ଯ୍ୟ କରିବା ପାଇଁ ଜେଇ/ ଏଇମାନଙ୍କୁ ସିଧାସଳଖ ଟଙ୍କା ପୈଠ ବ୍ୟବସ୍ଥା ବନ୍ଦ ହେବାପରେ, ଭବିଷ୍ୟତରେ ସମାନ ତ୍ରୁଟିର ପୁନରାବୃତ୍ତି ହେବ ନାହିଁ ।

### 2.1.8.6 ଆର୍ ଏ ବିଲ୍ ପାସ୍ କରିବାରେ ନକଲି ଇନ୍‌ଭଏସ୍ ଗ୍ରହଣ


ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁଯାୟୀ (09 ଫେବୃଆରୀ 2021) ସାମଗ୍ରୀ ଏବଂ ସେବାଗୁଡିକର ସମସ୍ତ ସାର୍ବଜନୀନ କ୍ରୟ ଜିଏସ୍‌ଟି ପଞ୍ଜୀକୃତ ଯୋଗାଣକାରୀଙ୍କ ଠାରୁ କରାଯିବା ଉଚିତ୍ । ସରକାରଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ କାର୍ଯ୍ୟ ପାଇଁ ଶ୍ରମ ଯୋଗାଇଥିବା ଯେକୌଣସି ସଂସ୍ଥା/ ଠିକାଦାର/ ଶ୍ରମିକ ଯୋଗାଣକାରୀ, କ୍ଷମତାସମ୍ପନ୍ନ ଅଧିକାରୀଙ୍କ ଠାରୁ ଶ୍ରମ ଲାଇସେନ୍ସ ପାଇଥିବା ଉଚିତ୍ । ସରକାରୀ ପାଣ୍ଠିର ଦେୟ, କେବଳ ପ୍ରଯୁଜ୍ୟ ନିୟମ ମାନୁଥିବା ସଂସ୍ଥାଗୁଡିକୁ ଦିଆଯାଉଛି କି ନାହିଁ, ନିଶ୍ଚିତ କରିବାକୁ ଏହି ନିୟନ୍ତ୍ରଣ ଗୁଡିକ ନିର୍ଦ୍ଦେଶ ଦିଆଯାଇଛି ।

11ଟି ନମୁନା ଆଇଟିଡିଏରେ ଆର୍ଏ ବିଲ୍‌ରେ ଅନ୍ତର୍ଭୁକ୍ତ ହୋଇଥିବା ଇନ୍‌ଭଏସ୍ ଗୁଡିକର ସତ୍ୟତା ଯାଞ୍ଚ କରିବାକୁ ଅଡିଟ୍ 544ଟି କାର୍ଯ୍ୟ ଚୟନ କରିଥିଲେ, ଯାହା ଉପରେ 22.78 କୋଟି ଟଙ୍କା ବ୍ୟୟ କରାଯାଇଛି । ଅଡିଟ୍ ଲକ୍ଷ୍ୟ କଲା ଯେ:

- 325 କାର୍ଯ୍ୟରେ, ସାମଗ୍ରୀ ଏବଂ ଶ୍ରମ ବାବଦକୁ 3.21 କୋଟି ଟଙ୍କା ପରିମାଣର ଇନ୍‌ଭଏସ୍ ଆର୍ଏ ବିଲ୍ ***(ପରିଶିଷ୍ଟ 2.1.5)*** ରେ ଅନ୍ତର୍ଭୁକ୍ତ କରାଯାଇନାହିଁ । ଏହିପରି ଇନ୍‌ଭଏସ୍ ଅନୁପସ୍ଥିତିରେ, କେଉଁ ଆଧାରରେ ଆର୍ଏ ବିଲ୍ ଆଇଟିଡିଏର ପିଏ ଦ୍ୱାରା ପାସ୍ ହୋଇଥିଲା, ତାହା ରେକର୍ଡରେ ନାହିଁ ।
- ଆଇଟିଡିଏ କରଞ୍ଜିଆ (27 କାର୍ଯ୍ୟ) ବ୍ୟତୀତ, ସମସ୍ତ ଆଇଟିଡିଏ ଗୁଡିକରେ ଶ୍ରମ ଯୋଗାଣକାରୀଙ୍କ ଶ୍ରମ ପଞ୍ଜୀକରଣ ପ୍ରମାଣପତ୍ର ରଖାଯାଇନଥିଲା ।

- ଏହି 544 କାର୍ଯ୍ୟରେ, ବିଭାଗୀୟ କାର୍ଯ୍ୟ ପାଇଁ ସାମଗ୍ରୀ ଏବଂ ଶ୍ରମିକଙ୍କ ଯୋଗାଣକାରୀ 2,476 ଇନ୍‌ଭଏସ୍ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି 2,476 ଇନ୍‌ଭଏସ୍ ମଧ୍ୟରୁ ,
    - ➢ 384 ଟି ଇନ୍‌ଭଏସ୍‌ରେ ନିର୍ଦ୍ଦିଷ୍ଟ ତାରିଖ ନଥିଲା ।
    - ➢ 169 ଟି ଇନ୍‌ଭଏସ୍ ରେ ଇନ୍‌ଭଏସ୍ ନମ୍ବର ନଥିଲା ।
    - ➢ 21 ଟି ଇନ୍‌ଭଏସ୍‌ରେ ସମାନ (ନକଲ) ଇନ୍‌ଭଏସ୍ ନମ୍ବର ଥିଲା ।
    - ➢ 44 ଟି ଇନ୍‌ଭଏସ୍, ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ହୋଇନଥିବା ସଂସ୍ଥାଗୁଡିକ ଦ୍ୱାରା, ଉପସ୍ଥାପିତ ହୋଇଥିଲା ।
    - ➢ 14 ଟି ଇନ୍‌ଭଏସ୍‌ରେ ଯେଉଁ ସଂସ୍ଥାଗୁଡିକ ଦର୍ଶାଯାଇଥିଲା ଯାହା, ଜିଏସ୍‌ଟି ପୋର୍ଟାଲରୁ ଯାଞ୍ଚ କରାଯାଇଥିବା ଜିଏସ୍‌ଟି ପଞ୍ଜୀକରଣ ନମ୍ବର ଥିବା ସଂପୃକ୍ତ ସଂସ୍ଥାଠାରୁ ଭିନ୍ନ ଥିଲା । ଏହା ବ୍ୟତୀତ, 41 ଟି ଇନ୍‌ଭଏସ୍‌ରେ ଜିଏସ୍‌ଟି ନମ୍ବର ଭୁଲ ଥିଲା, ଯାହା ଜିଏସ୍‌ଟି ପୋର୍ଟାଲରୁ ଯାଞ୍ଚ କରାଯାଇଥିଲା ।

ପରୀକ୍ଷିତ ଇନ୍‌ଭଏସ୍‌ରେ ଦେଖାଯାଇଥିବା ଅନିୟମିତତାର ତାଲିକା ***ପରିଶିଷ୍ଟ 2.1.6*** *ଏବଂ* **ଚିତ୍ର ସଂଖ୍ୟା 2.1.3** ରୁ **2.1.6** ରେ ଦର୍ଶାଯାଇଛି ।



GST STATEMENT

Repair and renovation of civil works , fabricated Iron /GI Works , water supply system, internal electrification with colouirng to 200 seated STBH of Bahalda Govt. High School under Bahalda Block;


TAX VOUCHER

| Sl N | Items | Quantity | Unit | Rate | Amount | CGST Rate | CGST Tax | OGST Rate | OGST Tax | Total GST |
|---|---|---|---|---|---|---|---|---|---|---|
| 1 | Filling Sand | 0.00 | Cum | 44.76 | 0.00 | 2.50% | 0.00 | 2.50% | 0.00 | |
| 2 | Masonary Sand | 1.93 | Cum | 49.52 | 95.34 | 2.50% | 2.38 | 2.50% | 2.38 | |
| 3 | HB Metal | 0.00 | Cum | 595.24 | 0.00 | 2.50% | 0.00 | 2.50% | 0.00 | |
| 4 | 20mm Chips | 0.00 | Cum | 1060.00 | 0.00 | 2.50% | 0.00 | 2.50% | 0.00 | |
| 5 | 12mm Chips | 0.97 | Cum | 1096.19 | 1063.72 | 2.50% | 26.59 | 2.50% | 26.59 | |
| 6 | 10mm Chips | 0.00 | Cum | 1120.00 | 0.00 | 2.50% | 0.00 | 2.50% | 0.00 | |
| 7 | Fly Ash Bricks | 0.00 | Nos | 4.12 | 0.00 | 2.50% | 0.00 | 2.50% | 0.00 | |
| 8 | Cement | 20 | Bag | 238.28 | 4765.60 | 14% | 667.18 | 14% | 667.18 | |
| 14 | Weather Coat Paint | 169.41 | ltr | 137.458 | 23286.52 | 9% | 2095.79 | 9% | 2095.79 | |
| 15 | Primer Iron | 38.74 | ltr | 122.881 | 4760.49 | 9% | 428.44 | 9% | 428.44 | |
| 16 | Enamel Paint | 64.57 | Ltr | 161.864 | 10451.18 | 9% | 940.61 | 9% | 940.61 | |
| 17 | Primer | 113.84 | Ltr | 122.88 | 13988.99 | 9% | 1259.01 | 9% | 1259.01 | |
| 18 | Distemper | | Kg | 55.93 | 0.00 | 9% | 0.00 | 9% | 0.00 | |
| 19 | Cost of GI door & window | 37.80 | Sqmt | 2955.17 | 111705.41 | 9% | 10053.49 | 9% | 10053.49 | |
| 19 | Steel Railling | 16.10 | Rmt | 2564.03 | 41280.81 | 9% | 3715.27 | 9% | 3715.27 | |
| | | | | Taxable Amount= | 211398.06 | | 19188.77 | | 19188.77 | 249775.59 |
| | | | | | | | | | Total Rs= | 249776.00 |

Material Component 211398.00
CGST 19189.00
OGST 19189.00
Total 249776.00
(Rupees Two lakh forty nine thousand seven hundred seventy six ) only


Project Administrator
I.T.D.A., Rairangpur

*ଚିତ୍ର* ***2.1.3:*** *ଭେଣ୍ଡର/ ଯୋଗାଣକାରୀଙ୍କ ବିନା ନାମ, ସ୍ୱାକ୍ଷର ଏବଂ ସିଲ୍‌ରେ ଇନ୍‌ଭଏସ୍ ( ସିଆର୍ ନମ୍ବର* ***12/2021-22*** *ଆଇଟିଡିଏ, ରାଇରଙ୍ଗପୁର)*



N-21BQWPM4544G1ZM
TAX INVOICE
M/S. SAI ENTERPRISES
Main Road, Semiliguda, Dist. Koraput (Odisha)
Deals with : Supreme/Ashirvad/Plasto-Pipes, Fittings & Watertanks, Asian & Berger Paints, Kajaria Tiles - Jaguar Bath Fittings & Hindware Bath Fittings.
Cell : 9437092875
Email: saienterprises.semiliguda@gmail.com
Sl.No. 55
Date :
To JE ITDA
Challan No. :
GSTIN
Date :
Sl. No. | Description of Goods | HSN/SAC Code | Qty. | Rate | Total | OGST Rate | Amount | CGST Rate | Amount | TOTAL
TOTAL 35801
CGST 9% 3222.09
SGST 9% 3222.09
Round off
GRAND TOTAL
(Invoice Value (in Words) : Rupees forty two thousand two hundred forty five only)
Signature of the Dealer
For Sri Enterprises

*ଚିତ୍ର* ***2.1.4:*** *ତାରିଖ ନଥିବା ଜିଏସ୍‌ଟି ଇନ୍‌ଭଏସ୍ (ସିଆର୍ ନମ୍ବର* ***71/2022-23*** *ଆଇଟିଡିଏ, କୋରାପୁଟ)*



ALLI CONSTRUCTION
At/Po-Tato, Ps-Karanjia,Dist-Mayurbhanj-757036
Mob : 8658100101
GST IN : 21BIUPA4265J1Z7

Ref. No. Date :

To
The Asst. Engineer, ITDA, Karanjia

5T Colour Washing of 100 STGH, Dinning Hall, Toilet, Kitchen, Staff Qtrs and compound wall of Hatibari High School under Karanjia Block.

GST VOUCHER


| Sl N | Items | Quantity | Unit | Rate | Amount | CGST Rate | CGST Tax | OGST Rate | OGST Tax | Total |
|---|---|---|---|---|---|---|---|---|---|---|
| 1 | Weather Coat Paint | 820.09 | Ltr | 151.18 | 123981.58 | 9% | 11158.34 | 9% | 11158.34 | 146298.27 |
| 2 | Enamel Paint | 44.48 | Ltr | 151.97 | 6759.11 | 9% | 608.32 | 9% | 608.32 | 7975.75 |
| | | | | Taxable Amount= | 130740.70 | | 11766.66 | | 11766.66 | 154274.02 |
| | | | | | | | | | Total Rs= | 154274.00 |

Rupees One Lakh Fifty Four Thousand Two Hundred Seventy Four Only

Certified that the Materials have been procured by me at the Scheduled Govt. approved rate & utilised completely in this work.

Junior Engineer, ITDA Karanjia

Project Administrator
I.T.D.A.,Karanjia



Regd. No : 26/2000-2001 BISHWANATH SAHU Labour Lic. No : 2276/2018
( C-CLASS CONTRACTOR)
AT-GOUDGAN, PO- JASHIPUR, MAYURBHANJ-757034
GST IN : 21AVTPS3703Q3ZW, PAN NO-AVTPS3703Q
Mob : 9556515791 / 8637255451

Ref. No. Date :

To
The Asst. Engineer, ITDA, Karanjia

Sub:- Submission of Credid Supply Bill

Repair and Renovation of Singarpur SSD Girls High School under Jashipur Block.

TAX VOUCHER

| Sl N | Items | Quantity | Unit | Rate | Amount | CGST Rate | CGST Tax | OGST Rate | OGST Tax | Total GST |
|---|---|---|---|---|---|---|---|---|---|---|
| 1 | Primer | 169.43 | Ltr | 114.17 | 19343.82 | 9% | 1740.94 | 9% | 1740.94 | |
| 2 | Distemper | 1008.50 | Ltr | 51.97 | 52411.75 | 9% | 4717.06 | 9% | 4717.06 | |
| | | | | Taxable Amount= | 71755.57 | | 6458.00 | | 6458.00 | 84671.57 |
| | | | | | | | | | Total Rs= | 84672.00 |

(Rupees Eighty four thousand six hundred seventy one) only

Material Component 71756.00
OGST 6458.00
CGST 6458.00
84672.00

Certified that the Materials have been procured by me at the Scheduled Govt. approved rate & utilised completely in this work.

Junior Engineer, ITDA Karanjia

Project Administrator
I.T.D.A.,Karanjia

*ଚିତ୍ର 2.1.5: ଇନ୍‌ଭଏସ୍ ନମ୍ବର, ତାରିଖ, ଦସ୍ତଖତ ଏବଂ ଯୋଗାଣକାରୀଙ୍କ ସିଲ୍ ନଥିବା ଇନ୍‌ଭଏସ୍ (ସିଆର ସଂଖ୍ୟା 115/2022-23 ରାଜ୍ୟ କ୍ଷେତ୍ର ଯୋଜନା) ଆଇଟିଡିଏ, କରଞ୍ଜିଆ*

*ଚିତ୍ର 2.1.6: ଯୋଗାଣକାରୀଙ୍କ ବିନା ଇନ୍‌ଭଏସ୍ ନମ୍ବର, ତାରିଖ, ଦସ୍ତଖତ ଏବଂ ସିଲ୍ (ସିଆର ସଂଖ୍ୟା 43/202-21 ଧାରା 275 (i)) ଆଇଟିଡିଏ, କରଞ୍ଜିଆ*

- 13 ଜୁଲାଇ 2018 ର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗର ସଂକଳ୍ପ ଅନୁଯାୟୀ ବିଭାଗୀୟ କାର୍ଯ୍ୟଗୁଡିକରେ ଜିଏସ୍‌ଟି ବ୍ୟବସ୍ଥା ପ୍ରଯୁଜ୍ୟ ନୁହେଁ । ବିଭାଗୀୟ ଇଞ୍ଜିନିୟରଙ୍କ ମାଧ୍ୟମରେ, 2019-20 ରୁ 2022-23 ମଧ୍ୟରେ, ଆଇଟିଡିଏ ରାଇରଙ୍ଗପୁରରେ ବିଭାଗୀୟ ଭାବେ କରାଯାଇଥିବା କାର୍ଯ୍ୟର 35ଟି କେସ୍ ରେକର୍ଡର ନମୁନା ଯାଞ୍ଚ ଦର୍ଶାଇଲା ଯେ, ସମୁଦାୟ 2.65 ଲକ୍ଷ ଟଙ୍କା (କରାଯାଇଥିବା କାର୍ଯ୍ୟ ମୂଲ୍ୟର ଦୁଇ ପ୍ରତିଶତ) କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀଙ୍କୁ ଦେୟ ଦେବା ପୂର୍ବରୁ ଆର୍‌ଏ ବିଲ୍‌ରୁ ଜିଏସ୍‌ଟି ପାଇଁ ଅନିୟମିତତା ଭାବରେ କଟାଯାଇଥିଲା । ଜିଏସ୍‌ଟି ପାଇଁ କଟାଯାଇଥିବା ରାଶି ପ୍ରକଳ୍ପ ପ୍ରସାଶକ, ଆଇଟିଡିଏ ରାଇରଙ୍ଗପୁର ଠାରେ ପଡି ରହିଛି ବୋଲି ଜଣାପଡିଛି । .

- 544 କାର୍ଯ୍ୟରେ, ଯେଉଁଠାରେ ଦ୍ରବ୍ୟ ଏବଂ ଶ୍ରମ ଯୋଗାଣକାରୀଙ୍କ ଦ୍ୱାରା ପ୍ରଦତ୍ତ ଇନ୍‌ଭଏସ୍ ଆର୍‌ଏ ବିଲ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଅଡିଟ୍ 21 ଟି ସଂସ୍ଥା 23ଟି ଇନ୍‌ଭଏସ୍, ପାଞ୍ଚଟି ଆଇଟିଡିଏରେ (ପାରଳାଖେମୁଣ୍ଡି, ରାଇରଙ୍ଗପୁର, ଥୁଆମୂଳ ରାମପୁର, କରଞ୍ଜିଆ ଏବଂ ପାନ୍‌ପୋଷ), ଆଇଟିଡିଏ ଅଧିକାରୀଙ୍କ ସହ ମିଳିତ ସରଜମିନ ତଦନ୍ତ (ପରୀକ୍ଷା ଯାଞ୍ଚ ଆଧାରରେ) କରିଥିଲେ । ଅଡିଟ୍ ନିଶ୍ଚିତ କରିବାକୁ ସକ୍ଷମ ହୋଇଥିଲେ ଯେ, 23 ଟି ନମୁନା ଯାଞ୍ଚ ହୋଇଥିବା ଇନ୍‌ଭଏସ୍ ମଧ୍ୟରୁ କେବଳ ତିନିଟି ସେ ସବୁ ସଂସ୍ଥା ଦ୍ୱାରା ଜାରି କରାଯାଇଛି । ନଅଟି ସଂସ୍ଥା ପକ୍ଷରୁ 8.45 ଲକ୍ଷ ଟଙ୍କା ପରିମାଣର ନଅଟି ଇନ୍‌ଭଏସ୍ ପ୍ରଦାନ କରାଯାଇ ନାହିଁ ବୋଲି ଦର୍ଶାଯାଇଥିଲା । ତେଣୁ, ସେହି ଇନ୍‌ଭଏସ୍‌ଗୁଡିକ ସନ୍ଦେହଜନକ ଥିଲା । ଅବଶିଷ୍ଟ 11ଟି ଇନ୍‌ଭଏସ୍ ନିଶ୍ଚିତ ହୋଇପାରିଲା ନାହିଁ, କାରଣ ସଂସ୍ଥାଗୁଡିକ ଉପଲବ୍ଧ ନଥିଲା କିମ୍ବା ବନ୍ଦ ହୋଇଯାଇଥିଲା ।

- 544 କାର୍ଯ୍ୟରେ, ବ୍ୟାଙ୍କ୍ ଟ୍ରାନ୍ସଫର/ ପେମେଣ୍ଟ୍ କରିବା ପାଇଁ ସାମଗ୍ରୀ ଏବଂ ସେବା ଯୋଗାଣକାରୀଙ୍କ ବ୍ୟାଙ୍କ ଖାତାର କେଓ୍ୱାଇସି ଡକ୍ୟୁମେଣ୍ଟ୍‌ଗୁଡ଼ିକ ପ୍ରାପ୍ତ ହୋଇନଥିଲା ଏବଂ ରେକର୍ଡରେ ରଖାଯାଇ ନଥିଲା । କେଓ୍ୱାଇସି ଡକ୍ୟୁମେଣ୍ଟ ଅନୁପସ୍ଥିତିରେ ଇନ୍‌ଭଏସ୍‌ରେ ନିର୍ଦ୍ଦିଷ୍ଟ ପରିମାଣ, ପ୍ରକୃତରେ ଜେଇ/ ଏଇ ଦ୍ୱାରା ନିର୍ଦ୍ଦିଷ୍ଟ ଯୋଗାଣକାରୀଙ୍କୁ ପ୍ରଦାନ କରାଯାଇଥିଲା ବୋଲି, ତାହା ନିଶ୍ଚିତ ହୋଇପାରିଲା ନାହିଁ ।

ଏହି ବ୍ୟାପକ ତଥା ବ୍ୟବସ୍ଥାଗତ ତ୍ରୁଟି ଏବଂ ଅନିୟମିତତାକୁ ଦୃଷ୍ଟିରେ ରଖି ଅଡିଟ୍ ସିଦ୍ଧାନ୍ତରେ ପହଞ୍ଚିଛି ଯେ ସମୀକ୍ଷା ଦ୍ୱାରା ଯାଞ୍ଚ 544 ଟି କାର୍ଯ୍ୟରେ 673 (ମୋଟ 2,476 ର 27 ପ୍ରତିଶତ) ଇନ୍‌ଭଏସ୍ ସଂପୃକ୍ତ ଆର୍‌ଏ ବିଲ୍‌ରେ ଅନ୍ତର୍ଭୁକ୍ତ ହୋଇଛି । ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୁଡ଼ିକ ଏଭଳି ତ୍ରୁଟି ଉପରେ ଆପତ୍ତି ଉଠାଇ ନାହାନ୍ତି କିମ୍ବା ଆର୍‌ଏ ବିଲ୍ ପାସ୍ କରିବା ସମୟରେ ତାହା ପାଳନ କରିବାକୁ ଅନୁଭବ କରି ନାହାନ୍ତି । ଏହିପରି ନକଲି

ଇନ୍‌ଭଏସ୍ ଗ୍ରହଣ କରିବା, ଅତ୍ୟନ୍ତ ସ୍ପଷ୍ଟ ଏବଂ ଗୁରୁତର କମି/ ବିଚ୍ୟୁତି, ଚରମ ଅବହେଳା ଏବଂ ଆଇଟିଡିଏ ଗୁଡ଼ିକର ପ୍ରକଳ୍ପ ପ୍ରଶାସକ ଦ୍ୱାରା ଯତ୍ନଶୀଳତାର ଅଭାବକୁ ପ୍ରତିଫଳିତ ହୋଇଥିଲା ।

ଏସ୍‌ଏସ୍‌ଡି ବିଭାଗ ଆଶ୍ୱାସନା ଦେଇଥିଲେ (ଅଗଷ୍ଟ 2024) ଯେ, ଭବିଷ୍ୟତରେ ଏହିପରି ପୁନରାବୃତ୍ତି ହେବ ନାହିଁ । ପରନ୍ତୁ ନକଲି ଇନ୍‌ଭଏସ୍ ଆଧାରରେ ଦେୟ ପ୍ରଦାନ କରାଯାଇଥିବା ପରିପ୍ରେକ୍ଷୀରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ନିଶ୍ଚିତ କରିନାହିଁ ।

**ସୁପାରିଶ 2.1.4:**

***ଆର୍‌ଏ ବିଲ୍‌ରେ ଅନ୍ତର୍ଭୁକ୍ତ ହୋଇଥିବା ଇନ୍‌ଭଏସ୍ ଗୁଡ଼ିକର ସତ୍ୟତା, ଦେୟ ପାଇଁ ଅନୁମୋଦନ କରିବା ପୂର୍ବରୁ ଆଇଟିଡିଏ ଦ୍ୱାରା ଯାଞ୍ଚ କରିବା ଉଚିତ୍ ।***



### *2.1.8.7 ଓପିଡବ୍ଲ୍ୟୁଡି କୋଡ୍‌କୁ ଅନୁପାଳନ ନକରିବା ଫଳସ୍ୱରୂପ ଆଇଟିଡିଏ ଦ୍ୱାରା କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ପାଇଁ ନିୟନ୍ତ୍ରଣରେ ଗୁରୁତର ତ୍ରୁଟି ଦେଖାଦେଇଛି*

ଓପିଡବ୍ଲ୍ୟୁଡି କୋଡ଼ରେ ନିୟନ୍ତ୍ରଣ ଭାବରେ ଛଅଟି ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଦ୍ୱାରା ବିଭାଗୀୟ କାର୍ଯ୍ୟଗୁଡ଼ିକର ପରିମାଣ ଏବଂ ଗୁଣବତ୍ତା ସକ୍ଷମ କର୍ତ୍ତୃପକ୍ଷଙ୍କ ଧାର୍ଯ୍ୟ ଅନୁମୋଦନ ଅନୁଯାୟୀ ହୋଇଛି କି ନାହିଁ ତାହା ନିଶ୍ଚିତ କରେ । ଓପିଡବ୍ଲ୍ୟୁଡି କୋଡ୍ ଅନୁଯାୟୀ, ଏକ କାର୍ଯ୍ୟ ପାଇଁ ଆକଳନରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ରହିବା ଉଚିତ୍, ଯେଉଁଥିରେ ଇତିହାସ, ଡିଜାଇନ୍, ପରିସର, ଦର, ମୂଲ୍ୟ, ପ୍ରତିଷ୍ଠା, ଆର୍ଥିକ ରିଟର୍ଣ୍ଣ ଇତ୍ୟାଦି ପ୍ରକଳ୍ପ ବିବରଣୀ ରହିବା ଉଚିତ୍ । ଅଧିକନ୍ତୁ, କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ, କାର୍ଯ୍ୟ ସମ୍ପାଦନ ସମୟରେ ଏବଂ କାର୍ଯ୍ୟ ସମାପ୍ତ ହେବା ପରେ, ସାମଗ୍ରୀ ଏବଂ ଶ୍ରମିକ ଯୋଗାଣକାରୀଙ୍କୁ ଚୂଡ଼ାନ୍ତ ଦେୟ ପ୍ରଦାନ ପୂର୍ବରୁ, ପ୍ରକଳ୍ପଗୁଡ଼ିକର ଜିଓ-କୋଡେଡ୍ ଫଟୋ ଚିତ୍ର, କେସ୍ ରେକର୍ଡ ଯଥାବିଧି ସୁରକ୍ଷିତ କରି ରଖିବା ଉଚିତ୍ ।

ଅଡିଟ୍ 2018-19 ରୁ 2022-23 ସମୟ ପାଇଁ 11 ଟି ଆଇଟିଡିଏ ଗୁଡ଼ିକରେ 544 କାର୍ଯ୍ୟର ନଥିପତ୍ର ଯାଞ୍ଚ କରିଛି ଏବଂ ଲକ୍ଷ୍ୟ କରିଥିଲେ ଯେ:

- ***ବିଭାଗୀୟ କାର୍ଯ୍ୟର ଯୋଜନା, ନକ୍ସା ଏବଂ ଡିଜାଇନ୍ ପ୍ରସ୍ତୁତ ହୋଇ ନଥିଲା:*** ବିଭାଗୀୟ ଭାବେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟଗୁଡ଼ିକର ଅନୁମୋଦନ ଅନୁଯାୟୀ, ଆଇଟିଡିଏର ସଂପୃକ୍ତ ଜେଇ/ ଏଇ ମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ପ୍ରସ୍ତାବିତ କାର୍ଯ୍ୟ ପାଇଁ ଆବଶ୍ୟକ ଆକଳନ ପ୍ରସ୍ତୁତ କରିବେ । ପରନ୍ତୁ, 544 ଟି କାର୍ଯ୍ୟରେ ସାଇଟ୍‌ଗୁଡ଼ିକର ପରିଦର୍ଶନ ବାବଦକୁ କୌଣସି ରିପୋର୍ଟ ନଥିଲା, ନକ୍ସା ଏବଂ ଡିଜାଇନ୍ ସହିତ ଯୋଜନା ଦସ୍ତାବିଜ୍, ଆକଳନ ପ୍ରସ୍ତୁତି ପାଇଁ ସୂଚକାଙ୍କ ମାନଚିତ୍ର ନଥିଲା । ଅଟକଳ କେବଳ ପ୍ରଶାସନିକ ଏବଂ ବୈଷୟିକ ଅନୁମୋଦନ ପାଇଁ ପ୍ରସ୍ତୁତ କରାଯାଇଥିଲା, ମାତ୍ର ତାହା କେଉଁ ଆଧାରରେ ପ୍ରସ୍ତୁତ ହୋଇଥିଲା ତାହା ରେକର୍ଡରେ ଉପଲବ୍ଧ ନଥିଲା । ବିଭାଗୀୟ କାର୍ଯ୍ୟ ପାଇଁ ନକ୍ସା ଏବଂ ଡିଜାଇନ୍/ ଯୋଜନାର ଅନୁପସ୍ଥିତିରେ ମୂଳ ଆକଳନରୁ ପ୍ରକୃତ ବିଚ୍ୟୁତି, କେତେ ହୋଇଛି ତାହା ଯାଞ୍ଚ ହୋଇପାରିଲା ନାହିଁ ।

- ***ବ୍ୟବହୃତ ସାମଗ୍ରୀର ବ୍ରାଣ୍ଡ୍ ଏବଂ ମେକ୍ ଉପଲବ୍ଧ ନଥିଲା :*** ନମୁନା ଯାଞ୍ଚ ହୋଇଥିବା 544 କାର୍ଯ୍ୟରେ 2,476 ଭାଉଚର/ ବିଲ୍ (19.46 କୋଟି ଟଙ୍କା) ଥିଲା, ଯାହା ଦେୟ ପାଇଁ ପାସ୍ ହୋଇଥିଲା । ଏହି 2,476 ଭାଉଚର ମଧ୍ୟରୁ 1,514 ମାମଲାରେ ଯୋଗାଣ/ କ୍ରୟ ସାମଗ୍ରୀର ବ୍ରାଣ୍ଡ/ ମେକ୍ ଉଲ୍ଲେଖ କରାଯାଇ ନାହିଁ । ସାମଗ୍ରୀର କିଣାଯାଇଥିବା ବ୍ରାଣ୍ଡ/ ମେକ୍ ଉପଲବ୍ଧ ନହେବା କାରଣରୁ ସମୀକ୍ଷାରେ ସାମଗ୍ରୀର ପ୍ରକୃତ ମୂଲ୍ୟ ଏବଂ ଗୁଣବତ୍ତା ନିଶ୍ଚିତ ହୋଇପାରିଲା ନାହିଁ ।

|  |  |
|---|---|
| ଚିତ୍ର 2.1.7: ଯୋଗାଣ/କ୍ରୟ ସାମଗ୍ରୀର ବ୍ରାଣ୍ଡ/ ମେକ୍ ସିଆର୍ ସଂଖ୍ୟା 45/ 2021-22 ଆଇଟିଡିଏ, ପାରଳାଖେମୁଣ୍ଡିରେ ଉଲ୍ଲେଖ କରାଯାଇନାହିଁ | ଚିତ୍ର 2.1.8: ଯୋଗାଣ/କ୍ରୟ ସାମଗ୍ରୀର ବ୍ରାଣ୍ଡ/ ମେକ୍ ସିଆର୍ ସଂଖ୍ୟା 64/ 2022-23 ଆଇଟିଡିଏ, ଫୁଲବାଣୀରେ ଉଲ୍ଲେଖ କରାଯାଇନାହିଁ |

- ***କୋଟେସନ୍ ଆହ୍ୱାନ କରାଯାଇ ନଥିଲା:*** ଓପିଡବ୍ଲ୍ୟୁଡି କୋଡ୍‌ରେ ସାମଗ୍ରୀ କ୍ରୟ ପାଇଁ କୋଟେସନ୍/ ଟେଣ୍ଡର ଆହ୍ୱାନ କରିବାର ବ୍ୟବସ୍ଥା ରହିଛି । ସମସ୍ତ 11 ଟି ନମୁନା ଅନ୍ତର୍ଭୁକ୍ତ ଆଇଟିଡିଏର କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ 544 କାର୍ଯ୍ୟ ପାଇଁ 19.46 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ ପାଇଁ କୋଟେସନ୍ ଆହ୍ୱାନ କରାଯାଇ ନଥିଲା । ସାମଗ୍ରୀର ମୂଲ୍ୟ ତୁଳନା ନକରି ଯୋଗାଣକାରୀଙ୍କ ଦାବି ଅନୁଯାୟୀ ସାମଗ୍ରୀ କ୍ରୟ କରାଯାଇଥିଲା । ଏହିପରି, କ୍ରୟ ହୋଇଥିବା ସାମଗ୍ରୀ ବଜାରରେ ପ୍ରଚଳିତ ସର୍ବନିମ୍ନ ମୂଲ୍ୟ ଉପରେ ଆଧାରିତ କି ନାହିଁ ତାହା ଅଡିଟ୍ ସ୍ପଷ୍ଟ କରିପାରିଲା ନାହିଁ ।

- ***ମଷ୍ଟର ରୋଲଗୁଡ଼ିକର ରକ୍ଷଣାବେକ୍ଷଣ ନ ହେବା :*** କାର୍ଯ୍ୟନିର୍ବାହୀ (ଜେଇ/ ଏଇ), ବିଭାଗୀୟ କାର୍ଯ୍ୟଗୁଡ଼ିକରେ ଶ୍ରମିକମାନଙ୍କୁ ନିୟୋଜିତ କରିବା ପାଇଁ ମଷ୍ଟର ରୋଲ୍ ବ୍ୟବହାର କରିବା ଉଚିତ୍ ଥିଲା । 544 ନମୁନା ଯାଞ୍ଚ ହୋଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟରୁ, କେବଳ 42 ମାମଲାରେ ନିୟୋଜିତ ଶ୍ରମିକମାନଙ୍କର ସବିଶେଷ ତଥ୍ୟ/ ମଷ୍ଟର ରୋଲ୍ ଉପଲବ୍ଧ ଥିଲା । ଅବଶିଷ୍ଟ କ୍ଷେତ୍ରରେ, ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏର କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀ ମାନେ ଶ୍ରମ ନିୟୋଜନ ପାଇଁ ମଷ୍ଟର ରୋଲ୍ ନିଶ୍ଚିତ କରି ରଖିନଥିଲେ ।

- ***ଫଟୋଗ୍ରାଫ୍‌ର ଉପଲବ୍ଧତା ନଥିଲା:*** ବିଭାଗୀୟ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରୁଥିବା ଜେଇ/ ଏଇ ମାନେ ଜିଓ-କୋଡେଡ୍ ଫଟୋଗ୍ରାଫ୍ ପ୍ରଦାନ କରିବାକୁ ଆବଶ୍ୟକ ଥିଲା । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, 544 ନମୁନା ଯାଞ୍ଚ କାର୍ଯ୍ୟ ମଧ୍ୟରୁ 365 ଟି କ୍ଷେତ୍ରରେ ଜିଓ-କୋର୍ଡିନେଟ୍ (ଅକ୍ଷାଂଶ ଏବଂ ଦ୍ରାଘିମା) ସହିତ କାର୍ଯ୍ୟ କରିବା ପୂର୍ବର ଫଟୋଗ୍ରାଫ୍ ଉପଲବ୍ଧ ନଥିଲା ଏବଂ 153 ଟି କ୍ଷେତ୍ରରେ ପରବର୍ତ୍ତୀ ସମୟର ଫଟୋଗ୍ରାଫ୍ ଉପଲବ୍ଧ ନଥିଲା । ପୂର୍ବ-ନିଷ୍ପାଦନ ଏବଂ କାର୍ଯ୍ୟକାରିତା ସମୟରେ ଫଟୋଗ୍ରାଫର ଅନୁପସ୍ଥିତିରେ, ସାଇଟଗୁଡ଼ିକର ମୂଳ ସ୍ଥିତି ଏବଂ ପ୍ରକୃତରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟର ପରିମାଣ, ଯାହା ଆର୍‌ଏ ବିଲ୍‌ରେ ଦର୍ଶାଯାଇଛି, ମାପ ପୁସ୍ତକରେ ପ୍ରବେଶ କରାଯାଇଛି, ତାହା ଯାଞ୍ଚ ହୋଇପାରିଲା ନାହିଁ ।

- ***ସମ୍ପତ୍ତି ରେଜିଷ୍ଟରର ରକ୍ଷଣାବେକ୍ଷଣ, ଅନନ୍ୟ କାର୍ଯ୍ୟ ଆଇଡି ଏବଂ ଜିଓ-କୋଡେଡ୍ ଫଟୋର ଅନୁପସ୍ଥିତି:*** 11 ଟି ନମୁନା ଆଇଟିଡିଏ ମଧ୍ୟରୁ କୌଣସିଥିରେ ସମ୍ପତ୍ତି ରେଜିଷ୍ଟର ନଥିଲା । ସମ୍ପତ୍ତି

ରେଜିଷ୍ଟର, ଅନନ୍ୟ କାର୍ଯ୍ୟ ଆଇଡି ଏବଂ ଜିଓ-କୋଡେଡ୍ ଫଟୋଗ୍ରାଫ୍ ଅନୁପସ୍ଥିତିରେ, ବିଭିନ୍ନ ସରକାରୀ ଯୋଜନାରେ ହୋଇଥିବା ଭିନ୍ନ ଭିନ୍ନ କାର୍ଯ୍ୟ ଏବଂ ବିଭିନ୍ନ ସମୟରେ କରାଯାଇଥିବା କାର୍ଯ୍ୟର, ନକଲ ହୋଇନାହିଁ ବୋଲି ଅଡିଟ୍ ନିଶ୍ଚିତ କରିବାକୁ ଅସମର୍ଥ ହେଲା ।



*ଚିତ୍ର 2.1.9: ଜିଓକୋଡିଂ ବିନା ଫଟୋଗ୍ରାଫ୍ (ସିଆର୍ ନମ୍ବର 73/22-23, ଆଇଟିଡିଏ, ଫୁଲବାଣୀ)*



*ଚିତ୍ର2.1.10: ଜିଓକୋଡିଂ ବିନା ଫଟୋଗ୍ରାଫ୍ (ସିଆର୍ ନମ୍ବର 298/2022-23, ଆଇଟିଡିଏ, କୋରାପୁଟ)*

- ***ମାପ ପୁସ୍ତକ ଗୁଡ଼ିକର ପ୍ରସ୍ତୁତି:*** ମାପ ପୁସ୍ତକ ଗୁଡ଼ିକର ସମସ୍ତ ଏଣ୍ଟ୍ରି ଆକଳନ ସହିତ ଅନୁରୂପ ଥିଲା ଏବଂ କାର୍ଯ୍ୟଗୁଡ଼ିକର ପ୍ରକୃତ କାର୍ଯ୍ୟକାରିତା ଉପରେ ଆଧାର କରି ହୋଇଥିଲା ଏବଂ କୌଣସି ବିଚ୍ୟୁତି ହୋଇନଥିଲା । ଅବଶ୍ୟ, ଏହା ଏକ ସନ୍ଦେହ ସୃଷ୍ଟି କଲା ଯେ କାର୍ଯ୍ୟସ୍ଥଳରେ କାର୍ଯ୍ୟଗୁଡ଼ିକର ପ୍ରକୃତ ସ୍ଥିତିକୁ ସୂଚୀତ ନକରି ଏଣ୍ଟ୍ରିଗୁଡ଼ିକ ଏକ ନିୟମିତ ଢଙ୍ଗରେ ହୋଇଥାଇପାରେ । ଓପିଡବ୍ଲ୍ୟୁଡି କୋଡର ନିୟମାବଳୀ ଅନୁଯାୟୀ, କନିଷ୍ଠ ଯନ୍ତ୍ରୀ/ସହାୟକ ଯନ୍ତ୍ରୀକୁ ଦିଆଯାଇଥିବା ବିଭାଗୀୟ କାର୍ଯ୍ୟାଦେଶ କ୍ଷେତ୍ରରେ, କର୍ତ୍ତବ୍ୟର ପୃଥକତା ସୁନିଶ୍ଚିତ କରିବା ଏବଂ ସ୍ୱାର୍ଥର ଦ୍ୱନ୍ଦ୍ୱକୁ ରୋକିବା ପାଇଁ, ଅନ୍ୟ ଏକ ବୈଷୟିକ ଯୋଗ୍ୟ ବ୍ୟକ୍ତି ପ୍ରକୃତରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟର ମାପଚୁପ କରିବା ଉଚିତ୍ । ଯାଞ୍ଚ ହୋଇଥିବା ଆଇଟିଡିଏ ଗୁଡ଼ିକରେ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ଏହି ପ୍ରମୁଖ ନିୟନ୍ତ୍ରଣ ପଦ୍ଧତି ଅନୁସରଣ କରାଯାଇ ନଥିଲା ।

ଅଣ-ଅନୁପାଳନ ଏବଂ ନିୟନ୍ତ୍ରଣର ଅଭାବର ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି, ଅଡିଟ୍ ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ଯେଉଁ କାର୍ଯ୍ୟଗୁଡ଼ିକୁ ବିଭାଗୀୟ ଭାବେ ସମ୍ପାଦିତ କରାଯାଇଛି ବୋଲି କୁହାଯାଉଥିଲା, ସେଥିରେ ପରିମାଣ ଓ ଗୁଣବତ୍ତାର ଅଭାବ ରହିବାର ଏକ ବଡ଼ ବିପଦ ରହିଛି ।

ପ୍ରସ୍ଥାନ ସମ୍ମିଳନୀରେ, ଏସ୍ଏସ୍ଡି ବିଭାଗ ନିଶ୍ଚିତ କରିଛି (ଅଗଷ୍ଟ 2024) ଯେ ସମସ୍ତ ଆଇଟିଡିଏ ଗୁଡ଼ିକୁ ବିଧି ସଂହିତା ବ୍ୟବସ୍ଥା ପାଳନ କରିବାକୁ ନିର୍ଦ୍ଦେଶ ଦେବେ ।

**ସୁପାରିଶ 2.1.5:**

***ଏସ୍ଏସ୍ଡି ବିଭାଗ ଆଇଟିଡିଏ ମାନଙ୍କୁ ଓପିଡବ୍ଲୁଡି କୋଡ଼ର ବ୍ୟବସ୍ଥା ପାଳନ କରିବାକୁ ନିର୍ଦ୍ଦେଶ ଜାରି କରନ୍ତୁ, ଯାହାଦ୍ୱାରା କାର୍ଯ୍ୟର ବିଭାଗୀୟ କାର୍ଯ୍ୟକାରିତା କେବଳ ପ୍ରକୃତ ଆବଶ୍ୟକ ସ୍ଥଳେ ହିଁ ଗ୍ରହଣ କରାଯିବ, ଏବଂ ମୁଖ୍ୟ ନିୟନ୍ତ୍ରଣ ଭାବରେ କାର୍ଯ୍ୟ କରୁଥିବା ବ୍ୟବସ୍ଥା ଗୁଡିକର ଅନୁପାଳନ ସୁନିଶ୍ଚିତ କରିବାକୁ ମଧ ନିର୍ଦ୍ଦେଶ ଦିଅନ୍ତୁ ।***

### 2.1.8.8 ଅଟକଳରେ ଅତ୍ୟଧିକ ବ୍ୟବସ୍ଥା ଏବଂ କାର୍ଯ୍ୟର ସନ୍ଦେହଜନକ କାର୍ଯ୍ୟକାରିତା, ଫଳସ୍ୱରୂପ ଅତିରିକ୍ତ ଦେୟ ପୈଠ

ଅଡିଟ୍ ବିଭାଗୀୟ କାର୍ଯ୍ୟ ବ୍ୟୟ ଅଟକଳକୁ ଯାଞ୍ଚ କରିବା ସହିତ, 11 ଟି ନମୁନା ଆଇଟିଡିଏରେ 2018-19 ରୁ 2022-23 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା 94ଟି କାର୍ଯ୍ୟର, ଆଇଟିଡିଏର ଅଧିକାରୀଙ୍କ ସହ ମିଳିତ ସରଜମିନ ତଦନ୍ତ କରିଥିଲେ ।

#### (i) ବର୍ଦ୍ଧିତ ଅଟକଳ

ଓପିଡବ୍ଲୁଡି କୋଡ୍ (ଅନୁଚ୍ଛେଦ 3.2.7) ଧାର୍ଯ୍ୟ କରିଛି ଯେ, ଅଟକଳ ଗୁଡ଼ିକ ସଠିକ୍ ଭାବରେ ପ୍ରସ୍ତୁତ କରାଯିବା ଉଚିତ୍ ଏବଂ ପର୍ଯ୍ୟାପ୍ତ ତଥ୍ୟ ଉପରେ ଆଧାରିତ ହେବା ଉଚିତ୍ । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭାଗୀୟ କାର୍ଯ୍ୟରେ ଠିକାଦାରଙ୍କଲାଭ, ଓଭରହେଡ୍ ଚାର୍ଜ ଏବଂ ଜିଏସ୍‌ଟି ପ୍ରଯୁଜ୍ୟ ନୁହେଁ । ପାଞ୍ଚଟି ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏଗୁଡ଼ିକରେ[23] ଅଡିଟ୍ ଜାଣିବାକୁ ପାଇଲା ଯେ:

- ***ଅଯୋଗ୍ୟ ବସ୍ତୁଗୁଡ଼ିକର ଅନ୍ତର୍ଭୁକ୍ତ:*** 57 ଟି କାର୍ଯ୍ୟର ଅଟକଳରେ, ଥୁଆମୂଳ ରାମପୁର, ରାଇରଙ୍ଗପୁର ଏବଂ ନବରଙ୍ଗପୁର ଆଇଟିଡିଏ ଦ୍ୱାରା, 12 ପ୍ରତିଶତ ଜିଏସ୍‌ଟି ଯୋଡ଼ି ହୋଇଥିବା ବେଳେ, 16 ଟି ମାମଲାରେ ଓଭରହେଡ୍ ଚାର୍ଜ ଏବଂ ଆଇଟିଡିଏ, ବାଲିଗୁଡ଼ାରେ ଠିକାଦାରଙ୍କ ଲାଭ, 15 ପ୍ରତିଶତ, ବ୍ୟୟ ଅଟକଳରେ ଅନ୍ତର୍ଭୁକ୍ତ କରାଯାଇଛି । ଆହୁରି ମଧ୍ୟ, ଆଇଟିଡିଏ, ପାରଳାଖେମୁଣ୍ଡିର 13 ଟି ମାମଲାରେ, ଅଟକଳରେ 7.5 ପ୍ରତିଶତ ହିସାବରେ ଓଭରହେଡ୍ ଚାର୍ଜ ଅନ୍ତର୍ଭୁକ୍ତ ଥିଲା । ଯେହେତୁ ବିଭାଗୀୟ, କାର୍ଯ୍ୟ ଉପରେ ଜିଏସ୍‌ଟି ପ୍ରଯୁଜ୍ୟ ନୁହେଁ ଏବଂ ଏହିପରି କାର୍ଯ୍ୟଗୁଡ଼ିକରେ ଓଭରହେଡ୍ ଚାର୍ଜ ରୂପରେ କୌଣସି ଲାଭ ଅନ୍ତର୍ଭୁକ୍ତ ଅନୁମୋଦିତ ନୁହେଁ, ଏହି ଉପାଦାନ ଗୁଡ଼ିକ ଅନ୍ତର୍ଭୁକ୍ତ ହେବା ଦ୍ୱାରା ଜେଇ/ ଏଇ ମାନଙ୍କ ପାଇଁ ଆର୍ଥିକଲାଭ ଭାବରେ କାର୍ଯ୍ୟ କରିଥିଲା, ଏହି ତଥ୍ୟ **ସାରଣୀ 2.1.6** ରେ ବିସ୍ତୃତ ଭବରେ ଦର୍ଶାଯାଇଛି ।

***ସାରଣୀ 2.1.6: ବର୍ଦ୍ଧିତ ଆକଳନ ହେତୁ ଅଧିକ ଦେୟ***

| ଅଗ୍ରାହ୍ୟ ଆଇଟମ୍ | ଆଇଟିଡିଏ ନାମ | ମାମଲା ସଂଖ୍ୟା | କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀକୁ ଦିଆଯାଇଥିବା ଅଧିକ ଦେୟ |
|---|---|---|---|
| ଜିଏସ୍‌ଟି | ଥୁଆମୂଳ ରାମପୁର | 28 | 12,21,456 |
| | ରାଇରଙ୍ଗପୁର | 2 | 1,00,822 |
| | ନବରଙ୍ଗପୁର | 27 | 8,34,248 |
| ଠିକାଦାରଙ୍କ ଲାଭ ଏବଂ ଓଭରହେଡ୍ ଚାର୍ଜ 15 ପ୍ରତିଶତ ହାରରେ | ବାଲିଗୁଡ଼ା | 16 | 79,202 |
| 7.5 ପ୍ରତିଶତ ହାରରେ ଓଭରହେଡ୍ ଚାର୍ଜ | ପାରଳାଖେମୁଣ୍ଡି | 13 | 2,56,102 |
| ମୋଟ | | **86** | **24,91,830** |

***(ଉତ୍ସ: ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏର ନଥିପତ୍ର)***

- ***ବର୍ଦ୍ଧିତ ଆକଳନ:*** ଆଇଟିଡିଏ, ବାଲିଗୁଡ଼ାରେ ଦୁଇଟି କାର୍ଯ୍ୟର ଅଟକଳରେ ଅନ୍ତର୍ଭୁକ୍ତ ହୋଇଥିବା 100 ମିଟର କଣ୍ଟା ତାର ପ୍ରାଚୀର କାମ ପାଇଁ ଆଇଟମ୍‌ଗୁଡ଼ିକର ମୋଟ ମୂଲ୍ୟ 1,41,480 ଏବଂ 1,43,996 ଟଙ୍କା ଥିଲା । ଆନୁମାନିକ ମୂଲ୍ୟରେ କାର୍ଯ୍ୟ କଣ୍ଟିଜେନ୍ସି ଯୋଡ଼ିବା ବେଳେ, ସମୁଦାୟରେ ତ୍ରୁଟି ଦେଖାଦେଇଥିଲା, ଫଳସ୍ୱରୂପ ପ୍ରତି 100 ମିଟର ପାଇଁ ଅତିରିକ୍ତ ଦାବି ବାବଦକୁ 24,527 ଟଙ୍କା ପ୍ରଦାନ କରାଯାଇଥିଲା ଯାହା **ସାରଣୀ 2.1.7** ରେ ବିସ୍ତୃତ ଭାବରେ ଉପସ୍ଥାପିତ ହୋଇଛି ।

[23] ଆଇଟିଡିଏ ଥୁଆମୂଳ ରାମପୁର, ରାଇରଙ୍ଗପୁର, ନବରଙ୍ଗପୁର, ବାଲିଗୁଡ଼ା ଏବଂ ପାରଳାଖେମୁଣ୍ଡି

***ସାରଣୀ 2.1.7: ଭୁଲ୍ ଗଣନା ହେତୁ ଅଧିକ ଦେୟ***

| ସିଆର୍ ନମ୍ବର | ମିଟରରେ କାର୍ଯ୍ୟକାରୀ ହୋଇଥିବା ପରିମାଣ | 100 ମିଟର ପାଇଁ ସାମଗ୍ରୀଗୁଡ଼ିକର ମୂଲ୍ୟ | କାର୍ଯ୍ୟ ଜଡ଼ିତ ଖର୍ଚ୍ଚ (1%) | 100 ମିଟର ପାଇଁ କାର୍ଯ୍ୟସହିତ କଣ୍ଟିଜେନ୍ସି | 100 ମିଟର ପାଇଁ ମୋଟ ମୂଲ୍ୟ ଦାବି | 100 ମିଟର ପାଇଁ ଅଧିକା ମୂଲ୍ୟ | ଅଧିକ ପରିମାଣ ପ୍ରଦାନ କରାଯାଇଛି (ଟଙ୍କାରେ) |
|---|---|---|---|---|---|---|---|
| କଣ୍ଟା ତାର ପ୍ରାଚୀର୍ କାମ କିଲାକିଆ ସେବାଶ୍ରମ (9871/ 2019-20) | 180 | 1,41,480 | 1,415 | 1,42,895 | 1,67,422 | 24,527 | 44,149 |
| କଣ୍ଟା ତାର ପ୍ରାଚୀର ବାଡ଼ କାମ, ଝିମାଙ୍ଗିଆ ଉଚ୍ଚ ବିଦ୍ୟାଳୟରେ 9872/ 2019-20 | 177 | 1,43,996 | 1,440 | 1,45,436 | 1,69,963 | 24,527 | 43,413 |
| ମୋଟ | **357** | | | | | | **87,562** |

*(ଉତ୍ସ: ଆଟଟିଡିଏ, ବାଲିଗୁଡ଼ାର ନଥିପତ୍ର)*

- ***ଅଟକଳରେ ସାମଗ୍ରୀଗୁଡ଼ିକର ନକଲିକରଣ:*** ସରଜମିନ ତଦନ୍ତରେ ଅଡିଟ୍ ଜାଣିବାକୁ ପାଇଲା ଯେ, 21 ଟି ମାମଲାରେ, ଆଇଟିଡିଏ, ବାଲିଗୁଡ଼ା ଅନ୍ତର୍ଗତ ବିଦ୍ୟାଳୟ/ ହଷ୍ଟେଲଗୁଡ଼ିକର ପ୍ରାଚୀର କାନ୍ଥରେ ତାରବାଡ଼ କାର୍ଯ୍ୟରେ 'ମାଇଲଡ୍ ଷ୍ଟିଲ୍ ଫାବ୍ରିକେଟ୍ ଆଙ୍ଗଲ୍ସର ଯୋଗାଣ ଏବଂ ଫିକ୍ସିଂ', ଅଟକଳରେ ଦୁଇଥର ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ତଦନୁଯାୟୀ ସମ୍ପୃକ୍ତ ଜେଇ/ ଏଇ ମାନଙ୍କୁ, ଦେୟ ପ୍ରଦାନ କରାଯାଇଥିଲା । ଫଳସ୍ୱରୂପ, ବାସ୍ତବରେ ବାଡ଼ କାର୍ଯ୍ୟରେ ବ୍ୟବହୃତ ଫାବ୍ରିକେଟେଡ୍ ଆଙ୍ଗେଲର୍ ଲମ୍ବ ତୁଳନାରେ ଅଟକଳ ଆଧାରରେ ତିଆରି ହୋଇଥିବା ଆଙ୍ଗେଲ୍ ଗୁଡ଼ିକର ଫିକ୍ସିଂ ପାଇଁ ଦେୟ ବାବଦକୁ 17.36 ଲକ୍ଷ ଟଙ୍କାରୁ ଅଧିକ ଥିଲା ।

ଏସ୍‌ଏସ୍‌ଡି ବିଭାଗ ପ୍ରସ୍ଥାନ ସମ୍ମିଳନୀ ସଭାରେ କହିଥିଲେ (ଅଗଷ୍ଟ 2024) ଯେ ଏହାର ଯାଞ୍ଚ କରାଯିବ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### (ii) କାର୍ଯ୍ୟଗୁଡ଼ିକର ସନ୍ଦେହଜନକ ନିଷ୍ପାଦନ/ଅଣ-ନିଷ୍ପାଦନ

36 ଟି ନମୁନା ଯାଞ୍ଚ କାର୍ଯ୍ୟ କ୍ଷେତ୍ରରେ ଅଡିଟ୍ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟଗୁଡ଼ିକର ପ୍ରକୃତ କାର୍ଯ୍ୟକାରିତା ବାବଦକୁ ଠୋସ ପ୍ରମାଣ ପାଇନଥିଲା । ଫଳସ୍ୱରୂପ, 43.03 ଲକ୍ଷ ଟଙ୍କାର ଅତିରିକ୍ତ ଦେୟ / ସନ୍ଦେହଜନକ ଖର୍ଚ୍ଚ ହୋଇଥିଲା । କାର୍ଯ୍ୟଗୁଡ଼ିକର ସନ୍ଦେହଜନକ କାର୍ଯ୍ୟକାରିତାର କିଛି ଉଦାହରଣ ନିମ୍ନରେ ଦର୍ଶାଯାଇଛି:

- 'ସିକୁଆନ୍ ଗ୍ରାମ ପଞ୍ଚାୟତର ମାସିଗାଁରେ ଗାଇଖାଇମୁଣ୍ଡା ପୋଖରୀ ନବୀକରଣ, (ସିଆର୍ ନମ୍ବର *235/2019-20)*'କାର୍ଯ୍ୟ ଆଇଟିଡିଏ, ଥୁଆମୂଳ ରାମପୁର ଦ୍ୱାରା ବିଭାଗୀୟ ଭାବରେ କାର୍ଯ୍ୟକାରୀ କରାଯାଇଥିଲା, ଯେଉଁଥିପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ 4,81,234 ଟଙ୍କା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟରେ 4,227.85 ଘନ ମିଟର ମାଟି କାର୍ଯ୍ୟର କାର୍ଯ୍ୟକାରିତା ଅନ୍ତର୍ଭୁକ୍ତ ଥିଲା ।

  ଏହି କାର୍ଯ୍ୟରେ, ଖନନକାରୀ ଜେସିବି (ଓଡି 03କେ 2359) ପରି ଯାନ ପରିବହନ, ଲୋଡିଂ, ଅନଲୋଡିଂ କାର୍ଯ୍ୟ ଇତ୍ୟାଦି ପାଇଁ ଟ୍ରାକ୍ଟର (ଓଡି 08କେ 2959 ଏବଂ ଓଡି 08କେ 2960) ବ୍ୟବହାର ହୋଇଥିଲା । ଅଡିଟ୍, ବାହାନ ପୋର୍ଟାଲରେ ଯାନଗୁଡ଼ିକର ପଞ୍ଜୀକରଣ ନମ୍ବର ଯାଞ୍ଚ କରି ଜାଣିବାକୁ ପାଇଲେ ଯେ, ଟ୍ରାକ୍ଟରର ପଞ୍ଜୀକରଣ ସଂଖ୍ୟା ତିନି ଚକିଆ ଯାତ୍ରୀ ଅଟୋ ରିକ୍ସାର ଅଟେ । ଅଟୋ ରିକ୍ସା ବ୍ୟବହାର କରି ଖନନହୋଇଥିବା ସାମଗ୍ରୀର ପରିବହନ ପାଇଁ 4.10 ଲକ୍ଷ ଟଙ୍କା[24] କାଳ୍ପନିକ ଏବଂ ସରକାରୀ ଅର୍ଥର ଆତ୍ମସାତ ବୋଲି ସନ୍ଦେହ କରାଯାଉଥିଲା ।

---

[24] 4,227.85 ଘନମିଟର X 97 ଟଙ୍କା ପ୍ରତି ଘନମିଟର ମାଲ ବୋଝେଇ, ଖଲାସ ଏବଂ ପରିବହନ ବାବଦକୁ

- ସେହିପରି, ଅନ୍ୟ ଏକ କାର୍ଯ୍ୟ ଯାହା ଆଇଟିଡିଏ, ଥୁଆମୂଳ ରାମପୁର ଅଧୀନରେ ଡୁମୁରିଆ ଗ୍ରାମପଞ୍ଚାୟତର ବର୍ଫା ଗ୍ରାମର ରେଙ୍ଗଟା ମୁଣ୍ଡା ପୋଖରୀ ନବୀକରଣ (ମାମଲା ରେକର୍ଡ ସଂଖ୍ୟା *236/2019-20)'* ରେ ରନିଙ୍ଗ୍ ଆକାଉଣ୍ଟ୍ ବିଲ୍ ବାବଦକୁ କନିଷ୍ଠ ଯନ୍ତ୍ରୀଙ୍କୁ 4,81,258 ଟଙ୍କା ପ୍ରଦାନ କରାଯାଇଛି ।

  ଅଡିଟ୍ ଜାଣିବାକୁ ପାଇଲା ଯେ, ଏହି କାର୍ଯ୍ୟ ପାଇଁ ବ୍ୟବହୃତ ପରିବହନ ଯାନ (ଟ୍ରାକ୍ଟର) ଗୁଡ଼ିକର ପଞ୍ଜୀକରଣ ସଂଖ୍ୟା, ବାହନ ପୋର୍ଟାଲରେ ବୋଲେରୋ, ତିନି ଚକିଆ ଯାତ୍ରୀ ଅଟୋ ଏବଂ ଦୁଇ ଚକିଆ ଯାନଥିଲା । ତେଣୁ, ଏହି ଯାନଗୁଡ଼ିକରେ ପରିବହନ ବାବଦକୁ ଦିଆଯାଇଥିବା 3,38,586 ଟଙ୍କା ସରକାରୀ ଅର୍ଥର ସନ୍ଦେହଜନକ ଆତ୍ମସାତ୍ ବୋଲି ଜଣାପଡ଼ିଲା ।

- ଆଇଟିଡିଏ, ବାଲିଗୁଡ଼ା ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇକିଆର 100 ଟି ଆସନ ବିଶିଷ୍ଟ ବାଳିକା ଛାତ୍ରୀନିବାସର ପାଚେରୀ କାନ୍ଥର ଜିଆଇ କଣ୍ଟା ଏବଂ ତାର ବାଡ଼ କାର୍ଯ୍ୟ ସମ୍ବନ୍ଧୀୟ ମାମଲା ରେକର୍ଡ (ସିଆର୍ ନମ୍ବର 9218/2018-19) ଦର୍ଶାଇଛି ଯେ ପାଚେରୀ କାନ୍ଥ (88 ମିଟର) ଉପରେ ତାର ବାଡ଼ କାମ ପାଇଁ 1,03,678 ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏହି କାର୍ଯ୍ୟରେ ଇଟା କାମ, ସିମେଣ୍ଟ କଂକ୍ରିଟ୍ କାମ, ପ୍ଲାଷ୍ଟର, ରଙ୍ଗ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ।

  ସହାୟକ ଯନ୍ତ୍ରୀ, ଆଇଟିଡିଏ, ବାଲିଗୁଡ଼ାଙ୍କ ଉପସ୍ଥିତିରେ କରାଯାଇଥିବା ସରଜମିନ ତଦନ୍ତ (ଜେପିଆଇ) ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇକିଆର ବିଦ୍ୟାଳୟ ଏବଂ ହଷ୍ଟେଲ୍‌ର ପ୍ରାଚୀର କାନ୍ଥରେ କୌଣସି କଣ୍ଟା ଥିବା ତାର ବାଡ଼ କରାଯାଇନାହିଁ । କେବଳ ପ୍ରାଚୀର କାନ୍ଥରେ ଥିବା ଫାଟ ସ୍ଥାନଗୁଡ଼ିକରେ କଣ୍ଟା ତାର ବାଡ଼ ପାଇଁ ଲୁହା ଆଙ୍ଗଲ୍ ଲଗାଯାଇଥିଲା । ଏହିପରି କନିଷ୍ଠ ଯନ୍ତ୍ରୀଙ୍କ ଦାବି ଅନୁଯାୟୀ ପ୍ରାଚୀର କାନ୍ଥ ଉପରେ କଣ୍ଟା ତାର ବାଡ଼ ବାବଦକୁ ଖର୍ଚ୍ଚ ସନ୍ଦେହଜନକ ଥିଲା । ପୁନଶ୍ଚ, ବିସ୍ତୃତ ନକ୍ସା ଏବଂ ଡିଜାଇନ୍, ପୂର୍ବ ନିର୍ବାହ ଫଟୋଗ୍ରାଫ୍, ଜିଓ-କୋଡେଡ୍ ପରବର୍ତ୍ତୀ ନିର୍ବାହ ଫଟୋଗ୍ରାଫ୍ ସଂପୃକ୍ତ ଫାଇଲଗୁଡ଼ିକରେ ଉପଲବ୍ଧ ନଥିଲା । ତେଣୁ, (ଆର୍‌ଏ) ବିଲ୍‌ରେ ଦର୍ଶାଯାଇଥିବା ଦାବି ବାସ୍ତବିକ ନଥିଲା, କାରଣ ଉକ୍ତ କାର୍ଯ୍ୟ ହୋଇ ନଥିବାରୁ ସରକାରୀ ଅର୍ଥ (1.04 ଲକ୍ଷ ଟଙ୍କା) ର ଆତ୍ମସାତ୍ ସନ୍ଦେହ କରାଯାଉଛି ।



***ଚିତ୍ର 2.1.11: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇକିଆରେ ବିନା ବାଡ଼ରେ ପ୍ରାଚୀର କାନ୍ଥ ଉଠିଛି (17.08.2023)***

- ତିନିଟି ଜଳ ଯୋଗାଣ ପ୍ରଣାଳୀ[25] କାର୍ଯ୍ୟର ସମୀକ୍ଷା ଯାଞ୍ଚ କରାଯାଇଥିଲା ଏବଂ 10.42 ଲକ୍ଷ ଟଙ୍କାର ଅତ୍ୟଧିକ ଦେୟ ଲକ୍ଷ୍ୟ କରାଯାଇଥିଲା । ଏହି ତିନିଟି ଜଳ ଯୋଗାଣ ପ୍ରଣାଳୀ କାର୍ଯ୍ୟ ପାଇଁ ଅନୁମୋଦିତ ଆକଳନ ଅନୁଯାୟୀ, ନିର୍ମାଣ ହେବାକୁ ଥିବା ଇନ୍‌ଟେକ୍ କୂଅର କାନ୍ଥର ମୋଟେଇ 0.50 ମିଟର ଥିଲା । ମିଳିତ ସରଜମିନ ତଦନ୍ତ ସମୟରେ ଜଳ ସଂରକ୍ଷଣ କୂଅର କାନ୍ଥର ଘନତା ଅନୁମୋଦିତ ଘନତା ଠାରୁ କମ୍ ବୋଲି ଜଣାପଡ଼ିଥିଲା । ମାତ୍ର ମାପ ପୁସ୍ତକରେ ଆକଳନ ଅନୁଯାୟୀ ତଥ୍ୟ ଗୁଡ଼ିକ ଦର୍ଶାଯାଇଥିଲା, ଫଳସ୍ୱରୂପ 6.56 ଲକ୍ଷ ଟଙ୍କା ଅତିରିକ୍ତ ଦେୟ ପ୍ରଦାନ କରାଯାଇଥିଲା, ଯାହା **ସାରଣୀ 2.1.8** ରେ ପ୍ରଦର୍ଶିତ ହୋଇଛି ।

[25] ଖଜୁରିଆ ପଡ଼ା ଉଚ୍ଚ ବିଦ୍ୟାଳୟର 200 ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, 100 ଶଯ୍ୟା ବିଶିଷ୍ଟ ତାଳପଦା ଛାତ୍ରୀନିବାସ, ପିପଲପଡ଼ା ସେବାଶ୍ରମ

***ସାରଣୀ 2.1.8: ସ୍ୱଳ୍ପ/ ଅଣ ନିଷ୍ପାଦିତ କାର୍ଯ୍ୟଗୁଡ଼ିକ ପାଇଁ ଅଧିକ ଦେୟ ପୈଠ କରିବା***

| କ୍ର. ସଂ. | ପ୍ରକଳ୍ପର ନାମ | ଅନୁମୋଦିତ ଜଳ ସଂରକ୍ଷଣ କୂଅ କାନ୍ଥର ଘନତା | ମିଳିତ ତଦନ୍ତ ସମୟରେ ମିଳିଥିବା ଘନତା | ଅଧିକ ଦେୟ (ଟଙ୍କାରେ) |
|---|---|---|---|---|
| 1 | 200 ସିଟ୍ ବିଶିଷ୍ଟ ଏସ୍‌ଟି ବାଳିକା ହଷ୍ଟେଲ ପାଇଁ ଜଳ ଯୋଗାଣ ବ୍ୟବସ୍ଥା, ଖଜୁରୀପଡ଼ା ଉଚ୍ଚ ବିଦ୍ୟାଳୟ[26] | 0.50 M | 0.40 M | 2,45,983 |
| 2 | 100 ସିଟ୍ ବିଶିଷ୍ଟ ଏସ୍‌ଟି ବାଳିକା ହଷ୍ଟେଲ ପାଇଁ ଜଳ ଯୋଗାଣ ବ୍ୟବସ୍ଥା, ତାଳପଡ଼ା ସେବାଶ୍ରମ ବିଦ୍ୟାଳୟ[27] | 0.50 M | 0.45 M | 1,35,867 |
| 3 | ପିପଲପଡ଼ା ସେବାଶ୍ରମ ବିଦ୍ୟାଳୟ ପାଇଁଜଳ ଯୋଗାଣ ବ୍ୟବସ୍ଥା [28] | 0.50 M | 0.40 M | 2,74,301 |
| | ମୋଟ | | | **6,56,151** |

***(ଉତ୍ସ: ଆଇଟିଡିଏ ଦ୍ୱାରା ଦିଆଯାଇଥିବା ତଥ୍ୟ ଉପରେ ପ୍ରସ୍ତୁତ)***

- ଆର୍‌ଏ ବିଲ୍‌ରେ ବ୍ୟବହୃତ ହୋଇଥିବା ଏବଂ ଦାବି କରାଯାଇଥିବା ପରିମାଣ ସମ୍ବନ୍ଧରେ ଜିଆଇ ପାଇପ୍, ବେଣ୍ଡ୍, ଫ୍ଲେଞ୍ଜ ଇତ୍ୟାଦି କ୍ରୟ କରାଯାଇଥିବା 3.86 ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀର ସ୍ୱଳ୍ପ ଉପଯୋଗର ମାମଲା ନଜରକୁ ଆସିଥିଲା, ଫଳତଃ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ/ ସହାୟକ ଯନ୍ତ୍ରୀଙ୍କୁ 3.86 ଲକ୍ଷ ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

- ମିଳିତ ସରଜମିନ ତଦନ୍ତ (ଜେପିଆଇ)ରୁ ଜଣାପଡ଼ିଲା ଯେ ନଭେମ୍ବର 2021 ରୁ ମଇ 2022 ମଧ୍ୟରେ ଆଇଟିଡିଏ ଫୁଲବାଣୀ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ତିନିଟି କାର୍ଯ୍ୟ ଯଥା ପମ୍ପ ହାଉସ୍ ଗୃହର କ୍ଷତି ମରାମତି, ଜଳ ଗ୍ରହଣ କୂପ, ପାଦ ଚଲା ପୋଲ ଏବଂ ପାର୍ଶ୍ୱ କାନ୍ଥ ଆଦି ନିମ୍ନ ମାନର ଥିଲା ।



***ଚିତ୍ର 2.1.12: କ୍ଷତିଗ୍ରସ୍ତ ଜଳଗ୍ରହଣ କୂପ, ଖଜୁରୀପଡ଼ା (14.12.2023)***



***ଚିତ୍ର 2.1.13: ଖଜୁରୀପଡ଼ା ଠାରେ ଥିବା ଜଳ ଗ୍ରହଣ କୂପରେ ଗର୍ତ୍ତ ଲକ୍ଷ୍ୟ କରାଯାଇଛି (14.12.2023)***



***ଚିତ୍ର 2.1.14: ତାଳପଡ଼ା ଠାରେ ଥିବା ଜଳ ଗ୍ରହଣ କୂପରେ ପାଣି ଲିକ୍ ଲକ୍ଷ୍ୟ କରାଯାଇଛି (15.12.2023)***



***ଚିତ୍ର 2.1.15: ତାଳପଡ଼ା ୱିଙ୍ଗ ୱାଲ୍ ଚାରିପାର୍ଶ୍ୱରେ କ୍ଷୟ (15.12.2023)***

[26] 2021-22 ର ସିଆର୍ ନମ୍ବର 247, 248 & 249

[27] 2021-22 ର ସିଆର୍ ନମ୍ବର 61, 62 & 63

[28] 2021-22 ର ସିଆର୍ ନମ୍ବର 84, 85 & 86



ଚିତ୍ର 2.1.16: ପିପଲପଡ଼ା ବାମ ୱିଙ୍ଗ୍ ୱାଲ୍ କ୍ଷତିଗ୍ରସ୍ତ (15.12.2023)



ଚିତ୍ର 2.1.17: ପିପଲପଡ଼ାର ବାମ ୱିଙ୍ଗ୍ ୱାଲ୍ ଚାରିପାର୍ଶ୍ୱରେ ମୃତ୍ତିକା କ୍ଷୟ (15.12.2023)

ଏହିପରି, ବିଭାଗୀୟ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତାରେ ସ୍ୱଚ୍ଛତା ନଥିଲା । ଏହା ମିଥ୍ୟା ତଥ୍ୟ ଉପରେ ଆଧାରିତ, ସନ୍ଦେହଜନକ ଥିଲା, ଫଳତଃ କନିଷ୍ଠ ଯନ୍ତ୍ରୀ ଏବଂ ସହାୟକ ଯନ୍ତ୍ରୀଙ୍କୁ ଅଧିକ ଦେୟ ପ୍ରଦାନ କରାଯାଇଥିଲା ଯାହାଦ୍ୱାରା ସରକାରୀ ଅର୍ଥର ଆତ୍ମସାତ୍ ହୋଇଥିବାର ସନ୍ଦେହ କରାଯାଇଥିଲା ।

## 2.1.9 ଆୟ ସୃଷ୍ଟିକାରୀ ଯୋଜନା ପାଇଁ ଇନ୍‌ପୁଟ୍ ସାମଗ୍ରୀର କ୍ରୟ

ରାଜ୍ୟକୁ ଧାରା 275(1) ଏବଂ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତାର ଆଦିବାସୀ ଉପ-ଯୋଜନା (ଟିଏସ୍‌ଏସ୍) ମାଧ୍ୟମରେ, ଅନୁସୂଚିତ ଜନଜାତି ଓ ଅନ୍ୟ ସାମାଜିକ ଗୋଷ୍ଠୀ ମଧ୍ୟରେ ଥିବା ବ୍ୟବଧାନ ଦୂର କରିବାର ପ୍ରୟାସର ମୌଳିକ ଉଦ୍ଦେଶ୍ୟ ପାଇଁ କେନ୍ଦ୍ରୀୟ ସହାୟତା ଦିଆଯାଏ । ଏହି ପାଣ୍ଠି, ରାଜ୍ୟଗୁଡ଼ିକ ପଠାଇଥିବା ପ୍ରସ୍ତାବ ଆଧାରରେ ଆବଣ୍ଟିତ ହୁଏ, ଯାହା କେନ୍ଦ୍ରରେ ପ୍ରକଳ୍ପ ମୂଲ୍ୟାଙ୍କନ କମିଟି ଦ୍ୱାରା ଅନୁମୋଦିତ ହୁଏ । ଆଦିବାସୀ ପରିବାରମାନଙ୍କୁ କୃଷି କାର୍ଯ୍ୟକ୍ରମ, ଉଦ୍ୟାନ କୃଷି କାର୍ଯ୍ୟକ୍ରମ, ପଶୁପାଳନ କାର୍ଯ୍ୟକ୍ରମ, କୃଷି ଯାନ୍ତ୍ରୀକକରଣ ଇତ୍ୟାଦି ଅର୍ଥନୈତିକ କାର୍ଯ୍ୟକଳାପରେ ସହାୟତା କରିବା ପାଇଁ ଆଇଜିଏସ୍ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ, ରାଜ୍ୟ, ଏହି କେନ୍ଦ୍ରୀୟ ଅନୁଦାନକୁ ଆଇଟିଡିଏ ଗୁଡ଼ିକୁ ପ୍ରେରଣ କରିଥାଏ । ଏହି ଆୟ ସୃଷ୍ଟି କରୁଥିବା କାର୍ଯ୍ୟକଳାପ ପାଇଁ ଆଇଟିଡିଏ ଲକ୍ଷ୍ୟ ଧାର୍ଯ୍ୟ ହିତାଧିକାରୀଙ୍କୁ ଯୋଗାଣ ପାଇଁ ବିଭିନ୍ନ ଯୋଗାଣକାରୀଙ୍କ ଠାରୁ ବିହନ, ସାର, କୀଟନାଶକ, ଚାଷ ଉପକରଣ ଇତ୍ୟାଦି ଇନ୍‌ପୁଟ୍ ସାମଗ୍ରୀ କ୍ରୟ କରେ ।

### *2.1.9.1 ଇଣ୍ଡେଣ୍ଟ୍ ପ୍ରସ୍ତୁତି ବିନା କ୍ରୟ ଆଦେଶ ଜାରି କରିବା*

ଦ୍ରବ୍ୟ କ୍ରୟ ପାଇଁ ନିର୍ଦ୍ଦେଶାବଳୀ (2012) ଅନୁଯାୟୀ, ଜନସେବାର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁଯାୟୀ କ୍ରୟ କରାଯିବା ଆବଶ୍ୟକ । ନିର୍ଦ୍ଦିଷ୍ଟକାଳିକ ଇଣ୍ଡେଣ୍ଟ୍ ପ୍ରସ୍ତୁତ କରାଯିବା ଉଚିତ୍ ଏବଂ କ୍ରୟ ଯୋଜନା ଅନୁଯାୟୀ ଦ୍ରବ୍ୟ/ ସାମଗ୍ରୀଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ମନୋନିତ ଯୋଗାଣକାରୀଙ୍କ ଠାରୁ ଏହିପରି ଇଣ୍ଡେଣ୍ଟ୍ ମାଧ୍ୟମରେ ପ୍ରାପ୍ତ କରାଯିବା ଉଚିତ୍ ।

ନମୁନା ଦ୍ୱାରା ଚିହ୍ନଟ ହୋଇଥିବା 11 ଟି ଆଇଟିଡିଏ ଗୁଡ଼ିକରେ ସମୀକ୍ଷା ଯାଞ୍ଚ ସମୟରେ ଲକ୍ଷ୍ୟ କରାଯାଇଛି ଯେ, 2018-23 ମଧ୍ୟରେ ସମସ୍ତ ନମୁନା ଆଇଟିଡିଏ ଗୁଡ଼ିକ 74.50 କୋଟି ଟଙ୍କା ମୂଲ୍ୟର ଇନ୍‌ପୁଟ୍ ସାମଗ୍ରୀ[29] କ୍ରୟ ପାଇଁ ଆଦେଶ ଜାରି କରିଛନ୍ତି । ଚିହ୍ନିତ ହିତାଧିକାରୀ ଯାହାଙ୍କୁ ଇନପୁଟ୍ ସାମଗ୍ରୀ ବଣ୍ଟନ ହେବା ପାଇଁ ଉଦ୍ଦିଷ୍ଟ, ତାଙ୍କଠୁ ଇଣ୍ଡେଣ୍ଟ୍ ଗ୍ରହଣ ନକରି ନମୁନାଭୁକ୍ତ ଆଇଟିଡିଏ ଦ୍ୱାରା ଏହା କିଣାଯାଇଥିଲା । ପରୀକ୍ଷା ନିରୀକ୍ଷିତ 11 ଟି ଆଇଟିଡିଏ ଦ୍ୱାରା କ୍ରୟ କରାଯାଇଥିବା ଇନ୍‌ପୁଟ୍ ସାମଗ୍ରୀର ବର୍ଷ ଅନୁଯାୟୀ ମୂଲ୍ୟ **ସାରଣୀ 2.1.9** ରେ ଦିଆଯାଇଛି ।

***ସାରଣୀ 2.1.9: ନମୁନା ଯାଞ୍ଚ ଆଇଟିଡିଏ ଦ୍ୱାରା କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ମୂଲ୍ୟ ବିବରଣୀ***

***(ପରିମାଣ ଟଙ୍କା କୋଟିରେ)***

| ଆଇଟିଡିଏର ନାମ | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ମୋଟ ମୂଲ୍ୟ | | | | |
|---|---|---|---|---|---|
| | 2018-19 | 2019-20 | 2020-21 | 2021-22 | 2022-23 |
| କୋରାପୁଟ | 0 | 0 | 5.53 | 2.62 | 1.85 |

29 ମଞ୍ଜି, ଚରା, ଜୈବିକ ଖତ, କୀଟନାଶକ, କୃଷି ଯନ୍ତ୍ରପାତି ଇତ୍ୟାଦି

| ଆଇଟିଡିଏର ନାମ | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ମୋଟ ମୂଲ୍ୟ | | | | |
|---|---|---|---|---|---|
| | **2018-19** | **2019-20** | **2020-21** | **2021-22** | **2022-23** |
| ମାଲକାନଗିରି | 0 | 0.98 | 2.34 | 3.56 | 0.74 |
| ଫୁଲବାଣୀ | 1.82 | 1.53 | 1.44 | 1.05 | 0.30 |
| ବାଲିଗୁଡ଼ା | 0 | 0.01 | 2.56 | 1.11 | 1.01 |
| ଥୁଆମୂଳ ରାମପୁର | 0.02 | 0.06 | 1.17 | 0.63 | 0.41 |
| ପାରଳାଖେମୁଣ୍ଡି | 1.45 | 0.90 | 3.23 | 2.05 | 0.50 |
| ରାଇରଙ୍ଗପୁର | 0 | 0.2 | 2.92 | 0.83 | 2.12 |
| ପାନପୋଷ | 0 | 0.19 | 0.81 | 1.26 | 0.12 |
| ନବରଙ୍ଗପୁର | 2.01 | 2.02 | 6.63 | 1.68 | 0.52 |
| ଜୟପୁର | 0.46 | 0.84 | 2.62 | 0.81 | 0.62 |
| କରଞ୍ଜିଆ | 0.58 | 0.28 | 1.97 | 3.36 | 2.78 |
| ମୋଟ | **6.34** | **7.01** | **31.22** | **18.96** | **10.97** |

***(ଉତ୍ସ: 11 ଟି ଆଇଟିଡିଏ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ସମୀକ୍ଷା ସମୟରେ ଜଣାପଡ଼ିଲା ଯେ, ଅନ୍ତର୍ନିହିତ ସର୍ବେକ୍ଷଣ, ସ୍ଥାନ ପରିଦର୍ଶନ, ହିତାଧିକାରୀଙ୍କ ଠାରୁ ଇନ୍‌ପୁଟ୍ ସାମଗ୍ରୀର ପରିମାଣ କିମ୍ବା ସଂଖ୍ୟା ପାଇଁ ଅନୁରୋଧ, ଆଦି ନଥିପତ୍ରରେ ଉପଲବ୍ଧ ନଥିଲା । ସାଇଟ୍ ଯାଞ୍ଚ ନିୟମିତ ବ୍ୟବଧାନରେ ଆଇଟିଡିଏ ଦ୍ୱାରା କରାଯିବା ଉଚିତ୍ ଥିଲା ଏବଂ ବିବରଣୀ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯିବା ଉଚିତ୍ ଥିଲା ।

ହିତାଧିକାରୀଙ୍କ ଇଣ୍ଡେଣ୍ଟ୍ର ଅନୁପସ୍ଥିତିରେ କ୍ରୟ ଅର୍ଡର ଗୁଡ଼ିକ ହିତାଧିକାରୀଙ୍କ ପ୍ରକୃତ ଆବଶ୍ୟକତା ଅନୁଯାୟୀ କିଣାଯାଇଥିଲା ଏବଂ ଅତିରିକ୍ତ କ୍ରୟ ହୋଇନଥିଲା ବୋଲି ସୁନିଶ୍ଚିତ ହୋଇପାରିନଥିଲା ।

### 2.1.9.2 *ସୀମିତ କିମ୍ବା ଖୋଲା ଟେଣ୍ଡର ବିନା ସମବାୟ ସମିତିଗୁଡ଼ିକୁ ନାମାଙ୍କନ ଆଧାରରେ ଅନିୟମିତ କ୍ରୟ ଆଦେଶ ଜାରି*

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା କ୍ରୟ ମାର୍ଗଦର୍ଶୀକା 2012 ଅନୁଯାୟୀ ଜନସାଧାରଣଙ୍କ ସ୍ୱାର୍ଥରେ ସାମଗ୍ରୀ କ୍ରୟ କରିବାର ଆର୍ଥିକ କ୍ଷମତା ସହିତ ନ୍ୟସ୍ତ ପ୍ରତ୍ୟେକ କର୍ତ୍ତୃପକ୍ଷ, ସାର୍ବଜନୀନ କ୍ରୟ ସମ୍ବନ୍ଧୀୟ କାର୍ଯ୍ୟରେ ଦକ୍ଷତା, ମିତବ୍ୟୟିତା ଏବଂ ସ୍ୱଚ୍ଛତା ଆପଣାଇବା ସହିତ ଯୋଗାଣକାରୀଙ୍କ ପ୍ରତି ନିରପେକ୍ଷ ଏବଂ ସମାନ ବ୍ୟବହାର ତଥା ସର୍ବସାଧାରଣ କ୍ରୟରେ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବାର ଦାୟିତ୍ୱ ଏବଂ ଉତ୍ତରଦାୟିତ୍ୱ ବହନ କରନ୍ତି । କେନ୍ଦ୍ରୀୟ ଭିଜିଲାନ୍ସ କମିଶନ୍, ନୂଆଦିଲ୍ଲୀଙ୍କ 06 ଅପ୍ରେଲ୍ 2021 ତାରିଖ ଦିନର ସର୍କୁଲାର ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା କିମ୍ବା ସର୍ବସାଧାରଣ ନିଲାମ କୌଣସି ସରକାରୀ ସଂସ୍ଥା ଦ୍ୱାରା ଚୁକ୍ତି ପ୍ରଦାନ ପାଇଁ ଏକ ମୌଳିକ ଆବଶ୍ୟକତା ଅଟେ । ଅନ୍ୟ କୌଣସି ପଦ୍ଧତି, ବିଶେଷ କରି ନାମାଙ୍କନ ଆଧାରରେ ଚୁକ୍ତିନାମା ସ୍ୱୀକାର କରିବା ସମ୍ବିଧାନର ଧାରା 14ର ଉଲ୍ଲଂଘନ, ଯାହା ସମସ୍ତ ଇଚ୍ଛୁକ ପକ୍ଷଙ୍କ ସମାନତା ଅଧିକାରର ଗ୍ୟାରେଣ୍ଟି ସୂଚୀତ କରେ । ପର୍ଯ୍ୟାପ୍ତ ଯଥାର୍ଥତା ବିନା, ନାମାଙ୍କନ ଆଧାରରେ ଚୁକ୍ତିନାମା/ ପ୍ରକଳ୍ପ/ କ୍ରୟ ସ୍ୱୀକାର କରିବା, ପ୍ରତିଯୋଗିତା, ନ୍ୟାୟ ଏବଂ ସମାନତା ଠାରୁ ଦୂରେଇ ରଖେ । ତେଣୁ, ଖୋଲା ପ୍ରତିଯୋଗିତାମୂଳକ ନିଲାମ ମାଧ୍ୟମରେ ଚୁକ୍ତିନାମା ସ୍ୱୀକାର କରିବା ଟେଣ୍ଡର ପଦ୍ଧତିରେ ସବୁଠାରୁ ପସନ୍ଦଯୋଗ୍ୟ ମାଧ୍ୟମ ଅଟେ ।

ଓଡ଼ିଶା ସରକାରଙ୍କ ସମବାୟ ବିଭାଗ 07 ଜୁନ୍ 2005 ତାରିଖରେ ସଂକଳ୍ପ ମାଧ୍ୟମରେ, ସରକାରୀ କ୍ରୟରେ ସ୍ୱଚ୍ଛତା ଏବଂ ମିତବ୍ୟୟିତା ଆଣିବା ହେତୁ ସରକାରୀ କାର୍ଯ୍ୟାଳୟକୁ ସାମଗ୍ରୀ ଯୋଗାଇବା ପାଇଁ ଓଡ଼ିଶା ଖାଉଟି ସମବାୟ ସଂଗଠନ[30] (ଓସିସିଏଫ୍) ଏବଂ ନିୟନ୍ତ୍ରିତ ବଜାର ପରିଷଦ (ଆରସିଏମ୍ଏସ୍)[31] ପରି ସମବାୟ ସମିତିକୁ ଦିଆଯାଇଥିବା ଅଧିକାର ପ୍ରତ୍ୟାହାର କରି ନେଇଥିଲେ । ଟେଣ୍ଡର ପ୍ରକ୍ରିୟାରେ ଏହି ସଂସ୍ଥାଗୁଡ଼ିକ ଅନ୍ୟ ଯୋଗାଣକାରୀଙ୍କ ସହ ପ୍ରତିଦ୍ୱନ୍ଦିତା କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା ।

11 ଟି ନମୁନା ଆଇଟିଡିଏରେ କିଣାଯାଇଥିବା 74.25 କୋଟି ଟଙ୍କାର ଇନ୍‌ପୁଟ୍ ସାମଗ୍ରୀ ମଧ୍ୟରୁ, 10 ଟି ଆଇଟିଡିଏ (ଜୟପୁର ବ୍ୟତୀତ) ଦ୍ୱାରା କୌଣସି ଟେଣ୍ଡର ପ୍ରକ୍ରିୟା ବିନା ଓଡ଼ିଶା ଖାଉଟି ସମବାୟ ସଂଗଠନ

---

30 ଓଡ଼ିଶା ଖାଉଟି ସମବାୟ ଫେଡେରେସନ୍

31 ଆଞ୍ଚଳିକ ସମବାୟ ବିପଣନ ସୋସାଇଟିଗୁଡ଼ିକ

(ଓସିସିଏଫ୍) ଏବଂ ନିୟନ୍ତ୍ରିତ ବଜାର ପରିଷଦ ପରି ସମବାୟ ସମିତିରୁ 54.25 କୋଟି ଟଙ୍କାର ସାମଗ୍ରୀ କିଣା ଯାଇଥିଲା । ସମବାୟ ସମିତିକୁ ଦିଆଯାଇଥିବା ସୁବିଧାର ପ୍ରତ୍ୟାହାର ସତ୍ତ୍ୱେ, ଟେଣ୍ଡର ବିନା ସେମାନଙ୍କ ଠାରୁ ଇନ୍‌ପୁଟ୍ ସାମଗ୍ରୀ କ୍ରୟ ଉପରୋକ୍ତ କ୍ରୟ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରିଥିଲା । ନମୁନା ଯାଞ୍ଚ ହୋଇଥିବା ଆଇଟିଡିଏ ଦ୍ୱାରା ସମବାୟ ସମିତିରୁ ଇନ୍‌ପୁଟ୍ ସାମଗ୍ରୀର ବିନା ଟେଣ୍ଡର ବାର୍ଷିକ କ୍ରୟ **ସାରଣୀ 2.1.10** ରେ ଦର୍ଶାଯାଇଛି ।

***ସାରଣୀ 2.1.10: ବିନା ଟେଣ୍ଡର ସମବାୟ ସମିତିରୁ ସିଧାସଳଖ ଇନ୍‌ପୁଟ ସାମଗ୍ରୀ କିଣାଯାଇଥିବା ଦର୍ଶାଉଥିବା ବିବରଣୀ***
***(ପରିମାଣ ଟଙ୍କା କୋଟିରେ)***

| ଆଇଟିଡିଏ ନାମ | 2018-19 | | 2019-20 | | 2020-21 | | 2021-22 | | 2022-23 | |
|---|---|---|---|---|---|---|---|---|---|---|
| | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ପରିମାଣ | ସମବାୟସମିତିରୁ କ୍ରୟ | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ପରିମାଣ | ସମବାୟସମିତିରୁ କ୍ରୟ | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ପରିମାଣ | ସମବାୟସମିତିରୁ କ୍ରୟ | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ପରିମାଣ | ସମବାୟସମିତିରୁ କ୍ରୟ | କ୍ରୟ ହୋଇଥିବା ଇନ୍‌ପୁଟ୍ ସାମଗ୍ରୀର ପରିମାଣ | ସମବାୟସମିତିରୁ କ୍ରୟ |
| କୋରାପୁଟ | 0 | 0 | 0 | 0 | 5.53 | 5.53 | 2.62 | 2.62 | 1.85 | 1.85 |
| ମାଲକାନଗିରି | 0 | 0 | 0.98 | 0.81 | 2.34 | 1.04 | 3.56 | 2.96 | 0.74 | 0.71 |
| ଫୁଲବାଣୀ | 1.82 | 1.82 | 1.53 | 1.53 | 1.44 | 1.44 | 1.05 | 1.05 | 0.3 | 0.3 |
| ବାଲିଗୁଡ଼ା | 0 | 0 | 0.01 | 0 | 2.56 | 2.56 | 1.11 | 1.11 | 1.01 | 1.01 |
| ଥୁଆମୂଳ ରାମପୁର | 0.02 | 0.02 | 0.06 | 0.06 | 1.17 | 1.06 | 0.63 | 0.49 | 0.41 | 0.41 |
| ପାରଳାଖେମୁଣ୍ଡି | 1.45 | 1.45 | 0.90 | 0.90 | 3.23 | 3.23 | 2.06 | 2.06 | 0.50 | 0.50 |
| ରାଇରଙ୍ଗପୁର | 0 | 0 | 0.2 | 0.2 | 2.92 | 2.92 | 0.83 | 0.83 | 2.12 | 2.12 |
| ପାନ୍‌ପୋଷ | 2.01 | 0.48 | 2.02 | 0.21 | 6.63 | 1.09 | 1.68 | 1.00 | 0.52 | 0.32 |
| ନବରଙ୍ଗପୁର | 0.00 | 0.00 | 0.19 | 0.19 | 0.81 | 0.81 | 1.26 | 1.26 | 0.12 | 0.12 |
| ଜୟପୁର | 0.46 | 0.00 | 0.84 | 0.00 | 2.62 | 0.00 | 0.81 | 0.00 | 0.62 | 0.00 |
| କରଞ୍ଜିଆ | 0.58 | 0.21 | 0.28 | 0.14 | 1.97 | 0.75 | 3.36 | 2.53 | 2.78 | 2.55 |
| **ସମୁଦାୟ** | **6.34** | **3.98** | **7.01** | **4.04** | **31.22** | **20.43** | **18.97** | **15.91** | **10.97** | **9.89** |

***(ଉତ୍ସ: 11 ଟି ଆଇଟିଡିଏ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

2018-23 ଅବଧି ମଧ୍ୟରେ କ୍ରୟ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ଏହିପରି ବ୍ୟାପକ ଏବଂ କ୍ରମାଗତ ଭାବରେ ଅନୁପାଳନ ନ କରିବାର କାରଣ ଗୁଡ଼ିକ ନଥିପତ୍ରରେ ଉପଲବ୍ଧ ନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଆଇଟିଡିଏ ତରଫରୁ ଇନ୍‌ପୁଟ୍ ସାମଗ୍ରୀ କ୍ରୟ ପାଇଁ ଯୋଗାଣକାରୀଙ୍କୁ ସୂଚୀଭୁକ୍ତ କରିବା ପାଇଁ କିମ୍ବା କୌଣସି ଆନୁଷ୍ଠାନିକ ବଜାର ସର୍ବେକ୍ଷଣ, ସାମୟିକ ମୂଲ୍ୟ କୋଟେସନ୍ ପ୍ରାପ୍ତି, ସରକାରୀ ଇ-ମାର୍କେଟ୍ ପ୍ଲେସ୍ ପରି ସାର୍ବଜନୀନ କ୍ଷେତ୍ର ସଂସ୍ଥା ଦ୍ୱାରା ପ୍ରକାଶିତ ତାଲିକା ପରୀକ୍ଷା ଇତ୍ୟାଦି ଦ୍ୱାରା, ଇନ୍‌ପୁଟ୍ ସାମଗ୍ରୀର ସୁଲଭ ବଜାର ଦର ନିଶ୍ଚିୟ କରିବା ପାଇଁ କୌଣସି ପ୍ରୟାସ କରାଯାଇ ନଥିଲା । ସମବାୟ ସମିତି ଦ୍ୱାରା ପ୍ରଦାନ କରାଯାଇଥିବା ସାମଗ୍ରୀଗୁଡ଼ିକର ମୂଲ୍ୟ ମୋଟାମୋଟି ଭାବରେ ଆଇଟିଡିଏ ଦ୍ୱାରା ଗ୍ରହଣ କରାଯାଇ ଦେୟ ପ୍ରଦାନ କରାଯାଇଥିଲା ।

ପୁନଶ୍ଚ, ସମବାୟ ସମିତିଗୁଡ଼ିକ ପ୍ରକୃତରେ ସେମାନଙ୍କ ସଦସ୍ୟଙ୍କ ଠାରୁ ଇନ୍‌ପୁଟ୍ ସାମଗ୍ରୀ ପ୍ରାପ୍ତ କରିନଥିଲେ । ସେମାନେ ପ୍ରତିବଦଳରେ କୌଣସି ଟେଣ୍ଡର ପଦ୍ଧତି ଅନୁସରଣ ନକରି ମନୋନୟନ ମାଧ୍ୟମରେ ଘରୋଇ ବିକ୍ରେତାମାନଙ୍କୁ କ୍ରୟ ଆଦେଶ ପ୍ରଦାନ କରିଥିଲେ, ଯେଉଁମାନେ ପ୍ରକୃତ ଚୂଡ଼ାନ୍ତ ଯୋଗାଣକାରୀ ଥିଲେ । ଯେଉଁ ଆଧାରରେ ଏହି ପ୍ରକୃତ ବେସରକାରୀ ଯୋଗାଣକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ସମବାୟ ସମିତି ଏବଂ ପରିଶେଷରେ ଆଇଟିଡିଏ ଦ୍ୱାରା ଗ୍ରହଣ କରାଯାଇଥିଲା, ତାହା ନଥିପତ୍ରରେ ଉଲ୍ଲେଖ ନଥିଲା । ଟେଣ୍ଡର ନହେବା କାରଣରୁ ସେମାନେ ସାମଗ୍ରୀ ଗୁଡ଼ିକର କୌଣସି ମୂଲ୍ୟ ତାଲିକା ବଜାୟ ରଖିନଥିଲେ ଏବଂ ବେସରକାରୀ ଯୋଗାଣକାରୀଙ୍କ ଠାରୁ କିଣାଯାଇଥିବା ସାମଗ୍ରୀର ମୂଲ୍ୟ ଉପରେ ସେମାନଙ୍କ କମିଶନ ବାବଦକୁ ଦୁଇରୁ ପାଞ୍ଚ ପ୍ରତିଶତ ଯୋଗ କରି ଇଣ୍ଡେଣ୍ଟ୍ ହୋଇଥିବା ସାମଗ୍ରୀ ପାଇଁ ଆଇଟିଡିଏ ଗୁଡ଼ିକୁ ଚାର୍ଜ କରିଥିଲେ ।

ମନୋନୀତ ଆଧାରରେ ଏହିପରି କ୍ରୟ 2018-23 ଅବଧି ମଧ୍ୟରେ ଦଶଟି ନମୁନାଭୁକ୍ତ ଆଇଟିଡିଏ (ଆଇଟିଡିଏ, ଜୟପୁର ବ୍ୟତୀତ) ମାନଙ୍କ ମଧ୍ୟରେ 54.25 କୋଟି ଟଙ୍କାର କାରବାର ହୋଇଥିଲା । ଏହା ଘୋର ଅନିୟମିତତା ଏବଂ ଆଇଟିଡିଏ କର୍ମଚାରୀଙ୍କର ଅସାଧୁ କାରବାରକୁ ସୂଚିତ କରୁଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ଏସ୍ଏସ୍‌ଡି ବିଭାଗ (ଅଗଷ୍ଟ 2024) ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଲେ ଯେ କ୍ରୟ ପଦ୍ଧତିକୁ ଏକ ସ୍ୱଚ୍ଛ ଏବଂ ପ୍ରତିଯୋଗିତାପୂର୍ଣ୍ଣ କ୍ରୟ ପ୍ରକ୍ରିୟାରେ ବଦଳାଯିବ ।

**ସୁପାରିଶ 2.1.6:**

***ଏସ୍ଏସ୍‌ଡି ବିଭାଗ ଇଣ୍ଡେଣ୍ଟ୍ ପ୍ରସ୍ତୁତ ନ କରି ଆୟ ସୃଷ୍ଟିକାରୀ ଯୋଜନା ଗୁଡିକ ପାଇଁ ଇନ୍‌ପୁଟ୍ ସାମଗ୍ରୀ କିଣିବା ପାଇଁ ଦାୟୀ ଥିବା ସରକାରୀ କର୍ମଚାରୀଙ୍କ ଉପରେ ସମୀକ୍ଷା କରି ଦାୟିତ୍ୱ ନିର୍ଦ୍ଧାରଣ କରନ୍ତୁ ।***

**ସୁପାରିଶ 2.1.7:**

***ଏସ୍ଏସ୍‌ଡି ବିଭାଗ ସୁନିଶ୍ଚିତ କରନ୍ତୁ ଯେ ଆଇଟିଡିଏମାନେ ଓଜିଏଫ୍‌ଆର୍‌ର ବ୍ୟବସ୍ଥାକୁ ପାଳନ କରିବେ, ଯାହା ଦ୍ୱାରା ଆୟ ସୃଷ୍ଟିକାରୀ ଯୋଜନାଗୁଡିକ ପାଇଁ ଇନପୁଟ୍ ସାମଗ୍ରୀ କ୍ରୟ ମିତବ୍ୟୟିତା ଏବଂ ଦକ୍ଷତାର ସହିତ ହୋଇପାରିବ ।***

### *2.1.9.3 ମୂଲ୍ୟ / କୃଷି ମାନକ ଅନୁପାଳନ ନକରିବା*

ସମ୍ମିଳିତ ଜୀବିକା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏସ୍ଏସ୍‌ଡି ବିଭାଗ ଏସ୍‌ସିଏ ଅଧୀନରେ ଥିବା ଟିଏସ୍ଏସ୍ ପାଣ୍ଠିର ଉପଯୋଗ ପାଇଁ ନିର୍ଦ୍ଦେଶନାମା (ଡିସେମ୍ବର 2019) ଜାରି କରିଥିଲା । ବିଭିନ୍ନ କୃଷି ଇନପୁଟ୍ ସାମଗ୍ରୀ କ୍ରୟ ପାଇଁ ମୂଲ୍ୟ ଆକଳନ ପ୍ରସ୍ତୁତି ନିମନ୍ତେ ସଂପୃକ୍ତ ଲାଇନ୍ ବିଭାଗର ବିଦ୍ୟମାନ ମୂଲ୍ୟ ନିୟମାବଳୀ ଅନୁସରଣ କରାଯିବ ବୋଲି ନିର୍ଦ୍ଦେଶନାମା ମଧ୍ୟ ପ୍ରଦାନ କରାଯାଇଥିଲା । ସମୀକ୍ଷାରେ ଦେଖାଗଲା ଯେ, ଆଇଟିଡିଏ, ଫୁଲବାଣୀ ମୂଲ୍ୟ ମାନକ, ଅର୍ଥାତ୍, ବିଭିନ୍ନ ଫସଲ ଯଥା ଚିନାବାଦାମ, କଳା ଚାଉଳ, ମିଠା ମକା, ହାଇବ୍ରିଡ୍ ମକା, ସୂର୍ଯ୍ୟମୁଖୀ, ଅଦା ଇତ୍ୟାଦି ବିଭିନ୍ନ କୃଷି ଇନପୁଟ୍ ସାମଗ୍ରୀର ମୂଲ୍ୟ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗରୁ ପାଇଥିଲେ (ମଇ 2021) । ପ୍ରକାଶ ଥାଉକି, ଆରସିଏମ୍ଏସ୍, ରାୟଗଡ଼ା ଏବଂ ଓସିସିଏଫ୍, ଫୁଲବାଣୀରୁ ପ୍ରକୃତ ମୂଲ୍ୟ ଠାରୁ ଢେର୍ ଅଧିକ ମୂଲ୍ୟରେ କ୍ରୟ କରାଯାଇଥିଲା, ଯାହାଦ୍ୱାରା ଅଧିକ ଦେୟ 13.10 ଲକ୍ଷ ଟଙ୍କା ପଇଠ କରାଯାଇଥିଲା ।

ଏହା ବ୍ୟତୀତ, ଅଡିଟ୍ ଲକ୍ଷ୍ୟ କରିଲେ ଯେ, 2021-22 ବର୍ଷ ପାଇଁ କଳା ଚାଉଳ ଏବଂ ସୁଗନ୍ଧିତ ଚାଉଳ ଚାଷ ପାଇଁ ଇନପୁଟ ସାମଗ୍ରୀ କ୍ରୟ ପାଇଁ 22 ଜୁନ 2021 ରେ ଆର୍‌ସିଏମ୍ଏସ୍, ରାୟଗଡ଼ାକୁ ବରାଦ ଦିଆଯାଇଥିଲା ଏବଂ ବିଭିନ୍ନ କୃଷି ସାମଗ୍ରୀର ମୂଲ୍ୟ ମାନଦଣ୍ଡ/ ଦର ଚାର୍ଟ ସେମାନଙ୍କ ଦ୍ୱାରା ଗୋଟିଏ ଦିନ ପରେ, ଅର୍ଥାତ୍ 23 ଜୁନ୍ 2021 ରେ ଦାଖଲ କରାଯାଇଥିଲା । ଯଦିଓ ଆର୍‌ସିଏମ୍ଏସ୍, ରାୟଗଡ଼ାର ସାମଗ୍ରୀ ପାଇଁ ଉଦ୍ଧୃତ ମୂଲ୍ୟ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ସ୍ଥିର କରାଯାଇଥିବା ମାନକ/ ଦର ତାଲିକା ଠାରୁ ଅଧିକ ଥିଲା, ତେବେ ବି ଆର୍‌ସିଏମ୍ଏସ୍ ରାୟଗଡ଼ାକୁ ଅର୍ଡର ଦିଆଯାଇଥିଲା । ପିଏ, ଆଇଟିଡିଏ, ଫୁଲବାଣୀ 2021-22 ବର୍ଷ ପାଇଁ କଳା ଚାଉଳ ଏବଂ ସୁଗନ୍ଧିତ ଚାଉଳ ଚାଷ ପାଇଁ ଇନ୍‌ପୁଟ୍ ସାମଗ୍ରୀ କ୍ରୟର ଏକ ଇନ୍‌ଭଏସ୍ କପି ତାଲିକା, ଅଡିଟ୍ ନିକଟରେ ଦାଖଲ କରିବାରେ ବିଫଳ ହୋଇଥିଲେ, ଯାହା ବିନା ସାମଗ୍ରୀର ଦର ଏବଂ କ୍ରୟ ସାମଗ୍ରୀର ମୂଲ୍ୟ ନିର୍ଣ୍ଣୟ କରାଯାଇପାରିଲା ନାହିଁ । ତେଣୁ, ଏପରି କ୍ରୟ ସନ୍ଦେହଜନକ ଥିଲା ।

ଆଇଟିଡିଏ ଏବଂ ସମବାୟ ସମିତିମାନେ, ବେସରକାରୀ ଯୋଗାଣକାରୀମାନଙ୍କୁ ଅନୁଚିତ୍ ଆର୍ଥିକ ଲାଭ ପହଞ୍ଚାଇଛନ୍ତି ନା ନାହିଁ ଜାଣିବା ନିମିତ୍ତ, ଅଡିଟ୍ ଇନ୍‌ଭଏସ୍‌ରେ ଦର୍ଶାଯାଇଥିବା ମୂଲ୍ୟକୁ ପ୍ରକୃତ ବେସରକାରୀ ଯୋଗାଣକାରୀଙ୍କ ଦ୍ୱାରା ଦେଇଥିବା ପ୍ରମାଣ ଯାଞ୍ଚ କରିଥିଲା ।

ଅଡିଟ୍ 2018-23 ମଧ୍ୟରେ ଆଇଟିଡିଏ ଦ୍ୱାରା ଇନ୍‌ପୁଟ୍ ସାମଗ୍ରୀ ଯୋଗାଣ ପାଇଁ ଦେୟ ପ୍ରଦାନ କରାଯାଇଥିବା 200 ଇନ୍‌ଭଏସ୍ ଯାଞ୍ଚ କରିଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ ଆଇଟିଡିଏ, ମାଲକାନଗିରି ଏବଂ ଆଇଟିଡିଏ ଫୁଲବାଣୀର 10 ଟି ଇନ୍‌ଭଏସ୍‌ରେ ତିନିଟି ଇନ୍‌ପୁଟ୍ ସାମଗ୍ରୀ (ମାଇକ୍ରୋନ୍ୟୁଟ୍ରିଏଣ୍ଟ୍‌ସ୍, ଭର୍ମିକମ୍ପୋଷ୍ଟ ଏବଂ ନିମ୍ କେକ୍) ର ମୂଲ୍ୟ, ବଜାର ମୂଲ୍ୟ[32] ଠାରୁ 1.64 ରୁ 5.1 ଗୁଣ ଅଧିକ ଥିଲା । ଫଳସ୍ୱରୂପ, 54.24 ଲକ୍ଷ ଟଙ୍କା (ମୋଟ କ୍ରୟ) ମଧ୍ୟରୁ 30.53 ଲକ୍ଷ ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ।

ଅଡିଟ୍, ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଜିଇଏମ୍ ପରିବର୍ତ୍ତେ ସମବାୟ ସମିତିରୁ କ୍ରୟ ହେତୁ ଇନ୍‌ପୁଟ୍ ସାମଗ୍ରୀ ଯୋଗାଣ ଦିଗରେ ଦୁଇଟି ଆଇଟିଡିଏ ଦ୍ୱାରା 30.53 ଲକ୍ଷ ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଛି ଯାହାକି **ସାରଣୀ 2.1.11** ରେ ବିସ୍ତୃତ ଭାବରେ ଦିଆଯାଇଛି ।

***ସାରଣୀ 2.1.11: ସୁଲଭ ବଜାର ଦର ଠାରୁ ଚଢା ଦରରେ ଇନ୍‌ପୁଟ୍ ସାମଗ୍ରୀ କ୍ରୟ ବାବଦକୁ ଅଧିକ ଦେୟ ପ୍ରଦାନ***

| କ୍ର.ସଂ. | ଆଇଟିଡିଏ | ନାମାଙ୍କନ ଆଧାରରେ ଯେଉଁ ସଂସ୍ଥାର ସର୍ବାଧିକ ପରିମାଣର କ୍ରୟ ଆଦେଶ ଦିଆଯାଇଥିଲା ସେହି ସଂସ୍ଥାର ନାମ | ନ୍ୟାୟଯୁକ୍ତ ବଜାର ମୂଲ୍ୟଠାରୁ ଅଧିକ ମୂଲ୍ୟ ହେତୁ ଇନ୍‌ପୁଟ୍ ସାମଗ୍ରୀର ଯୋଗାଣ କ୍ଷେତ୍ରରେ ଅଧିକ ଦିଆଯାଇଥିବା ରାଶି (ଟଙ୍କାରେ) |
|---|---|---|---|
| 1 | ଆଇଟିଡିଏ, ମାଲକାନଗିରି | ଓସିସିଏଫ୍ ଜୟପୁର, ଓସିସିଏଫ୍ ଭୁବନେଶ୍ୱର ଏବଂ ଆର୍‌ସିଏମ୍‌ଏସ୍ ଭୁବନେଶ୍ୱର | 22,12,640 |
| 2 | ଆଇଟିଡିଏ, ଫୁଲବାଣୀ | ଓସିସିଏଫ୍ ଫୁଲବାଣୀ, ଓସିସିଏଫ୍ ଭୁବନେଶ୍ୱର ଏବଂ ଆର୍‌ସିଏମ୍‌ଏସ୍ ରାୟଗଡ଼ା | 8,40,150 |
| | | ମୋଟ | **30,52,790** |

***(ଉତ୍ସ: ଆଇଟିଡିଏରୁ ପ୍ରାପ୍ତ ତଥ୍ୟ)***

ମୂଲ୍ୟ ବ୍ୟତୀତ, ଅଡିଟ୍ ପ୍ରକୃତରେ ବରାଦ ଅନୁସାରେ ଯୋଗାଣ ପରିମାଣ ଉପରେ ନିଶ୍ଚିତତା ହେବା ପାଇଁ ପ୍ରୟାସ କରିଥିଲା । ମାତ୍ର ଆଇଟିଡିଏ କ୍ରୟ ବରାଦ ଅନୁସାରେ ନିର୍ଦ୍ଦିଷ୍ଟ ପରିମାଣ ସାମଗ୍ରୀ କିଣିବା ବାବଦକୁ କୌଣସି ଡକ୍ୟୁମେଣ୍ଟାରୀ ପ୍ରମାଣ, ଯେପରିକି ସ୍ୱାକ୍ଷରିତ ଡେଲିଭରୀ ଚାଲାଣ କିମ୍ବା ସ୍ୱାକ୍ଷରିତ ଷ୍ଟକ୍ ଚାଲାଣ ଇତ୍ୟାଦି ରଖି ନଥିଲେ । ଏହା ଏକ ପ୍ରମୁଖ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ତ୍ରୁଟି ଥିଲା ଏବଂ ଆଇଟିଡିଏ ଅଧିକାରୀମାନଙ୍କର ଚରମ ଅବହେଳାର ପ୍ରତିଫଳନ ଥିଲା ।

ଫଳସ୍ୱରୂପ, ଆଇଟିଡିଏ ଦ୍ୱାରା ପ୍ରଦାନ କରାଯାଇଥିବା ଦେୟ ବାବଦକୁ ଇନ୍‌ଭଏସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣ ପ୍ରକୃତରେ ଯୋଗାଇ ଦିଆଯାଇଛି କି ନାହିଁ ତାହା ଉପରେ ଅଡିଟ୍ ନିଶ୍ଚିତ ହେବାକୁ ଅସମର୍ଥ ହୋଇଥିଲା ।

**ସୁପାରିଶ 2.1.8**:

***ଏସ୍‌ଏସ୍‌ଡି ବିଭାଗ, ଆଇଟିଡିଏ ଏବଂ ଆୟ ସୃଷ୍ଟିକାରୀ ଯୋଜନା ଦ୍ୱାରା ସମ୍ପାଦିତ କାର୍ଯ୍ୟର ନିୟମିତ ଯାଞ୍ଚ ଦ୍ୱାରା ଆଇନ୍‌ଗତ ବ୍ୟବସ୍ଥା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀର ଉଚ୍ଚ ସ୍ତରର ଅନୁପାଳନ ସୁନିଶ୍ଚିତ କରିପାରିବେ ।***

### 2.1.10 ଅନ୍ୟାନ୍ୟ ପ୍ରସଙ୍ଗ

#### *2.1.10.1 ବାଦ୍ୟଯନ୍ତ୍ର ଏବଂ ପୋଷାକ କ୍ରୟରେ ଅନିୟମିତତା*

ଯୋଜନା ଓ ସଂଯୋଜନ ବିଭାଗ (ସେପ୍ଟେମ୍ବର 2017) ସଂକଳ୍ପ[33] ଅନୁଯାୟୀ, ପ୍ରତ୍ୟେକ କାର୍ଯ୍ୟକ୍ରମ କିମ୍ବା ଯୋଜନା/ ପ୍ରକଳ୍ପ/ କାର୍ଯ୍ୟର ପ୍ରଶାସନିକ ଅନୁମୋଦନ (ଏଏ) କୁ ସ୍ୱତନ୍ତ୍ର ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପ୍ରଦାନ କରିବା ଉଚିତ୍ (ଯଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟର) । ଓଡ଼ିଶା ସରକାରଙ୍କ କ୍ରୟ ମାର୍ଗଦର୍ଶିକା (ଫେବୃଆରୀ 2012) ର ଅନୁଚ୍ଛେଦ 3(i) ରେ ଉଲ୍ଲେଖ ଅଛି ଯେ, କ୍ରୟକାରୀ ସଂଗଠନଗୁଡିକର

32 କ୍ରୟ ଆଦେଶ ସମୟରେ ଇନ୍‌ପୁଟ୍ ସାମଗ୍ରୀର ସରକାରୀ ଇ-ବଜାର ମୂଲ୍ୟ ସହ ତୁଳନାରେ ହୋଇଥିବା ସୂଚୀ

33 ରିଜୋଲୁସନ୍ ନମ୍ବର 12060

ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ରୟ କରାଯିବାକୁ ଥିବା ସାମଗ୍ରୀର ପରିମାଣ ସହିତ ଗୁଣବତ୍ତା, ପ୍ରକାର ଇତ୍ୟାଦି ବିଷୟରେ ନିର୍ଦ୍ଦିଷ୍ଟକରଣ ସ୍ୱଷ୍ଟ ଭାବରେ ଲେଖାଯିବା ଉଚିତ୍ । ଓଜିଏଫ୍ଆର୍‌ର ନିୟମ 100, (ଭଲ୍ୟୁମ୍-I) ସହମତି ପ୍ରଦାନ କରେ ଯେ, ସାମଗ୍ରୀ ଗୁଡିକ ଗ୍ରହଣ କରୁଥିବା ଅଧିକାରୀଙ୍କୁ ମଧ୍ୟ ଏକ ସାର୍ଟିଫିକେଟ୍ ଦେବାକୁ ପଡିବ ଯେ ପ୍ରକୃତରେ ସାମଗ୍ରୀ ଗୁଡିକୁ ଗ୍ରହଣ କରିଛନ୍ତି ଏବଂ ସେଗୁଡିକୁ ଉପଯୁକ୍ତ ଷ୍ଟକ୍ ରେଜିଷ୍ଟରରେ ଉଲ୍ଲେଖ କରିଛନ୍ତି ।

ଅଡିଟ୍ ଲକ୍ଷ୍ୟ କରିଛି ଯେ ପାରଳାଖେମୁଣ୍ଡି ଆଇଟିଡିଏର ସ୍ୱତନ୍ତ୍ର ବିକାଶ ପରିଷଦ[34] ଆଦିବାସୀ ସାଂସ୍କୃତିକ ଦଳ ପାଇଁ ପାରମ୍ପରିକ ପୋଷାକ, ଅଳଙ୍କାର ଏବଂ ବାଦ୍ୟଯନ୍ତ୍ର କ୍ରୟ ପାଇଁ 73.60 ଲକ୍ଷ ଟଙ୍କାର ପ୍ରଶାସନିକ ଅନୁମୋଦନ ଦେଇଛନ୍ତି (ଜୁଲାଇ 2018) । ସେହି ଅନୁଯାୟୀ ପିଏ, ଆଇଟିଡିଏ (ଜାନୁଆରୀ 2019) ମୂଲ୍ୟ କୋଟେସନ୍ ଆମନ୍ତ୍ରଣ କଲେ ଏବଂ ଉପରୋକ୍ତ ସାମଗ୍ରୀ ଯୋଗାଣ ପାଇଁ ମେସର୍ସ ନାୟକ ଆସୋସିଏଟ୍ସ୍, କଟକକୁ ମନୋନୀତ କଲେ ଏବଂ ମନୋନୀତ ଯୋଗାଣକାରୀଙ୍କୁ ଏକ କ୍ରୟ ଅର୍ଡର ଦିଆଯାଇଥିଲା (ଫେବୃଆରୀ 2019) । ସାମଗ୍ରୀ ଗୁଡିକ ଗ୍ରହଣ କରାଯାଇଥିଲା ଏବଂ ଜୁନ୍ 2019 ରୁ ଫେବୃଆରୀ 2020 ମଧ୍ୟରେ 1.64 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଅନ୍ୟ ଏକ ଆଦେଶ (ଫେବୃଆରୀ 2020) ଦ୍ୱାରା ସମାନ ଯୋଗାଣକାରୀଙ୍କ ସହିତ ପୂର୍ବ ଚୟନ ଆଧାରରେ, ଟେଣ୍ଡର ଆମନ୍ତ୍ରଣ ନ କରି, 1.18 କୋଟି ଟଙ୍କା ମୂଲ୍ୟର ସମାନ ସାମଗ୍ରୀ ଯୋଗାଣ ପାଇଁ ଦିଆଯାଇଥିଲା ।

ଏହାପରେ ମଇ 2021 ରୁ ସେପ୍ଟେମ୍ବର 2021 ମଧ୍ୟରେ ସମାନ ଯୋଗାଣକାରୀଙ୍କ ଠାରୁ 91.19 ଲକ୍ଷ ଟଙ୍କା ମୂଲ୍ୟର ସମାନ ସାମଗ୍ରୀ କ୍ରୟ କରାଯାଇଥିଲା, ଯେଉଁଥିପାଇଁ କୌଣସି ଆଦେଶ ଦିଆଯାଇନଥିଲା । ଏହି ତିନିଟି ଅର୍ଡରରେ ସମାନ ମୂଲ୍ୟରେ ସମାନ ଦ୍ରବ୍ୟ ପାଇଁ ଦେୟ ପ୍ରଦାନ କରାଯାଇଥିଲା ।  ଏହିପରି ପ୍ରକଳ୍ପ ପ୍ରଶାସକ 3.74 କୋଟି ଟଙ୍କା ମୂଲ୍ୟର ଦ୍ରବ୍ୟ କ୍ରୟ କଲେ, ଯେଉଁଥିରେ ନୂତନ ଟେଣ୍ଡର ଆମନ୍ତ୍ରଣ ନ କରି, ଦୁଇଟି ପୁନରାବୃତ୍ତି ଅର୍ଡର ମାଧ୍ୟମରେ, କିଣାଯାଇଥିବା 2.09 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ଅନ୍ତର୍ଭୁକ୍ତ ।

ଅଡିଟ୍ ଲକ୍ଷ୍ୟ କଲେ ଯେ:

- ପ୍ରକଳ୍ପ ପ୍ରଶାସକ 73.60 ଲକ୍ଷ ଟଙ୍କାର ପ୍ରଶାସନିକ ଅନୁମୋଦନ ଥିବା ସତ୍ତ୍ୱେ 3.74 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ କଲେ ।
- ଦ୍ୱିତୀୟ ଏବଂ ତୃତୀୟ ଦଫାରେ  2.09 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ କରିବାରେ ଗ୍ରହଣ କରାଯାଇଥିବା ପଦ୍ଧତି ଧାର୍ଯ୍ୟ କ୍ରୟ ପ୍ରକ୍ରିୟା ଅନୁଯାୟୀ କରାଯାଇନଥିଲା କିମ୍ବା ସେଥିପାଇଁ କ୍ଷମତାସମ୍ପନ୍ନ ଅଧିକାରୀଙ୍କ ପ୍ରଶାସନିକ ଅନୁମୋଦନ ନ ଥିଲା ।
- ଜାନୁଆରୀ 2019 ରେ ଯେଉଁ ଟେଣ୍ଡର ଆହ୍ୱାନ କରାଯାଇଥିଲା, ସେଥିରେ କ୍ରୟ ମାର୍ଗଦର୍ଶିକା (ଫେବୃଆରୀ 2012) ର ବ୍ୟବସ୍ଥା ଅନୁଯାୟୀ ଗୁଣବତ୍ତା ଏବଂ ପରିମାଣ ଦୃଷ୍ଟିରୁ ଉତ୍ପାଦ ନିର୍ଦ୍ଦିଷ୍ଟକରଣର ବିବରଣୀ ଉଲ୍ଲେଖ ନ ଥିଲା ।
- ପ୍ରକଳ୍ପ ପ୍ରଶାସକ ଉପରୋକ୍ତ କ୍ରୟ ବାବଦକୁ ଯୋଗାଣକାରୀଙ୍କ ଠାରୁ ପ୍ରାପ୍ତ ସାମଗ୍ରୀ ଗୁଡିକର କୌଣସି ଷ୍ଟକ୍ ରେଜିଷ୍ଟର ପ୍ରସ୍ତୁତ କରିନଥିଲେ । ସେହିଭଳି ଶେଷ ଉପଭୋକ୍ତା ସଂସ୍ଥା ଗୁଡିକର ସ୍ୱୀକୃତି ଓ ସେମାନଙ୍କୁ ସାମଗ୍ରୀ ପ୍ରଦାନର ବିବରଣୀ ରେକର୍ଡରେ ମିଳିଲା ନାହିଁ । ଷ୍ଟକ୍ ଏବଂ ଇସ୍ୟୁ ରେଜିଷ୍ଟର ଉପଲବ୍ଧ ନଥିବାରୁ ଅଡିଟ୍ ନିଶ୍ଚିତତା ହାସଲ କରିବାରେ ଅସମର୍ଥ ହେଲା ଯେ କ୍ରୟ ହୋଇଥିବା ଦ୍ରବ୍ୟଗୁଡିକର ପରିମାଣ, ପ୍ରକୃତରେ ଗ୍ରହଣ କରାଯାଇଥିଲା ଏବଂ ଶେଷ ଉପଭୋକ୍ତା ସଂସ୍ଥାଗୁଡିକୁ ଦିଆଯାଇଥିଲା ।

ଅଡିଟ୍ ଦ୍ୱାରା ସୂଚିତ କରାଯିବା ପରେ ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି ଏ ସଂପର୍କରେ ତଦନ୍ତ କରିଥିଲେ । ଉପ-ଜିଲ୍ଲାପାଳ ତାଙ୍କ ଅନୁସନ୍ଧାନ ରିପୋର୍ଟରେ କ୍ରୟ ପାଇଁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନଥିବାର ତଥ୍ୟ ସୁନିଶ୍ଚିତ କରିଛନ୍ତି (ମାର୍ଚ୍ଚ 2023) ଏବଂ ଷ୍ଟକ୍‌ର ସଠିକ୍ ତଥ୍ୟ ରେଜିଷ୍ଟର ରେ ଉଲ୍ଲେଖ ନ ହୋଇଥିବା ଏବଂ କ୍ରୟ

[34] ଆଦିବାସୀ ସଂସ୍କୃତିର ସଂରକ୍ଷଣ, ପ୍ରୋତ୍ସାହନ ଏବଂ ପ୍ରଚାରର ଉଦ୍ଦେଶ୍ୟ ସହିତ ଓଡ଼ିଶାର ନଅଟି ଆଦିବାସୀ ପ୍ରାଧାନ୍ୟ ଜିଲ୍ଲାରେ ପ୍ରତିଷ୍ଠିତ

ହୋଇଥିବା ସାମଗ୍ରୀର ରସିଦ୍ ଏବଂ ବ୍ୟବହାର ପାଇଁ ପ୍ରଦାନ କରିବା ରେଜିଷ୍ଟର ଦାଖଲ ନ କରିବା ଏବଂ ବାଦ୍ୟଯନ୍ତ୍ରର ଗୁଣବତ୍ତା ଉପରେ ଡକ୍ୟୁମେଣ୍ଟ୍‌ଗୁଡିକର ଉପଲବ୍ଧତା ନ ଥିବା ତଥ୍ୟ ଯାହା ଅଡିଟ୍ ଦ୍ୱାରା ଦର୍ଶାଯାଇଥିଲା ତାହାକୁ ସୁନିଶ୍ଚିତ କଲେ ।

ଏସ୍ଏସ୍‌ଡି ବିଭାଗ (ଅଗଷ୍ଟ 2024) ପ୍ରସ୍ଥାନ ସମ୍ମିଳନୀରେ ଦର୍ଶାଇଲେ ଯେ ସେମାନେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଡିଟ୍ ପର୍ଯ୍ୟବେକ୍ଷଣକୁ ପରୀକ୍ଷା କରୁଛନ୍ତି, ଯାହା ପରେ ଅଡିଟ୍‌କୁ ଯଥା ସମୟରେ ଜଣାଇଦିଆଯିବ । ବିଭାଗ, ରିପୋର୍ଟରେ ଦିଆଯାଇଥିବା ସମସ୍ତ ନଅଟି ସୁପାରିଶକୁ ଗ୍ରହଣ କରିଥିବା ଜଣାଇଥିଲେ ଏବଂ କହିଥିଲେ ଯେ ଦୁଇଟି ସୁପାରିଶ (ସୁପାରିଶ 2.1.1 ଏବଂ 2.1.2) ସମ୍ବନ୍ଧରେ ଅନୁପାଳନ କାର୍ଯ୍ୟ ପୂର୍ବରୁ ନିଆଯାଇ ସାରିଛି ।

***ସୁପାରିଶ 2.1.9:***

***ପ୍ରଶାସନିକ ଅନୁମୋଦନ ଠାରୁ ଅଧିକ ସାମଗ୍ରୀ କିଣିବା ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ଯୋଗାଣକାରୀଙ୍କୁ କ୍ରୟ ଆଦେଶ ଦେବା ପାଇଁ ଏସ୍ଏସ୍‌ଡି ବିଭାଗ ଦାୟିତ୍ୱ ନିର୍ଦ୍ଧାରଣ କରି ପ୍ରକଳ୍ପ ପ୍ରଶାସକଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ।***

## 2.2 ଆଇଟିଡିଏ, କପ୍ତିପଦାରେ ରବର ଚାଷରେ ଅନିୟମିତତା

**ରବର ଚାଷର ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ପାଣ୍ଠିର ସନ୍ଦେହଜନକ ଆତ୍ମସାତ୍ ହେତୁ 179.43 ଏକରରୁ ଅଧିକ ଜମିରେ ରବର ବୃକ୍ଷରୋପଣ ବିଫଳ ହୋଇଥିଲା ଏବଂ ଫଳସ୍ୱରୂପ ବୃକ୍ଷରୋପଣ ପାଇଁ କରାଯାଇଥିବା 1.93 କୋଟି ଟଙ୍କା ବ୍ୟର୍ଥ ଖର୍ଚ୍ଚରେ ପରିଣତ ହେଲା । ଏହା ବ୍ୟତୀତ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ନ କରିବା କାରଣରୁ ରବର ପ୍ରକ୍ରିୟାକରଣ ପାଇଁ 17.71 କୋଟି ଟଙ୍କା ବ୍ୟୟରେ କରାଯାଇଥିବା ଚାରିଟି ବୃକ୍ଷରୋପଣ ସ୍ଥଳରୁ ଅଠା ସଂଗ୍ରହ କରାଯାଇପାରିନଥିଲା, ଯାହା ଦ୍ୱାରା ହିତାଧିକାରୀମାନେ ଆଶା କରିଥିବା ଆୟରୁ ବଞ୍ଚିତ ହୋଇଥିଲେ ।**

ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସହିତ ସମନ୍ୱୟ ମାଧ୍ୟମରେ ରବର ବୃକ୍ଷରୋପଣ ଉପରେ ମାର୍ଗଦର୍ଶିକା ଜାରି କରାଯାଇଥିଲା । ସେହି ମାର୍ଗଦର୍ଶିକା (ଅଗଷ୍ଟ 2023) ଅନୁଯାୟୀ, ଯେଉଁ ଅଞ୍ଚଳର ମାଟି/ ଜଳବାୟୁ ଆବସ୍ଥା ରବର ଚାଷ ପାଇଁ ଅନୁକୂଳ ଥାଏ, ସେହି ଅଞ୍ଚଳରେ ରବର ଚାଷ କରାଯିବା ଉଚିତ୍ । ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ରବର ବୋର୍ଡ[35], ରବର ଚାଷ ପାଇଁ ଉପଯୁକ୍ତ ଜମି ଚିହ୍ନଟ ପ୍ରକ୍ରିୟା ଏବଂ ବୃକ୍ଷରୋପଣ ପାଇଁ ଜ୍ଞାନକୌଶଳ ଆଧାରିତ ସମ୍ଭାବନାକୁ ଆକଳନ କରିବାରେ ସହଯୋଗର ହାତ ବଢାନ୍ତି । ସାତ ବର୍ଷ ପାଇଁ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ରବର ବୃକ୍ଷରୋପଣର ରକ୍ଷଣାବେକ୍ଷଣ କରାଯିବ, ବୃକ୍ଷ ବଡ଼ ହେଲା ପରେ ଅଠା ସଂଗ୍ରହ କରାଯାଇ ରବର ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହେବା ଉଚିତ୍ । ଏହି ମାର୍ଗଦର୍ଶିକା ଅନୁଯାୟୀ ରବର ବୋର୍ଡର ଅଧିକାରୀ ଏବଂ କାର୍ଯ୍ୟକାରୀ ସଂସ୍ଥାର ଯୋଜନା ଅଧିକାରୀଙ୍କ ଦ୍ୱାରା ମିଳିତ ଭାବେ ପର୍ଯ୍ୟାୟକ୍ରମେ ରବର ଚାଷର ଅଗ୍ରଗତି ଉପରେ ନଜର ରଖିବା ଆବଶ୍ୟକ । ରକ୍ଷଣାବେକ୍ଷଣ ଅବଧି ପରେ, ରବର ଉତ୍ପାଦକମାନଙ୍କୁ ନେଇ ଗଠିତ ସଂସ୍ଥା, ରବର ଉତ୍ପାଦକ ସମାଜ (ଆରପିଏସ୍) କୁ ବୃକ୍ଷରୋପଣ କାର୍ଯ୍ୟକରୀ ସଂସ୍ଥା ହସ୍ତାନ୍ତର କରିବ । ସର୍ବନିମ୍ନ 50 ଜଣ ରବର ଉତ୍ପାଦକ/ ହିତାଧିକାରୀଙ୍କୁ ନେଇ ଏକ ରବର ଉତ୍ପାଦନ ସମିତି (ଆର୍‌ପିଏସ୍) ଗଠିତ ହେବ । ପ୍ରତ୍ୟେକ ଆର୍‌ପିଏସ୍‌ର କାର୍ଯ୍ୟ ହେଉଛି ରବର ସିଟ୍ ଉତ୍ପାଦନ, ବିକ୍ରୟ ସହିତ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ଭାବେ ଦୈନନ୍ଦିନ କାର୍ଯ୍ୟ ଜାରି ରଖିବା । ରବର ଅଠାରୁ ରବର ପ୍ରସ୍ତୁତ କରିବା ନିମିତ୍ତ, କାର୍ଯ୍ୟକାରୀ ସଂସ୍ଥା ଏକ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର (ଜିପିସି) ରବର ଚାଷ ଜମି ନିକଟରେ ସ୍ଥାପନା କରିବା ଦରକାର । ଜିପିସି ହେଉଛି ଏକ ରବର ପ୍ରକ୍ରିୟାକରଣ କେନ୍ଦ୍ର, ଯେଉଁଠାରେ ରବର ଅଠା, ରବର ସିଟ୍‌ରେ ପରିଣତ କରାଯାଇ ବଜାରରେ ବିକ୍ରି

[35] ଭାରତ ସରକାରର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ

ଉପଯୋଗୀ କରାଯାଇଥାଏ । ଗୋଟିଏ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି ରହିବା ଉଚିତ୍ ଯଥା ଏକ ପକ୍କା ଘର,ଏକ ଚିମିନି ଗୃହ ଏବଂ ଯନ୍ତ୍ରପାତି/ ଉପକରଣ ଯେପରିକି ସିଟ୍ ବ୍ୟାଟେରୀ, ଆଲୁମିନିୟମ କଡେଇ, ବାଲ୍‌ଟି, ଟ୍ୟାଙ୍କ, ଷ୍ଟିଲ୍ ବାଲ୍‌ଟି, ସଂଗ୍ରହ କେନ୍, ଆଲୁମିନିୟମ ଛଣା ଇତ୍ୟାଦି । ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନା ହେବା ପରେ, କାର୍ଯ୍ୟକାରୀ ସଂସ୍ଥା ସଂପୃକ୍ତ ରବର ଉତ୍ପାଦନ ସମିତିକୁ ସମସ୍ତ ପ୍ରକ୍ରିୟାକରଣ ଉପକରଣ ଗୁଡ଼ିକ ହସ୍ତାନ୍ତର କରିବା ଦରକାର ।

ରବର ବୃକ୍ଷରୋପଣ ହେଉଛି ସ୍ଥାୟୀ ଜୀବିକା ପାଇଁ ଏକ ମାଧ୍ୟମ ଯାହା କେବଳ ରୋଜଗାର ଯୋଗାଏ ନାହିଁ ବରଂ ପୁନରାବୃତ୍ତି ଆୟ ସୃଷ୍ଟି କରିଥାଏ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), କପ୍ତିପଦା, ମନରେଗା ସହ ସମନ୍ୱୟ ରକ୍ଷା କରି ଆଦିବାସୀ ଉପ-ଯୋଜନାରେ ଫୋକସ୍ ଏରିଆ ଡେଭଲପମେଣ୍ଟ୍ ପ୍ରୋଗ୍ରାମ୍‌ର ଏକ ହସ୍ତକ୍ଷେପମୂଳକ ପଦକ୍ଷେପ ଭାବରେ, ଆଦିବାସୀ ମାନଙ୍କର ସହମତି ଓ ଭାଗିଦାରୀରେ, ସେମାନଙ୍କର ଜମିରେ ରବର ବୃକ୍ଷରୋପଣ କରିଥିଲା । ଏହି ପରିପ୍ରେକ୍ଷୀରେ ଆଇଟିଡିଏର ଭୂମିକା ଥିଲା ବୃକ୍ଷରୋପଣ ପାଇଁ ଆର୍ଥିକ ଏବଂ ବୈଷୟିକ ସହାୟତା ଯୋଗାଇବା, ରବର ଉତ୍ପାଦନ ସମିତି ଗଠନ କରିବା ଏବଂ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର (ଜିପିସି) ପ୍ରତିଷ୍ଠା କରିବା । ମନରେଗା ଅଧୀନରେ ନିଆଯାଇଥିବା ବୃକ୍ଷରୋପଣ ପାଇଁ ସାର/ କୀଟନାଶକ କ୍ରୟ ସମୟରେ, ଜିଲ୍ଲାପାଳ, ମୟୂରଭଞ୍ଜ, ଜିଲ୍ଲାର ସମସ୍ତ ଆଇଟିଡିଏର ପ୍ରକଳ୍ପ ପ୍ରଶାସକମାନଙ୍କୁ କୀଟନାଶକ ପ୍ରୟୋଗର ଜିଓ-କୋଡେଡ୍ ଫଟୋଗ୍ରାଫ୍ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2017) ।

ଅଡିଟ୍ ଲକ୍ଷ୍ୟ କରିଥିଲେ (ଫେବୃଆରୀ-ଅପ୍ରେଲ୍ 2023) ଯେ, ଆଇଟିଡିଏ, କପ୍ତିପଦା, 2013-14 ରୁ 2017-18 ଆର୍ଥିକ ବର୍ଷ ମଧ୍ୟରେ, 30 ଟି ଭୂଖଣ୍ଡରେ 651.75 ହେକ୍ଟର (ଅର୍ଥାତ୍ 1,610.47 ଏକର) ଜମିରେ ସ୍ଥାନୀୟ ଋଷୀଙ୍କ ପାଇଁ ରବର ପ୍ରତିରୋପଣ କରିଥିଲା । ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ବିଷୟକୁ ଲୋକ ଲୋଚନକୁ ଆଣିଥିଲା:

### 2.2.1 *ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ନ ହେବା*

ମାର୍ଚ୍ଚ 2023 ସୁଦ୍ଧା, 1,314.96 ଏକର ଜମିରେ ଚାରିଟି ଭୂଖଣ୍ଡରେ, 2013-14 ରୁ 2015-16 ମଧ୍ୟରେ, 17.71 କୋଟି ଟଙ୍କା ବ୍ୟୟ ବରାଦ କରି 1,624 କୃଷକଙ୍କୁ ଲାଭ ଯୋଗାଇବା ଉଦ୍ଦେଶ୍ୟରେ ଅଠା ସଂଗ୍ରହ ପ୍ରକ୍ରିୟା ପାଇଁ ରବର ବୃକ୍ଷରୋପଣ କରାଯାଇଥିଲା । ଏହି ଚାରିଟି ବୃକ୍ଷରୋପଣ ପାଇଁ, ବୃକ୍ଷରୋପଣ ଉପଯୁକ୍ତ ସଂଖ୍ୟାରେ ଗଛ ଲଗାଇବା ଖଚି ଇତ୍ୟାଦିର ବିବରଣୀ **ସାରଣୀ 2.2.1** ରେ ଦର୍ଶାଯାଇଛି**:**

***ସାରଣୀ 2.2.1: ମାର୍ଚ୍ଚ 2023 ସୁଦ୍ଧା ଚାରିଟି ପ୍ରକଳ୍ପରେ ରବର ବୃକ୍ଷରୋପଣର ବିବରଣୀ***

| କ୍ର. ସଂ. | ବଗିଚର ନାମ | ବୃକ୍ଷରୋପଣ ବର୍ଷ | ରୋପଣ କରାଯାଇଥିବା ଗଛର ସଂଖ୍ୟା | ରୋପଣ କରାଯାଇଥିବା ଗଛର କ୍ଷେତ୍ରଫଳ ଏକରରେ | ହିତାଧିକାରୀଙ୍କ ସଂଖ୍ୟା | ବଞ୍ଚିଥିବା ଉଦ୍ଭିଦ ସଂଖ୍ୟା | ବ୍ୟୟ (ଟଙ୍କା ଲକ୍ଷରେ) | ଟ୍ୟାପିଂ ପାଇଁ ପରିପକ୍ୱ ଉଦ୍ଭିଦ ସଂଖ୍ୟା | ଟ୍ୟାପ୍ ହୋଇଥିବା ଉଦ୍ଭିଦ ସଂଖ୍ୟା |
|---|---|---|---|---|---|---|---|---|---|
| 1 | କେନ୍ଦୁଗଡ଼ି ଏବଂ ମହଲୀବାସ, ଖୁଣ୍ଟା ବ୍ଲକ | 2013-14 | 78,017 | 415.73 | 425 | 66,942 | 572.43 | 42,000 | 9,000 |
| 2 | ଶିରୀଷ ଚନ୍ଦ୍ର ପୁର, ଗିରିଶ ଚନ୍ଦ୍ର ପୁର ଓ ସୋନାପୋଖରୀ, ଖୁଣ୍ଟା ବ୍ଲକ | 2014-15 | 82,494 | 411.83 | 673 | 58,729 | 615.68 | 8,000 | 4,000 |
| 3 | ଉଟ୍‌କାମସାହି, କପ୍ତିପଦା ବ୍ଲକ୍ | 2014-15 | 24,200 | 136.40 | 157 | 18,150 | 186.33 | ଉପଲବ୍ଧ ନାହିଁ | 0 |
| 4 | ଦବକା ଏବଂ ରଙ୍ଗମାଟିଆ, ଖୁଣ୍ଟା ବ୍ଲକ | 2015-16 | 64,170 | 351.00 | 369 | 42,978 | 396.62 | 31,000 | 1,500 |
| ମୋଟ | | | **2,48,881** | **1314.96** | **1,624** | **1,86,799** | **1771.06** | **81,000** | **14,500** |

***(ଉତ୍ସ: ଆଇଟିଡିଏ, କପ୍ତିପଦାର ରେକର୍ଡ ଏବଂ ସରଜମିନ ତଦନ୍ତ (ଜେପିଆଇ)***

ଉପରୋକ୍ତ ତଥ୍ୟରୁ ଜଣାପଡୁଛି ଯେ ଶେଷରେ 81,000 ଗଛ ମଧ୍ୟରୁ ଯାହା ଟାପିଙ୍ଗ୍ ପାଇଁ ପରିପକ୍ୱ ହୋଇଥିଲା, ଶେଷରେ, କେବଳ 14,500 (18 ପ୍ରତିଶତ) ଗଛରୁ ଅଠା ସଂଗ୍ରହ ପାଇଁ ଉପଲବ୍ଧ ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଅଠା ପ୍ରକ୍ରିୟାକରଣ ପାଇଁ ଉପରୋକ୍ତ ଚାରିଟି ବୃକ୍ଷରୋପଣ ମଧ୍ୟରୁ କୌଣସିଟି ପାଇଁ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ଗଠନ କରାଯାଇ ନଥିଲା । ହିତାଧିକାରୀମାନେ ଅନ୍ୟ ରବର ଉତ୍ପାଦନ ସମିତିର ପ୍ରକ୍ରିୟାକରଣ ବ୍ୟବହାର କରି, ରବର ଉତ୍ପାଦନ ପାଇଁ କେବଳ 14,500 (ବିଦ୍ୟମାନ ଉଦ୍ଭିଦଗୁଡ଼ିକର 18 ପ୍ରତିଶତ) ଗଛରୁ ଅଠା ସଂଗ୍ରହ କରିବାରେ ସଫଳ ହୋଇଥିଲେ । କେବଳ ଗୋଟିଏ ବୃକ୍ଷରୋପଣ (କେନ୍ଦୁଗଡ଼ି ଏବଂ ମହଲିବାସ, ଖୁଣ୍ଟା ବ୍ଲକ ଅନ୍ତର୍ଗତ) କ୍ଷେତ୍ରରେ, ଆନୁମାନିକ 36.07 ଲକ୍ଷ ମୂଲ୍ୟରେ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଥିଲା । ତେବେ, ଏହି ରବର ଉତ୍ପାଦନ ସମିତି ପାଇଁ ଯନ୍ତ୍ରପାତି[36] ଏବଂ ଉପକରଣ କ୍ରୟ ଦିଗରେ ପାଣ୍ଠି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା । ଅବଶିଷ୍ଟ ତିନିଟି ବୃକ୍ଷରୋପଣ ଜମିରେ, ହିତାଧିକାରୀଙ୍କ ଅନୁରୋଧ ସତ୍ତ୍ୱେ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ରର ପ୍ରତିଷ୍ଠା ପାଇଁ ପାଣ୍ଠି ମଞ୍ଜୁର ପାଇଁ ଆଇଟିଡିଏ, ଏସ୍ଏସ୍ଡି ବିଭାଗକୁ କୌଣସି ପ୍ରସ୍ତାବ ଦାଖଲ କରିନାହିଁ । 1,199 ହିତାଧିକାରୀଙ୍କ ଜୀବିକା ସହିତ ଜଡ଼ିତ ଏହି ତିନିଟି ବୃକ୍ଷରୋପଣ ଜମି ପାଇଁ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ ବିଭାଗର କୌଣସି ଯୋଜନା ଅଛି କି ନାହିଁ ତାହା ଦର୍ଶାଇବାକୁ ନଥିପତ୍ରରେ କିଛି ସୁରାକ୍ ମିଳି ନଥିଲା ।

ଅଡିଟ୍, ଏହା ମଧ୍ୟ ଦେଖିଲା ଯେ ଗୋଟିଏ ବୃକ୍ଷରୋପଣ (ମଟକାମସାହି) କ୍ଷେତ୍ରରେ, ରବର ଉତ୍ପାଦକ ସମାଜ ଗଠନ ହୋଇନଥିଲା, ଯଦିଓ ଅଧିକାଂଶ ରବର ଗଛ ଅଠା ସଂଗ୍ରହ ପ୍ରକ୍ରିୟା ପାଇଁ ଉପଯୁକ୍ତ ଥିଲେ, ଯାହା ବୃକ୍ଷରୋପଣ ସ୍ଥଳରେ ଆଇଟିଡିଏ, କପ୍ତିପଦାର ଅଧିକାରୀଙ୍କ ସହିତ ମିଳିତ ସରଜମିନ ତଦନ୍ତରୁ (ମାର୍ଚ୍ଚ 2023) ଦୃଷ୍ଟିଗୋଚରକୁ ଆସିଥିଲା ।

ଏହିପରି, ଜିପିସି ପ୍ରତିଷ୍ଠା ନ ହେବା ଏବଂ ବୃକ୍ଷରୋପଣରେ ଆର୍ଥିକ ଏବଂ ବୈଷୟିକ ସହାୟତା ପ୍ରଦାନ କରିବା ତଥା ରବର ଉତ୍ପାଦକ ସମିତି ଗଠନ କରିବାର ଯୋଜନାର ଅନୁପସ୍ଥିତି, ଚାରିଟି ବୃକ୍ଷରୋପଣର 1,624 ହିତାଧିକାରୀଙ୍କ ପାଇଁ ଜୀବିକା ନିର୍ବାହର ଉତ୍ପାଦ ସୃଷ୍ଟି କରିବା ପାଇଁ ବୃକ୍ଷରୋପଣକୁ ସମ୍ଭବ କରିବାରେ ଆଇଟିଡିଏ ର ତ୍ରୁଟିକୁ ସୂଚିତ କରୁଛି । ଫଳସ୍ୱରୂପ, ଏହି ଚାରିଟି ବୃକ୍ଷରୋପଣ ପାଇଁ ଖର୍ଚ୍ଚ ହୋଇଥିବା 17.71 କୋଟି ଟଙ୍କା ଫଳପ୍ରଦ ପ୍ରମାଣିତ ହୋଇନଥିଲା ।

ପ୍ରକଳ୍ପ ପ୍ରଶାସକ ଦର୍ଶାଇଲେ (ଅପ୍ରେଲ୍ 2023) ଯେ ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅର୍ଥର ଆବଶ୍ୟକତା ବିଷୟରେ ସରକାରଙ୍କ ନିକଟରେ ପ୍ରସ୍ତାବ ରଖାଯିବ । ଗୋଷ୍ଠୀ ପ୍ରକ୍ରିୟାକରଣ କେନ୍ଦ୍ର ଗୁଡ଼ିକର ଠିକ୍ ସମୟରେ ଗଠନ ଏବଂ କାର୍ଯ୍ୟକାରିତା ପାଇଁ ଆଇଟିଡିଏ ଠିକ୍ ସମୟରେ ପଦକ୍ଷେପ ନେଇ ନଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଉଦ୍ଭିଦ ପରିପକ୍ୱ ହେବା ପରେ ମଧ୍ୟ ରବର ପ୍ରକ୍ରିୟାକରଣ ପାଇଁ ପଦକ୍ଷେପ ନିଆଯାଇନଥିଲା ।

### *2.2.2 ରବର ବୃକ୍ଷରୋପଣରେ ଅଯଥା ଖର୍ଚ୍ଚ*

ତିନିଟି ସ୍ଥାନ (ହାଟସାହି, ଡମସାହି ଏବଂ ଶରତ) ରେ 2017-18 ରେ ହୋଇଥିବା ରବର ବୃକ୍ଷରୋପଣ ଯାହା 179.43 ଏକର ଉପରେ ବ୍ୟାପିଥିଲା, ଯେଉଁଥିରେ 1.93 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ତାରା ନ ବଞ୍ଚିବାରୁ ପ୍ରକଳ୍ପ ସଫଳ ହୋଇପାରିଲା ନାହିଁ । ବୃକ୍ଷରୋପଣ ଏବଂ ସେମାନଙ୍କ ଉପରେ ହୋଇଥିବା ଖର୍ଚ୍ଚର ବିବରଣୀ, ନିମ୍ନ **ସାରଣୀ 2.2.2** ରେ ଦର୍ଶାଯାଇଛି:

***ସାରଣୀ 2.2.2: 2017-18 ରେ 179.43 ଏକର ରୁ ଅଧିକରେ ହୋଇଥିବା ଅସଫଳ ରବର ବୃକ୍ଷରୋପଣ***

| ପ୍ରକଳ୍ପର ନାମ | ବୃକ୍ଷରୋପଣ କ୍ଷେତ୍ର (ଏକରରେ) | ଚାରା ରୋପଣର ସଂଖ୍ୟା | ହିତାଧିକାରୀ/ କୃଷକଙ୍କ ସଂଖ୍ୟା | ଖର୍ଚ୍ଚ ( ଟଙ୍କା ଲକ୍ଷରେ) |
|---|---|---|---|---|
| ହାଟସାହି ଏବଂ ଡମସାହି (ଉଦଳା ବ୍ଲକ)ରେ ରବର ବୃକ୍ଷରୋପଣ | 139.75 | 27,950 | 148 | 110.79 |

[36] ପ୍ରାୟ 24 ଟି ଆଇଟମ୍ ଯେପରିକି ସିଟ୍ ବ୍ୟାଟେରୀ, ଆଲୁମିନିୟମ୍ କଢେଇ, ବଲ୍କିଙ୍ଗ୍ ଟ୍ୟାଙ୍କ, ଷ୍ଟିଲ୍ ବାଲଟି,ବିଭିନ୍ନ କ୍ଷମତାର ସଂଗ୍ରହ କେନ୍, ଆଲୁମିନିୟମ ଛଣା ଇତ୍ୟାଦି

| ପ୍ରକଳ୍ପର ନାମ | ବୃକ୍ଷରୋପଣ କ୍ଷେତ୍ର (ଏକରରେ) | ଚାରା ରୋପଣର ସଂଖ୍ୟା | ହିତାଧିକାରୀ/ କୃଷକଙ୍କ ସଂଖ୍ୟା | ଖର୍ଚ୍ଚ ( ଟଙ୍କା ଲକ୍ଷରେ) |
|---|---|---|---|---|
| କପ୍ତିପଦା ବ୍ଲକର ସରାଟରେ ରବର ବୃକ୍ଷରୋପଣ | 39.68 | 7,936 | 41 | 82.35 |
| ମୋଟ | **179.43** | **35,886** | **189** | **193.14** |

***(ଉତ୍ସ: ଆଇଟିଡିଏ କପ୍ତିପଦା ଦ୍ୱାରା ଦିଆଯାଇଥିବା ତଥ୍ୟ)***

ଅଡିଟ୍ ଦ୍ୱାରା ଉପରୋକ୍ତ ବୃକ୍ଷରୋପଣ ସ୍ଥାନଗୁଡ଼ିକ, ଆଇଟିଡିଏର ଅଧିକାରୀଙ୍କ ସହ ସରଜମିନ ତଦନ୍ତ (ଜେପିଆଇ) (ମାର୍ଚ୍ଚ 2023) ସମୟରେ, ଏହା ଦେଖାଗଲା ଯେ, ବୃକ୍ଷରୋପଣ ସ୍ଥାନଗୁଡ଼ିକରେ କୌଣସି ରବର ବୃକ୍ଷରୋପଣ ହୋଇନାହିଁ, ଜମି ପଡ଼ିଆ ପଡିଛି ଏବଂ କିଛି ଅନାବନା ଘାସରେ ଭରି ରହିଛି । ବହୁତ କମ୍/ ଅଳ୍ପ ସଂଖ୍ୟକ ଛୋଟ ବୃକ୍ଷ ଯାହା ଫଟୋଗ୍ରାଫ୍‌ରୁ ସ୍ପଷ୍ଟ ହୋଇଛି ।



***ଚିତ୍ର 2.2.1: ଡମସାହିରେ ରବର ରୋପଣ ସ୍ଥଳ (06.03.2023)***



***ଚିତ୍ର 2.2.2: ହାଟସାହିରେ ରବର ରୋପଣ ସ୍ଥଳ (06.03.2023)***



***ଚିତ୍ର 2.2.3: ସରାଟରେ ରବର ରୋପଣ ସ୍ଥଳ (06.03.2023)***

ଅଡିଟ୍ ଲକ୍ଷ୍ୟ କଲେ ଯେ ଉଦ୍ଭିଦଗୁଡ଼ିକର ବଞ୍ଚିବା ଉପରେ ପ୍ରତିବର୍ଷ ପ୍ରଗତି ରିପୋର୍ଟ ପ୍ରସ୍ତୁତ କରାଯିବା ଆବଶ୍ୟକ । କିନ୍ତୁ, ଜୁଲାଇ 2021 ପରେ କୌଣସି ପ୍ରଗତି ରିପୋର୍ଟ ପ୍ରସ୍ତୁତ କରାଯାଇ ନାହିଁ, ଯାହା ଆଇଟିଡିଏ ଦ୍ୱାରା ତଦାରଖର ଅଭାବକୁ ଦର୍ଶାଉଛି । ଆଇଟିଡିଏ ଦ୍ୱାରା ପ୍ରସ୍ତୁତ ପ୍ରଗତି ରିପୋର୍ଟର ଯାଞ୍ଚ (ଜୁଲାଇ 2021) ପ୍ରକାଶ କରୁଛି ଯେ ଉପରୋକ୍ତ 179.43 ଏକରରେ 2017-18 ରେ ଲଗାଯାଇଥିବା 35,886 ଟି ଉଦ୍ଭିଦ ମଧ୍ୟରୁ 22,290 (62 ପ୍ରତିଶତ) ଟି ବୃକ୍ଷ ଚତୁର୍ଥ ବର୍ଷର ଶେଷ ପର୍ଯ୍ୟନ୍ତ (ଯଥା- 2020-21) ବଞ୍ଚିଥିଲା । ଅବଶ୍ୟ, ବୃକ୍ଷରୋପଣର ସରଜମିନ ତଦନ୍ତ (ଜେପିଆଇ) (06 ମାର୍ଚ୍ଚ 2023) ଏକ ଭିନ୍ନ ଚିତ୍ର ପ୍ରକାଶ କଲା, ଯେ ସେହି ସ୍ଥାନରେ ଅଳ୍ପ କିଛି ଜଙ୍ଗଲୀ ରବର ଉଦ୍ଭିଦ ବିଦ୍ୟମାନ ଥିଲା । 2021-22 ଏବଂ 2022-23 ମଧ୍ୟରେ ବୃକ୍ଷଗୁଡ଼ିକର ବ୍ୟାପକ ମୃତ୍ୟୁର କାରଣ, ଯଦି କିଛି ଥାଏ, ତାହା ନଥିପତ୍ରରେ ନାହିଁ । ଜୁଲାଇ 2021 (ସମୀକ୍ଷା ଦ୍ୱାରା ସରଜମିନ ତଦନ୍ତ (ଜେପିଆଇ) ର ତାରିଖ) ପରବର୍ତ୍ତୀ ଅବଧି ପାଇଁ ବୃକ୍ଷ ଗୁଡ଼ିକର ବଞ୍ଚିବା ଉପରେ ପ୍ରଗତି ରିପୋର୍ଟର ଅନୁପସ୍ଥିତିରେ, ଏବଂ ଜୁଲାଇ 2021 ରୁ ମାର୍ଚ୍ଚ 2023 ମଧ୍ୟରେ (ଅଡିଟ୍ ଦ୍ୱାରା ସରଜମିନ ତଦନ୍ତ ତାରିଖ) ବଡ଼ ଧରଣର ବୃକ୍ଷ ମୃତ୍ୟୁ ଉପରେ କୌଣସି ରେକର୍ଡ ହୋଇଥିବା ତଥ୍ୟର ଅନୁପସ୍ଥିତିରେ, ଆଇଟିଡିଏର ଜୁଲାଇ 2021 ର ପ୍ରଗତି ରିପୋର୍ଟରେ ଦର୍ଶାଯାଇଥିବା ବଞ୍ଚିବା ପ୍ରତିଶତର ସତ୍ୟତା ସନ୍ଦେହଜନକ । ବୃକ୍ଷରୋପଣରେ ଖତର ବ୍ୟବହାର ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ନାମରେ ପାଣ୍ଠିର ଅପବ୍ୟବହାର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଏପରିକି, ପ୍ରକଳ୍ପ ପ୍ରଶାସକ (ପିଏ), ଆଇଟିଡିଏ, କପ୍ତିପଦା (ନଭେମ୍ବର 2022) ବୃକ୍ଷରୋପଣର ପଞ୍ଚମ ବର୍ଷ (2021-22) ରେ ଆଞ୍ଚଳିକ ସମବାୟ ମାର୍କେଟିଂ ସୋସାଇଟି, ଉଦଳା ସହିତ 20,211 କିଲୋଗ୍ରାମ ସାର ଯୋଗାଣ ପାଇଁ 3.95 ଲକ୍ଷ ଟଙ୍କା ମୂଲ୍ୟର କ୍ରୟ ଆଦେଶ ରଖିଥିଲେ । ଉଦ୍ଦିଷ୍ଟ ସାରର ପ୍ରାପ୍ତି ଏବଂ ଦେୟ ନଥିପତ୍ରରେ ନଥିଲା ।

ଏହା ବ୍ୟତୀତ, ଅଡିଟ୍ ଏହା ମଧ୍ୟ ସୂଚାଇ ଦେଇଛି ଯେ ପିଏ, ଆଇଟିଡିଏ, ବୃକ୍ଷରୋପଣର ତୃତୀୟ ତଥା ଚତୁର୍ଥ ବର୍ଷରେ (ଯଥା- 2019-20 ଏବଂ 2020-21) ଉଦ୍ଭିଦଗୁଡ଼ିକର ରକ୍ଷଣାବେକ୍ଷଣ ବାବଦକୁ 23.79 ଲକ୍ଷ ବ୍ୟୟ ପ୍ରଦର୍ଶନ କରିଥିଲେ । ସମୀକ୍ଷାରୁ ଜଣାପଡ଼ିଲା ଯେ ବୃକ୍ଷରୋପଣର ରକ୍ଷଣାବେକ୍ଷଣ ***(ପରିଶିଷ୍ଟ 2.2.1)*** ପାଇଁ 8.35 ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଅନିୟମିତତା ପରିଲକ୍ଷିତ ହୋଇଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା:

- ଛଅଟି ଘଟଣାରେ[37], ଖତ ଏବଂ ଉଦ୍ଭିଦ ସୁରକ୍ଷା ବ୍ୟବସ୍ଥା ପାଇଁ ସାମଗ୍ରୀ କ୍ରୟ ବାବଦରେ 2.84 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । କିନ୍ତୁ, ଖତ ସାର ପ୍ରୟୋଗ କିମ୍ବା ଉଦ୍ଭିଦ ସୁରକ୍ଷା କରିବା ପାଇଁ କୌଣସି ଦିନ ମଜୁରି ଦର୍ଶାଯାଇ ନଥିଲା, ଯଦିଓ ଏହି କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବା ପାଇଁ ଶ୍ରମିକମାନଙ୍କ ଯୋଗଦାନ ନିହାତି ଆବଶ୍ୟକ ।

- ତିନିଟି କ୍ଷେତ୍ରରେ[38], ଖତ ଏବଂ ଉଦ୍ଭିଦ ସୁରକ୍ଷା[39] ବ୍ୟବସ୍ଥା ପାଇଁ 2.17 ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ବ୍ୟବହାର କରାଯାଇଥିଲା । ଏହି ଗୁଡ଼ିକର ପ୍ରତ୍ୟେକ କ୍ଷେତ୍ରରେ ଦିନ ମଜୁରିଆଙ୍କ ବିନିଯୋଗ ଅବଧି ସାମଗ୍ରୀ କ୍ରୟ ତାରିଖ ପୂର୍ବରୁ ହୋଇଥିଲା । ଏହିପରି କ୍ରୟ ଏବଂ ଶ୍ରମିକ ନିୟୋଜନର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି କରିଥିଲା ।


- ଚାରିଟି କ୍ଷେତ୍ରରେ[40], ଖତ ଏବଂ ସାର ଦେବା ପାଇଁ 1.07 ଲକ୍ଷ ଟଙ୍କା ପରିମାଣର ଦିନ ମଜୁରୀ ପଇଠ କରାଯାଇଥିଲା, ଯଦିଓ ଏହିପରି କାର୍ଯ୍ୟ ପାଇଁ କୌଣସି ସାମଗ୍ରୀ କ୍ରୟ କରାଯାଇ ନଥିଲା । ତେଣୁ ଉକ୍ତ ଖର୍ଚ୍ଚ ଉପରେ ସନ୍ଦେହ ସୃଷ୍ଟି କରିଥିଲା ।

- ତିନିଟି କ୍ଷେତ୍ରରେ[41], ଦିନ ମଜୁରୀ (1.01 ଲକ୍ଷ ଟଙ୍କା) ଏବଂ ସାମଗ୍ରୀ କ୍ରୟ (1.27 ଲକ୍ଷ ଟଙ୍କା) ବାବଦକୁ 2.28 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ମାତ୍ର, ଷ୍ଟକ୍ ରେଜିଷ୍ଟରରେ କୌଣସି ତଥ୍ୟ ଉଲ୍ଲେଖ କରାଯାଇ ନଥିଲା, ରସିଦ୍‌ରେ ତାରିଖ ନଥିଲା ଏବଂ ବୃକ୍ଷରୋପଣ ବାବଦକୁ କ୍ରୟ ସାମଗ୍ରୀ ପ୍ରୟୋଗ କରିବାର ଜିଓ-କୋଡେଡ୍ ଫଟୋ ସମ୍ବନ୍ଧିତ ରେକର୍ଡରେ ରଖାଯାଇନଥିଲା, ଯାହାକି ଜିଲ୍ଲାପାଳ, ମୟୁରଭଞ୍ଜଙ୍କ ନିର୍ଦ୍ଦେଶର ଉଲ୍ଲଂଘନ (ଜୁଲାଇ 2017) ଥିଲା । ତେଣୁ, 2.28 ଲକ୍ଷ ଟଙ୍କାର ଖର୍ଚ୍ଚର ସତ୍ୟତା ପ୍ରତି ସନ୍ଦେହ ପ୍ରକଟ କରାଯାଉଅଛି ।

ଏହା ବ୍ୟତୀତ, ଅଡିଟ୍ ଏହା ଜାଣିବାକୁ ପାଇଲା ଯେ, 27 ଅକ୍ଟୋବର 2021 ର ଏକ ଇନ୍‌ଭଏସ୍‌ରେ 1.69[42] ଲକ୍ଷ ଟଙ୍କା ମୂଲ୍ୟରେ ସାର କିଣା ଯାଇଥିଲା । କିନ୍ତୁ, ଇନ୍‌ଭଏସ୍ ସହିତ ସଂଲଗ୍ନ ପରିବହନ ଭାଉଚରର ତାରିଖ ତଥା ଜିଓ-କୋଡେଡ୍ ଫଟୋଗ୍ରାଫ୍‌ରେ 15 ସେପ୍ଟେମ୍ବର 2019 ଉଲ୍ଲେଖ କରାଯାଇଛି । ଇନ୍‌ଭଏସ୍‌ରେ ତାରିଖରେ ଏହିପରି ଜାଲିଆତି ଆଇଟିଡିଏ ଦ୍ୱାରା ନକଲି କ୍ରୟ ହେବାର ସୂଚାଇ ଥାଏ ।




*ଚିତ୍ର 2.2.4: ସଂଗୃହିତ ଏବଂ ଷ୍ଟକ୍ ହୋଇଥିବା ସାର(ସିଆର୍ ସଂଖ୍ୟା 31/2020-21 ଏସସିଏ ରୁ ଟିଏସଏସ) (15.09.2019)*


RETAIL INVOICE
M/S PRUSTY CONSTRUCTION PVT. LTD.
MENDHAKHAI, UDALA, MAYURBHANJ
GSTIN-21AKDPP3564F2ZE

Date : 15/09/2019 Bill No. 221
Name : P. A., ITDA, Kaptipada Udala
Address : Kaptipada Udala

| Sl. No. | Description | Qnty. in Hour / Km | Rate | Amount |
|---|---|---|---|---|
| 1. | Transportation charges of fertiliser ... with Loading & Unloading | | | |
| | | | Total | |
| | | | CGST | |
| | | | SGST | |
| | | | G. Total | |

Project Administrator
ITDA, Kaptipada

(Rupees in Words ... ) Only

This Registration Certificate is valid on the date of issue of this retail invoice

Signature

*ଚିତ୍ର 2.2.5: ପରିବହନ ଚାଲାଣ ତାରିଖ 15.09.2019 (ସିଆର୍ ସଂଖ୍ୟା 31/2020-21 ଏସସିଏ ରୁ ଟିଏସଏସ))*

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଅଡିଟ୍ ମତ ଦେଇଛନ୍ତି ଯେ, ଜୁଲାଇ 2021 ପର୍ଯ୍ୟନ୍ତ ପ୍ରଗତି ରିପୋର୍ଟରେ ବଞ୍ଚିବାର ହାର ମାତ୍ରାଧିକ ଦର୍ଶାଯାଇଥିଲା ଯାହା ଏହି ବୃକ୍ଷରୋପଣ ପାଇଁ ଆବଣ୍ଟିତ ରକ୍ଷଣାବେକ୍ଷଣ ଖର୍ଚ୍ଚର

[37] ହାଟସାହି ଏ, ହାଟସାହି ବି ଏବଂ ଡମୁସାହି ସାର ପ୍ରୟୋଗ ପାଇଁ ଏବଂ ମଜୁରୀଆଙ୍କ ବିନା ବୃକ୍ଷରୋପଣର ସୁରକ୍ଷା ପାଇଁ

[38] ହାଟସାହି ଏ ଏବଂ ହାଟସାହି ବି ଏବଂ ଡମୁସାହି ସାର ପ୍ରୟୋଗ ପାଇଁ ଏବଂ ହାଟସାହି କ ମଜୁରୀଆଙ୍କ ବିନା ବୃକ୍ଷରୋପଣର ସୁରକ୍ଷା ପାଇଁ

[39] ଶ୍ରମ ମୂଲ୍ୟ: 1.02 ଲକ୍ଷ ଏବଂ ସାମଗ୍ରୀ ମୂଲ୍ୟ 1.15 ଲକ୍ଷ ଟଙ୍କା

[40] ସରତ ରେ ବୃକ୍ଷରୋପଣ

[41] ହାଟସାହି ଏ, ହାଟସାହି ବି ଏବଂ ଡମୁସାହି

[42] କେସ୍ ରେକର୍ଡ ସଂଖ୍ୟା 31/2020-21

ଆତ୍ମସାତକୁ ସୂଚାଇଥାଏ । ଫଳସ୍ୱରୂପ, ଅନୁସୂଚିତ ଜନଜାତି ଲୋକଙ୍କ ଆର୍ଥିକ କଲ୍ୟାଣ ପାଇଁ ରବର ବୃକ୍ଷରୋପଣ ପାଇଁ 1.93 କୋଟି ଟଙ୍କା ବ୍ୟୟ ପାଣିରେ ପଡ଼ିଲା ।

ପ୍ରସ୍ଥାନ ସମ୍ମିଳନୀରେ ଏସ୍ଏସ୍ଡି ବିଭାଗ କହିଛି (ଅଗଷ୍ଟ 2024) ଯେ, ଆଇଟିଡିଏ, କନ୍ଧମାଳକୁ ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ଉତ୍ତର ଦାଖଲ କରିବାକୁ କୁହାଯାଇଛି ।

**ସୁପାରିଶ 2.2.1:**
***ଏସ୍ଏସ୍ଡି ବିଭାଗ ଏହି ଘଟଣାର ଅନୁସନ୍ଧାନ କରିବା ଉଚିତ୍, ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହିତ ଏପରି ଠକେଇ କାର୍ଯ୍ୟରେ ଲିପ୍ତ ଏବଂ ନିର୍ଭରଶୀଳ ଗୋଷ୍ଠୀମାନଙ୍କୁ ବଞ୍ଚିତ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ।***

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

### 2.3 ରାଜ୍ୟର ସହରାଞ୍ଚଳରେ ଜଳ ଯୋଗାଣ ସମୃଦ୍ଧିକରଣ (ଅମୃତ ଏବଂ ବସୁଧା)

#### କାର୍ଯ୍ୟନିର୍ବାହୀ ସାରାଂଶ

ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣ ନୀତି (ଓଏସ୍‌ୟୁଡବ୍ଲୁଏସ୍‌ପି), 2013 ଅନୁଯାୟୀ 2023 ବର୍ଷ ସୁଦ୍ଧା 88 ପ୍ରତିଶତ ପରିବାରକୁ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିଲା । ଏହା ତୁଳନାରେ, ମାର୍ଚ୍ଚ 2023 ସୁଦ୍ଧା 99 ପ୍ରତିଶତ ପରିବାରକୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯାଇଥିବା ରିପୋର୍ଟ କରାଯାଇଥିଲା । ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ସମାପ୍ତିରେ ସମୟାନୁବର୍ତ୍ତୀତା ଏକ ସମସ୍ୟା ରହିଥିଲା, କାରଣ ଅମୃତ 2.0 ଅଧିନରେ ନମୁନା ଡିଭିଜନ ମାନଙ୍କରେ 11 ଟି ପ୍ରକଳ୍ପ ମଧ୍ୟରୁ 10 ଟି ନିର୍ଦ୍ଧାରିତ ସମୟ ସୀମା ପରେ କାର୍ଯ୍ୟାନ୍ୱୟନାଧିନ ଥିଲା । ଜଳ ଯୋଗାଣର ପର୍ଯ୍ୟାପ୍ତତା ବିଷୟରେ ଦେଖାଗଲା ଯେ, ଛଅଟି ନମୁନା ପିଏଚ୍ ଡିଭିଜନ ମଧ୍ୟରୁ ଚାରିଟି ଡିଭିଜନରେ ଗ୍ରାହକମାନଙ୍କୁ ଓଏସ୍‌ୟୁଡବ୍ଲୁଏସ୍‌ପି ନିର୍ଦ୍ଦେଶିତ ସର୍ବନିମ୍ନ 135 ଏଲ୍‌ପିସିଡି ଜଳ ଯୋଗାଣ ସୁନିଶ୍ଚିତ ନଥିଲା, କାରଣ ପ୍ରକୃତ ଯୋଗାଣର ପରିମାଣ 47 ରୁ 132 ଏଲ୍‌ପିସିଡି ମଧ୍ୟରେ ଥିଲା । ଜଳ ଯୋଗାଣର ପରିମାଣାତ୍ମକ ମାନଦଣ୍ଡ ପୂରଣ ନହେବାର କାରଣ ହେଉଛି ବିଦ୍ୟମାନ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର କ୍ଷମତା ବୃଦ୍ଧି କାର୍ଯ୍ୟଗୁଡ଼ିକ ସମାପ୍ତ ନ ହେବା ।

ଅସୁରକ୍ଷିତ ପାନୀୟ ଜଳ ସହିତ ଜଡ଼ିତ ସ୍ୱାସ୍ଥ୍ୟ ବିପଦଗୁଡ଼ିକୁ ଦୃଷ୍ଟିରେ ରଖି ବ୍ୟବହାର ପାଇଁ ଯୋଗାଣ ହେଉଥିବା ପାଣିର ଗୁଣବତ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତଥାପି, ଜଳ ପରୀକ୍ଷଣ ପରୀକ୍ଷାଗାରର ଅନୁପଲବ୍ଧତା, ଜଳ ନମୁନାର ପରୀକ୍ଷଣର ଅଭାବ ଏବଂ ଜଳ ଗୁଣବତ୍ତା ପରୀକ୍ଷଣ ରିପୋର୍ଟର ଫଳାଫଳକୁ ଆଧାର କରି ଅପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଜଳ ଗୁଣବତ୍ତା ପରୀକ୍ଷଣ ବାଞ୍ଛା ନିର୍ଦ୍ଧାରିତ ସୀମା ତଳେ ରହିଥିଲା ।

ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସ୍ତର ଉଲ୍ଲେଖନୀୟ ଉନ୍ନତି ଦାବି କରେ । ନୂତନ ସୁବିଧା ସ୍ଥାପନ ସତ୍ତ୍ୱେ, ୱାଟ୍‌କୋ ଡିଭିଜନ, ସମ୍ବଲପୁର ଦ୍ୱାରା ପୁରୁଣା କ୍ଲାରିଫାୟର ଚାଲୁରଖିବା ଏବଂ ପୁରୁଣା ଜଳ ବିଶୋଧନ ପ୍ଲାଣ୍ଟରୁ ଜଳ ଯୋଗାଣ ଯୋଗୁଁ, ଅପରିଷ୍କାର ଏବଂ ଅପରିଶୋଧିତ ଜଳ ଯୋଗାଣ ହୋଇଥିଲା । ଏହା ସହିତ, ସୌରଚାଳିତ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ନହେବା, ଜଳ ସଂରକ୍ଷଣ ସୁବିଧା, ଉତ୍ପାଦନ କୂପ, ଭୂତଳ ଜଳଭଣ୍ଡାର, ସ୍କାଡା ସିଷ୍ଟମ, ପରୀକ୍ଷାଗାର ଉପକରଣଗୁଡ଼ିକର ରକ୍ଷଣାବେକ୍ଷଣ ନହେବା ମଧ ଲକ୍ଷ୍ୟ କରାଯାଇଥିଲା, ଯାହା ଉଭୟ ଗ୍ରାହକଙ୍କୁ ଯୋଗାଣର ଗୁଣବତ୍ତା ଏବଂ ପରିମାଣକୁ ପ୍ରଭାବିତ କରିଥିଲା । ଜଳ ଯୋଗାଣ ସେବା ପାଇଁ ହୋଇଥିବା ଖର୍ଚ୍ଚ ଅସୁଲ ପାଇଁ ଯୋଗାଣ ସଂଯୋଗଗୁଡ଼ିକର ମିଟରିଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଛଅଟି ନମୁନା ଡିଭିଜନରେ, ମାର୍ଚ୍ଚ 2023 ସୁଦ୍ଧା କେବଳ 56 ପ୍ରତିଶତ ଘରୋଇ ଏବଂ ଚାରି ପ୍ରତିଶତ ଆନୁଷ୍ଠାନିକ ସଂଯୋଗର ମିଟରିଂ କରାଯାଇଥିଲା ।

ପ୍ରକଳ୍ପ ଚିହ୍ନଟ ପାଇଁ ଯୋଜନା ତ୍ରୁଟିପୂର୍ଣ୍ଣ ଥିଲା, କାରଣ ଅନୁମୋଦିତ ତାଲିକାରୁ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ/ ବାଦ ଦେବା ପରି ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା । କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକଳ୍ପ ଚୟନରେ ଆବଶ୍ୟକତା ଭିତ୍ତିକ ପଦ୍ଧତିରେ କିଛି କ୍ଷେତ୍ରରେ ଅଭାବ ଦେଖାଯାଇଥିଲା, ଉଦାହରଣ ସ୍ୱରୂପ ପର୍ଯ୍ୟାପ୍ତ ପୃଷ୍ଠ ଜଳ ଉତ୍ସ ଥିବା ଅଞ୍ଚଳରେ ଉତ୍ପାଦନ କୂପ ନିର୍ମାଣ, ଜଳ ବିଶୋଧନ ପ୍ଲାଣ୍ଟ ବ୍ୟତୀତ ଜଳ ଯୋଗାଣ ପ୍ରକଳ୍ପର ଅନ୍ୟ ସମସ୍ତ କାର୍ଯ୍ୟ ହାତକୁ ନେବା, ଇତ୍ୟାଦି ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ।

### 2.3.1 ଉପକ୍ରମ

ମାନବ ସମାଜର ଅସ୍ତିତ୍ୱ ପାଇଁ ଜଳ ଅତ୍ୟନ୍ତ ଜରୁରୀ ଏବଂ ତେଣୁ, ଅଧିକାଂଶ ଅନ୍ୟାନ୍ୟ ସେବା ତୁଳନାରେ ଏହାକୁ ପ୍ରାଥମିକତା ଦିଆଯାଏ । ଜନସଂଖ୍ୟାରେ ନିରନ୍ତର ବୃଦ୍ଧି, ପ୍ରଯୁକ୍ତିବିଦ୍ୟାର ବ୍ୟାପକ ଅଗ୍ରଗତି, ନୂତନ ଏବଂ ଅରକ୍ଷଣୀୟ ଜୀବନଶୈଳୀ ଜଳ ଅଭାବ ସମସ୍ୟାକୁ ଆହୁରି ଉତ୍କଟ କରିଛି । ବର୍ଦ୍ଧିତ ସହରାଞ୍ଚଳ ଜନସଂଖ୍ୟାକୁ ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟ ମଧ୍ୟରୁ ଗୋଟିଏ ।

ରାଜ୍ୟର ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ କରିବା ପାଇଁ, ରାଜ୍ୟର ସହରାଞ୍ଚଳର ନାଗରିକମାନଙ୍କ ପାଇଁ ଯାଞ୍ଚଯୋଗ୍ୟ ସେବା ସ୍ତରୀୟ ମାନଦଣ୍ଡ ସହିତ ପାନୀୟ ଜଳର ସାର୍ବଜନୀନ ଯୋଗାଣ ପାଇଁ ଓଡ଼ିଶା ସରକାର, ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣନୀତି, 2013 (ଓଏସ୍‌ୟୁଡବ୍ଲୁଏସ୍‌ପି, 2013) ପ୍ରସ୍ତୁତ କରିଥିଲେ । ଓଏସ୍‌ୟୁଡବ୍ଲୁଏସ୍‌ପି, 2013 ରେ ଜଳ ଯୋଗାଣ ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ତଦାରଖ କରିବା ପାଇଁ ନଅଟି[43] ସେବା ସ୍ତରୀୟ ମାନଦଣ୍ଡ (ଏସ୍‌ଏଲ୍‌ବି) ଧାର୍ଯ୍ୟ କରାଯାଇଥିଲା । ଭାରତ ସରକାର ମଧ୍ୟ ପାନୀୟ ଜଳ ଯୋଗାଣ ପାଇଁ ସମାନ ସେବା ସ୍ତରୀୟ ମାନଦଣ୍ଡ ଗୁଡ଼ିକୁ ସ୍ଥିର (ଜୁଲାଇ 2008) କରିଥିଲେ ।

#### *2.3.1.1 ଜଳ ଯୋଗାଣ ଯୋଜନା*

ରାଜ୍ୟର ସହରାଞ୍ଚଳ ପାଇଁ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଦୁଇଟି ଯୋଜନା ଅଧୀନରେ କାର୍ଯ୍ୟକାରୀ କରାଯାଇଥିଲା, ଯଥା- ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅଟଳ ମିଶନ୍ ଫର୍ ରିଜୁଭିନେସନ୍ ଆଣ୍ଡ୍ ଅର୍ବାନ୍ ଟ୍ରାନ୍ସଫର୍‌ମେସନ୍ (ଅମୃତ) (ଜୁନ୍ 2015) ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବକ୍ସି ଜଗବନ୍ଧୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ (ବସୁଧା) (ମାର୍ଚ୍ଚ 2018) ।

#### *(i) ଅଟଳ ମିଶନ୍ ଫର୍ ରିଜୁଭିନେସନ୍ ଆଣ୍ଡ୍ ଅର୍ବାନ୍ ଟ୍ରାନ୍ସଫର୍‌ମେସନ୍*

ଭାରତ ସରକାରଙ୍କ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦୁଇଟି ପର୍ଯ୍ୟାୟରେ ଅମୃତ ଆରମ୍ଭ କରିଥିଲେ ଯଥା, ଅମୃତ 1.0 ଏବଂ ଅମୃତ 2.0 । ନୂତନ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଏବଂ ସହରାଞ୍ଚଳରେ ବିଦ୍ୟମାନ ପ୍ରକଳ୍ପଗୁଡ଼ିକର ଉନ୍ନତି କରିବା ଅମୃତର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଅମୃତ 1.0 ର କାର୍ଯ୍ୟକାରିତାର ଅବଧି ଜୁନ୍ 2015 ରୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ଥିଲା । ଅମୃତ 2.0, ଅକ୍ଟୋବର 2021 ରେ ଆରମ୍ଭ ହୋଇଥିଲା, ଏବଂ କାର୍ଯ୍ୟକାରିତାର ଅବଧି ମାର୍ଚ୍ଚ 2026 ପର୍ଯ୍ୟନ୍ତ ଯୋଜନା କରାଯାଇଥିଲା ।

ଯୋଜନାର ଉଭୟ ସଂସ୍କରଣ ମଧ୍ୟରେ ପ୍ରମୁଖ ପାର୍ଥକ୍ୟ, ଜନସଂଖ୍ୟା ଅନୁସାରେ ପରିସରଭୁକ୍ତ କରିବା ଏବଂ ପାଣ୍ଠି ଯୋଗାଣ ଢାଞ୍ଚା ଥିଲା । ଅମୃତ 1.0 ଅଧିନରେ କେବଳ ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ପୌରାଞ୍ଚଳ ନିକାୟ (ୟୁଏଲ୍‌ବି) ସଂସ୍ଥା ଯୋଗ୍ୟ ଥିଲେ । ଜନସଂଖ୍ୟା ଗଣନା ନିର୍ବିଶେଷରେ ସମସ୍ତ ୟୁଏଲ୍‌ବିଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଅମୃତ 2.0 ର ଲକ୍ଷ୍ୟ ଥିଲା । ଅମୃତ 1.0, ଅଧିନରେ ୟୁଏଲ୍‌ବି[44] ଜନସଂଖ୍ୟା ଆଧାରରେ, ଭାରତ ସରକାର ଦ୍ୱାରା ପାଣ୍ଠିର ଅଂଶ, ପ୍ରକଳ୍ପ ମୂଲ୍ୟର ଏକ ତୃତୀୟାଂଶରୁ ଅଧା ପର୍ଯ୍ୟନ୍ତ ଥିଲା ଏବଂ ବାକି ପରିମାଣ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦେବାର ଥିଲା । ଅମୃତ 2.0 ଅଧୀନରେ ୟୁଏଲ୍‌ବିର[45] ଜନସଂଖ୍ୟା ଆଧାରରେ, ଭାରତ ସରକାରଙ୍କର ଅବଦାନ, ପ୍ରକଳ୍ପ ମୂଲ୍ୟର 25 ରୁ 50 ପ୍ରତିଶତ ପର୍ଯ୍ୟନ୍ତ ଥିଲା ।

ଭାରତ ସରକାରଙ୍କ ଠାରୁ ଅମୃତ 1.0 ଅଧୀନରେ ପାଣ୍ଠି ପାଇବା ପାଇଁ, ରାଜ୍ୟ ସରକାରଙ୍କୁ ରାଜ୍ୟ ବାର୍ଷିକ କାର୍ଯ୍ୟ ଯୋଜନା (ଏସ୍‌ଏଏପି) ଦାଖଲ କରିବାର ଥିଲା, ଯାହା ୟୁଏଲ୍‌ବି ଦ୍ୱାରା ପ୍ରସ୍ତୁତ ସେବା ସ୍ତର ଉନ୍ନତି ଯୋଜନା

---

[43] ଜଳ ଯୋଗାଣ ସଂଯୋଗର କଭରେଜ୍, ମୁଣ୍ଡପିଛା ଜଳ ଯୋଗାଣ, ଜଳ ସଂଯୋଗର ମିଟରିଂର ପରିମାଣ, ଅଣ-ରାଜସ୍ୱ ଜଳର ପରିମାଣ, ଜଳ ଯୋଗାଣର ନିରନ୍ତରତା, ଯୋଗାଣ ହୋଇଥିବା ଜଳର ଗୁଣବତ୍ତା, ଜଳ ଯୋଗାଣ ସେବାରେ ମୂଲ୍ୟ ଆଦାୟ, ଗ୍ରାହକ ଅଭିଯୋଗର ସମାଧାନରେ ଦକ୍ଷତା ଏବଂ ଜଳ ଯୋଗାଣ ସମ୍ବନ୍ଧୀୟ ଦେୟ ସଂଗ୍ରହରେ ଦକ୍ଷତା

[44] 10 ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ୟୁଏଲ୍‌ବିଗୁଡ଼ିକର ପାଇଁ, ଭାରତ ସରକାର ପ୍ରକଳ୍ପର ମୂଲ୍ୟର ଏକ ତୃତୀୟାଂଶ ଦିଅନ୍ତି ଏବଂ ଅବଶିଷ୍ଟ ୟୁଏଲ୍‌ବି ପାଇଁ, ଏହା ପ୍ରକଳ୍ପର ମୂଲ୍ୟର ଅଧା ଯୋଗାଇ ଦିଅନ୍ତି

[45] (କ) 1 ଲକ୍ଷରୁ କମ୍ ଜନସଂଖ୍ୟା: 50 ପ୍ରତିଶତ; (ଖ) 1 ଲକ୍ଷରୁ 10 ଲକ୍ଷ: ଏକ ତୃତୀୟାଂଶ; (ଗ) 10 ଲକ୍ଷରୁ ଅଧିକ: 25 ପ୍ରତିଶତ (ପିପିପି ମୋଡରେ ନିଆଯାଇଥିବା ପ୍ରକଳ୍ପ ବ୍ୟତୀତ)

(ଏସ୍‌ଏଲ୍‌ଆଇପି) ଗୁଡ଼ିକର ଏକ ସମଷ୍ଟି । ଏହି ଏସ୍‌ଏଲ୍‌ଆଇପି ଗୁଡ଼ିକ ଜଳ ଯୋଗାଣର ବର୍ତ୍ତମାନର ସ୍ତରର ଆକଳନ କରି ମୂଳ ସ୍ଥିତି[46] ସୂଚାଇଥାଏ ଏବଂ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାର୍ଷିକ ଲକ୍ଷ୍ୟ ସ୍ଥିର କରିଥାଏ । ଭାରତ ସରକାର, ଏସ୍‌ଏଏପିରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ପ୍ରକଳ୍ପ ଏବଂ ଏହାର ଆନୁମାନିକ ମୂଲ୍ୟକୁ ଯୋଗ୍ୟତା ମାନଦଣ୍ଡ ସହିତ ତୁଳନା କରନ୍ତି ଏବଂ ଅନୁମୋଦନ ପ୍ରଦାନ କରନ୍ତି । ଅନୁମୋଦିତ ପ୍ରକଳ୍ପ ଆଧାରରେ, ଭାରତ ସରକାର ରାଜ୍ୟକୁ ପାଣ୍ଠି ପ୍ରଦାନ କରନ୍ତି ।

ଅମୃତ 2.0 କ୍ଷେତ୍ରରେ, ପ୍ରତ୍ୟେକ ୟୁଏଲ୍‌ବି ଦ୍ୱାରା ନୂତନ ଜଳ ଯୋଗାଣ ପ୍ରକଳ୍ପର ଆବଶ୍ୟକତାକୁ ଚିହ୍ନଟ କରିବା ପାଇଁ ଜଳ ଯୋଗାଣରେ ସେବା ସ୍ତରର ବ୍ୟବଧାନକୁ ମୂଲ୍ୟାଙ୍କନ କରାଯିବାର ଥିଲା । ଏହା ପରେ, ସେହି ୟୁଏଲ୍‌ବି ଦ୍ୱାରା ଚିହ୍ନଟ ସମ୍ଭାବ୍ୟ ପ୍ରକଳ୍ପଗୁଡ଼ିକୁ ସହର ଜଳ କାର୍ଯ୍ୟ ଯୋଜନା (ସିଡବ୍ଲୁଏପି) ଭାବରେ ସଂକଳନ କରିବାର ଥିଲା । ରାଜ୍ୟ ସ୍ତରରେ ସଂକଳନ କରାଯାଇଥିବା ସିଡବ୍ଲୁଏପିକୁ ରାଜ୍ୟ ଜଳ କାର୍ଯ୍ୟ ଯୋଜନା (ଏସ୍‌ଡବ୍ଲୁଏପି) ଭାବରେ ଅନୁମୋଦନ ପାଇଁ ଭାରତ ସରକାର ନିକଟରେ ଦାଖଲ କରାଯିବାର ଥିଲା । ଭାରତ ସରକାର ଅନୁମୋଦିତ ଏସ୍‌ଡବ୍ଲୁଏପି ଅନୁଯାୟୀ ପାଣ୍ଠି ପ୍ରଦାନ କରନ୍ତି ।

ଅମୃତ 1.0 ଅଧୀନରେ ପ୍ରକଳ୍ପଗୁଡ଼ିକର ମୂଳ ସର୍ବେକ୍ଷଣ, ପ୍ରକଳ୍ପ ଚିହ୍ନଟ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି, ଟେଣ୍ଡର ମୂଲ୍ୟାଙ୍କନ, ପରିକଳ୍ପନା ଅନୁମୋଦନ ଏବଂ ପ୍ରକଳ୍ପଗୁଡ଼ିକର ତଦାରଖ ପାଇଁ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ (ଏଚ୍‌ଆଣ୍ଡୟୁଡି) ବିଭାଗ, ଓଡ଼ିଶା ସରକାର, ମେସର୍ସ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍‌କୁ ପ୍ରକଳ୍ପ ବିକାଶ ଏବଂ ପରିଚାଳନା ପରାମର୍ଶଦାତା (ପିଡିଏମ୍‌ସି) ଭାବରେ ନିଯୁକ୍ତ (ଜାନୁଆରୀ 2016) କରିଥିଲା । ପିଡିଏମ୍‌ସିର ରିପୋର୍ଟ ଏବଂ ଅମୃତ 1.0ର ଯୋଗ୍ୟତା ମାନଦଣ୍ଡ ଉପରେ ଆଧାର କରି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ରାଜ୍ୟର ନଅଟି ୟୁଏଲ୍‌ବି ପାଇଁ ଏସ୍‌ଏଲ୍‌ଆଇପି ପ୍ରସ୍ତୁତ କରିଥିଲା, ଯାହା **ସାରଣୀ 2.3.1** ରେ ଦର୍ଶାଯାଇଛି:

***ସାରଣୀ 2.3.1: ଅମୃତ 1.0 ଅଧୀନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ପରିବାର ମାନଙ୍କରେ ସେବା ସ୍ତର ଉନ୍ନତି ଯୋଜନାର ପ୍ରତିଶତ***

***(ସଂଖ୍ୟାଗୁଡ଼ିକ ପରିବାରର ପ୍ରତିଶତକୁ ଦର୍ଶାଏ)***

| କ୍ର. ସଂ. | ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନାମ | ଆଧାର (2015) | ଲକ୍ଷ୍ୟ | | | | |
|---|---|---|---|---|---|---|---|
| | | | 2016 | 2017 | 2018 | 2019 | 2020 |
| 1 | ବାଲେଶ୍ୱର ପୌରପାଳିକା | 59 | 65 | 75 | 90 | 100 | 100 |
| 2 | ବାରିପଦା ପୌରପାଳିକା | 28 | 35 | 40 | 70 | 100 | 100 |
| 3 | ବ୍ରହ୍ମପୁର ମହାନଗର ନିଗମ | 39 | 40 | 45 | 60 | 100 | 100 |
| 4 | ଭଦ୍ରକ ପୌରପାଳିକା | 7 | 10 | 12 | 50 | 80 | 100 |
| 5 | ଭୁବନେଶ୍ୱର ମହାନଗର ନିଗମ | 35 | 37 | 40 | 60 | 80 | 100 |
| 6 | କଟକ ମହାନଗର ନିଗମ | 57 | 60 | 65 | 75 | 90 | 100 |
| 7 | ପୁରୀ ପୌରପାଳିକା | 32 | 35 | 40 | 75 | 100 | 100 |
| 8 | ରାଉରକେଲା ମହାନଗର ନିଗମ | 36 | 38 | 45 | 75 | 100 | 100 |
| 9 | ସମ୍ବଲପୁର ମହାନଗର ନିଗମ | 30 | 35 | 45 | 70 | 90 | 100 |

***(ଉତ୍ସ: ରାଜ୍ୟର ନଅଟି ଅମୃତ ସହରର ଏସ୍‌ଏଲ୍‌ଆଇପି)***

ଅମୃତ 2.0 ଅଧୀନରେ, ରାଜ୍ୟ ସରକାର ମାର୍ଚ୍ଚ 2023 ସୁଦ୍ଧା 52 ଟି ୟୁଏଲ୍‌ବି (ଅମୃତ 1.0 ଅଧୀନରେ ପରିସରଭୁକ୍ତ ନଅଟି ୟୁଏଲ୍‌ବି ସମେତ) ପାଇଁ ଜଳ ଯୋଗାଣ ପ୍ରକଳ୍ପର ପ୍ରସ୍ତାବ ଦେଇଥିଲେ ।

ତେଣୁ, ମାର୍ଚ୍ଚ 2023 ସୁଦ୍ଧା ରାଜ୍ୟର 52 ଟି ୟୁଏଲ୍‌ବି ସହରାଞ୍ଚଳ ପାଇଁ ଥିବା କେନ୍ଦ୍ରୀୟ ଜଳ ଯୋଗାଣ ଯୋଜନା (ଅମୃତ 1.0/ ଅମୃତ 2.0) ଅଧୀନରେ ଅନ୍ତର୍ଭୁକ୍ତ ହୋଇଥିଲା ।

### *(ii) ବକ୍ସି ଜଗବନ୍ଧୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ (ବସୁଧା)*

ଜଳ ଯୋଗାଣ କାର୍ଯ୍ୟକ୍ରମ ଅଧୀନରେ ୟୁଏଲ୍‌ବି ଗୁଡ଼ିକର ସମସ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ଲକ୍ଷ୍ୟ ହାସଲ କରିବା ପାଇଁ, ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଯୋଜନା ଅଧୀନରେ ବସୁଧା ଯୋଜନା ଆରମ୍ଭ

[46] ଜଳ ଯୋଗାଣ ପାଇଁ ବିଦ୍ୟମାନ ଏବଂ ସେବା ସ୍ତରର ବ୍ୟବଧାନକୁ ମୂଲ୍ୟାଙ୍କନ କରି ମୂଳ ସ୍ଥିତି ନିର୍ଣ୍ଣୟ କରାଯାଏ । ସର୍ଭେ ସମୟରେ ଜନସଂଖ୍ୟା, ପରିବାର ସଂଖ୍ୟା, ବିଦ୍ୟମାନ ସୁବିଧା, ଜଳ ଯୋଗାଣର ସ୍ତର ଇତ୍ୟାଦି ତଥ୍ୟ ସଂଗ୍ରହ କରାଯାଏ

(ମାର୍ଚ୍ଚ 2018) କରିଥିଲା । ବସୁଧା ଯୋଜନାର ଉଦ୍ଦେଶ୍ୟ ଥିଲା ୟୁଏଲ୍‌ବି ଗୁଡ଼ିକରେ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକୁ ପାଣି ଯୋଗାଇବା, ଯାହା ଅମୃତ 1.0 କିମ୍ବା ଅମୃତ 2.0 ଅଧୀନରେ ପରିସରଭୁକ୍ତ ହୋଇନଥିଲା । ଏହା ବ୍ୟତୀତ, ଯେଉଁ ୟୁଏଲ୍‌ବି ଗୁଡ଼ିକୁ ପୂର୍ବରୁ ଅମୃତ ଅଧୀନରେ ପରିସରଭୁକ୍ତ କରାଯାଇଥିଲା, କିନ୍ତୁ କିଛି ଜଳ ଯୋଗାଣ ପ୍ରକଳ୍ପ ପରିସରଭୁକ୍ତ ହୋଇନଥିଲା, ସେଗୁଡ଼ିକୁ ବସୁଧା ଅଧୀନରେ ପରିସରଭୁକ୍ତ କରାଯିବାକୁ ଥିଲା । ପରନ୍ତୁ, ରାଜ୍ୟ ସରକାର ସେପ୍ଟେମ୍ବର 2023 ସୁଦ୍ଧା ସହରାଞ୍ଚଳରେ ବସୁଧା କାର୍ଯ୍ୟକାରୀ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଜାରି କରି ନଥିଲେ ।

### 2.3.2 ସାଂଗଠନିକ ବ୍ୟବସ୍ଥା

ରାଜ୍ୟ ସରକାରର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ପବ୍ଲିକ୍ ହେଲଥ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ (ପିଏଚ୍‌ଇଓ), ଅମୃତ ଏବଂ ବସୁଧା ଅଧୀନରେ ସହରାଞ୍ଚଳ ଜଳ ଯୋଗାଣ ପ୍ରକଳ୍ପଗୁଡିକର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ରକ୍ଷଣାବେକ୍ଷଣ ପାଇଁ ଦାୟୀ, ଯେଉଁଥିରେ ସେମାନଙ୍କର ଯାଞ୍ଚ ଏବଂ ତଦାରଖ ଅନ୍ତର୍ଭୁକ୍ତ । ପିଏଚ୍‌ଇଓ ମାଧ୍ୟମରେ ଜଳ ଯୋଗାଣ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ, ପିଏଚ୍‌ଇଓ ଏବଂ ସଂପୃକ୍ତ ୟୁଏଲ୍‌ବି ମଧ୍ୟରେ ପୃଥକ ଭାବରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ (ଜାନୁଆରୀ 2016) ହୋଇଥିଲା । ପିଏଚ୍‌ଇଓ ଗ୍ରାହକମାନଙ୍କ ଠାରୁ ଜଳ ଶୁଳ୍କ (ଉପଭୋକ୍ତା ଶୁଳ୍କ) ମଧ୍ୟ ସଂଗ୍ରହ କରେ । ଓଡିଶା ସରକାର (ନଭେମ୍ବର 2015) ୟୁଏଲ୍‌ବି ଗୁଡିକ ପକ୍ଷରୁ କିଛି ସହର ମାନଙ୍କରେ ପିଏଚ୍‌ଇଓ ଠାରୁ ଜଳ ଯୋଗାଣ କାର୍ଯ୍ୟକଳାପର କାର୍ଯ୍ୟାନ୍ୱୟନ ଏବଂ ତଦାରଖ କାମର କାର୍ଯ୍ୟଭାର ନେବା ପାଇଁ ଏକ ସଂପୂର୍ଣ୍ଣ ମାଲିକାନାରେ ଥିବା ଅଣଲାଭକାରୀ କମ୍ପାନୀ, ୱାଟର କର୍ପୋରେସନ ଅଫ୍ ଓଡିଶା (ୱାଟ୍‌କୋ)ର ଗଠନ କରିଥିଲେ । ମାର୍ଚ୍ଚ 2023 ସୁଦ୍ଧା 11ଟି ଡିଭିଜନ୍[47] ୱାଟ୍‌କୋକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ବାକି ନଅଟି[48] ଡିଭିଜନ୍ ପିଏଚ୍‌ଇଓ ଅଧୀନରେ କାର୍ଯ୍ୟ କରୁଥିଲେ । ପିଏଚ୍‌ଇଓ ଏବଂ ୱାଟ୍‌କୋ ଡିଭିଜନ ଉଭୟ ଅମୃତ ଏବଂ ବସୁଧା ପ୍ରକଳ୍ପ କାର୍ଯ୍ୟକାରୀ କରୁଥିଲେ ।

ବିଭାଗର ସାଂଗଠନିକ ଢାଞ୍ଚା ନିମ୍ନଲିଖିତ **ସାରଣୀ 2.3.1** ରେ ଦର୍ଶାଯାଇଛି ।




***ରେଖାଚିତ୍ର 2.3.1:* ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସାଂଗଠନିକ ଗଠନ**

[47] ଭୁବନେଶ୍ୱର-I, ଭୁବନେଶ୍ୱର-II, ପୁରୀ, କଟକ-I, ବାରିପଦା, କେନ୍ଦୁଝର, ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା, ବ୍ରହ୍ମପୁର, ବ୍ରହ୍ମପୁର (ପ୍ରୋଜେକ୍ଟ) ଡିଭିଜନ୍

[48] ଭୁବନେଶ୍ୱର-III, କଟକ-II, ଅନୁଗୁଳ, ବାଲେଶ୍ୱର, ବଲାଙ୍ଗୀର, ଭବାନୀପାଟଣା, କୋରାପୁଟ, ରାୟଗଡ଼ା ଏବଂ ଭଞ୍ଜନଗର

### 2.3.3 ଅଡିଟ୍ ପରିସର, ଉଦ୍ଦେଶ୍ୟ ଏବଂ ପଦ୍ଧତି

ରାଜ୍ୟର ସହରାଞ୍ଚଳରେ ଜଳ ଯୋଗାଣ ସମୃଦ୍ଧୀକରଣ (ଅମୃତ ଏବଂ ବସୁଧା) ର 2018-19 ରୁ 2022-23 ଆର୍ଥିକ ବର୍ଷକୁ ଅନ୍ତର୍ଭୁକ୍ତ କରି ଏକ ଅନୁପାଳନ ସମୀକ୍ଷା ମଇ 2023 ରୁ ସେପ୍ଟେମ୍ବର 2023 ମଧ୍ୟରେ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା:

- ରାଜ୍ୟର ସମସ୍ତ ସହରାଞ୍ଚଳ ଅଧିବାସୀମାନଙ୍କ ପାଇଁ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଯୋଜନା ସମୟୋଚିତ ଏବଂ ପର୍ଯ୍ୟାପ୍ତ ଥିଲା ।
- ପ୍ରାପ୍ତ ପାଣ୍ଠି ପର୍ଯ୍ୟାପ୍ତ ଥିଲା ଏବଂ ଆର୍ଥିକ ଦୃଷ୍ଟିରୁ ଏହା ଦକ୍ଷତାର ସହିତ ଏବଂ ପ୍ରଭାବଶାଳୀ ଭାବରେ ଉପଯୋଗ ହୋଇଥିଲା ।
- ଜଳ ଯୋଗାଣ ପ୍ରକଳ୍ପଗୁଡିକୁ ଦକ୍ଷତାର ସହିତ ଏବଂ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ସହିତ ଉପଯୁକ୍ତ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରାଯାଇଥିଲା ।
- କାର୍ଯ୍ୟାନ୍ୱୟନର ଗୁଣବତ୍ତା ଏବଂ ଅଭିଯୋଗ ସମାଧାନ ସୁନିଶ୍ଚିତ କରିବା ପାଇଁ ଏକ ଦକ୍ଷ ନିରୀକ୍ଷଣ ଓ ତଦାରଖ ବ୍ୟବସ୍ଥା କରାଯାଇଥିଲା ।

ଅଡିଟ୍, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ସର୍ବୋଚ୍ଚ ଯନ୍ତ୍ରୀ (ପିଏଚ୍) ଓଡିଶା, ସିଇଓ ୱାଟକୋ ଏବଂ ଛଅଟି[49] ନମୁନା ପିଏଚ୍/ ୱାଟ୍‌କୋ ଡିଭିଜନ୍ ସହିତ ଜଡିତ 47 ଟି ୟୁଏଲ୍‌ବି ର 904.84 କୋଟି ଟଙ୍କା ମୂଲ୍ୟର 120ଟି କାର୍ଯ୍ୟର[50] ରେକର୍ଡଗୁଡିକର ଯାଞ୍ଚ କରିଥିଲା । ଆବଶ୍ୟକ କ୍ଷେତ୍ରରେ କାର୍ଯ୍ୟ/ ସଂପତ୍ତିର ମିଳିତ ସରଜମିନ ତଦନ୍ତ କରାଯାଇଥିଲା । ଆବଶ୍ୟକ ସ୍ଥଳେ ହିତାଧିକାରୀଙ୍କ ମତାମତ ମଧ୍ୟ ସଂଗ୍ରହ କରାଯାଇଥିଲା । 1 ଜୁନ୍ 2023 ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କ ସହିତ ଏକ ପ୍ରବେଶ ବୈଠକ ସହିତ ଅଡିଟ୍ ଆରମ୍ଭ ହୋଇଥିଲା । ପ୍ରସ୍ଥାନ ସମ୍ମିଳନୀର ଆୟୋଜନ ପାଇଁ ବିଭାଗକୁ ଅନେକ ଥର ଅନୁରୋଧ କରାଯାଇଥିଲା, କିନ୍ତୁ କୌଣସି ଉତ୍ତର ମିଳି ନଥିଲା ।

## ଅଡିଟ୍ ନିଷ୍କର୍ଷ

### 2.3.4 ପାଣ୍ଠି ପରିଚାଳନା

#### *2.3.4.1 ଅମୃତ ଏବଂ ବସୁଧା ଅଧୀନରେ ପ୍ରାପ୍ତି ଓ ବ୍ୟୟ*

2018-23 ବର୍ଷ ମଧ୍ୟରେ ରାଜ୍ୟକୁ ଅମୃତ ଅଧୀନରେ ଜଳ ଯୋଗାଣ ପ୍ରକଳ୍ପ, ସେପ୍ଟେଜ୍ ଏବଂ ପାର୍କ ଆଦି ପରିଯୋଜନା କାର୍ଯ୍ୟାନ୍ୱୟନ କରିବା ପାଇଁ 1,733.78 କୋଟି ଟଙ୍କା ଆବଣ୍ଟିତ ହୋଇଥିଲା । ଉପଲବ୍ଧ, 2,261.03 କୋଟି ଟଙ୍କା ମଧ୍ୟରୁ 1,891.09 କୋଟି ଟଙ୍କା (84 ପ୍ରତିଶତ) ଏହି ସମୟ ମଧ୍ୟରେ ବିନିଯୋଗ ହୋଇଥିଲା, ଯାହା, **ସାରଣୀ 2.3.2** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

***ସାରଣୀ 2.3.2: ଅମୃତ ଅଧୀନରେ ବର୍ଷୱାରୀ ପ୍ରାପ୍ତି ଓ ବ୍ୟୟ***

*(ଟଙ୍କା କୋଟିରେ)*

| ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତି | | | ଉପଲବ୍ଧ ମୋଟ ପାଣ୍ଠି | ବିନିଯୋଗ | ଅବଶେଷ |
|---|---|---|---|---|---|---|---|
| | | କେନ୍ଦ୍ରୀୟ ଅନୁଦାନ | ରାଜ୍ୟର ଅବଦାନ | ମୋଟ | | | |
| ***ଅମୃତ 1.0 (ଜଳ ଯୋଗାଣ, ସେପ୍ଟେଜ୍ ଏବଂ ପାର୍କ)*** | | | | | | | |
| 2018-19 | 527.25 | 116.12 | 313.00 | 429.12 | 956.37 | 946.30 | 10.07 |
| 2019-20 | 10.07 | 318.79 | 318.79 | 637.58 | 647.65 | 375.82 | 271.83 |

49 ୱାଟ୍‌କୋ ଡିଭିଜନ୍: ଭୁବନେଶ୍ୱର (1 ଟି ୟୁଏଲ୍‌ବି), ବ୍ରହ୍ମପୁର (3 ଟି ୟୁଏଲ୍‌ବି), ସମ୍ବଲପୁର (9 ଟି ୟୁଏଲ୍‌ବି) ଏବଂ ଜନସ୍ୱାସ୍ଥ୍ୟ ଡିଭିଜନ୍: କୋରାପୁଟ (8 ଟି ୟୁଏଲ୍‌ବି), କଟକ (8 ଟି ୟୁଏଲ୍‌ବି) ଏବଂ ଭଞ୍ଜନଗର (18 ଟି ୟୁଏଲ୍‌ବି)

50 ଅମୃତ: 40 ଟି କାର୍ଯ୍ୟ (564.22 କୋଟି ଟଙ୍କା) ଏବଂ ବସୁଧା: 80 ଟି କାର୍ଯ୍ୟ (340.62 କୋଟି ଟଙ୍କା)

| ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତି | | | ଉପଲବ୍ଧ ମୋଟ ପାଣ୍ଠି | ବିନିଯୋଗ | ଅବଶେଷ |
|---|---|---|---|---|---|---|---|
| | | କେନ୍ଦ୍ରୀୟ ଅନୁଦାନ | ରାଜ୍ୟର ଅବଦାନ | ମୋଟ | | | |
| 2020-21 | 271.83 | 0 | 0.00 | 0.00 | 271.83 | 195.34 | 76.49 |
| 2021-22 | 76.49 | 28.06 | 65.33 | 93.39 | 169.88 | 90.18 | 79.70 |
| 2022-23 | 79.70 | 0 | 0 | 0.00 | 79.70 | 11.20 | 68.50 |
| *ମୋଟ* | - | ***462.97*** | ***697.12*** | ***1,160.09*** | ***1,687.34*** | ***1,618.84*** | ***68.50*** |
| *ଅମୃତ 2.0 (ଜଳ ଯୋଗାଣ)* | | | | | | | |
| 2022-23 | 0 | 224.71 | 348.98 | 573.69 | 573.69 | 272.25 | 301.44 |
| *ମୋଟ* | ***0*** | ***224.71*** | ***348.98*** | ***573.69*** | ***573.69*** | ***272.25*** | ***301.44*** |
| ସର୍ବମୋଟ | - | **687.68** | **1,046.10** | **1,733.78** | **2,261.03** | **1,891.09** | **369.94** |
| ବସୁଧା | | | | | | | |
| 2018-19 | 0 | 0 | 255.93 | 255.93 | 255.93 | 251.49 | 4.44 |
| 2019-20 | 0 | 0 | 271.35 | 271.35 | 271.35 | 214.30 | 57.05 |
| 2020-21 | 0 | 0 | 151.23 | 151.23 | 151.23 | 136.77 | 14.46 |
| 2021-22 | 0 | 0 | 213.57 | 213.57 | 213.57 | 213.10 | 0.47 |
| 2022-23 | 0 | 0 | 126.48 | 126.48 | 126.48 | 101.52 | 24.96 |
| *ମୋଟ* | *0* | *0* | ***1,018.56*** | ***1,018.56*** | ***1,018.56*** | ***917.18*** | ***101.38*** |

***(ଉତ୍ସ: ବିଭାଗ ଦ୍ୱାରା ପ୍ରାପ୍ତ ତଥ୍ୟ ଅନୁସାରେ)***

ଛଅଟି ନମୁନା ଡିଭିଜନ୍ ମଧ୍ୟରୁ, ଅମୃତ 1.0 ରେ ଅନ୍ତର୍ଭୁକ୍ତ ତିନିଟି ଡିଭିଜନ୍ 293.72 କୋଟି ଟଙ୍କାର ସମ୍ପୂର୍ଣ୍ଣ ଆବଣ୍ଟନକୁ ବିନିଯୋଗ କରିଥିଲେ । ଏହି ତିନିଟି ଡିଭିଜନ୍[51] ଅମୃତ 2.0 ରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲେ ଏବଂ ***ଅନୁଚ୍ଛେଦ 2.3.6*** ରେ ବର୍ଣ୍ଣନା ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ ନହେବା କାରଣରୁ ମାର୍ଚ୍ଚ 2023 ସୁଦ୍ଧା 66.71 କୋଟି ଟଙ୍କାର ଅନୁଦାନ ମିଳିଥିବା ସତ୍ତ୍ୱେ ମାତ୍ର 55.92 କୋଟି ଟଙ୍କା (84 ପ୍ରତିଶତ) ବ୍ୟୟ କରିପାରି ଥିଲେ । ଅବଶିଷ୍ଟ ତିନିଟି ଡିଭିଜନ୍ ଅମୃତ 2.0 ରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ, ଡିପିଆର୍ ପ୍ରସ୍ତୁତ କରିନଥିବା ହେତୁ, କୌଣସି ଅନୁଦାନ ପ୍ରାପ୍ତ କରିପାରି ନଥିଲେ ।

ବସୁଧା କ୍ଷେତ୍ରରେ, ରାଜ୍ୟ, 2018-23 ମଧ୍ୟରେ, 1,018.56 କୋଟି ଟଙ୍କା ଅନୁଦାନ ପାଇଥିବା ସ୍ଥଳେ, 917.18 କୋଟି ଟଙ୍କା ବ୍ୟୟ କରିପାରି ଥିଲା ଏବଂ 101.38 କୋଟି ଟଙ୍କା ଫେରାଇ ଦେଇଥିଲା । ଛଅଟି ନମୁନା ଡିଭିଜନ୍ ମଧ୍ୟରୁ ଚାରିଟି[52] ଡିଭିଜନ୍ ସମୁଦାୟ 476.27 କୋଟି ଟଙ୍କାର ଅନୁଦାନ ରାଶିରୁ, 448.23 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଏବଂ 28.04 କୋଟି ଟଙ୍କା ଫେରାଇ ଦେଇଥିଲେ । ଏହା 67.82 ପ୍ରତିଶତ ରୁ 100 ପ୍ରତିଶତ ମଧ୍ୟରେ ବ୍ୟୟ ଦକ୍ଷତାକୁ ସୂଚିତ କରିଥାଏ ।

### 2.3.4.2 *ଅମୃତ ଅଧିନରେ 48.82 ଲକ୍ଷ ଟଙ୍କାର ଅଗ୍ରହଣୀୟ ବ୍ୟୟ*

ଅମୃତ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.1.9 ରେ ଉଲ୍ଲେଖ କରାଯାଇଛି ଯେ, ଜମି କ୍ରୟ, କର୍ମଚାରୀ ମାନଙ୍କ ଦରମା, ବିଦ୍ୟୁତ୍, ଟେଲିକମ୍, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମଜୁରୀ ନିଯୁକ୍ତି କାର୍ଯ୍ୟକ୍ରମର କର୍ମଚାରୀଙ୍କ ଉପାଦାନ ପାଇଁ ହେଉଥିବା ଖର୍ଚ୍ଚ ଗୁଡ଼ିକୁ ଅମୃତ ପାଣ୍ଠିରୁ ଖର୍ଚ୍ଚ କରାଯିବ ନାହିଁ । ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 4.4 (iii) ରେ ମଧ୍ୟ ଯାନବାହନ କ୍ରୟ, ପଦବୀ ସୃଷ୍ଟି, ଦରମା ପ୍ରଦାନ ଇତ୍ୟାଦି ପାଇଁ ଅନୁଦାନର ବ୍ୟବହାରକୁ ଅନୁମତି ନାହିଁ ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ବିଭାଗୀୟ ସ୍ତରରେ କର୍ମଚାରୀ ମାନଙ୍କର ପାରିଶ୍ରମିକ ଏବଂ ଯାନବାହନର ଭଡ଼ା ପାଇଁ 41.48 ଲକ୍ଷ ଟଙ୍କା[53] (ମାର୍ଚ୍ଚ 2023) ଖର୍ଚ୍ଚ କରିଥିଲେ । ସେହିପରି ଭାବରେ, ଓ୍ୱାଟ୍‌କୋ ଡିଭିଜନ, ବ୍ରହ୍ମପୁର ଏକ ନୂତନ ଯାନ କିଣିବା ପାଇଁ ଅମୃତ ଅନୁଦାନରୁ

51 ଭୁବନେଶ୍ୱର ଡିଭିଜନ୍, ବ୍ରହ୍ମପୁର ଡିଭିଜନ୍ ଏବଂ ସମ୍ବଲପୁର ଡିଭିଜନ୍

52 କଟକ ଡିଭିଜନ୍: 122.09 କୋଟି ଟଙ୍କା (100 ପ୍ରତିଶତ), କୋରାପୁଟ ଡିଭିଜନ୍: 39.17 କୋଟି ଟଙ୍କା (67.82 ପ୍ରତିଶତ), ଭଞ୍ଜନଗର ଡିଭିଜନ୍: 66.60 କୋଟି ଟଙ୍କା (91.30 ପ୍ରତିଶତ) ଏବଂ ସମ୍ବଲପୁର ଡିଭିଜନ୍: 220.37 କୋଟି ଟଙ୍କା (96.39 ପ୍ରତିଶତ)

53 ଅବସର ପ୍ରାପ୍ତ ବ୍ୟକ୍ତିଙ୍କୁ ଦରମା: 22.16 ଲକ୍ଷ ଟଙ୍କା; ଆଉଟସୋର୍ସ୍‌ମାନଙ୍କ ନିୟୋଜନ: 7.90 ଲକ୍ଷ ଟଙ୍କା ଏବଂ ଯାନବାହନଗୁଡ଼ିକର ଭଡ଼ା ଚାର୍ଜ: 11.42 ଲକ୍ଷ ଟଙ୍କା

7.34 ଲକ୍ଷ ଟଙ୍କା (ମଇ 2019) ବ୍ୟୟ କରିଥିଲେ । ଏହିପରି ଭାବରେ, ଅମୃତ ଅନୁଦାନରୁ 48.82 ଲକ୍ଷ ଟଙ୍କା ଅନିଚ୍ଛାକୃତ ଚିହ୍ନିତ ଉଦ୍ଦେଶ୍ୟରେ ଅନିୟମିତ ଭାବରେ ବିନିଯୋଗ କରାଯାଇଥିଲା ।

ଉତ୍ତରରେ ବିଭାଗ କହିଥିଲେ ଯେ ପିଡିଏମ୍‌ସି ଚୁକ୍ତିନାମା ବନ୍ଦ (ସେପ୍ଟେମ୍ବର 2020)ହୋଇଯିବା ଯୋଗୁଁ ଅବସର ପ୍ରାପ୍ତ ବ୍ୟକ୍ତିମାନଙ୍କୁ ପରାମର୍ଶଦାତା/ ପରାମର୍ଶକାରୀ ଭାବରେ ନିୟୋଜିତ କରାଯାଇଥିଲା ଏବଂ ସରକାରୀ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଯାନବାହନ ଭଡ଼ାରେ ନିଆଯାଇଥିଲା । ଯୋଜନା ଅଧିନରେ ଏପରି କୌଣସି ନିୟମ ନଥିବାରୁ ଏହି ଉତ୍ତର ଅଗ୍ରହଣୀୟ ଥିଲା । ଅନ୍ୟାନ୍ୟ ଅଗ୍ରହଣୀୟ ବ୍ୟୟ ଯଥା, ବିଭାଗରେ କର୍ମଚାରୀଙ୍କ ପାରିଶ୍ରମିକ ଖର୍ଚ୍ଚ ଏବଂ ବ୍ରହ୍ମପୁର ଡିଭିଜନଦ୍ୱାରା ଯାନବାହନ କ୍ରୟ ବାବଦରେ ଉତ୍ତରକୁ ଅପେକ୍ଷା କରାଯାଇଅଛି ।

### *2.3.4.3 ଗ୍ରାହକଙ୍କ ଠାରୁ 60 କୋଟି ଟଙ୍କାର ଜଳ ଶୁଳ୍କ ଅନାଦେୟ ରହିବା*

ଓଏସ୍‌ଡବ୍ଲୁଏସ୍‌ପି, 2013 ରେ ନିରନ୍ତର ଜଳ ଯୋଗାଣ ସେବା ପାଇଁ ଶୁଳ୍କ ଆଦାୟରେ ଦୁର୍ବଳତାକୁ ଏକ ମୁଖ୍ୟ ସମସ୍ୟା ତଥା ଆହ୍ୱାନ ଭାବରେ ଚିହ୍ନଟ କରାଯାଇଥିଲା । ତେଣୁ, ବର୍ତ୍ତମାନର ଜଳ ଶୁଳ୍କର ଅତି କମ୍‌ରେ 90 ପ୍ରତିଶତ ସଂଗ୍ରହ ଏବଂ ମୋଟ ବକେୟାକୁ ବର୍ତ୍ତମାନର ଚାହିଦାର 15 ପ୍ରତିଶତକୁ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡିଶା ଜଳ କାର୍ଯ୍ୟ (ୟୁଏଲବି) ନିୟମ 1980ର ନିୟମ 22 ରୁ 26 ଏବଂ 2021 ର ପରବର୍ତ୍ତୀ ସଂଶୋଧନ ଅନୁଯାୟୀ, ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ/ ବିଭାଗୀୟ ଅଧିକାରୀ ମାନେ ପରବର୍ତ୍ତୀ ମାସରେ ଗୋଟିଏ ମାସ ପାଇଁ ଜଳ ଶୁଳ୍କ ଆଦାୟ ନିଶ୍ଚିତ କରିବା ଆବଶ୍ୟକ ଥିଲା । ବିଳମ୍ବ କରୁଥିବା ବ୍ୟକ୍ତିଙ୍କ ଜଳ ଯୋଗାଣ ବିଚ୍ଛିନ୍ନ କରିବା ପାଇଁ ନୋଟିସ୍ କିମ୍ବା ଚୂଡ଼ାନ୍ତ କାର୍ଯ୍ୟାନ୍ୱୟନ ଗ୍ରହଣ କରାଯିବା ମଧ୍ୟ ଆବଶ୍ୟକ ଥିଲା । ରାଜ୍ୟ ସରକାର ଗ୍ରାହକଙ୍କ ଘରୁ ସମୟାନୁସାରେ ଜଳ ଶୁଳ୍କ ସଂଗ୍ରହ ସୁନିଶ୍ଚିତ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ[54] ସହାୟତାରେ ଜଳ ସାଥୀ କାର୍ଯ୍ୟକ୍ରମ ମଧ ଆରମ୍ଭ (ଡିସେମ୍ବର 2019) କରିଥିଲେ ।

ବିଭାଗ/ ଇଆଇସି/ ୱାଟକୋ ରାଜ୍ୟର ସମସ୍ତ ଗ୍ରାହକଙ୍କ ଠାରୁ ବକେୟା ଜଳ ଶୁଳ୍କ ତୁଳନାରେ ସଂଗୃହୀତ ଜଳ ଶୁଳ୍କର ବିବରଣୀ ପ୍ରଦାନ କରିପାରିଲେ ନାହିଁ । ଛଅଟି ନମୁନା ଡିଭିଜନ୍‌ରେ ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଏହି ଉଦ୍ଦେଶ୍ୟରେ ଯଦିଓ ଜଳ ସାଥୀ ମାନଙ୍କୁ ନିୟୋଜିତ କରାଯାଇଥିଲା, ଜଳକର ଆଦାୟର ହାର 24.79 ରୁ 76.91 ପ୍ରତିଶତ ମଧ୍ୟରେ ରହିଥିଲା । ଏହା **ସାରଣୀ 2.3.3** ରେ ବିସ୍ତୃତ ଭାବରେ ପ୍ରଦତ୍ତ ହୋଇଅଛି ।

***ସାରଣୀ 2.3.3: ମାର୍ଚ୍ଚ 2023 ସୁଦ୍ଧା ଜଳ କର ଦାବି ଏବଂ ସଂଗ୍ରହ***

***(ଟଙ୍କା କୋଟିରେ)***

| ନମୁନା ଡିଭିଜନର ନାମ | ମାର୍ଚ୍ଚ 2023 ପର୍ଯ୍ୟନ୍ତ ବକେୟା ରାଶି | ମାର୍ଚ୍ଚ 2023 ପର୍ଯ୍ୟନ୍ତ ସଂଗୃହିତ ରାଶି | ମାର୍ଚ୍ଚ 2023 ପର୍ଯ୍ୟନ୍ତ ରହିଥିବା ବକେୟା ରାଶି | ମୋଟ ସଂଗ୍ରହଣ ପ୍ରତିଶତ |
|---|---|---|---|---|
| କଟକ | 10.89 | 2.70 | 8.19 | 24.79 |
| କୋରାପୁଟ | 22.91 | 9.77 | 13.14 | 42.65 |
| ଭଞ୍ଜନଗର | 18.29 | 5.11 | 13.18 | 27.94 |
| ଭୁବନେଶ୍ୱର | 41.74 | 27.96 | 13.78 | 66.99 |
| ସମ୍ବଲପୁର | 16.97 | 8.58 | 8.39 | 50.56 |
| ବ୍ରହ୍ମପୁର | 14.38 | 11.06 | 3.32 | 76.91 |
| ମୋଟ | **125.18** | **65.18** | **60.00** | **52.07** |

***(ଉତ୍ସ: ନମୁନାରେ ନିଆଯାଇଥିବା ଡିଭିଜନ ମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ବିଭାଗୀୟ ଅଧିକାରୀମାନେ (ଜୁଲାଇ 2023 ରୁ ସେପ୍ଟେମ୍ବର 2023 ମଧ୍ୟରେ) କହିଥିଲେ ଯେ ବକେୟା ଜଳ କର ଆଦାୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ।

[54] ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ

### 2.3.5 ବାସଗୃହ ଗୁଡ଼ିକର ଅନ୍ତର୍ଭୁକ୍ତୀକରଣ

ନିରନ୍ତର ବିକାଶ ଲକ୍ଷ୍ୟର[55] ଲକ୍ଷ୍ୟ ସଂଖ୍ୟା 6.1 ରେ ଏହା ଉଲ୍ଲେଖ କରାଯାଇଛି ଯେ 2030 ସୁଦ୍ଧା ନିରାପଦ ଓ ସୁଲଭ ପାନୀୟ ଜଳ ଯୋଗାଣକୁ ସାର୍ବଜନୀନ କରାଯିବ ଓ ସମାନ ଭାବରେ ଉପଲବ୍ଧ କରାଯିବ । ଏହା ବ୍ୟତୀତ, ଓଏସ୍‌ଡବ୍ଲୁଏସ୍‌ପି, 2013 ଅଧୀନରେ ରାଜ୍ୟ ସରକାର 2023 ସୁଦ୍ଧା ରାଜ୍ୟର 88 ପ୍ରତିଶତ ପରିବାରକୁ ସିଧାସଳଖ ପାଇପ ଦ୍ୱାରା ଜଳ ଯୋଗାଣ କରିବା ସହିତ, 2027 ସୁଦ୍ଧା ଶତ ପ୍ରତିଶତ ପରିବାରକୁ ଜଳ ଯୋଗାଣ କରିବାର ଲକ୍ଷ୍ୟ ରଖିଥିଲେ ।

ଇଆଇସି, ପିଏଚ୍‌ଇଓଙ୍କ ପ୍ରଦତ୍ତ ସୂଚନା ଅନୁଯାୟୀ, ରାଜ୍ୟରେ 10,01,551 ପରିବାର ସହରାଞ୍ଚଳରେ ବସବାସ କରିଥାନ୍ତି । ଏଥିମଧ୍ୟରୁ, ମାର୍ଚ୍ଚ 2023 ସୁଦ୍ଧା 9,91,239 ପରିବାର (ଅନେଶତ ପ୍ରତିଶତ) ଙ୍କୁ ପାଇପ ଦ୍ୱାରା ଜଳ ଯୋଗାଣ କରାଯାଇଥିଲା । ନମୁନାରେ ନିଆଯାଇଥିବା ଛଅଟି ଡିଭିଜନ୍ ଅନ୍ତର୍ଭୁକ୍ତ 47 ଟି ୟୁଏଲ୍‌ବିରେ (ସହରାଞ୍ଚଳ ସ୍ୱାୟତ୍ତ ସଂସ୍ଥା) ଗୃହଗୁଡ଼ିକର ଜଳ ଯୋଗାଣ ଯୋଜନାର ଅନ୍ତର୍ଭୁକ୍ତୀକରଣ ସଂଖ୍ୟା **ସାରଣୀ 2.3.4** ରେ ଦର୍ଶାଯାଇଛି ।

***ସାରଣୀ 2.3.4: ମାର୍ଚ୍ଚ 2023 ସୁଦ୍ଧା ନମୁନାରେ ନିଆଯାଇଥିବା ଡିଭିଜନରେ ଜଳଯୋଗାଣ ସଂଯୋଗ ଥିବା ଗୃହଗୁଡ଼ିକର ଅନ୍ତର୍ଭୁକ୍ତୀକରଣ ସଂଖ୍ୟା***

| ଡିଭିଜନ୍‌ର ନାମ | ୟୁଏଲ୍‌ବି ସଂଖ୍ୟା | ମୋଟ ପରିବାର ସଂଖ୍ୟା | କଭରେଜ୍ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ପରିବାର ସଂଖ୍ୟା | ଅନ୍ତର୍ଭୁକ୍ତ ହୋଇଥିବା ପରିବାରର ସଂଖ୍ୟା | ଅନ୍ତର୍ଭୁକ୍ତ ହୋଇନଥିବା ପରିବାର ସଂଖ୍ୟା |
|---|---|---|---|---|---|
| ଭଞ୍ଜନଗର | 18 | 69,014 | 62,616 | 62,616 | 0 |
| କଟକ | 8 | 44,017 | 40,670 | 40,670 | 0 |
| କୋରାପୁଟ | 8 | 52,161 | 46,244 | 46,244 | 0 |
| ବ୍ରହ୍ମପୁର | 3 | 67,989 | 66,943 | 66,943 | 0 |
| ଭୁବନେଶ୍ୱର-I | 1 | 1,55,718 | 1,40,869 | 1,40,869 | 0 |
| ସମ୍ବଲପୁର | 9 | 1,10,148 | 1,08,477 | 1,05,762 | 2,715 |
| ମୋଟ | **47** | **4,99,047** | **4,65,819** | **4,63,104** | **2,715** |

***(ଉତ୍ସ: ଇଆଇସି, ପିଏଚ୍‌ଙ୍କ ଠାରୁ ସଂଗୃହୀତ ତଥ୍ୟ)***

4,99,047 ପରିବାର ମଧ୍ୟରୁ 33,228 ଘରଗୁଡ଼ିକର ନିଜସ୍ୱ ଜଳଯୋଗାଣ ଉତ୍ସ (କୂପ, ଗଭୀର କୂପ, ଇତ୍ୟାଦି) ଥିଲା । ତେଣୁ, ଜଳ ଯୋଗାଣ ସଂଯୋଗଥିବା ପରିବାରର କଭରେଜ୍ ପାଇଁ ଲକ୍ଷ୍ୟ 4,65,819 ସ୍ଥିର କରାଯାଇଥିଲା । ଏହି ଲକ୍ଷ୍ୟ ବିପକ୍ଷରେ, ମାର୍ଚ୍ଚ 2023 ସୁଦ୍ଧା 4,63,104 ପରିବାର ଅନ୍ତର୍ଭୁକ୍ତ ହୋଇଥିଲେ (99 ପ୍ରତିଶତ) । କେବଳ ସମ୍ବଲପୁର ଡିଭିଜନ୍‌ରେ, ବିଜେପୁର ଏନ୍‌ଏସିର 2,715 ପରିବାର ଅନ୍ତର୍ଭୁକ୍ତ ହୋଇନଥିଲେ ।

ଅଡିଟ୍ କିନ୍ତୁ, ଲକ୍ଷ୍ୟ କରିଥିଲେ ଯେ, ବିଜେପୁର ଏନ୍‌ଏସି ବ୍ୟତୀତ, ନମୁନାରେ ନିଆଯାଇଥିବା ତିନିଟି ଡିଭିଜନ୍ ଅଧୀନରେ ଥିବା ଅନ୍ୟ ଚାରିଟି ୟୁଏଲ୍‌ବି ଗୁଡ଼ିକର କିଛି ଅଞ୍ଚଳ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଉପକୃତ ନହୋଇ ବଞ୍ଚିତ ରହିଥିଲେ । ଏହି ଚାରିଟି ୟୁଏଲ୍‌ବିରେ କିଛି ନୂତନ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଅବସ୍ଥାରେ ଥିଲା ଏବଂ ସେଠାରେ ପୂର୍ବରୁ କୌଣସି ଜଳ ଯୋଗାଣ ପ୍ରକଳ୍ପ ବିଦ୍ୟମାନ ନ ଥିଲା, ଯାହା **ସାରଣୀ 2.3.5** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା ସତ୍ତ୍ୱେ, ଇଆଇସି(ପିଏଚ୍‌ଇଓ)ର ରେକର୍ଡରେ ଏହି ୟୁଏଲ୍‌ବି ଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଦର୍ଶାଯାଇଥିଲା ।

[55] ନିରନ୍ତର ବିକାଶ ଲକ୍ଷ୍ୟ ଗୁଡ଼ିକ, 169 ଟି ଲକ୍ଷ୍ୟ ବିଶିଷ୍ଟ 17 ଟି ଉଦ୍ଦେଶ୍ୟ ସହିତ, 2030 ସୁଦ୍ଧା କାହାକୁ ପଛରେ ନ ଛାଡ଼ି ମାନବ ସମାଜର ଉନ୍ନତି ନିମିତ୍ତ ବୃହତ୍ତର ଲାଭ ପାଇଁ ବିକାଶମୂଳକ କାର୍ଯ୍ୟଗୁଡ଼ିକର ସୁସଂଗଠିତ ଭାବରେ ଏବଂ ସୁଚାରୁରୂପରେ ପାଳନ କରିବାକୁ ବିଶ୍ୱ ନେତୃତ୍ୱ ବୃନ୍ଦଙ୍କର ଏକ ମହାକାଂକ୍ଷୀ ପ୍ରତିବଦ୍ଧତା/ ପ୍ରତିଶ୍ରୁତି ଅଟେ । ଭାରତ ସରକାର ନିରନ୍ତର ବିକାଶ ଲକ୍ଷ୍ୟ ସମେତ ଏଜେଣ୍ଡା 2030 ପ୍ରତି ଦୃଢ଼ ପ୍ରତିବଦ୍ଧ

*ସାରଣୀ 2.3.5: ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ନହେବା ସତ୍ତ୍ୱେ, ୟୁଏଲ୍‌ବି ଗୁଡ଼ିକୁ ପୂର୍ଣ୍ଣଭାବରେ ଅନ୍ତର୍ଭୁକ୍ତ କରାଯାଇଥିବା ବୋଲି ଦର୍ଶିତ*

| କ୍ର. ସଂ. | ପ୍ରକଳ୍ପ ନାମ | ନମୁନା ଡିଭିଜନ୍ | ୟୁଏଲ୍‌ବିର ନାମ | ଯୋଜନା/ ଅନୁମୋଦନ ବର୍ଷ | ଆରମ୍ଭ ତାରିଖ | ସମ୍ପୂର୍ଣ୍ଣ ହେବାର ନିର୍ଦ୍ଧାରିତ ତାରିଖ |
|---|---|---|---|---|---|---|
| 1 | ସମ୍ବଲପୁର ମହାନଗର ନିଗମକୁ ଜଳଯୋଗାଣ ପ୍ରକଳ୍ପ | ସମ୍ବଲପୁର | ସମ୍ବଲପୁର ମହାନଗର ନିଗମ | 2022-23/ ବସୁଧା | 06 ଡିସେମ୍ବର 2022 | 05 ନଭେମ୍ବର 2023 |
| 2 | ବରଗଡ଼ ପୌରାଞ୍ଚଳରେ ଭଟଲି ଛକ ଏବଂ ଗୋବିନ୍ଦପାଲିକୁ ଜଳ ଯୋଗାଣରେ ଉନ୍ନତି | | ବରଗଡ଼ ପୌର ସଂସ୍ଥା | 2020-21/ ବସୁଧା | 31 ମଇ 2021 | 28 ଫେବୃଆରୀ 2022 |
| 3 | ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଜଳ ଯୋଗାଣ ପ୍ରକଳ୍ପ | ଭଞ୍ଜନଗର | ପୁରୁଷୋତ୍ତମପୁର ଏନ୍‌ଏସି | 2020-21/ ବସୁଧା | 05 ଅଗଷ୍ଟ 2021 | 04 ଜୁଲାଇ 2022 |
| 4 | ବ୍ରହ୍ମପୁର ମହାନଗର ନିଗମ ପାଇଁ ଜଳ ଯୋଗାଣ ପ୍ରକଳ୍ପ | ବ୍ରହ୍ମପୁର | ବ୍ରହ୍ମପୁର ମହାନଗର ନିଗମ | 2017-18/ ଅମୃତ | 04 ଜୁଲାଇ 2019 | 03 ଜୁଲାଇ 2020 |

*(ଉତ୍ସ: ନମୁନା ଡିଭିଜନ ଗୁଡ଼ିକର ତଥ୍ୟ)*

ଉପରୋକ୍ତ ଚାରିଟି ପ୍ରକଳ୍ପ ଅଧିନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ପରିବାର ସଂଖ୍ୟା ରେକର୍ଡରେ ମିଳିନାହିଁ । ତେଣୁ, ବିଭାଗର ଘୋଷଣା ଯେ, 99 ପ୍ରତିଶତ ପରିବାରକୁ ପାଇପ ଜଳ ଯୋଗାଣ ଦିଆଯାଇଛି, ତାହା ସନ୍ଦେହଜନକ, କାରଣ କାର୍ଯ୍ୟ ସମାପ୍ତ ନହେବା ସତ୍ତ୍ୱେ, ୟୁଏଲ୍‌ବି ମାନଙ୍କୁ ସମ୍ପୂର୍ଣ୍ଣ ଜଳଯୋଗାଣ କରାଯାଇଛି ବୋଲି ଦର୍ଶାଯାଇଥିବାରୁ, ସେମାନେ ପାଇପ୍ ଜଳଯୋଗାଣରୁ ବଞ୍ଚିତ ରହିଥିଲେ ।

**ସୁପାରିଶ 2.3.1:**

***ପାଇପ ଜଳଯୋଗାଣ ପ୍ରକଳ୍ପ ଅଧିନରେ ଅନ୍ତର୍ଭୁକ୍ତ ପରିବାରଗୁଡିକର ଡାଟାବେସ୍‌ର ସଠିକତା ସୁନିଶ୍ଚିତ କରିବା ଆବଶ୍ୟକ, କାରଣ ତାହା ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକର ତଦାରଖ ପାଇଁ ଆଧାର ଅଟେ । ସମସ୍ତ ପରିବାର ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ୟାପ୍-ଆନାଲିସିସ୍ ଏବଂ ଭବିଷ୍ୟତ ଯୋଜନା କରିବା ଆବଶ୍ୟକ ।***

## 2.3.6 ଜଳଯୋଗାଣ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି

ରାଜ୍ୟକୁ ଅମୃତ 1.0 ଏବଂ 2.0 ଅଧିନରେ 130 ଟି ଏବଂ 169 ଟି ପ୍ରକଳ୍ପ ପାଇଁ ଯଥାକ୍ରମେ 1,500.08 କୋଟି ଟଙ୍କା ଏବଂ 3,436.86 କୋଟି ଟଙ୍କା ଅନୁମୋଦନ ମିଳିଥିଲା । ମାର୍ଚ୍ଚ 2023 ସୁଦ୍ଧା 1,456.27 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ଅମୃତ 1.0 ଅଧିନରେ ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା । ଅମୃତ 2.0 କ୍ଷେତ୍ରରେ 15.42 କୋଟି ଟଙ୍କା ବ୍ୟୟରେ ଚାରିଟି (ଅନୁମୋଦିତ ମୂଲ୍ୟ 18.88 କୋଟି ଟଙ୍କା) ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା, ଯେତେବେଳେ କି, 55 ଟି ପ୍ରକଳ୍ପ (1,035.84 କୋଟି ଟଙ୍କା) ର କାର୍ଯ୍ୟ ଚାଲୁ ରହିଥିଲା ଏବଂ 110 ଟି ପ୍ରକଳ୍ପର (2,382.14 କୋଟି ଟଙ୍କା) କାର୍ଯ୍ୟ ଆରମ୍ଭ ହୋଇ ନଥିଲା । 103 ଟି ମାମଲାରେ ପିଡିଏମ୍‌ସି ଦ୍ୱାରା ଡିପିଆର୍ ପ୍ରସ୍ତୁତ ନହେବା ଏବଂ ସାତଟି ପ୍ରକଳ୍ପର ଟେଣ୍ଡର ନହେବାରୁ ଏହି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇ ନଥିଲା (ମାର୍ଚ୍ଚ 2023) । ଏହି ଅସମ୍ପୂର୍ଣ୍ଣ 165 ଟି ପ୍ରକଳ୍ପକୁ ଅମୃତ 2.0 ଅଧିନରେ ମାର୍ଚ୍ଚ 2022 ରୁ ଜାନୁଆରୀ 2023 ମଧ୍ୟରେ ମଞ୍ଜୁର କରାଯାଇଥିଲା ।

2018-23 ବର୍ଷ ମଧ୍ୟରେ ରାଜ୍ୟରେ ବସୁଧା ଅଧିନସ୍ଥ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ସ୍ଥିତି ବିଭାଗ/ ଇଆଇସି ପିଏଚ୍ ପ୍ରଦାନ କରିନଥିଲେ । ତଥାପି, ନମୁନା ଡିଭିଜନ ଗୁଡ଼ିକର 2018-23 ଅବଧିର ପ୍ରଗତି ରିପୋର୍ଟ ଆଧାରରେ ବସୁଧା ଏବଂ ଅମୃତ 1.0 ଏବଂ 2.0 ରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନର ବର୍ଷଓ୍ୱାରୀ ସ୍ଥିତି ଅଡିଟ୍‌ରେ ବିଶ୍ଳେଷଣ କରାଯାଇଥିଲା, ଯାହା **ସାରଣୀ 2.3.6** ରେ ଦର୍ଶାଯାଇଛି ।

***ସାରଣୀ 2.3.6: 2018-23 ଅବଧିରେ ନମୁନା ଡିଭିଜନ୍ ଗୁଡ଼ିକ ନିଷ୍ପାଦିତ ହୋଇଥିବା କାର୍ଯ୍ୟର ସ୍ଥିତି***

| ନମୁନା ଡିଭିଜନ୍ | ଅନୁମୋଦିତ ପ୍ରକଳ୍ପ | | ସମ୍ପୂର୍ଣ୍ଣ | ମାର୍ଚ୍ଚ 2023 ସୁଦ୍ଧା ଅସମ୍ପୂର୍ଣ୍ଣ | | ଅସମ୍ପୂର୍ଣ୍ଣ |
|---|---|---|---|---|---|---|
| | ସଂଖ୍ୟା | ଆନୁମାନିକ ମୂଲ୍ୟ (ଟଙ୍କା କୋଟିରେ) | ସଂଖ୍ୟା | ଚାଲୁରହିଥିବା (ସଂଖ୍ୟା) | ଆରମ୍ଭ ହୋଇନଥିବା (ସଂଖ୍ୟା) | କାର୍ଯ୍ୟଗୁଡ଼ିକର ଆନୁମାନିକ ମୂଲ୍ୟ (ଟଙ୍କା କୋଟିରେ) |
| ***ଅମୃତ 1.0*** | | | | | | |
| ଭୁବନେଶ୍ୱର | 8 | 73.82 | 8 | 0 | 0 | 0 |
| ସମ୍ବଲପୁର | 8 | 166.70 | 8 | 0 | 0 | 0 |
| ବ୍ରହ୍ମପୁର | 8 | 53.31 | 8 | 0 | 0 | 0 |
| ***ମୋଟ*** | **24** | **293.83** | **24** | **0** | **0** | **0** |
| ***ଅମୃତ 2.0*** | | | | | | |
| ଭୁବନେଶ୍ୱର | 10 | 45.53 | 2 | 8 | 0 | 43.11 |
| ସମ୍ବଲପୁର | 5 | 155.01 | 0 | 2 | 3 | 155.01 |
| ବ୍ରହ୍ମପୁର | 3 | 122.23 | 2 | 1 | 0 | 62.06 |
| କଟକ | 1 | 47.48 | 0 | 0 | 1 | 47.48 |
| କୋରାପୁଟ | 3 | 147.82 | 0 | 0 | 3 | 147.82 |
| ଭଞ୍ଜନଗର | 5 | 101.19 | 0 | 0 | 5 | 10.20 |
| ***ମୋଟ*** | **27** | **619.97** | **4** | **11** | **12** | **465.68** |
| ***ବସୁଧା*** | | | | | | |
| ସମ୍ବଲପୁର | 36 | 108.50 | 34 | 2 | 0 | 9.61 |
| କଟକ | 76 | 338.78 | 32 | 6 | 38 | 303.86 |
| କୋରାପୁଟ | 60 | 64.53 | 57 | 1 | 2 | 8.62 |
| ଭଞ୍ଜନଗର | 13 | 64.39 | 10 | 3 | 0 | 11.14 |
| ***ମୋଟ*** | **185** | **576.20** | **133** | **12** | **40** | **333.23** |
| ***ସର୍ବ ମୋଟ*** | **236** | **1,490.00** | **161** | **23** | **52** | **798.91** |

***(ଉତ୍ସ: ନମୁନା ଡିଭିଜନ ମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଆଧାରରେ)***

ଅମୃତ 2.0 କ୍ଷେତ୍ରରେ, ନମୁନା ଡିଭିଜନ୍ ଗୁଡ଼ିକରେ 11 ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରୁ 10ଟିର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ ସମାପ୍ତି ତାରିଖରୁ ତିନି ରୁ 12 ମାସ (ସେପ୍ଟେମ୍ବର 2023) ଅଧିକ ସମୟ ଧରି ଜାରି ରହିଥିଲା । କାର୍ଯ୍ୟ ସମାପ୍ତ ନହେବାର କାରଣଗୁଡ଼ିକ ମଧ୍ୟରେ ସଂପୃକ୍ତ ଠିକାଦାରଙ୍କ ଦ୍ୱାରା ବିଳମ୍ବରେ କାର୍ଯ୍ୟାନ୍ୱୟନ (ଆଠଟି କାର୍ଯ୍ୟରେ) ଏବଂ ଜମି ଅଧିଗ୍ରହଣ ସମସ୍ୟା (ଦୁଇଟି କାର୍ଯ୍ୟରେ) ଅନ୍ତର୍ଭୁକ୍ତ । ପୁନଶ୍ଚ, ଡିପିଆର୍ ପ୍ରସ୍ତୁତ ନହେବା (ଆଠଟି କାର୍ଯ୍ୟରେ) ଏବଂ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ନହେବା (ଚାରିଟି କାର୍ଯ୍ୟରେ) ଯୋଗୁଁ ଅମୃତ 2.0 ର 12 ଟି କାର୍ଯ୍ୟ ଆରମ୍ଭ ହୋଇନଥିଲା ।

ବସୁଧା କ୍ଷେତ୍ରରେ 12 ଟି ପ୍ରକଳ୍ପ ମଧ୍ୟରୁ 10 ଟିର କାର୍ଯ୍ୟ ଚାଲୁଥିଲା । ଆବଶ୍ୟକୀୟ ଜମି ଉପଲବ୍ଧ ନହେବା (ଦୁଇଟି କାର୍ଯ୍ୟରେ), ଡିଜାଇନରେ ପରିବର୍ତ୍ତନ (ତିନିଟି କାର୍ଯ୍ୟରେ), ଆବଶ୍ୟକୀୟ ଯନ୍ତ୍ରପାତି ଉପଲବ୍ଧ ନହେବା (ଚାରିଟି କାର୍ଯ୍ୟରେ) ଏବଂ ଠିକାଦାରଙ୍କ ଦ୍ୱାରା ବିଳମ୍ବ କାର୍ଯ୍ୟାନ୍ୱୟନ (ଗୋଟିଏ କାର୍ଯ୍ୟରେ) ଯୋଗୁଁ ସମ୍ପୂର୍ଣ୍ଣ ହେବା ପାଇଁ ସେମାନଙ୍କ ନିର୍ଦ୍ଧାରିତ ସମାପ୍ତି ତାରିଖରୁ ତିନିରୁ 19 ମାସ (ସେପ୍ଟେମ୍ବର 2023) ପର୍ଯ୍ୟନ୍ତ ବିଳମ୍ବ ହୋଇସାରିଛି । ଏହା ବ୍ୟତୀତ, ଡିପିଆର୍ ପ୍ରସ୍ତୁତ ନହେବା (38 ଟି କାର୍ଯ୍ୟରେ), ଜାରି ରହିଥିବା ଟେଣ୍ଡର ପ୍ରକ୍ରିୟା (ଗୋଟିଏ କାର୍ଯ୍ୟରେ) ଏବଂ ପ୍ରକଳ୍ପ ବନ୍ଦ ହୋଇଯିବା (ଗୋଟିଏ କାର୍ଯ୍ୟରେ) ଯୋଗୁଁ 40 ଟି କାର୍ଯ୍ୟ ଆରମ୍ଭ ହୋଇନଥିଲା ।

କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ କିପରି ଉଦ୍ଦିଷ୍ଟ ସେବା ପ୍ରଦାନକୁ ପ୍ରଭାବିତ କରିଛି ତାହା ବିଶ୍ଳେଷଣ କରିବା ପାଇଁ, ନମୁନା ଡିଭିଜନରେ ଅମୃତ 2.0 ଏବଂ ବସୁଧାର 23 ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରୁ ଅଡିଟ୍ ଚାରିଟି ପ୍ରକଳ୍ପର ରେକର୍ଡ ଯାଞ୍ଚ କରିଥିଲା ଏବଂ ଏହା ଲକ୍ଷ୍ୟ କରିଥିଲା ଯେ:

- ***ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପାଇଁ ଜଳଯୋଗାଣ ପ୍ରକଳ୍ପ:*** ଏସ୍‌ଏମ୍‌ସିର ଜୋନ୍ 1, 5, 6 ଏବଂ 7 କୁ ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ୱାଟ୍‌କୋ ଡିଭିଜନ୍, ସମ୍ବଲପୁର ଦ୍ୱାରା ଅମୃତ 1.0 ଅଧୀନରେ ଏକ ଜଳଯୋଗାଣ ପ୍ରକଳ୍ପ ହାତକୁ ନିଆ ଯାଇଥିଲା । ଏହି କାର୍ଯ୍ୟ 8.46 କୋଟି ଟଙ୍କାରେ ଏକ ଠିକାଦାରକୁ ପ୍ରଦାନ କରାଯାଇଥିଲା (ଡିସେମ୍ବର 2017), ଯାହାର ସମାପ୍ତି ତାରିଖ 22 ଡିସେମ୍ବର 2018 ଧାର୍ଯ୍ୟ କରାଯାଇଥିଲା । କାର୍ଯ୍ୟର ପରିସର ମଧ୍ୟରେ ଜଳର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଛଅଟି ଫିଲ୍‌ଟ୍ରେସନ୍ ସିଷ୍ଟମ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ଠିକାଦାର ଜୁନ୍ 2022 ରେ ପ୍ରକଳ୍ପ ଛାଡ଼ି ଦେଇଥିଲେ ଏବଂ ସେପର୍ଯ୍ୟନ୍ତ ତାଙ୍କୁ 4.80 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଠିକାଦାର କାମ ଛାଡ଼ିବାର କାରଣ ରେକର୍ଡରେ ଉଲ୍ଲେଖ ନଥିଲା । ଏହାପରେ, ଚୁକ୍ତିନାମା ବାତିଲ୍ କରି ଅନ୍ୟ କୌଣସି ଠିକାଦାରକୁ ପ୍ରଦାନ କରିବା ପାଇଁ କିମ୍ବା ଅନ୍ୟ କୌଣସି ଉପାୟରେ କାମ ଶୀଘ୍ର ସମାପ୍ତ କରିବା ପାଇଁ ଡିଭିଜନ୍ କୌଣସି ପଦକ୍ଷେପ ନେଇନଥିଲେ । ମିଳିତ ସରଜମିନ ତଦନ୍ତ (2 ସେପ୍ଟେମ୍ବର 2023) ରେ ଅଡିଟ୍ ଲକ୍ଷ୍ୟ କଲା ଯେ 2.73 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଦୁଇଟି ଫିଲଟ୍ରେସନ୍ ସିଷ୍ଟମ୍[56] ସମ୍ପୂର୍ଣ୍ଣ ହୋଇନାହିଁ ଏବଂ ପୂର୍ବରୁ ସମ୍ପାଦିତ କାର୍ଯ୍ୟଗୁଡ଼ିକ ଖରାପ ହେଉଛି । ସେହିଦିନ ଅଡିଟ୍‌ର ପରାମର୍ଶରେ ଡିଭିଜନାଲ୍ ଜଳ ପରୀକ୍ଷଣ ପରୀକ୍ଷାଗାର (ଡବ୍ଲୁଟିଏଲ୍)ରେ ସିନ୍ଦୁରପଙ୍କର ଜଳର ଗୁଣବତ୍ତା ମଧ୍ୟ ପରୀକ୍ଷା କରାଯାଇଥିଲା । ଡବ୍ଲୁଟିଏଲ୍‌ର ପରୀକ୍ଷା ରିପୋର୍ଟରେ ନମୁନା ନିଆଯାଇଥିବା ପାଣିରେ ଗୋଳିଆପଣ ମୂଲ୍ୟ ଗ୍ରହଣୀୟ ସୀମା 1 ଏନ୍‌ଟିୟୁ ରହିବା ପରିବର୍ତ୍ତେ 4.96 ଏନ୍‌ଟିୟୁ ଥିଲା ।



ଚିତ୍ର 2.3.1: ସମ୍ବଲପୁର ନଗର ନିଗମରେ ରଘୁନାଥପଲ୍ଲୀ-ବୈଜାମୁଣ୍ଡାରେ ଥିବା ପରିତ୍ୟକ୍ତ କାର୍ଯ୍ୟ (01.09.2023)



ଚିତ୍ର 2.3.2: ସମ୍ବଲପୁର ନଗର ନିଗମରେ ସିନ୍ଦୁରପଙ୍କାରେ ଅସମ୍ପୂର୍ଣ୍ଣ ଜଳ ବିଶୋଧନ ବ୍ୟବସ୍ଥା (02.09.2023)

  ତେଣୁ, ପ୍ରକଳ୍ପ ଗୁଡ଼ିକ ସମାପ୍ତ ନହେବା ଯୋଗୁଁ, ଜୋନ୍-1 (ରଘୁନାଥପଲ୍ଲୀ ଏବଂ ବୈଜାମୁଣ୍ଡା)ର ପରିବାରଗୁଡ଼ିକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉନଥିଲା । ଏହା ସହିତ, ଜୋନ୍ 6 (ସିନ୍ଦୁରପଙ୍କା)ର ପରିବାରଗୁଡ଼ିକୁ ଗୋଳିଆ ପାଣି ଯୋଗାଣ କରାଯାଉଥିଲା ।

- ***ଦେବଗଡ଼ ପୌରପାଳିକା ପାଇଁ ଜଳଯୋଗାଣ ପ୍ରକଳ୍ପ:*** ସମ୍ବଲପୁର ଡିଭିଜନ୍ ଦ୍ୱାରା ଅମୃତ 2.0 ଅଧୀନରେ ପାଇପ୍ ଲାଇନ୍ ବିଛାଇବା, ଉଚ୍ଚ ସଂରକ୍ଷଣ ଜଳ ଭଣ୍ଡାର ନିର୍ମାଣ, ଭୂତଳ ଜଳ ଭଣ୍ଡାର ଏବଂ ପମ୍ପ୍ ହାଉସ୍ ତଥା ଆନୁଷଙ୍ଗିକ ସଂରଞ୍ଚନା କରିବା ପାଇଁ ଏକ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା । ଦେବଗଡ଼ ସହରର ତିନିଟି ଭିନ୍ନ ଅଞ୍ଚଳ (ଯଥା- ରୀଚ୍ I, II ଏବଂ III) ର ବାସଗୃହଗୁଡ଼ିକୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ଥିଲା । ପ୍ରତ୍ୟେକ ରୀଚ୍‌ରେ[57] ଜାନୁଆରୀ 2023 ଏବଂ ଫେବୃଆରୀ 2023 ମଧ୍ୟରେ କାର୍ଯ୍ୟ ସମାପ୍ତ ହେବାର ତାରିଖ

56 ରଘୁନାଥପଲ୍ଲୀ-ବୈଜମୁଣ୍ଡା ଏବଂ ସିନ୍ଦୁରପଙ୍କ ଠାରେ

57 ସମ୍ପୂର୍ଣ୍ଣ ହେବାର ଧାର୍ଯ୍ୟ ତାରିଖ: ରୀଚ୍ I: 5 ଫେବୃଆରୀ 2023, ରୀଚ୍ II: 25 ଫେବୃଆରୀ 2023 ଏବଂ ରୀଚ୍ III: 27 ଜାନୁଆରୀ 2023

ସହିତ କାର୍ଯ୍ୟଟି 6.40 କୋଟି ଟଙ୍କାରେ ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା (ଅପ୍ରେଲ୍-ମଇ 2022) । କାର୍ଯ୍ୟସ୍ଥଳଗୁଡ଼ିକର ମିଳିତ ସରଜମିନ ତଦନ୍ତ (5 ସେପ୍ଟେମ୍ବର 2023) ଏବଂ ରେକର୍ଡ ଯାଞ୍ଚରୁ ଜଣାପଡ଼ିଲା ଯେ କାର୍ଯ୍ୟଗୁଡ଼ିକର ନିର୍ମାଣ କାର୍ଯ୍ୟ ଚାଲୁରହିଛି ଏବଂ ଠିକାଦାରଙ୍କୁ ସେତେବେଳ ପର୍ଯ୍ୟନ୍ତ ସଂପାଦିତ କାର୍ଯ୍ୟ ପାଇଁ 1.23 କୋଟି ଟଙ୍କା (19 ପ୍ରତିଶତ) ପ୍ରଦାନ କରାଯାଇଅଛି । ଜଙ୍ଗଲ ଓ ପରିବେଶ ବିଭାଗରୁ ଅନୁମତି ପାଇବାରେ ବିଳମ୍ବ ଯୋଗୁଁ କାର୍ଯ୍ୟଗୁଡ଼ିକର ଅଗ୍ରଗତି ବିଳମ୍ବ ହୋଇଥିଲା । କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ ସଂପୃକ୍ତ ଅଞ୍ଚଳର ବାସଗୃହ ଗୁଡ଼ିକୁ ପୁରୁଣା ଯୋଗାଣ ବ୍ୟବସ୍ଥା ମାଧମରେ ପାନୀୟ ଜଳ ଯୋଗାଣ କରାଯାଇଥିଲା, ଯାହା ଆବଶ୍ୟକ ପରିମାଣର ପାଣି ଯୋଗାଇବାରେ ସକ୍ଷମ ନଥିଲା । ତେଣୁ, 135 ଏଲ୍‌ପିସିଡି[58] ଜଳ ଯୋଗାଣର ମାନଦଣ୍ଡ ପରିବର୍ତ୍ତେ ବାସଗୃହ ଗୁଡ଼ିକୁ କେବଳ 83 ଏଲ୍‌ପିସିଡି ଜଳ ଯୋଗାଇ ଦିଆଯାଉଥିଲା ।

- ***ପୁରୁଷୋତ୍ତମପୁର ଏନ୍ଏସି ପାଇଁ ଜଳଯୋଗାଣ ପ୍ରକଳ୍ପ:*** ଭଞ୍ଜନଗର ପିଏଚ୍ ଡିଭିଜନ ଦ୍ୱାରା ବିଦ୍ୟମାନ ଥିବା ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ବସୁଧା ଅଧିନରେ ଏକ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟ 2.68 କୋଟି ଟଙ୍କାରେ ଏକ ଠିକାଦାରକୁ ଦିଆଯାଇଥିଲା (ଅଗଷ୍ଟ 2021) ଏବଂ ଜୁଲାଇ 2022 ସୁଦ୍ଧା ଏହାକୁ ସମାପ୍ତ କରିବାକୁ ସର୍ତ୍ତ ରଖାଯାଇଥିଲା । କାର୍ଯ୍ୟସ୍ଥଳରେ ମିଳିତ ସରଜମିନ ତଦନ୍ତ (26 ଜୁଲାଇ 2023) ରୁ ଦେଖାଗଲା ଯେ ଦୁଇ ବର୍ଷ ବିତିଯାଇଥିଲେ ମଧ ଇନ୍‌ଟେକ୍ ୱେଲ୍, ଉଚ୍ଚ ସଂରକ୍ଷଣ ଜଳ ଭଣ୍ଡାର, ପମ୍ପିଂ ବ୍ୟବସ୍ଥା, ବିଦ୍ୟୁତିକରଣ, ଇତ୍ୟାଦି କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିଲା । ସମ୍ପାଦିତ କାର୍ଯ୍ୟର ମୂଲ୍ୟ ପାଇଁ ଠିକାଦାରଙ୍କୁ 1 କୋଟି ଟଙ୍କା ଦିଆଯାଇ ସାରିଥିଲା । ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନର ଗତି ମନ୍ଥର ଥିଲେ ମଧ, ଇଆଇସି (ପିଏଚ୍) ଭୂତଳ ଜଳ ଭଣ୍ଡାରର ଡିଜାଇନ୍ ଚୂଡ଼ାନ୍ତ କରିବାରେ ନଅ ମାସ ବିଳମ୍ବ କରିଥିଲେ । କାର୍ଯ୍ୟ ସମାପ୍ତିର ବିଳମ୍ବ ଯୋଗୁଁ ବାସଗୃହ ଗୁଡ଼ିକୁ 135 ଏଲ୍‌ପିସିଡି ଯୋଗାଣ ପରିବର୍ତ୍ତେ, କେବଳ 105 ଏଲ୍‌ପିସିଡି ଜଳ ଯୋଗାଇ ଦିଆଯାଇଥିଲା ।

- **ଜୟପୁର ପୌରପାଳିକା ପାଇଁ ଜଳ ଯୋଗାଣ ପ୍ରକଳ୍ପ:** ଜଳ ବିଶୋଧନ କେନ୍ଦ୍ର (ଡବ୍ଲ୍ୟୁଟିପି)କୁ ନିରନ୍ତର ଜଳ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ 32 ଏମ୍‌ଏଲ୍‌ଡି[59] ଜଳ ବିଶୋଧନ କେନ୍ଦ୍ର (ଡବ୍ଲୁଟିପି) ପାଇଁ ବିଦ୍ୟୁତିକରଣ ବ୍ୟବସ୍ଥା ସହିତ ସ୍ଥାୟୀ ଇନ୍‌ଟେକ୍ ଷ୍ଟ୍ରକ୍‌ଚର୍‌କୁ ନେଇ, ପିଏଚ୍ ଡିଭିଜନ୍, କୋରାପୁଟ ଦ୍ୱାରା ବସୁଧା ଅଧିନରେ ଗୋଟିଏ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା । କାର୍ଯ୍ୟଟି 4.39 କୋଟି ଟଙ୍କା ମୂଲ୍ୟରେ ପ୍ରଦାନ କରାଯାଇ ଥିଲା (ଅପ୍ରେଲ୍ 2022) ଏବଂ ଅକ୍ଟୋବର 2022 ସୁଦ୍ଧା ସମାପ୍ତ କରିବା ପାଇଁ କୁହାଯାଇଥିଲା । ଅଡିଟ୍‌ରୁ ଲକ୍ଷ୍ୟ କରାଗଲା ଯେ, ଜୁଲାଇ 2023 ସୁଦ୍ଧା କାର୍ଯ୍ୟଟି ଚାଲୁରହିଛି ଏବଂ କେବଳ 59 ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । ଠିକାଦାରଙ୍କୁ କାର୍ଯ୍ୟର ମୂଲ୍ୟ ବାବଦକୁ 2.58 କୋଟି ଟଙ୍କା ଦିଆଯାଇଛି । ଠିକାଦାରଙ୍କ ଦ୍ୱାରା କାର୍ଯ୍ୟର ମନ୍ଥରତା ଯୋଗୁଁ ପ୍ରକଳ୍ପଟି ନଅ ମାସରୁ ଅଧିକ ସମୟ ପାଇଁ ବିଳମ୍ବ ହୋଇଛି ।

ଉପରୋକ୍ତ ଚାରିଟି ମାମଲାରେ ଅଡିଟ୍ ଲକ୍ଷ୍ୟ କଲେ ଯେ, ଠିକାଦାରଙ୍କ ଦ୍ୱାରା କାର୍ଯ୍ୟାନ୍ୱୟନରେ ମନ୍ଥରତା ଏବଂ ଇଆଇସିଙ୍କ ଦ୍ୱାରା ଡ୍ରଇଂ ଓ ଡିଜାଇନ୍ ଚୂଡ଼ାନ୍ତ କରିବାରେ ବିଳମ୍ବ ଯୋଗୁଁ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ନିର୍ମାଣ ଅସଂପୂର୍ଣ୍ଣ ରହିଥିଲା । ଫଳସ୍ୱରୂପ, ଏହି ଅଞ୍ଚଳର ବାସିନ୍ଦାମାନେ ଆବଶ୍ୟକ ପରିମାଣର ପାଇପ୍ ଜଳ ଯୋଗାଣରୁ ବଞ୍ଚିତ ହୋଇଥିଲେ ।

ଏହି ତଥ୍ୟକୁ ସ୍ୱୀକାର କରି ବିଭାଗୀୟ ଅଧିକାରୀମାନେ (ଡିଓ) ପ୍ରତିଶ୍ରୁତି ଦେଇଥିଲେ ଯେ, ଯଥାଶୀଘ୍ର କାର୍ଯ୍ୟ ଶେଷ କରିବା ନିମନ୍ତେ ଠିକାଦାରମାନଙ୍କୁ ନିର୍ଦ୍ଦେଶ ଦିଆଯିବ ।

---

58 ଦୈନିକ ମୁଣ୍ଡପିଛା ଲିଟର ହିସାବରେ

59 ଦୈନିକ ମିଲିଅନ୍ ଲିଟର ହିସାବରେ

### 2.3.7 ଯୋଗାଣର ପର୍ଯ୍ୟାପ୍ତତା

ଓଏସ୍ୟୁଡବ୍ଲୁଏସ୍ପି, 2013 ଅନୁଯାୟୀ, ସହରାଞ୍ଚଳର ପ୍ରତ୍ୟେକ ପରିବାରକୁ 135 ଏଲ୍ପିସିଡି ଜଳ ଯୋଗାଇ ଦିଆଯିବ ଏବଂ ଯୋଗାଣର ଅବଧି ଦିନକୁ ଅତି କମ୍‌ରେ ଆଠ ଘଣ୍ଟା ହେବ । ଓଏସ୍ୟୁଡବ୍ଲୁଏସ୍ପି, 2013 ରେ ସ୍ଥିର କରାଯାଇଥିବା ଏହି ଯୋଗାଣ ମାନଦଣ୍ଡକୁ ଦୃଷ୍ଟିରେ ରଖି ଉଭୟ ଅମୃତ ଏବଂ ବସୁଧା ଅଧିନରେ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର କ୍ଷମତା ସ୍ଥିର କରାଯାଇଥିଲା ।

ଇଆଇସି (ପିଏଚ୍) ର ରେକର୍ଡରୁ ଅଡିଟ୍ ଲକ୍ଷ୍ୟ କରିଛି ଯେ, ରାଜ୍ୟର 115 ଟି ୟୁଏଲ୍ବି ମଧ୍ୟରୁ 60 ଟିରେ ଯୋଗାଣ ହୋଇଥିବା ଜଳର ପରିମାଣ 33.10 ଏଲପିସିଡି (ଓଡ଼ଗାଁ ଏନ୍ଏସି) ରୁ 134.14 ଏଲ୍ପିସିଡି (ରାୟଗଡ଼ା ପୌରପାଳିକା) ମଧ୍ୟରେ ଥିଲା । ଚାରିଟି ନମୁନା ଡିଭିଜନ୍‌ରେ ସଂପୃକ୍ତ 18 ଟି ୟୁଏଲ୍ବିଗୁଡ଼ିକୁ[60] ଜଳ ଯୋଗାଣର ପରିମାଣ 47 ଏଲ୍ପିସିଡି ଏବଂ 132 ଏଲ୍ପିସିଡି ମଧ୍ୟରେ ଥିଲା, ଯାହା 135 ଏଲ୍ପିସିଡିର ମାନଦଣ୍ଡ ଠାରୁ କମ୍ ଥିଲା, ଯାହା **ସାରଣୀ 2.3.7** ରେ ଦର୍ଶାଯାଇଛି ।

***ସାରଣୀ 2.3.7: ମାର୍ଚ୍ଚ 2023 ସୁଦ୍ଧା ନମୁନା ଡିଭିଜନ୍‌ଗୁଡ଼ିକରେ ମୁଣ୍ଡ ପିଛା ଜଳଯୋଗାଣରେ ନିଅଣ୍ଟ***

| ନମୁନା ଡିଭିଜନ | 135 ଏଲ୍ପିସିଡିରୁ କମ୍ ଜଳ ଯୋଗାଣ ହୋଇଥିବା ୟୁଏଲ୍ବିର ସଂଖ୍ୟା | ୟୁଏଲ୍ବି ଗୁଡ଼ିକର ନାମ | ୟୁଏଲ୍ବିଗୁଡ଼ିକର ଆନୁମାନିକ ଜନସଂଖ୍ୟା | ଜଳ ଉପଲବ୍ଧତାର ପରିମାଣ (ଏଲ୍ପିସିଡି) |
|---|---|---|---|---|
| କଟକ | 3 | ଜଗତସିଂହପୁର, ଆଠଗଡ଼, ଯାଜପୁର | 1,06,114 | 121 ରୁ 132 |
| କୋରାପୁଟ | 5 | ଉମରକୋଟ, ବାଲିମେଳା, ନବରଙ୍ଗପୁର, ମାଲକାନଗିରି, କୋଟପାଡ଼ | 1,60,423 | 89 ରୁ 124 |
| ଭଞ୍ଜନଗର | 7 | ବୁଗୁଡ଼ା, ଛତ୍ରପୁର, ଖଲିକୋଟ, କୋଦଳା, ପୁରୁଷୋତ୍ତମପୁର, ପୋଲସରା, ରମ୍ଭା | 1,35,554 | 110 ରୁ 124 |
| ସମ୍ବଲପୁର | 3 | ଦେବଗଡ଼, ବରଗଡ଼, ବିଜେପୁର | 1,45,404 | 47 ରୁ 103 |
| **ମୋଟ** | **18** | **--** | **5,47,495** | **47 ରୁ 132** |

***(ଉତ୍ସ: ନମୁନା ଡିଭିଜନର ରେକର୍ଡଗୁଡ଼ିକ)***

ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ, ଚାରିଟି ନମୁନା ଡିଭିଜନର ଅନ୍ତର୍ଭୁକ୍ତ ଥିବା ଉପରୋକ୍ତ 18 ଟି ୟୁଏଲ୍ବି ପାଇଁ ଅମୃତ ଏବଂ ବସୁଧା ଅଧିନରେ ନିଆଯାଇଥିବା 60 ଟି ଅନୁମୋଦିତ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ 17 ଟି ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ପାଇଁ ସହର ଅଧିବାସୀଙ୍କୁ କମ୍ ଜଳଯୋଗାଣ ହୋଇଥିଲା । ଏହା ବ୍ୟତୀତ, ମାର୍ଚ୍ଚ 2023 ପର୍ଯ୍ୟନ୍ତ, ଉପରୋକ୍ତ 18 ଟି ୟୁଏଲ୍ବି ମଧ୍ୟରେ ଭଞ୍ଜନଗର ଡିଭିଜନ୍ ଅଧିନରେ ଥିବା ଦୁଇଟି ୟୁଏଲବି ଯଥା- ରମ୍ଭା ଏନ୍ଏସି ଏବଂ ଖଲ୍ଲିକୋଟ ଏନ୍ଏସି ଅନ୍ତର୍ଭୁକ୍ତ, ଯାହା ଅମୃତ 1.0 ଅଧିନରେ ଅନ୍ତର୍ଭୁକ୍ତ ନଥିଲା କିମ୍ବା ଜଳଯୋଗାଣ ବୃଦ୍ଧି କରିବା ପାଇଁ ବସୁଧା ଅଧିନରେ କୌଣସି ପ୍ରକଳ୍ପ ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

2022-23 ବର୍ଷ ପାଇଁ ଛଅଟି ନମୁନା ଡିଭିଜନ୍ (ଉପରୋକ୍ତ ଚାରିଟି ଡିଭିଜନ୍ ସମେତ)ର ଫଳାଫଳ ଆଧାରିତ ପ୍ରଗତି ରିପୋର୍ଟ (ଓବିପିଆର୍) ଅନୁଯାୟୀ, ଜଳ ଯୋଗାଣ ଅବଧି ପ୍ରତିଦିନ ଦୁଇରୁ ଆଠ ଘଣ୍ଟା ପର୍ଯ୍ୟନ୍ତ ଥିଲା । ଜୁନ୍ 2023 ରୁ ସେପ୍ଟେମ୍ବର 2023 ମଧ୍ୟରେ ଅଡିଟ୍ ଦ୍ୱାରା କରାଯାଇଥିବା ହିତାଧିକାରୀ ସାକ୍ଷାତକାରରେ, ନମୁନା ଡିଭିଜନ୍ ଅଧିନରେ ଥିବା 20 ଟି ୟୁଏଲବିର 63 ଟି ୱାର୍ଡର 474 ଜଣ ହିତାଧିକାରୀଙ୍କ ମଧ୍ୟରୁ 402 ଜଣ କହିଥିଲେ ଯେ, ସେମାନେ ପ୍ରତିଦିନ 30 ମିନିଟ୍‌ରୁ ଛଅ ଘଣ୍ଟା ପର୍ଯ୍ୟନ୍ତ ଜଳ ଯୋଗାଣ ପାଉଛନ୍ତି, ଯାହା ଜଳଯୋଗାଣ ଅବଧି ସଂପର୍କରେ ଓବିପିଆର୍‌ରେ ଥିବା ଦାବିର ବିରୁଦ୍ଧାଚରଣ କରିଥିଲା ।

[60] ଜନସଂଖ୍ୟା: 5,01,936

ତେଣୁ, ଛଅଟି ନମୁନା ଡିଭିଜନ୍‌ରେ ଜଳ ଯୋଗାଣର ପରିମାଣ ଆଧାରରେ ସେବା ସ୍ତରର ମାନଦଣ୍ଡ ହାସଲ କରାଯାଇନାହିଁ । ଛଅଟି ନମୁନା ଡିଭିଜନ୍‌ର 21 ଟି ୟୁଏଲବିରେ ଯୋଗାଣ ଅବଧି ଆଠ ଘଣ୍ଟାର ମାନଦଣ୍ଡ ଅବଧି ଠାରୁ କମ୍ ଥିଲା ।

**ସୁପାରିଶ 2.3.2:**

***ଅସମ୍ପୂର୍ଣ୍ଣ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇ, ଦୈନିକ ଅତିକମ୍‌ରେ ଆଠ ଘଣ୍ଟା ପାଇଁ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ଜଳଯୋଗାଣକୁ ସୁନିଶ୍ଚିତ କରାଯାଉ ।***

### 2.3.8 ଯୋଗାଣ ହୋଇଥିବା ଜଳର ଗୁଣବତ୍ତା

ଓଏସ୍‌ୟୁଡବ୍ଲୁଏସ୍‌ପି, 2013, 2019 ବର୍ଷ ଶେଷ ସୁଦ୍ଧା ବିଶୋଧନାଗାର, ବିତରଣ ପଏଣ୍ଟ ଏବଂ ଗ୍ରାହକମାନଙ୍କ ପାଖରେ, ଶତ ପ୍ରତିଶତ ଜଳର ଗୁଣବତ୍ତା ପ୍ରଦାନ କରିବା ପାଇଁ ଭୌତିକ, ରାସାୟନିକ ଏବଂ ଜୀବାଣୁ ବିଜ୍ଞାନ ସମ୍ପର୍କିତ ଜଳର ପରୀକ୍ଷା କରିବାର ଲକ୍ଷ୍ୟ ରଖିଥିଲା । ସେପ୍ଟେମ୍ବର 2015 ରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସହରାଞ୍ଚଳ ଜଳ ଗୁଣବତ୍ତା ନିରୀକ୍ଷଣ ପ୍ରୋଟୋକଲ୍ (ଓୟୁଡବ୍ଲୁକ୍ୟୁଏମ୍‌ପି)କୁ ନିୟମିତ ଜଳ ଗୁଣବତ୍ତା ନିରୀକ୍ଷଣ ପାଇଁ ଏକ ବିଶଦ୍ ଢ଼ାଞ୍ଚା ପ୍ରଦାନ କରିବା ପାଇଁ ଜାରି କରିଥିଲେ । ଓୟୁଡବ୍ଲୁକ୍ୟୁଏମ୍‌ପିରେ ତ୍ରିସ୍ତରୀୟ ଜଳ ପରୀକ୍ଷଣ ଢ଼ାଞ୍ଚା ଯଥା, ରାଜ୍ୟ ସ୍ତରରେ, ଡିଭିଜନ୍ ସ୍ତରରେ ଏବଂ ଜଳ ବିଶୋଧନାଗାର ପ୍ଲାଣ୍ଟ୍ ସ୍ତରରେ ମୌଳିକ ପ୍ରୟୋଗଶାଳାଗୁଡିକର ପରିକଳ୍ପନା କରିଥିଲା । ଓୟୁଡବ୍ଲୁକ୍ୟୁଏମ୍‌ପି ପ୍ରତ୍ୟେକ ସ୍ତରରେ ଜଳ ପରୀକ୍ଷଣ ପ୍ରୟୋଗଶାଳା (ଡବ୍ଲୁଟିଏଲ୍) ପାଇଁ ଭିନ୍ନ ଭିନ୍ନ ପରୀକ୍ଷଣ ମାନକ[61] ସ୍ଥିର କରିଥିଲା ।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ସରକାରୀ ଘରୋଇ ସହଭାଗୀତା (ପିପିପି) ପ୍ରକାର ମାଧ୍ୟମରେ ଜଳ ପରୀକ୍ଷଣ ପ୍ରୟୋଗଶାଳା ସ୍ଥାପନା ଏବଂ ଚଳାଇବା ପାଇଁ ମେସର୍ସ ସ୍ୱେକଟ୍ରୋ ଆନାଲିଟିକାଲ ଲାବସ୍ ଲିମିଟେଡ୍ ସହିତ ଏକ ଚୁକ୍ତିନାମା (ଡିସେମ୍ବର 2016) କରିଥିଲା, ଯାହା ମଧ୍ୟରୁ ଗୋଟିଏ ରାଜ୍ୟ ସ୍ତରରେ ଏବଂ ଆଠଟି[62] ଡିଭିଜନ ସ୍ତରରେ ରହିଥିଲା । ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ବିଭାଗ ଯନ୍ତ୍ରପାତି/ ଉପକରଣର ଖର୍ଚ୍ଚ ବହନ କରିବ ଏବଂ ମେସର୍ସ ସ୍ୱେକଟ୍ରୋ ଜଳ ନମୁନା ପରୀକ୍ଷଣ ପାଇଁ ଆବଶ୍ୟକୀୟ ମାନବ ସମ୍ବଳ ମୁତୟନ କରିବ । ବଳକା 12 ଟି ଡିଭିଜନ୍‌ଗୁଡିକରେ ଜଳ ପରୀକ୍ଷଣ ପ୍ରୟୋଗଶାଳାର ପ୍ରତିଷ୍ଠା ଏବଂ ପରିଚାଳନା ଏବଂ ଜଳ ବିଶୋଧନାଗାର ପ୍ଲାଣ୍ଟ ସ୍ତରରେ ମୌଳିକ ପ୍ରୟୋଗଶାଳାଗୁଡିକର ପ୍ରତିଷ୍ଠା ଏବଂ ପରିଚାଳନା, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଉପରେ ନିର୍ଭର କରୁଥିଲା । ମାର୍ଚ୍ଚ 2020 ରେ ଶେଷ ହୋଇଥିବା ବର୍ଷ (2021 ର ରିପୋର୍ଟ ସଂଖ୍ୟା 5) ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କର ଓଡ଼ିଶା ସରକାରଙ୍କର ସମୀକ୍ଷା ରିପୋର୍ଟର ଅନୁଚ୍ଛେଦ 2.1 ରେ ଜଳ ପରୀକ୍ଷଣ ଢ଼ାଞ୍ଚା ଏବଂ ଏହାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା ଏବଂ ମତାମତ ଦିଆଯାଇଥିଲା । ମାର୍ଚ୍ଚ 2023 ସୁଦ୍ଧା ଛଅଟି ନମୁନା ଡିଭିଜନ୍‌ରେ ଜଳର ଗୁଣବତ୍ତା ପରୀକ୍ଷଣର ସ୍ଥିତି ଅଡିଟ୍ ଆକଳନ କରିବାକୁ ପ୍ରଯତ୍ନ କରିଥିଲା ଏବଂ ନିମ୍ନଲିଖିତ ବିଷୟ ଗୁଡିକୁ ଲକ୍ଷ୍ୟ କରିଥିଲା ।

- ***ମୌଳିକ ପ୍ରୟୋଗଶାଳାଗୁଡ଼ିକ କାର୍ଯ୍ୟକାରୀ ନ ହେବା:*** ବିଭାଗୀୟ ଅଧିକାରୀଙ୍କ ସହିତ ହୋଇଥିବା ମିଳିତ ସରଜମିନ ତଦନ୍ତ (ଜୁଲାଇ 2023) ସମୟରେ, ଅଡିଟ୍ ଦେଖିବାକୁ ପାଇଲେ ଯେ, ଲାବୋରେଟୋରୀ ଟେକ୍ନିସିଆନ୍ ମୁତୟନ ନ ହେବା ଯୋଗୁଁ ବିଭାଗ ଦ୍ୱାରା ପାଞ୍ଚଟି ଜଳ ବିଶୋଧନାଗାର ପ୍ଲାଣ୍ଟ୍ ପାଇଁ କ୍ରୟ କରାଯାଇଥିବା 24.41 ଲକ୍ଷ ଟଙ୍କା ମୂଲ୍ୟର ପ୍ରୟୋଗଶାଳା ଉପକରଣଗୁଡିକ 17 ରୁ 60 ମାସ ପର୍ଯ୍ୟନ୍ତ ନିଷ୍କ୍ରିୟ[63] ହୋଇ ପଡିରହିଛି ।

---

[61] ରାଜ୍ୟ ସ୍ତରୀୟ: 97 ମାନକ; ଡିଭିଜନ୍ ସ୍ତରୀୟ: 34 ମାନକ ଏବଂ ମୌଳିକ ସ୍ତରୀୟ: 12 ମାନକ

[62] ପ୍ୟାକେଜ୍-1: ଭୁବନେଶ୍ୱରସ୍ଥିତ ରାଜ୍ୟ ପ୍ରୟୋଗଶାଳା ଓ ବ୍ରହ୍ମପୁର, ଭୁବନେଶ୍ୱର, କଟକ, ପୁରୀସ୍ଥିତ ଡିଭିଜନ୍ ପ୍ରୟୋଗଶାଳା ଏବଂ ପ୍ୟାକେଜ୍-2: ବାଲେଶ୍ୱର, ବାରିପଦା, ରାଉରକେଲା ଏବଂ ସମ୍ବଲପୁରସ୍ଥିତ ଡିଭିଜନାଲ୍ ପ୍ରୟୋଗଶାଳା

[63] ପଗାମୁଣ୍ଡାଇ ଜଳ ବିଶୋଧନାଗାର ପ୍ଲାଣ୍ଟ୍: 7.79 ଲକ୍ଷ ଟଙ୍କା, ଚୌଦ୍ୱାର ଜଳ ବିଶୋଧନାଗାର ପ୍ଲାଣ୍ଟ୍: 7.29 ଲକ୍ଷ ଟଙ୍କା, ବାଙ୍କୀ ଜଳ ବିଶୋଧନାଗାର ପ୍ଲାଣ୍ଟ୍: 4.29 ଲକ୍ଷ ଟଙ୍କା, ନବରଙ୍ଗପୁର ଜଳ ବିଶୋଧନାଗାର ପ୍ଲାଣ୍ଟ୍: 2.41 ଲକ୍ଷ ଟଙ୍କା ଏବଂ ମାଲକାନଗିରି ଜଳ ବିଶୋଧନାଗାର ପ୍ଲାଣ୍ଟ୍: 2.63 ଲକ୍ଷ ଟଙ୍କା

ଏହାର ଉତ୍ତରରେ ସଂପୃକ୍ତ ନମୁନା ଡିଭିଜନ୍‌ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନେ ଜଣାଇଥିଲେ ଯେ, ପ୍ରୟୋଗଶାଳାଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ମାନବ ସମ୍ବଳ ଯୋଗାଇ ଦେବାକୁ ଉଚ୍ଚ ଅଧିକାରୀଙ୍କୁ ଅନୁରୋଧ କରିବେ ।

- ***ଜନସ୍ୱାସ୍ଥ୍ୟ ଡିଭିଜନ୍‌ଗୁଡିକ ପାଇଁ ଜଳ ପରୀକ୍ଷଣ ପ୍ରୟୋଗଶାଳାର ଉପଲବ୍ଧତା ନାହିଁ:*** ଓଏସ୍‌ୟୁଡବ୍ଲୁଏସ୍‌ପି 2013 ଅନୁଯାୟୀ, ପ୍ରତ୍ୟେକ ଡିଭିଜନ୍‌ରେ ଗୋଟିଏ ଲେଖାଏଁ ଜଳ ପରୀକ୍ଷଣ ପ୍ରୟୋଗଶାଳା ରହିବା ଉଚିତ୍ । ସମୀକ୍ଷାରେ ଲକ୍ଷ୍ୟ କରାଗଲା ଯେ, ଛଅଟି ନମୁନା ଡିଭିଜନ୍ ମଧ୍ୟରୁ ତିନିଟିକୁ[64] ମେସର୍ସ ସ୍ୱେକ୍ରୋ ସହିତ ହୋଇଥିବା ସରକାରୀ ଘରୋଇ ସହଭାଗୀତା ଚୁକ୍ତିନାମା ଅଧୀନରେ ରଖାଯାଇଥିଲା ଏବଂ ସେଠାରେ ଜଳ ବିଶୋଧନାଗାର ପ୍ଲାଣ୍ଟଗୁଡିକୁ ପ୍ରତିଷ୍ଠା କରାଯାଇଥିଲା । ବଳକା ତିନିଟି ନମୁନା ଡିଭିଜନ୍‌ରେ, ସେପ୍ଟେମ୍ବର 2023 ସୁଦ୍ଧା, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଦ୍ୱାରା ଜଳ ପରୀକ୍ଷଣ ପ୍ରୟୋଗଶାଳା ପ୍ରତିଷ୍ଠା କରାଯାଇନଥିଲା, ଯାହା ଓଏସ୍‌ୟୁଡବ୍ଲୁଏସ୍‌ପି 2013, ଅଧିନରେ 2019 ଶେଷ ସୁଦ୍ଧା ପ୍ରତିଷ୍ଠା ହୋଇ ସାରିବା କଥା ।

- ***ଜଳ ଗୁଣବତ୍ତା ପରୀକ୍ଷଣ ଲକ୍ଷ୍ୟ ହାସଲ ନ ହେବା :*** ରାଜ୍ୟସ୍ତରୀୟ ଜଳ ପରୀକ୍ଷଣ ପ୍ରୟୋଗଶାଳାରେ 2018-23 ବର୍ଷ ମଧ୍ୟରେ 75,600 ପରୀକ୍ଷଣ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ରଖାଯାଇଥିବା ବେଳେ, ମେସର୍ସ ସ୍ୱେକଟ୍ରୋ ଦ୍ୱାରା 53,524 ପରୀକ୍ଷା କରାଯାଇଥିଲା, ଫଳସ୍ୱରୂପ 22,076 ପରୀକ୍ଷା (29 ପ୍ରତିଶତ) କମ୍ କରାଯାଇଥିଲା । ସେହି ସମୟ ମଧ୍ୟରେ ତିନିଟି ନମୁନା ଡିଭିଜନ୍‌ରେ[65] ମେସର୍ସ ସ୍ୱେକଟ୍ରୋ ନିର୍ଦ୍ଧାରିତ ନମୁନା ପରୀକ୍ଷଣର 77 ଠାରୁ 92 ପ୍ରତିଶତ କରିପାରିଥିଲା । ମେସର୍ସ ସ୍ୱେକଟ୍ରୋ ଦ୍ୱାରା ପରୀକ୍ଷଣରେ ସ୍ୱଳ୍ପତାର କାରଣ ବିଭାଗ ଦ୍ୱାରା ଅନୁସନ୍ଧାନ କରାଯାଇ ନାହିଁ । ଏଜେନ୍ସି ସହିତ ସାକ୍ଷରିତ ରାଜିନାମାରେ ନିର୍ଦ୍ଧାରିତ ପରିମାଣର ନମୁନା ପରୀକ୍ଷଣ ନହେଲେ ଦଣ୍ଡିତ ହେବାର କୌଣସି ବ୍ୟବସ୍ଥା ନଥିବାରୁ ଏବଂ ପରୀକ୍ଷଣରେ ହେଉଥିବା ନିରନ୍ତର ଅଭାବକୁ ସମୀକ୍ଷା ନକରିବା ଯୋଗୁଁ 2018-23 ଅବଧି ମଧ୍ୟରେ ନମୁନା ପରୀକ୍ଷଣର ପରିମାଣ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ନିମ୍ନ ସ୍ତରରେ ରହିଥିଲା । ତେଣୁ ଓଡିଶା ସହରାଞ୍ଚଳ ଜଳ ଗୁଣବତ୍ତା ମାପକ ପ୍ରୋଟୋକଲ୍‌ରେ ଜଳ ପରୀକ୍ଷଣର ମାନ୍ୟକ୍ରମର ପାଳନକୁ ସୁନିଶ୍ଚିତ କରିବା ପାଇଁ ଏକ ଘରୋଇ ଅଂଶୀଦାରଙ୍କୁ ସାମିଲ କରିବାର ଉଦ୍ଦେଶ୍ୟ ଫଳପ୍ରଦ ନ ହୋଇ ରହିଗଲା ।

- ***ଖାଉଟିଙ୍କ ପାଖକୁ ଯାଉଥିବା ଜଳର ଗୁଣବତ୍ତା ପରୀକ୍ଷଣରେ ଅଭାବ:*** ଜଳକର ଆଦାୟ ଏବଂ ଜଳ ଗୁଣବତ୍ତା ପରୀକ୍ଷଣ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କୁ ପ୍ରାରମ୍ଭିକ ଭାବରେ ପାଞ୍ଚଟି ପୌରାଞ୍ଚଳରେ ଜଳସାଥୀ ଭାବରେ ନିଯୁକ୍ତି କରିଥିଲା (ଡିସେମ୍ବର 2019) । ଏହି ଉଦ୍ଦେଶ୍ୟ ପାଇଁ ଡବ୍ଲ୍ୟୁଏସ୍‌ଏଚ୍‌ଜିର ସଦସ୍ୟମାନଙ୍କୁ ନିୟୋଜିତ କରିବା ପାଇଁ ବିଭାଗ ରାଜ୍ୟର ସମସ୍ତ ୟୁଏଲ୍‌ବି ଗୁଡିକୁ ନିର୍ଦ୍ଦେଶ (ସେପ୍ଟେମ୍ବର 2021) ଦେଇଥିଲେ । ରାଜ୍ୟ ସହରାଞ୍ଚଳ ଉନ୍ନୟନ ପ୍ରାଧିକରଣ ଦ୍ୱାରା ପିଏଚ୍‌ଇଓ ସହିତ ସମନ୍ୱୟ ରଖି, ଜଳ ଗୁଣବତ୍ତା ପରୀକ୍ଷଣ ପାଇଁ କ୍ଷେତ୍ର ପରୀକ୍ଷଣ କିଟ୍ ବ୍ୟବହାର ବିଷୟରେ ସେମାନଙ୍କୁ ତାଲିମ ଦିଆଯାଇଥିଲା । ଅଂଶଗ୍ରହଣ କରିଥିବା ଡବଲ୍ୟୁଏଚଏସଜି ଗୁଡିକ ସହିତ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ଜଳସାଥୀ ମାନଙ୍କୁ ପ୍ରତି ମାସରେ ଗ୍ରାହକ ମାନଙ୍କ ପାଖରେ[66] ଅତିକମ୍‌ରେ 20 ହଳ (ଏଚ୍‌ଟୁଏସ୍[67] ଏବଂ ରେସିଡୁଆଲ୍ କ୍ଲୋରିନ୍) ପରୀକ୍ଷଣ କରିବାକୁ କୁହା କରାଯାଇଥିଲା । ମାର୍ଚ୍ଚ 2023 ସୁଦ୍ଧା, ଛଅଟି ନମୁନା ଡିଭିଜନ୍ ଗ୍ରାହକମାନଙ୍କ ପାଖରେ ଜଳ ଗୁଣବତ୍ତା ପରୀକ୍ଷଣ କରିବା ପାଇଁ 47ଟି ୟୁଏଲ୍‌ବିମାନଙ୍କରେ 430 ଜଣ ଜଳସାଥୀଙ୍କୁ ନିୟୋଜିତ କରିଥିଲେ । ସେଥି ମଧ୍ୟରୁ, ସମସ୍ତ ନମୁନା

64 କଟକ ଜନସ୍ୱାସ୍ଥ୍ୟ ଡିଭିଜନ୍, ଭଞ୍ଜନଗର ଜନ ସ୍ୱାସ୍ଥ୍ୟ ଡିଭିଜନ୍, କୋରାପୁଟ ଜନସ୍ୱାସ୍ଥ୍ୟ ଡିଭିଜନ୍

65 ଜଳ ବିଶୋଧନାଗାର ପ୍ଲାଣ୍ଟ୍, ସମ୍ବଲପୁର: 50202/54595 (92 ପ୍ରତିଶତ), ଜଳ ବିଶୋଧନାଗାର ପ୍ଲାଣ୍ଟ୍, ଭୁବନେଶ୍ୱର: 74518/97200 (77 ପ୍ରତିଶତ) ଏବଂ ଜଳ ବିଶୋଧନାଗାର ପ୍ଲାଣ୍ଟ୍ ବ୍ରହ୍ମପୁର: 47227/52200 (90 ପ୍ରତିଶତ)

66 ଖାଉଟିମାନଙ୍କ ଟ୍ୟାପ୍ ମାନଙ୍କରୁ ସଜ୍ଞାକୃତ ମାନକ ପାଇ ଜଳର ଗୁଣବତ୍ତା ପରୀକ୍ଷଣ

67 ହାଇଡ୍ରୋଜେନ୍ ସଲ୍‌ଫାଇଡ୍

ଡିଭିଜନ୍‌ରୁ 53 ଜଣ ଜଳସାଥୀ (12 ପ୍ରତିଶତ) ମାର୍ଚ୍ଚ 2023 ସମୟ ମଧ୍ୟରେ ଲକ୍ଷ୍ୟ ରଖାଯାଇଥିବା ପରୀକ୍ଷଣ କରିନଥିଲେ । ସମ୍ବଲପୁର ଡିଭିଜନ୍‌ର 56 ଜଣ ଜଳସାଥୀଙ୍କ ମଧ୍ୟରୁ କେହି ହେଲେ ଏଚ୍‌ଟୁଏସ୍ ପରୀକ୍ଷଣ କରି ନ ଥିଲେ ଏବଂ ପାଞ୍ଚଟି ନମୁନା ଡିଭିଜନ୍‌ରେ ସମାନ ପରୀକ୍ଷଣ କରିବାର ଅବସ୍ଥା ବାବଦରେ ସଂପୃକ୍ତ ଡିଭିଜନ୍, ଅଡିଟ୍‌କୁ ଜଣାଇ ନଥିଲେ ।

- ***ଜଳ ପରୀକ୍ଷଣ ପ୍ରୟୋଗଶାଳାରେ ଜଳ ଗୁଣବତ୍ତା ପରୀକ୍ଷଣର ଫଳାଫଳ:*** ପାନୀୟ ଜଳ ଭୂତଳ ଏବଂ ଭୂପୃଷ୍ଠ ଜଳ ଉତ୍ସରୁ ଉପଲବ୍ଧ ହୋଇଥାଏ । ଭୂତଳ ଜଳର ଉତ୍ସଗୁଡିକ ହେଉଛି ଉତ୍ପାଦନ କୂପ ଏବଂ ନଳକୂପ, ଯେତେବେଳେ କି ଭୂପୃଷ୍ଠ ଜଳର ଉତ୍ସଗୁଡିକ ହେଉଛି ନଦୀ, ବନ୍ଧ, କେନାଲ ଇତ୍ୟାଦି । ଭୂପୃଷ୍ଠ ଉତ୍ସରୁ ପ୍ରାପ୍ତ ଜଳକୁ ବିତରଣ ପ୍ରଣାଳୀରେ ରଖିବା ପୂର୍ବରୁ ଜଳ ବିଶୋଧନାଗାର ପ୍ଲାଣ୍ଟରେ ବିଶୋଧନ କରିବାକୁ ପଡିଥାଏ । ତେଣୁ ସମସ୍ତ ଉତ୍ସ ଯଥା ନଳକୂପ, ଉତ୍ପାଦନ କୂପ, ବିତରଣ ପ୍ରଣାଳୀରୁ ଯୋଗାଣ ହେଉଥିବା ପାନୀୟ ଜଳର ବୈଶିଷ୍ଟ୍ୟ ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ, ଏହା ଦେଖିବା ପାଇଁ ଯେ, ସେଗୁଡ଼ିକ ଗ୍ରହଣୀୟ ସୀମା ମଧ୍ୟରେ ଅଛି କି ନାହିଁ । ଭାରତୀୟ ମାନକ ବ୍ୟୁରୋ 10500:2012 (ଜୁନ୍ 2015 ରେ ସଂଶୋଧିତ) ରେ, ଜଳର ଗୁଣବତ୍ତା ମୂଲ୍ୟର ଗ୍ରହଣୀୟ ଏବଂ ଅନୁମୋଦିତ ସୀମା ନିର୍ଦ୍ଦିଷ୍ଟ କରାଯାଇଛି । ଗ୍ରହଣୀୟ ସ୍ତର ଠାରୁ ଅଧିକ ମୂଲ୍ୟ ଥିବା ପାଣିକୁ ପିଇବା ପାଇଁ ଅନୁପଯୁକ୍ତ କରିଥାଏ, ଯେତେବେଳେ କି ଅନୁମୋଦିତ ସ୍ତର ଠାରୁ ଅଧିକ ମୂଲ୍ୟ ଥିବା ଜଳକୁ ପ୍ରତ୍ୟାଖାନ କରିବାକୁ ପଡିଥାଏ । ମାର୍ଚ୍ଚ 2023 ରେ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁରର ନମୁନା ୱାଟ୍‌କୋ ଡିଭିଜନ୍‌ର, ତିନିଟି ଜଳ ପରୀକ୍ଷଣ ପ୍ରୟୋଗଶାଳା ଦ୍ୱାରା କରାଯାଇଥିବା ଜଳ ଗୁଣବତ୍ତା ପରୀକ୍ଷା ଫଳାଫଳ ସମୀକ୍ଷା ବିଶ୍ଳେଷଣରେ, 29ଟି ବୈଶିଷ୍ଟ୍ୟ ପାଇଁ 1,905 ଟି ସ୍ଥାନକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଅନୁସନ୍ଧାନରୁ ଜଣାଯାଇଥିଲା ଯେ ଜଳ ଗୁଣବତ୍ତାର 16ଟି ବୈଶିଷ୍ଟ୍ୟ ଯଥା ରଙ୍ଗ, ଗୋଳିଆପଣ, ମୋଟ କଠିନତା, ମୋଟ କୋଲିଫର୍ମ, ଇକୋଲି ଇତ୍ୟାଦି ବିଭିନ୍ନ ସ୍ଥାନରେ ଗ୍ରହଣୀୟ ସୀମା ବାହାରେ ରହିଥିଲା । ଅଧିକାଂଶରେ ଭୂମିଗତ ଉତ୍ସଗୁଡିକ ଗୁଣବତ୍ତାରେ ଅଭାବ ରହିଥିବାର ଜଣାପଡିଥିଲା ।

ହିତାଧିକାରୀ ସର୍ବେକ୍ଷଣ ସମୟରେ, ନମୁନା ଡିଭିଜନ୍ ଅଧିନରେ ଥିବା 18ଟି ୟୁଏଲ୍‌ବିର 51ଟି ୱାର୍ଡର 474 ହିତାଧିକାରୀଙ୍କ ମଧ୍ୟରୁ, 273 ଜଣ ଜଣାଇଥିଲେ ଯେ ସେମାନଙ୍କୁ ଗୋଳିଆ ପାଣି ଯୋଗାଇ ଦିଆଯାଉଅଛି । ତେଣୁ, ଏହି ଅଞ୍ଚଳଗୁଡିକରେ ଯୋଗାଇ ଦିଆଯାଉଥିବା ଜଳର ଗୁଣବତ୍ତା, ସଂପୂର୍ଣ୍ଣ ନିରାପଦ ନଥିଲା ଯାହା ଉଭୟ ଜଳ ପରୀକ୍ଷଣ ପ୍ରୟୋଗଶାଳା ରିପୋର୍ଟ ଏବଂ ହିତାଧିକାରୀ ସର୍ଭେରୁ ଦେଖାଯାଇଅଛି ।

ୱାଟ୍‌କୋ ଡିଭିଜନ୍ ସମ୍ବଲପୁରର, ଜେନେରାଲ ମ୍ୟାନେଜର, ଏହି ତଥ୍ୟକୁ ସୁନିଶ୍ଚିତ କରି ପ୍ରତିକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ବ୍ରହ୍ମପୁର ଏବଂ ଭୁବନେଶ୍ୱର ୱାଟକୋ ଡିଭିଜନ୍‌ର ଉତ୍ତରକୁ ଅପେକ୍ଷା କରାଯାଇଅଛି ।

କିନ୍ତୁ, ବାସ୍ତବ କଥା ହେଉଛି, ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣ ନୀତି 2013 ରେ ଦିଆଯାଇଥିବା ଜଳର ଗୁଣବତ୍ତା ପାଇଁ ଯେଉଁ ସେବାସ୍ତରୀୟ ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା, ତାହା ହାସଲ ହୋଇପାରି ନାହିଁ ।

**ସୁପାରିଶ 2.3.3:**

***ଉପଭୋକ୍ତାମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ, ଓଡ଼ିଶା ସହରାଞ୍ଚଳ ଜଳ ଗୁଣବତ୍ତା ମନିଟରିଂ ପ୍ରୋଟୋକଲରେ ନିର୍ଦ୍ଧାରିତ ମାନକ ଆଧାରରେ, ଜଳ ପରୀକ୍ଷଣ ପ୍ରୟୋଗଶାଳା ଗୁଡିକୁ ସୁଦୃଢ଼ କରିବା, ଆବଶ୍ୟକ ସଂଖ୍ୟକ ନମୁନା ପରୀକ୍ଷଣ କରିବା ଏବଂ ଉପଭୋକ୍ତାମାନଙ୍କ ପାଖରେ ଜଳ ପରୀକ୍ଷା କରିବା ପାଇଁ ପଦକ୍ଷେପ ନେବା ଉଚିତ୍ ।***

### 2.3.9 ଜଳ ଯୋଗାଣ ପ୍ରଣାଳୀର ପରିଚାଳନା ଏବଂ ରକ୍ଷଣାବେକ୍ଷଣ

ଓଡ଼ିଶା ରାଜ୍ୟ ସହରାଞ୍ଚଳ ଜଳ ଯୋଗାଣ ନୀତି (ଓଏସ୍‌ୟୁଡବ୍ଲୁଏସ୍‌ପି) 2013 ରେ ପରିକଳ୍ପିତ ଲକ୍ଷ୍ୟ ଧାର୍ଯ୍ୟ ଫଳାଫଳକୁ, ଜଳ ଯୋଗାଣ ସୁବିଧାର ଉପଯୁକ୍ତ ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓଆଣ୍ଡଏମ୍) ମାଧ୍ୟମରେ ସହରାଞ୍ଚଳ ବାସୀଙ୍କୁ ପର୍ଯ୍ୟାପ୍ତ ଏବଂ ଶତ ପ୍ରତିଶତ ଗୁଣାତ୍ମକ ଜଳ ଯୋଗାଣ ଦ୍ୱାରା ସୁନିଶ୍ଚିତ କରାଯାଇପାରିବ ।

ନମୁନା ଡିଭିଜନ୍ ଗୁଡ଼ିକରେ 22.27 କୋଟି ଟଙ୍କା ବ୍ୟୟରେ ସୃଷ୍ଟି ହୋଇଥିବା ଏହି ସୁବିଧା ଗୁଡ଼ିକର ବ୍ୟବହାର ନକରିବା ଏବଂ ଅନୁପଯୁକ୍ତ ରକ୍ଷଣାବେକ୍ଷଣର ଦୃଷ୍ଟାନ୍ତ ସମୀକ୍ଷାରେ ଦେଖିବାକୁ ମିଳିଥିଲା, ଫଳସ୍ୱରୂପ ଖାଉଟିମାନଙ୍କୁ ଅନୁପଯୁକ୍ତ ଭାବରେ ବିଶୋଧିତ ହୋଇଥିବା ପାନୀୟ ଜଳ ଯୋଗାଇ ଦିଆଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଅଛି:

- ***ଜଳ ବିଶୋଧନ ପଦ୍ଧତିରେ ପୁରୁଣା ସ୍ୱଚ୍ଛକରଣର ବ୍ୟବହାର:*** ଓ୍ୱାଟ୍‌କୋ ଡିଭିଜନ୍ ସମ୍ବଲପୁର (ଜୁଲାଇ 2018) ବୁର୍ଲା ସହରାଞ୍ଚଳକୁ ଜଳ ଯୋଗାଇ ଦେବା ପାଇଁ, ବିତରଣ ପଦ୍ଧତି ଏବଂ ଆନୁଷଙ୍ଗିକ କାର୍ଯ୍ୟ ସହିତ, ବର୍ତ୍ତମାନର 4.5 ଏମ୍ଏଲ୍‌ଡି ଜଳ ବିଶୋଧନାଗାର ପ୍ରକଳ୍ପର, ପୁନରୁଦ୍ଧାର କାମ ହାତକୁ ନେଇଥିଲେ । ଏହି କାର୍ଯ୍ୟଗୁଡ଼ିକ ଜୁଲାଇ 2022 ରେ 9.79 କୋଟି ଟଙ୍କା ମୂଲ୍ୟରେ ସମ୍ପୂର୍ଣ୍ଣ କରିଥିଲେ । ପୁନଃ ନିର୍ମିତ 4.5 ଏମ୍ଏଲ୍‌ଡି ଜଳ ବିଶୋଧନାଗାର ପ୍ରକଳ୍ପରେ ଏକ ନୂତନ ସ୍ୱଚ୍ଛକରଣ[68]/ (କ୍ଲାରିଫାୟର) ନିର୍ମାଣ କରାଯାଇଥିଲା, ଯେଉଁଥିରୁ ସ୍ୱଚ୍ଛ ପାଣିକୁ ଏକ ଭିନ୍ନ ପଦ୍ଧତିରେ ଛଣାଯିବାର ଥିଲା । ଜଳ ବିଶୋଧନାଗାର ପ୍ରକଳ୍ପର ମିଳିତ ସରଜମିନ ତଦନ୍ତ (2 ସେପ୍ଟେମ୍ବର) ରେ ଅଡିଟ୍ ଲକ୍ଷ୍ୟ କଲେ ଯେ ପୁରୁଣା ସ୍ୱଚ୍ଛକରଣକୁ ଭାଙ୍ଗି ଦିଆଯାଇନାହିଁ । ନୂତନ ଭାବରେ ସ୍ଥାପିତ ସ୍ୱଚ୍ଛକରଣରୁ ସ୍ୱଚ୍ଛ ଜଳ ପୁରୁଣା ସ୍ୱଚ୍ଛକରଣ ଦେଇ ପ୍ରବାହିତ କରାଯାଇଥିଲା । ପୁରୁଣା ସ୍ୱଚ୍ଛକରଣରେ ଅବକ୍ଷେପଣ ପ୍ରକ୍ରିୟା ସମ୍ଭବ ନଥିବାରୁ ଏବଂ ଏଥିରେ ପ୍ରଚୁର ପରିମାଣର କାଦୁଅ ଥିବାରୁ, ନୂତନ ସ୍ୱଚ୍ଛକରଣରୁ ବିଶୋଧିତ ଜଳ କାଦୁଅ ସହିତ ମିଶିଯାଉଥିଲା ଏବଂ ଏହି ଗୋଳିଆପାଣି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଥିଲା । ପୁରୁଣା ସ୍ୱଚ୍ଛକରଣକୁ ଭାଙ୍ଗି ନ ଦେବାର କାରଣ ଅଭିଲିଖିତ କରାଯାଇ ନାହିଁ । ହିତାଧିକାରୀ ସର୍ବେକ୍ଷଣରେ, ସମସ୍ତ 17 ଜଣ ହିତାଧିକାରୀ, ଯେଉଁମାନଙ୍କୁ ଏହି ଜଳ ବିଶୋଧନାଗାର ପ୍ଲାଣ୍ଟ୍‌ରୁ ଜଳ ଯୋଗାଣ କରାଯାଉଥିଲା, ଗୋଳିଆ ଜଳ ଯୋଗାଣ କରାଯାଉଥିବାର ସୁନିଶ୍ଚିତ କରିଥିଲେ । ଡିଭିଜନାଲ୍ ଜଳ ପରୀକ୍ଷଣ ରିପୋର୍ଟରେ ଜଳ ବିଶୋଧନାଗାର ପ୍ଲାଣ୍ଟ୍‌ର ସ୍ୱଚ୍ଛ ଜଳ ସମ୍ପ୍‌ରେ 3.15 ଏନ୍‌ଟିୟୁ ଗୋଳିଆ ଥିବାର ସୂଚୀତ କରୁଥିଲା, ଯାହାକି ଗ୍ରହଣୀୟ ସୀମା 1.00 ଏନ୍‌ଟିୟୁରୁ ଅଧିକ ଥିଲା । ଯଦି ପୁରୁଣା ସ୍ୱଚ୍ଛକରଣକୁ ଭାଙ୍ଗି ଦିଆଯାଇଥାନ୍ତା ଅଥବା ନୂତନ ସ୍ୱଚ୍ଛକରଣର ସ୍ୱଚ୍ଛ ଜଳ ପୁରୁଣା ସ୍ୱଚ୍ଛକରଣ ମଧ ଦେଇ ଯିବାକୁ ଦିଆଯାଇନଥାନ୍ତା, ତା'ହେଲେ ନୂଆ ସ୍ୱଚ୍ଛକରଣର ଫାଇଦା ମିଳିପାରିଥାନ୍ତା । ତେଣୁ ଜଳ ବିଶୋଧନାଗାର ପ୍ଲାଣ୍ଟ୍‌ର ଅନୁପଯୁକ୍ତ କାର୍ଯ୍ୟ ଯୋଗୁଁ ଖାଉଟିମାନଙ୍କୁ ଗୋଳିଆ ଜଳ ଯୋଗାଇ ଦିଆଯାଇଥିଲା ଏବଂ ଏଥିପାଇଁ 9.79 କୋଟି ଟଙ୍କାର ଖର୍ଚ୍ଚ ଉପଭୋକ୍ତାମାନଙ୍କୁ କୌଣସି ଲାଭ ଦେଇପାରି ନଥିଲା ।



*ଚିତ୍ର 2.3.3: ନୂତନ ସ୍ୱଚ୍ଛକରଣରୁ ଆସୁଥିବା ଜଳ (ବାମ ପାଖ ପାଇପ୍) ପୁରୁଣା ସ୍ୱଚ୍ଛକରଣରେ କାଦୁଅ, ଶିଉଳି ସହିତ ମିଶୁଛି (02.09.2023)*



*ଚିତ୍ର 2.3.4: ପୁରୁଣା ସ୍ୱଚ୍ଛକରଣରେ ଛିଦ୍ର ଯୋଗୁଁ ସ୍ୱଚ୍ଛ ଜଳ (ଦକ୍ଷିଣ ପାଖ ପାଇପ୍) ସମ୍ପରେ ମିଶୁଛି (02.09.2023)*

[68] ସ୍ୱଚ୍ଛକରଣରେ ସ୍ଥିର ଅବସ୍ଥାରେ ଅନ୍ତଗ୍ରହଣ ଜଳକୁ ଭଣ୍ଡାରରେ ରଖାଯାଇଥିଲା । ସଂରକ୍ଷଣ ଅବଧି ସମୟରେ, ପାଣିରେ ଉପସ୍ଥିତ ଭୌତିକ ଅଶୁଦ୍ଧତା, ରାସାୟନିକ ମାତ୍ରା ପ୍ରୟୋଗ ମାଧ୍ୟମରେ ସ୍ୱଚ୍ଛକରଣର ତଳେ ଜମା କରାଯାଏ

- ***ପୁରୁଣା ଜଳ ବିଶୋଧନାଗାରରୁ ବିଶୋଧିତ ହୋଇନଥିବା ଜଳ ଯୋଗାଣ:*** ସମ୍ବଲପୁରର ୱାଟ୍‌କୋ ଡିଭିଜନ୍ (ଜାନୁଆରୀ 2018) ପଦମ୍‌ପୁର ସହରାଞ୍ଚଳକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ହାତକୁ ନେଇଥିଲେ, ଯେଉଁଠାରେ ଏକ ନୂତନ ଜଳ ବିଶୋଧନାଗାର ସ୍ଥାପନ ହେବାକୁ ଥିଲା । ଡିପିଆର୍ ଅନୁଯାୟୀ ନୂତନ ଜଳ ବିଶୋଧନାଗାର 2044 ପର୍ଯ୍ୟନ୍ତ ପଦମ୍‌ପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଜଳ ଯୋଗାଣ କରିପାରିବାର କ୍ଷମତା ରଖିପାରିବ । ତତ୍ ସହିତ ପୁରୁଣା ଜଳ ବିଶୋଧନାଗାର ପରିଚାଳନା ଅଥବା ନୂତନ ଜଳ ବିଶୋଧନାଗାର ସହିତ ଏକକାଳୀନ ପରିଚାଳନା ପାଇଁ କୌଣସି ଆବଶ୍ୟକତା ବାବଦରେ ଉଲ୍ଲେଖ ନଥିଲା । କାର୍ଯ୍ୟଟି ଡିସେମ୍ବର 2022 ରେ 9.38 କୋଟି ଟଙ୍କାର ଖର୍ଚ୍ଚରେ ସମ୍ପୂର୍ଣ୍ଣ ହୋଇଥିଲା । କାର୍ଯ୍ୟସ୍ଥଳର ମିଳିତ ସରଜମିନ ତଦନ୍ତ (4 ସେପ୍ଟେମ୍ବର 2023) ରେ ଲକ୍ଷ୍ୟ କରାଯାଇଥିଲା ଯେ, ନୂତନ ଜଳ ବିଶୋଧନାଗାର ପ୍ଲାଣ୍ଟରୁ ଜଳ ଯୋଗାଣ କରାଯାଉଥିଲା, ସେହି ସମୟରେ ପୁରୁଣା ଜଳ ବିଶୋଧନାଗାରରୁ ମଧ ଜଳ ଯୋଗାଣ ଜାରି ରହିଥିଲା । ପୁରୁଣା ଜଳ ବିଶୋଧନାଗାରଟି କ୍ଷତିଗ୍ରସ୍ତ ଅବସ୍ଥାରେ ଥିବାରୁ, ଜଳରେ ଗୋଳିଆପଣ କମ୍ ହୋଇନଥିଲା, ଫଳସ୍ୱରୁପ ଗ୍ରାହକ ମାନଙ୍କୁ ଗୋଳିଆ ଜଳ ଯୋଗାଣ ହେଉଥିଲା । ପୁନଶ୍ଚ, ଲାବୋରେଟୋରୀ ଟେକ୍‌ନିସିଆନ୍ ପଦବୀ ଖାଲି ଥିବାରୁ ଜଳ ବିଶୋଧନାଗାର ପ୍ଲାଣ୍ଟରେ ଜଳ ପରୀକ୍ଷଣ ପ୍ରୟୋଗଶାଳା ନିଷ୍କ୍ରିୟ ପଡ଼ି ରହିଥିଲା, ଯେଉଁଥିପାଇଁ ଜଳ ବିଶୋଧନାଗାର ସ୍ତରରେ ଗୋଳିଆ ଜଳ ଯୋଗାଣର ଚିହ୍ନଟ ହୋଇପାରି ନଥିଲା । ତଥାପି ଡିଭିଜନାଲ୍ ଜଳ ପରୀକ୍ଷଣ ପ୍ରୟୋଗଶାଳାରେ ଜଳ ନମୁନା ପରୀକ୍ଷଣ କରାଯାଇଥିଲା । ଡିଭିଜନାଲ୍ ଜଳ ପରୀକ୍ଷଣ ପ୍ରୟୋଗଶାଳା (ମାର୍ଚ୍ଚ 2023) ରେ ହୋଇଥିବା ଜଳ ନମୁନା ପରୀକ୍ଷଣ ରିପୋର୍ଟ ଅନୁଯାୟୀ ୱାର୍ଡ ସଂଖ୍ୟା 2 କୁ ଯୋଗାଇ ଦିଆଯାଉଥିବା ଜଳରେ 2.04 ଏନ୍‌ଟିୟୁ ଗୋଳିଆପଣ ଥିବା ଦର୍ଶାଯାଇଥିଲା, ଯାହା ପଦମ୍‌ପୁର ସହରର ଗ୍ରହଣୀୟ ଜଳ ଗୋଳିଆପଣ ସୀମା 1.0 ଏନ୍‌ଟିୟୁ ଅତିକ୍ରମ କରିଥିଲା । ଏହା ବ୍ୟତୀତ, ଅଡିଟ୍ ଦ୍ୱାରା କରାଯାଇଥିବା ହିତାଧିକାରୀ ସର୍ବେକ୍ଷଣରେ ମଧ ଯୋଗାଣ ହୋଇଥିବା ଜଳ ଗୋଳିଆ ଥିବାର ନିଶ୍ଚିତ କରାଯାଇଥିଲା । ତେଣୁ 9.38 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ବିଶୁଦ୍ଧ ପାନୀୟ ଜଳ ପାଇବା କ୍ଷେତ୍ରରେ ଗ୍ରାହକମାନଙ୍କୁ ଲାଭ ମିଳିଲା ନାହିଁ ।

  ସମ୍ବଲପୁର ୱାଟ୍‌କୋ ଡିଭିଜନ୍‌ର ଜିଏମ୍ ଜଣାଇଥିଲେ (ସେପ୍ଟେମ୍ବର 2023) ଯେ, ପଦମ୍‌ପୁର ଜଳ ବିଶୋଧନାଗାର ପ୍ଲାଣ୍ଟରେ ଗୋଳିଆ ପାଣି ନିୟମିତ ଭାବରେ ଯାଞ୍ଚ କରାଯାଉଅଛି ଏବଂ ରାସାୟନିକର ମାତ୍ରା ମାନୁଆଲ ଭାବରେ ଦିଆଯାଉଅଛି । ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ଜଳ ପରୀକ୍ଷଣ ପ୍ରୟୋଗଶାଳା କାର୍ଯ୍ୟକ୍ଷମ ନଥିବା ହେତୁ ଜଳ ବିଶୋଧନାଗାର ପ୍ଲାଣ୍ଟ୍ ସ୍ତରରେ ଜଳ ନମୁନା ଗୁଡ଼ିକ ନିୟମିତ ଭାବରେ ପରୀକ୍ଷଣ କରାଯାଉ ନଥିବାର ଯାହା ପ୍ରୟୋଗଶାଳାର ପରୀକ୍ଷା ରିପୋର୍ଟ ଏବଂ ଖାଉଟିମାନଙ୍କ ମତାମତରେ ପ୍ରତିଫଳିତ ହୋଇଥିଲା ।

- ***ସୌରଚାଳିତ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ନହେବା :*** ଅମୃତ 1.0 ଅଧିନରେ 1.74 କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁରର ୱାଟ୍‌କୋ ଡିଭିଜନ୍ ଦ୍ୱାରା 26 ଟି ଅଞ୍ଚଳରେ ସୌରଚାଳିତ ପ୍ରକଳ୍ପ ସ୍ଥାପନ କରାଯାଇଥିଲା (ଫେବୃଆରୀ 2020) । ଏହି ସୌରଚାଳିତ ପ୍ରକଳ୍ପଗୁଡ଼ିକର ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ପରିସ୍ଥିତିରେ, ଯଥା- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିକଳ୍ପ ପଦ୍ଧତି ଭାବରେ କାର୍ଯ୍ୟ କରିବା । ଏହି ପ୍ରକଳ୍ପଗୁଡ଼ିକ ଭୂତଳ ଜଳକୁ ପମ୍ପ୍ କରିବା ଏବଂ ଦୁଇଟି ହସ୍ପିଟାଲ୍[69] ସମେତ ଅନୁମୋଦିତ ସ୍ଥାନଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିଲା । ମିଳିତ ସରଜମିନ ତଦନ୍ତରେ (5 ସେପ୍ଟେମ୍ବର 2023) ଏହା ଲକ୍ଷ୍ୟ କରାଯାଇଥିଲା ଯେ, କୌଣସି ସୌରଚାଳିତ ପ୍ରକଳ୍ପ କାର୍ଯ୍ୟକ୍ଷମ ନଥିଲା ଏବଂ 11 ଟି ସ୍ଥାନରେ ସୌର ପ୍ୟାନେଲ, ପାଣି ଟାଙ୍କି, ପମ୍ପ୍ ସେଟ୍ ଇତ୍ୟାଦି ଜିନିଷ ଗାଏବ୍ ହୋଇଯାଇଥିଲା । ଯଦିଓ କାର୍ଯ୍ୟର ପରିସର ମଧରେ, ସମାନ ଠିକାଦାର ଦ୍ୱାରା ପାଞ୍ଚ ବର୍ଷର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ଥିଲା, ଡିଭିଜନ୍ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ଏବଂ ସୌର ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବାରେ ବିଫଳ ହୋଇଥିଲା । ତେଣୁ, ବିପର୍ଯ୍ୟୟ ପରିଚାଳନା

[69] ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲ୍, ବ୍ରହ୍ମପୁର ଏବଂ ସିଟି ହସ୍ପିଟାଲ୍, ବ୍ରହ୍ମପୁର

ଯୋଜନାର ଏକ ଅଂଶ ଭାବରେ ନିର୍ମିତ ସୌରଚାଳିତ ପ୍ରକଳ୍ପଗୁଡ଼ିକର ନିର୍ମାଣର ଉଦ୍ଦେଶ୍ୟ ହାସଲ ହୋଇପାରି ନଥିଲା ।



*ଚିତ୍ର 2.3.5: ଆଙ୍କୁଲି, ନୂଆସାହି ଠାରେ ଅଚଳ ସୌର ପ୍ରକଳ୍ପ ଯେଉଁଠାରେ ସୌର ପ୍ୟାନେଲ୍‌ଗୁଡ଼ିକ ଏବଂ ତିନୋଟି ପାଣି ଟାଙ୍କି ଗାଏବ୍ ଥିଲା (05.09.2023)*



*ମିଶ୍ରଚିତ୍ର 2.3.6: ବୈକୁଣ୍ଠ ନଗର ଠାରେ ଅଚଳ ଶୌର ପ୍ରକଳ୍ପ ଯେଉଁଠାରେ ଏକ ସୌର ପ୍ୟାନେଲ୍ ଏବଂ ମୋଟର ପମ୍ପ ଗାଏବ୍ ଥିଲା (05.09.2023)*

ଉପରୋକ୍ତ ସହିତ, ଅଡିଟ୍, 1.36 କୋଟି ଟଙ୍କା ବ୍ୟୟରେ ନିର୍ମିତ ଜଳ ଯୋଗାଣ ବ୍ୟବସ୍ଥାର ଅନୁପଯୁକ୍ତ ପରିଚାଳନା ଏବଂ ରକ୍ଷଣାବେକ୍ଷଣର ଅନ୍ୟ ତିନିଟି ଦୃଷ୍ଟାନ୍ତ ଲକ୍ଷ୍ୟ କରିଥିଲେ, ଯାହା ଚୁକ୍ତିନାମାରେ ପରିଚାଳନା ଏବଂ ରକ୍ଷଣାବେକ୍ଷଣର ବ୍ୟବସ୍ଥା ନ ରହିବା ଏବଂ ଉତ୍ପାଦନ କୂପ ପାଇଁ ଅନୁପଯୁକ୍ତ ସ୍ଥାନ ନିରୂପଣ ଯୋଗୁଁ, ଉପଭୋକ୍ତା ମାନଙ୍କୁ ଜଳ ଯୋଗାଣ କରିବାରେ ବିଫଳ ହୋଇଥିଲା, ଯାହା **ସାରଣୀ 2.3.8** ରେ ସୂଚୀତ କରାଯାଇଅଛି ।

***ସାରଣୀ 2.3.8: ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପଗୁଡ଼ିକ ଅଚଳ ହେବା***

| କ୍ର. ସଂ. | ପ୍ରକଳ୍ପ | ନମୁନା ଡିଭିଜନ | ସମାପ୍ତିର ତାରିଖ | କାର୍ଯ୍ୟର ମୂଲ୍ୟ (ଟଙ୍କା ଲକ୍ଷରେ) | ମନ୍ତବ୍ୟ |
|---|---|---|---|---|---|
| 1 | ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ସଂରକ୍ଷଣ ସୁବିଧାର ଉନ୍ନତି (ଅମୃତ 1.0) | ୱାଟ୍‌କୋ ଡିଭିଜନ, ବ୍ରହ୍ମପୁର | ଜାନୁଆରୀ 2021 | 58.97 | ପରବର୍ତ୍ତୀ ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପ[70] ଅଚଳ ହୋଇ ପଡ଼ିରହିଥିଲା କାରଣ ପରବର୍ତ୍ତୀ ପାଞ୍ଚ ବର୍ଷ ପାଇଁ ଓଆଣ୍ଡ୍‌ଏମ୍ ଚୁକ୍ତିନାମାରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ଏହି ଉଦ୍ଦେଶ୍ୟରେ ଡିଭିଜନ୍ ଦ୍ୱାରା କୌଣସି ନୂତନ ଓଆଣ୍ଡ୍‌ଏମ୍ ଚୁକ୍ତି କାର୍ଯ୍ୟକାରୀ କରାଯାଇ ନାହିଁ । |
| 2. | ସମ୍ବଲପୁର ସହରର 1,5,6 ଏବଂ 7 ମଣ୍ଡଳରେ ବଣ୍ଟନ ନେଟ୍‌ୱାର୍କ ଏବଂ ଆନୁସଙ୍ଗିକ କାର୍ଯ୍ୟର ସଂପ୍ରସାରଣ (ଅମୃତ 1.0) | ୱାଟ୍‌କୋ ଡିଭିଜନ, ସମ୍ବଲପୁର | ନଭେମ୍ବର 2021 | 61.03 | ଅନୁପଯୁକ୍ତ ସର୍ବେକ୍ଷଣ ଯୋଗୁଁ ଉତ୍ପାଦନ କୂପଗୁଡ଼ିକ[71] ବିଫଳ ହୋଇଥିଲା, ତେଣୁ ଅଞ୍ଚଳଗୁଡ଼ିକୁ ଜଳ ଯୋଗାଣ ସୁନିଶ୍ଚିତ ହୋଇପାରି ନଥିଲା । |
| 3. | ପିଡବ୍ଲ୍ୟୁ, ୟୁଜିଆର୍ ଇତ୍ୟାଦିର ସଂସ୍ଥାପନ ଏବଂ କମିଶନିଂ, ପଦମ୍‌ପୁର ବିଜ୍ଞାପିତ ଅଞ୍ଚଳ ପରିଷଦର 1,2,3 (ଅଂଶ) ୱାର୍ଡରେ | ୱାଟ୍‌କୋ ଡିଭିଜନ, ସମ୍ବଲପୁର | ମାର୍ଚ୍ଚ 2019 | 15.84 | ଡିଜାଇନ୍‌ରେ ତ୍ରୁଟି ଯୋଗୁଁ ଏବଂ ଭୂତଳ ଜଳ ଭଣ୍ଡାରରେ ଯାନ୍ତ୍ରିକ ଅସୁବିଧା ଯୋଗୁଁ ଏହି ପଦ୍ଧତିକୁ[72] ବ୍ୟବହାର କରାଯାଇପାରିଲା ନାହିଁ । |
| ମୋଟ | | | | **135.85** | -- |

***(ଉତ୍ସ: ସମ୍ପୃକ୍ତ ଡିଭିଜନର ନମୁନା ନିଆଯାଇଥିବା ନଥିପତ୍ରରୁ)***

70 ୟୁଜିଆର୍, ପମ୍ପ ଘର, ନିୟନ୍ତ୍ରଣ ପ୍ୟାନେଲ୍, ପମ୍ପ ସେଟ୍ ଇତ୍ୟାଦି

71 ବଇଧର ନୂଆପଲ୍ଲୀ, ପରଧିଆପଲ୍ଲୀ, ସିଙ୍ଘପଲ୍ଲୀ ଏବଂ ମଲିପଲ୍ଲୀ

72 ଜିଏସ୍‌ଆର୍ ଏବଂ ମଙ୍ଗେରକଟା ଠାରେ ପମ୍ପ ଘର

ଅଡିଟ୍ ଲକ୍ଷ୍ୟ କଲେ ଯେ, ଜଳ ଯୋଗାଣ ପ୍ରଣାଳୀର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଅନୁପଯୁକ୍ତ/ ଅପର୍ଯ୍ୟାପ୍ତ ଥିଲା, କାରଣ କେତେକ ମାମଲାରେ, ନୂତନ ଭାବରେ ସୃଷ୍ଟି ହୋଇଥିବା ପ୍ରଣାଳୀଗୁଡ଼ିକୁ ବ୍ୟବହାର କରାଯାଇନଥିଲା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରଣାଳୀଗୁଡ଼ିକୁ ସଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଇ ନଥିଲା । ଏହାର ଫଳସ୍ୱରୂପ, ପ୍ରକଳ୍ପ ଗୁଡ଼ିକରେ ନିବେଶ ହୋଇଥିବା 22.27 କୋଟି[73] ଟଙ୍କା ଜଳ ଯୋଗାଣ ସ୍ଥିତି, ପରିମାଣ ଏବଂ ଗୁଣବତ୍ତାରେ ଉନ୍ନତି ଆଣିପାରି ନଥିଲା, ଯାହା ଫଳରେ ଅମୃତ ଏବଂ ବସୁଧା ଯୋଜନାର ଉଦ୍ଦେଶ୍ୟକୁ ବିଫଳ ହୋଇଥିଲା ।

### *2.3.9.1 ଚୌଦ୍ୱାର ପୌର ପାଳିକାର ଇନ୍‌ଟେକ୍ କୂପ ଏବଂ ଜଳ ବିଶୋଧନାଗାର ପ୍ଲାଣ୍ଟ୍‌ରେ ପର୍ଯ୍ୟବେକ୍ଷକ ନିୟନ୍ତ୍ରଣ ଏବଂ ତଥ୍ୟ ସଂଗ୍ରହ ପଦ୍ଧତି (ସ୍କାଡା) କାର୍ଯ୍ୟକ୍ଷମ ନହେବା*

ଚୌଦ୍ୱାର ପୌରପାଳିକାକୁ ଜଳ ଯୋଗାଣର ଉନ୍ନତିକରଣ କାର୍ଯ୍ୟରେ ଜଳ ଯୋଗାଣ ପ୍ରଣାଳୀରେ ଇନ୍‌ଟେକ୍ କୂପ ଏବଂ ପ୍ରକୃତ ସମୟରେ ଘଟୁଥିବା ସମସ୍ୟା ସମ୍ପର୍କରେ ସିଷ୍ଟମ୍ ଅପରେଟରଙ୍କୁ ସ୍ୱୟଂଚାଳିତ ତଥ୍ୟ ପ୍ରଦାନ କରିବା ପାଇଁ ଜଳ ବିଶୋଧନାଗାର ପ୍ଲାଣ୍ଟରେ ସ୍କାଡା ସିଷ୍ଟମ୍ ଲଗାଇବାର ବ୍ୟବସ୍ଥା ଥିଲା । ସ୍କାଡା ଆକ୍ଟୁଏଟର୍ସ[74] ସହିତ ସମନ୍ୱିତ ଭାବେ ଜଳ ଯୋଗାଣ ପ୍ରଣାଳୀର ବିଭିନ୍ନ ଉପାଦାନର କାର୍ଯ୍ୟକାରିତାକୁ ସ୍ୱୟଂଚାଳିତ ଭାବରେ ତଦାରଖ କରେ ଏବଂ ଏହା ଦ୍ୱାରା ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଶେଷରେ ଖାଉଟିମାନଙ୍କ ଜଳ ଖର୍ଚ୍ଚକୁ ହ୍ରାସ କରେ । ଏହି କାର୍ଯ୍ୟଟି ଫେବୃଆରୀ 2021 ରେ ସମ୍ପୂର୍ଣ୍ଣ ହୋଇଥିଲା ।

ତଥାପି କ୍ଷେତ୍ରଗୁଡ଼ିକର ମିଳିତ ସରଜମିନ ତଦନ୍ତ (5 ଜୁଲାଇ 2023) ରେ ପ୍ରକାଶ କରାଯାଇଅଛି ଯେ, ସିଷ୍ଟମ୍ ଅପରେଟରଙ୍କର ଅଣନିଯୁକ୍ତି ଯୋଗୁଁ ସ୍କାଡା ପ୍ରଣାଳୀ ଉଭୟ ଅଞ୍ଚଳରେ କାର୍ଯ୍ୟକ୍ଷମ ହୋଇନଥିଲା । ସ୍କାଡା ପ୍ରଣାଳୀ କାର୍ଯ୍ୟକ୍ଷମ ନହେବା ଫଳରେ କେବଳ, ସଂସ୍ଥାପନ ଏବଂ ସ୍ୱୟଂଚାଳିତକରଣ ପାଇଁ 72.32 ଲକ୍ଷ ଟଙ୍କା ନିଷ୍କ୍ରିୟ ଖର୍ଚ୍ଚ ନ ହୋଇଥିଲା ଯେ ବରଂ ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ 2017-18 ରେ 1.29 କୋଟି ଟଙ୍କାରୁ 2022-23 ରେ 2.20 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ।

**ସୁପାରିଶ 2.3.4:**

***ଉପଭୋକ୍ତାଙ୍କ ପାଇଁ ଉନ୍ନତ ଜଳ ଯୋଗାଣ ସେବାର ଲକ୍ଷ୍ୟ ହାସଲ କରିବା ପାଇଁ ଜଳ ଯୋଗାଣ ବ୍ୟବସ୍ଥାର ନବ ନିର୍ମିତ ସୁବିଧାଗୁଡ଼ିକର ଉପଯୁକ୍ତ ଉପଯୋଗ ସୁନିଶ୍ଚିତ କରିବା ସହିତ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣର ବ୍ୟବସ୍ଥା ସୁନିଶ୍ଚିତ କରାଯିବା ଉଚିତ୍ ।***

### 2.3.10 ଘରୋଇ ସଂଯୋଗୀକରଣରେ ମିଟର ଲଗାଇବା ବ୍ୟବସ୍ଥା

ଓଏସ୍‌ୟୁଡବ୍ଲ୍ୟୁଏସ୍‌ପି, 2013 ଅନୁସାରେ, ସମ୍ପୂର୍ଣ୍ଣ ଜଳ ଉତ୍ପାଦନକୁ ମାର୍ଚ୍ଚ 2023 ମଧ୍ୟରେ ଶତ ପ୍ରତିଶତ ମିଟରିଂ ଦ୍ୱାରା ଗଣନା କରାଯିବ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଓ୍ୱାଟ୍‌କୋ 75 ଟି ୟୁଏଲ୍‌ବିରେ 15 ମିମି ଡାୟା ମଲ୍ଟି-ଜେଟ୍ ଯାନ୍ତ୍ରିକ ଜଳ ମିଟରର ଯୋଗାଣ ଓ ସ୍ଥାପନା ପାଇଁ ସାତ ଜଣ ବିକ୍ରେତାଙ୍କ ସହିତ 213.08 କୋଟି ଟଙ୍କାର 14 ଟି ଚୁକ୍ତି କରିଥିଲା (ଅକ୍ଟୋବର 2020 ଓ ଜୁଲାଇ 2022 ମଧ୍ୟରେ), ଯେଉଁଥିରେ କି ଏହାର ସ୍ଥାପନା ପରେ ପାଞ୍ଚ ବର୍ଷ ମଧ୍ୟରେ ତ୍ରୁଟିପୂର୍ଣ୍ଣ ମିଟର ଗୁଡ଼ିକର ବଦଳ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । 7,34,528 ଜଳ ମିଟରର ଯୋଗାଣ ଓ ସ୍ଥାପନ ତୁଳନାରେ, କାର୍ଯ୍ୟନିର୍ବାହୀ ସଂସ୍ଥା, ଅଗଷ୍ଟ 2023 ସୁଦ୍ଧା, 5,45,138 (74.22 ପ୍ରତିଶତ) ଟି ଜଳ ମିଟର

---

73 ବୁର୍ଲାଠାରେ 4.5 ଏମ୍ଏଲ୍‌ଡି ଜଳ ଯୋଗାଣ କ୍ଷମତା ବିଶିଷ୍ଟ ଜଣ ଯୋଗାଣ କେନ୍ଦ୍ରର ପୁନରୁଦ୍ଧାର: 9.79 କୋଟି ଟଙ୍କା; ପଦମ୍‌ପୁର ସହରକୁ ଜଳ ଯୋଗାଣ ଉନ୍ନତି ପାଇଁ: 9.38 କୋଟି ଟଙ୍କା; 26 ଟି ସ୍ଥାନରେ ସୌରଚାଳିତ ପ୍ରକଳ୍ପ ସ୍ଥାପନା ପାଇଁ: 1.74 କୋଟି ଟଙ୍କା; ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଜଳ ସଂରକ୍ଷଣ ସୁବିଧାର ଉନ୍ନତି ପାଇଁ: 0.59 କୋଟି ଟଙ୍କା; ସମ୍ବଲପୁର ସହରର ଜୋନ୍-1,5,6 ଏବଂ 7 ରେ ବିତରଣ ନେଟ୍‌ୱାର୍କ ଏବଂ ଆନୁସଙ୍ଗିକ କାର୍ଯ୍ୟର ସଂପ୍ରସାରଣ: 0.61 କୋଟି ଟଙ୍କା; ଏବଂ ପଦମ୍‌ପୁର ସହରରେ ପିଡବ୍ଲ୍ୟୁ ୟୁଜିଆରର ସଂସ୍ଥାପନ ଏବଂ କମିଶନିଂ: 0.16 କୋଟି ଟଙ୍କା;

74 ଡିଜିଟାଲ୍ ଇନ୍‌ପୁଟ୍ ସିଗ୍ନାଲ ସାହାଯ୍ୟରେ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବହୃତ ଏକ ଡିଭାଇସ୍ (ଯାହାକି ଏହି କ୍ଷେତ୍ରରେ ମୋଟରଗୁଡ଼ିକୁ ଚାଳିତ କରିବ)

ଯୋଗାଇ ପାରିଥିଲେ ଏବଂ 3,60,639 (49.10 ପ୍ରତିଶତ) ଜଳ ମିଟର ସ୍ଥାପନ କରିପାରିଥିଲେ । ଏହି ପରିପ୍ରେକ୍ଷୀରେ, ଅଡିଟ୍ ଲକ୍ଷ୍ୟ କଲା:

- ଅଗଷ୍ଟ 2023 ପର୍ଯ୍ୟନ୍ତ, ସାତ ଜଣ ବିକ୍ରେତାଙ୍କ ମଧ୍ୟରୁ କେହି ମଧ୍ୟ ନିର୍ଦ୍ଧାରିତ କାମ ଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିନାହାନ୍ତି । ଏହି ସମସ୍ତ ମାମଲାରେ, କାମଗୁଡ଼ିକର ସମ୍ପୂର୍ଣ୍ଣତା ନିର୍ଦ୍ଧାରିତ ତାରିଖରୁ 1 ରୁ 23 ମାସ ବିଳମ୍ବ ହୋଇଛି ।

- ନଅଟି ଚୁକ୍ତିନାମା କ୍ଷେତ୍ରରେ, ଛଅ ଜଣ ବିକ୍ରେତା ଯୋଗାଣର ନିର୍ଦ୍ଧାରିତ ତାରିଖ ସମାପ୍ତ ହେବା ସତ୍ତ୍ୱେ, 4,74,528 ଆଦେଶ ତୁଳନାରେ 2,85,138 ଟି ମିଟର (60 ପ୍ରତିଶତ) ଯୋଗାଣ କରିପାରିଛନ୍ତି, ଯାହାକି ଯୋଗାଣର ନିର୍ଦ୍ଧାରିତ ତାରିଖରୁ 1 ରୁ 5  ମାସ ବିଳମ୍ବ ହୋଇଛି (ଅଗଷ୍ଟ 2023 ସୁଦ୍ଧା) । ଯୋଗାଇ ଦିଆଯାଇଥିବା ପରିମାଣ ମଧ୍ୟରୁ, ବିକ୍ରେତାମାନେ କେବଳ 1,61,222 (57 ପ୍ରତିଶତ) ମିଟର ସ୍ଥାପନ କରିଥିଲେ (ଅଗଷ୍ଟ 2023 ସୁଦ୍ଧା) । କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାର କାରଣ, ନିମ୍ନରେ ଉଲ୍ଲେଖ କରାଯାଇଥିବା ଦୁଇଟି ମାମଲା ବ୍ୟତୀତ, ୱାଟ୍‌କୋର ଉପଲବ୍ଧ ରେକର୍ଡରେ ମିଳିଲା ନାହିଁ:

  - ଦୁଇଟି ଚୁକ୍ତି[75] କ୍ଷେତ୍ରରେ, ଠିକାଦାରମାନେ କାର୍ଯ୍ୟ ବନ୍ଦ କରିବାକୁ ଅନୁରୋଧ କରିଥିଲେ, କାରଣ ରାଉରକେଲା ଏବଂ ବ୍ରହ୍ମପୁର ସହର ପାଇଁ 4.23 କୋଟି ଟଙ୍କା ବ୍ୟୟରେ କିଣା ଯାଇଥିବା 30,015 ଟି ମିଟର ସ୍ଥାପନ କରିବାର କୌଣସି ଆବଶ୍ୟକତା ନଥିଲା । ରାଉରକେଲା କ୍ଷେତ୍ରରେ 16,800 ମିଟର ସ୍ଥାପନ କରିବାର ଆବଶ୍ୟକତା ନଥିଲା, କାରଣ ପ୍ରସ୍ତାବିତ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇ ନଥିଲା । ବ୍ରହ୍ମପୁର ସହର କ୍ଷେତ୍ରରେ, ଜନସାଧାରଣଙ୍କ ପ୍ରତିରୋଧ ଏବଂ ଡିଭିଜନ୍ ଦ୍ୱାରା ଉପଭୋକ୍ତାଙ୍କ ତଥ୍ୟ ଯୋଗାଣ ନକରିବା କାରଣରୁ, ଜଳ ମିଟର ସ୍ଥାପନ କରିବାର ପରିସର ହ୍ରାସ ପାଇଥିଲା, ଯାହାର ଫଳସ୍ୱରୂପ 13,215 ମିଟରର ଆବଶ୍ୟକତା ହୋଇନଥିଲା । ଏହିପରି, ନିଆଯାଇଥିବା ଜଳ ଯୋଗାଣ ପ୍ରକଳ୍ପକୁ ଆଧାର କରି ଗ୍ରାହକଙ୍କ ପ୍ରକୃତ ସଂଖ୍ୟା ଆକଳନ କରିବା ପୂର୍ବରୁ ଜଳ ମିଟର କ୍ରୟ କରାଯିବା ଫଳରେ 4.23 କୋଟି ଟଙ୍କାର ବ୍ୟୟ ହୋଇଛି ଯାହାକୁ ଏଡ଼ାଯାଇପାରିଥାନ୍ତା ।

ନମୁନାଭୁକ୍ତ ଛଅଟି ଡିଭିଜନ୍ ମଧ୍ୟରୁ, କେବଳ ଦୁଇଟି ଡିଭିଜନ୍ ଘରୋଇ ସଂଯୋଗର ଶତ ପ୍ରତିଶତ ମିଟରିଂ ହାସଲ କରିପାରିଥିବା ବେଳେ, ସମ୍ବଲପୁର ଡିଭିଜନ୍ କୌଣସି ଘରୋଇ ସଂଯୋଗ ମିଟରିଂ କରିନଥିଲା । କୋରାପୁଟ ଡିଭିଜନ୍ ବ୍ୟତୀତ, ଆନୁଷ୍ଠାନିକ ସଂଯୋଗର ମିଟରିଂ କ୍ଷେତ୍ରରେ, ଅନ୍ୟ ନମୁନା ଡିଭିଜନ୍‌ଗୁଡ଼ିକ ମଧ୍ୟରୁ କେହି ବି ମିଟର ସଂଯୋଗ କରିନଥଲେ । ଛଅଟି ନମୁନା ଡିଭିଜନ୍ ଦ୍ୱାରା ଘରୋଇ ଏବଂ ଆନୁଷ୍ଠାନିକ ସଂଯୋଗର ମିଟରିଂ କରିବାରେ ଅଗ୍ରଗତି **ସାରଣୀ 2.3.9** ରେ ଦର୍ଶାଯାଇଛି ।

***ସାରଣୀ 2.3.9: ମାର୍ଚ୍ଚ 2023 ସୁଦ୍ଧା ନମୁନା ଡିଭିଜନ୍‌ରେ ମିଟରିଂର ସ୍ଥିତି***

| ଡିଭିଜନ୍‌ର ନାମ | ସଂଯୋଗ ଗୁଡ଼ିକର ନାମ | | | ମିଟରିଂ ସଂଯୋଗ ଗୁଡ଼ିକର ସଂଖ୍ୟା | | | ମିଟରିଂର ପ୍ରତିଶତ | | |
|---|---|---|---|---|---|---|---|---|---|
| | ଘରୋଇ | ଅନୁଷ୍ଠାନ | ସମୁଦାୟ | ଘରୋଇ | ଅନୁଷ୍ଠାନ | ସମୁଦାୟ | ଘରୋଇ | ଅନୁଷ୍ଠାନ | ସମୁଦାୟ |
| କଟକ | 40392 | 791 | 41183 | 16958 | 0 | 16958 | 42 | 0 | 41 |
| କୋରାପୁଟ | 44057 | 2494 | 46551 | 4021 | 372 | 4393 | 9 | 15 | 9 |
| ଭଞ୍ଜନଗର | 63535 | 286 | 63821 | 20977 | 0 | 20977 | 33 | 0 | 33 |
| ସମ୍ବଲପୁର | 103078 | 5782 | 108860 | 0 | 0 | 0 | 0 | 0 | 0 |
| ଭୁବନେଶ୍ୱର | 160028 | ଦର୍ଶାଯାଇ ନାହିଁ | - | 160028 | ଦର୍ଶାଯାଇ ନାହିଁ | - | 100 | - | - |
| ବ୍ରହ୍ମପୁର | 61456 | 437 | 61893 | 61456 | 0 | 61456 | 100 | 0 | 99 |
| **ମୋଟ** | **472546** | **9790** | **322308** | **263440** | **372** | **103784** | **56** | **4** | **32** |

***(ଉତ୍ସ: ନମୁନା ଡିଭିଜନ୍‌ର ରେକର୍ଡ)***

ମିଟରିଂ ପ୍ରଣାଳୀର ଅଭାବ ଏବଂ ଜଳ କର ଆଦାୟରେ ଅକ୍ଷମତା କାରଣରୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଜଳ ଶୁଳ୍କ ବାବଦ ରାଜସ୍ୱ ଆଦାୟରେ, ଏକ ବଡ଼ ବ୍ୟବଧାନ ବୃଦ୍ଧି ପାଇଛି । ଓଏସ୍‌ୟୁଡବ୍ଲ୍ୟୁଏସ୍‌ପି, 2013 ରେ

[75] ଚୁକ୍ତିନାମା ସଂଖ୍ୟା 03ପି1/2020-21 ଏବଂ 04ପି1/ 2020-21

ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ, 2023 ରେ ଏହି ବ୍ୟବଧାନ 20 ପ୍ରତିଶତ ହେବା ଉଚିତ୍ । 2022-23 ବର୍ଷ ପାଇଁ ପରୀକ୍ଷା କରାଯାଇଥିବା ଡିଭିଜନ୍‌ଗୁଡ଼ିକର ଫଳାଫଳ ରିପୋର୍ଟରୁ ଅଡିଟ୍ ଦେଖିଛି ଯେ, ଛଅଟି ନମୁନା ଡିଭିଜନ୍‌ରୁ ଚାରିଟିରେ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ରାଜସ୍ୱ ଆଦାୟରେ ବ୍ୟବଧାନ 64 ରୁ 83 ପ୍ରତିଶତ ମଧ୍ୟରେ ଥିଲା ଯାହା **ସାରଣୀ 2.3.10** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

***ସାରଣୀ 2.3.10: ସଂଗୃହିତ ରାଜସ୍ୱ ଏବଂ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମୂଲ୍ୟ ମଧ୍ୟରେ ବ୍ୟବଧାନ***

*( ଟଙ୍କା କୋଟିରେ)*

| ବିଭାଗ | 2022-23 ମଧ୍ୟରେ ପରିଚାଳନା ଏବଂ ରକ୍ଷଣାବେକ୍ଷଣ | 2022-23 ଅବଧିରେ ରାଜସ୍ୱ ସଂଗ୍ରହ (ପ୍ରତିଶତ) | ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମୂଲ୍ୟ ଏବଂ ରାଜସ୍ୱ ସଂଗ୍ରହ ମଧ୍ୟରେ ବ୍ୟବଧାନ (ପ୍ରତିଶତରେ) |
|---|---|---|---|
| କଟକ | 12.80 | 2.70*(21)* | 10.10*(79)* |
| କୋରାପୁଟ | 27.44 | 9.77*(36)* | 17.67*(64)* |
| ଭଞ୍ଜନଗର | 25.94 | 5.11*(20)* | 20.83*(80)* |
| ସମ୍ବଲପୁର | 49.77 | 8.58 *(17)* | 41.19*(83)* |

***(ଉତ୍ସ: ନମୁନା ବିଭାଗର ରେକର୍ଡ)***

ଉପରୋକ୍ତ ସମସ୍ତ ତଥ୍ୟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟର ଖରାପ ସର୍ବେକ୍ଷଣ ଏବଂ ମିଟରିଂରେ ଖରାପ ତଦାରଖକୁ ସୂଚିତ କରୁଛି । ତେଣୁ, ଜଳ ଯୋଗାଣରେ ମିଟରିଂ ବ୍ୟବସ୍ଥା ଏପର୍ଯ୍ୟନ୍ତ ସୃଷ୍ଟି ହୋଇପାରି ନାହିଁ ।

**ସୁପାରିଶ 2.3.5:**

***ପାଇପ୍ ଜଳ ଯୋଗାଯାଉଥିବା ସମସ୍ତ ପରିବାରର ଡାଟାବେସ୍ ରକ୍ଷଣାବେକ୍ଷଣ କରାଯିବା ସହ ଯୋଗାଣ ଜଳର ସଠିକ୍ ହିସାବ ପାଇଁ ସେଥିରେ ମିଟର ଲଗାଯିବା ଦରକାର । ସେବାକୁ ସ୍ଥାୟୀ କରିବା ପାଇଁ ଉପଭୋକ୍ତା ଶୁଳ୍କ ସଂଗ୍ରହରେ ଦକ୍ଷତା ସୁନିଶ୍ଚିତ କରାଯାଇପାରେ ।***

## 2.3.11 ପ୍ରକଳ୍ପ ପ୍ରସ୍ତୁତି ଓ କାର୍ଯ୍ୟକାରିତା

### *2.3.11.1 ଯୋଜନା*

### *(i) ଅମୃତ ଅଧିନରେ ପ୍ରକଳ୍ପଗୁଡ଼ିକର ସାମିଲ୍ କରିବା ପାଇଁ ଅଭାବୀ ସର୍ବେକ୍ଷଣ*

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜାନୁଆରୀ 2016 ରେ ମେସର୍ସ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍‌କୁ ପିଡିଏମ୍‌ସି ଭାବରେ ୟୁଏଲ୍‌ବି ସ୍ତରରେ ଏସ୍‌ଏଲ୍‌ଆଇପି ପ୍ରସ୍ତୁତିରେ ସାହାଯ୍ୟ କରିବା, ସେହି ଏସ୍‌ଏଲ୍‌ଆଇପିର ସଂଗ୍ରହଣ କରି ଏସ୍‌ଏଏପି ପ୍ରସ୍ତୁତ କରିବା ସହିତ ଅମୃତ 1.0 ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଡିପିଆର୍ ପ୍ରସ୍ତୁତିରେ ସାହାଯ୍ୟ କରିବା ପାଇଁ ନିୟୋଜିତ କରିଥିଲା ।

ବିଭାଗ ତିନି ବର୍ଷ ପାଇଁ ତିନିଟି ପର୍ଯ୍ୟାୟରେ ଅର୍ଥାତ୍ 2015-16, 2016-17 ଏବଂ 2017-18 ରେ ଏମ୍‌ଓୟୁଡି, ଭାରତ ସରକାରକୁ ଏସ୍‌ଏଏପି ଦାଖଲ କଲା, ଯେଉଁଥିରେ ନଅଟି ୟୁଏଲ୍‌ବି ପାଇଁ ମୋଟ 229 ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା । ଏମ୍‌ଓୟୁଡି 1,419.71 କୋଟି ଟଙ୍କା ଆନୁମାନିକ ମୂଲ୍ୟରେ ଏହି 229 ଟି ପ୍ରକଳ୍ପକୁ 141 ଟି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରି ଏସ୍‌ଏଏପି ଅନୁମୋଦନ କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ବିଭାଗ ପରବର୍ତ୍ତୀ ସମୟରେ 141 ଟି କାର୍ଯ୍ୟର ଅନୁମୋଦିତ ତାଲିକାରୁ ଆନୁମାନିକ ମୂଲ୍ୟ 316.12 କୋଟି ଟଙ୍କାର 25 ଟି ପ୍ରକଳ୍ପ ଛାଡ଼ି ଦେଇଛି, ଯାହା ନିମ୍ନରେ ଦିଆଗଲା ।

- 17 ଟି ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ମିଟରିଂ ପ୍ରକଳ୍ପ ଥିଲା, ଯାହାକୁ ଶେଷ ଉପଭୋକ୍ତା ସ୍ତର ମିଟରିଂ ପୂର୍ବରୁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ବୋଲି ଦର୍ଶାଇ ବାଦ୍ ଦିଆଯାଇଥିଲା ।
- 8 ଟି ଜଳ ଯୋଗାଣ ପ୍ରକଳ୍ପ (ଚେକ୍ ଡ୍ୟାମ୍) ଭୁଲ ଭାବେ ହାଇଡ୍ରୋଲୋଜିକାଲ୍ ଅଧ୍ୟୟନ ହୋଇନଥିବାରୁ ଛାଡ଼ି ଦିଆଯାଇଥିଲା ।

ଏହି 25 ଟି ଛଡ଼ା ଯାଇଥିବା ପ୍ରକଳ୍ପ ବଦଳରେ ବିଭାଗ ଆନୁମାନିକ ମୂଲ୍ୟ 294.19 କୋଟି ଟଙ୍କାର ଅନ୍ୟ 14 ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ କରିଥିଲା । ଏହିପରି, ଅମୃତ 1.0 ଅଧିନରେ 130 ଟି ପ୍ରକଳ୍ପକୁ ମୋଟ 1500.08 କୋଟି ଟଙ୍କା ମୂଲ୍ୟ ବ୍ୟୟରେ ଏମ୍‌ଓୟୁଡି ଦ୍ୱାରା ମଞ୍ଜୁର କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ, ବିଭାଗ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକଳାପକୁ ପ୍ରାଥମିକତା ଅନୁଯାୟୀ ଚିହ୍ନଟ କରିନାହିଁ (ଅର୍ଥାତ୍ ମିଟରିଂ ପ୍ରକଳ୍ପ କିମ୍ବା ଜଳ ଯୋଗାଣ ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବା କିମ୍ବା ଉଭୟ ଏକା ସାଙ୍ଗରେ କାର୍ଯ୍ୟକାରୀ ହେବା) କିମ୍ବା ଏସ୍‌ଏଏପି ରେ ଅନ୍ତର୍ଭୁକ୍ତ ହେବା ପାଇଁ ପ୍ରକଳ୍ପ ଗୁଡ଼ିକର ଫଳପ୍ରଦତା ଆକଳନ କରିବା ପାଇଁ ସମ୍ପୂର୍ଣ୍ଣ ସର୍ବେକ୍ଷଣ କରିନାହିଁ । ବିଭାଗର ଆଭିମୁଖ୍ୟରେ ସ୍ୱଷ୍ଟତା ଅଭାବ ସହିତ ଅସମ୍ପୂର୍ଣ୍ଣ ପ୍ରାରମ୍ଭିକ ସର୍ଭେ ଯୋଗୁଁ ପ୍ରାୟ 25 ଟି ପ୍ରକଳ୍ପ ବାତିଲ୍ କରାଯାଇଥିଲା । ବନ୍ଦ ହୋଇଯାଇଥିବା ପ୍ରକଳ୍ପଗୁଡ଼ିକ ପାଇଁ ପରାମର୍ଶ ଶୁଳ୍କ ବାବଦକୁ ପିଡିଏମ୍‌ସିକୁ 2.81 କୋଟି ଟଙ୍କା ପ୍ରଦାନ କରାଯାଇଥିଲା, ଯାହା ଅପଚୟପୂର୍ଣ୍ଣ ଖର୍ଚ୍ଚ ବୋଲି ପ୍ରମାଣିତ ହୋଇଛି ।

ଏହିପରି, ଅଡିଟ୍ ଦେଖିଲା ଯେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଅମୃତର କାର୍ଯ୍ୟକାରିତା ପାଇଁ ପ୍ରାଥମିକତା କ୍ଷେତ୍ର ଚିହ୍ନଟ କରିନଥିଲା, ଯଥା ମିଟରିଂ ପ୍ରକଳ୍ପ କିମ୍ବା ଜଳ ଯୋଗାଣ ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବ କିମ୍ବା ଏସ୍‌ଏଏପି ଅଧିନରେ ଅନ୍ତର୍ଭୁକ୍ତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରିବା ପାଇଁ ପୂର୍ଣ୍ଣ ସର୍ବେକ୍ଷଣ କରିନଥିଲା ।

### *(ii) ପ୍ରକଳ୍ପଗୁଡ଼ିକର ଅନୁପଯୁକ୍ତ ଚୟନ*

ନିର୍ଦ୍ଧାରିତ ଜନସଂଖ୍ୟାର ମୌଳିକ ଆବଶ୍ୟକତା ପୂରଣ ପାଇଁ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ବଳର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ପାଇଁ, ସେଗୁଡ଼ିକୁ ପ୍ରାଥମିକତା ଆଧାରରେ ଚୟନ କରାଯିବା ଆବଶ୍ୟକ । ଅମୃତ ନିର୍ଦ୍ଦେଶାବଳୀ ଆବଶ୍ୟକତା ଆଧାରିତ ମୂଲ୍ୟାଙ୍କନ ଅନୁସାରେ ପ୍ରକଳ୍ପ ଚୟନରେ ଗୁରୁତ୍ୱ ଦେଇଥିଲା । ନମୁନା ଯାଞ୍ଚ ଆଧାରରେ ଅଡିଟ୍ ଦୁଇଟି, ଏଡ଼ାଇବାଯୋଗ୍ୟ/ ଅନାବଶ୍ୟକ ପ୍ରକଳ୍ପର ଚୟନ ଏବଂ କାର୍ଯ୍ୟକାରୀ କରିବାର ଉଦାହରଣ ପାଇଲା:

- ***ପୂର୍ବରୁ ଭୂପୃଷ୍ଠ ଜଳ ଉପଲବ୍ଧ ଥିବା ଅଞ୍ଚଳରେ ଉତ୍ପାଦନ କୂପର (ପିଡବ୍ଲୁ) ଖନନ:*** ପୌରପାଳିକାର 20 ୱାର୍ଡକୁ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଅଧିନରେ କଟକ ପିଏଚ୍ ଡିଭିଜନ୍ ଦ୍ୱାରା "ପଟ୍ଟାମୁଣ୍ଡାଇ ପୌରପାଳିକା ପାଇଁ ଜଳ ଯୋଗାଣର ଉନ୍ନତି" କାର୍ଯ୍ୟ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟର ଡିପିଆର୍ ଅନୁଯାୟୀ, ନିକଟବର୍ତ୍ତୀ ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରାଯିବ । 2019 ମାର୍ଚ୍ଚ ମାସରେ 21.46 କୋଟି ଟଙ୍କା ବ୍ୟୟରେ ଏହି କାର୍ଯ୍ୟ ଶେଷ କରାଯାଇଥିଲା ।

  ଅଡିଟ୍ ଦେଖିଲା ଯେ ନଦୀରୁ ପାଣି ସଂଗ୍ରହ କରିବାରେ କୌଣସି ପ୍ରତିବନ୍ଧକ ନଥିବା ସତ୍ତ୍ୱେ ଏବଂ ଉତ୍ପାଦନ କୂପ (ଗଭୀର ନଳକୂପ) ଖନନ ପାଇଁ ଡିପିଆର୍‌ରେ କୌଣସି ବ୍ୟବସ୍ଥା ନଥିବା ସତ୍ତ୍ୱେ ଡିଭିଜନ୍ 2.06 କୋଟି ଟଙ୍କା ବ୍ୟୟରେ ପୌରପାଳିକାର ୱାର୍ଡ଼ ନମ୍ବର 7 ଏବଂ 17 ରେ ଦୁଇଟି ଉତ୍ପାଦନ କୂପ ଖନନ କରିଥିଲା । ଉତ୍ପାଦନ କୂପ ଖନନର କାର୍ଯ୍ୟ ସେପ୍ଟେମ୍ବର 2019 ଏବଂ ମାର୍ଚ୍ଚ 2022 ରେ ସମାପ୍ତ ହୋଇଥିଲା । ମିଳିତ ସରଜମିନ ତଦନ୍ତ (ଜୁଲାଇ 2023) ରେ ଅଡିଟ୍ ଜାଣିବାକୁ ପାଇଲା ଯେ, ଦୁଇଟି ଉତ୍ପାଦନ କୂପ କାର୍ଯ୍ୟକ୍ଷମ ହେଉନାହିଁ, କାରଣ ନଦୀରୁ ନିଆଯାଉଥିବା ପାଣି ସ୍ଥାନୀୟ ଚାହିଦା ପୂରଣ ପାଇଁ ଯଥେଷ୍ଟ ଥିଲା । ତେଣୁ, ଦୁଇଟି ଉତ୍ପାଦନ କୂପ ଖନନର କୌଣସି ଆବଶ୍ୟକତା ନଥିଲା । ଏହିପରି, ଡିପିଆର୍‌ରେ କୌଣସି ବ୍ୟବସ୍ଥା ନଥିବା ସତ୍ତ୍ୱେ, ଦୁଇଟି ଉତ୍ପାଦନ କୂପ ଖନନ ପାଇଁ 2.06 କୋଟି ଟଙ୍କାର ଖର୍ଚ୍ଚକୁ ଏଡ଼ାଯାଇପାରିଥାନ୍ତା ।

  ଏହାର ଉତ୍ତରରେ, ଏସ୍‌ଇ କହିଥିଲେ ଯେ ଦୁଇଟି ଉତ୍ପାଦନ କୂପ ବିକଳ୍ପ ସୁବିଧା ପାଇଁ ଥିଲା ଏବଂ ଆବଶ୍ୟକ ସ୍ଥଳେ ଜଳ ଚାପକୁ ମଧ୍ୟ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ ଥିଲା ।

  ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଅନୁମୋଦିତ ଡିପିଆର୍ ଅନୁଯାୟୀ, ଜଳ ଯୋଗାଣ ବ୍ୟବସ୍ଥାର କ୍ଷମତା, 2046 ମସିହା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ଜଳ ଚାହିଦା ପୂରଣ କରିବା ପାଇଁ ପରିକଳ୍ପନା

କରାଯାଇଥିଲା । ଡିପିଆର୍‌ରେ କୌଣସି ବିକଳ୍ପ ବ୍ୟବସ୍ଥା ସୃଷ୍ଟି କରିବାର ପରିକଳ୍ପନା ମଧ୍ୟ କରାଯାଇନଥିଲା ।

- ***87.15 ଲକ୍ଷ ଟଙ୍କାର ଅବାଞ୍ଛିତ ଭିତ୍ତିଭୂମି ସୃଷ୍ଟି:*** ସମ୍ବଲପୁର ସହର ଅନ୍ତର୍ଗତ ମୋଦିପଡ଼ା ଉପଖଣ୍ଡ-10 ପାଇଁ ଜଳ ଯୋଗାଣ କାର୍ଯ୍ୟ[76] ଏବଂ ଡିଜେଲ ଜେନେରେଟର (ଡିଜି) ସେଟ୍ ସ୍ଥାପନ କାର୍ଯ୍ୟ ଜୁନ୍ 2018 ରେ ହାତକୁ ନିଆଯାଇଥିଲା । ଏହି କାର୍ଯ୍ୟର ପରିସର ମଧ୍ୟରେ ଉଚ୍ଚ ସଂରକ୍ଷଣ ଜଳଭଣ୍ଡାର (ଇଏସ୍ଆର୍), ଭୂତଳ ଜଳଭଣ୍ଡାର (ୟୁଜିଆର୍), ପମ୍ପ ହାଉସ୍‌ର ନିର୍ମାଣ ଏବଂ ଡିଜି ସେଟ୍ ସ୍ଥାପନ ଅନ୍ତର୍ଭୁକ୍ତ ଥିଲା । ଡିଜି ସେଟ୍ କାର୍ଯ୍ୟକ୍ଷମ ହେବା ବ୍ୟତୀତ, 2021 ଏପ୍ରିଲରେ କାର୍ଯ୍ୟ ଶେଷ ହୋଇଥିଲା । ଡିଜି ସେଟ୍‌ର କାର୍ଯ୍ୟ ଜାନୁଆରୀ 2022 ରେ ଶେଷ ହୋଇଥିଲା ।

  କାର୍ଯ୍ୟଗୁଡ଼ିକର ମିଳିତ ସରଜମିନ ତଦନ୍ତ (2 ସେପ୍ଟେମ୍ବର 2023) ରେ, ଅଡିଟ୍ ଲକ୍ଷ୍ୟ କଲା ଯେ, ନୂତନ ଭାବେ ନିର୍ମିତ ୟୁଜିଆର୍, ପମ୍ପ୍ ହାଉସ୍ ଏବଂ ଡିଜି ସେଟ୍ ବ୍ୟବହାର କରାଯାଉ ନାହିଁ, କାରଣ ଏହା ପୂର୍ବରୁ ଉପଲବ୍ଧ ଥିଲା ଏବଂ ପୂର୍ବ ଜଳ ଯୋଗାଣ ବ୍ୟବସ୍ଥାର ଏକ ଅଂଶ ଭାବରେ କାର୍ଯ୍ୟ କରୁଥିଲା । ତେଣୁ, 87.15 ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହାର ନିର୍ମାଣ/ କ୍ରୟ କରିବାର କୌଣସି ଆବଶ୍ୟକତା ନଥିଲା । ଏହା ସୂଚାଉଛି ଯେ, ବର୍ତ୍ତମାନର ଜଳଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଆବଶ୍ୟକତାକୁ ଆକଳନ କରିବା ଠିକ୍ ନଥିଲା, ଯେଉଁଥିପାଇଁ ଏଡ଼ାଯାଇପାରୁଥିବା 87.15 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ।

  ଏହାର ଉତ୍ତରରେ, ନିର୍ବାହୀ ଯନ୍ତ୍ରୀ କହିଲେ (ସେପ୍ଟେମ୍ବର 2023) ଯେ, ମୋଦିପଡ଼ା ଜିଲ୍ଲା ମୁଖ୍ୟାଳୟର ହସ୍ପିଟାଲକୁ ଜଳ ଯୋଗାଣ ପାଇଁ ୟୁଜିଆର୍‌କୁ ନିକଟରେ ବ୍ୟବହାର କରାଯାଇଛି ।

### *2.3.11.2 ପୁରୁଣା ଜଳ ବିଶୋଧନାଗାର (ଡବ୍ଲୁଟିପି)ର ନବୀକରଣ ବିନା ଜଳ ଯୋଗାଣ ନେଟ୍‌ୱାର୍କର କାର୍ଯ୍ୟକାରିତା*

1958 ମସିହାରେ ନିର୍ମିତ 27 ଏମ୍ଏଲ୍‌ଡି କ୍ଷମତାସମ୍ପନ୍ନ ଜଳ ବିଶୋଧନାଗାର ପ୍ଲାଣ୍ଟ୍‌ରୁ କୋରାପୁଟ ପିଏଚ୍ ଡିଭିଜନ୍ ଦ୍ୱାରା ସୁନାବେଡ଼ା ପୌରପାଳିକାର ଘରଗୁଡ଼ିକୁ ଜଳ ଯୋଗାଣ କରାଯାଉଥିଲା । ସୁନାବେଡ଼ା ପୌରପାଳିକାର ଜଳ ଯୋଗାଣ କ୍ଷମତା ବୃଦ୍ଧି ପାଇଁ, ଡିଭିଜନ୍ ବସୁଧା ଅଧିନରେ ଦୁଇଟି ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ (ଫେବୃଆରୀ 2021) ହାତକୁ ନେଇଥିଲା । ଏହି କାର୍ଯ୍ୟର ପରିସର ମଧ୍ୟରେ ପାଇପ୍ ଲାଇନ୍ ବିଛାଇବା, ଇଏସ୍ଆର୍, ୟୁଜିଆର୍, ପମ୍ପ ହାଉସ୍ ଇତ୍ୟାଦି ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ପ୍ରକଳ୍ପର ଡିପିଆର୍ ଅନୁଯାୟୀ, ବର୍ତ୍ତମାନର 27 ଏମ୍ଏଲ୍‌ଡି ଜଳ ବିଶୋଧନାଗାର ପ୍ଲାଣ୍ଟ୍‌କୁ ଉଭୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ବ୍ୟବହାର କରାଯିବ । 5.68 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ଉଭୟ ପ୍ରକଳ୍ପ ମଇ 2022 ରୁ ଜୁଲାଇ 2022 ମଧ୍ୟରେ ସମାପ୍ତ ହୋଇଥିଲା ।

ଜଳ ବିଶୋଧନାଗାରର ମିଳିତ ସରଜମିନ ତଦନ୍ତ (27 ଜୁଲାଇ 2023)ରୁ ପ୍ରକାଶ ପାଇଲା ଯେ, ଲୁହା, ମାଙ୍ଗାନିଜ୍, ଦ୍ରବୀଭୂତ ଗ୍ୟାସ୍ ଇତ୍ୟାଦିର ପ୍ରଥମ ପର୍ଯ୍ୟାୟ ଜମାଟ ବାନ୍ଧିବା ପାଇଁ ଅଶୋଧିତ ପାଣି ଗ୍ରହଣକୁ ଅକ୍ସିଡାଇଡ୍ କରିବା ପାଇଁ କୌଣସି କାସ୍କେଡ୍ ଏରେଟର୍ ନଥିଲା । ଏହା ବ୍ୟତୀତ, କ୍ଲାରିଫ୍ଲୋକୁଲେଟରରେ ଟ୍ରଲି କାର୍ଯ୍ୟକ୍ଷମ ନହେବା ଯୋଗୁଁ ପାଣିରେ ଥିବା କାଦୁଅକୁ ବାହାର କରାଯାଇପାରିଲା ନାହିଁ । ଫଳସ୍ୱରୂପ, ଫିଲ୍‌ଟର ବେଡ୍ ଦ୍ୱାରା ଇନ୍‌ଟେକ୍ ପାଣିରେ ଗୋଳିଆପଣ ସମ୍ପୂର୍ଣ୍ଣ ସଫା ହୋଇପାରିଲା ନାହିଁ ।

ଅଡିଟ୍ ଆହୁରି ମଧ୍ୟ ଦେଖିଲା ଯେ, 1958 ମସିହାରେ ନିର୍ମିତ ଡବ୍ଲ୍ୟୁଟିପିର ନବୀକରଣର ଆବଶ୍ୟକତା ଥିଲା, କିନ୍ତୁ ଦୁଇଟି ନୂତନ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନେବା ସମୟରେ ଏପରି ଆବଶ୍ୟକତାକୁ ଚିହ୍ନଟ କରାଯାଇ ନଥିଲା ଏବଂ କାର୍ଯ୍ୟ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇନଥିଲା ।

---

[76] ଇଏସ୍ଆର୍/ ଜିଏସ୍ଆର୍ ଗୁଡ଼ିକ ସମ୍ବଲପୁର ସହର ଜୋନରେ ଫିଡର ପାଇପ୍‌ଲାଇନ୍ ପମ୍ପିଂ ବ୍ୟବସ୍ଥା ଏବଂ ଆନୁଷଙ୍ଗିକ କାର୍ଯ୍ୟ-4 (ପର୍ଯ୍ୟାୟ-II ଏବଂ III) of ସମ୍ବଲପୁର ମହାନଗର ନିଗମ

ଏହିପରି, ଯେଉଁ ଡବ୍ଲ୍ୟୁଟିପିରୁ ଜଳ ଯୋଗାଣ ହେବ, ତାହାର ନବୀକରଣକୁ ଅଣଦେଖା କରି ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଫଳରେ, 5.68 କୋଟି ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ, ପରିବାରମାନଙ୍କୁ ଲାଭ ମିଳିଲା ନାହିଁ, କାରଣ ଯୋଗାଇ ଦିଆଯାଇଥିବା ଜଳ ପାନୀୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିଲା ନାହିଁ ।



*ଚିତ୍ର 2.3.7: ସୁନାବେଡ଼ା ସ୍ଥିତ କାର୍ଯ୍ୟକ୍ଷମ ନଥିବା ଟ୍ରଲି ଏବଂ ଉଚ୍ଚ ଗୋଳିଆ ପାଣିର ଜଳ ବିଶୋଧନ କାରଖାନା (27.07.2023)*

ଉତ୍ତରରେ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବ୍ୟକ୍ତ କଲେ (ସେପ୍ଟେମ୍ବର 2023) ଯେ, ସୁନାବେଡ଼ା ପୌରପାଳିକା ପାଇଁ ଜଳ ସୁରକ୍ଷା ଯୋଜନାରେ ଏକ ନୂତନ ପ୍ଲାଣ୍ଟ ପାଇଁ ପ୍ରସ୍ତାବ ରଖାଯାଇଛି, ଯାହା ନିକଟ ଭବିଷ୍ୟତରେ ଗ୍ରହଣ କରାଯିବ । ଏହି ଉତ୍ତର ଉପର ସତ୍ୟକୁ ରେଖାଙ୍କିତ କରେ ଯେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟଗୁଡ଼ିକର ଚୟନ ତ୍ରୁଟିପୂର୍ଣ୍ଣ ଥିଲା ।

ତେଣୁ, ବସୁଧା ଅଧିନରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଚିହ୍ନଟ ଏପରି ତ୍ରୁଟିପୂର୍ଣ୍ଣ ଥିଲା ଯେ ଏହି ପ୍ରକଳ୍ପ ଗୁଡ଼ିକୁ କ୍ଷେତ୍ର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ କାର୍ଯ୍ୟାନ୍ୱୟନ ପାଇଁ ପ୍ରାଥମିକତା ଦିଆଯାଇ ନଥିଲା । କିଛି କ୍ଷେତ୍ରରେ, ଯେଉଁ ଅଞ୍ଚଳରେ ପୂର୍ବରୁ ଜଳ ଯୋଗାଣ ଥିଲା ସେଠାରେ ପ୍ରକଳ୍ପ ଗ୍ରହଣ କରାଯାଇଥିଲା, ଅନ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ କାର୍ଯ୍ୟ ପରିସରରୁ ଅଣଦେଖା କରାଯାଇଥିଲା ।

**ସୁପାରିଶ 2.3.6:**

***ଆବଶ୍ୟକତା ଆକଳନ ଆଧାରରେ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ପ୍ରାଥମିକତା ଦିଆଯିବା ଉଚିତ୍, ଯାହା ସ୍ଥାନୀୟ ଜନସାଧାରଣଙ୍କ ହିତ ପାଇଁ ଅତ୍ୟନ୍ତ ଆବଶ୍ୟକ ସେଭଳି ପ୍ରକଳ୍ପ ଚିହ୍ନଟ କରାଯିବା ଉଚିତ୍ ।***

## 2.3.12 ଆକଳନ ପ୍ରସ୍ତୁତି

ମିତବ୍ୟୟତା ହାସଲ ପାଇଁ ବ୍ୟୟ ଉପରେ ନିୟନ୍ତ୍ରଣ ରଖିବା ପାଇଁ ମୂଲ୍ୟ ଆକଳନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ଉପକରଣ । ଓଡ଼ିଶା ପବ୍ଲିକ୍ ୱାର୍କସ୍ କୋଡ୍ (ଖଣ୍ଡ 1) ର ଅଧ୍ୟାୟ 3.4 ପରିଶିଷ୍ଟ IV ସହିତ ପଠିତ, ମୂଲ୍ୟ ଆକଳନ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ପ୍ରଦାନ କରେ । ଏହା ପ୍ରଦାନ କରେ, ଅନ୍ୟାନ୍ୟ ବିଷୟ ସହିତ, କରାଯିବାକୁ ଥିବା କାର୍ଯ୍ୟର ପରିମାଣକୁ ବିଚାର କରି ପ୍ରଚଳିତଦର ସୂଚୀ ଆଧାରରେ ମୂଲ୍ୟ ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ ।

### 2.3.12.1 *ଆକଳନ ଚୂଡ଼ାନ୍ତ କରିବାରେ ବିଳମ୍ବ ଯୋଗୁଁ 88.87 ଲକ୍ଷ ଟଙ୍କା ଖର୍ଚ୍ଚ ବୃଦ୍ଧି ପାଇଲା*

ଭୂତଳ ଜଳଭଣ୍ଡାରର ନିରନ୍ତର ହ୍ରାସ ଏବଂ ବିଦ୍ୟମାନ ଗଭୀର ବୋର୍‌ୱେଲ୍‌ର କିଛି ସ୍ଥାନରେ ଅଧିକା ଲୁହା ପରିମାଣ ହେତୁ, ବାଙ୍କୀ ଏନ୍‌ଏସିକୁ ଜଳ ଯୋଗାଣର ଉନ୍ନତି ପାଇଁ 4.89 କୋଟି ଟଙ୍କାର ଏକ ଡିପିଆର୍ ବସୁଧା ଯୋଜନା ଅଧିନରେ କଟକର ପିଏଚ୍ ଡିଭିଜନ ଦ୍ୱାରା ବିଭିନ୍ନ ଉପାଦାନ[77] ସହିତ ପ୍ରସ୍ତୁତ କରାଯାଇଥିଲା ।

ଏହି କାର୍ଯ୍ୟକୁ ଅଗଷ୍ଟ 2014 ରେ ଓଡ଼ିଶା ସରକାର ଦ୍ୱାରା ପ୍ରଶାସନିକ ଭାବରେ ଅନୁମୋଦନ (ଏଏ) କରାଯାଇଥିଲା ଏବଂ ପ୍ରଶାସନିକ ଅନୁମୋଦନର ସାତ ମାସ ପରେ, ମାର୍ଚ୍ଚ 2015 ରେ, ମୁଖ୍ୟ ଯନ୍ତ୍ରୀ (ସିଇ) ଦ୍ୱାରା 6.04 କୋଟି ଟଙ୍କା ପାଇଁ ବୈଷୟିକ ଭାବରେ ମଞ୍ଜୁର କରାଯାଇଥିଲା । ବୈଷୟିକ ମଞ୍ଜୁରୀ (ଟିଏସ୍)ର ପାଞ୍ଚ ମାସ ପରେ, ଅଗଷ୍ଟ 2015 ରେ କାର୍ଯ୍ୟ ପାଇଁ ଟେଣ୍ଡର ଜାରୀ କରାଯାଇଥିଲା । ଏଲ୍1 ବିଡର ଏହି ଟେଣ୍ଡର ବିରୁଦ୍ଧରେ 7.79 କୋଟି ଟଙ୍କା (30.33 ପ୍ରତିଶତ ଅଧିକ) ଉଦ୍ଧୃତ କରିଥିଲେ ଯାହା 5.98 କୋଟି ଟଙ୍କାର ଟେଣ୍ଡର ମୂଲ୍ୟ ଠାରୁ ଅଧିକ[78] ଥିଲା । ଅତିରିକ୍ତ ଟେଣ୍ଡର ପରିମାଣ ପୂରଣ କରିବା ପାଇଁ, ପୁନଃ ଆକଳନ କରାଯାଇଥିଲା (ଡିସେମ୍ବର 2015) ଯାହା 7.67 କୋଟି ଟଙ୍କାକୁ ଆସିଥିଲା । ଫେବୃଆରୀ 2016 ରେ 7.87 କୋଟି ଟଙ୍କାର ସଂଶୋଧିତ ପ୍ରଶାସନିକ ଅନୁମୋଦନ ଦିଆଯାଇଥିଲା । ସଂଶୋଧିତ ଆକଳନର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମାର୍ଚ୍ଚ 2015 ରୁ ଡିସେମ୍ବର 2015 ମଧ୍ୟରେ ସାମଗ୍ରୀ ଏବଂ ଶ୍ରମ ଉପାଦାନରେ ଖର୍ଚ୍ଚ ବୃଦ୍ଧି ଯୋଗୁଁ କାର୍ଯ୍ୟ ମୂଲ୍ୟ 88.87 ଲକ୍ଷ ଟଙ୍କା ବୃଦ୍ଧି ପାଇଥିଲା । କାର୍ଯ୍ୟଟି ମାର୍ଚ୍ଚ 2016 ରେ ନିଲାମଧାରୀଙ୍କୁ ପ୍ରଦାନ କରାଯାଇଥିଲା ଏବଂ ସେପ୍ଟେମ୍ବର 2018 ରେ ସମାପ୍ତ ହୋଇଥିଲା । ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ଯେ ବୈଷୟିକ ମଞ୍ଜୁରୀ ଦେବାରେ ସାତ ମାସ ଏବଂ ଟେଣ୍ଡର ଆହ୍ୱାନ କରିବାରେ ପାଞ୍ଚ ମାସ ବିଳମ୍ବ ହେତୁ, ମୂଲ୍ୟ ଆକଳନର ପୁନଃ ନିର୍ମାଣ ଆବଶ୍ୟକ ଥିଲା, ଯାହା ଫଳରେ କାର୍ଯ୍ୟରେ 88.87 ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ଉତ୍ତରରେ, ଏସ୍ଇ କହିଛନ୍ତି ଯେ କିଛି ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ ଟେଣ୍ଡର ପ୍ରକ୍ରିୟା ବିଳମ୍ବ ହୋଇଥିଲା, କିନ୍ତୁ କାର୍ଯ୍ୟ ସମାପ୍ତ ଏବଂ କାର୍ଯ୍ୟକ୍ଷମ କରାଯାଇଥିଲା । ଡିଭିଜନ୍ କୌଣସି ସହାୟକ ଦଲିଲ୍ ପ୍ରଦାନ କରିନଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ । ଆକଳନ ଚୂଡ଼ାନ୍ତ କରିବାରେ ବିଳମ୍ବ ଯୋଗୁଁ କାର୍ଯ୍ୟର ମୂଲ୍ୟ ବୃଦ୍ଧି ପାଇଥିଲା, ଯାହା ରାଜ୍ୟ ରାଜକୋଷ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ।

### 2.3.12.2 *ଭୁଲ୍ ଆକଳନ ଯୋଗୁଁ ଠିକାଦାରମାନଙ୍କୁ 1.87 କୋଟି ଟଙ୍କାର ଅତିରିକ୍ତ ଦେୟ*

ଓପିଡବ୍ଲ୍ୟୁଡି କୋଡ଼ (ଖଣ୍ଡ-1) ର ଅନୁଚ୍ଛେଦ 3.4.10 (i) ଅନୁଯାୟୀ, ପ୍ରଚଳିତ ମୂଲ୍ୟ ନିର୍ଦ୍ଧାରଣ ସୂଚୀ (ଏସ୍‌ଓଆର୍) ଆଧାରରେ ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ ଏବଂ ଆକଳନରେ ସାମଗ୍ରୀ ହାର ପାଇଁ ବ୍ୟବସ୍ଥା ଏକ ମିତବ୍ୟୟୀ ଉପାୟରେ କରାଯିବା ଉଚିତ୍ । ନିର୍ମାଣ ବିଭାଗ, ଓଡ଼ିଶା ସରକାର 01 ଜୁଲାଇ 2017 ରୁ ପ୍ରସ୍ତୁତ ଆକଳନରେ ଦରକୁ ବିଚାର କରିବା ପାଇଁ ଏସ୍‌ଓଆର୍ 2014 (ଜିଏସ୍‌ଟି ପରବର୍ତ୍ତୀ) ପ୍ରସାରିତ କରିଥିଲା (ସେପ୍ଟେମ୍ବର 2017) ।

#### (i) *ଆକଳନରେ ନିର୍ଦ୍ଧାରିତ ସାମଗ୍ରୀ ହାର ଗ୍ରହଣ ନକରିବା*

01 ଜୁଲାଇ 2017 ରୁ ସମଗ୍ର ଭାରତରେ ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି) କାର୍ଯ୍ୟକାରୀ ହେବା ପରେ, ନିର୍ମାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଦର ସୂଚୀ (ଏସ୍‌ଓଆର୍) ସଂଶୋଧନ କରାଯାଇଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ, ବସୁଧା ଅଧିନରେ ଥିବା ଦୁଇଟି ନମୁନା ଡିଭିଜନ୍ (କଟକ ଏବଂ ବ୍ରହ୍ମପୁର) ରେ ସାତଟି କାର୍ଯ୍ୟର ବୈଷୟିକ ମଞ୍ଜୁରୀ ସେପ୍ଟେମ୍ବର 2017 ରୁ ଫେବୃଆରୀ 2021 ମଧ୍ୟରେ ଦିଆଯାଇଥିଲା । ତଥାପି, ସମ୍ପୃକ୍ତ

---

[77] i. ଇନ୍‌ଟେକ୍ କୂପର ନିର୍ମାଣ -84.45 ଲକ୍ଷ, ii. ଅଶୋଧିତ ଜଳ ଧାରଣ ପାଇପ୍ ବିଛାଇବା -1.85 କିଲୋମିଟର ଏବଂ 51.68 ଲକ୍ଷ ଟଙ୍କା, iii. 4 ଏମ୍‌ଏଲ୍‌ଡି ଜଳ ଧାରଣ କ୍ଷମତାସମ୍ପନ୍ନ ଜଳ ବିଶୋଧନାଗାର ପ୍ଲାଣ୍ଟ୍ ଏବଂ ଆନୁଷଙ୍ଗିକ ସଂରଚନାର ନିର୍ମାଣ -248.18 ଲକ୍ଷ ଟଙ୍କା, iv. ବିଶୁଦ୍ଧ ଜଳ ଧାରଣ ପାଇପ୍ ବିଛାଇବା - 5.45 କିଲୋମିଟର ଏବଂ 95.22 ଲକ୍ଷ ଟଙ୍କା, vi. ଅନ୍ୟାନ୍ୟ - 9.47 ଲକ୍ଷ ଟଙ୍କା, ମୋଟ: 489 ଲକ୍ଷ ଟଙ୍କା

[78] ଶ୍ରମ ଏବଂ ସାମଗ୍ରୀ ଦର ବୃଦ୍ଧି ଯୋଗୁଁ ପୁନଃକାଷ୍ଟ ଆକଳନରେ ସାମଗ୍ରୀ ମୂଲ୍ୟରେ ବୃଦ୍ଧି: ଇନ୍‌ଟେକ୍ କୂପ - 31.14 ଲକ୍ଷ ଟଙ୍କା + ଅଶୋଧିତ ଜଳ ଧାରଣ ପାଇପ୍ - 12.67 ଲକ୍ଷ ଟଙ୍କା + 3 ଏମ୍‌ଏଲ୍‌ଡି ଡବ୍ଲ୍ୟୁଟିପି - 37.29 ଲକ୍ଷ ଟଙ୍କା + ୟୁଜିଆର୍- 7.77 ଲକ୍ଷ ଟଙ୍କା = 88.87 ଲକ୍ଷ ଟଙ୍କା

ଡିଭିଜନ୍‌ର ଡିଭିଜନାଲ୍ ଅଫିସର (ଡିଓ), ଜିଏସ୍‌ଟି ପୂର୍ବ ହାର ଆଧାରରେ ଅନୁମୋଦିତ ମୂଲ୍ୟ ପ୍ରସ୍ତୁତ କରିଥିଲେ ଯାହା ଜିଏସ୍‌ଟି-ପରବର୍ତ୍ତୀ ହାର ଅପେକ୍ଷା ଅଧିକ ଥିଲା ଏବଂ ଟେଣ୍ଡର ଜାରି କରିଥିଲେ । ଅଡିଟ୍ ନମୁନା ଯାଞ୍ଚ ସାତଟି କାର୍ଯ୍ୟରେ 440 ଟି ସାମଗ୍ରୀ ମଧ୍ୟରୁ 17 ଟି ସାମଗ୍ରୀ ଯାଞ୍ଚ କରିଥିଲା ଏବଂ ଜାଣିଲା ଯେ ଜିଏସ୍‌ଟି-ପୂର୍ବ ହାର ଗ୍ରହଣ କରିବା ଯୋଗୁଁ ଏହି 17 ଟି ସାମଗ୍ରୀର ଆନୁମାନିକ ମୂଲ୍ୟ 1.63 କୋଟି ଟଙ୍କା ବୃଦ୍ଧି ପାଇଛି । ଯେହେତୁ ଟେଣ୍ଡର ପ୍ରିମିୟମ୍/ ରିହାତି[79] ସହିତ ଆନୁମାନିକ ମୂଲ୍ୟ ଆଧାରରେ ଟେଣ୍ଡର ଗୁଡ଼ିକୁ ଚୂଡ଼ାନ୍ତ କରାଯାଇଥିଲା, ଏହା ବର୍ଦ୍ଧିତ ଆନୁମାନିକ ମୂଲ୍ୟ ଯୋଗୁଁ ନିଲାମ ଦରକୁ ବଢାଇ ଦେଇଥିଲା ।

ଡିଓମାନେ କହିଲେ (ଜୁଲାଇ 2023) ଯେ, ଆକଳନ, ଚୁକ୍ତିନାମା ଏବଂ ରନିଂ ଆକାଉଣ୍ଟ୍ ଫାଇନାଲ୍ ବିଲ୍ ଯାଞ୍ଚ ପରେ ସଂଶୋଧନ କରାଯିବ । କିନ୍ତୁ, ଏହା ସତ୍ୟ ଯେ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ କାର୍ଯ୍ୟର ମୂଲ୍ୟ ନିମ୍ନ ଆଡ଼କୁ ସଂଶୋଧନ କରାଯାଇ ପାରିବ ନାହିଁ ।

### *(ii) ଯାନ୍ତ୍ରିକ ଉପାୟ ବଦଳରେ ହସ୍ତ ଖନନର ବ୍ୟବସ୍ଥା*

"ଭୁବନେଶ୍ୱର-ପୁନଃନିର୍ବାସ-ଆର୍ 7 (ପଳାଶୁଣୀ) (ଅମୃତ)କୁ ଜଳ ଯୋଗାଣର ଉନ୍ନତି" କାର୍ଯ୍ୟର ଡିପିଆର୍‌ରେ ଦର୍ଶାଯାଇ ନାହିଁ ଯେ ପ୍ରକଳ୍ପ ସହିତ ଜଡ଼ିତ ମାଟି କାର୍ଯ୍ୟ ହସ୍ତ ଖନନ ଭାବରେ ସମ୍ପାଦିତ ହେବା ଆବଶ୍ୟକ । ତେଣୁ, ଏପରି ମାଟି କାର୍ଯ୍ୟର ଆକଳନ ମାଟି କାମର ଯାନ୍ତ୍ରିକ ଉପାୟ ପାଇଁ ପ୍ରଯୁଜ୍ୟ ଏସ୍‌ଓଆର୍‌ରେ ହାର ଗ୍ରହଣ କରି ପ୍ରସ୍ତୁତ କରାଯିବା ଉଚିତ୍, ଯାହା ହସ୍ତ ଖନନ କାମ ପାଇଁ ପ୍ରଯୁଜ୍ୟ ହାର ଠାରୁ କମ୍ ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଡିଓ ଜଳ ଯୋଗାଣ ପ୍ରକଳ୍ପ ସହିତ ଜଡ଼ିତ ତିନିଟି ଭିନ୍ନ ପ୍ରକାରର ମାଟି କାର୍ଯ୍ୟର[80] ମୂଲ୍ୟ ଆକଳନ ପ୍ରସ୍ତୁତ କରିଥିଲେ, ଯାହା ମାନୁଆଲ ଭାବରେ କାର୍ଯ୍ୟ ପାଇଁ ପ୍ରଯୁଜ୍ୟ ହାରରେ, ଯଥାକ୍ରମେ 283.14, 357.50 ଏବଂ 431.85 ପ୍ରତି ଘନ ମିଟର । ଏହା ବିପରୀତରେ ଯାନ୍ତ୍ରିକ ଭାବରେ କାମର ହାର 14.38 ପ୍ରତି ଘନ ମିଟର ଥିଲା । ଫଳସ୍ୱରୂପ, ଆନୁମାନିକ ମୂଲ୍ୟ 33.97 ଲକ୍ଷ ଟଙ୍କା ବୃଦ୍ଧି ପାଇଥିଲା । ଯେହେତୁ ଆନୁମାନିକ ମୂଲ୍ୟର 9.95 ପ୍ରତିଶତ ଟେଣ୍ଡର ପ୍ରିମିୟମ୍‌ରେ ଚୁକ୍ତିନାମା ପ୍ରଦାନ କରାଯାଇଥିଲା, ତେଣୁ ମାଟି କାମ ପାଇଁ ଚୁକ୍ତିନାମା ମୂଲ୍ୟ 37.35 ଲକ୍ଷ ଟଙ୍କା ବୃଦ୍ଧି ପାଇଲା । ଠିକାଦାରଙ୍କ ସର୍ବଶେଷ ରନିଂ ଆକାଉଣ୍ଟ୍ ବିଲ୍ (8ତମ ବିଲ୍) ପର୍ଯ୍ୟନ୍ତ, ଠିକାଦାର 6,526.79 ଘନ ମିଟର ମାଟି କାମ କରିଥିଲେ, ଯାହା ଉପରେ ଅତିରିକ୍ତ ଦେୟ 23.72 ଲକ୍ଷ ଟଙ୍କା (ଟେଣ୍ଡର ପ୍ରିମିୟମ୍ ସମେତ) ହୋଇଥିଲା ।

ଭୁବନେଶ୍ୱର ୱାଟ୍‌କୋ ଡିଭିଜନ୍‌ର ଜିଏମ୍ (ଜୁଲାଇ 2023) କହିଥିଲେ ଯେ ଖନନକାରୀ ଯନ୍ତ୍ରର ଚଳାଚଳ ପାଇଁ ପର୍ଯ୍ୟାପ୍ତ ସ୍ଥାନ ନଥିବାରୁ ହସ୍ତ ଖନନ ଗ୍ରହଣ କରାଯାଇଥିଲା । ଉତ୍ତରଟି ଯୁକ୍ତିଯୁକ୍ତ ନୁହଁ କାରଣ ଡିପିଆର୍‌ରେ ମାଟି କାମ ହସ୍ତ ଖନନ ଉପାୟରେ କରାଯିବା ଆବଶ୍ୟକ ବୋଲି କୌଣସି ଉଲ୍ଲେଖ କରାଯାଇ ନଥିଲା । ଏହା ବ୍ୟତୀତ, ହସ୍ତ ଖନନ ପାଇଁ ଶ୍ରମିକଙ୍କ ନିୟୋଜନ ବିଷୟରେ କୌଣସି ମଷ୍ଟର୍ ରୋଲ୍ ରେକର୍ଡରେ ନଥିଲା, ଯାହା ମାନୁଆଲ ଭାବରେ କରାଯାଉଥିବା ମାଟି କାମର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି କରିଥିଲା ।

## 2.3.13 ନିଲାମ ଚୟନ ଏବଂ କାର୍ଯ୍ୟ ପ୍ରଦାନ

### *2.3.13.1 ଏଲ୍1 ନିଲାମଦାତାଙ୍କ ପ୍ରତ୍ୟାଖ୍ୟାନ ଯୋଗୁଁ 51.10 ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ*

ଓପିଡବ୍ଲୁଡି କୋଡ଼ (ଖଣ୍ଡ-1) ର ଅନୁଚ୍ଛେଦ 3.5.14 ରେ ଆର୍ଥିକ ସ୍ଥିତି, ସାମର୍ଥ୍ୟ, କାର୍ଯ୍ୟାନ୍ୱୟନର ପୂର୍ବ ରେକର୍ଡ ଇତ୍ୟାଦି ଦିଗକୁ ଯାଞ୍ଚ କରାଯିବା ପରେ, ସର୍ବନିମ୍ନ ବୈଧ ଟେଣ୍ଡରକୁ ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଯଦି ଏଲ୍1 ନିଲାମଧାରୀ ଚୁକ୍ତିନାମା ପାଇଁ ଆସିନଥାନ୍ତି, ତେବେ ଏଲ୍2 ନିଲାମଧାରୀଙ୍କୁ ଚୁକ୍ତିନାମା ଚୂଡ଼ାନ୍ତ କରିବା ପାଇଁ ନିମନ୍ତ୍ରଣ କରାଯିବ, ଯଦି ସେ ଅନ୍ୟାନ୍ୟ ଆବଶ୍ୟକୀୟ ମାନଦଣ୍ଡ ପୂରଣ କରନ୍ତି ଏବଂ ଏହି ସର୍ତ୍ତ ଅନୁଯାୟୀ ଯେ ଏଲ୍2 ନିଲାମକାରୀ ଏଲ୍1 ନିଲାମଧାରୀଙ୍କ ଦ୍ୱାରା ଉଦ୍ଧୃତ ଦର ସହିତ ସମତୁଲ୍ୟ ବୁଝାମଣା କରନ୍ତି, ଅନ୍ୟଥା

---

79 ଆନୁମାନିକ ମୂଲ୍ୟ ଉପରେ ନିଲାମଧାରୀଙ୍କ ଦ୍ୱାରା ଡକାଯାଇଥିବା ନିଲାମ ଦରକୁ ସୂଚିତ କରେ । ଉଦାହରଣ ସ୍ୱରୂପ: ଯେତେବେଳେ ଜଣେ ନିଲାମଧାରକ 2 କୋଟି ଟଙ୍କାର ଆନୁମାନିକ ମୂଲ୍ୟର 5 ପ୍ରତିଶତରେ ଟେଣ୍ଡର ପ୍ରିମିୟମ୍ ଉଦ୍ଧୃତ କରନ୍ତି, ସେତେବେଳେ ବିଡ୍ ମୂଲ୍ୟ 2.10 କୋଟି ଟଙ୍କା ହୋଇଥାଏ

80 ସାମଗ୍ରୀ ସଂଖ୍ୟା 4.01, 4.02 ଏବଂ 4.03, ପୃଥକ ମୃତ୍ତିକା ଗୁଣ ସହିତ

ଟେଣ୍ଡରକୁ ବାତିଲ କରାଯିବ । ଏହା ବ୍ୟତୀତ ସଂହିତାର ଅନୁଚ୍ଛେଦ 3.5.15 ଏବଂ 3.5.16 ଅନୁଯାୟୀ ଯେକୌଣସି ଟେଣ୍ଡରକୁ ଅବୈଧ କିମ୍ବା ପ୍ରତ୍ୟାଖ୍ୟାନ ଘୋଷଣା କରିବାର ଲିଖିତ କାରଣ ରେକର୍ଡ କରିବା ଆବଶ୍ୟକ । ସଂହିତାର ଅନୁଚ୍ଛେଦ 3.5.17 ଅନୁଯାୟୀ ସର୍ବନିମ୍ନ ନିଲାମ ପ୍ରତ୍ୟାଖ୍ୟାନର ପ୍ରତ୍ୟେକ ମାମଲା ସହିତ ଜଡ଼ିତ ସମ୍ପୂର୍ଣ୍ଣ ପତ୍ରାଳାପକୁ ଅଡିଟ୍ ଦ୍ୱାରା ଯାଞ୍ଚ ପାଇଁ ସଂରକ୍ଷିତ ଏବଂ ଖୋଲା ରଖିବା ଉଚିତ୍ ।

ଯାଞ୍ଚରୁ ଜଣାଗଲା ଯେ ଅମୃତ 2.0 ଅଧିନରେ 6.68 କୋଟି ଟଙ୍କା ମୂଲ୍ୟରେ, ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନମ୍ବର 18 ଏବଂ 19 ରେ ଜିଜିପି କଲୋନୀ, ଜଗନ୍ନାଥ ନଗର ଏବଂ କିମ୍ବିରିଆରେ 24x7 ଜଳ ଯୋଗାଣ କାର୍ଯ୍ୟାନ୍ୱୟନ, ନେଟ୍‌ୱାର୍କ ଉନ୍ନତି (ନୂତନ ପାଇପ୍‌ଲାଇନ୍ ବିଛାଇବା/ ବଦଳ, ଆଇସୋଲେସନ୍ ଭାଲଭ୍ ସ୍ଥାପନ, ଇଣ୍ଟର କନେକ୍ସନ କାର୍ଯ୍ୟ, ୱାସ୍ ଆଉଟ୍ ବ୍ୟବସ୍ଥା ଏବଂ ଏସ୍‌ଭି ଚାମ୍ବର, ଇତ୍ୟାଦି) କାର୍ଯ୍ୟ ପାଇଁ ଟେଣ୍ଡର, ମାର୍ଚ୍ଚ 2022 ରେ ଆମନ୍ତ୍ରିତ ହୋଇଥିଲା । ଟେଣ୍ଡର ଗ୍ରହଣ ପାଇଁ ତୁଳନାତ୍ମକ ବିବୃତ୍ତି ପ୍ରକାଶ କରିଥିଲା ଯେ 6.82 କୋଟି ଟଙ୍କା ମୂଲ୍ୟରେ ଉଦ୍ଧୃତ ଦର ସହିତ ଆଇଏସ୍‌ଏଆର୍ ଇଞ୍ଜିନିୟର ପ୍ରାଇଭେଟ୍ ଲିମିଟେଡ୍ ସର୍ବନିମ୍ନ ବିଡର୍ (ଏଲ୍1) ଥିଲା । ତଥାପି, ୱାଟ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ, ଶ୍ରୀ ଆର୍ xxxxx କେ. ଆର୍‌xxx (ଏଲ୍$_2$ ବିଡର୍) ଙ୍କ ପ୍ରସ୍ତାବକୁ 7.33 କୋଟି ଟଙ୍କାରେ ଅନୁମୋଦନ କରିଥିଲେ ଏବଂ ଚୁକ୍ତିନାମା[81] ହୋଇଥିଲା । ଏହି କାର୍ଯ୍ୟ କେବଳ କୋଡାଲ୍ ବ୍ୟବସ୍ଥାର ଉଲ୍ଲଂଘନ ନୁହେଁ ବରଂ ଉଭୟ ଠିକାଦାରଙ୍କ ଦ୍ୱାରା ଉଦ୍ଧୃତ ଦରର ତୁଳନାରୁ ଜଣାପଡ଼ିଛି ଯେ ଏଲ୍$_2$ ବିଡର୍‌ଙ୍କ ଟେଣ୍ଡର ଗ୍ରହଣ ଯୋଗୁଁ କାର୍ଯ୍ୟ ଉପରେ 51.10 ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ବୋଝ ପଡ଼ିଥିଲା ।

ଭୁବନେଶ୍ୱରର ୱାଟ୍‌କୋ ଡିଭିଜନର ଜିଏମ୍ କହିଲେ (ଜୁଲାଇ 2023) ଯେ, ନିଲାମ କ୍ଷମତା କାରଣରୁ ସର୍ବନିମ୍ନ ନିଲାମ ଡକାଳିଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଛି । ଲିଖିତ କାରଣ ନଥିବାରୁ ଉତ୍ତର ବିଶ୍ୱାସଯୋଗ୍ୟ ନୁହେଁ । ଏହା ବ୍ୟତୀତ ହାତରେ ଥିବା କାର୍ଯ୍ୟକୁ ଦୃଷ୍ଟିରେ ରଖି ବିଡର୍‌ଙ୍କ ପାଖରେ ଆହୁରି କାର୍ଯ୍ୟ କରିବା ପାଇଁ କ୍ଷମତା ନାହିଁ ବୋଲି ନିଶ୍ଚିତ କରିବା ପାଇଁ ପ୍ରତ୍ୟାଖ୍ୟାନ କରାଯାଇଥିବା ବିଡର୍‌ଙ୍କ ବୈଷୟିକ ବିଡ୍ ଦଲିଲକୁ ଅଡିଟ୍‌କୁ ଦିଆଯାଇନଥିଲା ।

### *2.3.13.2 କାର୍ଯ୍ୟର ଅନିୟମିତ ବିଭାଜନ*

ଓପିଡବ୍ଲ୍ୟୁଡି କୋଡର ଅନୁଚ୍ଛେଦ 3.5.24 ଅନୁଯାୟୀ, ପରିସ୍ଥିତିର ଯଥାର୍ଥତା ସହିତ ଏକ କାର୍ଯ୍ୟକୁ ଅନେକ ଅଂଶ/ ପ୍ରବାଶରେ ବିଭାଜିତ କରିବା ପାଇଁ ଟେଣ୍ଡର ଗ୍ରହଣ କରିବାକୁ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ । ସଂହିତାରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ କାର୍ଯ୍ୟର ବିଭାଜନ କୌଣସି ନିର୍ଦ୍ଧାରିତ ସୀମାର କାର୍ଯ୍ୟକୁ ଏଡ଼ାଇବା ପାଇଁ ଗ୍ରହଣ କରାଯିବା ଉଚିତ୍ ନୁହେଁ । ଯେତେବେଳେ ବିଭାଜନ ଦ୍ୱାରା କୌଣସି କାର୍ଯ୍ୟ ସମ୍ପାଦିତ ହୁଏ, ସେତେବେଳେ କାର୍ଯ୍ୟ ପାଇଁ ସଂକ୍ଷିପ୍ତ ମଞ୍ଜୁରୀ ଆକଳନକୁ ମଧ୍ୟ ବିଭାଜନ କରାଯିବା ଉଚିତ୍ ଏବଂ ଖର୍ଚ୍ଚ ଏବଂ ମଞ୍ଜୁରୀ ଉପରେ ନିୟନ୍ତ୍ରଣ ସୁବିଧା ପାଇଁ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ କରାଯିବା ଉଚିତ୍ ।

ତଥାପି, ଅଡିଟ୍ ଲକ୍ଷ୍ୟ କଲେ ଯେ ଦୁଇଟି ୱାଟ୍‌କୋ ଡିଭିଜନ୍ ଅମୃତ 2.0 ଅନୁଯାୟୀ ମଞ୍ଜୁର ହୋଇଥିବା ଦୁଇଟି କାର୍ଯ୍ୟକୁ ଯଥାକ୍ରମେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା ଏବଂ ଏପରି ବିଭାଜନ ପାଇଁ କୌଣସି ଲିଖିତ ଯଥାର୍ଥତା ବିନା, ପାଞ୍ଚଟି ଏବଂ 197 ଟି କାର୍ଯ୍ୟରେ ବିଭକ୍ତ କରିଛନ୍ତି, ।

ଉତ୍ତରରେ, ୱାଟ୍‌କୋ ଭୁବନେଶ୍ୱର ମହାପ୍ରବନ୍ଧକ (ଜୁଲାଇ 2023) କହିଛନ୍ତି ଯେ, କାର୍ଯ୍ୟର ବିଭିନ୍ନ ନିର୍ଦ୍ଦିଷ୍ଟ ସାମଗ୍ରୀ ଯୋଗୁଁ ପୃଥକ୍ ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା । ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଡିଭିଜନ୍ କୋଡାଲ୍ ବ୍ୟବସ୍ଥା ଉଲ୍ଲଂଘନ କରିଥିଲା, ସମ୍ଭାବ୍ୟ ଟେଣ୍ଡର ରିହାତି ପାଇଁ ସୁଯୋଗ ହରାଇଥିଲା ଏବଂ ବିଭାଜନ ସତ୍ତ୍ୱେ ସମୟସୀମା ମଧ୍ୟରେ ସମାପ୍ତି କରିପାରିନଥିଲା ।

81 ଚୁକ୍ତି ସଂଖ୍ୟା 330 P1/2022-23

## 2.3.14 ଚୁକ୍ତି ପରିଚାଳନା

### *2.3.14.1 ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବିଳମ୍ବ କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟନିର୍ବାହୀ ଠିକାଦାରଙ୍କ ବିରୁଦ୍ଧରେ 11.17 କୋଟି ଟଙ୍କାର ଜରିମାନା ଆଦାୟ ନକରିବା*

ଓପିଡବ୍ଲୁଡି (ଖଣ୍ଡ-1) ର ଅନୁଚ୍ଛେଦ 2.3.1 ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାରେ ବିଫଳ ହେଲେ ଠିକାଦାରଙ୍କ ଉପରେ ପରିଶୋଧିତ କ୍ଷତି ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଚୁକ୍ତିନାମାର ସର୍ତ୍ତାବଳୀର ଧାରା 2(ଏ) ରେ ଦୈନିକ ଅସମ୍ପୂର୍ଣ୍ଣ କାର୍ଯ୍ୟର 1.5 ପ୍ରତିଶତ ବିଳମ୍ବ ପାଇଁ କ୍ଷତିପୂରଣ ଆଦାୟ କରିବାକୁ କୁହାଯାଇଛି ଏବଂ ଏହା ଟେଣ୍ଡର ପାଇଁ ଦିଆଯାଇଥିବା ଆନୁମାନିକ ମୂଲ୍ୟର 10 ପ୍ରତିଶତ ରୁ ଅଧିକ ହେବ ନାହିଁ । ଚୁକ୍ତିନାମାର ଧାରା 4 ରେ ଉଲ୍ଲେଖ କରାଯାଇଛି ଯେ ଠିକାଦାର ଏପରି ବାଧା ସୃଷ୍ଟି ହେବାର 30 ଦିନ ପୂର୍ବରୁ କାର୍ଯ୍ୟାନ୍ୱୟନ ସମୟରେ ଦେଖାଯାଇଥିବା ବାଧା ଆଧାରରେ ସମୟ ବୃଦ୍ଧି ପାଇଁ ଲିଖିତ ଭାବରେ ଆବେଦନ କରିବେ । ଏହା ବ୍ୟତୀତ, ଚୁକ୍ତିନାମାର ଧାରା 2 (ବି)(i) ଅନୁଯାୟୀ, ଯଦି ଏକ ଚୁକ୍ତିନାମା ବାତିଲ କରାଯାଏ, ତେବେ ଠିକାଦାରଙ୍କ ଠାରୁ ଅବଶିଷ୍ଟ କାର୍ଯ୍ୟର 20 ପ୍ରତିଶତ ଜରିମାନା ଆଦାୟ କରାଯିବ ।

ଯାଞ୍ଚରୁ ଜଣାପଡ଼ିଛି ଯେ ପାଞ୍ଚଟି ନମୁନା ଡିଭିଜନ ଅଧିନରେ 16 ଟି ଜଳ ଯୋଗାଣ କାର୍ଯ୍ୟରେ[82], ଅଗଷ୍ଟ 2023 ସୁଦ୍ଧା, ନିର୍ଦ୍ଧାରିତ ସମାପ୍ତି ତାରିଖରୁ[83] ତିନିରୁ 56 ମାସ ବିତିଯିବା ପରେ ମଧ୍ଯ କେବଳ 16 ରୁ 88 ପ୍ରତିଶତ କାର୍ଯ୍ୟ ସମ୍ପାଦିତ ହୋଇଥିଲା । କାର୍ଯ୍ୟ ସମାପ୍ତିରେ ବିଳମ୍ବ ପାଇଁ ଠିକାଦାରମାନେ 11.17 କୋଟି ଟଙ୍କାର ପରିଶୋଧିତ କ୍ଷତିପୂରଣ ଦେବାକୁ ଦାୟୀ ଥିଲେ । ତଥାପି, ଉପରୋକ୍ତ ବ୍ୟବସ୍ଥା ଉଲ୍ଲଂଘନ କରି ଏସ୍ଇ/ ଜିଏମ୍ ଏହି ଠିକାଦାରମାନଙ୍କ ଉପରେ କୌଣସି ଜରିମାନା ଆଦାୟ କରିନଥିଲେ । ଏହା ସହିତ, ପ୍ରକଳ୍ପ ଗୁଡ଼ିକର ବିଳମ୍ବ କାର୍ଯ୍ୟାନ୍ୱୟନ ହିତାଧିକାରୀମାନଙ୍କୁ ସମୟୋଚିତ ଲାଭ ପ୍ରଦାନ କରିବାରୁ ବଞ୍ଚିତ କରିଥିଲା ।

ଉତ୍ତରରେ, ଡିଓ ମାନେ କହିଥଲେ (ଜୁଲାଇ 2023) ଯେ କାର୍ଯ୍ୟ ଚାଲୁଛି ଏବଂ ସମୟ ବୃଦ୍ଧି ପ୍ରକ୍ରିୟାଧୀନ ଅଛି ।

### *2.3.14.2 32.85 ଲକ୍ଷ ଟଙ୍କା ମୂଲ୍ୟର ଡିଆଇ ପାଇପର ସନ୍ଦେହଜନକ ଆତ୍ମସାତ୍*

ବ୍ରହ୍ମପୁର ସହରକୁ ଜଳ ଯୋଗାଣର ଉନ୍ନତି ପାଇଁ, ଫେବୃଆରୀ 2017 ରୁ ଜୁଲାଇ 2018 ମଧ୍ୟରେ ମୋଟ 36.45 କୋଟି ଟଙ୍କା ମୂଲ୍ୟରେ ଚାରିଟି[84] କାର୍ଯ୍ୟ ହାତକୁ ନିଆଯାଇଥିଲା, ଯାହା ଅଗଷ୍ଟ 2017 ରୁ ଡିସେମ୍ବର 2018 ସୁଦ୍ଧା ସମାପ୍ତ ହେବା ପାଇଁ ଥିଲା ।

ପରୀକ୍ଷଣରୁ ଜଣାଗଲା ଯେ 20.73 କୋଟି ଟଙ୍କା ମୂଲ୍ୟର 45,660 ମିଟର ବିଭିନ୍ନ ଡିଆଇ ପାଇପ୍ କାମ ପାଇଁ କିଣାଯାଇଥିଲା (ଜୁନ୍ 2016 ରୁ ଅଗଷ୍ଟ 2018) ଏବଂ କେବଳ 43,942.01 ମିଟର ଡିଆଇ ପାଇପ୍ ବ୍ୟବହାର କରାଯାଇଥିଲା । କାର୍ଯ୍ୟ ରେକର୍ଡରେ ବାକି 1,717.99 ମିଟର ଡିଆଇ ପାଇପ୍‌ର ଆଉ ବ୍ୟବହାର ସୂଚିତ ହୋଇନଥିଲା କିମ୍ବା ଡିଭିଜନ୍ ଷ୍ଟୋରରେ ସେମାନଙ୍କର ଉପସ୍ଥିତି ଦର୍ଶାଇବା ପାଇଁ ସାଇଟ୍ ଆକାଉଣ୍ଟ ପ୍ରଦାନ କରିନଥିଲା । ତେଣୁ, ସେମାନଙ୍କ କ୍ରୟ ପାଇଁ ହୋଇଥିବା 32.85 ଲକ୍ଷ ଟଙ୍କାର ସନ୍ଦେହଜନକ ଆତ୍ମସାତ୍‌କୁ ଏଡ଼ାଇ ଦିଆଯାଇପାରିବ ନାହିଁ, ଯାହା ***ପରିଶିଷ୍ଟ 2.3.1*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ବିଭାଗରୁ ଉତ୍ତରକୁ ଅପେକ୍ଷା କରାଯାଇଛି ।

### *2.3.14.3 ସମ୍ପାଦିତ ହୋଇନଥିବା କାର୍ଯ୍ୟ ପାଇଁ 10.15 ଲକ୍ଷ ଟଙ୍କା ଦେୟ*

ରେକର୍ଡ ଯାଞ୍ଚ ଏବଂ କାର୍ଯ୍ୟ ସ୍ଥଳଗୁଡ଼ିକର ମିଳିତ ସରଜମିନ ତଦନ୍ତରୁ ଜଣାପଡ଼ିଛି ଯେ ଦୁଇଟି ନମୁନା ଡିଭିଜନ୍ ଅଧିନରେ ଥିବା ଦୁଇଟି କାର୍ଯ୍ୟରେ, ଠିକାଦାରମାନଙ୍କୁ କାର୍ଯ୍ୟର ଉପାଦାନ ପାଇଁ 10.15 ଲକ୍ଷ ଟଙ୍କା ଦେୟ

82 ଅମୃତ: 11 ଏବଂ ବସୁଧା: 5

83 ଡିସେମ୍ବର 2018 ରୁ ଜୁନ୍ 2023 ମଧ୍ୟରେ

84 i) ବ୍ରହ୍ମପୁର-ପୁନର୍ବାସ ପି୨ କୁ ଜଳ ଯୋଗାଣରେ ଉନ୍ନତି, 900 ମିମି, 750 ମିମି ପିଏସ୍‌ସି ମାଧ୍ୟାକର୍ଷଣ ପାଇପକୁ କାଳିଆ ବାଡ଼ିରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ବଦଳାଇବା, ii) ବ୍ରହ୍ମପୁର-ପୁନର୍ବାସ ପି4, କୁ ଜଳ ଯୋଗାଣରେ ଉନ୍ନତି, 400/250/150 ମିମି ଡିଆଇ କେ7 ପାଇପ୍‌ଲାଇନ୍ ଜଗନ୍ନାଥପୁର ଜଙ୍କସନ୍‌ରୁ ଲାଞ୍ଜିପାଲି ୟୁଜିଆର୍ ବ୍ରହ୍ମପୁର, iii) ଦକ୍ଷିଣପୁରରୁ ଗୋସାଣି ନୁଆଗାଁ ପର୍ଯ୍ୟନ୍ତ ଉତ୍ସର୍ଗୀକୃତ ପାଇପ୍ ଲାଇନ୍, iv) ପିଏଚ୍ ଡିଭିଜନ୍ ବ୍ରହ୍ମପୁର ଅଧିନରେ ଅଭାବି ଅଞ୍ଚଳରେ ଜଳ ଯୋଗାଣରେ ଉନ୍ନତି

ଦିଆଯାଇଥିଲା, ଯାହା ପ୍ରକୃତରେ ସେମାନଙ୍କ ଦ୍ୱାରା ସମ୍ପାଦିତ ହୋଇନଥିଲା, ଯାହା **ସାରଣୀ 2.3.11** ରେ ବିସ୍ତୃତ ଭାବରେ ଦିଆଯାଇଛି ।

***ସାରଣୀ 2.3.11: କାର୍ଯ୍ୟ ସମ୍ପାଦନ ହୋଇନଥିବା ସାମଗ୍ରୀର ବିସ୍ତୃତ ପ୍ରଦାନ ବିବରଣୀ***

| କ୍ର. ସଂ. | କାର୍ଯ୍ୟର ନାମ (ଯୋଜନା) | ଚୁକ୍ତି ସଂଖ୍ୟା/ ତାରିଖ | କାର୍ଯ୍ୟର ଉପାଦାନ, ନିର୍ବାହ ହୋଇନଥିବା | ନିର୍ବାହ ହୋଇ ନଥିବା | ନିର୍ବାହ ହୋଇନଥିବା ସାମଗ୍ରୀର ଦର (ଟଙ୍କା ଲକ୍ଷରେ) |
|---|---|---|---|---|---|
| 1 | ପଟ୍ଟାମୁଣ୍ଡାଇ ପୌରପାଳିକାକୁ ଜଳ ଯୋଗାଣର ଉନ୍ନତିକରଣ (ବସୁଧା) | 03ଜି2/ 2015-16 | ଧୁଆ ପାଣି ନିଷ୍କାସନ ପାଇଁ ଡବ୍ଲ୍ୟୁଟିପିରେ ପମ୍ପ ସେଟ୍ ସ୍ଥାପନ ଏବଂ ଆଭ୍ୟନ୍ତରୀଣ ବିଦ୍ୟୁତୀକରଣ ସହିତ ପମ୍ପ୍ ହାଉସ୍ ନିର୍ମାଣ | 1 ଟି | 5.15 |
| 2 | ବିଏମ୍‌ସିର ଅନାବୃତ ଅଞ୍ଚଳରେ ଜଳ ଯୋଗାଣରେ ଉନ୍ନତିକରଣ (ଅମୃତ 1.0) | 04ପି1/ 2018-19 | ପାଇପର ମୂଲ୍ୟ ସମେତ ବିଭିନ୍ନ ବ୍ୟାସ ଥିବା ପାଇପ୍ ବିଛାଇବା | 133.77 ମିଟର | 3.35 |
| | | | 350 ମିଲିମିଟର କେ-7 ଡିଆଇ ପାଇପ୍ ମୂଲ୍ୟ | 49.50 ମିଟର | 1.65 |
| ମୋଟ | | | | | **10.15** |

***(ଉତ୍ସ: ନମୁନା ହୋଇଥିବା ବିଭାଗରେ ଜେପିଆଇ ଏବଂ କାର୍ଯ୍ୟ ରେକର୍ଡ)***

ବିଦ୍ୟମାନ ସ୍ଥିତିରେ ଡିଓମାନେ ଠିକାଦାରମାନଙ୍କୁ କାର୍ଯ୍ୟଠାରୁ ଅଧିକ ଦେୟ ଦେଇ ଲାଭବାନ କରାଇଥିଲେ । ଏହା ବ୍ୟତୀତ, ପ୍ରଥମ କାର୍ଯ୍ୟରେ ପୁନଃପରିଚାଳନ ବିନା ଧୁଆପାଣି ନିଷ୍କାସନ ପରିବେଶ ପ୍ରଦୂଷଣକୁ ବୃଦ୍ଧି କରିଥିଲା । ଏହା ସହିତ, ଦ୍ୱିତୀୟ କାର୍ଯ୍ୟରେ, ଡିଭିଜନ ଦ୍ୱାରା କ୍ରୟ କରାଯାଇଥିବା ଏବଂ ଠିକାଦାରଙ୍କୁ ଜାରି କରାଯାଇଥିବା (ସେପ୍ଟେମ୍ବର 2018) 133.77 ମିଟର ଏବଂ 49.50 ମିଟର ଡିଆଇ ପାଇପ୍, ଜୁନ୍ 2023 ସୁଦ୍ଧା, ଠିକାଦାରଙ୍କ ଦ୍ୱାରା ବ୍ୟବହାର କରାଯାଇନଥିଲା କିମ୍ବା ଡିଭିଜନ୍‌କୁ ଫେରସ୍ତ କରାଯାଇନଥିଲା । ପ୍ରକୃତ ମାପ ଆଧାରରେ ଦେୟ ଦିଆଯାଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସମ୍ପୃକ୍ତ ଡିଭିଜନ୍‌ଗୁଡ଼ିକ ସମ୍ପର୍କିତ ରେକର୍ଡ (ମାପ ପୁସ୍ତକ) ଉପସ୍ଥାପନ କରିନଥିଲେ । ଡିଓମାନଙ୍କ ଠାରୁ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ମିଳିନଥିଲା ।

### *2.3.14.4 12.23 ଲକ୍ଷ ଟଙ୍କାର ଅବୈଧ ପରିବହନ ଖର୍ଚ୍ଚ*

ଚୁକ୍ତିର ସତନ୍ତ୍ର ସର୍ତ୍ତର ଅନୁଚ୍ଛେଦ 7.12 ଅନୁଯାୟୀ ଠିକାଦାର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟସ୍ଥଳକୁ ସାମଗ୍ରୀ, ଯନ୍ତ୍ରପାତି, ପ୍ଲାଣ୍ଟ, ଉପକରଣ ଏବଂ ଯନ୍ତ୍ରପାତିର ପରିବହନ ଖର୍ଚ୍ଚ ନିଜେ ବହନ କରିବେ ।

ଯାଞ୍ଚରୁ ଜଣାଗଲା ଯେ ୱାଟ୍‌କୋ ଡିଭିଜନ, ବ୍ରହ୍ମପୁର ଅନ୍ତର୍ଗତ, ଦୁଇଟି[85] ଅମୃତ 1.0 ପ୍ରକଳ୍ପରେ, ଟେଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ ଚୁକ୍ତିନାମାରେ ଅତିରିକ୍ତ କାର୍ଯ୍ୟ ଯଥା 133.37 ରୁ 266.75 ଟଙ୍କା ପ୍ରତି ମିଟର ପର୍ଯ୍ୟନ୍ତ 5,971.50 ମିଟର ଡିଆଇ ପାଇପ୍‌ର ପରିବହନ ମୂଲ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା । ପରିବହନମୂଲ୍ୟର ବ୍ୟବସ୍ଥା ଉପରୋକ୍ତ ଚୁକ୍ତିନାମା ସର୍ତ୍ତାବଳୀର ଉଲ୍ଲଂଘନ କରୁଥିବାରୁ, ***ପରିଶିଷ୍ଟ 2.3.2*** ରେ ଦର୍ଶାଯାଇଥିବା, ପରିବହନ ମୂଲ୍ୟ ପାଇଁ ଠିକାଦାରଙ୍କୁ 12.23 ଲକ୍ଷ ଟଙ୍କାର ପ୍ରଦାନ ଗ୍ରହଣୀୟ ନୁହେଁ ।

ଏହିପରି, ଡିଓମାନଙ୍କ ଦ୍ୱାରା ଚୁକ୍ତି ପରିଚାଳନା ଉପଯୁକ୍ତ ନଥିଲା କାରଣ କାର୍ଯ୍ୟ ସମାପ୍ତିରେ ବିଳମ୍ବ ପାଇଁ ଖିଲାପୀ ଠିକାଦାରଙ୍କ ଉପରେ କ୍ଷତିପୂରଣ ଆଦାୟ କରାଯାଇ ନଥିଲା ଏବଂ କାର୍ଯ୍ୟକାରୀ ହୋଇନଥିବା କାର୍ଯ୍ୟ ପାଇଁ ଦେୟ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ, ଡିଓ ମାନେ 32.85 ଲକ୍ଷ ଟଙ୍କା ମୂଲ୍ୟର ଡିଆଇ ପାଇପ୍ ଗୁଡ଼ିକୁ ସୁରକ୍ଷିତ ରଖିବାରେ ବିଫଳ ହୋଇଥିଲେ, ଯାହା ଖରାପ ସାମାନ ଓ ଭଣ୍ଡାର ପରିଚାଳନାକୁ ସୂଚିତ କରିଥାଏ ।

[85] ବ୍ରହ୍ମପୁରକୁ ଜଳ ଯୋଗାଣର ଉନ୍ନତି, ଥଇଥାନ ପ୍ୟାକେଜ୍-2, କାଳିଆବାଲି ସ୍ଥିତ ଏମ୍‌ବିଆର୍‌ରୁ ଜଗନ୍ନାଥପୁର ଜଙ୍କସନ୍‌କୁ 900 ମିଲିମିଟର ଓ 750 ମିଲିମିଟର ପିଏସ୍‌ସି ଗ୍ରାଭିଟି ପାଇପ୍‌ଲାଇନ୍ ବଦଳାଇବା, ବ୍ରହ୍ମପୁରକୁ ଜଳ ଯୋଗାଣରେ ଉନ୍ନତି, ଥଇଥାନ ପ୍ୟାକେଜ୍-3, ଜଗନ୍ନାଥପୁର ଜଙ୍କସନ୍‌ରୁ ବ୍ରହ୍ମପୁର ସହରର କମାପଲ୍ଲୀ ଛକ ପର୍ଯ୍ୟନ୍ତ 750 ମିଲିମିଟର ପିଏସ୍‌ସି ଗ୍ରାଭିଟି ପାଇପ୍‌ଲାଇନ୍ ବଦଳାଇବା

### 2.3.15 ସାମଗ୍ରୀ ଏବଂ ଯନ୍ତ୍ରପାତି କ୍ରୟ ପାଇଁ 2.31 କୋଟି ଟଙ୍କାର ଅଣଉପଯୋଗୀ ବ୍ୟୟ

ଓପିଡବ୍ଲ୍ୟୁଡି, (ଖଣ୍ଡ-II) ପରିଶିଷ୍ଟ-VI ଓ କ୍ରୟ ନିର୍ଦ୍ଦେଶାବଳୀ, 2012 (ଅର୍ଥ ବିଭାଗ, ଓଡ଼ିଶା ସରକାର) ଏବଂ ଓଡ଼ିଶା ସାଧାରଣ ବିତ୍ତୀୟ ନିୟମ (ଭାଗ-1) ର ନିୟମ 97 ର ବ୍ୟବସ୍ଥା ଅନୁଯାୟୀ, ଭଣ୍ଡାର ସାମଗ୍ରୀ କ୍ରୟ ନିଶ୍ଚିତ ଆବଶ୍ୟକତା ଆଧାରରେ କରାଯିବା ଆବଶ୍ୟକ ।

#### *2.3.15.1 2.17 କୋଟି ଟଙ୍କା ମୂଲ୍ୟର ଡାକ୍ଟାଇଲ୍ ଆଇରନ୍ (ଡିଆଇ) ପାଇପ୍ ଅଧିକ କ୍ରୟ*

ପରୀକ୍ଷଣରୁ ଜଣାଯାଇଛି ଯେ, ଆଠଟି କାର୍ଯ୍ୟରେ ପ୍ରକଳ୍ପ ପାଇଁ ସଂପୃକ୍ତ ଡିଭିଜନ୍ ଦ୍ୱାରା ମାର୍ଚ୍ଚ 2018 ରୁ ସେପ୍ଟେମ୍ବର 2021 ମଧ୍ୟରେ 89,921.80 ମିଟର ବିଭିନ୍ନ ଆକାରର ଡିଆଇ ପାଇପ୍ କ୍ରୟ କରାଯାଇଥିଲା, ଏଥି ମଧ୍ୟରୁ 75,086.00 ମିଟର କାର୍ଯ୍ୟରେ ବ୍ୟବହାର ହୋଇଥିଲା ଏବଂ 14,835.80 ମିଟର ଅତିରିକ୍ତ ଷ୍ଟକ୍ ଯାହାର ମୂଲ୍ୟ 2.17 କୋଟି ଟଙ୍କା ଥିଲା, ଅଗଷ୍ଟ 2023 ସୁଦ୍ଧା, ତିନିଟି[86] ନମୁନା ଡିଭିଜନରେ ଅଣଉପଯୋଗ ହୋଇ ରହିଥିଲା । କାର୍ଯ୍ୟ ରେକର୍ଡଗୁଡ଼ିକ ସୂଚାଇ ଦେଉଛି ଯେ, ସାଇଟ୍ ଅବସ୍ଥା ହେତୁ ପାଇପ୍ ଗୁଡ଼ିକର ବିଛାଇବାର ଯୋଜନାରେ ପରିବର୍ତ୍ତନ ହେତୁ କାର୍ଯ୍ୟ ନିର୍ବାହ ପରିମାଣ କମ୍ ଥିଲା । ଏହା ସୂଚାଇ ଦେଇଛି ଯେ, ଡିଭିଜନ୍ ଦ୍ୱାରା ଡିଆଇ ପାଇପ୍ କ୍ରୟ କାର୍ଯ୍ୟଗୁଡ଼ିକର ଆବଶ୍ୟକତା ଆଧାର ବିନା ମୂଲ୍ୟାଙ୍କନ କରାଯାଇଥିଲା । ଅଧିକନ୍ତୁ, ଡିଆଇ ପାଇପ୍ ଗୁଡ଼ିକର, କମିଶନ ତାରିଖ ଠାରୁ 12 ମାସ ବା ପଠାଯାଇଥିବା ତାରିଖ ଠାରୁ 18 ମାସ, ଯାହା ପ୍ରଥମେ ହେଉଥିବ, ସେ ଯାଏଁ ୱାରେଣ୍ଟି ଥିଲା । ଏହି ମାମଲାଗୁଡ଼ିକରେ ଡିଭିଜନ ଅତିରିକ୍ତ ସାମଗ୍ରୀ ପାଇଁ ୱାରେଣ୍ଟି ସୁବିଧା ହରାଇଥିଲା, କାରଣ ଯୋଗାଣ ତାରିଖ ଠାରୁ, ଅଗଷ୍ଟ 2023 ସୁଦ୍ଧା, ସେମାନଙ୍କର କ୍ରୟ ଠାରୁ 20 ରୁ 60 ମାସ ଅତିବାହିତ ହୋଇସାରିଥିଲା । ଅନ୍ୟ ସାଇଟ୍‌ଗୁଡ଼ିକର ଥିବା ଅତିରିକ୍ତ ଷ୍ଟକ୍ ଗୁଡ଼ିକର ସମ୍ଭାବ୍ୟ ଉପଯୋଗ ସମ୍ବନ୍ଧରେ ଡିଭିଜନ୍‌ମାନେ ମୁଖ୍ୟ ଯନ୍ତ୍ରୀଙ୍କୁ ଜଣାଇ ନଥିଲେ ।

ଏହାର ଉତ୍ତରରେ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ଜଣାଇଛନ୍ତି ଯେ, ଅବ୍ୟବହୃତ ଡିଆଇ ପାଇପ୍ ଗୁଡ଼ିକ ଅନ୍ୟ ପ୍ରକଳ୍ପଗୁଡ଼ିକରେ ବ୍ୟବହୃତ ହେବ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ତୁରନ୍ତ ଆବଶ୍ୟକତା ବିନା ପାଇପ୍ କ୍ରୟ ଦ୍ୱାରା 2.17 କୋଟି ଟଙ୍କା ଅବରୋଧ ହୋଇଗଲା । ଜେନେରାଲ୍ ମ୍ୟାନେଜର, ୱାଟ୍‌କୋ ଡିଭିଜନ, ବ୍ରହ୍ମପୁରଙ୍କର ଉତ୍ତରକୁ ଅପେକ୍ଷା କରାଯାଇଛି ।

#### *2.3.15.2 ଜଳ ପରୀକ୍ଷଣ ପ୍ରୟୋଗଶାଳା (ଡବ୍ଲୁଟିଏଲ୍) ଗୁଡ଼ିକରେ 6.61 ଲକ୍ଷ ଟଙ୍କାର ପରିତ୍ୟକ୍ତ ଉପକରଣ*

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ମାର୍ଚ୍ଚ 2018) ମେସର୍ସ ସ୍ୱେକ୍ଟରଙ୍କ ସହଭାଗିତାରେ, ପିପିପି ମୋଡ୍‌ରେ, ଡବ୍ଲ୍ୟୁଟିଏଲ୍ ଗୁଡ଼ିକ ସ୍ଥାପନ କରିଥିଲେ ଯାହା ***ଅନୁଚ୍ଛେଦ 2.3.8*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ତିନିଟି ନମୁନା ୱାଟ୍‌କୋ ଡିଭିଜନରେ[87] ତିନିଟି ଡବ୍ଲୁଟିଏଲ୍‌ରେ ଏବଂ ଗୋଟିଏ ରାଜ୍ୟ ସ୍ତରୀୟ ଡବ୍ଲୁଟିଏଲ୍‌ରେ ମିଳିତ ସରଜମିନ ତଦନ୍ତ (ଜେପିଆଇ) (ଜୁନ୍ 2023 ଓ ଅଗଷ୍ଟ 2023) ସମୟରେ ଏହା ପ୍ରକାଶ ପାଇଲା ଯେ, ପାଞ୍ଚଟି ଯନ୍ତ୍ର, ଯଥା-ବିଓଡି ଇନ୍‌କ୍ୟୁବେଟର୍, ସିଓଡି ରିଆକ୍ଟର, ମଫଲ୍ ଫର୍ଣ୍ଣେସ୍, ସୀଭ୍ ଶେକର୍ ଓ ଜାର ଟେଷ୍ଟ ଉପକରଣ, ଯାହା ମାର୍ଚ୍ଚ 2018 ରେ କିଣା ଯାଇଥିଲା, ରାଜ୍ୟ ଡବ୍ଲ୍ୟୁଟିଏଲ୍‌ରେ ଓ ବ୍ରହ୍ମପୁର ଡବ୍ଲ୍ୟୁଟିଏଲ୍‌ରେ ଅବ୍ୟବହୃତ ହୋଇ ପଡି ରହିଥିଲା, କାରଣ ନିର୍ଦ୍ଦିଷ୍ଟ କାର୍ଯ୍ୟଭାର ଅନୁଯାୟୀ ଏହାର ଆବଶ୍ୟକ ନଥିଲା । ଏହା ସୂଚାଇ ଦେଇଛି ଯେ, ବିଭାଗ ଦ୍ୱାରା ପ୍ରତ୍ୟେକ ଡବ୍ଲ୍ୟୁଟିଏଲ୍‌ରେ ଥିବା ଯନ୍ତ୍ରପାତିର ଆବଶ୍ୟକତାକୁ ସଠିକ୍ ଭାବରେ, କାର୍ଯ୍ୟଭାର ଅନୁସାରେ, ଆକଳନ କରାଯାଇ ନଥିଲା, ଫଳରେ 6.61 ଲକ୍ଷ ଟଙ୍କାରେ କିଣାଯାଇଥିବା ଉପକରଣଗୁଡ଼ିକ ଅବ୍ୟବହୃତ ଭାବରେ ପଡି ରହିଥିଲା ।

86 କୋରାପୁଟ, ସମ୍ବଲପୁରଏବଂ ବ୍ରହ୍ମପୁର

87 ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର

### *2.3.15.3 7.73 ଲକ୍ଷ ଟଙ୍କାର ଅଣସ୍ଥାପିତ ସେଣ୍ଟ୍ରିଫ୍ୟୁଗାଲ୍ ପମ୍ପ*

ନବରଙ୍ଗପୁର ଡବ୍ଲ୍ୟୁଟିଏଲ୍‌ର ମିଳିତ ସରଜମିନ ତଦନ୍ତ ସମୟରେ, ଅଡିଟ୍ ଲକ୍ଷ୍ୟ କଲେ ଯେ, "ନବରଙ୍ଗପୁର ପୌରପାଳିକାକୁ ଜଳ ଯୋଗାଣରେ ଉନ୍ନତିକରଣ" କାର୍ଯ୍ୟରେ ବିଭିନ୍ନ କ୍ଷମତା ବିଶିଷ୍ଟ ଚାରିଟି ସେଣ୍ଟ୍ରିଫ୍ୟୁଗାଲ୍ ପମ୍ପ୍ 34.34 ଲକ୍ଷ ଟଙ୍କାରେ ସ୍ୱଚ୍ଛ ଜଳ ପମ୍ପ୍ କରିବାକୁ କିଣା ଯାଇଥିଲା (ଅଗଷ୍ଟ 2020) । ଏଥି ମଧ୍ୟରୁ ଗୋଟିଏ ସେଣ୍ଟ୍ରିଫ୍ୟୁଗାଲ ପମ୍ପ୍‌କୁ ପମ୍ପ୍ ଘର ଭିତରେ ସଂସ୍ଥାପିତ ନ କରି ରଖାଯାଇଥିଲା । ପମ୍ପ୍‌ର ସଂସ୍ଥାପନ ନ ହେବାରୁ, ଏହାର କ୍ରୟରେ ଖର୍ଚ୍ଚ ହୋଇଥିବା 7.73 ଲକ୍ଷ ଟଙ୍କା ତିନି ବର୍ଷ ଧରି ଅବ୍ୟବହୃତ ହୋଇ ରହିଗଲା ।



*ଚିତ୍ର 2.3.8: ନବରଙ୍ଗପୁର ଡବ୍ଲୁଟିପି ରେ ଥିବା ପମ୍ପ ହାଉସ୍‌ରେ ଥିବା ନିଷ୍କ୍ରିୟ ପମ୍ପ ସେଟ (25.07.2023)*

ଏହାର ଉତ୍ତରରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କହିଲେ ଯେ, ପମ୍ପକୁ ଷ୍ଟାଣ୍ଡ୍‌ବାଏ ହିସାବରେ ରଖାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ତୁରନ୍ତ କାର୍ଯ୍ୟ କରିବା ପାଇଁ ପମ୍ପ୍‌ଟି ବଣ୍ଟନ ପ୍ରଣାଳୀ ସହ ସଂଯୁକ୍ତ ରହିବା ଉଚିତ୍ ଥିଲା, କିନ୍ତୁ ଏହା କରାଯାଇ ନାହିଁ ।

ଏହିପରି, ଡବ୍ଲ୍ୟୁଟିଏଲ୍ ପାଇଁ ଯନ୍ତ୍ରପାତିର ଆବଶ୍ୟକତା ସଠିକ୍ ଭାବରେ ଆକଳନ କରାଯାଇ ନାହିଁ, ଯାହାଦ୍ୱାରା କିଣାଯାଇଥିବା ଯନ୍ତ୍ରପାତି ଅବ୍ୟବହୃତ ହୋଇ ପଡି ରହିଥିଲା ବା ଧାର୍ଯ୍ୟ ଲାଭ ପାଇବା ପାଇଁ କ୍ରୟ ଉପକରଣ ବ୍ୟବହାର କରାଯାଇ ନଥିଲା ।

## 2.3.16 ତଦାରଖ ଓ ପର୍ଯ୍ୟବେକ୍ଷଣ

ଓଏସ୍‌ୟୁଡବ୍ଲୁଏସ୍‌ପି, 2013, ଜଳ ଯୋଗାଣ ସେବା ଯୋଗାଣରେ ୟୁଏଲ୍‌ବି ଅନୁଯାୟୀ କାର୍ଯ୍ୟଦକ୍ଷତା ତଦାରଖ ଏବଂ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ନଅଟି ପ୍ରମୁଖ ମାନଦଣ୍ଡ ବିରୁଦ୍ଧରେ ଲକ୍ଷ୍ୟଯୁକ୍ତ ଫଳାଫଳ[88] ହାସଲ ଉପରେ ଗୁରୁତ୍ୱାରୋପ କରିଥିଲା । ଭାରତ ସରକାର ମଧ ଏହି ପାରାମିଟରଗୁଡିକୁ ଜଳ ଯୋଗାଣ କ୍ଷେତ୍ରରେ ସର୍ବନିମ୍ନ ମାନକ କାର୍ଯ୍ୟ ଦକ୍ଷତା ଭାବରେ ସୂଚିତ କରିଛି ।

### *2.3.16.1 ଜିଲ୍ଲା ସ୍ତରୀୟ ପର୍ଯ୍ୟବେକ୍ଷଣ ସମିତିର ଗଠନ ନ କରିବା*

ଅମୃତ ନିର୍ଦ୍ଦେଶାବଳୀ ଅନୁସାରେ ଜିଲ୍ଲା ସ୍ତରୀୟ ସମୀକ୍ଷା ଏବଂ ନିରୀକ୍ଷଣ କମିଟିର ଗଠନ ଆବଶ୍ୟକ, ଯେଉଁଥିରେ ସଂସଦର ସଦସ୍ୟ (ମାନେ) ଜିଲ୍ଲାପାଳଙ୍କ ସହ ଚେୟାରମ୍ୟାନ ରହି ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ନଜର ରଖିବା ଏବଂ ସମୀକ୍ଷା କାର୍ଯ୍ୟ ସଂପାଦନ କରିବେ । ଅମୃତ 2.0 ନିର୍ଦ୍ଦେଶାବଳୀ ଅନୁସାରେ ମଧ ଜିଲ୍ଲା ସ୍ତରୀୟ ଉପଦେଷ୍ଟା ଏବଂ ନିରୀକ୍ଷଣ କମିଟିର ଗଠନ ଜିଲ୍ଲା ମାଜିଷ୍ଟ୍ରେଟ ଅଧୀନରେ ୟୁଏଲବିର ପ୍ରତିନିଧି ଓ ଗ୍ରାମ ପଞ୍ଚାୟତର ପ୍ରତିନିଧିମାନଙ୍କ ପ୍ରତିନିଧିତ୍ୱରେ ହେବା ଆବଶ୍ୟକ ଯାହାକି କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିବ ।

ଅମୃତ ଯୋଜନା ଗୁଡିକ ଉପରେ ନଜର ରଖିବା ପାଇଁ ଜିଲ୍ଲା ସ୍ତରରେ ଏହିପରି କମିଟି ଗଠନ/ କାର୍ଯ୍ୟକାରିତା ବିଷୟରେ ଅଡିଟ୍ ନିଶ୍ଚିତ ହୋଇନଥିଲା, କାରଣ ନମୁନା ଡିଭିଜନ୍ ଗୁଡିକର ଏପରି କମିଟିର ଗଠନ ସମ୍ବନ୍ଧୀୟ କୌଣସି ରେକର୍ଡ ଓ ସେମାନଙ୍କ ଦ୍ୱାରା ପରିଚାଳିତ ସମୀକ୍ଷା ବୈଠକର ବିବରଣୀ ପ୍ରଦାନ କରିପାରିନଥିଲେ ।

### *2.3.16.2 କାର୍ଯ୍ୟ ସମ୍ପାଦନ ତଦାରଖରେ ଅପାରଗତା*

ଓପିଡବ୍ଲ୍ୟୁଡି କୋଡ୍ (ଖଣ୍ଡ-I) ର ଅନୁଚ୍ଛେଦ 2.2.55 ରେ ବ୍ୟବସ୍ଥା କରାଯାଇଛି ଯେ, ନିର୍ବାହୀ ଯନ୍ତ୍ରୀ ତାଙ୍କ ଅଧୀନରେ ଥିବା ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ବର୍ଷକୁ ଅନ୍ତତଃ ଥରେ ଯାଞ୍ଚ କରିବା ଉଚିତ୍ ଏବଂ ବିଭାଗ ଦ୍ୱାରା

---

[88] 2023 ବର୍ଷ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ: ଘରୋଇ ଲକ୍ଷ୍ୟ-88 ପ୍ରତିଶତ, ଯୋଗାଣ ପରିମାଣ- 135 ଲିଟର ମୁଣ୍ଡପିଛା ପ୍ରତିଦିନ (ଏଲ୍‌ପିସିଡି), ଯୋଗାଣ ଅବଧି- 8 ଘଣ୍ଟା, ମିଟର ସ୍ଥାପନ ଘରୋଇ -100 ପ୍ରତିଶତ, କାର୍ଯ୍ୟକାରୀ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଆଦାୟ– 80 ପ୍ରତିଶତ, ଯୋଗାଣ ଜଳର ମାନ-ପୂର୍ଣ୍ଣତଃ ସୁରକ୍ଷିତ, ରାଜସ୍ୱ ଆଦାୟ- 90 ପ୍ରତିଶତ ବିଲ୍ ପରିମାଣର ଏବଂ ଅଭିଯୋଗ ସମାଧାନ-24 ଘଣ୍ଟା ମଧ୍ୟରେ

ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଉନ୍ନତି, ମରାମତି କିମ୍ବା ଅନ୍ୟ ବିଷୟରେ ପରାମର୍ଶ ସହ ଏକ ରିପୋର୍ଟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରିବା ଉଚିତ୍ । ଆହୁରି ମଧ୍ୟ, ଓପିଡବ୍ଲ୍ୟୁଡି କୋଡ (ଖଣ୍ଡ-I) ର ଅନୁଚ୍ଛେଦ 2.2.23 ଓ 2.2.9 ଅନୁସାରେ, ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ମଧ୍ୟ, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟ ଯାଞ୍ଚ କରିବା ବେଳେ, ତାଙ୍କ ଯାଞ୍ଚର ଫଳାଫଳକୁ ରେଜିଷ୍ଟର୍ ଅଫ୍ ଇନିସ୍‌ପେକ୍ସନ୍ (ଯାଞ୍ଚ ରେଜିଷ୍ଟର) ରେ ନିଶ୍ଚିତ ଭାବରେ, (ଯେଉଁ କାର୍ଯ୍ୟର ଟେଣ୍ଡର ତାଙ୍କ କିମ୍ବା ଏକ ଉଚ୍ଚ କର୍ତ୍ତୃପକ୍ଷ/ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବ) ରେକର୍ଡ କରିବେ । ଅଧିକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ଏପରି କାର୍ଯ୍ୟଗୁଡ଼ିକର ସମାପ୍ତି ପରେ, କିନ୍ତୁ ଚୂଡ଼ାନ୍ତ ବିଲ୍ ଦେୟ ପୂର୍ବରୁ କରିବେ ।

ନମୁନା ଡିଭିଜନମାନଙ୍କରେ କୌଣସି ରେଜିଷ୍ଟର ଅଫ୍ ଇନ୍‌ସ୍ପେକସନ୍ ପରିଚାଳନା କରୁନାହାଁନ୍ତି କିମ୍ବା ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା କୌଣସି ଯାଞ୍ଚ ହୋଇଛି କି ନାହିଁ ତାହା ପ୍ରମାଣ କରିବାକୁ କୌଣସି ରିପୋର୍ଟ ପ୍ରଦାନ କରିନାହାଁନ୍ତି । ଏହି ରେକର୍ଡଗୁଡ଼ିକର ଅନୁପସ୍ଥିତିରେ, ବିଭିନ୍ନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା କାର୍ଯ୍ୟ ସଂଖ୍ୟା ଏବଂ ଉନ୍ନତି ପାଇଁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଟିପ୍ପଣୀ/ ସୁପାରିଶ ଇତ୍ୟାଦି ଅଡିଟ୍‌ରେ ଯାଞ୍ଚ ହୋଇପାରିନଥିଲା ।

### *2.3.16.3 ଅଭିଯୋଗ ସମାଧାନରେ ଅପାରଗତା*

ଓଏସ୍‌ଡବ୍ଲ୍ୟୁଏସ୍‌ଇ, 2013 ର ଧାରା 7.5 ଅନୁସାରେ ବିଭାଗୀୟ ଅଧିକାରୀ 80 ପ୍ରତିଶତ ଅଭିଯୋଗର ସମାଧାନ 24 ଘଣ୍ଟା ମଧ୍ୟରେ କରିବା ଦରକାର । ନମୁନା ହୋଇଥିବା ଡିଭିଜନ୍‌ଗୁଡ଼ିକର ବାର୍ଷିକ ପ୍ରଗତି ରିପୋର୍ଟର ଯାଞ୍ଚରୁ ଜଣାଗଲା ଯେ, ସେମାନେ ଅଭିଯୋଗର ଶତକଡ଼ା ଶତ ପ୍ରତିଶତ ପ୍ରତିକାର/ ସମାଧାନ ହାସଲ କରିଛନ୍ତି । ତେବେ, ମାର୍ଚ୍ଚ 2023 ସୁଦ୍ଧା, କନିଷ୍ଠ ଯନ୍ତ୍ରୀମାନଙ୍କ ଦ୍ୱାରା ପରିଚାଳିତ ଅଭିଯୋଗ ରେଜିଷ୍ଟରଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, ସେଥିରେ କେବଳ ଅଭୀଯୋଗକାରୀଙ୍କ ନାମ, ଅବସ୍ଥାନ ଓ ଅଭିଯୋଗ ରେକର୍ଡ କରାଯାଇଛି । କିନ୍ତୁ, ଅନ୍ୟ କୌଣସି ବିବରଣୀ ରେକର୍ଡ କରାଯାଇନାହିଁ ଯଥା କେଉଁ ଅଧିକାରୀ ଅଭିଯୋଗକୁ ଧ୍ୟାନ ଦେଲେ, ଧ୍ୟାନ ଦେବାର ତାରିଖ ଓ ସମୟ ଏବଂ ଅଭିଯୋଗକାରୀଙ୍କୁ ସନ୍ତୁଷ୍ଟତାକୁ ଦୃଷ୍ଟିରେ ରଖି ସମାଧାନ କରାଯାଇଥିଲା କି ନାହିଁ । ଏହିପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମସ୍ତ ଅଭିଯୋଗର ସମାଧାନ ହୋଇଥିବା ଅଡିଟ୍ ନିଶ୍ଚିତ ହୋଇନଥିଲା ।

ଉପରୋକ୍ତ ବିଷୟ (ଫେବୃଆରୀ 2024) ସରକାରଙ୍କୁ ଜଣାଯାଇଛି, ସେମାନଙ୍କର ଉତ୍ତର ହସ୍ତଗତ ହୋଇନାହିଁ (ଅଗଷ୍ଟ 2024) ।

## 2.4 କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କର 6.44 କୋଟି ଟଙ୍କାର କ୍ଷତି

**କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଆବଣ୍ଟିତ ପ୍ଲଟ୍‌ର ସବ୍-ସବ୍-ଲିଜ୍ ପାଇଁ ସମ୍ମତି ପତ୍ରରେ ସବ୍ ଲିଜ୍‌ଧାରୀଙ୍କୁ ମିଳୁଥିବା ଲାଭାଂଶର 50 ପ୍ରତିଶତ ଜମା କରିବାକୁ ସର୍ତ୍ତ ନରଖିବା ଫଳରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ 6.44 କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା ।**

ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ, କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ସପକ୍ଷରେ 99 ବର୍ଷ ପାଇଁ କଟକର ସିଡିଏ[89] ଠାରେ 22.440 ଏକର ଜମି ଲିଜ୍ ଦେଇଥିଲେ (1987) । ମଞ୍ଜୁର ସର୍ତ୍ତାବଳୀ ଅନୁଯାୟୀ, ଗୃହ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ସିଡିଏ ତାହାକୁ ଅନେକ ପ୍ଲଟରେ ବିଭକ୍ତ କରିବା ପରେ ଜମି ଆବଣ୍ଟନ କରିବ । ଜମି ଆବଣ୍ଟନ ପାଇଁ ସିଡିଏ ସାଧାରଣ ଜନସାଧାରଣଙ୍କ ଠାରୁ ଆବେଦନ ଆହ୍ୱାନ କରିଥିଲେ, ଯେଉଁଥିରେ ଆବେଦନକାରୀ ଲିଖିତ ଆକାରରେ କର୍ତ୍ତୃପକ୍ଷଙ୍କ ପୂର୍ବ ସମ୍ମତି ବିନା ଜମି ବିକ୍ରୟ ବା ଅଂଶର ଅଧିକାର ପ୍ରଦାନ ନ କରିବାର ସର୍ତ୍ତ[90] ଥିଲା । ଅଧିକନ୍ତୁ, ଯଦି ଏପରି କରିବା ପାଇଁ ସମ୍ମତି ପ୍ରଦାନ କରାଯାଏ, ତେବେ ସିଡିଏ ଏଥିପାଇଁ ଉପଯୁକ୍ତ ନିୟମ ଓ ସର୍ତ୍ତାବଳୀ ଧାର୍ଯ୍ୟ କରିପାରିବେ ଏବଂ ଏହା ଉପରେ ସିଡିଏ, କୌଣସି ଅଣଅର୍ଜିତ ମୂଲ୍ୟ ବୃଦ୍ଧି (ଯଥା ପ୍ରିମିୟମ ଦେୟ ଓ ସ୍ଥାନାନ୍ତର ତାରିଖରେ ପ୍ଲଟର ବଜାର ଦର ମଧ୍ୟରେ ପାର୍ଥକ୍ୟ) ର 50 ପ୍ରତିଶତ, ଜମା କରିବା ପାଇଁ ଦାବୀ କରିବାକୁ ହକ୍‌ଦାର ହେବେ ।

---

89 କଟକ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ବିକଶିତ କଟକ ଠାରେ ଏକ ଅଞ୍ଚଳ

90 ସାଧାରଣ ଜନତାଙ୍କ ଠାରୁ ପ୍ରସ୍ତାବ ଆମନ୍ତ୍ରଣ କରୁଥିବା ସୂଚନା ପୁସ୍ତିକାର ଅନୁଚ୍ଛେଦ 9.6

ସିଡିଏର ରେକର୍ଡଗୁଡ଼ିର ଯାଞ୍ଚରୁ ଜଣାପଡ଼ିଲା (ଜୁଲାଇ 2023) ଯେ, ସେକ୍ଟର-11 ସିଡିଏ, କଟକଠାରେ 57,148 ବର୍ଗଫୁଟ ବିଶିଷ୍ଟ ଏକ ବାଣିଜ୍ୟିକ ପ୍ଲଟ୍[91] ଶ୍ରୀ XXXXX ସାହୁ (ସବ୍-ଲିଜ୍‌ଧାରୀ[92]) ଙ୍କ ସପକ୍ଷରେ 1.71 କୋଟି ଟଙ୍କାର ପ୍ରିମିୟମ୍‌ରେ ଆବଣ୍ଟନ କରିଥିଲେ ଏବଂ ମାର୍ଚ୍ଚ 2016 ଲିଜ୍ ଦଲିଲ୍ ପ୍ରଦାନ କରାଯାଇଥିଲା । ଏହି ଲିଜ୍‌ର ସର୍ତ୍ତ ଅନୁଯାୟୀ[93], ଲିଜ୍‌ଧାରୀ, ପ୍ଲଟର ମୁଖ୍ୟ ଲିଜ୍‌ଧାରୀ (ଯଥା ସିଡିଏ) ଙ୍କର ଅନୁମତି ବଳରେ ସବ୍-ଲିଜ୍, ସବ୍-ସବ୍ ଲିଜ୍‌ଦେଇ ପାରିବେ, ଯାହା ନକଲେ ମୁଖ୍ୟ ଲିଜ୍‌ଧାରୀ ଉକ୍ତ ଲିଜ୍‌କୁ ବାତିଲ୍ କରିପାରିବେ ଏବଂ ସମ୍ପତ୍ତି ନିଜ ଅଧିକାରକୁ ଫେରସ୍ତ ନେଇପାରିବେ । ପ୍ରକାଶ ଥାଉକି, ସବ୍ ଲିଜ୍‌ଧାରୀଙ୍କ ଦ୍ୱାରା ପ୍ଲଟର ସବ୍-ସବ୍-ଲିଜ୍ ଘଟଣାରେ, ସିଡିଏ, ମୂଲ୍ୟର ଅଣ-ଅର୍ଜିତ ହୋଇଥିବା ମୂଲ୍ୟବୃଦ୍ଧିର 50 ପ୍ରତିଶତ ମୂଲ୍ୟ ସବ୍-ସବ୍ ଲିଜ୍ ଦେବା ସମୟରେ ଦାବୀ କରିବାର ସର୍ତ୍ତ ଲିଜ୍ ଦସ୍ତାବିଜରେ ଅନ୍ତର୍ଭୁକ୍ତ ହୋଇନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ସବ୍-ଲିଜ୍‌ଧାରୀଙ୍କ ଅନୁରୋଧରେ (ସେପ୍ଟେମ୍ବର 2016), ସିଡିଏ ସବ୍-ସବ୍-ଲିଜ୍ ପାଇଁ ଅନୁମତି ପ୍ରଦାନ ସମୟରେ (ନଭେମ୍ବର 2016) ଅଣ ଅର୍ଜିତ ହୋଇଥିବା ପ୍ଲଟର ମୂଲ୍ୟ ବୃଦ୍ଧିର 50 ପ୍ରତିଶତ ଦାବୀ କରି ନଥିଲେ । ଏହା ପରେ ସବ୍-ଲିଜ୍‌ଧାରୀ ଏହି ପ୍ଲଟକୁ ମେସର୍ସ ଗ୍ରାଣ୍ଡ ବଜାର ଡେଭ୍‌ଲପର୍ ଏଲ୍‌ଏଲ୍‌ପିଙ୍କୁ 14.60 କୋଟି ଟଙ୍କାରେ ସବ୍-ଲିଜ୍ ଦେଇଥିଲେ (ଜୁଲାଇ 2017) ।

ଅଡିଟ୍ ଦେଖିଲେ ଯେ, ମାର୍ଚ୍ଚ 2016 ରେ ସବ୍-ଲିଜ୍‌ଧାରୀଙ୍କ ସହିତ କାର୍ଯ୍ୟକାରୀ ହୋଇଥିବା ଲିଜ୍ ଦଲିଲ୍‌ରେ ପ୍ଲଟ୍ ମୂଲ୍ୟର 50 ପ୍ରତିଶତ ବୃଦ୍ଧି ହେବାର ଅଧିକାର ସିଡିଏ ଅନ୍ତର୍ଭୁକ୍ତ କରି ନାହିଁ । ଏହାପରେ ନଭେମ୍ବର 2016 ରେ ପ୍ଲଟ୍ ସବ୍-ଲିଜ୍ ପାଇଁ ଅନୁମତି ପ୍ରଦାନ କରିବା ବେଳେ ଏହା ପୁନର୍ବାର ସମାନ ସର୍ତ୍ତ ଲାଗୁ କରିବାରେ ବିଫଳ ହୋଇଥିଲେ । ଫଳସ୍ୱରୂପ, ସବ୍-ଲିଜ୍‌ଧାରୀ ପ୍ଲଟର ବର୍ଦ୍ଧିତ ମୂଲ୍ୟ ସିଡିଏରେ ଜମା ନ କରି, ସବ୍-ସବ୍-ଲିଜ୍ ପ୍ରଦାନ କରିଥିଲେ ।

ଅଡିଟ୍ ଆହୁରି ଦେଖିଲା ଯେ, ଉଭୟ ସବ-ଲିଜ୍ ଯଥା, ମାର୍ଚ୍ଚ 2016 ଏବଂ ଜୁଲାଇ 2017 ରେ ସିଡିଏ ସେହି ସମୟରେ ପ୍ରଚଳିତ ବଜାର ମୂଲ୍ୟର ଆକଳନ କରିନଥିଲେ, ଯାହା ସେତେବେଳେ ପ୍ଲଟର ମୂଲ୍ୟ ବୃଦ୍ଧିର ହିସାବ କରି ଏହାର ଅଂଶଧନ ନିର୍ଣ୍ଣୟ କରିପାରିଥାନ୍ତା ।

ଏହିପରି ଭାବରେ, ସିଡିଏ ସବ୍-ଲିଜ୍‌ଧାରୀ ଦ୍ୱାରା ପ୍ରାପ୍ତ ସବ୍-ସବ୍-ଲିଜ୍ ରାଶିର (14.60 କୋଟି ଟଙ୍କା) ବ୍ୟବଧାନର 50 ପ୍ରତିଶତ ବାବଦକୁ 6.44 କୋଟି ଟଙ୍କା କ୍ଷତି ସହିଥିଲେ ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ମଇ 2024) ସିଡିଏ ପ୍ରଦତ୍ତ ଉତ୍ତରକୁ ପ୍ରେରଣ କରିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ଲିଜ୍ ଦଲିଲ ଅନୁସାରେ ସବ୍-ଲିଜ୍ ପାଇଁ ଅନୁମତି ପ୍ରଦାନ କରାଯାଇଛି । ଏହା ସତ୍ତ୍ୱେ, ସବ୍-ଲିଜଧାରୀ, ଲିଜ୍ ଦଲିଲର ସର୍ତ୍ତାବଳୀ ଓ ନିୟମ ପାଳନ ନ କରି ସବ୍-ଲିଜ୍ ପ୍ରଦାନ କରିଥିଲେ ।

ଉତ୍ତରଟି ସନ୍ତୋଷଜନକ ନୁହେଁ କାରଣ ପ୍ଲଟ୍‌ର ଅଣ ଅର୍ଜିତ ମୂଲ୍ୟ ବୃଦ୍ଧି ଅଂଶଧନ ସମ୍ବନ୍ଧୀୟ ସର୍ତ୍ତ ନରଖି ସିଡିଏ ସବ୍-ସବ୍-ଲିଜ୍ ଦେବାକୁ ଅନୁମତି ପ୍ରଦାନ କରିଥିଲା । ଲିଜ୍ ଦଲିଲ୍ ପ୍ରସ୍ତୁତ ବେଳେ ପ୍ଲଟ୍‌ର ବର୍ଦ୍ଧିତ ମୂଲ୍ୟର ଅଂଶ ଦାବୀ କରିବାରେ ବିଫଳ ହେବା ସମ୍ବନ୍ଧରେ ଉତ୍ତରରେ କିଛି ଦର୍ଶାଯାଇ ନଥିଲା ।

91 ପ୍ଲଟ୍ ନମ୍ବର11-3 ସିଏମ୍-1115

92 ଯେ କୌଣସି ବ୍ୟକ୍ତି ବା ସଂସ୍ଥା ସପକ୍ଷରେ ସିଡିଏ ଦ୍ୱାରା ଦିଆଯାଇଥିବା ଯେକୌଣସି ଲିଜ୍ ସବ୍-ଲିଜ୍ ଅଟେ । କୌଣସି ବ୍ୟକ୍ତି/ ସଂସ୍ଥା/ ଶେଷ ଉପଭୋକ୍ତା ସପକ୍ଷରେ ସବ୍-ଲିଜ୍‌ଧାରୀଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ସ୍ଥାନାନ୍ତର/ ଲିଜ୍ ସବ୍-ସବ୍-ଲିଜ୍ ଭାବରେ ପରିଗଣିତ ହୋଇପାରେ

93 ଲିଜ୍ ଦଲିଲ୍‌ର ଧାରା 2 (ଏ ଏବଂ ଏଫ୍)

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ

## 2.5 ଓଡ଼ିଶାରେ ବେସରକାରୀ ସ୍ତରରେ ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡ଼ିକର ପରିଚାଳନା


**କାର୍ଯ୍ୟନିର୍ବାହୀ ସାରାଂଶ**

ଭାରତ ସରକାର (ଜିଓଆଇ) ଭିନ୍ନକ୍ଷମଙ୍କ ଅଧିକାର (ଆର୍‌ପିଡବ୍ଲୁଡି) ଅଧିନିୟମ, 2016 ଏବଂ ଆର୍‌ପିଡବ୍ଲୁଡି ନିୟମ, 2017 ପ୍ରଣୟନ କରିଥିଲେ । ଓଡ଼ିଶା ସରକାର ଏହି ସମ୍ବନ୍ଧିତ କୌଣସି ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କରିନାହାନ୍ତି ଏବଂ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମକୁ ଆଦୃତ କରିଛନ୍ତି । ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ସ୍ଥାପିତ ସ୍ୱତନ୍ତ୍ର ବିଦ୍ୟାଳୟ ଗୁରୁଦାୟିତ୍ୱ ବହନ କରୁଥିଲେ, ଯେହେତୁ ରାଜ୍ୟରେ ଥିବା 108ଟି ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟରୁ କେବଳ ଚାରିଟି ସ୍ୱତନ୍ତ୍ର ବିଦ୍ୟାଳୟ ସରକାରଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏପରି ସ୍ଥିତିରେ ମଧ୍ୟ ଘରୋଇ କ୍ଷେତ୍ରର ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକର ସୁପରିଚାଳନା ପାଇଁ ସରକାରୀ ନିୟନ୍ତ୍ରଣର ବ୍ୟାପକ ଅଭାବ ଥିଲା । ଏହି ବିଦ୍ୟାଳୟଗୁଡିକରେ ଭିତ୍ତିଭୂମି, ଶିକ୍ଷକ ଓ ଅନ୍ୟ ସୁବିଧାର ଅଭାବଗୁଡ଼ିକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଚିହ୍ନଟ କରିନଥିଲା କିମ୍ବା ସେଗୁଡ଼ିକର ଉନ୍ନତି ବିଧାନ ପାଇଁ ସେହି ବିଦ୍ୟାଳୟ ଗୁଡ଼ିକର ପରିଚାଳନା ମଣ୍ଡଳି ସହିତ ଭାଗିଦାର ହୋଇ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେଇନଥିଲା । ସରକାରୀ ବିଦ୍ୟାଳୟ ଗୁଡିକର ଅଭାବରେ, ଭିନ୍ନକ୍ଷମ ପିଲାମାନଙ୍କ ପାଇଁ, ଛୋଟ ଶ୍ରେଣୀଗୃହ, ଦୟନୀୟ ଅବସ୍ଥାରେ ଥିବା ହଷ୍ଟେଲ, ଅପର୍ଯ୍ୟାପ୍ତ ତଥା ଅପରିଷ୍କାର ଶୌଚାଳୟ ଏବଂ ଅନ୍ୟାନ୍ୟ ଅଭାବ ଘରୋଇ ବିଦ୍ୟାଳୟରେ ସାମ୍ନା କରିବା ବ୍ୟତୀତ ବିକଳ୍ପ ପନ୍ଥା ନଥିଲା ।

ଜିଲ୍ଲାସ୍ତର ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକର ପ୍ରଭାବହୀନ ଓ ଅପାରଗ ଯାଞ୍ଚ ଏବଂ ନିରୀକ୍ଷଣ, ଶାରୀରିକ ତଥା ବୌଦ୍ଧିକ ବିକଳାଙ୍ଗ ଶିଶୁଙ୍କ ଭଳି ଏକ ଦୁର୍ବଳ ଗୋଷ୍ଠୀ ପ୍ରତି ପ୍ରଣାଳୀଗତ ତ୍ରୁଟି ଏବଂ ସରକାରଙ୍କ ସମ୍ବେଦନଶୀଳତାର ସୂଚକ ଥିଲା ।


### 2.5.1 ଉପକ୍ରମ

2011 ଜନଗଣନା ଅନୁଯାୟୀ ଓଡ଼ିଶାରେ ମୋଟ ଭିନ୍ନକ୍ଷମ ଲୋକଙ୍କ ଜନସଂଖ୍ୟା 12,44,402 ଥିଲା । ସେଥିମଧ୍ୟରୁ ଦୃଷ୍ଟି ବାଧିତ ବର୍ଗରେ 21.20 ପ୍ରତିଶତ, ଶବ୍ଦ ବାଧିତ 19.11 ପ୍ରତିଶତ, ବାକ୍ ବାଧିତ 5.51 ପ୍ରତିଶତ, ଗମ୍ୟବାଧିତ 20.89 ପ୍ରତିଶତ, ମାନସ ବାଧିତ ଅବସ୍ଥାରେ 5.82 ପ୍ରତିଶତ ଏବଂ ଅନ୍ୟ ବର୍ଗରେ 13.9 ପ୍ରତିଶତ ଏବଂ ଏକାଧିକ ଭିନ୍ନକ୍ଷମ ମଧ୍ୟରେ 10.14 ପ୍ରତିଶତ ବୋଲି ଗଣନା କରାଯାଇଅଛି ।

ଆରପିଡବ୍ଲୁଡି ଅଧିନିୟମ ଧାରା 31 ଅନୁଯାୟୀ, ସ୍ୱତନ୍ତ୍ର ଭିନ୍ନକ୍ଷମ ଥିବା 6 ରୁ 18 ବର୍ଷ ବୟସ ମଧ୍ୟରେ ପ୍ରତ୍ୟେକ ପିଲା ନିକଟସ୍ଥ ବିଦ୍ୟାଳୟରେ କିମ୍ବା ନିଜ ପସନ୍ଦର ଏକ ସ୍ୱତନ୍ତ୍ର ବିଦ୍ୟାଳୟରେ ମାଗଣା ଶିକ୍ଷା ଗ୍ରହଣ କରିବାର ଅଧିକାର ପାଇବେ । ଅଧିକନ୍ତୁ, ଶିଶୁମାନଙ୍କର ମାଗଣା ଏବଂ ବାଧତାମୂଳକ ଶିକ୍ଷା ଅଧିକାର ଆଇନ 2009 (ଆର୍‌ଟିଇ ଅଧିନିୟମ) ର ଧାରା 3 (1) ରେ ଭିନ୍ନକ୍ଷମ ପିଲାଙ୍କୁ ମାଗଣା ଏବଂ ବାଧତାମୂଳକ ପ୍ରାଥମିକ ଶିକ୍ଷା ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଇଅଛି । ଭିନ୍ନକ୍ଷମ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନଗୁଡିକର ପ୍ରତିଷ୍ଠା, ସ୍ୱୀକୃତି ଏବଂ ଗ୍ରାଣ୍ଟ୍-ଇନ୍-ଏଡ୍ (ଜିଆଇଏ) ପାଇଁ ଯୋଗ୍ୟ ମାନଦଣ୍ଡ ସୂଚାଇ ଓଡ଼ିଶା ସରକାର, ଜାନୁଆରୀ 2013 ଓ ଜୁନ୍ 2022 ନିର୍ଦ୍ଦେଶାବଳୀ ଜାରି କରିଥିଲେ ।

ମାର୍ଚ୍ଚ 2023 ସୁଦ୍ଧା, ରାଜ୍ୟରେ 108ଟି ସ୍ୱତନ୍ତ୍ର ବିଦ୍ୟାଳୟ କାର୍ଯ୍ୟ କରୁଥିଲା । ଏହି 108ଟି ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟରୁ 4ଟି ବିଦ୍ୟାଳୟ[94], ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିଲା ଏବଂ ବାକି 104 (96

94 ଭୁବନେଶ୍ୱରରେ ଦୁଇ ଏବଂ ବୁର୍ଲାରେ ଦୁଇ

ପ୍ରତିଶତ) ସ୍ୱତନ୍ତ୍ର ବିଦ୍ୟାଳୟ ବିଭିନ୍ନ ଅଣ ସରକାରୀ ସଂଗଠନ (ଏନ୍‌ଜିଓ) ଦ୍ୱାରା ପରିଚାଳିତ ଯାହା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍‌ଏସ୍‌ଇପିଡି) ବିଭାଗର ପ୍ରଶାସନିକ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା । ଏନ୍‌ଜିଓଗୁଡିକ ଆରପିଡବ୍ଲୁଡି ଅଧିନିୟମ ଅନୁଯାୟୀ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜିକରଣ କରି ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଉକ୍ତ ଆଇନର ଧାରା ବ୍ୟତୀତ, ସେମାନେ ସ୍ୱତନ୍ତ୍ର ବିଦ୍ୟାଳୟର ମାନର ରକ୍ଷଣାବେକ୍ଷଣା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ଶିକ୍ଷା ଅଧିକାର ଆଇନ ଅନୁସରଣ କରିବା ଆବଶ୍ୟକ ଥିଲା । ମାର୍ଚ୍ଚ 2023 ସୁଦ୍ଧା ଏନଜିଓ ଦ୍ୱାରା ପରିଚାଳିତ 104ଟି ସ୍ୱତନ୍ତ୍ର ବିଦ୍ୟାଳୟର[95] ନାମ ଲେଖା ଯିବା ପାଇଁ ଅନୁମୋଦିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା 6,815 ଥିଲା । ଏହି ସମସ୍ତ 104ଟି ବିଦ୍ୟାଳୟ ଓଡିଶା ସରକାରଙ୍କ ଠାରୁ ଗ୍ରାଣ୍ଟ୍-ଇନ୍-ଏଡ୍ (ଜିଆଇଏ) ପ୍ରାପ୍ତ କରିଥିଲେ । ସରକାରଙ୍କ ଠାରୁ ପାଇଥିବା ଗ୍ରାଣ୍ଟ୍-ଇନ୍-ଏଡ୍ ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀଙ୍କ ଦରମା ଏବଂ ଏଥିରେ ନାମ ଲେଖା ଯାଇଥିବା ପିଲାମାନଙ୍କର ରକ୍ଷଣାବେକ୍ଷଣା ଖର୍ଚ୍ଚ[96] ପାଇଁ ଉଦ୍ଦିଷ୍ଟ ଥିଲା ।

ଜିଲ୍ଲା ସ୍ତରରେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକର ତଦାରଖ ଏବଂ ନିରୀକ୍ଷଣ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ)ଙ୍କ ଉପରେ ନ୍ୟସ୍ତ ଥାଏ, ଯେ କି ସଂପୃକ୍ତ ଜିଲ୍ଲାପାଳଙ୍କ ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରନ୍ତି । ବେସରକାରୀ ଭାବେ ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକ ଦ୍ୱାରା ଆର୍‌ପିଡବ୍ଲୁଡି ଅଧିନିୟମ, ଆର୍‌ପିଡବ୍ଲୁଡି ନିୟମ ଏବଂ ଓଡ଼ିଶା ସରକାରଙ୍କ ମାର୍ଗଦର୍ଶିକାର ଅନୁପାଳନ ସମୀକ୍ଷା, ସେପ୍ଟେମ୍ବର 2023 ରୁ ଫେବୃଆରୀ 2024 ମଧ୍ୟରେ କରାଯାଇଥିଲା, ଯେଉଁଥିରେ 2018-19 ରୁ 2022-23 ପର୍ଯ୍ୟନ୍ତ ବର୍ଷକୁ ଅନ୍ତର୍ଭୁକ୍ତ କରାଯାଇଥିଲା । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନମୁନା ଭାବରେ ବଛାଯାଇଥିବା ଆଠଟି ଜିଲ୍ଲାରେ କାର୍ଯ୍ୟ କରୁଥିବା ଆଠଟି ଡିଏସ୍‌ଏସ୍‌ଓ ଏବଂ 65ଟି[97] ସ୍ୱତନ୍ତ୍ର ବିଦ୍ୟାଳୟ ଯାହା ଏନ୍‌ଜିଓ ଦ୍ୱାରା ପରିଚାଳିତ, ଅଡିଟ୍ ସେଗୁଡିକର ରେକର୍ଡ ଯାଞ୍ଚ କରିଥିଲେ । ଅଡିଟ୍ ମଧ୍ୟ ଡିଏସ୍‌ଏସ୍‌ଓ କାର୍ଯ୍ୟାଳୟର କର୍ମଚାରୀ ଏବଂ ସଂପୃକ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ଅଧକ୍ଷ/ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କ ସହ ମିଳିତ ସରଜମିନ ତଦନ୍ତ (ଜେପିଆଇ) କରିଥିଲେ ଏବଂ ଆବଶ୍ୟକ ସ୍ଥଳେ ଫଟୋ ପ୍ରମାଣ ମଧ୍ୟ ସଂଗ୍ରହ କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ 2018-19 ରୁ 2022-23 ମଧ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ 104ଟି ବିଦ୍ୟାଳୟକୁ 151.81 କୋଟି ଟଙ୍କା ଆବଣ୍ଟନ କରିଥିଲେ । ଉପରୋକ୍ତ ସମୟ ମଧ୍ୟରେ ଆଠଟି ନମୁନା ଜିଲ୍ଲାର ସ୍ୱତନ୍ତ୍ର ବିଦ୍ୟାଳୟକୁ ଆବଣ୍ଟନର ଅଂଶ 75.59 କୋଟି ଟଙ୍କା ଥିଲା, ଯେଉଁଥିରୁ 66.42 କୋଟି ଟଙ୍କା (88 ପ୍ରତିଶତ) ପ୍ରକୃତରେ ବ୍ୟୟ ହୋଇଥିଲା ।

ସମୀକ୍ଷା ଫଳାଫଳ ଗୁଡିକ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 2.5.2 ପଞ୍ଜୀକୃତ ହୋଇନଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକର କାର୍ଯ୍ୟକାରିତା

ଆରପିଡବ୍ଲୁଡି ଅଧିନିୟମର ଧାରା 50ରେ ବ୍ୟବସ୍ଥା କରାଯାଇଛି ଯେ କ୍ଷମତାପନ୍ନ ଅଧିକାରୀ ଦ୍ୱାରା ଦିଆଯାଇଥିବା ପଞ୍ଜୀକରଣ ପ୍ରମାଣପତ୍ର ବ୍ୟତୀତ କୌଣସି ବ୍ୟକ୍ତି ଭିନ୍ନକ୍ଷମଙ୍କ ପାଇଁ କୌଣସି ଅନୁଷ୍ଠାନ ପ୍ରତିଷ୍ଠା କିମ୍ବା ପରିଚାଳନା କରିପାରିବେ ନାହିଁ । ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକର ପଞ୍ଜୀକରଣ ଉଦ୍ଦେଶ୍ୟରେ ଓଡ଼ିଶା ସରକାର, ନିର୍ଦ୍ଦେଶକ, ଏସ୍‌ଏସ୍‌ଇପିଡି ବିଭାଗକୁ କ୍ଷମତାପନ୍ନ କର୍ତ୍ତୃପକ୍ଷ ହିସାବରେ ନାମିତ କରିଥିଲେ । ଓଡ଼ିଶା ସରକାର ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା 2013 ଏବଂ 2022 ର ଅନୁଚ୍ଛେଦ 8 ଅନୁଯାୟୀ ପିଡବ୍ଲୁଡି ଅଧିନିୟମ ଅନ୍ତର୍ଭୁକ୍ତ ପଞ୍ଜୀକରଣର ବୈଧତା ଅବଧି ଦୁଇ ବର୍ଷ ସ୍ଥିର କରାଯାଇଥିଲା ।

95 ଶ୍ରବଣରେ ଦୁର୍ବଳ: 38; ଦୃଷ୍ଟିହୀନ: 27; ବୌଦ୍ଧିକ ଅକ୍ଷମତା: 34; ଅଟିଜିମ୍: 2 ଏବଂ ମାନସିକ ଅନଗ୍ରସରତା: 3

96 ଖାଦ୍ୟ ଶସ୍ୟ, ଶଯ୍ୟା, ପୋଷାକ, ଶିକ୍ଷାଗତ, ଚିକିତ୍ସା ଖର୍ଚ୍ଚ ଏବଂ କୋଠାଘରର ରକ୍ଷଣାବେକ୍ଷଣ ବ୍ୟୟ

97 59 ଟି ଆବାସିକ ଏବଂ ଛଅଟି ଅଣ-ଆବାସିକ ବିଦ୍ୟାଳୟ

ଅଡିଟ୍ ଲକ୍ଷ୍ୟ କଲା ଯେ;

- ଗୋଟିଏ ନମୁନାଭୁକ୍ତ ବିଦ୍ୟାଳୟ[98] ଯଦିଓ ସେପ୍ଟେମ୍ବର 2018 ଠାରୁ କାର୍ଯ୍ୟ କରୁଥିଲା କିନ୍ତୁ ମାର୍ଚ୍ଚ 2023 ସୁଦ୍ଧା ପିଡବ୍ଲୁଡି ଅଧିନିୟମ ଅନୁଯାୟୀ ପଞ୍ଜୀକୃତ ହୋଇନଥିଲା ।
- ପୁନଶ୍ଚ, ନମୁନାଭୁକ୍ତ ହୋଇଥିବା 65ଟି ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟରୁ 23 ଟିର ପଞ୍ଜୀକରଣର ବୈଧତା ଅବଧି ମାର୍ଚ୍ଚ 2009 ରୁ ଫେବୃଆରୀ 2023 ମଧ୍ୟରେ ସମାପ୍ତ ହୋଇଥିଲା । ଏହି 23ଟି ପଞ୍ଜୀକୃତ ହୋଇନଥିବା ବିଦ୍ୟାଳୟ ମଧ୍ୟରୁ 12ଟି ବିଦ୍ୟାଳୟ ନଭେମ୍ବର 2019 ରୁ ମଇ 2023 ମଧ୍ୟରେ ପଞ୍ଜୀକରଣ ନବୀକରଣ ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ, ଯାହା ମାର୍ଚ୍ଚ 2023 ସୁଦ୍ଧା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ କିମ୍ବା ଅନୁମତି ପ୍ରଦତ୍ତ ହୋଇନଥିଲା ***(ପରିଶିଷ୍ଟ 2.5.1)*** ।

ତେଣୁ ନମୁନାଭୁକ୍ତ 65ଟି ବିଦ୍ୟାଳୟ ମଧ୍ୟରୁ 23ଟି (35 ପ୍ରତିଶତ) ବିଦ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଅଧିନିୟମର ଧାରା 50 ଅନୁପାଳନ କରିନଥିଲେ । ଏତଦ୍ ବ୍ୟତୀତ ପଞ୍ଜୀକୃତ ହୋଇନଥିବା ଯୋଗୁଁ, ବିଭାଗୀୟ ତଦାରଖ ଏବଂ ଶିକ୍ଷାର୍ଥୀଙ୍କୁ ଶିକ୍ଷାର ଗୁଣବତ୍ତା ମଧ ପ୍ରଭାବିତ ହେବ ।

### 2.5.3 ଭିତ୍ତିଭୂମିର ଉପଲବ୍ଧତା

ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା (ଜାନୁଆରୀ 2019 ଏବଂ ଜୁନ୍ 2022) ଅନୁଯାୟୀ ବିଦ୍ୟାଳୟଗୁଡିକରେ, ପର୍ଯ୍ୟାପ୍ତ ସ୍ଥାନ ରହିବା ଉଚିତ୍, ଯେପରିକି ଭିନ୍ନକ୍ଷମ ପିଲାମାନଙ୍କ ରହିବା ପାଇଁ ଘର, ରୋଷେଇ ଘର, ଭୋଜନ କକ୍ଷ, ଅଧ୍ୟୟନ କକ୍ଷ ତଥା ମନୋରଞ୍ଜନର ସୁବିଧା ହଷ୍ଟେଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ସ୍ଥାନ ବିଷୟରେ ଓଡ଼ିଶା ସରକାର କୌଣସି ମାନଦଣ୍ଡ ସ୍ଥିର କରିନାହାନ୍ତି । ଭିତ୍ତିଭୂମି ସୃଷ୍ଟି ବିଦ୍ୟାଳୟ ଗୁଡ଼ିକର ଦାୟିତ୍ୱ ହୋଇଥିବା ବେଳେ, ବିଦ୍ୟାଳୟ ଘର ଏବଂ ହଷ୍ଟେଲ୍ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ଅନୁଦାନ ସହାୟତା ପ୍ରଦାନର ବ୍ୟବସ୍ଥା ଅଛି । 65 ଟି ନମୁନାଭୁକ୍ତ ହୋଇଥିବା ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟରୁ ଛଅଟି ବିଦ୍ୟାଳୟ ଅଣଆବାସିକ ଥିଲା ଯାହାକି କୌଣସି ରକ୍ଷଣାବେକ୍ଷଣ ଅନୁଦାନ ପାଇନଥିଲା ଏବଂ ଗୋଟିଏ ଆବାସିକ ନମୁନାଭୁକ୍ତ ବିଦ୍ୟାଳୟରେ ଆବଶ୍ୟକ ତଥ୍ୟ ସମୀକ୍ଷା ପାଇଁ ଉପଲବ୍ଧ ହୋଇନଥିଲା । ଅବଶିଷ୍ଟ 58 ଟି ନମୁନାଭୁକ୍ତ ବିଦ୍ୟାଳୟ 2018-19 ରୁ 2022-23 ମଧ୍ୟରେ କୋଠାଘରର ଭଡ଼ା ଏବଂ ରକ୍ଷଣାବେକ୍ଷଣ ବାବଦକୁ 19.72 କୋଟି ଟଙ୍କା ଅନୁଦାନ ଆକାରରେ ପାଇଥିଲେ, ଯାହା ମଧ୍ୟରୁ 19.50 କୋଟି ଟଙ୍କା ବ୍ୟୟ କରିଥିଲେ । ଆଠଟି ଜିଲ୍ଲାର 65ଟି ନମୁନା ସ୍ୱତନ୍ତ୍ର ବିଦ୍ୟାଳୟର[99] ମିଳିତ ସରଜମିନ ତଦନ୍ତ (ଜେପିଆଇ) ଅଡିଟ୍ ଓ ସଂଶ୍ଳିଷ୍ଟ ଡିଏସ୍ଏସ୍ଓଙ୍କ ଦ୍ୱାରା କରାଯାଇଥିଲା ଏବଂ ଏଥିରେ ଦେଖାଯାଇଥିବା ତ୍ରୁଟି ଗୁଡ଼ିକ **ସାରଣୀ 2.5.1** ଏବଂ **ଚିତ୍ର 2.5.1, 2.5.2** ଏବଂ **2.5.3** ରେ ଦର୍ଶାଯାଇଛି ।

***ସାରଣୀ 2.5.1: ନମୁନାଭୁକ୍ତ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମିର ଅଭାବ***

| କ୍ର.ସଂ. | ଭିତ୍ତିଭୂମି ଉପାଦାନ | ଅନୁପଯୁକ୍ତ ଭିତ୍ତିଭୂମି ଥିବା ବିଦ୍ୟାଳୟର ସଂଖ୍ୟା | ମନ୍ତବ୍ୟ |
|---|---|---|---|
| 1 | ଶ୍ରେଣୀ ଗୃହ | 25 | ଶ୍ରେଣୀ ଗୃହର ଅଭାବ ଯୋଗୁଁ ଗୋଟିଏ କୋଠରୀରେ ଗୋଟିଏରୁ ଅଧିକ ଶ୍ରେଣୀ ଚାଲୁଥିଲା ଏବଂ ଅସ୍ଥାୟୀ ଛପର ଘର ଏବଂ ଅଜବେଷ୍ଟସ୍ ଘରେ ଶ୍ରେଣୀ ଚାଲିଥିଲା । |
| 2 | ଆବାସିକ ବିଦ୍ୟାଳୟରେ ହଷ୍ଟେଲ୍ ରହଣୀ ଉପଲବ୍ଧତା ନହେବା | 8 | ହଷ୍ଟେଲ୍ ସୁବିଧା ନଥିବା ସତ୍ତ୍ୱେ ଏହି ବିଦ୍ୟାଳୟ ଗୁଡ଼ିକ ଉଭୟ ଶିକ୍ଷାଦାନ ଏବଂ ଛାତ୍ରମାନଙ୍କ ଆବାସିକ ରହିବା ପାଇଁ ଶ୍ରେଣୀ ଗୃହ ବ୍ୟବହାର କରୁଥିଲେ । ଖଟର ଅଭାବରେ ଛାତ୍ରମାନଙ୍କୁ ଚଟାଣରେ ଶୋଇବାକୁ ପଡୁଥିଲା । |

[98] ସ୍ୱାମୀ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟ ବଧିର ସ୍କୁଲ, ଆଇଆଇସି, ସିଡିଏ, ସେକ୍ଟର-10, କଟକ

[99] 59 ଆବାସିକ ଏବଂ ଛଅଟି ଅଣ-ଆବାସିକ ବିଦ୍ୟାଳୟ

| କ୍ର.ସଂ. | ଭିତ୍ତିଭୂମି ଉପାଦାନ | ଅନୁପଯୁକ୍ତ ଭିତ୍ତିଭୂମି ଥିବା ବିଦ୍ୟାଳୟର ସଂଖ୍ୟା | ମନ୍ତବ୍ୟ |
|---|---|---|---|
| 3 | ହଷ୍ଟେଲ୍ ଗୁଡ଼ିକରେ ଅପର୍ଯ୍ୟାପ୍ତ ରହିବା ସ୍ଥାନ | 33 | ଶୋଇବା ଏବଂ ଅଧ୍ୟୟନ ପରି ମୌଳିକ କାର୍ଯ୍ୟକଳାପ ପାଇଁ ପର୍ଯ୍ୟାପ୍ତ ରହିବା ସ୍ଥାନ ଅଭାବରୁ ଭିନ୍ନକ୍ଷମ ପିଲାମାନେ ସଂକୁଚିତ ଅବସ୍ଥାରେ ରହିବାକୁ ବାଧ ହୋଇଥିଲେ । |
| 4 | ବାଳିକା ଏବଂ ବାଳକ ମାନଙ୍କ ପାଇଁ ପୃଥକ ହଷ୍ଟେଲ୍ | 26 | ଭିନ୍ନକ୍ଷମ ବାଳକ ଏବଂ ବାଳିକା ମାନଙ୍କ ପାଇଁ ପୃଥକ ହଷ୍ଟେଲ ଅଭାବ ହେତୁ ଭିନ୍ନକ୍ଷମ ବାଳିକା ପିଲାମାନଙ୍କ ସୁରକ୍ଷା ଉପରେ କୌଣସି ନିଶ୍ଚିତତା ନ ଥିଲା । |
| 5 | ଅପ୍ରଚୁର ଏବଂ ଅପରିଷ୍କାର ଶୌଚାଳୟ | 53 | ନିର୍ଦ୍ଦେଶାବଳୀ ଅନୁଯାୟୀ ସାତଜଣ ଅନ୍ତେବାସୀଙ୍କ ପାଇଁ ଅତି କମ୍‌ରେ ଗୋଟିଏ ଶୌଚାଳୟ ରହିବା ଉଚିତ୍ । ଏହା ସ୍ଥଳେ ଶୌଚାଳୟ ଉପଲବ୍ଧତାର ଅଭାବ 1 ରୁ 13[100] ମଧ୍ୟରେ ଥିଲା । ଏଥି ସହ ଶୌଚାଳୟର ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଶୌଚାଳୟ ଅପରିଷ୍କାର/ ଭଗ୍ନ ଅବସ୍ଥାରେ ଥିଲା । |
| 6 | ଭିନ୍ନକ୍ଷମ ଅନୁକୂଳ ଶୌଚାଳୟ ଏବଂ ବାଥରୁମ୍ | 48 | ଶୌଚାଳୟଗୁଡିକ ଭିନ୍ନକ୍ଷମ ଅନୁକୂଳ ନଥିଲା ଯାହା ଦ୍ୱାରା ଅନ୍ତେବାସୀ ମାନଙ୍କ ପାଇଁ ସୁବିଧା ନଥିଲା । |
| 7 | ରୋଷେଇ ଘର | 11 | ରୋଷେଇ ଘର ଅଭାବରୁ ଅସ୍ଥାୟୀ ଘରେ ଅପରିଷ୍କାର ଅବସ୍ଥାରେ ଖାଦ୍ୟ ରନ୍ଧା ହେଉଥିଲା । |
| 8 | ଭୋଜନ କକ୍ଷ | 31 | ସ୍ୱଚ୍ଛ ଏବଂ ଆଚ୍ଛାଦିତ ଭୋଜନ ସ୍ଥାନ ନଥିଲା । |
| 9 | ପାନୀୟ ଜଳ ପାଇଁ ବିଶୋଧକ | 13 | ଭିନ୍ନକ୍ଷମ ପିଲାମାନେ ଜଳ ବିଶୋଧନ ଯନ୍ତ୍ରର ଅଭାବ ହେତୁ ଗଭୀର କୂପରୁ ସିଧା ପାଣି ଆଣି ପିଇବାକୁ ବାଧ ହୋଇଥିଲେ । |
| 10 | ଅଧ୍ୟୟନ କକ୍ଷ/ ସ୍ଥାନ | 45 | ଅଧ୍ୟୟନ କକ୍ଷ/ ସ୍ଥାନ ଅଭାବରେ ଭିନ୍ନକ୍ଷମ ପିଲାମାନଙ୍କୁ ଶଯ୍ୟା ଉପରେ ବସି ପଢ଼ିବାକୁ ପଡୁଥିଲା । |
| 11 | ରାମ୍ପର ବ୍ୟବସ୍ଥା | 15 | ଦୃଷ୍ଟିହୀନ ତଥା ବୌଦ୍ଧିକ ବାଧିତ ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ 15ଟି ବିଦ୍ୟାଳୟରେ ରାମ୍ପ ପରି ଭିନ୍ନକ୍ଷମ ସାହାଯ୍ୟକାରୀ ସଂରଚନା ନଥିଲା । ରାମ୍ପଗୁଡିକର ଅଭାବରୁ ଭିନ୍ନକ୍ଷମ ପିଲାମାନଙ୍କ ପଡିଯିବା ଭଳି ବିପଦ ସୃଷ୍ଟି କରିପାରେ । |
| 12 | ବିଲ୍ଡିଂ ସ୍ଥିରତା ସାର୍ଟିଫିକେଟ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର | 51 | ଏହି ପ୍ରମାଣପତ୍ର ଅଭାବରେ, ଦୁର୍ବଳ ଶ୍ରେଣୀର ପିଲାମାନଙ୍କୁ ରଖୁଥିବା ଅଟ୍ଟାଳିକାରେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗ ବିଷୟରେ କୌଣସି ନିଶ୍ଚିତତା ନାହିଁ । |

***(ଉତ୍ସ: ହଷ୍ଟେଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡଗୁଡ଼ିକ ଓ ଜେପିଆଇ)***

[100] 1 ରୁ 2: 12 ବିଦ୍ୟାଳୟ, 3 ରୁ 5: 22 ବିଦ୍ୟାଳୟ, 6 ରୁ 8: 12 ବିଦ୍ୟାଳୟ ଏବଂ 9 ରୁ 13: 7 ବିଦ୍ୟାଳୟ ପର୍ଯ୍ୟନ୍ତ ଶୌଚାଳୟର ଅଭାବ

**ଚିତ୍ର 2.5.1: ସ୍ଥାନ ଅଭାବରୁ ଗହଳି ଶ୍ରେଣୀ ଗୃହ**



କେନ୍ଦୁଝରର ସଦାଭାବନା ଠାରେ ଥିବା ଏମ୍‌ଆର୍ ସ୍ୱତନ୍ତ୍ର ବିଦ୍ୟାଳୟରେ ଗହଳି ଶ୍ରେଣୀ ଗୃହ (10.08.2023)



ମା ଶାରଳା ମହିଳା ଫୋରମ୍, ବଧିର ପାଇଁ ଶ୍ରୀ ଶ୍ରୀ ବେଲେଶ୍ୱର ଉଚ୍ଚବିଦ୍ୟାଳୟ, କଣ୍ଟୁଣିଆ, କଟକରେ ଗହଳି ଶ୍ରେଣୀ ଗୃହ (18.10.2023)

**ଚିତ୍ର 2.5.2: ନମୁନା ଭୁକ୍ତ ହୋଇଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ ରହିବା ପାଇଁ ଅପର୍ଯ୍ୟାପ୍ତ ସ୍ଥାନ**




ହରଚଣ୍ଡି ସ୍ୱତନ୍ତ୍ର ବିଦ୍ୟାଳୟ, ନହଲପୁର କଟକ ଠାରେ ଶ୍ରେଣୀ ଗୃହଟି ହଷ୍ଟେଲ ଭାବରେ ବ୍ୟବହୃତ ହେଉଥିଲା (11.10.2023)



ଦୃଷ୍ଟିହୀନ ପାଇଁ ସଇଁତଳା, ବଲାଙ୍ଗୀରରେ ରେଡକ୍ରସ ବିଦ୍ୟାଳରେ ହଷ୍ଟେଲ ଏକ ପୁରୁଣା ଜୀର୍ଣ୍ଣ କୋଠାରେ କାମ କରୁଥିଲା (02.12.2023)

**ଚିତ୍ର 2.5.3: ନମୁନା ଭୁକ୍ତ ହୋଇଥିବା ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ଅଭାବ**



ରେଡକ୍ରସ ବିଦ୍ୟାଳୟର ଏସଏମଏସ, ସଇଁତଳା, ବଲାଙ୍ଗୀର ପାଇଁ ଭିନ୍ନକ୍ଷମ ବାଳିକା ହଷ୍ଟେଲର ଶୌଚାଳୟର ଦୁରାବସ୍ଥା (04.12.2023)



କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁଭବନରେ ଦୃଷ୍ଟିହୀନ ପାଇଁ ଅସ୍ଥାୟୀ ରୋଷେଇ ଘର (16.08.2023)

ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକ ଦାୟୀ ଯାହାକି ପଞ୍ଜୀକରଣ ଏବଂ ସ୍ୱୀକୃତି ପାଇଁ ପ୍ରାକ୍ ସର୍ତ୍ତ ଥିଲା । ସ୍ୱତନ୍ତ୍ର ବିଦ୍ୟାଳୟରେ ଉପରୋକ୍ତ ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ, ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦୁର୍ବଳ ତଦାରଖ

ସୂଚାଇବା ସହିତ ସଂପୃକ୍ତ ଡିଏସ୍ଏସ୍ଓ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଭିତ୍ତିଭୂମି ଉପଲବ୍ଧତାକୁ ବିଦ୍ୟାଳୟ ଖୋଲିବା ପାଇଁ ଅନୁମୋଦନ ପ୍ରଦାନ ଏବଂ ପରବର୍ତ୍ତୀ ସମୟରେ ସ୍ୱୀକୃତି ସମୀକ୍ଷା ବେଳେ ଅଣଦେଖା କରିଥିଲେ । ଏହାବାଦ୍, ଏହିପରି ଦୁର୍ବଳ ଭିତ୍ତିଭୂମିର ଅବସ୍ଥା ମଧ ଓଡିଶା ସରକାର ର ନିୟମ ଏବଂ ନିର୍ଦ୍ଦେଶାବଳୀକୁ ଅନୁପାଳନ ନ କରିବା ଦର୍ଶାଏ ।

### 2.5.4 ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ଅପର୍ଯ୍ୟାପ୍ତ ସହାୟତା ଏବଂ ଉପକରଣ

ସମଗ୍ର ଶିକ୍ଷା (ବିଦ୍ୟାଳୟ ଶିକ୍ଷାକୁ ମଜବୁତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ଯୋଜନା) ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.4.1 ଏବଂ 9.4.2 ରେ ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ସହାୟତା ଏବଂ ଉପକରଣ ଯୋଗାଣ ପାଇଁ ବ୍ୟବସ୍ଥା ଅଛି । ଏହିପରି ସମସ୍ତ ଅଭାବୀ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକୀୟ ସହାୟତା ଏବଂ ଉପକରଣ ଯୋଗାଇ ଦିଆଯିବା ନିଶ୍ଚିତ କରିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଦାୟିତ୍ୱ ଅଟେ । ଶ୍ରବଣରେ ଦୁର୍ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ରାଜ୍ୟ ସରକାର ଭୀମ ହୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ (ବିବିଏସ୍ଏ) ଯୋଜନା ମାଧମରେ ଶ୍ରବଣ ଉପକରଣ ଯୋଗାଣ ପାଇଁ ବ୍ୟବସ୍ଥା କରିଥିଲେ । ଦୃଷ୍ଟିହୀନ ଛାତ୍ରମାନଙ୍କ ପାଇଁ ସମଗ୍ର ଶିକ୍ଷା ଯୋଜନା ଅଧିନରେ ବ୍ରେଲି ବହି ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ମାନସିକ ବିକଳାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଡିଜାଇନ୍ ହୋଇଥିବା ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ, ସଂପୃକ୍ତ ବିଦ୍ୟାଳୟ ଗୁଡିକ ଦ୍ୱାରା ଉପଲବ୍ଧ ହେବା ଆବଶ୍ୟକ ଥିଲା, ଯାହା ପାଇଁ ଏସ୍ଏସ୍ଇପିଡି ବିଭାଗ ଦ୍ୱାରା ଅନୁଦାନର ବ୍ୟବସ୍ଥା କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଉଲ୍ଲେଖ କରାଯାଇଥିବା ଉଭୟ ଏସ୍ଏସ୍ଇପିଡି ବିଭାଗ ଏବଂ ନମୁନାଭୁକ୍ତ ବିଦ୍ୟାଳୟ ଗୁଡିକର ସ୍ୱତନ୍ତ୍ର ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରମାନଙ୍କ ଆବଶ୍ୟକ ସହାୟତା ଏବଂ ଉପକରଣ ଯୋଗାଇବାରେ ବିଫଳ ହୋଇଛନ୍ତି, ଯାହା **ସାରଣୀ 2.5.2** ରେ ଉଲ୍ଲେଖ କରାଯାଇଛି ।

***ସାରଣୀ 2.5.2: ନମୁନା ଭୁକ୍ତ ହୋଇଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ ସହାୟତା ଏବଂ ଏପକରଣର ଅଭାବ***

| କ୍ର. ସଂ. | ସହାୟତା ଏବଂ ଉପକରଣ | ନମୁନାଭୁକ୍ତ ବିଦ୍ୟାଳୟ ସଂଖ୍ୟା | ଆବଶ୍ୟକ ଜିନିଷଗୁଡ଼ିକର ସଂଖ୍ୟା | ଉପଲବ୍ଧ | ଅଭାବ (ପ୍ରତିଶତ) |
|---|---|---|---|---|---|
| 1 | ଶ୍ରବଣ ସହାୟତା ଯନ୍ତ୍ର | 15 | 1,059 | 415 | 61 |
| 2 | ବ୍ରେଲି ବହିଗୁଡ଼ିକ | 08 | 6,165 | 4,334 | 30 |
| 3 | ବୌଦ୍ଧିକ ଭାବରେ ବିକଳାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାଦାନ-ଶିକ୍ଷା ଉପକରଣ | 16 | 821 | 226 | 72 |

***(ଉତ୍ସ: ହଷ୍ଟେଲ୍ କର୍ତ୍ତୃପକ୍ଷ ଏବଂ ମିଳିତ ସରଜମିନ ତଦନ୍ତ ଦ୍ୱାରା ପ୍ରଦାନକରାଯାଇଥିବା ରେକର୍ଡଗୁଡ଼ିକ)***

ଅଡିଟ୍ ଦେଖିଲା ଯେ:

- 25ଟି ନମୁନା ଭୁକ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ବ୍ଲକ/ ମ୍ୟୁନିସିପାଲିଟି ଅଞ୍ଚଳରେ ସାମର୍ଥ୍ୟ ଶିବିର[101] (ଶିବିର) ନିୟମିତ ଭାବରେ ଆୟୋଜିତ ହେଉଥିଲା, ଯେଉଁଠି ଭିନ୍ନକ୍ଷମର ପ୍ରକାର ନିରୂପଣ କରି ଓ ସେହି ଆଧାରରେ ଉପଯୁକ୍ତ ଯନ୍ତ୍ରପାତି ସେମାନଙ୍କୁ ଯୋଗାଇ ଦିଆଯିବ । କିନ୍ତୁ, ଶ୍ରବଣରେ ଦୁର୍ବଳ ମାନଙ୍କ ପାଇଁ 15ଟି ନମୁନା ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ 2018-19 ରୁ 2022-23 ମଧ୍ୟରେ ପ୍ରତ୍ୟେକ ମାସର 15 ତାରିଖ ଦିନ ଅନୁଷ୍ଠିତ ଶିବିରରେ ଅଂଶ ଗ୍ରହଣ କରିପାରି ନଥିଲେ କାରଣ ସାମର୍ଥ୍ୟ ଶିବିର ଆୟୋଜନ ବିଷୟରେ ସଂପୃକ୍ତ ଡିଏସଏସଓ ଗୁଡିକ ଦ୍ୱାରା ବିଦ୍ୟାଳୟ କର୍ତ୍ତୃକ୍ଷଙ୍କୁ ଅବଗତ କରାଯାଇନଥିଲା । ଫଳସ୍ୱରୂପ 15ଟି ନମୁନା ବିଦ୍ୟାଳୟର 644 ଶ୍ରବଣରେ ଦୁର୍ବଳ ଛାତ୍ରଛାତ୍ରୀ ଶବ୍ଦ ଉପକରଣ ପାଇବାରୁ ବଞ୍ଚିତ ହୋଇଥିଲେ । ଯଦିଓ ଏସଏସଇପିଡି ବିଭାଗ, ଜିଲ୍ଲାପାଳ ମାଧ୍ୟମରେ ସାମର୍ଥ୍ୟ ଶିବିର ଆୟୋଜନ କରୁଥିଲା, ଏହା ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକ ଅନ୍ତର୍ଭୁକ୍ତ ନହେବା ବ୍ଲକ/ ପୌର ପାଳିକା ସ୍ତରରେ ସମନ୍ୱୟର ଅଭାବକୁ ଦର୍ଶାଇଥିଲା ।

[101] ବିବିଏସ୍ଏ, ମାର୍ଗଦର୍ଶିକା ଅନଯାୟୀ ଏକ ଅଭିଯାନ ପଦ୍ଧତିର ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ଏକକ ୱିଣ୍ଡୋ ପଦ୍ଧତି

- ରାଜ୍ୟରେ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ଲାଗୁ ହୋଇଥିବା ସମଗ୍ର ଶିକ୍ଷା ଅଧିନରେ ଦୃଷ୍ଟିହୀନ ଛାତ୍ରମାନଙ୍କୁ ବ୍ରେଲି ବହି ଯୋଗାଇ ଦିଆଯାଉଥିଲା । ଏହି ପୁସ୍ତକ ଗୁଡିକ ଓଡିଶା ସରକାରଙ୍କ ଦ୍ୱାରା ପାଠ୍ୟ ପୁସ୍ତକ ମୁଦ୍ରଣାଳୟରେ ମୁଦ୍ରିତ ହୁଏ । ଦୃଷ୍ଟିହୀନ ପାଇଁ ନମୁନା 15ଟି ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟରୁ ଆଠଟିରେ ଅଡିଟ୍ ଦେଖିଲେ ଯେ 6,165 ବ୍ରେଲି ବହିର ଆବଶ୍ୟକତା ଥିବାବେଳେ 2018-19ରୁ 2022-23 ଶିକ୍ଷାବର୍ଷ ମଧ୍ୟରେ 1,831 (30 ପ୍ରତିଶତ) ପୁସ୍ତକ ଛାତ୍ରମାନଙ୍କୁ ଉପଲବ୍ଧ କରାଯାଇନାହିଁ, କାରଣ ଓଡିଶା ପାଠ୍ୟ ପୁସ୍ତକ ମୁଦ୍ରଣାଳୟ ଦ୍ୱାରା ବ୍ରେଲି ବହିର ମୁଦ୍ରଣ ଠିକ୍ ସମୟରେ ହୋଇପାରି ନଥିଲା ।

- ଏହା ବ୍ୟତୀତ ଅଡିଟ୍ ତିନିଟି[102] ନମୁନା ସ୍ୱତନ୍ତ୍ର ବିଦ୍ୟାଳୟରେ, କମ୍ପ୍ୟୁଟର ଏବଂ ଆନୁଷଙ୍ଗିକ ଉପକରଣର[103] ନିଷ୍କ୍ରିୟତାକୁ ମଧ୍ୟ ଲକ୍ଷ୍ୟ କଲା । ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ, ଭାରତ ସରକାର, ସୂଚନା ଏବଂ କମ୍ପ୍ୟୁଟର ଟେକ୍ନୋଲୋଜି (ଆଇସିଟି) ଲାବୋରେଟୋରୀ ପ୍ରତିଷ୍ଠା ପାଇଁ ଏହି ତିନିଟି ନମୁନା ବିଦ୍ୟାଳୟକୁ କମ୍ପ୍ୟୁଟର ଏବଂ ଆନୁଷଙ୍ଗିକ ଉପକରଣ ଦେଇଥିଲେ । ବିଦ୍ୟାଳୟ ଗୁଡିକ ଦ୍ୱାରା କମ୍ପ୍ୟୁଟର ଶିକ୍ଷକଙ୍କ ନିଯୁକ୍ତି ନହେବାରୁ କମ୍ପ୍ୟୁଟର ଉପକରଣ ଅବ୍ୟବହୃତ ହୋଇ ପଡିଥିଲା, ଯାହା **ଚିତ୍ର 2.5.4** ରେ ଦର୍ଶାଯାଇଛି ।

***ଚିତ୍ର 2.5.4: ନମୁନାଭୁକ୍ତ ହୋଇଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ନିଷ୍କ୍ରିୟ ଅଇସିଟି ଲ୍ୟାବ୍***




***ଦୃଷ୍ଟିହୀନ ବିଦ୍ୟାଳୟ, ମନୋଜ ମଞ୍ଜରୀ ଶିଶୁ ଭବନ କେନ୍ଦୁଝର କମ୍ପ୍ୟୁଟର ନିଷ୍କ୍ରିୟ (16.08.2023)***




***ଦୃଷ୍ଟିହୀନ ରେଡକ୍ରସ ବିଦ୍ୟାଳୟ, ଆମପୁଆ ବ୍ରହ୍ମପୁରରେ କମ୍ପ୍ୟୁଟର ନିଷ୍କ୍ରିୟ (20.01.2024)***

- ମନୋଜ ମଞ୍ଜରୀ ଶିଶୁଭବନ (ଶ୍ରବଣରେ ଦୁର୍ବଳଙ୍କ ପାଇଁ) କେନ୍ଦୁଝରରେ ଏକ ସ୍ପିଚ୍ ଥେରାପି ମେସିନ୍ ମାର୍ଚ୍ଚ 2018 ଠାରୁ କାର୍ଯ୍ୟକ୍ଷମ ନହୋଇ ପଡି ରହିଥିଲା । ମେସିନ୍ କାର୍ଯ୍ୟ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା ।

### 2.5.4.1 *ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପ୍ରର୍ଯ୍ୟାପ୍ତ ସୁବିଧାର ଅଭାବ*

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଜାରି କରାଯାଇଥିବା ସଂକଳ୍ପର ଅନୁଚ୍ଛେଦରେ ଦର୍ଶାଯାଇଅଛି ଯେ ଆବାସିକ ସ୍ୱତନ୍ତ୍ର ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଭିନ୍ନକ୍ଷମ ପିଲାମାନଙ୍କୁ ଖଟ, ଗଦି, ବେଡ୍‌ସିଟ୍, କମ୍ବଳ ଏବଂ ମଶାରୀ ଯୋଗାଇ ଦିଆଯିବ । ଏହାର ବ୍ୟତିକ୍ରମ 59ଟି ନମୁନା ବିଦ୍ୟାଳୟରେ ମିଳିତ ସରଜମିନ ତଦନ୍ତରେ ଦୃଷ୍ଟିକୁ ଆସିଥିଲା, ଯାହା ନିମ୍ନରେ ଦର୍ଶାଯାଇଛି ।

***ସାରଣୀ 2.5.3: ଆବାସିକ ବିଦ୍ୟାଳୟର ପ୍ରତ୍ୟେକ ଭିନ୍ନକ୍ଷମ ପିଲାଙ୍କୁ ପ୍ରଦାନ କରାଯାଉଥିବା ସୁବିଧାର ଅଭାବ***

| କ୍ର. ସଂ. | ସରଞ୍ଜାମର ନାମ | ଆବଶ୍ୟକ ସଂଖ୍ୟା | ଉପଲବ୍ଧ ସଂଖ୍ୟା | ଅଭାବ | ଅଭାବର ପ୍ରତିଶତ |
|---|---|---|---|---|---|
| 1 | ଖଟ | 3,841 | 2,206 | 1635 | 43 |
| 2 | ଗଦି | 3,841 | 2,705 | 1136 | 30 |

102 ମନୋଜ ମଞ୍ଜରୀ ଶିଶୁ ଭବନ, ଦୃଷ୍ଟିହୀନଙ୍କ ପାଇଁ କେନ୍ଦୁଝର, ଦୃଷ୍ଟିହୀନମାନଙ୍କ ପାଇଁ ହେଲେନ୍ କେଲର୍ ରେଡ୍‌କ୍ରସ୍ ବିଦ୍ୟାଳୟ ଆମପୁଆ, ବ୍ରହ୍ମପୁର, ଛତ୍ରପୁର ଏବଂ ବଧିର ମାନଙ୍କ ପାଇଁ ରେଡ୍‌କ୍ରସ୍ ବିଦ୍ୟାଳୟ ଆମପୁଆ, ବ୍ରହ୍ମପୁର, ଛତ୍ରପୁର

103 10 ଟି କମ୍ପ୍ୟୁଟର ଯେଉଁଥିରେ ଆନୁଷଙ୍ଗିକ ଯଥା-ମନିଟର୍, ୟୁପିଏସ୍, ପ୍ରିଣ୍ଟର୍ ଇତ୍ୟାଦି ଅନ୍ତର୍ଭୁକ୍ତ

| କ୍ର. ସଂ. | ସରଞ୍ଜାମର ନାମ | ଆବଶ୍ୟକ ସଂଖ୍ୟା | ଉପଲବ୍ଧ ସଂଖ୍ୟା | ଅଭାବ | ଅଭାବର ପ୍ରତିଶତ |
|---|---|---|---|---|---|
| 3 | ବିଛଣା | 3,841 | 3,547 | 294 | 8 |
| 4 | କମ୍ବଳ | 3,841 | 3,061 | 780 | 20 |
| 5 | ମଶାରୀ | 3,841 | 3,127 | 714 | 19 |

***(ଉତ୍ସ: ସ୍ୱତନ୍ତ୍ର ବିଦ୍ୟାଳୟର ହେଡ୍‌ମାଷ୍ଟରଙ୍କ ଦ୍ୱାରା ଜାରି ସୂଚନା ଗୁଡ଼ିକ)***

ସଂପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରାବାସର ଅନ୍ତେବାସୀମାନଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ପ୍ରାପ୍ତ ରକ୍ଷଣାବେକ୍ଷଣ ଅନୁଦାନରୁ ଉପରୋକ୍ତ ସୁବିଧା ପ୍ରଦାନ କରାଯିବାର ଆବଶ୍ୟକତା ଥିଲା । ଏହି 59 ନମୁନା ବିଦ୍ୟାଳୟଗୁଡିକ ରକ୍ଷଣାବେକ୍ଷଣ ଅନୁଦାନ ପାଇବା ସତ୍ତ୍ୱେ ସୁବିଧା ସୁଯୋଗର ଯୋଗାଣ ନକରିବା, ଯେଉଁ ଉଦ୍ଦେଶ୍ୟରେ ଅନୁଦାନ ଦିଆଯାଇଥିଲା, ତାହା ସେଥିପାଇଁ ବ୍ୟବହୃତ ନ ହେବାର ସୂଚିତ କରୁଥିଲା ।

ଭିତ୍ତିଭୂମି ସହାୟତା ଏବଂ ଯନ୍ତ୍ରପାତି ତଥା ମୌଳିକ ସୁବିଧା ଗୁଡିକର ଅଭାବ ଉପରେ ଅଡିଟ୍ ଲକ୍ଷ୍ୟ କଲେ ଯେ, ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ କରିବା ପାଇଁ ଓ ସ୍ୱତନ୍ତ୍ର ବିଦ୍ୟାଳୟର ବିଦ୍ୟମାନ ଭିତ୍ତିଭୂମି ବୃଦ୍ଧି ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନାହିଁ ।

### 2.5.5 ସ୍ୱତନ୍ତ୍ର ବିଦ୍ୟାଳୟରେ ଅପର୍ଯ୍ୟାପ୍ତ ମାନବ ସମ୍ବଳ

ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ବିଦ୍ୟାଳୟର ପ୍ରତିଷ୍ଠା, ସ୍ୱୀକୃତି ଏବଂ ଶିକ୍ଷା ପ୍ରଦାନ ପାଇଁ ମାର୍ଗଦର୍ଶିକାର ଅନୁଚ୍ଛେଦ 9 ବ୍ୟବସ୍ଥା କରେ ଯେ ଯଥାଚିତ ଅନୁମତି ସହିତ ଖୋଲା ଯାଇଥିବା ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକୁ ଓଡିଶା ଆରଟିଇ ନିୟମ 2010 ଏବଂ ଓଡିଶା ଶିକ୍ଷା ଅଧିନିୟମ 1969 ଅନୁଯାୟୀ ସ୍ୱୀକୃତି ପାଇବାକୁ ହେବ । ମାର୍ଗଦର୍ଶିକାର ଅନୁଚ୍ଛେଦ 10 ଅନୁଯାୟୀ ସ୍ୱୀକୃତ ଶିକ୍ଷାନୁଷ୍ଠାନଗୁଡ଼ିକ ହିଁ ଗ୍ରାଣ୍ଟ୍-ଇନ୍-ଏଡ ପାଇବାକୁ ଯୋଗ୍ୟ ।

ବୌଦ୍ଧିକ ଅକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ଗୁଡିକୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସ୍ୱୀକୃତି ପ୍ରଦାନ କରିବାର କ୍ଷମତା ଅଛି । ଅନ୍ୟ ବିଦ୍ୟାଳୟଗୁଡିକୁ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡିଶା ଶିକ୍ଷା ଅଧିନିୟମ ଧାରା 6 (ଏ) ଅନୁଯାୟୀ ସ୍ୱୀକୃତି ପ୍ରଦାନ କରିବାର ବ୍ୟବସ୍ଥା ଅଛି । ଉକ୍ତ ବ୍ୟବସ୍ଥା ଅନୁଯାୟୀ, ସଂପୃକ୍ତ ବିଦ୍ୟାଳୟ ପରିଚାଳକ ଦ୍ୱାରା ବିଦ୍ୟାଳୟର ସଠିକ୍ କାର୍ଯ୍ୟକାରିତା ପାଇଁ ଭିତ୍ତିଭୂମି ତଥା ମାନବ ସମ୍ବଳ ଆବଶ୍ୟକତା ପୂରଣ କରିବାରେ ବିଫଳତା ହେଲେ ସରକାର ସ୍ୱୀକୃତି ପ୍ରତ୍ୟାହର କରିପାରିବେ । ଜାରି କରାଯାଇଥିବା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶାବଳୀ (ଅଗଷ୍ଟ 2015) ଏବଂ ମାର୍ଗଦର୍ଶିକାର ଧାରା 2 (ଜୁନ୍ 2022) ଅନୁଯାୟୀ, ଦୃଷ୍ଟିହୀନ, ଶ୍ରବଣ ଶକ୍ତି ଦୁର୍ବଳ ତଥା ବୌଦ୍ଧିକ ଅକ୍ଷମ ପିଲାମାନଙ୍କ କ୍ଷେତ୍ରରେ ଶିକ୍ଷକ ଏବଂ ଛାତ୍ର ଅନୁପାତ 1:10 ହେବା ଉଚିତ୍ ।

ଅଡିଟ୍ ଲକ୍ଷ୍ୟ କଲେ ଯେ 65 ଟି ନମୁନା ବିଦ୍ୟାଳୟ ମଧ୍ୟରୁ 57 ଟିରେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଥିଲା, ଯାହା **ସାରଣୀ 2.5.4** ରେ ଦର୍ଶାଯାଇଛି ।

***ସାରଣୀ 2.5.4: ନମୁନାଭୁକ୍ତ ହୋଇଥିବା ସ୍ୱତନ୍ତ୍ର ବିଦ୍ୟାଳୟରେ କର୍ମଚାରୀଙ୍କ ସ୍ଥିତି***

| କ୍ର. ସଂ. | ପଦବୀ | ଆବଶ୍ୟକ ସଂଖ୍ୟା | ଉପସ୍ଥିତ ସଂଖ୍ୟା | ସ୍ୱଳ୍ପତା (ପ୍ରତିଶତ) |
|---|---|---|---|---|
| | ***ଶିକ୍ଷକ କର୍ମଚାରୀ*** | | | |
| 1 | ସହାୟକ ଶିକ୍ଷକ (ଟିଜି) | 81 | 51 | 30 (37) |
| 2 | ସହାୟକ ଶିକ୍ଷକ (ଟିଆଇ) | 198 | 130 | 68 (34) |
| 3 | ଭାଷା ଶିକ୍ଷକ | 20 | 10 | 10 (50) |
| | ମୋଟ | **299** | **191** | **108(36)** |
| | ***ଦକ୍ଷତା ବିକାଶ କର୍ମଚାରୀ*** | | | |
| 1 | ହସ୍ତଶିଳ୍ପ ଶିକ୍ଷକ | 39 | 23 | 16(41) |
| 2 | ଶାରୀରିକ ଶିକ୍ଷକ | 53 | 36 | 17(32) |
| 3 | କମ୍ପ୍ୟୁଟର ଶିକ୍ଷକ | 22 | 4 | 18(81) |
| 4 | ବକ୍ତବ୍ୟ ଚିକିତ୍ସକ | 24 | 5 | 19(79) |
| 5 | ମନୋବିଜ୍ଞାନୀ | 19 | 5 | 14(74) |

| କ୍ର. ସଂ. | ପଦବୀ | ଆବଶ୍ୟକ ସଂଖ୍ୟା | ଉପସ୍ଥିତ ସଂଖ୍ୟା | ସ୍ୱଳ୍ପତା (ପ୍ରତିଶତ) |
|---|---|---|---|---|
| 6 | ସାଇକୋଥେରାପିଷ୍ଟ | 20 | 7 | 13(65) |
| 7 | ସଙ୍ଗୀତ ଶିକ୍ଷକ | 21 | 12 | 9(43) |
| 8 | କଳା ଶିକ୍ଷକ | 26 | 14 | 12(46) |
| | **ମୋଟ** | **224** | **106** | **118(53)** |
| | ***ଅଣ-ଶିକ୍ଷକ କର୍ମଚାରୀ*** | | | |
| 1 | ୱାର୍ଡେନ | 52 | 27 | 25(48) |
| 2 | ରୋଷେୟା | 53 | 41 | 12(23) |
| 3 | ରୋଷେୟା ସହାୟକ | 22 | 10 | 12(55) |
| 4 | ସୁଇପର ତଥା ୱାଚ୍‌ମ୍ୟାନ | 53 | 33 | 20(38) |
| 5 | ପରିଚାରକ | 121 | 81 | 40(33) |
| 6 | ପରିଚାରିକା (ମହିଳା) | 100 | 59 | 41(41) |
| | **ମୋଟ** | **401** | **251** | **150(37)** |

***(ଉତ୍ସ: ସ୍ୱତନ୍ତ୍ର ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଅଡିଟ୍ ଦେଖିଲେ ଯେ:

- ଆରମ୍ଭରୁ ଛଅଟି ବିଦ୍ୟାଳୟ[104] 1986 ଏବଂ 2012 ମଧ୍ୟରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରୁ ସ୍ୱୀକୃତି ପାଇନଥିଲେ । ଏହା ସତ୍ତ୍ୱେ ସେମାନଙ୍କୁ 2018-19 ରୁ 2022-23 ମଧ୍ୟରେ ଗ୍ରାଣ୍ଟ-ଇନ୍-ଏଡ୍ ଭାବରେ 1.82 କୋଟି ଟଙ୍କା ପ୍ରଦାନ କରା ଯାଇଥିଲା ।

- ବିଦ୍ୟାଳୟଗୁଡିକର ବାର୍ଷିକ ଯାଞ୍ଚ ରିପୋର୍ଟରେ ମାନବ ସମ୍ବଳର ଉପଲବ୍ଧତା ଅଭାବକୁ ଡିଏସ୍ଏସ୍ଓ ଦ୍ୱାରା ସୂଚିତ କରାଯାଇ ନଥିଲା । ତେଣୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ବିଦ୍ୟାଳୟଗୁଡିକର ମାନ୍ୟତା ଜାରୀ ରଖିବା ସମୀକ୍ଷା କରାଯାଇପାରି ନଥିଲା ।

ଫଳସ୍ୱରୂପ ବିଦ୍ୟାଳୟଗୁଡିକ ଦ୍ୱାରା ଆବଶ୍ୟକ ସର୍ତ୍ତ ପୂରଣ ହେବା ନିଶ୍ଚିତ କରିବା, ସ୍ୱୀକୃତି ପ୍ରଦାନ ଏକ ନିୟନ୍ତ୍ରକ ପ୍ରଣାଳୀ ପ୍ରଭାବହୀନ ହୋଇଥିଲା ।

### 2.5.6 ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକର ଅପର୍ଯ୍ୟାପ୍ତ ନିରୀକ୍ଷଣ ଏବଂ ଯାଞ୍ଚ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଡିଏସ୍ଏସ୍ଓ ଦ୍ୱାରା ସ୍ୱତନ୍ତ୍ର ବିଦ୍ୟାଳୟ ଗୁଡିକର ଯାଞ୍ଚ ଏବଂ ତଦାରଖରେ ନିମ୍ନଲିଖିତ ତ୍ରୁଟି ଗୁଡିକ ଲକ୍ଷ୍ୟ କରାଗଲା:

- ***ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକ ପାଇଁ ଜିଲ୍ଲା ଯାଞ୍ଚ କମିଟିର ଅଭାବ:*** 2013 ଏବଂ 2022 ର ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ,ସ୍ୱୀକୃତି ଏବଂ ଶିକ୍ଷା ପ୍ରଦାନ କରିବା ନିର୍ଦ୍ଦେଶାବଳୀ ଅନୁଯାୟୀ, ଏକ ଜିଲ୍ଲା ଯାଞ୍ଚ କମିଟି ରହିବ, ଯାହା ପ୍ରତ୍ୟେକ ଅନୁଷ୍ଠାନକୁ ଅତି କମ୍‌ରେ ଛଅ ମାସରେ ଥରେ ଯାଞ୍ଚ କରିବ ଏବଂ ଜିଲ୍ଲାପାଳଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିବ । ଛଅଟି ଜିଲ୍ଲାରେ ଜିଲ୍ଲା ଯାଞ୍ଚ କମିଟି[105] ଗଠନ କରାଯାଇ ନଥିଲା ।

- ***ସ୍ୱତନ୍ତ୍ର ବିଦ୍ୟାଳୟଗୁଡିକର ଅନୁପଯୁକ୍ତ ଯାଞ୍ଚ :*** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶ ଦେଇଥିଲା (ଡିସେମ୍ବର 2018) ଯେ ବୃଦ୍ଧାଶ୍ରମ, ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ନିଶା ନିବାରଣ କେନ୍ଦ୍ର ଭଳି ସମସ୍ତ ଅନୁଷ୍ଠାନକୁ ପ୍ରତି ମାସରେ ଅତି କମରେ ଦୁଇଥର ଡିଏସ୍ଏସ୍ଓ, ସବ୍ ଡିଭିଜନାଲ ସାମାଜିକ ସୁରକ୍ଷା ଅଧିକାରୀ (ଏସ୍ଏସ୍ଏସ୍ଓ) ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ)ଦ୍ୱାରା ଯାଞ୍ଚ କରାଯିବା ଉଚିତ୍ ଏବଂ ରିପୋର୍ଟକୁ ଜିଲ୍ଲାପାଳ ଏବଂ ବିଭାଗକୁ ଦାଖଲ

[104] ଦୃଷ୍ଟିହୀନଙ୍କ ବିଦ୍ୟାଳୟ: 2 ଏବଂ ଶ୍ରବଣ ବାଧାପ୍ରାପ୍ତଙ୍କ ପାଇଁ: 4

[105] ଅତିରିକ୍ତ ଜିଲ୍ଲା ମେଜିଷ୍ଟ୍ରେଟ୍, ଅଧ୍ୟକ୍ଷ, ଡିଏସ୍ଏସ୍ଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ କମିଟିର ସଦସ୍ୟ ଭାବରେ

କରାଯିବ । ଏହି ମାନଦଣ୍ଡ ବିରୁଦ୍ଧରେ, ଯାଞ୍ଚରେ ଅଭାବ 96 ରୁ 99 ପ୍ରତିଶତ ମଧ୍ୟରେ ଥିଲା, ଯାହା **ସାରଣୀ 2.5.5** ରେ ଦର୍ଶାଯାଇଛି ।

***ସାରଣୀ 2.5.5: 2018-19, 2019-20 ଏବଂ 2022-23 ମଧ୍ୟରେ କରାଯାଇଥିବା ଯାଞ୍ଚର ବିବରଣୀ***

| ଯାଞ୍ଚ ଅଧିକାରୀ | ସ୍ଥିର ନିୟମ | ଆବଶ୍ୟକ ଯାଞ୍ଚ ସଂଖ୍ୟା | ପ୍ରକୃତ ଯାଞ୍ଚ ସଂଖ୍ୟା | ସ୍ୱଳ୍ପତାର ପ୍ରତିଶତ |
|---|---|---|---|---|
| ଡିଏସ୍ଏସ୍ଓ | ପ୍ରତିମାସରେ ଦୁଇଥର | 4,680[106] | 167 | 96 |
| ଏସ୍ଏସ୍ଏସ୍ଓ | ପ୍ରତିମାସରେ ଦୁଇଥର | 4,680 | 17 | 99 |
| ବିଏସ୍ଏସ୍ଓ | ପ୍ରତିମାସରେ ଦୁଇଥର | 4,680 | 26 | 99 |

***(ଉତ୍ସ: ଡିଏସ୍ଏସ୍ଓ / ହଷ୍ଟେଲ କତର୍ତୃପକ୍ଷମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

- ***ଜିଲ୍ଲାପାଳଙ୍କ ଦ୍ୱାରା ସମୀକ୍ଷାର ଅଭାବ:*** ଜିଲ୍ଲାପାଳ ପ୍ରତ୍ୟେକ ମାସରେ ସତନ୍ତ୍ର ବିଦ୍ୟାଳୟର କାର୍ଯ୍ୟକାରିତା ଦିଗକୁ ସମୀକ୍ଷା କରିବେ ଏବଂ ଜାନୁଆରୀ 2013ର ଗାଇଡ୍‌ଲାଇନ୍ ଅନୁଯାୟୀ ବିଭିନ୍ନ କାର୍ଯ୍ୟକର୍ତ୍ତାଙ୍କ କ୍ଷେତ୍ର ପରିଦର୍ଶନ ରିପୋର୍ଟକୁ ଅଧ୍ୟୟନ କରିବେ । ଆଠଟି ନମୁନା ଜିଲ୍ଲା ମଧ୍ୟରୁ ପାଞ୍ଚଟିରେ[107] ସତନ୍ତ୍ର ବିଦ୍ୟାଳୟର ସମୀକ୍ଷା ଜିଲ୍ଲାପାଳ କିମ୍ବା ଜିଲ୍ଲାର ଅନ୍ୟ କୌଣସି କର୍ମକର୍ତ୍ତାଙ୍କ ଦ୍ୱାରା କରାଯାଇ ନଥିଲା ।

- ***ଏସଏସଇପିଡି ବିଭାଗ ଦ୍ୱାରା ଯାଞ୍ଚ ଓ ତଦାରଖର ଅଭାବ:*** ଜାନୁଆରୀ 2013 ର ମାର୍ଗଦର୍ଶିକା ଅନୁଯାୟୀ, ସରକାର ଏବଂ ଭିନ୍ନକ୍ଷମ  ରାଜ୍ୟ କମିଶନର, ଜିଲ୍ଲାପାଳଙ୍କ ଠାରୁ ପ୍ରାପ୍ତ ରିପୋର୍ଟକୁ ଆଧାରରେ ସତନ୍ତ୍ର ବିଦ୍ୟାଳୟର କାର୍ଯ୍ୟକାରିତାର ସମୀକ୍ଷା କରିବେ । ଡିଏସ୍ଏସ୍ଓମାନେ[108] ବିଦ୍ୟାଳୟଗୁଡ଼ିକର ଯାଞ୍ଚ କରନ୍ତି ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ରିପୋର୍ଟ ଦାଖଲ କରନ୍ତି, ଯାହା ଆଧାରରେ ବିଦ୍ୟାଳୟ ଗୁଡିକୁ ଅନୁଦାନ ମଞ୍ଜୁର କରା ଯାଇଥାଏ । ଭିତ୍ତିଭୂମି, ଶିକ୍ଷାଦାନ-ଶିକ୍ଷା ଉପକରଣ, ସୁବିଧା ଏବଂ ମାନବ ସମ୍ବଳ ଉପରେ ଥିବା ବିଭିନ୍ନ ତ୍ରୁଟି ଉପରେ, ଡିଏସ୍ଏସ୍ଓର ଯାଞ୍ଚ୍ ରିପୋର୍ଟ ନୀରବ ରହିଥିଲା । ଏସ୍ଏସ୍ଇପିଡି ବିଭାଗ ନିଜେ କୌଣସି ବିଦ୍ୟାଳୟର ଯାଞ୍ଚ ନକରି ଏପରି ଅଭାବୀ ରିପୋର୍ଟ ଉପରେ ନିର୍ଭର କରିଥିଲେ ।

ଯାଞ୍ଚ ଏବଂ ତଦାରଖ ବ୍ୟବସ୍ଥା କମ୍ ଥିଲା । ଫଳସ୍ୱରୂପ ଭିନ୍ନକ୍ଷମ  ପିଲାମାନଙ୍କର ଅଧିକାର ଏବଂ ହକ୍ ପାଇଁ ଆରପିଡବ୍ଲୁଡି ନିୟମ ଏବଂ ଆରଟିଆଇ ଅଧିନିୟମର ନିୟମାବଳୀ ପାଳନ କରାଯାଇ ନଥିଲା । ବୈଧାନିକ ବ୍ୟବସ୍ଥାକୁ ଅନୁପାଳନ ନକରିବା, ସତନ୍ତ୍ର ବିଦ୍ୟାଳୟର ଶ୍ରେଣୀଗୃହର ଅଭାବ, ହଷ୍ଟେଲ ପ୍ରକୋଷ୍ଠ ଗୁଡିକର ଦୟନୀୟ ଅବସ୍ଥା ସହିତ ସ୍ଥାନର ଅଭାବ, ଅସ୍ୱାସ୍ଥ୍ୟକର ଶୌଚାଳୟ, ପାନୀୟ ଜଳର ଅଭାବ ଇତ୍ୟାଦିରେ ପ୍ରତିଫଳିତ ହେଉଥିଲା । ତେଣୁ ଉପରୋକ୍ତ ଆଇନ୍ ଅନୁଯାୟୀ ରାଜ୍ୟ ସରକାର ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ଯେଉଁ ପ୍ରକାରର ବିଶେଷ ଯତ୍ନ ଓ ଉଦାରତା ଅବଲମ୍ବନ କରିବା ଦରକାର, ତାହାର ଅଭାବ ପରିଲକ୍ଷିତ ହୋଇଥିଲା ।

ଉପରୋକ୍ତ ବିଷୟଗୁଡିକ (ଅପ୍ରେଲ୍ 2024) ସରକାରଙ୍କୁ ରିପୋର୍ଟ କରାଯାଇଅଛି । ଉତ୍ତର ପ୍ରାପ୍ତ ହୋଇ ନାହିଁ (ଜାନୁଆରୀ 2025) ।

---

106 ବର୍ଷ ପ୍ରତି 24 ଥର x 3 ବର୍ଷ x 65 ସତନ୍ତ୍ର ବିଦ୍ୟାଳୟ

107 ବାଲେଶ୍ୱର, ବଲାଙ୍ଗୀର, କେନ୍ଦ୍ରାପଡ଼ା, ପୁରୀ ଏବଂ ଗଞ୍ଜାମ

108 ଡିଏସଏସଓ ଯାଞ୍ଚ କରିବେ ଏବଂ ଜିଲ୍ଲାପାଳଙ୍କ ତରଫରୁ ରିପୋର୍ଟ ପ୍ରଦାନକରିବେ ।

## ଉଚ୍ଚଶିକ୍ଷା ବିଭାଗ

## 2.6 ରାଜ୍ୟରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର କାର୍ଯ୍ୟାନ୍ୱୟନ


**କାର୍ଯ୍ୟନିର୍ବାହୀ ସାରାଂଶ**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାର ମିଳିତ ଭାବେ ରାଜ୍ୟରେ ଛଅଟି ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଅର୍ଥ ପ୍ରଦାନ କରିଥିଲେ । ମାତ୍ର, ଉପଯୁକ୍ତ ଭୂମି ଚୟନ ହୋଇନଥିବାରୁ 40.74 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ, ଏହି କଲେଜଗୁଡ଼ିକ ପ୍ରତିଷ୍ଠା ହୋଇପାରିନଥିଲା । ସେହିପରି, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଅଧୀନରେ ଏକ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖର୍ଚ୍ଚ ହୋଇଥିବା 11.30 କୋଟି ଟଙ୍କାର କୌଣସି ସୁଫଳ ମିଳିନଥିଲା, କାରଣ ବିଶ୍ୱବିଦ୍ୟାଳୟର ସୁପରିଚାଳନା ପାଇଁ ଏକ ଶାସନଗତ ଢାଞ୍ଚା ପ୍ରସ୍ତୁତ କରିବାରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ବିଫଳ ହୋଇଥିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟରେ 24.18 କୋଟି ଟଙ୍କାର ରୁସା ଅନୁଦାନ କମ୍ପ୍ୟୁଟର କ୍ରୟ, ପ୍ରଶାସନିକ କୋଠା ନିର୍ମାଣ, ଘରୋଇ ଆସବାବପତ୍ର କ୍ରୟ ଉତ୍ୟାଦିରେ ଖର୍ଚ୍ଚ ହୋଇଥିଲା, ଯାହାକି ଅନୁମୋଦିତ ଯୋଜନା ନିର୍ଦ୍ଦେଶାବଳୀ ବହିର୍ଭୁତ ଥିଲା । ଆହୁରି ମଧ, ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଗ୍ରାମୀଣ ଟେକ୍ନୋଲୋଜି ପାର୍କ ନିର୍ମାଣ, ବିଜୁ ପଟ୍ଟନାୟକ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ଦ୍ୱାରା କମ୍ପ୍ୟୁଟର କ୍ରୟରେ ନିରର୍ଥକ ବ୍ୟୟ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ଭିତ୍ତିଭୂମି ବିକାଶ ପାଇଁ ଅତିରିକ୍ତ ବ୍ୟୟ କରାଯାଇଥିଲା ।


### 2.6.1 ଉପକ୍ରମ

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିଲା । ଏହାର କାର୍ଯ୍ୟାନ୍ୱୟନ ଦୁଇଟି ପର୍ଯ୍ୟାୟରେ (ଯଥା- ରୁସା 1.0, ଅକ୍ଟୋବର 2013 ରେ ପ୍ରଥମ ପର୍ଯ୍ୟାୟ ଏବଂ ରୁସା 2.0, 2018 ରେ ଦ୍ୱିତୀୟ ପର୍ଯ୍ୟାୟ) କରାଯାଇଥିଲା । ଉକ୍ତ ଯୋଜନାଟି ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍ ଉଷା) ରୂପରେ ଜୁନ୍ 2023 ରୁ ପୁନଃ ପ୍ରଚଳନ କରାଯାଇଥିଲା । ରୁସା 1.0 ରେ 18 ଟି, ରୁସା 2.0 ରେ 14 ଟି ଉପାଦାନ ଆଧାରରେ ରାଜ୍ୟଗୁଡ଼ିକୁ ପାଣ୍ଠି ଯୋଗାଇ ଦିଆଯାଉଥିଲା । ଓଡ଼ିଶା, ରୁସା 1.0 ଏବଂ ରୁସା 2.0 ଅଧୀନରେ ଯଥାକ୍ରମେ ନଅଟି ଏବଂ ତିନିଟି ଉପାଦାନ ପାଇଁ ଅନୁଦାନ ପାଇଥିଲା, ଯାହାର ବ୍ୟାଖ୍ୟା ***ପରିଶିଷ୍ଟ 2.6.1*** ରେ ବିସ୍ତୃତ ଭାବେ କରାଯାଇଛି ।

2021-22 ମସିହା ଶେଷ ସୁଦ୍ଧା ଉଚ୍ଚଶିକ୍ଷାରେ 32 ପ୍ରତିଶତ ମୋଟ ନାମଲେଖା ଅନୁପାତ ଲକ୍ଷ୍ୟ ହାସଲ କରିବା ସହିତ ରାଜ୍ୟ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ମାନର ଉନ୍ନତି, ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି, ଅଧିକ ଗତିଶୀଳତା, ଗୁଣାତ୍ମକ ସଚେତନତା, ଦ୍ରୁତ ଅର୍ଥନୈତିକ ଏବଂ ବୈଷୟିକ ବିକାଶନ୍ମୁଖୀ କରିବା ଥିଲା ରୁସାର ଉଦ୍ଦେଶ୍ୟ । ଏହି ଯୋଜନାର କାର୍ଯ୍ୟାନ୍ୱୟନ ବ୍ୟୟ/ ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ସରକାର 60:40 ଅନୁପାତରେ ବହନ କରିଥିଲେ ।

ଓଡ଼ିଶାରେ ରୁସାର କାର୍ଯ୍ୟାନ୍ୱୟନ ଦାୟିତ୍ୱ ଉଚ୍ଚଶିକ୍ଷା ବିଭାଗ ଉପରେ ନ୍ୟସ୍ତ କରାଯାଇଥିଲା । ଉଭୟ ରୁସା 1.0 ଏବଂ ରୁସା 2.0 ଅଧୀନରେ ଓଡ଼ିଶାର ମୋଟ 163 ଟି ଉଚ୍ଚ ଶିକ୍ଷା ପ୍ରତିଷ୍ଠାନକୁ ଅନ୍ତର୍ଭୁକ୍ତ[109] କରାଯାଇଥିଲା । ଏଥିମଧ୍ୟରୁ ପାଞ୍ଚଟି ପ୍ରତିଷ୍ଠାନକୁ କୌଣସି ପାଣ୍ଠି ଉପଲବ୍ଧ ହୋଇନଥିଲା । ବାକି 158 ଟି ପ୍ରତିଷ୍ଠାନ ମଧ୍ୟରୁ, 32 ଟି

[109] ରୁସା କାର୍ଯ୍ୟକ୍ରମରେ ମୋଟ 163 ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ; ରୁସା 1.0-137 ଅନୁଷ୍ଠାନ, ରୁସା 2.0-27 ଅନୁଷ୍ଠାନ (ଉତ୍କଳ ବିଶ୍ୱବିଦ୍ୟାଳୟ ଉଭୟ ରୁସା 1.0 ଏବଂ ରୁସା 2.0 ପାଣ୍ଠି ଗ୍ରହଣ କଲା) । 10 ଟି ବିଶ୍ୱବିଦ୍ୟାଳୟ ଏବଂ 148 କଲେଜକୁ ନେଇ ମୋଟ 158 ଅନୁଷ୍ଠାନ ରୁସା 1.0 ଏବଂ ରୁସା 2.0 ଅଧୀନରେ ପାଣ୍ଠି ଗ୍ରହଣ କଲେ । ଓଡ଼ିଶା ପିଏମ୍-ଉଷାରେ ଅଂଶଗ୍ରହଣ କରିନଥିଲା

ରୁସା 1.0 ଅଧିନରେ ଏବଂ ଗୋଟିଏ ପ୍ରତିଷ୍ଠାନ ରୁସା 2.0 ଅଧିନରେ ପୂର୍ଣ୍ଣ ଅନୁଦାନ (ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ ଅନୁଦାନ) ପାଇବାକୁ ସକ୍ଷମ ହୋଇଥିଲେ ।

ଉକ୍ତ 158 ଟି ପ୍ରତିଷ୍ଠାନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ପାଇଥିବା ଅନୁଦାନ ଏବଂ ତତ୍‌ସମ୍ବନ୍ଧୀୟ ଖର୍ଚ୍ଚର ବର୍ଷୱାରୀ ବିବରଣୀ **ସାରଣୀ 2.6.1** ରେ ପ୍ରଦତ୍ତ ହେଲା ।

***ସାରଣୀ 2.6.1: ପାଣ୍ଠିର ପ୍ରାପ୍ତି ଏବଂ ବ୍ୟବହାର (ଟଙ୍କା କୋଟିରେ)***

| ବର୍ଷ | ପ୍ରାରମ୍ଭିକ ଅବଶେଷ | ପାଣ୍ଠି ଗ୍ରହଣ କରାଯାଇଛି | | | ଉପଯୋଗ | ଅନ୍ତିମ ଅବଶେଷ | ବ୍ୟବହାରର ପ୍ରତିଶତ |
|---|---|---|---|---|---|---|---|
| | | କେନ୍ଦ୍ରୀୟ ଅଂଶ | ରାଜ୍ୟ ଅଂଶ | ସମୁଦାୟ | | | |
| 2013-14 | 0 | 34.14 | 18.38 | 52.52 | 0 | 52.52 | 0 |
| 2014-15 | 52.52 | 11.54 | 6.21 | 70.27 | 0 | 70.27 | 0 |
| 2015-16 | 70.27 | 90.90 | 60.60 | 221.77 | 15.32 | 206.45 | 7 |
| 2016-17 | 206.45 | 72.85 | 52.57 | 331.87 | 48.76 | 283.11 | 15 |
| 2017-18 | 283.11 | 67.29 | 54.50 | 404.9 | 129.99 | 274.91 | 32 |
| 2018-19 | 274.91 | 79.16 | 52.77 | 406.84 | 110.74 | 296.10 | 27 |
| 2019-20 | 296.10 | 34.51 | 20.66 | 351.27 | 110.07 | 241.20 | 31 |
| 2020-21 | 241.20 | 5.04 | 3.36 | 249.60 | 54.61 | 194.99 | 22 |
| 2021-22 | 194.99 | 20.90 | 14.56 | 230.45 | 46.40 | 184.05 | 20 |
| 2022-23 | 184.05 | 0.00 | 0.00 | 184.05 | 46.97 | 137.08 | 26 |
| ମୋଟ | | **416.33** | **283.61** | | **562.86** | | |

***(ଉତ୍ସ: ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

158 ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ରୁସା 1.0 ଏବଂ 2.0 ଅଧିନରେ ଅନୁଦାନ ପାଇଥିବା 12[110] ଟି ଶିକ୍ଷାନୁଷ୍ଠାନର ରେକର୍ଡ ଯାଞ୍ଚ କରି (ଆର୍ଥିକ ବର୍ଷ 2017-18 ରୁ 2022-23 ପର୍ଯ୍ୟନ୍ତ) ଯୋଜନା କାର୍ଯ୍ୟାନ୍ୱୟନରେ ହୋଇଥିବା ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିଗୁଡ଼ିକ ଅଡିଟ୍ ଠାବ କରିଥିଲା ।

### 2.6.2 ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ଏବଂ ଏହାର ପରିତ୍ୟାଗ

ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନର ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ରୁସା ଶିକ୍ଷାକ୍ଷେତ୍ରରେ ପଛୁଆଥିବା ଜିଲ୍ଲାଗୁଡିକରେ[111] ମଡେଲ୍ ଡିଗ୍ରୀ କଲେଜ[112] (ଏମ୍‌ଡିସି) ପ୍ରତିଷ୍ଠା କରିବାର ପରିକଳ୍ପନା କରିଥିଲା । ପ୍ରତି କଲେଜ ପ୍ରତିଷ୍ଠା ପାଇଁ 12 କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା ।

କଲେଜର କୋଠାବାଡ଼ି ନିର୍ମାଣ ଓ ଆବଶ୍ୟକୀୟ ଉପକରଣ କ୍ରୟ ବାବଦ ଖର୍ଚ୍ଚ କେନ୍ଦ୍ରୀୟ ଅଂଶଧନରୁ ଭରସା ହେବାକୁ ଥିବା ବେଳେ, ଆବର୍ତ୍ତୀ ବ୍ୟୟ, ଯଥା- ଶିକ୍ଷକ ଓ କର୍ମଚାରୀ ମାନଙ୍କ ଦରମା, ବିଦ୍ୟୁତ୍, ଟେଲିଫୋନ୍ ଦେୟ ଇତ୍ୟାଦି ରାଜ୍ୟ ଅଂଶଧନରୁ ଖର୍ଚ୍ଚ ହେବାର ଯୋଜନା ଥିଲା । ଅଡିଟ୍‌ରେ ଦେଖିଲା ଯେ, ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗ 6 ଟି ମଡେଲ୍ ଡିଗ୍ରୀ କଲେଜର ନିର୍ମାଣ କାର୍ଯ୍ୟ ଜାନୁଆରୀ ରୁ ମାର୍ଚ୍ଚ 2019 ମଧ୍ୟରେ ଆରମ୍ଭ କରିଥିଲେ ହେଁ, ପାଞ୍ଚଟି କଲେଜର ନିର୍ମାଣ କାର୍ଯ୍ୟ ପରିତ୍ୟାଗ କରିଥିଲା ଓ ସେମିଳିଗୁଡ଼ା, କୋରାପୁଟରେ ନିର୍ମାଣ ହେଉଥିବା ଅନ୍ୟ ଗୋଟିଏ ଡିଗ୍ରୀ କଲେଜକୁ ଭାଙ୍ଗିବାକୁ ପଡ଼ିଥିଲା, କାରଣ ଏହା ଭାରତମାଳା ପ୍ରକଳ୍ପ ଅଧିନରେ ହେବାକୁ ଥିବା ଜାତୀୟ ରାଜପଥ ସମ୍ପ୍ରସାରଣ ଜାଗାରେ ଥିଲା ।

110 ଛଅଟି ବିଶ୍ୱବିଦ୍ୟାଳୟ: 1. ଉତ୍କଳ ବିଶ୍ୱବିଦ୍ୟାଳୟ, 2. ରମା ଦେବୀ ବିଶ୍ୱବିଦ୍ୟାଳୟ, 3. ରେଭେନ୍ସା ବିଶ୍ୱବିଦ୍ୟାଳୟ, 4. ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, 5. ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ 6. ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଏବଂ ଛଅଟି ମହାବିଦ୍ୟାଳୟ: 1. ମଡେଲ୍ ଡିଗ୍ରୀ ମହାବିଦ୍ୟାଳୟ, ସୋନପୁର, 2. ରେମୁଣା ଡିଗ୍ରୀ ମହାବିଦ୍ୟାଳୟ, ବାଲେଶ୍ୱର, 3. ମଡେଲ୍ ଡିଗ୍ରୀ ମହାବିଦ୍ୟାଳୟ, ନୂଆପଡ଼ା, 4. ନ୍ୟାସନାଲ୍ ମହାବିଦ୍ୟାଳୟ, ନୂଆପଡ଼ା, 5. ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ, ପୁରୀ, 6. ଶ୍ରୀ ଜୟଦେବ ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ନହରକଣ୍ଟା, ଭୁବନେଶ୍ୱର

111 ଜାତୀୟ ହାର ଠାରୁ ନିମ୍ନରେ, ସାକ୍ଷରତା ହାର ପଞ୍ଜିକୃତ ଜିଲ୍ଲାଗୁଡ଼ିକ

112 କଳା, ବିଜ୍ଞାନ ଏବଂ ବାଣିଜ୍ୟରେ ଶିକ୍ଷା ପ୍ରଦାନ କରୁଥିବା ଡିଗ୍ରୀ କଲେଜ ଗୁଡ଼ିକ

### 2.6.2.1 ମଡେଲ୍ ଡିଗ୍ରୀ କଲେଜ କୋଠାର ପରିତ୍ୟାଗ

କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର, ଗଜପତି, କନ୍ଧମାଳ ଏବଂ ଢେଙ୍କାନାଳ (ସବୁଗୁଡ଼ିକ ଆକାଂକ୍ଷିତ ଜିଲ୍ଲା ଅଟନ୍ତି) ଜିଲ୍ଲାରେ ଛଅଟି ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟ ମଇ 2018 ରେ ଅନୁମୋଦନ କରିଥିଲେ । ଜୁଲାଇ 2018 ରେ ଅର୍ଥାଗମ ଉଦ୍ଦେଶ୍ୟରେ ଉଚ୍ଚଶିକ୍ଷା ବିଭାଗ ଉକ୍ତ ଛଅଟି ମଡେଲ୍ ଡିଗ୍ରୀ କଲେଜର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଶିକ୍ଷା ମନ୍ତ୍ରଣାଳୟ ପାଖରେ ଦାଖଲ କରିଥିଲା । ଏହି ରିପୋର୍ଟରେ ଅବଗତ କରାଯାଇଥିଲା ଯେ, ଏହି କଲେଜଗୁଡ଼ିକ ଏପରି ସ୍ଥାନରେ ନିର୍ମିତ ହେବ, ଯେଉଁଠାରେ ସାମାଜିକ ସ୍ତରରେ ଅବହେଳିତ ଜନସଂଖ୍ୟା ଅଧିକ ପରିମାଣରେ ଥିବେ ଏବଂ ସମୀପବର୍ତ୍ତୀ ଅଞ୍ଚଳରେ ସେହିଭଳି କୌଣସି ଶିକ୍ଷାନୁଷ୍ଠାନ ନଥିବ । ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏହି କଲେଜଗୁଡ଼ିକର ନିର୍ମାଣ କାର୍ଯ୍ୟ ରାଜ୍ୟ ପୂର୍ତ୍ତ ବିଭାଗକୁ ଅର୍ପଣ କରିଥିଲେ ।

ଜିଲ୍ଲାର ଜିଲ୍ଲାପାଳମାନେ ସଂପୃକ୍ତ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହିତ ପରାମର୍ଶ କରି, କଲେଜ ଗୃହ ନିର୍ମାଣ ପାଇଁ ଭୂମି ଚୟନ କରିଥିଲେ । ଏକ ବର୍ଷ ମଧ୍ୟରେ (ଜାନୁଆରୀ 2020 ରୁ ମାର୍ଚ୍ଚ 2020 ସୁଦ୍ଧା) କଲେଜ ଗୃହ ନିର୍ମାଣ କାର୍ଯ୍ୟ ସାରିବାର ଲକ୍ଷ୍ୟ ନେଇ ନିର୍ମାଣ କାର୍ଯ୍ୟ ଜାନୁଆରୀ 2019 ରୁ ମାର୍ଚ୍ଚ 2019 ମଧ୍ୟରେ ଆରମ୍ଭ ହୋଇଥିଲା । ମାର୍ଚ୍ଚ 2023 ସୁଦ୍ଧା ଏହି କଲେଜଗୁଡ଼ିକର ନିର୍ମାଣ ସ୍ଥିତି ଏବଂ ତତ୍ ସମ୍ବନ୍ଧୀୟ ଖର୍ଚ୍ଚର ବିବରଣୀ **ସାରଣୀ 2.6.2** ରେ ଦର୍ଶାଗଲା ।

***ସାରଣୀ 2.6.2: ମଡେଲ୍ ଡିଗ୍ରୀ କଲେଜଗୁଡ଼ିକର ନିର୍ମାଣ ସ୍ଥିତି ଏବଂ ଏଥିରେ ହୋଇଥିବା ଖର୍ଚ୍ଚ***

| କ୍ର. ସଂ. | ମଡେଲ୍ ଡିଗ୍ରୀ କଲେଜର ଅବସ୍ଥିତି | ଆରମ୍ଭ ତାରିଖ | ସମାପ୍ତିର ଧାର୍ଯ୍ୟ ତାରିଖ | କାର୍ଯ୍ୟର ସ୍ଥିତି | ଖର୍ଚ୍ଚ (ଟଙ୍କା କୋଟିରେ) |
|---|---|---|---|---|---|
| 1 | ଜୁନାଗଡ଼, କଳାହାଣ୍ଡି | 8 ମାର୍ଚ୍ଚ 2019 | 7 ମାର୍ଚ୍ଚ 2020 | ସଂପୂର୍ଣ୍ଣ ହୋଇଛି | 8.38 |
| 2 | ପାଟଣାଗଡ଼, ବଲାଙ୍ଗୀର | 7 ମାର୍ଚ୍ଚ 2019 | 6 ମାର୍ଚ୍ଚ 2020 | ସଂପୂର୍ଣ୍ଣ ହୋଇଛି | 4.83 |
| 3 | କାଶୀନଗର, ଗଜପତି | 25 ଫେବୃଆରୀ 2019 | 24 ଫେବୃଆରୀ 2020 | ଚାଲୁ ରହିଛି | 6.63 |
| 4 | କେ.ଏନ୍.ନୁଆଗାଁ, କନ୍ଧମାଳ | 31 ଜାନୁଆରୀ 2019 | 30 ଜାନୁଆରୀ 2020 | ସଂପୂର୍ଣ୍ଣ ହୋଇଛି | 5.89[113] |
| 5 | କାମାକ୍ଷାନଗର, ଢେଙ୍କାନାଳ | 20 ଫେବୃଆରୀ 2019 | 30 ଅଗଷ୍ଟ 2021 | ସଂପୂର୍ଣ୍ଣ ହୋଇଛି | 6.30 |
| ମୋଟ | | | | | 32.03 |

***(ଉତ୍ସ: ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟ)***

ଅଡିଟ୍‌ରୁ ଜଣାଗଲା ଯେ, ଚାରିଟି ମଡେଲ୍ ଡିଗ୍ରୀ କଲେଜର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ପଞ୍ଚମଟିର ନିର୍ମାଣ କାର୍ଯ୍ୟ ଚାଲିଛି । ଗଜପତିରେ ପ୍ରସ୍ତାବିତ ମଡେଲ୍ ଡିଗ୍ରୀ କଲେଜର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ତାରିଖରୁ ତିନି ବର୍ଷ ଅଧିକ ବିତିଯାଇଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ ।

ଅଡିଟ୍‌ରେ ଆହୁରି ମଧ୍ୟ ଦେଖାଗଲା ଯେ, ଉନ୍ନୟନ କମିଶନର୍-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ, 16 ଜୁନ୍ 2021 ରେ ହୋଇଥିବା ଏକ ବୈଠକରେ, ଉକ୍ତ ପାଞ୍ଚଟି କୋଠାକୁ, ଡିଗ୍ରୀ କଲେଜ୍ ପାଇଁ ବ୍ୟବହାର ପରିବର୍ତ୍ତେ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଦକ୍ଷତା ବିକାଶ ଯୋଜନା ପ୍ରଣୟନ କରିବା ପାଇଁ ହସ୍ତାନ୍ତର କରିବାର ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତିର ପୃଷ୍ଠଭୂମି ଏହା ଥିଲା ଯେ, ମଡେଲ୍ ଡିଗ୍ରୀ କଲେଜଗୁଡ଼ିକର ନିର୍ମାଣ ପାଇଁ ସ୍ଥାନ ଚୟନ ନିଷ୍ପତ୍ତି ଭୁଲ୍ ଅଟେ କାରଣ ନବନିର୍ମିତ କଲେଜ କୋଠାକୁ ଆଗରୁ ଚାଲିଆସୁଥିବା ଡିଗ୍ରୀ କଲେଜଗୁଡ଼ିକର ପାଖାପାଖି ସ୍ଥାନରେ ନିର୍ମିତ ହୋଇଥିଲା ।

ଉନ୍ନୟନ କମିଶନର୍-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିଶ ଆଧାରରେ ଉକ୍ତ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ 4 ଜାନୁଆରୀ 2022 (ଦୁଇଟି କଲେଜ[114]) ଓ 28 ଜୁଲାଇ 2022 (ତିନିଟି କଲେଜ[115]) ସହମତି ଦେଇଥିଲେ । ତଦନୁସାରେ ପାଞ୍ଚଟି ଯାକ ମଡେଲ୍ ଡିଗ୍ରୀ କଲେଜ କୋଠାଗୁଡ଼ିକୁ ମଇ 2022 ରୁ ଅଗଷ୍ଟ 2022 ମଧ୍ୟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ସମ୍ପୂର୍ଣ୍ଣ ହୋଇଥିବା ଚାରିଟି କୋଠା ମଧ୍ୟରୁ ଦକ୍ଷତା

113 ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଶେଷ ଖର୍ଚ୍ଚ ସଂଖ୍ୟା ପ୍ରଦତ୍ତ କରାଗଲା ନାହିଁ

114 କଳାହାଣ୍ଡି ଏବଂ ଢେଙ୍କାନାଳ

115 କଳାହାଣ୍ଡି, ଗଜପତି ଏବଂ ବଲାଙ୍ଗୀର

ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପାଟଣାଗଡ଼ ଓ ଜୁନାଗଡ଼ ଠାରେ ଥିବା ଦୁଇଟି ମଡେଲ୍ ଡିଗ୍ରୀ କଲେଜ କୋଠାକୁ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ (ଆଇଟିଆଇ) ଏବଂ କାମାକ୍ଷାନଗର ଠାରେ ଥିବା କୋଠାକୁ କ୍ଷୁଦ୍ରମିଆଦୀ ଦକ୍ଷତା ତାଲିମ୍ କେନ୍ଦ୍ର ଭାବରେ ବ୍ୟବହାର କରିଥିଲା । ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ଯୋଜନା ପରିବର୍ତ୍ତନ ବିରୁଦ୍ଧରେ ସ୍ଥାନୀୟ ଅଧିବାସୀମାନଙ୍କର ଆବେଦନ ଉପରେ ମାନ୍ୟବର ନ୍ୟାୟାଳୟ ଦେଇଥିବା ରହିତାଦେଶ ଯୋଗୁଁ କେ.ନୂଆଗାଁ ଠାରେ ଥିବା ଆଉ ଗୋଟିଏ ପୂର୍ଣ୍ଣାଙ୍ଗ କୋଠାକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କୌଣସି କାର୍ଯ୍ୟରେ ବ୍ୟବହାର କରିପାରି ନଥିଲା ।

ଯେଉଁସବୁ ବ୍ଲକ୍‌ରେ ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା କରାଯାଇଥିଲା, ସେଠାରେ ନୂତନ ଡିଗ୍ରୀ କଲେଜ ପ୍ରତିଷ୍ଠାର ଆବଶ୍ୟକତା ଆକଳନ କରିବା ପାଇଁ ସେହିସବୁ ବ୍ଲକ୍‌ରେ ଥିବା ସରକାରୀ ଅନୁଦାନ ପ୍ରାପ୍ତ ଓ ଅଣ-ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ସଂଖ୍ୟା, ତାହାର ଆଡମିଶନ୍ ସାମର୍ଥ୍ୟ ତଥା ନାମଲେଖା ସଂଖ୍ୟା (2015-16 ରୁ 2018-19 ପର୍ଯ୍ୟନ୍ତ)କୁ ବିଚାରକୁ ନେଇ ଅଡିଟ୍ ତଥ୍ୟ ସଂକଳିତ କରିଥିଲା, ଯାହା **ସାରଣୀ 2.6.3** ରେ ଦିଆଯାଇଛି:

***ସାରଣୀ 2.6.3: 2015-16 ରୁ 2018-19 ବର୍ଷ ମଧ୍ୟରେ ଡିଗ୍ରୀ କଲେଜ ସଂଖ୍ୟାର ନାମଲେଖା***

| ସ୍ଥାନ | ଡିଗ୍ରୀ କଲେଜଗୁଡ଼ିକର ସଂଖ୍ୟା | ଆଡମିଶନ ସଂଖ୍ୟା | ନାମ ଲେଖା | ନାମଲେଖା ପ୍ରତିଶତ |
|---|---|---|---|---|
| ଜୁନାଗଡ଼ | 2 | 951 | 768 | 80.76 |
| ପାଟଣାଗଡ଼ | 5 | 3817 | 3542 | 92.80 |
| କାଶୀନଗର | 2 | 2060 | 1541 | 74.81 |
| କେ.ଏନ୍. ନୂଆଗାଁ | 1 | 1107 | 734 | 66.31 |
| କାମାକ୍ଷାନଗର | 4 | 2610 | 2166 | 82.99 |

***(ଉତ୍ସ: ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟ)***

ଉପରୋକ୍ତ ସାରଣୀରୁ ଜଣାଗଲା ଯେ ଯେଉଁ ସବୁ ବ୍ଲକରେ ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା କରାଯାଇଥିଲା, ସେଠାରେ ପୂର୍ବରୁ ଥିବା ଡିଗ୍ରୀ କଲେଜରେ ଆଡ୍‌ମିଶନ୍ ପାଇଁ ସିଟ୍ ବଳକା ରହିଥିଲା । ତେଣୁ, ଏହି ସବୁ ସ୍ଥାନରେ ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା କରିବାର କୌଣସି ଯଥାର୍ଥତା ନଥିଲା । ତେଣୁ, ମଡେଲ୍ ଡିଗ୍ରୀ କଲେଜ ନିର୍ମାଣ ପାଇଁ ସ୍ଥାନ ନିରୂପଣ ଅନୁପଯୁକ୍ତ ଥିଲା । ଏହି ମଡେଲ୍ ଡିଗ୍ରୀ କଲେଜଗୁଡିକ ଆକାଂକ୍ଷିତ ଜିଲ୍ଲାର, ଡିଗ୍ରୀ କଲେଜ ନଥିବା ତଥା ଏହାର ବହୁଳ ଆବଶ୍ୟକତା ଥିବା ଅନ୍ୟ କୌଣସି ସ୍ଥାନରେ ନିର୍ମାଣ କରାଯାଇ ପାରିଥାନ୍ତା । ମାତ୍ର ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଡିପିଆର୍ ପ୍ରସ୍ତୁତ କରିବା ସମୟରେ ସଂପୃକ୍ତ ଜିଲ୍ଲାରେ ଥିବା କଲେଜର ସଂଖ୍ୟା ଏବଂ ପୂର୍ବ ବର୍ଷ କଲେଜରେ ନାମଲେଖା ସଂଖ୍ୟାର ପ୍ରତିଶତକୁ ବିଚାରକୁ ନ ନେଇ ତଫସିଲଭୁକ୍ତ ଜାତି, ଜନଜାତି, ସମୁଦାୟ ଜନସଂଖ୍ୟା ଓ ସର୍ବଶେଷ ମୋଟ ନାମଲେଖା ଅନୁପାତକୁ ବିଚାରକୁ ନିଆଯାଇଥିଲା ।

ତେଣୁ, ଡିପିଆର୍ ଗୁଡିକ ଏତେ ପରିମାଣରେ ତ୍ରୁଟିପୂର୍ଣ୍ଣ ଥିଲା ଯେ, ନୂତନ କଲେଜ ପ୍ରତିଷ୍ଠାର ଆବଶ୍ୟକତା ନିର୍ଣ୍ଣୟ କରିବା ପାଇଁ ନିକଟରେ ଥିବା ପୂର୍ବରୁ ସହାୟତାପ୍ରାପ୍ତ/ ଅଣ ସହାୟତାପ୍ରାପ୍ତ ଡିଗ୍ରୀ କଲେଜ ଏବଂ ସେଥିରେ ନାମଲେଖା ତଥ୍ୟକୁ ବିଚାରକୁ ନିଆଯାଇ ନଥିଲା । ଏହା କଲେଜ କୋଠା ନିର୍ମାଣ କରିବା ପରେ ହିଁ ଭୁଲ ବୋଲି ଅନୁଭବ ହୋଇଥିଲା । ଫଳସ୍ୱରୁପ, ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ଖର୍ଚ୍ଚ ହୋଇଥିବା 32.03 କୋଟି ଟଙ୍କା ଉଚ୍ଚ ଶିକ୍ଷା ଅଭିବୃଦ୍ଧିରେ କିମ୍ବା ରୁସାର ଲକ୍ଷ୍ୟ ସାଧନରେ, କୌଣସି ପ୍ରକାର ସହାୟକ ହେଲା ନାହିଁ ।

ଜୁନ୍ 2024 ରେ ହୋଇଥିବା ଅଡିଟ୍ ବୈଠକରେ ଉଚ୍ଚ ଶିକ୍ଷା ବିଭାଗ ନିଶ୍ଚିତ କରିଛନ୍ତି ଯେ, ଏକ କମିଟି ଗଠନ କରି ଉକ୍ତ ବିଷୟଟି ଏବଂ ମଡେଲ୍ ଡିଗ୍ରୀ କଲେଜଗୁଡିକର ଉପଯୋଗିତା ଉପରେ ପୁନଃ ସମୀକ୍ଷା କରାଯିବ ।

### *2.6.2.2 ସେମିଳିଗୁଡ଼ା ଠାରେ ମଡେଲ୍ ଡିଗ୍ରୀ କଲେଜ ନିର୍ମାଣରେ 8.71 କୋଟି ଟଙ୍କାର ଅପବ୍ୟୟ*

ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଠାରେ ମଡେଲ୍ ଡିଗ୍ରୀ କଲେଜର ନିର୍ମାଣ କାର୍ଯ୍ୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଆର୍‌ଆଣ୍ଡ୍‌ବି ଡିଭିଜନ୍, କୋରାପୁଟ୍‌ଙ୍କୁ ନ୍ୟସ୍ତ କରାଯାଇଥିଲା (ଜୁଲାଇ 2018) । କଲେଜ ନିର୍ମାଣ ପାଇଁ 'କୁଲୁଗାଁ ମୌଜା' ରେ ଭୂମି ଚୟନ କରାଯାଇଥିଲା । ଆର୍‌ଆଣ୍ଡ୍‌ବି ଡିଭିଜନ୍, କୋରାପୁଟ 8.02 କୋଟି ଟଙ୍କା ବିନିମୟରେ କଲେଜ କୋଠା ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ ନିୟୋଜିତ କରି କାର୍ଯ୍ୟ ଆରମ୍ଭ କରିଥିଲେ (15 ମାର୍ଚ୍ଚ 2019) । ପରବର୍ତ୍ତୀ ସମୟରେ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ଭାରତ ସରକାର, ଜାତୀୟ ରାଜପଥକୁ ପ୍ରଶସ୍ତ କରିବା ପାଇଁ ଉକ୍ତ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ (27

ଡିସେମ୍ବର 2019) । ବିଜ୍ଞପ୍ତି ତାରିଖ ସୁଦ୍ଧା ମଡେଲ୍ ଡିଗ୍ରୀ କଲେଜ କୋଠା ନିର୍ମାଣ ମୂଳଭିତ୍ତି ସ୍ତରରେ ଥିଲା ଓ କେବଳ 0.96 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସତ୍ତ୍ୱେ, ଉଚ୍ଚ ଶିକ୍ଷା ବିଭାଗ କିମ୍ବା ସଂପୃକ୍ତ ଜିଲ୍ଲାପାଳ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ କୌଣସି ପଦକ୍ଷେପ ନେଇନଥିଲେ । ବହୁ ବିଳମ୍ବ ପରେ, ଡିସେମ୍ବର 2020 ରେ ଜିଲ୍ଲାପାଳ, କୋରାପୁଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ତହସିଲଦାର, ସେମିଳିଗୁଡ଼ା, ଆର୍‌ଆଣ୍ଡ୍‌ବି ଡିଭିଜନ୍, କୋରାପୁଟଙ୍କୁ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର, ମଇ 2021 ରେ ତହସିଲଦାରଙ୍କ ରିପୋର୍ଟ ଅନୁଯାୟୀ ସେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାନୁଆରୀ 2021 ରେ ପୁନଃ କାର୍ଯ୍ୟ ଆରମ୍ଭ କରିବାକୁ ଆର୍‌ଆଣ୍ଡ୍‌ବି ଡିଭିଜନ୍‌କୁ ଜଣାଇଥିଲେ । ଶେଷରେ ତିନି ମହଲା ଏବଂ ଟେରାସ୍ ଚଟାଣ ବିଶିଷ୍ଟ ଏହି କୋଠାର ନିର୍ମାଣ 8.71 କୋଟି ଟଙ୍କା ବ୍ୟୟରେ 10 ମାର୍ଚ୍ଚ 2021 ରେ ଶେଷ ହୋଇଥିଲା । ପରବର୍ତ୍ତୀ ସମୟରେ, 06 ଡିସେମ୍ବର 2021 ରେ, ପ୍ଲଟ୍ ଉପରେ ନିର୍ମିତ ତିନି ମହଲା କୋଠା ସହିତ ଜମି, ପ୍ରକଳ୍ପ ନିର୍ଦ୍ଦେଶକ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏନ୍‌ଏଚ୍‌ଏଆଇ) (ଭାରତ ସରକାର), କୋରାପୁଟଙ୍କୁ ହସ୍ତାନ୍ତର କରାଯାଇଥିଲା । ଏନ୍‌ଏଚ୍‌ଏଆଇ ଏହି ବାବଦକୁ ନଭେମ୍ବର 2021 ରେ କ୍ଷତିପୂରଣ ରାଶି 13.94 କୋଟି ଟଙ୍କା ଦେଇଥିଲେ, ଯାହା ଅଗଷ୍ଟ 2023 ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପାଖରେ ଅନୁପଯୋଗ ହୋଇ ରହିଥିଲା ।

ମଡେଲ୍ ଡିଗ୍ରୀ କଲେଜର ନିର୍ମାଣ କାର୍ଯ୍ୟକୁ ଠିକ୍ ସମୟରେ ବନ୍ଦ କରିବାରେ ଉଚ୍ଚ ଶିକ୍ଷା ବିଭାଗ ତଥା ଜିଲ୍ଲାପାଳ, କୋରାପୁଟଙ୍କ ବିଫଳତା ଯୋଗୁଁ 8.71 କୋଟି ଟଙ୍କା ଅପବ୍ୟୟ ହୋଇଥିଲା । ଏହାବ୍ୟତୀତ, କୋରାପୁଟ ଜିଲ୍ଲାର ଏକ ଭିନ୍ନ ସ୍ଥାନରେ ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ କ୍ଷତିପୂରଣ ଅର୍ଥର ଉପଯୋଗ ହୋଇପାରି ନଥିବାରୁ, ଶିକ୍ଷାଗତ ପଛୁଆ ଜିଲ୍ଲାର ଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିଲେ ଏବଂ ମଡେଲ୍ ଡିଗ୍ରୀ କଲେଜ ପ୍ରତିଷ୍ଠା କରିବାର ଲକ୍ଷ୍ୟ ହାସଲ ହୋଇପାରି ନଥିଲା ।

ଜୁନ୍ 2024 ରେ ହୋଇଥିବା ଅଡିଟ୍ ପ୍ରସ୍ଥାନ ବୈଠକରେ ଉଚ୍ଚ ଶିକ୍ଷା ବିଭାଗ କହିଛନ୍ତି ଯେ ମିଳିଥିବା କ୍ଷତିପୂରଣ ଅର୍ଥରୁ ବନ୍ଧୁଗାଁ କିମ୍ବା ନାରାୟଣ ପାଟଣା ବ୍ଲକରେ ଏକ କଲେଜ ନିର୍ମାଣ ପାଇଁ ବିଭାଗ ଚିନ୍ତା କରୁଅଛି ।

## 2.6.3 କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାରେ ବିଫଳତା

### *2.6.3.1 ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ଫଳ ଖର୍ଚ୍ଚ*

ପାଖାପାଖି ରହିଥିବା କଲେଜଗୁଡ଼ିକୁ 'ବିଶ୍ୱବିଦ୍ୟାଳୟରେ (କ୍ଲଷ୍ଟର[116] ୟୁନିଭର୍ସିଟି) ପରିବର୍ତ୍ତନ' କରିବା ପାଇଁ ରୁସା ମାର୍ଗଦର୍ଶିକାରେ ବ୍ୟବସ୍ଥା ଥିଲା । ମାର୍ଗଦର୍ଶିକା ଅନୁସାରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ହେବାର ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏଥିପାଇଁ ଏକ ନୂତନ ଅଧିନିୟମ ପ୍ରଚଳନ କରି ଏହାର ଶାସକୀୟ ଢାଞ୍ଚାକୁ ସୁବ୍ୟବସ୍ଥିତ କରିବେ । ପ୍ରତି କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଗଠନ ପାଇଁ ହାରାହାରି 55 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା ।

ଏକ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଖଲିକୋଟ ସ୍ୱୟଂଶାସିତ) କଲେଜକୁ ମୁଖ୍ୟ କଲେଜ[117] ଭାବରେ ଏବଂ ଅନ୍ୟ ଚାରିଟି କଲେଜକୁ[118] ସହଭାଗୀ କଲେଜ ଭାବରେ ପ୍ରତିଷ୍ଠା କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଏକ ପ୍ରସ୍ତାବକୁ ଶିକ୍ଷା ମନ୍ତ୍ରଣାଳୟ ଡିସେମ୍ବର 2024 ରେ ଅନୁମୋଦନ କରିଥିଲେ । ତଦନୁଯାୟୀ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, 1989 ର ଧାରା 32 ର ଉପ-ବିଭାଗ (1) ଏବଂ (2) ଅନୁଯାୟୀ, ଏକ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ (ଖଲିକୋଟ ବିଶ୍ୱବିଦ୍ୟାଳୟ) ବିଜ୍ଞପ୍ତି ମାଧ୍ୟମରେ, ମଇ 2015 ରେ ପ୍ରତିଷ୍ଠା କରାଯାଇଥିଲା । ମାତ୍ର, ରୁସା ମାର୍ଗଦର୍ଶିକା ଅନୁସାରେ ଏଥିପାଇଁ ଏକ ନୂତନ ଅଧିନିୟମ ପ୍ରଣୟନ କରିବାର ଥିଲା । ପ୍ରସ୍ତାବିତ କ୍ଲଷ୍ଟର

[116] ତିନିରୁ ପାଞ୍ଚଟି ବିଦ୍ୟମାନ ମହାବିଦ୍ୟାଳୟର ଉତ୍ସଗୁଡ଼ିକୁ ଆଣିକରି ଏକ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ସୃଷ୍ଟି ହୋଇଥାଏ, ଯେଉଁଥିରେ ପର୍ଯ୍ୟାପ୍ତ ଶିକ୍ଷା ସମ୍ବନ୍ଧୀୟ, ଶାରୀରିକ, ବୈଷୟିକ ଏବଂ ଭିତ୍ତିଭୂମି ସୁବିଧା ରହିଥାଏ ଏବଂ ସମସ୍ତ ଅଂଶଗ୍ରହଣକାରୀ କଲେଜଗୁଡ଼ିକ ନୂତନ ଭାବରେ ସୃଷ୍ଟି ହୋଇଥିବା କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ସହଭାଗୀ କଲେଜରେ ପରିଣତ ହୋଇଥାନ୍ତି

[117] ମୁଖ୍ୟ କଲେଜ ହେଉଛି ଏକ କଲେଜ ଯାହା ଉତ୍କର୍ଷତା ଏବଂ ବିଭିନ୍ନ ଗୁଣାତ୍ମକ ପାରାମିଟର ପ୍ରଦର୍ଶନ ପାଇଁ ସମ୍ଭାବନା ଅଛି । ଯାହା ଚାରିପାଖରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ

[118] ଏସ୍‌ବିଆର୍‌ଜି (ସ୍ୱୟଂଶାସିତ)କଲେଜ ବ୍ରହ୍ମପୁର, ବିନାୟକ ଆଚାର୍ଯ୍ୟ କଲେଜ,ବ୍ରହ୍ମପୁର, ଗୋପାଳପୁର କଲେଜ, ଗଞ୍ଜାମ ଓ ସରକାରୀ ବିଜ୍ଞାନ କଲେଜ, ଛତ୍ରପୁର

ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ତଥା ଉପକରଣ ଆଦି କ୍ରୟ ପାଇଁ ଶିକ୍ଷା ମନ୍ତ୍ରଣାଳୟ 16.50 କୋଟି ଟଙ୍କା ଏବଂ ରାଜ୍ୟ ସରକାର 11 କୋଟି ଟଙ୍କା ପ୍ରଦାନ କରିଥିଲେ, ଯାହା **ସାରଣୀ 2.6.4** ରେ ଦର୍ଶାଯାଇଛି ।

***ସାରଣୀ 2.6.4: କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଏବଂ ସହଭାଗୀ କଲେଜ ପାଇଁ ଦିଆଯାଇଥିବା ଅନୁଦାନ***

| କ୍ର. ସଂ. | ଅଂଶ ଗ୍ରହଣକାରୀ ଅନୁଷ୍ଠାନଗୁଡ଼ିକ | ପ୍ରଦାନ ପାଣ୍ଠି (ଟଙ୍କା କୋଟିରେ) |
|---|---|---|
| 1 | ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ | 12.27 |
| 2 | ଖଲିକୋଟ (ସ୍ୱୟଂଶାସିତ) କଲେଜ | 5.07 |
| 3 | ଏସ୍‌ବିଆର୍‌ଜି (ସ୍ୱୟଂଶାସିତ) କଲେଜ | 2.76 |
| 4 | ବିନାୟକ ଆଚାର୍ଯ୍ୟ କଲେଜ | 2.76 |
| 5 | ଗୋପାଳପୁର ଡିଗ୍ରୀ କଲେଜ | 2.20 |
| 6 | ସରକାରୀ ବିଜ୍ଞାନ କଲେଜ, ଛତ୍ରପୁର | 2.44 |
| ମୋଟ | | **27.50** |

***(ଉତ୍ସ: ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ)***

ଉଚ୍ଚ ଶିକ୍ଷା ବିଭାଗର ରେକର୍ଡ ସମୀକ୍ଷାରୁ ଏହା ଜଣାଗଲା ଯେ, ତତ୍‌କାଳୀନ ଶାସକୀୟ ଢାଞ୍ଚାକୁ ଅଧ୍ୟୟନ କରିବା ଏବଂ ଅଂଶଗ୍ରହଣକାରୀ କଲେଜ ଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ପ୍ରଣାଳୀ ପାଇଁ ପ୍ରସ୍ତାବ ତଥା ରୁସା ପାଣ୍ଠିର ଉପଯୋଗ ପାଇଁ, ବିଭାଗ ଏକ କମିଟି[119] ଗଠନ (ଅକ୍ଟୋବର 2018) କରିଥିଲା । କମିଟି କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପାଇଁ ଏକ ପୃଥକ ଅଧିନିୟମ ଏବଂ ନିୟମ ପ୍ରଣୟନ କରିବା ପାଇଁ ତଥା ସମସ୍ତ ଅଂଶଗ୍ରହଣକାରୀ ଅନୁଷ୍ଠାନର ଭୂମିକା ଏବଂ ଦାୟିତ୍ୱ ସ୍ଥିରୀକୃତ କରିଥିଲା (ନଭେମ୍ବର 2018) । କ୍ଲଷ୍ଟର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଏକ ବୈଠକରେ (25 ଜୁନ୍ 2019), ରାଷ୍ଟ୍ରୀୟ ସଂଯୋଜକ, ରୁସା ମଧ ସମାନ କଥା କହିଥିଲେ ଏବଂ ଏକ ପୃଥକ ଆଇନ୍ ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ଅକ୍ଟୋବର 2019 ରେ ଉଚ୍ଚ ଶିକ୍ଷା ବିଭାଗ ଦେଖିଲେ ଯେ ଖଲିକୋଟ (ସ୍ୱୟଂଶାସିତ) କଲେଜ ଏବଂ ନୂତନ ପ୍ରତିଷ୍ଠିତ ଖଲିକୋଟ ବିଶ୍ୱବିଦ୍ୟାଳୟ ମଧ୍ୟରେ ମତଭେଦ ହେତୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରୁନାହିଁ । ଏହି ପୃଷ୍ଠ ଭୂମିରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ଭାଙ୍ଗିଦିଆଗଲା (ଫେବୃଆରୀ 2020) ଏବଂ ସମସ୍ତ ପାଞ୍ଚଟି ଅଂଶଗ୍ରହଣକାରୀ କଲେଜଗୁଡ଼ିକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୂଳ ଅନୁବନ୍ଧକୁ ଫେରିଗଲେ ।

ଅଡିଟ୍ ନିରୀକ୍ଷଣ କରିଛନ୍ତି ଯେ, ରୁସା ମାର୍ଗଦର୍ଶିକା ସତ୍ତ୍ୱେ ନୂତନ ସୃଷ୍ଟି ହୋଇଥିବା କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପାଇଁ ଏକ ଆଇନ୍ ଏବଂ ନିୟମ ପ୍ରଣୟନ ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନଥିଲେ । କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଏବଂ ଅଂଶଗ୍ରହଣକାରୀ କଲେଜ ଗୁଡ଼ିକର ଭୂମିକା ଏବଂ ଦାୟିତ୍ୱ ସୁସ୍ପଷ୍ଟ କରିବା ପାଇଁ ଏକ ଶାସନ ପ୍ରଣାଳୀ ପ୍ରଣୟନର ଅନୁପସ୍ଥିତି ଯୋଗୁ, ଅଂଶଗ୍ରହଣକାରୀ ଅନୁଷ୍ଠାନମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା । ବିଶ୍ୱବିଦ୍ୟାଳୟର ସୁଗମ କାର୍ଯ୍ୟ ପାଇଁ, ଏକ ଆଇନ୍ ଏବଂ ନିୟମ ପ୍ରଣୟନ ଓ ଶାସନ ପ୍ରଣାଳୀ ପ୍ରବର୍ତ୍ତନ ପରିବର୍ତ୍ତେ, ଉଚ୍ଚ ଶିକ୍ଷା ବିଭାଗ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଭାଙ୍ଗିଦେଇ, ଏହି ବିଶ୍ୱବିଦ୍ୟାଳୟର ଗଠନ ସହିତ ଜଡ଼ିତ ହିତ ସାଧନକୁ ଅଣଦେଖା କରିଥିଲେ । ଉଚ୍ଚ ଶିକ୍ଷା ବିଭାଗର ଏହି କାର୍ଯ୍ୟ ଯୋଗୁଁ ରାଜ୍ୟ କେବଳ ଏକ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ସୁବିଧାରୁ ବଞ୍ଚିତ ହେଲା ନାହିଁ ବରଂ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ଖର୍ଚ୍ଚ ହୋଇଥିବା 11.30 କୋଟି ଟଙ୍କା ମଧ ବ୍ୟର୍ଥ ହେଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି ।

### *(i) କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ନିର୍ମାଣ ପାଇଁ 56.81 ଲକ୍ଷ ଟଙ୍କାର ଅପବ୍ୟୟ*

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ, ଗଞ୍ଜାମ ଜିଲ୍ଲାର କନିସି ତହସିଲ୍ ଅଧିନରେ ଥିବା ପାଲୁର ହିଲ୍‌ରେ, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ, ଉଚ୍ଚ ଶିକ୍ଷା ବିଭାଗକୁ ସରକାରୀ ଜମି ଆବଣ୍ଟନ କରିଥିଲେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (ସିପିଡବ୍ଲୁଡି) ମଧ୍ୟରେ ହୋଇଥିବା ଏକ ବୁଝାମଣା ଚୁକ୍ତିପତ୍ର ଅନୁସାରେ (ଜୁନ୍ 2019), ଭିତ୍ତିଭୂମି ବିକାଶ କାର୍ଯ୍ୟ[120], କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (ସିପିଡବ୍ଲୁଡି)କୁ ନ୍ୟସ୍ତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଉଦ୍ଦେଶ୍ୟରେ 7.51 କୋଟି ଟଙ୍କା

---

119 ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ

120 ପ୍ରଶାସନ ବ୍ଲକ୍, ଭାଷା ବ୍ଲକ୍, ଅତିଥି ଭବନ, ଚିକିତ୍ସାଳୟ, କେନ୍ଦ୍ରୀୟ କମ୍ପ୍ୟୁଟର ସୁବିଧା, ବାଳକ ହଷ୍ଟେଲ୍, ଅଡିଟୋରିୟମ୍, ଷ୍ଟାଫ୍ କ୍ୱାଟର୍ସ ଇତ୍ୟାଦି ନିର୍ମାଣ

ସିପିଡବ୍ଲୁଡି ପାଖରେ ଜମା କରିଥିଲେ (ଜୁନ୍ ରୁ ସେପ୍ଟେମ୍ବର 2019) । କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଭାଙ୍ଗିଯିବା ପରେ ସିପିଡବ୍ଲୁଡି ସହିତ ହୋଇଥିବା ବୁଝାମଣା ଚୁକ୍ତିପତ୍ର (ଏମ୍ଓୟୁ) ବନ୍ଦ ହୋଇଗଲା (ମଇ 2021) ଏବଂ ଆବଣ୍ଟିତ ଜମି ଆର୍‌ଡିଏମ୍ ବିଭାଗକୁ ସମର୍ପଣ ହେଲା (ଅଗଷ୍ଟ 2021) ।  ଏହି ସମୟ ପର୍ଯ୍ୟନ୍ତ ସିପିଡବ୍ଲୁଡି ଭିତ୍ତିଭୂମିର ବିକାଶ, ଯୋଜନା, ପରିକଳ୍ପନା ଏବଂ ପ୍ରତିଷ୍ଠାକରଣ କାର୍ଯ୍ୟ ପାଇଁ  ଜମା ହୋଇଥିବା 7.51 କୋଟି ଟଙ୍କାରୁ 56.81 ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଥିଲା, ଯାହର କୌଣସି ସୁଫଳ[121] ମିଳି ନଥିଲା ।



*ଚିତ୍ର 2.6.1: କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି କାର୍ଯ୍ୟ ଉଚ୍ଛେଦ (19.07.2023)*

### *(ii) ଅଂଶଗ୍ରହଣକାରୀ କଲେଜଗୁଡ଼ିକରେ ଭିତ୍ତିଭୂମି ପାଇଁ ବିଫଳ ଖର୍ଚ୍ଚ*

ଅଂଶଗ୍ରହଣକାରୀ କଲେଜଗୁଡ଼ିକୁ ଭିତ୍ତିଭୂମି ବିକାଶ ତଥା ଉପକରଣ କ୍ରୟ ପାଇଁ 15.23 କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା (***ସାରଣୀ 2.6.4***) । କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ବିଘଟନ ପରେ, ଅଧିକ ପାଣ୍ଠିର ଆଗମନ ବନ୍ଦ ହୋଇଗଲା, ଯାହାଫଳରେ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟ ଆଗେଇ ପାରିଲା ନାହିଁ ଏବଂ ଏହି କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଟଙ୍କାର କୌଣସି ଫଳ ମିଳିଲା ନାହିଁ । ଅଡିଟ୍ ସୂଚାଇ ଦେଇଛି ଯେ, ଅଧାରୁ ବନ୍ଦ୍ ହୋଇଯାଇଥିବା କାର୍ଯ୍ୟଗୁଡ଼ିକୁ ସମାପ୍ତ କରିବା ପାଇଁ, ଉଚ୍ଚ ଶିକ୍ଷା ବିଭାଗ କୌଣସି ପାଣ୍ଠି ଯୋଗାଇ ଦେଇ ନଥିଲେ ।

- ***ବିନାୟକ ଆଚାର୍ଯ୍ୟ କଲେଜର ଏକାଡେମିକ୍ ବ୍ଲକ୍ ନିର୍ମାଣ ପାଇଁ ନିରର୍ଥକ ବ୍ୟୟ:*** ଆନୁମାନିକ 4.74 କୋଟି ଟଙ୍କା ବ୍ୟୟରେ ଏକାଡେମିକ୍ ବ୍ଲକ୍‌ର ନିର୍ମାଣ କାର୍ଯ୍ୟ ବ୍ରହ୍ମପୁର ଆର୍‌ଆଣ୍ଡ୍‌ବି ଡିଭିଜନ୍-1 କୁ ନ୍ୟସ୍ତ କରାଯାଇଥିଲା । କଲେଜ, ଡିଭିଜନ୍ ପାଖରେ 2.37 କୋଟି ଟଙ୍କା ଜମା (ଫେବୃଆରୀ 2019 ଏବଂ ମଇ 2020) କରିଥିଲା । 2.37 କୋଟି ଟଙ୍କା ବ୍ୟୟରେ ଲିନ୍‌ଟେଲ୍ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ ହେବା ପରେ କାର୍ଯ୍ୟ ବନ୍ଦ ହୋଇଗଲା । ଏହାଦ୍ୱାରା 2.37 କୋଟି ଟଙ୍କା ବ୍ୟୟର କୌଣସି ସୁଫଳ ମିଳିଲା ନାହିଁ ।

[121] ସିପିଡବ୍ଲୁଡି ଅକ୍ଟୋବର 2021 ରୁ ଜାନୁଆରୀ 2022) ଉଚ୍ଚ ଶିକ୍ଷା ବିଭାଗକୁ ବଳକା ପରିମାଣ 6.94 କୋଟି ଟଙ୍କା ଫେରସ୍ତ କରିଛି



*ଚିତ୍ର **2.6.2:** ବି.ଏ କଲେଜ, ବ୍ରହ୍ମପୁରର କ୍ୟାମ୍ପସ୍ ଭିତରେ ଥିବା ଅସମ୍ପୂର୍ଣ୍ଣ ଏକାଡେମିକ୍ ବ୍ଲକ୍ କୋଠା (24.04.2024)*

- ***ଏସ୍‌ବିଆର୍‌ଜି ମହିଳା (ସ୍ୱୟଂଶାସିତ) କଲେଜରେ ବାଳିକା ହଷ୍ଟେଲ୍ ନିର୍ମାଣରେ ନିଷ୍କ୍ରିୟ ଖର୍ଚ୍ଚ:*** 2.47 କୋଟି ଟଙ୍କା ଆକଳନ ମୂଲ୍ୟର, ଏହି କାର୍ଯ୍ୟଟିକୁ, କଲେଜ ଆର୍‌ଆଣ୍ଡ୍‌ବି ଡିଭିଜନ୍-1 ବ୍ରହ୍ମପୁର, ଉପରେ ନ୍ୟସ୍ତ କରିଥିଲେ । କଲେଜ ଅଧକ୍ଷଙ୍କ ଦ୍ୱାରା ଆର୍‌ଆଣ୍ଡବି ଡିଭିଜନ-1 ପାଖରେ 1.74 କୋଟି ଟଙ୍କା ଜମା (ନଭେମ୍ବର 2019 ଏବଂ ଜାନୁଆରୀ 2022) କରାଯାଇଥିଲା । ଆର୍‌ଆଣ୍ଡ୍‌ବି ଡିଭିଜନ୍, କଲେଜର ଅଧକ୍ଷଙ୍କୁ କୋଠା ନିର୍ମାଣ କାର୍ଯ୍ୟ ଅପ୍ରେଲ୍ 2022 ରେ ସମାପ୍ତ ହୋଇଥିବାର ଜଣାଇ(ଅପ୍ରେଲ୍ 2023), କୋଠା ହସ୍ତାନ୍ତର ପାଇଁ ଆନୁମାନିକ ମୂଲ୍ୟରୁ ଅବଶେଷ 0.73 କୋଟି ଟଙ୍କା ଦେବା ପାଇଁ ଅନୁରୋଧ କରିଥିଲେ । ତେବେ, କାର୍ଯ୍ୟର ଶେଷ ଖର୍ଚ୍ଚ ବିଲ୍, ମଇ 2024 ସୁଦ୍ଧା ଆର୍‌ଆଣ୍ଡବି ଡିଭିଜନ ଦ୍ୱାରା ପ୍ରଦାନ କରାଯାଇ ନାହିଁ । ଅପ୍ରେଲ୍ 2024 ରେ ଅଡିଟ୍ ଦ୍ୱାରା ଏହା ସୂଚିତ କରାଯିବା ପରେ, ଆର୍‌ଆଣ୍ଡବି ଡିଭିଜନ୍ (ମଇ 2024), ଅବଶେଷ 0.73 କୋଟି ଟଙ୍କା ପାଇବାକୁ ବାକି ଥିବା ସତ୍ତ୍ୱେ, କୋଠାଟି ହସ୍ତାନ୍ତର କରିଥିଲା । କିନ୍ତୁ, କୋଠାକୁ ଜଳ ଯୋଗାଣ ନ ଥିବାରୁ ଏହା ବିହିତ ଉଦ୍ଦେଶ୍ୟରେ ବ୍ୟବହାର ହୋଇପାରି ନଥିଲା (ମଇ 2024) ।

- ***ଖଲ୍ଲିକୋଟ (ସ୍ୱୟଂଶାସିତ) କଲେଜ ପାଇଁ ପରୀକ୍ଷା ହଲ୍ ନିର୍ମାଣ ପାଇଁ ନିଷ୍କ୍ରିୟ ଖର୍ଚ୍ଚ:*** କଲେଜରେ ପରୀକ୍ଷା କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସୁବିଧାକୁ ଦୃଷ୍ଟିରେ ରଖି 3.99 କୋଟି ଟଙ୍କା ଆକଳନ ମୂଲ୍ୟରେ, ଏକ ନୂତନ ପରୀକ୍ଷା ହଲ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା । ଏହି କାର୍ଯ୍ୟ ରେ ଆର୍‌ଆଣ୍ଡ୍‌ବି ଡିଭିଜନ୍-1 ବ୍ରହ୍ମପୁରକୁ ଦିଆଯାଇଥିଲା (ମାର୍ଚ୍ଚ 2019) ଏବଂ ଜୁଲାଇ 2021 ରେ 3.99 କୋଟି ଟଙ୍କା ବ୍ୟୟରେ ଶେଷ ହୋଇଥିଲା । ଅବଶ୍ୟ, ପାଣ୍ଠିର ଅଭାବ ହେତୁ ପରୀକ୍ଷା ହଲ୍ ପାଇଁ ଆବଶ୍ୟକ ଆସବାବପତ୍ର କଲେଜ ଦ୍ୱାରା କ୍ରୟ ହୋଇପାରିଲା ନାହିଁ । ଫଳସ୍ୱରୂପ, କୋଠାଟି ଅବ୍ୟବହୃତ ହେବାରୁ ଏଥିରେ ଖର୍ଚ୍ଚ ହୋଇଥିବା 3.99 କୋଟି ଟଙ୍କା ନିଷ୍କ୍ରିୟ ଖର୍ଚ୍ଚରେ ପରିଣତ ହେଲା (ମଇ 2024) ।



*ଚିତ୍ର **2.6.3:** ସ୍ୱୟଂଶାସିତ କଲେଜ, ଖଲ୍ଲିକୋଟରେ ନିର୍ମିତ ଅବ୍ୟବହୃତ ପରୀକ୍ଷା ହଲ୍ (20.07.2023)*

- ***ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁରରେ କେନ୍ଦ୍ରୀୟ କମ୍ପ୍ୟୁଟର ସୁବିଧା ପାଇଁ ହୋଇଥିବା କୋଠା:*** ଏହି କାର୍ଯ୍ୟଟି ଆର୍‌ଆଣ୍ଡବି ଡିଭିଜନ-II, ବ୍ରହ୍ମପୁର ଉପରେ ନ୍ୟସ୍ତ କରାଯାଇଥିଲା ଏବଂ ଅପ୍ରେଲ୍ 2021ରେ 0.31 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଥିଲା । ପାଣ୍ଠିର ଅଭାବ ହେତୁ, କମ୍ପ୍ୟୁଟର ସୁବିଧାକୁ କାର୍ଯ୍ୟକ୍ଷମ କରିବା ପାଇଁ, କମ୍ପ୍ୟୁଟର ଏବଂ ଆସବାବପତ୍ର କଲେଜ ଦ୍ୱାରା କ୍ରୟ ହୋଇପାରି ନଥିଲା । ଏଥିଯୋଗୁଁ ରୁସା ଅଧୀନରେ କୋଠା ନିର୍ମାଣରେ ଖର୍ଚ୍ଚ ହୋଇଥିବା 0.31 କୋଟି ଟଙ୍କା ନିଷ୍କ୍ରିୟ ବ୍ୟୟ ରୂପେ ପରିଣତ ହୋଇଥିଲା ।

ଅଡିଟ୍‌ରେ ଦେଖାଗଲା ଯେ, କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ଅବଶିଷ୍ଟ ପଡ଼ିରହିଥିବା କାର୍ଯ୍ୟ ସମାପ୍ତ କରିବାକୁ କୌଣସି ଯୋଜନା ପ୍ରସ୍ତୁତ ନକରି ଉଚ୍ଚ ଶିକ୍ଷା ବିଭାଗ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ବିଲୟ କରିଥିଲେ । ଏହିପରି ଯୋଜନାର ଅନୁପସ୍ଥିତି ଯୋଗୁ, ନୂତନ ଭିତ୍ତିଭୂମି ସୃଷ୍ଟି ପାଇଁ ବିନିଯୋଗ ହୋଇଥିବା 8.41 କୋଟି ଟଙ୍କା ଫଳପ୍ରଦ ହୋଇପାରିଲା ନାହିଁ ।

ଅଡିଟ୍ ପ୍ରସ୍ଥାନ ବୈଠକରେ (ଜୁନ୍ 2024) ଉଚ୍ଚ ଶିକ୍ଷା ବିଭାଗ ନିଶ୍ଚିତ କରିଛି ଯେ ଅସମ୍ପୂର୍ଣ୍ଣ ଭିତ୍ତିଭୂମି କାର୍ଯ୍ୟ, ନିଜସ୍ୱ ପାଣ୍ଠିରେ ସମ୍ପନ୍ନ କରାଯିବ ।.

### 2.6.4 ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ୱାରା ଅନୁଦାନର ଉପଯୋଗ

ଶିକ୍ଷା ମନ୍ତ୍ରଣାଳୟ, ରୁସା 1.0 ଅଧୀନରେ 'ବିଶ୍ୱବିଦ୍ୟାଳୟକୁ ଭିତ୍ତିଭୂମି ଅନୁଦାନ' ପାଇଁ 20 କୋଟି (05 ଡିସେମ୍ବର 2014) ଏବଂ ରୁସା 2.0 ଅଧୀନରେ "ମନୋନୀତ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଗୁଣବତ୍ତା ଓ ଉତ୍କର୍ଷତା" ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ)କୁ 100 କୋଟି ଟଙ୍କା (25 ମଇ 2018) ଅନୁଦାନକୁ ଅନୁମୋଦନ କରିଥିଲା । ଏଥିମଧ୍ୟରୁ ମାର୍ଚ୍ଚ 2015 ରୁ ନଭେମ୍ବର 2021 ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ 93 କୋଟି ଟଙ୍କା ପାଇଥିଲା, ଯାହା ନିମ୍ନ **ସାରଣୀ 2.6.5** ରେ ଦର୍ଶାଯାଇଛି ।

***ସାରଣୀ 2.6.5: ରୁସା ଅଧୀନରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପାଣ୍ଠି ପ୍ରାପ୍ତି***

***(ଟଙ୍କା କୋଟିରେ)***

| କ୍ର. ସଂ. | ଉପାଦାନର ନାମ | କେନ୍ଦ୍ରୀୟ ଅଂଶ | ରାଜ୍ୟ ଅଂଶ | ସମୁଦାୟ |
|---|---|---|---|---|
| 1 | ଭିତ୍ତିଭୂମି ଅନୁଦାନ (ରୁସା 1.0) | 10.80 | 7.20 | 18.00 |
| 2 | ଗୁଣବତ୍ତା ଏବଂ ଉତ୍କର୍ଷ (ରୁସା 2.0) | 45.00 | 30.00 | 75.00 |
| ମୋଟ | | **55.80** | **37.20** | **93.00** |

***(ଉତ୍ସ: ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟ)***

#### *2.6.4.1 ଭିତ୍ତିଭୂମି ଅନୁଦାନର ଉପଯୋଗ*

ମାର୍ଚ୍ଚ 2023 ସୁଦ୍ଧା, ଉତ୍କଳ ବିଶ୍ୱବିଦ୍ୟାଳୟ, ଭିତ୍ତିଭୂମି ଅନୁଦାନରେ ଗ୍ରହଣ କରିଥିବା 18 କୋଟି ଟଙ୍କାରୁ 15.22 କୋଟି ଟଙ୍କା ବିନିଯୋଗ କରିଥିଲା । ଅନୁଦାନ ବ୍ୟବହାରରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକୁ ଅଡିଟ୍ ଉପଲବ୍ଧ କରିଥିଲା ।

#### *(i) ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଭିତ୍ତିଭୂମି ଅନୁଦାନର ଅଣ-ବ୍ୟବହାର*

ଉତ୍କଳ ବିଶ୍ୱବିଦ୍ୟାଳୟ ରୁସା 1.0 ଏବଂ ରୁସା 2.0 ଅଧୀନରେ ଗ୍ରହଣ କରାଯାଇଥିବା ଅନୁଦାନରୁ ଯଥାକ୍ରମେ 6.22 କୋଟି ଟଙ୍କା ଏବଂ 19.48 କୋଟି ଟଙ୍କା ସଂଗ୍ରହ କରି, 25.70 କୋଟି ଟଙ୍କା ବ୍ୟୟରେ ରୁସା ଭବନ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା (ଜୁଲାଇ 2019) । ଅଡିଟ୍ ଲକ୍ଷ୍ୟ କରିଛି ଯେ ନିମ୍ନଲିଖିତ ଉଦ୍ଦେଶ୍ୟ ପାଇଁ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଉପରୋକ୍ତ ରାଶି ଅନୁମୋଦନ କରାଯାଇଥିଲା:

***ସାରଣୀ 2.6.6: ରୁସା ଭବନ ନିର୍ମାଣ ପାଇଁ ଭିତ୍ତିଭୂମି ଅନୁଦାନର ବିଭିନ୍ନ ଉପାଦାନରୁ ବ୍ୟବହୃତ ପରିମାଣ***

***(ସଂଖ୍ୟାଗୁଡ଼ିକ ଟଙ୍କା କୋଟିରେ)***

| କ୍ର. ସଂ. | ଅନୁଦାନର ଉଦ୍ଦେଶ୍ୟ | ରୁସା 1.0 | ରୁସା 2.0 |
|---|---|---|---|
| 1 | ଅଧ୍ୟାପିକା/ କର୍ମଚାରୀ ସୁବିଧା କେନ୍ଦ୍ର | 6.22 | 0 |

| କ୍ର. ସଂ. | ଅନୁଦାନର ଉଦ୍ଦେଶ୍ୟ | ରୁସା 1.0 | ରୁସା 2.0 |
|---|---|---|---|
| 2 | ଛାତ୍ର ଉପଯୋଗୀ କେନ୍ଦ୍ର | | 2.00 |
| 3 | ଏକାଡେମିକ୍ ବ୍ଲକ୍ (ଶିକ୍ଷା ଦାନ) | | 4.00 |
| 4 | କମ୍ପ୍ୟୁଟର ସୁବିଧା କେନ୍ଦ୍ର | | 0 |
| 5 | ପ୍ରଶାସନିକ ହଲ୍ | 0 | 4.00 |
| 6 | ଆନ୍ତର୍ଜାତୀୟ ହଲ୍ | 0 | 2.00 |
| 7 | ଆଲୁମିନି/ ଅଭ୍ୟନ୍ତରୀଣ ଗୁଣବତ୍ତା ମୂଲ୍ୟାଙ୍କନ କେନ୍ଦ୍ର/ ରୁସା ଭବନ | 0 | 1.00 |
| 8 | ମାର୍କେଟ୍ କମ୍ପ୍ଲେକ୍ସ | 0 | 0.50 |
| 9 | ଅନ୍ୟାନ୍ୟ | 0 | 5.98 |
| ମୋଟ | | **6.22** | **19.48** |

***(ଉତ୍ସ: ଉତ୍କଳ ବିଶ୍ୱବିଦ୍ୟାଳୟ ରେକର୍ଡ)***

ଅଡିଟ୍‌ରେ ଜଣାଗଲା ଯେ, କୋଠା ନିର୍ମାଣ ସମାପ୍ତ ହେବା ପରେ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକରେ, ରୁସା ଭବନକୁ ଏକ ପ୍ରଶାସନିକ ଭବନ ଏବଂ ଏହାର ଏକ ଅଂଶକୁ ଆନ୍ତର୍ଜାତୀୟ ହଲ୍ ଏବଂ ରୁସା କାର୍ଯ୍ୟାଳୟ ଭାବରେ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଛି (ଜାନୁଆରୀ 2021) ।

ଅଡିଟ୍ ଦେଖିଲେ ଯେ ଆଠଟି ଭିନ୍ନ ଉଦ୍ଦେଶ୍ୟ ପାଇଁ ଦିଆଯାଇଥିବା ପାଣ୍ଠି କେବଳ ତିନିଟି ଉଦ୍ଦେଶ୍ୟରେ[122] ବ୍ୟବହୃତ ହୋଇଥିଲା । ଫଳସ୍ୱରୁପ, ଏକାଡେମିକ୍ ବ୍ଲକ୍, କମ୍ପ୍ୟୁଟର ସୁବିଧା କେନ୍ଦ୍ର, ଅଧାପିକ/ କର୍ମଚାରୀ ସୁବିଧା କେନ୍ଦ୍ର, ଛାତ୍ର ଉପଯୋଗୀ କେନ୍ଦ୍ର, ଆଲୁମିନି ହଲ୍ ଇତ୍ୟାଦି ସୁବିଧା ସୃଷ୍ଟି କରିବାର ଉଦ୍ଦେଶ୍ୟ ପୂରଣ ହୋଇପାରିଲା ନାହିଁ । ଅଧିକନ୍ତୁ, କୋଠାକୁ ବିହିତ ଉଦ୍ଦେଶ୍ୟରେ ବ୍ୟବହାର ନକରିବା ଏବଂ ଏହା ପରିବର୍ତ୍ତେ ଏହାକୁ ଏକ ପ୍ରଶାସନିକ ବ୍ଲକ୍ ଭାବରେ ବ୍ୟବହାର କରିବାର, କୌଣସି କାରଣ ରେକର୍ଡଭୁକ୍ତ ନଥିଲା । ଏହା ବ୍ୟତୀତ, ଏକାଡେମିକ୍ ବ୍ଲକ୍, କମ୍ପ୍ୟୁଟର ସୁବିଧା କେନ୍ଦ୍ର, ଅଧାପିକ/ କର୍ମଚାରୀ ସୁବିଧା କେନ୍ଦ୍ର, ଛାତ୍ର ଉପଯୋଗୀ କେନ୍ଦ୍ର, ଆଲୁମିନି ହଲ୍ ଇତ୍ୟାଦି ପ୍ରସ୍ତାବିତ ଉଦ୍ଦିଷ୍ଟ କାର୍ଯ୍ୟକଳାପକୁ ରଖିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନଥିଲା । ଏକାଡେମିକ୍ ବ୍ଲକ୍, କମ୍ପ୍ୟୁଟର ସୁବିଧା କେନ୍ଦ୍ର, ଅଧ୍ୟାପକ/ କର୍ମଚାରୀ ସୁବିଧା କେନ୍ଦ୍ର ଇତ୍ୟାଦି ନିର୍ମାଣ ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ 18.70 କୋଟି ଟଙ୍କା ବିନିଯୋଗ କରି ଏକ ପ୍ରଶାସନିକ କୋଠାର ନିର୍ମାଣ, ଏକାଡେମିକ୍ କାର୍ଯ୍ୟକଳାପକୁ, ସ୍ୱଳ୍ପ ପ୍ରାଥମିକତା ଦେବାର ସୂଚାଇଥାଏ ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଏସ୍‌ପିଡି), ରୁସା, କହିଲେ (ମଇ 2024) ଯେ, ଉତ୍ତମ ପ୍ରଶାସନ ପାଇଁ, ଶିକ୍ଷାଦାନ କରୁଥିବା ସମସ୍ତ ବିଭାଗକୁ ଗୋଟିଏ ଛାତ ତଳେ ଅନ୍ତର୍ଭୁକ୍ତ କରିବା ହେଉଛି ରୁସା ଭବନ ନିର୍ମାଣର ଉଦ୍ଦେଶ୍ୟ । ରୁସା ଅନୁଦାନରୁ 25.70 କୋଟି ଟଙ୍କାର ଉପଯୋଗ, ବିଶ୍ୱବିଦ୍ୟାଳୟର ଉତ୍ତମ ସ୍ୱାର୍ଥରେ, ପ୍ରଶାସନିକ ଭବନକୁ ପୂର୍ଣ୍ଣ କାର୍ଯ୍ୟକାରିତା ସହିତ ସମ୍ପୂର୍ଣ୍ଣ କରିବା ପାଇଁ କରାଯାଇଥିଲା । ପ୍ରକୃତ କଥା ହେଲା ଅନ୍ୟାନ୍ୟ ଖର୍ଚ୍ଚ ହେବା ପାଇଁ ଆସିଥିବା 18.70 କୋଟି ଟଙ୍କା ବିହିତ ଉଦ୍ଦେଶ୍ୟରେ ଖର୍ଚ୍ଚ ହେବା ପରିବର୍ତ୍ତେ, ନିୟମ ବାହାରେ ପ୍ରଶାସନିକ କୋଠା ନିର୍ମାଣରେ ଖର୍ଚ୍ଚ କରାଯାଇଥିଲା ।

### *(ii) ଭିତ୍ତିଭୂମି ଅନୁଦାନରୁ ଅନିୟମିତ ଖର୍ଚ୍ଚ*

ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ) ଅତ୍ୟନ୍ତ ଜରୁରୀ ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବା ପାଇଁ, ଯେପରିକି ଲାଇବ୍ରାରୀ, ଲାବୋରେଟୋରୀ, ଉପକରଣ, ଛାତ୍ରାବାସ ଏବଂ ଶୌଚାଳୟ ଇତ୍ୟାଦିର ନବୀକରଣ କରିବା ପାଇଁ, ମାର୍ଚ୍ଚ 2015 ରୁ ଫେବୃଆରୀ 2020 ମଧ୍ୟରେ 18 କୋଟି ଟଙ୍କାର ଭିତ୍ତିଭୂମି ଅନୁଦାନ ପାଇଥିଲା ।

- ଉତ୍କଳ ବିଶ୍ୱବିଦ୍ୟାଳୟ ନିଜ ପାଣ୍ଠିରୁ ଅକ୍ଟୋବର 2016 ରେ 37.08 ଲକ୍ଷ ଟଙ୍କା ମୂଲ୍ୟରେ ଚାରିଟି ଡିଜେଲ୍ ଜେନେରେଟର[123] ଓ 21.49 ଲକ୍ଷ୍ୟ ମୂଲ୍ୟର ସାଇନ୍‌ବୋର୍ଡ କ୍ରୟ କରିଥିଲା । ପରବର୍ତ୍ତୀ ସମୟରେ, ପୂର୍ବ ଆକାଉଣ୍ଟିଂକୁ ବଦଳାଇ, ଏହି 58.57 ଲକ୍ଷ ଟଙ୍କାର ଖର୍ଚ୍ଚ ରୁସା ଭିତ୍ତିଭୂମି ଅନୁଦାନରୁ

122 ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍, ଆନ୍ତର୍ଜାତୀୟ ହଲ୍ ଏବଂ ରୁସା ଭବନ

123 ଲାଇବ୍ରେରୀ, ଅଫିସ୍, ଅତିଥି ଭବନ ଏବଂ ଅଡିଟୋରିୟମ୍ ପାଇଁ

ଦେଖାଯାଇଥିଲା । ଅଡିଟ୍‌ରେ ଦେଖାଗଲା ଯେ, ଏହି ଜେନେରେଟର୍ ଏବଂ ସାଇନ୍ ବୋର୍ଡ କ୍ରୟ ପାଇଁ ହୋଇଥିବା ଖର୍ଚ୍ଚ ରୁସା ଅନୁଦାନ ନିୟମ ଅନୁଯାୟୀ ଗ୍ରହଣୀୟ ନୁହେଁ, ଯାହା ଅନ୍ୟ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଦିଆଯାଇଥିଲା । ଏଣୁ, ରୁସା ଆକାଉଣ୍ଟରୁ 58.57 ଲକ୍ଷ ଟଙ୍କା ଖର୍ଚ୍ଚ କରିବା ଦେଖାଇବା ଅନିୟମିତ ଥିଲା । ଏହାର ଉତ୍ତରରେ, ଏସ୍‌ପିଡି ଦର୍ଶାଇଛନ୍ତି (ମଇ 2024), ଯେହେତୁ ରୁସା କାର୍ଯ୍ୟକଳାପ ପାଇଁ ଡିଜି ସେଟ୍ ଏବଂ ସାଇନ୍‌ବୋର୍ଡ କ୍ରୟ କରାଯାଇଥିଲା, ସେଥିପାଇଁ ଏହାକୁ ରୁସା ପାଣ୍ଠିରୁ ଖର୍ଚ୍ଚ ହିସାବରେ ଦେଖାଯାଇଛି । ଏହି ଉତ୍ତର ବିଶ୍ୱାସଯୋଗ୍ୟ ନୁହେଁ କାରଣ, ନାକ୍ (ଏନ୍‌ଏଏସି) ଅଧିକାରୀଙ୍କ ଆଗାମୀ ପରିଦର୍ଶନକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍, ବିଶ୍ୱବିଦ୍ୟାଳୟ ପାଣ୍ଠିରୁ ଉପରୋକ୍ତ କ୍ରୟକୁ ଅନୁମୋଦନ କରିଥିଲେ । ଏହିପରି କ୍ରୟର ଉଦ୍ଦେଶ୍ୟ ରୁସା କାର୍ଯ୍ୟକଳାପ ସହିତ ସମ୍ପର୍କିତ ନଥିଲା, ତେଣୁ, ରୁସା ପାଣ୍ଠିରୁ ଏହିପରି ଖର୍ଚ୍ଚ ଦର୍ଶାଇବା ଅନିୟମିତ ଥିଲା ।

- କୁଳପତିଙ୍କ ସରକାରୀ ବାସଭବନ ପାଇଁ ଡାଇନିଂ ଟେବୁଲ୍, ସୋଫା, ବେଡ୍, ଆରାମଦାୟକ ଚୌକିର ଇତ୍ୟାଦି ଆସବାବପତ୍ର ଏବଂ ସଂରଚନା, 6.48 ଲକ୍ଷ ଟଙ୍କାରେ କିଣାଯାଇଥିଲା । ଏହି ଖର୍ଚ୍ଚ ରୁସା ଅନୁଦାନରୁ ହୋଇଥିବା ରୁସା ଭବନ ନିର୍ମାଣ ଖର୍ଚ୍ଚରେ ଯୋଡ଼ା ଯାଇଥିଲା ***{ଅନୁଚ୍ଛେଦ 2.6.4.1(i)}*** । କିନ୍ତୁ, ରୁସା ନିର୍ଦ୍ଦେଶାବଳୀ, ରୁସା ଅନୁଦାନରୁ ଏହି ପ୍ରକାରର ଖର୍ଚ୍ଚକୁ ଅନୁମତି ଦିଏନାହିଁ । ଏହିପରି, ଆସବାବପତ୍ର ଏବଂ ସଂରଚନା କ୍ରୟ ଦିଗରେ 6.48 ଲକ୍ଷ ଟଙ୍କା ବ୍ୟୟ ଅନିୟମିତ ଥିଲା ।

ପ୍ରସ୍ଥାନ ବୈଠକରେ (ଜୁନ୍ 2024) ରେଜିଷ୍ଟ୍ରାର୍, ଉତ୍କଳ ବିଶ୍ୱବିଦ୍ୟାଳୟ କହିଲେ ଯେ ବିଶ୍ୱବିଦ୍ୟାଳୟ ନିଜସ୍ୱ ପାଣ୍ଠିରୁ ଏହି ଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନେଇଛି ।

### *2.6.4.2 ଗୁଣବତ୍ତା ଏବଂ ଉତ୍କର୍ଷ ଅନୁଦାନର ଉପଯୋଗ*

ମାର୍ଚ୍ଚ 2023 ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ରୁସା 2.0 ଅଧିନରେ ଗୁଣବତ୍ତା ଏବଂ ଉତ୍କର୍ଷତା ପାଇଁ ପ୍ରାପ୍ତ 75 କୋଟି ଟଙ୍କା ମଧ୍ୟରୁ 39.66 କୋଟି ଟଙ୍କା ଉପଯୋଗ କରିଥିଲା । ଏହା ଅନୁଦାନ ଉପଯୋଗରେ ଅଡିଟ୍ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଅବଲୋକନ କରିଅଛି:

***(i) ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ଭିତ୍ତିଭୂମି ହେବା ପାଇଁ ଉଦ୍ଦିଷ୍ଟ ଅର୍ଥ- ଅନ୍ୟ ଉଦ୍ଦେଶ୍ୟରେ ଖର୍ଚ୍ଚ- 1.83 କୋଟି ଟଙ୍କା***

ଗୁଣବତ୍ତା ଓ ଉତ୍କର୍ଷତା ଅଂଶସ୍ୱରୂପ ରୁସା ଅନୁଦାନରେ ପରୀକ୍ଷା ପରିଚାଳନା ପାଇଁ ସୁବିଧା ସୃଷ୍ଟି ନିମନ୍ତେ 4 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ପ୍ରସ୍ତାବ ଆବେଦନ ଦସ୍ତାବିଜ୍ ପ୍ରସ୍ତୁତ କରିବା ପରେ (ଡିସେମ୍ବର 2019), ଉତ୍କଳ ବିଶ୍ୱବିଦ୍ୟାଳୟ ଏହାର ପରବର୍ତ୍ତୀ କାର୍ଯ୍ୟପନ୍ଥା ଯଥା- ଟେଣ୍ଡର ଆହ୍ୱାନ, କେନ୍ଦ୍ରୀକୃତ ଆଇସିଟି ଲ୍ୟାବ୍ ତିଆରି ପାଇଁ କାର୍ଯ୍ୟନିର୍ବାହୀ ଚୟନ ଆଦି କୌଣସି ପ୍ରକ୍ରିୟା ଆରମ୍ଭ କରିନଥିଲେ । ରୁସା କାର୍ଯ୍ୟକାରୀ କରିବା ପାଇଁ କୁଳପତିଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍, ଆଇସିଟି ଲ୍ୟାବ ସ୍ଥାପନ ପରିବର୍ତ୍ତେ, ପ୍ରତ୍ୟେକ ଅଧ୍ୟାପକ ଏବଂ ପ୍ରଶାସନିକ ବିଭାଗକୁ ଲାପ୍‌ଟପ୍/ ଡେସ୍କଟପ୍ ଦେବା ପାଇଁ ସ୍ଥିର କରିଥିଲେ (ସେପ୍ଟେମ୍ବର 2020) । ସେଥିପାଇଁ ଅପ୍ରେଲ୍ 2021 ରୁ ଜୁଲାଇ 2021 ମଧ୍ୟରେ 141 ଡେସ୍କଟପ୍, 88 ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ 1.83 କୋଟି ଟଙ୍କା ମୂଲ୍ୟରେ କିଣାଯାଇଥିଲା । ଆଇସିଟି ଲ୍ୟାବ୍ ପ୍ରତିଷ୍ଠା ପରିବର୍ତ୍ତେ, ବିଶ୍ୱବିଦ୍ୟାଳୟର ବିଭିନ୍ନ ଶିକ୍ଷାଦାନ ବିଭାଗ ଏବଂ ପ୍ରଶାସନିକ ବିଭାଗ ମଧ୍ୟରେ ଡେସ୍କଟପ୍ ଏବଂ ଲାପ୍‌ଟପ୍ ବଣ୍ଟନ କରାଯାଇଥିଲା । ତେବେ, ଷ୍ଟୋରରେ 16 ଟି ଲାପଟପ୍ ପଡ଼ିରହିଥିଲା ଏବଂ ଦୁଇଟି ଲାପ୍‌ଟପ୍ କେଉଁଠାରେ ଅଛି ତାହା, ବିଶ୍ୱବିଦ୍ୟାଳୟର ରେକର୍ଡରେ ନଥିଲା । ଅନ୍ୟ ଉଦ୍ଦେଶ୍ୟରେ କମ୍ପ୍ୟୁଟର ବ୍ୟବହାର କରିବା ପାଇଁ ବିଶ୍ୱବିଦ୍ୟାଳୟ ଭାରତ ସରକାର କିମ୍ବା ଓଡ଼ିଶା ସରକାରଙ୍କର ଅନୁମୋଦନ ନେଇ ନଥିଲା ।

ତେଣୁ, କମ୍ପ୍ୟୁଟର, ଲାପଟପ୍ ଇତ୍ୟାଦି କ୍ରୟ ପାଇଁ କେବଳ 1.83 କୋଟି ଟଙ୍କା ଅନିୟମିତ ଭାବରେ ଖର୍ଚ୍ଚ ହୋଇଥିଲା ତାହା ନୁହେଁ, ବରଂ କ୍ରୟ ପରେ ମଧ 11.16 ଲକ୍ଷ ଟଙ୍କା ମୂଲ୍ୟର 16 ଟି ଲାପ୍‌ଟପ୍ ଦୁଇ ବର୍ଷରୁ ଅଧିକ ସମୟ ପାଇଁ ଅବ୍ୟବହୃତ ହୋଇ ରହିଥିଲା ଏବଂ 1.39 ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି ଲାପ୍‌ଟପ୍‌ର ହିସାବ ନଥଲା (ଜୁନ୍ 2023) ।

ଏସ୍‌ପିଡି ଦର୍ଶାଇଛନ୍ତି (ମଇ 2024) ଯେ, କୋଭିଡ୍-19 ସମୟରେ ଗୃହରୁ ଶିକ୍ଷକ ଏବଂ ରିସର୍ଚ୍ଚ ଛାତ୍ରଛାତ୍ରୀଙ୍କ ପାଖରେ ଇ-ସାଧନ ଗୁଡ଼ିକ ପହଞ୍ଚାଇବା ପାଇଁ, ଡେସ୍କଟପ୍/ ଲାପ୍‌ଟପ୍ କ୍ରୟ ଏବଂ ବିତରଣ କରିବାକୁ ବିଶ୍ୱବିଦ୍ୟାଳୟ ସ୍ଥିର କରିଥିଲା । ହିସାବ ନ ଥିବା ଦୁଇଟି ଲାପ୍‌ଟପ୍‌କୁ ଖୋଜିବା ଓ ଫେରସ୍ତ ପାଇଁ ଷ୍ଟୋର ୟୁନିଟ୍‌କୁ କୁହାଯାଇଛି । ଉତ୍ତର ସନ୍ତୋଷଜନକ ନୁହେଁ, କାରଣ ଅଫ୍‌ଲାଇନ୍ ମୋଡରେ ଶିକ୍ଷାଦାନ କାର୍ଯ୍ୟକଳାପ ଆରମ୍ଭ ହେବା ପରେ ମଧ୍ୟ, ପ୍ରାପ୍ତକର୍ତ୍ତାଙ୍କ ଠାରୁ ବଣ୍ଟିତ କମ୍ପ୍ୟୁଟର ଫେରାଇ ଆଣିବାକୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

### *(ii) ଗ୍ରାମୀଣ ଟେକ୍‌ନୋଲୋଜି ପାର୍କ ନିର୍ମାଣରେ ନିଷ୍ଫଳ ବ୍ୟୟ*

ରୁସା 2.0 ଅଧିନରେ ଗୁଣବତ୍ତା ଏବଂ ଉତ୍କର୍ଷତା ଅଂଶସ୍ୱରୂପ ପ୍ରାପ୍ତ ଅନୁଦାନ ବିନିଯୋଗ କରି, ଏକ ନୂଆ କ୍ୟାମ୍ପସ୍ "ଉତ୍କଳ ଉଦ୍ୟୋଗୀତା ଏବଂ କ୍ୟାରିୟର ହବ୍ ଏବଂ ବିଶ୍ୱବ୍ୟାପୀ କେନ୍ଦ୍ର, ଗ୍ରାମୀଣ ଶିକ୍ଷା" (ଗ୍ରାମୀଣ ପ୍ରଯୁକ୍ତିବିଦ୍ୟା ପାର୍କ ନାମରେ ନାମିତ) ପାଇଁ ଏକ କୋଠା, ସିହା, ଚଣ୍ଡିଖୋଲ, ଯାଜପୁର ଜିଲ୍ଲାଠାରେ ନିର୍ମାଣ କରିବାକୁ, ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ) ନିଷ୍ପତ୍ତି ନେଇଥିଲେ (ଡିସେମ୍ବର 2019) । ଜୁଲାଇ 2021 ରେ 5.75 କୋଟି ଟଙ୍କା ବ୍ୟୟରେ କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ନିର୍ମାଣ ସମୟରେ, କୋଠା ପାଇଁ ବିଦ୍ୟୁତ ବିତରଣ ୟୁଟିଲିଟି ଠାରୁ ବିଦ୍ୟୁତ୍ ଆଣିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପଦକ୍ଷେପ ନେଇନଥିଲେ । ମିଳିତ ସରଜମିନ ଯାଞ୍ଚ (27 ଜୁନ୍ 2023) ସମୟରେ ଜଣାଗଲା ଯେ ବିଦ୍ୟୁତ ଯୋଗାଣ ଏବଂ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇନାହିଁ । ଏହା ମଧ ଜଣାଗଲା ଯେ ଅନେକ ବୈଦ୍ୟୁତିକ, ସାନିଟାରୀ ଫିଟିଙ୍ଗ୍ ଏବଂ ଗ୍ରୀଲ୍ ଚୋରୀ ହୋଇଯାଇଛି ।

ଉକ୍ତ କୋଠାରେ ବିଦ୍ୟୁତ୍ ଯୋଗାଣ ହୋଇନଥିବା ଯୋଗୁଁ, ସେଠାରେ ପ୍ରଦାନ କରାଯିବାକୁ ଥିବା ପାଠ୍ୟକ୍ରମ/ ତାଲିମ୍ କାର୍ଯ୍ୟକ୍ରମ, ଅପ୍ରେଲ୍ 2024 ସୁଦ୍ଧା ଆରମ୍ଭ ହୋଇପାରି ନଥିଲା । କୋଠାକୁ ବିଦ୍ୟୁତ୍ ଯୋଗାଣରେ ଅତ୍ୟଧିକ ବିଳମ୍ବ, ବିଶ୍ୱବିଦ୍ୟାଳୟ ଯୋଜନା ଏବଂ ତଦାରଖର ଅଭାବକୁ ସୂଚିତ କରୁଛି ।

ଏସ୍‌ପିଡି କହିଛନ୍ତି (ମଇ 2024) ଯେ, ଶୀଘ୍ର 500 କେଭିଏ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ।

### *2.6.4.3 ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା କମ୍ପ୍ୟୁଟର କ୍ରୟରେ ନିଷ୍କ୍ରିୟ ବ୍ୟୟ*

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ରାଉରକେଲା, ଭିତ୍ତିଭୂମି ଅନୁଦାନ ପାଇଁ ରୁସା ଅଧିନରେ 20 କୋଟି ପ୍ରାପ୍ତ କରିଥିଲା । ବିପିୟୁଟି, ରୁସା ଅନୁଦାନରୁ ଏକ କେନ୍ଦ୍ରୀୟ ଲାଇବ୍ରେରୀ ପାଇଁ 180 ଡେସ୍କଟପ୍ କମ୍ପ୍ୟୁଟର କିଣିବା ପାଇଁ ସ୍ଥିର କରିଥିଲା (4 ଅପ୍ରେଲ୍ 2016) । ତଦନୁସାରେ, 180 ଟି ଡେସ୍କଟପ୍ କମ୍ପ୍ୟୁଟର ଯୋଗାଣ ପାଇଁ ଏକ ଫାର୍ମକୁ କ୍ରୟ ଆଦେଶ ଦିଆଯାଇଥିଲା (ମଇ 2016) । ନଭେମ୍ବର 2016 ରେ ଫାର୍ମ ସମସ୍ତ କମ୍ପ୍ୟୁଟର ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିଥିଲା ଏବଂ ଫାର୍ମକୁ 97.15 ଲକ୍ଷ[124] ଟଙ୍କା ଦେୟ ପ୍ରଦାନ କରାଯାଇଥିଲା (ଜାନୁଆରୀ 2017) । କେନ୍ଦ୍ରୀୟ ପାଠାଗାର କୋଠାର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ, କାର୍ଯ୍ୟନିର୍ବାହୀ ସଂସ୍ଥାଦ୍ୱାରା, କେନ୍ଦ୍ରୀୟ ଲାଇବ୍ରେରୀ କୋଠା ହସ୍ତାନ୍ତର ନ ହେବା ପର୍ଯ୍ୟନ୍ତ ବିଦ୍ୟମାନ ଲାବୋରେଟୋରୀରେ କମ୍ପ୍ୟୁଟର ଉପଯୋଗ କରିବାକୁ ବିଶ୍ୱବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ (ଜାନୁଆରୀ 2017) । ଏହା ଲକ୍ଷ୍ୟ କରାଯାଇଥିଲା ଯେ 180 ଟି ଡେସ୍କଟପ୍ କମ୍ପ୍ୟୁଟର ମଧ୍ୟରୁ, 65 ଟି ଡେସ୍କଟପ୍ ବିଭିନ୍ନ ବିଭାଗ/ ଉପବିଭାଗକୁ ଦିଆଯାଇଥିଲା ଏବଂ ଅବଶିଷ୍ଟ 115 ଟି ଡେସ୍କଟପ୍, କ୍ରୟ ତାରିଖ ଠାରୁ ଛଅ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ, ଅବ୍ୟବହୃତ ହୋଇ ରହିଥିଲା **(ଚିତ୍ର 2.6.4)** । ତେଣୁ, ଏହାର ସ୍ଥାପନ ପାଇଁ, ସ୍ଥାନ ଉପଲବ୍ଧତାକୁ ସୁନିଶ୍ଚିତ ନକରି, କମ୍ପ୍ୟୁଟର କ୍ରୟ ଦ୍ୱାରା 62.07 ଲକ୍ଷ ଟଙ୍କା[125] ନିରର୍ଥକ ଖର୍ଚ୍ଚ ହୋଇଥିଲା । ଏହା ମଧ୍ୟରେ ଡେସ୍କଟପ୍‌ର ୱାରେଣ୍ଟି ଅବଧି ସମାପ୍ତ ହୋଇଯାଇଥିଲା ଏବଂ ସମୟ ପ୍ରବାହ ଯୋଗୁ କମ୍ପ୍ୟୁଟରଗୁଡ଼ିକର କାର୍ଯ୍ୟକ୍ଷମତା ଉପରେ ସନ୍ଦେହ ଜାତ ହୋଇଥିଲା ।

[124] ପ୍ରତି କମ୍ପ୍ୟୁଟର ପିଛା 53,971 ଟଙ୍କା ହିସାବରେ 180 ଟି କମ୍ପ୍ୟୁଟର

[125] ପ୍ରତି କମ୍ପ୍ୟୁଟର ପିଛା 53,971 ଟଙ୍କା ହିସାବରେ 115 ଟି କମ୍ପ୍ୟୁଟରର ମୂଲ୍ୟ



ଚିତ୍ର *2.6.4:* କେନ୍ଦ୍ରୀୟ ଲାଇବ୍ରେରୀ ପାଇଁ କ୍ରୟ ହୋଇଥିବା ଡେସ୍କଟପ୍ ଗୁଡ଼ିକ ଅବ୍ୟବହୃତ ହୋଇ ଛଅ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଷ୍ଟକ୍‌ରେ ରଖାଯାଇଥିଲା *(07.06.2023)*

### 2.6.4.4 କାର୍ଯ୍ୟକାରୀ ସଂସ୍ଥାର ପରିବର୍ତ୍ତନ ହେତୁ ଅଧିକ ଖର୍ଚ୍ଚ

ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ (ଆର୍‌ଡିଡବ୍ଲ୍ୟୁୟୁ), ଭୁବନେଶ୍ୱର 50.59 କୋଟି[126] ଟଙ୍କାର ଆକଳନ ମୂଲ୍ୟରେ ବୈଦ୍ୟୁତିକ ସରଞ୍ଜାମ ସ୍ଥାପନ ସହିତ, ଶିକ୍ଷାଦାନ ବ୍ଲକ୍, ପ୍ରଶାସନିକ ବ୍ଲକ୍, ଅଡିଟୋରିୟମ୍, ହଷ୍ଟେଲ୍, ଲାଇବ୍ରେରୀ ଏବଂ କ୍ୟାଣ୍ଟିନ୍ ନିର୍ମାଣ ପାଇଁ ସିପିଡବ୍ଲ୍ୟୁଡି ସହିତ ଏକ ବୁଝାମଣା (ଏମ୍‌ଓୟୁ) କରିଥିଲେ (ଅକ୍ଟୋବର 2016) । ଚୁକ୍ତିନାମା ଅନୁଯାୟୀ, ସିପିଡବ୍ଲ୍ୟୁଡି ସେହି କାର୍ଯ୍ୟକୁ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦେଇଥିବା ଲେ-ଆଉଟ୍, ସ୍ଇଟ୍ ପ୍ଲାନ୍, ଡିଜାଇନ୍ ଓ ସଂରଚନା ଅନୁଯାୟୀ ପରସ୍ପର ସହମତି ତାରିଖ ମଧ୍ୟରେ, ସମାପ୍ତ କରିବାର ଥିଲା । ଅକ୍ଟୋବର 2016 ରୁ ଜୁନ୍ 2020 ମଧ୍ୟରେ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସିପିଡବ୍ଲ୍ୟୁଡି ପାଖରେ 40.57 କୋଟି ଟଙ୍କା ଜମା କରିଥିଲେ ।

କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟରେ, ଏକଦା, ସିପିଡବ୍ଲ୍ୟୁଡି (ଅକ୍ଟୋବର 2018), ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଜଣାଇ ଦେଇଥିଲା ଯେ, ସମସ୍ତ କାର୍ଯ୍ୟ ଜାନୁଆରୀ 2019 ରୁ ଜୁନ୍ 2019 ମଧ୍ୟରେ 42 କୋଟି ଟଙ୍କାରେ ସମାପ୍ତ ହୋଇଯାଇପାରେ । ତଥାପି, ଚୁକ୍ତିନାମାକୁ ତଦନୁଯାଇ ସଂଶୋଧନ କରାଯାଇନଥିଲା । ନଭେମ୍ବର 2019 ରେ ସିପିଡବ୍ଲ୍ୟୁଡି, ଅସଂପୂର୍ଣ୍ଣ ଅଡିଟୋରିୟମ କୋଠା ବ୍ୟତୀତ, ଅନ୍ୟ ସମସ୍ତ କୋଠାକୁ ହାତକୁ ନେବା ପାଇଁ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଅନୁରୋଧ କରିଥିଲା । ଏଥିସହିତ ବକେୟା ଦେୟ(3.85 କୋଟି ଟଙ୍କା) ଏବଂ ବାକି ରହିଥିବା କାର୍ଯ୍ୟଗୁଡ଼ିକ ପାଇଁ 3.80 କୋଟି ଟଙ୍କା ମୋଟ 7.65 କୋଟି ଟଙ୍କା ଦେବା ପାଇଁ ସିପିଡବ୍ଲ୍ୟୁଡି, ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଅନୁରୋଧ କରିଥିଲା । ଏଣୁ, ସିପିଡବ୍ଲ୍ୟୁଡି ଅନୁଯାୟୀ, ସଂଶୋଧିତ ପ୍ରକଳ୍ପର ମୂଲ୍ୟ 48.22 କୋଟି[127] ଟଙ୍କା ହେଲା, ଯାହାର ଆକଳନ ମୂଲ୍ୟ ଚୁକ୍ତିନାମା ଅନୁସାରେ 50.59 କୋଟି ଟଙ୍କା ଥିଲା । ତଥାପି ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସିପିଡବ୍ଲ୍ୟୁଡିକୁ ସମସ୍ତ କାର୍ଯ୍ୟ 42 କୋଟି ଟଙ୍କା ମଧ୍ୟରେ ସମାପ୍ତ କରିବାକୁ କହିଥିଲେ (ଅକ୍ଟୋବର ଏବଂ ଡିସେମ୍ବର 2020), ଯାହା ସିପିଡବ୍ଲୁଡି ଦ୍ୱାରା ଅକ୍ଟୋବର ମାସରେ ଜଣାଇ ଦିଆଯାଇଥିଲା । ସିପିଡବ୍ଲ୍ୟୁଡି କୌଣସି ଆନୁଷ୍ଠାନିକ ଚୁକ୍ତିନାମା ଅନୁପସ୍ଥିତିରେ ପ୍ରକଳ୍ପ ମୂଲ୍ୟକୁ 42 କୋଟି ଟଙ୍କାରେ, ପୁନର୍ବିଚାର କରିବାକୁ ମନା କରିଥିଲା (ସେପ୍ଟେମ୍ବର 2021) । ଇତି ମଧ୍ୟରେ, ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ (ମାର୍ଚ୍ଚ 2021) ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ, ରାଜ୍ୟ ମାଲିକାନାରେ ଥିବା ଓଡ଼ିଶା ରାଜ୍ୟ ପୋଲିସ୍ ହାଉସିଂ ଆଣ୍ଡ୍ ୱେଲ୍‌ଫେୟାର କର୍ପୋରେସନ୍ (ଓଏସ୍‌ପିଏଚ୍‌ଡବ୍ଲ୍ୟୁସି) ଲିମିଟେଡ୍‌କୁ ହସ୍ତାନ୍ତର କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗକୁ ସୁପାରିଶ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ଅବଶିଷ୍ଟ କାର୍ଯ୍ୟକୁ ଓଏସ୍‌ପିଏଚ୍‌ଡବ୍ଲ୍ୟୁସିକୁ 11.25 କୋଟି ଟଙ୍କା ମୂଲ୍ୟରେ ନ୍ୟସ୍ତ କଲା ଏବଂ

---

126 ଶିକ୍ଷାଦାନ ବ୍ଲକ୍: 23.68 କୋଟି ଟଙ୍କା, ପ୍ରଶାସନିକ ବ୍ଲକ୍: 6.02 କୋଟି ଟଙ୍କା, ଅଡିଟୋରିୟମ୍: 8.58 କୋଟି ଟଙ୍କା, ହଷ୍ଟେଲ୍: 3.73 କୋଟି ଟଙ୍କା, ଲାଇବ୍ରେରୀ ଏବଂ କ୍ୟାଣ୍ଟିନ୍: 7.08 କୋଟି ଟଙ୍କା ଏବଂ ବୈଦ୍ୟୁତିକ ବହୁଳ ସେବା: 1.50 କୋଟି ଟଙ୍କା

127 40.57 କୋଟି ଟଙ୍କା + 3.85 କୋଟି ଟଙ୍କା + 3.80 କୋଟି ଟଙ୍କା

ବକେୟା ଦେୟ ପାଇଁ ସିପିଡବ୍ଲ୍ୟୁଡିକୁ 3.85 କୋଟି ଟଙ୍କା ଅର୍ଥ ପ୍ରଦାନ ପାଇଁ ଅନୁମୋଦନ କଲା । ଫେବୃଆରୀ 2023 ରେ ଏହି ପ୍ରକଳ୍ପ ସମାପ୍ତ ହୋଇଥିଲା ଏବଂ ସେପ୍ଟେମ୍ବର 2023 ରେ ହସ୍ତାନ୍ତର କରାଯାଇଥିଲା । ଏହିପରି ଭାବରେ ପ୍ରକଳ୍ପର ମୂଲ୍ୟ 55.67 କୋଟି ଟଙ୍କା (40.57 କୋଟି ଟଙ୍କା + 3.85 କୋଟି ଟଙ୍କା + 11.25 କୋଟି ଟଙ୍କା)କୁ ବୃଦ୍ଧି ପାଇଲା ।

ଅଡିଟ୍ ନିରୀକ୍ଷଣ କରିଥିଲେ ଯେ 42 କୋଟି ଟଙ୍କା ମଧ୍ୟରେ ସିପିଡବ୍ଲ୍ୟୁଡି ଦ୍ୱାରା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ବିଶ୍ୱବିଦ୍ୟାଳୟର ଜିଦ୍ ଧରିବାର କୌଣସି ଯଥାର୍ଥତା ନଥିଲା  କାରଣ ଏହି ପ୍ରକଳ୍ପ ମୂଲ୍ୟ ପ୍ରତିଫଳିତ କରିବାକୁ ଏମ୍‌ଓୟୁ ସଂଶୋଧନ କରାଯାଇ ନଥିଲା । ଅବଶିଷ୍ଟ କାର୍ଯ୍ୟ ସମାପ୍ତ କରିବା ପାଇଁ ସିପିଡବ୍ଲ୍ୟୁଡି 3.80 କୋଟି ଟଙ୍କାର ଦାବି ଗ୍ରହଣ କରିବାରେ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରେ ବୁଦ୍ଧିମାନ ହୋଇଥାନ୍ତା । ଏହାଦ୍ୱାରା 48.22 କୋଟି ଟଙ୍କାରେ କାର୍ଯ୍ୟଟି ସମାପ୍ତ ହୋଇପାରିଥାନ୍ତା । ଏହା ବଦଳରେ ସିପିଡବ୍ଲ୍ୟୁଡିକୁ କାର୍ଯ୍ୟନିର୍ବାହ ଦାୟିତ୍ୱରୁ ମୁକ୍ତ କରି, ଓଏସ୍‌ପିଏଚ୍‌ଡବ୍ଲ୍ୟୁସିକୁ ଏହି କାର୍ଯ୍ୟ ନ୍ୟସ୍ତ କରିବାରେ ପ୍ରକଳ୍ପର ମୂଲ୍ୟ 55.67 କୋଟି ଟଙ୍କାକୁ ବୃଦ୍ଧି ହେଲା । ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗର ଏପରି ଅନଭିଜ୍ଞ କାର୍ଯ୍ୟ ଯୋଗୁଁ ଅତିରିକ୍ତ ଖର୍ଚ୍ଚ 7.45 କୋଟି ଟଙ୍କା ହେଲା ।

ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦର୍ଶାଇଛି (ମଇ 2023) ଯେ, ସିପିଡବ୍ଲ୍ୟୁଡି (1 ଏବଂ 5 ନଭେମ୍ବର 2018) ସହ ବୈଠକରେ 42 କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଶେଷ କରିବାକୁ ରାଜି ହୋଇଥିଲା । ଏଥିରେ ମଧ କୁହାଯାଇଥିଲା ଯେ,ପ୍ରକଳ୍ପ ଶେଷ ପାଇଁ ଅତିରିକ୍ତ ଖର୍ଚ୍ଚକୁ ଉଚ୍ଚ ଶିକ୍ଷା ବିଭାଗ ଅନୁମୋଦନ କରାଯାଇଛି ।  ଏହି ଉତ୍ତର ଭରସାଯୋଗ୍ୟ ନୁହେଁ କାରଣ 42 କୋଟି ଟଙ୍କାର ସଂଶୋଧିତ ମୂଲ୍ୟକୁ ଏମ୍‌ଓୟୁ ସଂଶୋଧନ ମାଧ୍ୟମରେ ଆଇନ୍‌ସିଦ୍ଧ କରାଯାଇ ନାହିଁ, ତେଣୁ 42 କୋଟି ଟଙ୍କାରେ କାର୍ଯ୍ୟ ସମାପ୍ତ କରିବା ପାଇଁ ସିପିଡବ୍ଲ୍ୟୁଡିକୁ ବାଧ କରାଯାଇପାରିବ ନାହିଁ । ଅଧିକନ୍ତୁ, ଉଚ୍ଚ ଶିକ୍ଷା ବିଭାଗ ଅବଶିଷ୍ଟ କାର୍ଯ୍ୟ ସମାପ୍ତ କରିବା ପାଇଁ 7.45 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଛନ୍ତି ।

**ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ**

## 2.7 ସିବିସି ଦରକୁ ବିଳମ୍ବରେ କାର୍ଯ୍ୟକାରୀ କରିବାରୁ 12.11 କୋଟି ଟଙ୍କାର ଅତିରିକ୍ତ ବ୍ୟୟ

**ବିଭାଗର ବିଜ୍ଞାପନ ନୀତି, 1998 ଅନୁସାରେ ସିବିସି ବିଜ୍ଞାପନ ଦର ଲାଗୁ କରିବା ପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ, ବିଭାଗ ଏହାକୁ ବିଳମ୍ବରେ ଲାଗୁ କରିବା ଫଳରେ 12.11 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା ।**

ସମସ୍ତ ସରକାରୀ ବିଜ୍ଞାପନକୁ[128] ନିୟନ୍ତ୍ରଣ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସରକାରୀ ବିଜ୍ଞାପନ (ବିଷୟବସ୍ତୁ ନିୟନ୍ତ୍ରଣ) ମାର୍ଗଦର୍ଶିକା 2014 ନାମରେ ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ (ମଇ 2015) । ପରବର୍ତ୍ତୀ ସମୟରେ ବିଜ୍ଞାପନ ଏବଂ ଭିଜୁଆଲ୍ ପବ୍ଲିସିଟି ନିର୍ଦ୍ଦେଶକ, ଯାହା ଭାରତ ସରକାରଙ୍କ ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେସନ୍ (ସିବିସି) ନାମରେ ନାମିତ କରାଯାଇଛି, ସେମାନଙ୍କର ପ୍ରଚଳିତ ନୀତି (ଅକ୍ଟୋବର 2015) ରେ ସରକାରୀ ବିଜ୍ଞାପନ ପାଇଁ, ଘରୋଇ ବାଣିଜ୍ୟିକ ଏବଂ ସାଟେଲାଇଟ୍ ଟେଲିଭିଜନ୍ ଚ୍ୟାନେଲଗୁଡ଼ିକର ବିଜ୍ଞାପନ ତାଲିକାଭୁକ୍ତ କରିବାର ବ୍ୟବସ୍ଥା ଏବଂ ଦରକୁ ଅନ୍ତର୍ଭୁକ୍ତ କରିଥିଲେ ।

ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକ ସମ୍ପର୍କ (ଆଇଆଣ୍ଡପିଆର୍) ବିଭାଗ ପକ୍ଷରୁ 1998 ମସିହାରେ, ଛାପା ଗଣମାଧ୍ୟମରେ ସରକାରୀ ବିଜ୍ଞାପନ ପାଇଁ ଏକ ବିଜ୍ଞାପନ ନୀତି ଜାରି କରାଯାଇଥିଲା । ବିଜ୍ଞାପନ ଦର ନିର୍ଦ୍ଧାରଣ ପାଇଁ ଏହି ନୀତିରେ ସିବିସି ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଦରକୁ ଯଥୋଚିତ ଗୁରୁତ୍ୱ ଦେବାର ପ୍ରାବଧାନ ଥିଲା । ତେବେ, ଏହି ନୀତି ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ ଦର ଉପରେ ନୀରବ ଥିଲା । ପରେ ସିବିସି ଦ୍ୱାରା ଲାଗୁ କରାଯାଇଥିବା ଏହି ନୀତି ଯୋଗୁଁ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ, ବୈଦ୍ୟୁତିକ ଏବଂ ୱେବ୍ ମିଡିଆରେ ସରକାରୀ ବିଜ୍ଞାପନ ପାଇଁ ଆଇଆଣ୍ଡପିଆର୍‌ର ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଏକ ଚିଠା ନୀତି ପ୍ରସ୍ତୁତି ପାଇଁ ଏକ

[128] ବର୍ଗୀକୃତ ବିଜ୍ଞାପନ ବ୍ୟତୀତ

କମିଟି[129] ଗଠନ କରିଥିଲା (ନଭେମ୍ବର 2015) । କମିଟି ସିବିସି ଦ୍ୱାରା ଲାଗୁ ହୋଇଥିବା ଅନୁରୂପରେ ଏକ ନୀତି ଲାଗୁ କରିବା ପାଇଁ ସ୍ଥିର କରିଥିଲା (ଅପ୍ରେଲ 2016) । କମିଟି ବିଭାଗର ତିନି ଜଣ ଅଧିକାରୀଙ୍କୁ[130] 15 ଦିନ ମଧ୍ୟରେ ବୈଦ୍ୟୁତିକ ଏବଂ ୱେବ୍ ମିଡିଆରେ ବିଜ୍ଞାପନ ପାଇଁ ଚିଠା ନୀତି ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦେଇଥିଲେ ।

ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ଅକ୍ଟୋବର 2018 ରୁ ମାର୍ଚ୍ଚ 2022 ଅବଧି ପର୍ଯ୍ୟନ୍ତ ସମ୍ବନ୍ଧିତ ରେକର୍ଡରୁ ଅଡିଟ୍ ଲକ୍ଷ୍ୟ କଲା (ଏପ୍ରିଲ 2022) ଯେ, ଚାରି ବର୍ଷ ବିତିବା ସତ୍ତ୍ୱେ ଚିଠା ନୀତି ପ୍ରସ୍ତୁତ ହୋଇନଥିଲା (ମାର୍ଚ୍ଚ 2020 ପର୍ଯ୍ୟନ୍ତ) । ନୀତି ପ୍ରସ୍ତୁତ ହୋଇନଥିବା କାରଣରୁ, ବିଭାଗର କମିଶନର-ତଥା-ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ, ବୈଦ୍ୟୁତିକ ଗଣମାଧ୍ୟମରେ ବିଜ୍ଞାପନ ଦର ପାଇଁ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାରୁ ଦର ମଗା ଯାଇଥିଲା (ନଭେମ୍ବର 2016) । ନଭେମ୍ବର 2016 ରେ 13 ଟି ଘରୋଇ ଟେଲିଭିଜନ ଚ୍ୟାନେଲରୁ ଦର ପ୍ରାପ୍ତ ହୋଇଥିଲା । କମିଶନର-ତଥା-ସଚିବ, 10 ସେକେଣ୍ଡ ସ୍ଲଟ୍ ପାଇଁ ଘରୋଇ ଟେଲିଭିଜନ ଚ୍ୟାନେଲ୍ (ପିଟିସି) ସହିତ ବୁଝାମଣା (17 ନଭେମ୍ବର 2016) ପରେ ଦରକୁ ଚୂଡ଼ାନ୍ତ କରିଥିଲେ । ଏହାପରେ, ବିଜ୍ଞାପନ ପାଇଁ ପିଟିସିଗୁଡ଼ିକୁ ସ୍ଥିର କରାଯାଇଥିବା ଦରରେ ଦେୟ ପ୍ରଦାନ କରାଯାଇଥିଲା ।

ଅଡିଟ୍‌ରେ ଏହା ମଧ୍ୟ ଦେଖାଗଲା ଯେ ବିଭାଗ, ଆର୍ଥିକ ବର୍ଷ 2018-19 ଏବଂ 2019-20 ରେ ବିଜ୍ଞାପନ ବାବଦକୁ ପିଟିସିଗୁଡ଼ିକୁ 74.37 କୋଟି ଟଙ୍କା ପ୍ରଦାନ କରିଥିଲା । ଅଡିଟ୍ 10 ଟି ପିଟିସିକୁ ମାର୍ଚ୍ଚ 2019 ରେ ବିଜ୍ଞାପନ ବାବଦକୁ ପ୍ରଦାନ କରାଯାଇଥିବା 15.79 କୋଟି ଟଙ୍କା ମୂଲ୍ୟର ଦୁଇଟି ଭାଉଚରକୁ ଯାଞ୍ଚ କରିଥିଲା । ଏହା ଦେଖାଗଲା ଯେ, ସମସ୍ତ 10 ଟି ପିଟିସିକୁ ବୁଝାମଣା ହୋଇଥିବା ଦରରେ ଦେୟ ପ୍ରଦାନ କରାଯାଇଥିଲା ଯାହା ସିବିସି ଦ୍ୱାରା ଲାଗୁ ଦର ଠାରୁ 1.53 ରୁ 7.80 ଗୁଣା ଅଧିକ ଥିଲା । ସମାନ ସ୍ଲଟ୍ ପାଇଁ ପ୍ରଦାନ କରାଯାଇଥିବା ଦର ଏବଂ ସିବିସି ଦ୍ୱାରା ଧାର୍ଯ୍ୟ ହୋଇଥିବା ଦର ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ***ସାରଣୀ 2.7.1*** ରେ ଦର୍ଶାଯାଇଛି ।

***ସାରଣୀ 2.7.1: ବୁଝାମଣା ମାଧ୍ୟମରେ ସ୍ଥିର ହୋଇଥିବା ବିଜ୍ଞାପନ ଦର ସହିତ ପ୍ରାଇମ୍ ଟାଇମ୍‌ରେ 10 ସେକେଣ୍ଡ ସ୍ଲଟ୍ ପାଇଁ ସିବିସି ଦ୍ୱାରା ଧାର୍ଯ୍ୟ ହୋଇଥିବା ଦରର ତୁଳନା***

| କ୍ର. ସଂ. | ପିଟିସିର ନାମ | ପ୍ରାଇମ୍ ଟାଇମ୍‌ରେ 10 ସେକେଣ୍ଡ ସ୍ଲଟ୍ ପାଇଁ ବୁଝାମଣା ଦର (ଟଙ୍କାରେ) | ପ୍ରାଇମ୍ ଟାଇମ୍‌ରେ 10 ସେକେଣ୍ଡ ସ୍ଲଟ୍ ପାଇଁ ସିବିସିର ଅଧିକ ଦର (ଟଙ୍କାରେ) | କେତେ ଗୁଣା ଅଧିକ |
|---|---|---|---|---|
| 1 | କଲର୍ସ ଓଡ଼ିଆ | 3,000 | 793 | 3.78 |
| 2 | କଳିଙ୍ଗ ଟିଭି | 3,200 | 428 | 7.48 |
| 3 | କନକ ନ୍ୟୁଜ୍ | 3,000 | 484 | 6.20 |
| 4 | ଏମ୍‌ବିସି ଟିଭି | 2,700 | 438 | 6.16 |
| 5 | ନ୍ୟୁଜ୍ 18 | 3,000 | 435 | 6.90 |
| 6 | ନ୍ୟୁଜ୍ 7 | 3,200 | 522 | 6.13 |
| 7 | ନ୍ୟୁଜ୍ ୱାର୍ଲଡ | 3,200 | 410 | 7.80 |
| 8 | ସାର୍ଥକ | 5,000 | 3,266 | 1.53 |
| 9 | ଜୀ କଳିଙ୍ଗ | 3,200 | 451 | 7.10 |
| 10 | ଜୀ ଓଡ଼ିଶା | 3,200 | 451 | 7.10 |

***(ଉତ୍ସ: ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ନଥିରୁ)***

ଉପରୋକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ ବିଭାଗ ଦ୍ୱାରା ସ୍ୱୀକୃତ ବୁଝାମଣା ଦର ସିବିସି ଦର ଠାରୁ 1.53 ରୁ 7.80 ଗୁଣ ଅଧିକ ଥିଲା । ଅଡିଟ୍, 15.79 କୋଟି ଟଙ୍କା ମୂଲ୍ୟର ପରୀକ୍ଷା ଯାଞ୍ଚ ହୋଇଥିବା ଦୁଇଟି ଦେୟ ଭାଉଚରରେ ପ୍ରଦାନ ହୋଇଥିବା ଅତିରିକ୍ତ ଦେୟର ପରିମାଣ 12.11 କୋଟି ଟଙ୍କା (77 ପ୍ରତିଶତ)

129 ସଂଯୁକ୍ତ ନିର୍ଦ୍ଦେଶକ-ତଥା-ଉପ ସଚିବ (ଅଡିଓ ଭିଜୁଆଲ ପ୍ରଚାର), ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ; ଷ୍ଟେସନ ନିର୍ଦ୍ଦେଶକ, ଆକାଶବାଣୀ, କଟକ; ଦୂରଦର୍ଶନ ନିର୍ଦ୍ଦେଶକ, ଭୁବନେଶ୍ୱର; ଭାରପ୍ରାପ୍ତ (ସାପ୍ତାହିକ କାର୍ଯ୍ୟକ୍ରମ); ସହାୟକ ନିର୍ଦ୍ଦେଶକ (ଫିଲ୍ମ); ଏବଂ ପ୍ରୋଗ୍ରାମ କୋର୍ଡିନେଟର, ଟିଭି

130 ଭାରପ୍ରାପ୍ତ (ସାପ୍ତାହିକ କାର୍ଯ୍ୟକ୍ରମ); ସହାୟକ ନିର୍ଦ୍ଦେଶକ (ଫିଲ୍ମ); ଏବଂ ପ୍ରୋଗ୍ରାମ କୋର୍ଡିନେଟର, ଟିଭି

(***ପରିଶିଷ୍ଟ 2.7.1***) ବୋଲି ହିସାବ କରିଥିଲା । ଯେହେତୁ ଆର୍ଥିକ ବର୍ଷ 2018-19 ଏବଂ 2019-20 ସମୟରେ ବିଭାଗ ଦ୍ୱାରା ବୈଦ୍ୟୁତିକ ଗଣମାଧମର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ବିଜ୍ଞାପନ ପାଇଁ 74.37 କୋଟି ଟଙ୍କା[131] ପ୍ରଦାନ କରାଯାଇଥିଲା, ଅତିରିକ୍ତ ଖର୍ଚ୍ଚର ପରିମାଣ ଅଧିକ ହୋଇପାରେ ।

ଉପରୋକ୍ତ ସନ୍ଦର୍ଭରେ ଅଡିଟ୍ ଲକ୍ଷ୍ୟ କଲା ଯେ:

- ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ, ପୂର୍ବ ଅଡିଟ୍ (ଅକ୍ଟୋବର ରୁ ଡିସେମ୍ବର 2018) ରେ ସିବିସି ଦର ତୁଳନାରେ ଅଧିକ ଦରରେ ବିଜ୍ଞାପନ ଦେୟ ପ୍ରଦାନର ମାମଲା ଉଠାଇଥିଲା[132], ଯାହା ଉପରେ ବିଭାଗ ଦ୍ୱାରା କୌଣସି ଉତ୍ତର ଦିଆଯାଇ ନଥିଲା । ବିଭାଗର ରେକର୍ଡରୁ ଏହା ଦେଖାଗଲା ଯେ ପିଟିସିର ବିଜ୍ଞାପନ ବିଲ୍‌ର ଯାଞ୍ଚ ସମୟରେ ତିନିଥର[133] ଅଡିଟ୍ ଆପତ୍ତି ବିଷୟରେ ଦର୍ଶା ଯାଇଥିଲା । ତଥାପି, ଏହି ସବୁ ଅବସରରେ ପିଟିସି ଦେୟର ମଞ୍ଜୁରୀ ପ୍ରଦାନ ସମୟରେ ଏହି ଆପତ୍ତିଗୁଡ଼ିକୁ ଅଣଦେଖା କରାଯାଇଥିଲା । ଏହା, ସରକାରୀ ରାଜକୋଷରୁ ପାଣ୍ଠି ଖର୍ଚ୍ଚ ସମୟରେ ମିତବ୍ୟୟିତା ବଜାୟ ରଖିବାରେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ମୁଖ୍ୟଙ୍କ ବିମୁଖତାର ସଙ୍କେତ ଦିଏ ।

- ଯେତେବେଳେ ରାଜ୍ୟ ସରକାରଙ୍କ ବିଜ୍ଞାପନ ନୀତି, 1998 ରେ, ଯଦିଓ ବୈଦ୍ୟୁତିକ ଗଣମାଧମରେ ବିଜ୍ଞାପନ ଉପରେ କୌଣସି ବ୍ୟବସ୍ଥା ନଥିଲା, ସିବିସିର ଦର ସହିତ ସମାନତା ସ୍ଥାପନ କରୁଥିଲା ଏବଂ ଏକ କମିଟି ବୈଦ୍ୟୁତିକ ଗଣମାଧମ ପାଇଁ ଏକ ନୀତିକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଥିଲା, ସେତେବେଳେ ପିଟିସି ସହିତ ଏକ ଦର ଉପରେ ବୁଝାମଣା କରିବା ଆବଶ୍ୟକ ନଥିଲା, ଯାହା ସିବିସି ଦର ଠାରୁ 1.53 ରୁ 7.80 ଗୁଣା ଅଧିକ ଥିଲା । ତେଣୁ, ଏହି ପ୍ରକାରର ପଦକ୍ଷେପ ବିଜ୍ଞାପନ ନୀତି, 1998 ଠାରୁ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଥିଲା ।

- ଆହୁରି ମଧ, ଅପ୍ରେଲ୍ 2016 ରେ ଗଠିତ କମିଟିକୁ ବୈଦ୍ୟୁତିକ ଗଣମାଧମରେ ଚିଠା ବିଜ୍ଞାପନ ନୀତି 15 ଦିନ/ ଏକ ପକ୍ଷ ମଧରେ ପ୍ରସ୍ତୁତ କରିବା ପାଇଁ ସମୟ ସୀମା ଦିଆଯାଇଥିଲା କିନ୍ତୁ ସେମାନେ ଠିକ୍ ସମୟରେ କାମ ପୁରା କରିନଥିଲେ । ଫଳସ୍ୱରୂପ, ବିଭାଗ 27 ମାର୍ଚ୍ଚ 2020 ପର୍ଯ୍ୟନ୍ତ ସିବିସି ଦର ତୁଳନାରେ ଉଚ୍ଚ ଦରରେ ବିଜ୍ଞାପନ ଦେୟ ପ୍ରଦାନ ଜାରି ରଖିଥିଲା । ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ[134] ଅଧକ୍ଷତାରେ ଗଠିତ ଏକ ଅନ୍ତଃ ବିଭାଗୀୟ କମିଟିର 26 ଫେବୃଆରୀ 2020 ରେ ହୋଇଥିବା ମିଟିଙ୍ଗ୍‌ରେ ସିବିସି ଦ୍ୱାରା ଧାର୍ଯ୍ୟ ହୋଇଥିବା ବିଜ୍ଞାପନ ଦରକୁ ଲାଗୁ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା । ଏହାର ଅନୁସରଣରେ ବିଭାଗ ସିବିସି ଦର ଲାଗୁ କରିବା ପାଇଁ ଅଧିସୂଚନା ଜାରି କରିଥିଲା (28 ମାର୍ଚ୍ଚ 2020) ।

28 ମାର୍ଚ୍ଚ 2020 ରେ ସିବିସିର ବିଜ୍ଞାପନ ଦର ଲାଗୁ ପରେ ପିଟିସିର ପରବର୍ତ୍ତୀ ବିଜ୍ଞାପନ ବିଲ୍‌ଗୁଡ଼ିକ ସିବିସି ଦରରେ ପ୍ରଦାନ କରାଯାଇଥିଲା । ତେଣୁ, ଏହା ସ୍ପଷ୍ଟ ଯେ, ପୂର୍ବରୁ ପିଟିସି ସହ ସିବିସି ଦର ତୁଳନାରେ ଅଧିକ ଦର ପ୍ରଦାନ କରିବାର କୌଣସି ଯଥାର୍ଥତା ନଥିଲା । ଆହୁରି ମଧ, ଯଦି ଅପ୍ରେଲ୍ 2016 ରୁ 27 ମାର୍ଚ୍ଚ 2020 ସମୟ ମଧରେ ବିଭାଗୀୟ ନୀତି ଦ୍ୱାରା ବିଜ୍ଞାପନ ଦର ଧାର୍ଯ୍ୟ କରିବାରେ ତତ୍ପରତା ଦେଖାଯାଇଥାନ୍ତା, ତେବେ ଅଧିକ ଦରରେ ଦେୟ ପ୍ରଦାନ ଏଡ଼ାଯାଇ ପାରିଥାନ୍ତା । ଏହି ଉଦ୍ଦେଶ୍ୟ ପାଇଁ ଅପ୍ରେଲ୍ 2016 ରେ ଏକ କମିଟି ଗଠନ କରିବା ଏବଂ ଫେବୃଆରୀ 2020 ରେ ସମ୍ପୃକ୍ତ ନିଷ୍ପତ୍ତି ନେବା ବିଭାଗର ଉଦାସୀନ ଭାବର ସୂଚନା ଦେଇଥିଲା ।

ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ କହିଲେ (ଜାନୁଆରୀ 2024) ଯେ, ନଭେମ୍ବର 2016 ରେ ସେମାନେ ବିଭିନ୍ନ ଚ୍ୟାନେଲ ସହ ବୁଝାମଣା ଜରିଆରେ ଦର ସ୍ଥିର କରିବା ପାଇଁ ନିଷ୍ପତ୍ତି ନେଇଥିଲେ, ଯେହେତୁ ସେହି ସମୟରେ

---

131 2018-19: 62.65 କୋଟି ଟଙ୍କା ଏବଂ 2019-20: 11.72 କୋଟି ଟଙ୍କା

132 ନିରୀକ୍ଷଣ ରିପୋର୍ଟ ସଂଖ୍ୟା 534/2018-19, ଜାନୁଆରୀ 2017 ରୁ ସେପ୍ଟେମ୍ବର 2018 ଅବଧି ପାଇଁ, 19 ମାର୍ଚ୍ଚ 2019 ରେ ଜାରି କରାଯାଇଥିଲା

133 ଫେବୃଆରୀ 2019, ଜୁଲାଇ 2019 ଏବଂ ଅଗଷ୍ଟ 2019

134 ଅନ୍ୟ ସଦସ୍ୟ: ଆଇନ୍ ବିଭାଗର ମୁଖ୍ୟ ସଚିବ, ଆଇଆଣ୍ଡପିଆର୍ ବିଭାଗର କମିଶନର-ତଥା-ସଚିବ, ଅର୍ଥ ବିଭାଗର ବିଶେଷ ସଚିବ, ଆଇଆଣ୍ଡପିଆର୍ ବିଭାଗର ନିର୍ଦ୍ଦେଶକ ଏବଂ ଆଇଆଣ୍ଡପିଆର୍ ବିଭାଗର ନିର୍ଦ୍ଦେଶକ (ବୈଷୟିକ)

କୌଣସି ଅନୁମୋଦିତ ଦର ଉପଲବ୍ଧ ନଥିଲା ଏବଂ ବିଜ୍ଞାପନ ବିଲ୍ ସେହି ଅନୁସାରେ ନିଷ୍ପାଦନ କରାଯାଇଥିଲା, ତେଣୁ କୌଣସି ଅତିରିକ୍ତ ଖର୍ଚ୍ଚ ହୋଇନଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ସିବିସି ସେହି ସମୟ (ଅକ୍ଟୋବର 2015) ସୁଦ୍ଧା ପିଟିସି ପାଇଁ ବିଜ୍ଞାପନ ଦର ସ୍ଥିର କରିଥିଲେ, ଯାହାକୁ ମାର୍ଚ୍ଚ 2020 ପରିବର୍ତ୍ତେ ତତ୍କ୍ଷଣାତ୍ ଗ୍ରହଣ କରାଯାଇ ପାରିଥାନ୍ତା ଓ ବୁଝାମଣା ଜରିଆରେ ସ୍ଥିରୀକୃତ ଦର ଅନୁସାରେ ପ୍ରାପ୍ୟ ପ୍ରଦାନ ଏଡ଼ାଇ ଯାଇପାରିଥାନ୍ତା ।

## 2.8 କୋଠା ନିର୍ମାଣରେ ନିରର୍ଥକ ଖର୍ଚ୍ଚ

**ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ 10 ବର୍ଷ ବିତିଯିବା ସତ୍ତ୍ୱେ ଭୁବନେଶ୍ୱରରେ ବହୁମୁଖୀ ଷ୍ଟୁଡିଓ କୋଠାକୁ ସମ୍ପୂର୍ଣ୍ଣ କରିବାରେ ବିଫଳ ହୋଇଥିଲେ ଏବଂ ଆବଶ୍ୟକତା ନଥାଇ ମଧ ଭବାନୀପାଟଣାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କଳାହାଣ୍ଡି ପାଇଁ ଅନ୍ୟ ଏକ କୋଠା ନିର୍ମାଣ କରିଥିଲେ । ଫଳସ୍ୱରୂପ, ଅଟ୍ଟାଳିକା ଗୁଡିକର ନିର୍ମାଣରେ ଖର୍ଚ୍ଚ ହୋଇଥିବା 1.40 କୋଟି ଟଙ୍କା ନିରର୍ଥକ ହୋଇଥିଲା ।**

ଓଡ଼ିଶା ସରକାରଙ୍କ ଆର୍ଥିକ ଦାୟିତ୍ୱ ଏବଂ ପରିଚାଳନା (ଏଫ୍ଆର୍ବିଏମ୍) ଅଧିନିୟମ, 2005 ଅନୁଯାୟୀ ସରକାରୀ ସମ୍ବଳର ଉପଯୋଗ ଏପରି କରିବା ଆବଶ୍ୟକ, ଯାହା ବିନିଯୋଗ ଅର୍ଥର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବ ଏବଂ ସରକାରୀ ସମ୍ପତ୍ତିର ପ୍ରଭାବଶାଳୀ ଉପଯୋଗ କରି ସର୍ବାଧିକ ଲାଭ ହାସଲ କରିପାରିବ ।

ସୂଚନା ଏବଂ ଲୋକସମ୍ପର୍କ ବିଭାଗ (ଆଇଆଣ୍ଡ୍ପିଆର୍) (ଅପ୍ରେଲ୍ 2022) ଏବଂ ଏହାର ଜିଲ୍ଲା କାର୍ଯ୍ୟାଳୟ, ଯଥା- ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍ଓ), କଳାହାଣ୍ଡି (ଜୁନ୍ 2022) ର ଅଡିଟ୍ ସମୟରେ ଜଣାପଡ଼ିଲା ଯେ ଏଫ୍ଆର୍ବିଏମ୍ ଅଧିନିୟମର ଉପରୋକ୍ତ ବ୍ୟବସ୍ଥା ଦୁଇଟି ଅବସରରେ ଅନୁସରଣ କରାଯାଇ ନାହିଁ, ଯାହା ନିମ୍ନରେ ଆଲୋଚନା କରାଯାଇଛି:

### *2.8.1 ଭୁବନେଶ୍ୱରରେ ଅସମ୍ପୂର୍ଣ୍ଣ ବହୁମୁଖୀ ଷ୍ଟୁଡିଓ କୋଠା*

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱରରେ ଏହାର କ୍ୟାମ୍ପସ୍ ଭିତରେ ଏକ ବହୁମୁଖୀ ଷ୍ଟୁଡିଓ (ଏମ୍ପିଏସ୍) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ, ଯେଉଁଥିରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ରେକର୍ଡିଂ/ ସୁଟିଂ, ଏଡିଟିଙ୍ଗ୍ ଏବଂ ଡବିଙ୍ଗ୍ ପାଇଁ ଅତ୍ୟାଧୁନିକ ସୁବିଧା ରଖିବାର ବ୍ୟବସ୍ଥା ଥିଲା । 91.02 ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏମ୍ପିଏସ୍ ନିର୍ମାଣ ପାଇଁ ବିଭାଗ, ପ୍ରଶାସନିକ ଅନୁମୋଦନ ଦେଇଥିଲେ (ଡିସେମ୍ବର 2012) । ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ନିର୍ମାଣ ବିଭାଗ ଅଧିନରେ ଥିବା ମୁଖ୍ୟ ଯନ୍ତ୍ରୀ (କୋଠା)ଙ୍କୁ ଦିଆଯାଇଥିଲା । ଏହି କାର୍ଯ୍ୟର ପରିସର ମଧ୍ୟରେ ଚଟାଣରେ ଟାଇଲ ବିଛାଇବା, ରଙ୍ଗ ଦେବା, ଜଳ ଓ ଶୌଚ ବ୍ୟବସ୍ଥା ଏବଂ ବୈଦ୍ୟୁତିକ ଉପକରଣ ଖଞ୍ଜାଇବା ଇତ୍ୟାଦି ସହିତ ଅଡିଓ/ ଭିଡିଓ ରେକର୍ଡିଂ ଏବଂ ଡବିଙ୍ଗ୍ ସୁବିଧା ଥିବା ଏକ ଦୁଇ ମହଲା କୋଠା ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ଏହି ଉଦ୍ଦେଶ୍ୟରେ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ପାଖରେ 91 ଲକ୍ଷ ଟଙ୍କା[135] ଜମା କରିଥିଲେ । କୋଠାର ନିର୍ମାଣ କାର୍ଯ୍ୟ ମାର୍ଚ୍ଚ 2013 ରେ ଆରମ୍ଭ ହୋଇ ଡିସେମ୍ବର 2013 ସୁଦ୍ଧା ଯଥା, ନିର୍ଦ୍ଧାରିତ ନଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଥିଲା ।

ବିଭାଗର ରେକର୍ଡରୁ ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ମୁଖ୍ୟ ଯନ୍ତ୍ରୀ ବିଭାଗରୁ ପ୍ରାପ୍ତ ରାଶିର ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିନାହାନ୍ତି । ଅଡିଟ୍, ବିଭାଗର ଅଧିକାରୀଙ୍କ ସହ କୋଠାର ଏକ ମିଳିତ ସରଜମିନ ତଦନ୍ତ (ଜେପିଆଇ) କରିଥିଲେ (20 ଏପ୍ରିଲ୍ 2022) ଏବଂ କୋଠାର ସମ୍ପୂର୍ଣ୍ଣ ହେବାର ସ୍ଥିତି ଜାଣିବା ପାଇଁ କୋଠାର ଫଟୋ ଉଠାଇଥିଲା । କୋଠାର କିଛି **ଚିତ୍ର 2.8.1** ଏବଂ **2.8.2** ରେ ଦର୍ଶାଯାଇଛି ।

135 ଆର୍ଥିକ ବର୍ଷ 2013-14 ରେ 50 ଲକ୍ଷ ଟଙ୍କା ଏବଂ ଆର୍ଥିକ ବର୍ଷ 2014-15 ରେ 41 ଲକ୍ଷ ଟଙ୍କା




ଚିତ୍ର 2.8.1: କୋଠାର ସମ୍ମୁଖ ଦୃଶ୍ୟ (20.04.2022)




ଚିତ୍ର 2.8.2: ଅବ୍ୟବହୃତ ଜିନିଷ କିମ୍ବା ଅଳିଆ ଫିଙ୍ଗା ଯାଇଥିବାର ଭିତରର ଦୃଶ୍ୟ (20.04.2022)

ଜେପିଆଇରେ ଏହା ଲକ୍ଷ୍ୟ କରାଗଲା ଯେ ଯଦିଓ କୋଠାର ଢାଞ୍ଚା ସମ୍ପୂର୍ଣ୍ଣ ହୋଇସାରିଛି, ଅନ୍ୟ କାର୍ଯ୍ୟ ଯେପରିକି ଚଟାଣରେ ଟାଇଲ ବିଛାଇବା, ରଙ୍ଗ ଦେବା, ଜଳ ଓ ଶୌଚ ବ୍ୟବସ୍ଥା ଏବଂ ବୈଦ୍ୟୁତିକ ଉପକରଣ ଖଞ୍ଜାଇବା, ଝରକା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରାଯାଇ ନଥିଲା । ଅର୍ଦ୍ଧସମାପ୍ତ ଅଟ୍ଟାଳିକାରେ ଅନୁପଯୋଗୀ/ ଭଙ୍ଗାରୁଜା ଜିନିଷଗୁଡ଼ିକ ମହଜୁଦ ଥିବାର ଦେଖିବାକୁ ମିଳିଥିଲା । ବିଭାଗ, ବାକିଥିବା କାର୍ଯ୍ୟ ଶେଷ କରିବାକୁ ଏବଂ କୋଠାଟିକୁ ବ୍ୟବହାର କରିବାକୁ ଯୋଜନା କରିଛି କି ନାହିଁ ତାହା ଦର୍ଶାଇବା ପାଇଁ କୌଣସି ରେକର୍ଡ ନଥିଲା (ଅପ୍ରେଲ୍ 2022) ।

ଏହିପରି 10 ବର୍ଷ ବିତିଯିବା ସତ୍ତ୍ୱେ କୋଠାର ନିର୍ମାଣ ସମ୍ପୂର୍ଣ୍ଣ କରିବାରେ ବିଫଳତା ହେତୁ କୋଠା ନିର୍ମାଣରେ ବିନିଯୋଗ ହୋଇଥିବା 91 ଲକ୍ଷ ଟଙ୍କା ବେକାର ହୋଇଯାଇଥିଲା । ଏହା ଏଫ୍ଆର୍‌ବିଏମ୍ ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଅନୁପାଳନ ପାଇଁ ନିଷ୍ଠାର ଅଭାବ ସୂଚୀତ କରୁଛି, ଯେଉଁଥିରେ ଅର୍ଥର ସର୍ବୋତ୍ତମ ମୂଲ୍ୟ ସୁରକ୍ଷିତ ରଖିବା ଏବଂ ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଇଁ ସର୍ବାଧିକ ଲାଭ ପାଇବା ପାଇଁ ସରକାରୀ ସମ୍ପତ୍ତିର ପ୍ରଭାବଶାଳୀ ଉପଯୋଗ କରିବାକୁ ଚେଷ୍ଟା କରାଯାଇଛି ।

ଏହାର ଉତ୍ତରରେ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ସଚିବ ଦର୍ଶାଇଲେ (ଜୁଲାଇ 2023) ଯେ, ଯେହେତୁ ମୁଖ୍ୟ ଯନ୍ତ୍ରୀ 'ଫିଟ୍‌ନେସ୍ ଫର୍ ଅକୁପେନ୍ସି ସାର୍ଟିଫିକେଟ୍' ଦାଖଲ କରିନାହାନ୍ତି, ତେଣୁ ପ୍ରସ୍ତାବିତ ବହୁମୁଖୀ ଷ୍ଟୁଡିଓ ପାଇଁ କୋଠାଟିକୁ ବ୍ୟବହାର କରାଯାଇ ନାହିଁ । ମୁଖ୍ୟ ଯନ୍ତ୍ରୀଙ୍କ ଠାରୁ 'ଫିଟ୍‌ନେସ୍ ଫର୍ ଅକୁପେନ୍ସି ସାର୍ଟିଫିକେଟ୍' ନପାଇବାର କାରଣ ଉଲ୍ଲେଖ କରାଯାଇ ନାହିଁ ।

### 2.8.2 ଭବାନୀପାଟଣାରେ ନିଷ୍କ୍ରିୟ କାର୍ଯ୍ୟାଳୟ କୋଠା

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ (ଡିଆଇପିଆର୍‌ଓ), କଳାହାଣ୍ଡି ଜିଲ୍ଲାର ରେକର୍ଡ ଯାଞ୍ଚରେ ଅଡିଟ୍ ଲକ୍ଷ୍ୟ କରିଥିଲେ (ଜୁନ୍ 2022) ଯେ, ସୂଚନା ଓ ଲୋକ ସମ୍ପର୍କ ବିଭାଗ (ଆଇଆଣ୍ଡପିଆର୍), ଭବାନୀପାଟଣାରେ ଡିଆଇପିଆର୍‌ଓର ବର୍ତ୍ତମାନର କାର୍ଯ୍ୟାଳୟ କୋଠାର ପ୍ରଥମ ମହଲା ନିର୍ମାଣ ପାଇଁ, ପୂର୍ତ୍ତ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ମୁଖ୍ୟ ଯନ୍ତ୍ରୀ (କୋଠା)ଙ୍କୁ 50 ଲକ୍ଷ ଟଙ୍କା (ଜାନୁଆରୀ 2013 ଏବଂ ଜୁନ୍ 2013) ଦେଇଥିଲେ ।

ଅଟ୍ଟାଳିକା ନିର୍ମାଣର ଯଥାର୍ଥତା, ଅଟ୍ଟାଳିକାର ଯୋଜନା ଏବଂ ଆକଳନ, ସମ୍ପୂର୍ଣ୍ଣ ହେବାର ତାରିଖ ଏବଂ ଅଟ୍ଟାଳିକାର ଅଧିଗ୍ରହଣ ସମ୍ବନ୍ଧୀୟ ରେକର୍ଡ/ ସୂଚନା ଅଡିଟ୍‌କୁ ଉପଲବ୍ଧ କରାଯାଇ ନଥିଲା । ତେବେ, ଡିଆଇପିଆର୍‌ଓ ସୂଚନା ଦେଇଥିଲେ ଯେ ବର୍ତ୍ତମାନର କାର୍ଯ୍ୟାଳୟ ଭବନରେ ପ୍ରାୟ 5,000 ବର୍ଗଫୁଟ କ୍ଷେତ୍ରଫଳ ବିଶିଷ୍ଟ ପ୍ରଥମ ମହଲା ନିର୍ମାଣ ପାଇଁ 50 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ।

ଅଡିଟ୍, କାର୍ଯ୍ୟସ୍ଥଳ ପରିଦର୍ଶନ କରିବା ପରେ (ଜୁନ୍ 2022) ଜାଣିବାକୁ ପାଇଲେ ଯେ ନିର୍ମାଣ ଶେଷ ହେବା ତାରିଖ ଠାରୁ ସମଗ୍ର ପ୍ରଥମ ମହଲା ଅବ୍ୟବହୃତ ହୋଇପଡ଼ିଛି । କାନ୍ଥରେ ଅନେକ କର୍ଣ୍ଣାକାର ଫାଟ ସୃଷ୍ଟି

ହୋଇଥିଲା, ଯାହା ନିର୍ମାଣର ଗୁଣବତ୍ତା ଓ ସ୍ଥାୟିତ୍ୱ ଉପରେ ସନ୍ଦେହ ସୃଷ୍ଟି କରିଥିଲା, ଯାହା **ଚିତ୍ର 2.8.3** ଏବଂ **2.8.4** ରେ ଦର୍ଶାଯାଇଛି ।

|  |  |
| --- | --- |
| *ଚିତ୍ର 2.8.3: କୋଠାର ଅବ୍ୟବହୃତ ପ୍ରଥମ ମହଲା (30.06.2022)* | *ଚିତ୍ର 2.8.4: କାନ୍ଥର କର୍ଣ୍ଣାକାର ଫାଟ (30.06.2022)* |

ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କଲେ ଯେ ଡିଆଇପିଆର୍‌ଓ ତଳ ମହଲାର କେବଳ ଅଧା ଅଂଶରେ କାର୍ଯ୍ୟ କରୁଥିଲା ଏବଂ ତଳ ମହଲାର ଅନ୍ୟ ଅଧା ଅଂଶ ସହରାଞ୍ଚଳ ଜନସ୍ୱାସ୍ଥ୍ୟ କେନ୍ଦ୍ର ଭାବରେ ବ୍ୟବହୃତ ହେଉଥିଲା ।

ଡିଆଇପିଆର୍‌ଓ ବର୍ତ୍ତମାନର କେବଳ ଅଧା ଚଟାଣ ବ୍ୟବହାର କରୁନଥିବାରୁ ଅତିରିକ୍ତ ମହଲା ନିର୍ମାଣ କରିବାର କୌଣସି ଆବଶ୍ୟକତା ନଥିଲା । ଏଣୁ, ଆବଶ୍ୟକତା ନ ଥିବା ସତ୍ତ୍ୱେ, ବିଦ୍ୟମାନ ଅଟ୍ଟାଳିକାର ପ୍ରଥମ ମହଲା ନିର୍ମାଣ କରିବାର ନିଷ୍ପତ୍ତି ଯଥାର୍ଥ ନଥିଲା । ତେଣୁ, କୋଠାର ପ୍ରଥମ ମହଲା ନିର୍ମାଣରେ ବିନିଯୁକ୍ତ 50 ଲକ୍ଷ ଟଙ୍କା ଏକ ନିଷ୍କ୍ରିୟ ଖର୍ଚ୍ଚ ବୋଲି ପ୍ରମାଣିତ ହୋଇଥିଲା ।

ଡିଆଇପିଆର୍‌ଓ କାର୍ଯ୍ୟାଳୟ କୋଠାର ନବ ନିର୍ମିତ ପ୍ରଥମ ମହଲାର ଉପଯୋଗ ନ କରିବା ନେଇ ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନଥିଲା ।

ଉପରୋକ୍ତ ଦୁଇଟି ଉଦାହରଣ (i) 10 ବର୍ଷ ବିତିଯିବା ସତ୍ତ୍ୱେ କୋଠାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ନ ହେବା ଏବଂ (ii) କୋଠାର ସଂପୂର୍ଣ୍ଣ ପ୍ରଥମ ମହଲାର ଉପଯୋଗ ନ ହେବା, ଏହା ସୂଚାଉଛି ଯେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟ ଏଫ୍‌ଆର୍‌ବିଏମ୍ ଅଧିନିୟମର ଉଦ୍ଦେଶ୍ୟ ଅନୁକୂଳ ନ ଥିଲା । ଯେହେତୁ ଏହା ଭୁବନେଶ୍ୱର ଏବଂ ଭବାନୀପାଟଣାରେ ଥିବା ଏହି ଅଟ୍ଟାଳିକାଗୁଡିକରୁ ଉଦ୍ଦିଷ୍ଟ ଲାଭ ଉଠାଇବାରେ ବିଫଳ ହୋଇଥିଲା । ଫଳସ୍ୱରୂପ, ଏହି ଅଟ୍ଟାଳିକା ନିର୍ମାଣ ପାଇଁ ବ୍ୟୟ ହୋଇଥିବା 1.40 କୋଟି ଟଙ୍କା ନିରର୍ଥକ ହୋଇଥିଲା ।

ଉପରୋକ୍ତ ବିଷୟରେ ସରକାରଙ୍କୁ ଅବଗତ କରାଯାଇଛି (ଡିସେମ୍ବର 2023) ଏବଂ ସେମାନଙ୍କର ଉତ୍ତର ପ୍ରାପ୍ତ ହୋଇନାହିଁ (ଜାନୁଆରୀ 2025) ।

**ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ**

## 2.9 83.88 କୋଟି ଟଙ୍କାର ଅନାଦେୟ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ

**ପଞ୍ଜୀକରଣ କର୍ତ୍ତୃପକ୍ଷମାନେ ଲାଗୁ ଯୋଗ୍ୟ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଆକଳନ କରିବା ସମୟରେ ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899 ର ବ୍ୟବସ୍ଥାକୁ ସଠିକ୍ ଭାବରେ ଅନୁପାଳନ କରିନଥିଲେ । ଫଳସ୍ୱରୂପ, ସରକାରଙ୍କ 83.88 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା ।**

ଭାରତୀୟ ଷ୍ଟାମ୍ପ୍ ଅଧିନିୟମ, 1899 (ଓଡିଶା ସଂଶୋଧନ) ର ଧାରା 27 ରେ କୁହାଯାଇଛି ଯେ, ଶୁଳ୍କ ସହିତ ଯେ କୌଣସି ବିଲେଖର ଦେୟ ଯୋଗ୍ୟତାକୁ ପ୍ରଭାବିତ କରୁଥିବା ପ୍ରତିଫଳ/ ବିଚାର ମୂଲ୍ୟ (ଯଦି ଥାଏ) ଏବଂ

ଅନ୍ୟାନ୍ୟ ସମସ୍ତ ତଥ୍ୟ ଏବଂ ପରିସ୍ଥିତି କିମ୍ବା ଏହା ଦେୟଯୋଗ୍ୟ ଶୁଳ୍କର ପରିମାଣ, ସଂପୂର୍ଣ୍ଣ ଏବଂ ସତ୍ୟ ଭାବରେ ଏଥିରେ (ବିଲେଖ) ଉଲ୍ଲେଖ କରାଯିବ । ଅଧିନିୟମର ଧାରା 35 ର ବ୍ୟାଖ୍ୟା ଅନୁଯାୟୀ ଯେତେବେଳେ ଜଣେ ଲିଜ୍‌ଧାରୀ କୌଣସି ନିରନ୍ତର ଦେୟ, ଯେପରିକି ସରକାରୀ ରାଜସ୍ୱ, ଜମିମାଲିକଙ୍କ ସେସ୍ ଅଂଶ କିମ୍ବା ପୌର ଟିକସରେ ମାଲିକଙ୍କ ଅଂଶ, ଯାହା ଆଇନ ଅନୁଯାୟୀ, ପଟାଦାତାଙ୍କ ଠାରୁ ଆଦାୟଯୋଗ୍ୟ, ଦେବାକୁ ଅଙ୍ଗୀକାର କରନ୍ତି, ସେତେବେଳେ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରିବାକୁ ରାଜି ହୋଇଥିବା ପରିମାଣକୁ, ଭଡାର ଅଂଶ ଭାବରେ ବିବେଚନା କରାଯିବ । ଧାରା 35 (ଏ) (iii) ରୁ (vi) ପର୍ଯ୍ୟନ୍ତ ବ୍ୟବସ୍ଥା ଅଛି ଯେ, ଯେତେବେଳେ ଲିଜ୍ 5 ରୁ 100 ବର୍ଷ ଅବଧି ପାଇଁ ହୋଇଥାଏ, ସେତେବେଳେ ସଂରକ୍ଷିତ ହାରାହାରି ବାର୍ଷିକ ଭଡା (ଏଏଆର୍) ମୂଲ୍ୟର ଏକ ରୁ ଚାରିଗୁଣ[136] ସମାନ ପ୍ରତିଫଳ/ ବିଚାର ମୂଲ୍ୟ ଉପରେ ଷ୍ଟାମ୍ପ୍ ଡ୍ୟୁଟି (ଏସ୍‌ଡି) ଲାଗୁ କରାଯିବ । ଅନୁଚ୍ଛେଦ 35 (ସି) ରେ ଉଲ୍ଲେଖ ଅଛି ଯେ, ଯେଉଁ କ୍ଷେତ୍ରରେ ଲିଜ୍‌ର ସର୍ତ୍ତ ଅନୁଯାୟୀ ସଂରକ୍ଷିତ ଭଡା ସହିତ ଜରିମାନା କିମ୍ବା ପ୍ରିମିୟମ୍ କିମ୍ବା ଅଗ୍ରୀମ ପ୍ରଦାନ ବ୍ୟବସ୍ଥା ଅଛି, ସେ କ୍ଷେତ୍ରରେ ସେହି ଜମିମାନା କିମ୍ବା ପ୍ରମିୟମ୍ କିମ୍ବା ଅଗ୍ରୀମ ରାଶିର ସମାନ ମୂଲ୍ୟ ଉପରେ ଷ୍ଟାମ୍ପ୍ ଡ୍ୟୁଟି ଲାଗୁ କରାଯିବ । ଏହି ସହିତ, ଯଦି ଜରିମାନା କିମ୍ବା ପିମିୟମ୍ ପ୍ରଦାନ ବ୍ୟବସ୍ଥା ନଥାନ୍ତା, ସେହି ଲିଜ୍ ପାଇଁ ପ୍ରାପ୍ୟ ଷ୍ଟାମ୍ପ୍ ଡ୍ୟୁଟି ମଧ ପ୍ରଦାନ କରିବାକୁ ପଡିବ । ତେବେ ଏପରି ଲିଜ୍‌ରେ ଦେୟ ଯୋଗ୍ୟ ଶୁଳ୍କ ବ୍ୟତୀତ ଏହି ବ୍ୟବସ୍ଥାକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ ଦ୍ୱାରା ପୁନରାବୃତ୍ତି କରି କୁହାଯାଇଥିଲା ଯେ (ଜାନୁଆରୀ 2027) ଷ୍ଟାମ୍ପ୍ ଡ୍ୟୁଟିର ମୂଲ୍ୟାଙ୍କନ ନିମିତ୍ତ ସମଗ୍ର ଲିଜ୍‌କ୍ଷେତ୍ର ପାଇଁ ପ୍ରତ୍ୟାଶିତ ରାଜଭାଗକୁ ସଂପୂର୍ଣ୍ଣ ପ୍ରିମିୟମ୍‌ର ଅଂଶ ଭାବରେ ନିଆଯିବ ।

ଇସ୍ପାତ ଏବଂ ଖଣି ବିଭାଗର ବିଜ୍ଞପ୍ତି (13 ଜାନୁଆରୀ 2017) ଅନୁଯାୟୀ, ପ୍ରାରମ୍ଭିକ ଖର୍ଚ୍ଚ, ଅମାନତ ଜମା, ଖଜଣା ଏବଂ ଡେଡ୍ ରେଣ୍ଟ୍ (ସର୍‌ଫେସ୍ ରେଣ୍ଟ ଏବଂ ଡେଡ୍ ରେଣ୍ଟ୍) କିମ୍ବା ଲାଭାଂଶ (ରୟାଲ୍‌ଟି), ଯାହା ଅଧିକ, ତାହା ଉପରେ ଷ୍ଟାମ୍ପ୍ ଡ୍ୟୁଟି (ଏସ୍‌ଡି) ମୂଲ୍ୟାଙ୍କନ କରାଯିବ । ଯଦି ପରବର୍ତ୍ତୀ ବର୍ଷ ଗୁଡିକରେ ଖଣି ଯୋଜନାର ପରିବର୍ତ୍ତନ ମାଧ୍ୟମରେ ଉତ୍ପାଦନ ସ୍ତର ବୃଦ୍ଧି କରାଯାଏ, ତେବେ ଉତ୍ପାଦନ ସ୍ତରର ପାର୍ଥକ୍ୟ ଉପରେ ଷ୍ଟାମ୍ପ୍ ଡ୍ୟୁଟି (ଏସ୍‌ଡି) ର ପୁନଃ ମୂଲ୍ୟାଙ୍କନ କରାଯିବ ଏବଂ ଏପରି ବୃଦ୍ଧି ପ୍ରକୃତରେ/ ବାସ୍ତବରେ କାର୍ଯ୍ୟକାରୀ ହେବା ପୂର୍ବରୁ ଲିଜ୍‌ଧାରୀ ପାର୍ଥକ୍ୟ ଷ୍ଟାମ୍ପ୍ ଡ୍ୟୁଟି ଜମା କରିବେ । ଅଧିନିୟମର ଅନୁସୂଚୀ 1-ଏ ର ଧାରା 23 ଅନୁଯାୟୀ, ପ୍ରତିଫଳ/ ବିଚାର ମୂଲ୍ୟ ପରିମାଣ କିମ୍ବା ମୂଲ୍ୟର ପାଞ୍ଚ ପ୍ରତିଶତ ହାରରେ ଷ୍ଟାମ୍ପ ଡ୍ୟୁଟି ଆଦାୟ କରାଯିବ । ଆର୍‌ଡିଏମ୍ ବିଭାଗର ବିଜ୍ଞପ୍ତି (ଜାନୁଆରୀ 2001) ଅନୁଯାୟୀ, ଦସ୍ତାବିଜ୍ ଗୁଡିକର ବିବେଚନା ମୂଲ୍ୟର ଦୁଇ ପ୍ରତିଶତ ହାରରେ ପଞ୍ଜୀକରଣ ଶୁଳ୍କ (ଆର୍‌ଏଫ୍) ଲାଗୁ କରାଯିବ ।

ଜାନୁଆରୀ 2020 ରୁ ମାର୍ଚ୍ଚ 2023 ମଧ୍ୟରେ ତିନିଟି ଉପନିବନ୍ଧକ[137] (ଏସ୍‌ଆର୍) କାର୍ଯ୍ୟାଳୟ ଏବଂ ପାଞ୍ଚଟି ଜିଲ୍ଲା ଉପନିବନ୍ଧକ[138] (ଡିଏସ୍‌ଆର୍) କାର୍ଯ୍ୟାଳୟର ନଥିପତ୍ରର ନମୁନା ଯାଞ୍ଚ ସମୟରେ, ଏହା ଜଣାଗଲା ଯେ ଷ୍ଟାମ୍ପ୍ ଡ୍ୟୁଟି ଓ ପଞ୍ଜିକରଣ ଶୁଳ୍କର ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ଯୋଗୁଁ 180.80 କୋଟି ଟଙ୍କାର ସରକାରୀ ରାଜସ୍ୱ କ୍ଷତି ହୋଇଥିଲା । ସମୀକ୍ଷାରେ ଦର୍ଶାଯିବା ପରେ ଉପନିବନ୍ଧକ, ବଣାଇ 96.92 କୋଟି ଟଙ୍କା ଆଦାୟ କରିଥିଲେ । ରାଜସ୍ୱ କମ୍ ଆଦାୟର କାରଣ ଉପନିବନ୍ଧକ ଏବଂ ଜିଲ୍ଲା ଉପନିବନ୍ଧକ ମାନଙ୍କ ଦ୍ୱାରା ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ଭୁଲ ମୂଲ୍ୟାଙ୍କନ ଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା:

### 2.9.1 *ଖଣିର ବର୍ଦ୍ଧିତ ଉତ୍ପାଦନ ସ୍ତର ଉପରେ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ଅନାଦେୟ*

ଜାନୁଆରୀ 1960 ରୁ 2020 ଅବଧି ପର୍ଯ୍ୟନ୍ତ ଉପନିବନ୍ଧକ (ଏସ୍‌ଆର) ବଣାଇଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ ଖଣି ଦଲିଲ ଗୁଡିକର ସମୀକ୍ଷା ଯାଞ୍ଚ (ମାର୍ଚ୍ଚ 2023) କରାଯାଇଥିଲା ଏବଂ ଇସ୍ପାତ ଏବଂ ଖଣି ବିଭାଗ ଅଧିନରେ ଥିବା ସୁନ୍ଦରଗଡ ଜିଲ୍ଲାର କୋଇଡା ସ୍ଥିତ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍)ଙ୍କ କାର୍ଯ୍ୟାଳୟ ରୁ ସଂପୃକ୍ତ ଖଣି ଯୋଜନା ଏବଂ ଉତ୍ପାଦନ ସ୍ତରର କ୍ରସ୍ ଯାଞ୍ଚ କରାଯାଇଥିଲା । କୋଇଡାର ଡିଡିଏମ୍‌ଙ୍କ ନଥିପତ୍ରରୁ ଅଡିଟ୍ ଦେଖିଲେ ଯେ,

[136] ଲିଜ୍ ଅବଧି 5 ରୁ 10 ବର୍ଷ ପାଇଁ- ଏକ ଥର; 10 ରୁ 20 ବର୍ଷ-ଦୁଇଥର; 20 ରୁ 30 ବର୍ଷ -ତିନିଥର ଏବଂ 30 ରୁ 100 ବର୍ଷ- ଚାରିଥର

[137] ବଣାଇ, ତଲିପୁର ଏବଂ ପିପିଲି

[138] ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି, କୋରାପୁଟ ଏବଂ ଢେଙ୍କାନାଳ

ମାର୍ଚ୍ଚ 2019 ରୁ ଫେବୃଆରୀ 2023 ମଧ୍ୟରେ ଖଣି ଯୋଜନାରେ ପରିବର୍ତ୍ତନ ମାଧ୍ୟମରେ ସାତଟି ଖଣିରେ[139] ପ୍ରମୁଖ ଖଣିଜ ପଦାର୍ଥର ବାର୍ଷିକ ଉତ୍ପାଦନ ସ୍ତର ବୃଦ୍ଧି ପାଇଥିଲା । ତଥାପି ବୃଦ୍ଧି ତାରିଖରୁ ଚାରି ବର୍ଷ ପର୍ଯ୍ୟନ୍ତ ଅବଧି ବିତିଯାଇଥିଲେ ମଧ୍ୟ, କେବଳ ଦୁଇଟି ଖଣିର ଲିଜଧାରୀମାନଙ୍କ ଦ୍ୱାରା ପାର୍ଥକ୍ୟ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଜମା କରାଯାଇଥିଲା । ***ପରିଶିଷ୍ଟ 2.9.1*** ରେ ଦର୍ଶାଯାଇଥିବା ପରି, ସମୀକ୍ଷାରେ ଏହି ପାଞ୍ଚଟି ଖଣି ଲିଜ୍ ମାମଲାର ପାର୍ଥକ୍ୟ ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ମୂଲ୍ୟ 179.63 କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା । ଖଣି ଅନୁଯାୟୀ, ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ଅଣପ୍ରାପ୍ତି/ ଅନାଦେୟର ଏକ ସଂକ୍ଷିପ୍ତ ବିବରଣୀ ନିମ୍ନରେ ଥିବା ସାରଣୀରେ ଦର୍ଶାଯାଇଛି:

***ସାରଣୀ 2.9.1: ବର୍ଦ୍ଧିତ ଉତ୍ପାଦନ ସ୍ତରରେ ଅନାଦାୟ ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ***

| କ୍ର. ସଂ. | ଦସ୍ତାବିଜ ଚିହ୍ନଟ (ଆଇଡି) | ଖଣି ବ୍ଲକର ନାମ | ବାର୍ଷିକ ଉତ୍ପାଦନ (ମେଟ୍ରିକ ଟନ) | ବର୍ଦ୍ଧିତ ବାର୍ଷିକ ଉତ୍ପାଦନ ସ୍ତର (ସର୍ବୋଚ୍ଚ) (ମେଟ୍ରିକ ଟନ) | ଅନାଦାୟ ଏସଡି ଏବଂ ଆର୍.ଏଫ୍ (କୋଟିରେ) |
|---|---|---|---|---|---|
| 1 | 1721600397 | କେଜେଏସ୍‌ଟି, ଜଳଡିହି ଲୁହା, ମାଙ୍ଗାନିଜ୍ ଓ ବକ୍ସାଇଟ୍ ଖଣି | 20,16,900 | 28,00,098 | 10.21 |
| 2 | 1721900263 | ରାଇକେଲା ଲୁହା ଖଣି | 20,96,887 | 49,90,000 | 63.14 |
| 3 | 1722000229 | ନାରାୟଣ ପୋଷୀ ଲୁହା ଏବଂ ମାଙ୍ଗାନିଜ ଖଣି | 60,37,509 | 1,00,00,000 | 73.12 |
| 4 | 1721400594 ଏବଂ 1721600543 | କଲତା-ବାରସୁଆଁ-ତଳଡିହି ଲୁହା ଖଣି | 80,50,000 | 95,49,045 | 9.59 |
| 5 | 1721600415 | ରାଇକେଲା-ତନ୍ତ୍ରା ଲୁହା ଖଣି | 10,80,000 | 21,60,030 | 23.57 |
| ମୋଟ | | | | | **179.63** |

***(ଉତ୍ସ: ଡିଡିଏମ୍, କୋଇଡ଼ା ଏବଂ ଏସ୍‌ଆର, ବଣାଇଙ୍କ ନଥିପତ୍ର)***

ଅଡିଟ୍ ଦେଖିଲେ ଯେ ଉତ୍ପାଦନ ସ୍ତର ବୃଦ୍ଧି ସମ୍ପର୍କରେ ଡିଡିଏମ୍, କୋଇଡ଼ାଙ୍କ ଦ୍ୱାରା ଉପନିବନ୍ଧକ, ବଣାଇଙ୍କୁ ଅବଗତ କରାଯାଇନଥିଲା । ଉତ୍ପାଦନ ସ୍ତରରେ କୌଣସି ବୃଦ୍ଧି ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଉପନିବନ୍ଧକ, ବଣାଇ ମଧ୍ୟ ଡିଡିଏମ୍, କୋଇଡ଼ାଙ୍କ ସହିତ ସାମୟିକ ଅନୁସରଣ କରିନଥିଲେ । ତେଣୁ, ଉତ୍ପାଦନ ସ୍ତର ବୃଦ୍ଧି ପାଇଁ ଉପନିବନ୍ଧକ, ବଣାଇ ଏବଂ ଡିଡିଏମ୍, କୋଇଡ଼ାଙ୍କ ମଧ୍ୟରେ ଯୋଗାଯୋଗର ଅଭାବ ହେତୁ, ବର୍ଦ୍ଧିତ ଉତ୍ପାଦନ ସ୍ତର ଉପରେ ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଆଦାୟ କରାଯାଇ ପାରିଲା ନାହିଁ ।

ଉପନିବନ୍ଧକ, ବଣାଇ ଉଲ୍ଲେଖ କରିଥିଲେ (ଜୁନ୍ 2024) ଯେ ଅକ୍ଟୋବର 2023 ରୁ ଜୁନ୍ 2024 ମଧ୍ୟରେ ତିନୋଟି ଖଣି ବ୍ଲକ୍[140] ପାଇଁ ଭେଦାତ୍ମକ ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ସମ୍ପୂର୍ଣ୍ଣ ପରିମାଣ ପାଇଁ 96.92 କୋଟି ଟଙ୍କା ଆଦାୟ କରାଯାଇଥଲା । ତଥାପି ଅନ୍ୟ ଦୁଇଟି ଖଣି ବ୍ଲକ୍‌ରୁ 82.71 କୋଟି ଟଙ୍କାର ବଳକା ରାଶି ପୁନରୁଦ୍ଧାର ନହେବାର କାରଣ ସମ୍ପର୍କରେ ଉତ୍ତର ନୀରବ ଥିଲା ।

### *2.9.2 ଷ୍ଟାମ୍ପ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ମୂଲ୍ୟାଙ୍କନ ପାଇଁ ଅମାନତ ଜମା ଏବଂ ସାମଗ୍ରୀ ଓ ସେବାକରକୁ ବିଚାର ନକରିବା*

ଜାନୁଆରୀ 2020 ରୁ ମାର୍ଚ୍ଚ 2023 ମଧ୍ୟରେ ପାଞ୍ଚଟି ଜିଲ୍ଲା ଉପନିବନ୍ଧକ (ଏସ୍‌ଆର) ଏବଂ ଦୁଇଟି ଉପନିବନ୍ଧକଙ୍କ[141] କାର୍ଯ୍ୟାଳୟ ଦ୍ୱାରା ପଞ୍ଜୀକୃତ 32 ଟି ଲିଜ୍ ମାମଲାରେ, ଅଡିଟ୍ ଦେଖିଲା ଯେ, ଲିଜ୍‌ଧାରୀ ମାନଙ୍କ

[139] 1. କେଜେଏସ୍‌ଟି, ଜଳଡିହି ଲୁହା/ ମାଙ୍ଗାନିଜ୍/ ବକ୍ସାଇଟ୍ ଖଣି; 2. ଓରାଘାଟ ଲୁହା ଖଣି; 3. ରାଇକେଲା ଲୁହା ଖଣି; 4. ସାନିନ୍ଦପୁର ଲୁହା/ ବକ୍ସାଇଟ୍ ଖଣି; 5.ନାରାୟଣପୋଷୀ ଲୁହା/ ମାଙ୍ଗାନିଜ୍ ଖଣି; 6. କଲ୍‌ତା-ବାରସୁଆଁ-ତଳଡିହି ଲୁହା ଖଣି ଏବଂ 7. ରାଇକେଲା-ତନ୍ତ୍ରା ଲୁହା ଖଣି

[140] କେଜେଏସ୍‌ଟି, ଜଳଡିହି ଆଇରନ୍, ମାଙ୍ଗାନିଜ୍ ଓ ବକ୍ସାଇଟ୍ ଖଣି: 10.21 କୋଟି ଟଙ୍କା; ରାଇକେଲା ଲୁହା ଖଣି: 63.14 କୋଟି ଟଙ୍କା ଏବଂ ରାଇକେଲା-ତନ୍ତ୍ରା ଲୁହା ଖଣି: 23.57 କୋଟି ଟଙ୍କା

[141] ଡିଏସ୍‌ଆର୍: ସୁନ୍ଦରଗଡ଼, ସମ୍ବଲପୁର, ଢେଙ୍କାନାଳ, କଳାହାଣ୍ଡି ଏବଂ କୋରାପୁଟ; ଏସ୍‌ଆର୍: ଡୋଲିପୁର ଏବଂ ପିପିଲି

ଦ୍ୱାରା ପୈଠ କରିବାକୁ ରାଜି ହୋଇଥିବା ଅମାନତ ଜମା ଏବଂ ସାମଗ୍ରୀ ଓ ସେବାକର[142] (ଜିଏସ୍‌ଟି) କୁ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ମୂଲ୍ୟାଙ୍କନ ପାଇଁ ବିଚାର କରାଯାଇନଥିଲା ।

ଅଡିଟ୍ ଅବଲୋକନ କଲେ ଯେ କ୍ଷୁଦ୍ର ଖଣିଜ ପଦାର୍ଥର 32ଟି ଲିଜ୍ ଦଲିଲ୍[143] (ଚୁକ୍ତି ଦଲିଲ୍) ରେ ଲିଜ୍‌ଧାରୀମାନେ ଅମାନତ ଜମା ପାଇଁ 7.53 କୋଟି ଟଙ୍କା ଜମା କରିଥିଲେ । ତଥାପି, ପଞ୍ଜୀକରଣ କର୍ତ୍ତୃପକ୍ଷ, ଷ୍ଟାମ୍ପ୍ ଅଧିନିୟମର ଉପରୋକ୍ତ ବ୍ୟବସ୍ଥାର ଉଲ୍ଲଂଘନ କରି, ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ମୂଲ୍ୟାଙ୍କନ ପାଇଁ ଏହାକୁ ବିଚାରକୁ ନେଇନଥିଲେ । ଏଥିରେ ଆଠଟି ମାମଲା ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ମାସିକ ଭଡ଼ା ଆଧାରରେ ବାଣିଜ୍ୟିକ ଉଦ୍ଦେଶ୍ୟ ପାଇଁ 12 ରୁ 18 ବର୍ଷ ପର୍ଯ୍ୟନ୍ତ, 12 ରୁ 15 ପ୍ରତିଶତ ବୃଦ୍ଧି ସହିତ ସମ୍ପତ୍ତିକୁ ଭଡ଼ା କିମ୍ବା ଉପଭଡ଼ା ଦେବା ପାଇଁ ଲିଜ୍ ଚୁକ୍ତିନାମା ନିବନ୍ଧିତ ହୋଇଥିଲା (ଜାନୁଆରୀ 2020 ରୁ ମାର୍ଚ୍ଚ 2022) । ଚୁକ୍ତି ଅନୁଯାୟୀ, ଲିଜ୍‌ଧାରୀମାନେ ଭଡ଼ାଦାତାଙ୍କ ପକ୍ଷରୁ ନିର୍ଦ୍ଧାରିତ ଦରରେ ଭଡ଼ା ଏବଂ ଭଡ଼ା ଉପରେ ସାମଗ୍ରୀ ଓ ସେବାକର (ଜିଏସି) ଦେବାକୁ ଥିଲା, ଯାହାକୁ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଲାଗୁ କରିବା ପାଇଁ ମୋଟ ବିବେଚନାର ଗଣନା ପାଇଁ ବିଚାର କରାଯିବାର ଥିଲା । ତଥାପି, ଏହା ଲକ୍ଷ୍ୟ କରାଯାଇଥିଲା ଯେ ନମୁନାରେ ନିଆଯାଇଥିବା ଜିଲ୍ଲା ଉପନିବନ୍ଧକ ଏବଂ ଉପନିବନ୍ଧକ, ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ମୂଲ୍ୟାଙ୍କନ ପାଇଁ ବାର୍ଷିକ ହାରାହାରି ଭଡ଼ା ଗଣନା କରିବା ସମୟରେ, 18 ପ୍ରତିଶତ ହାରରେ ବାର୍ଷିକ ଭଡ଼ା ଉପରେ ସାମଗ୍ରୀ ଓ ସେବାକର (ଜିଏସଟି) ବିଚାର କରିନଥିଲେ, ଯାହାର ମୂଲ୍ୟ 62.01 ଲକ୍ଷ ଟଙ୍କା ଥିଲା । ଫଳସ୍ୱରୁପ ଷ୍ଟାମ୍ପ୍ ଡ୍ୟୁଟି (40.63 ଲକ୍ଷ ଟଙ୍କା) ଏବଂ ପଞ୍ଜୀକରଣ ଶୁଳ୍କ (16.26 ଲକ୍ଷ ଟଙ୍କା) ବାବଦକୁ 56.89 ଲକ୍ଷ ଟଙ୍କା ଆଦାୟ ହୋଇପାରିଲା ନାହିଁ ***(ପରିଶିଷ୍ଟ 2.9.2)*** ଯାହାକି ରାଜ୍ୟ ରାଜକୋଷର କ୍ଷତି ଥିଲା ।

ତେଣୁ, ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜିକରଣ ଶୁଳ୍କର ମୂଲ୍ୟାଙ୍କନ ପାଇଁ ଅମାନତ ଜମା ଏବଂ ଜିଏସ୍‌ଟିକୁ ବିଚାର ନକରିବା ଫଳରେ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ପାଇଁ 56.89 ଲକ୍ଷ ଟଙ୍କା କମ୍ ଆଦାୟ ହୋଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଡିଏସ୍ଆର ଏବଂ ଏସ୍ଆର୍‌ମାନେ ଗ୍ରହଣ କରି କହିଥିଲେ (ମାର୍ଚ୍ଚ 2022 ରୁ ମାର୍ଚ୍ଚ 2023) ଯେ ନିଅଣ୍ଟ ଥିବା ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜିକରଣ ଶୁଳ୍କର ଆଦାୟ ପାଇଁ ନୋଟିସ୍ ଜାରି କରାଯିବ । ଏସ୍ଆର୍, ଡୋଲିପୁର କହିଥିଲେ (ଜୁନ୍ 2023) ଯେ, ସରକାରୀ ପାଉଣା ଆଦାୟ ପାଇଁ ସଂପୃକ୍ତ ଲିଜଧାରୀଙ୍କୁ ନୋଟିସ୍ ଜାରି କରାଯାଇଛି ।

### *2.9.3 ସଂପୂର୍ଣ୍ଣ ଲିଜ୍ ଅବଧି ବଦଳରେ ଏକ ବର୍ଷ ପାଇଁ ଭଡା ଏବଂ ଲାଭାଂଶ (ରୟାଲ୍‌ଟି) ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ମୂଲ୍ୟାଙ୍କନ ।*

ତିନିଟି ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ[144], 2020-21 ଆର୍ଥିକ ବର୍ଷରୁ 2024-25 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପାଞ୍ଚ ବର୍ଷର ଲିଜ୍ ଅବଧି ସହିତ 20ଟି କ୍ଷୁଦ୍ର ଖଣିଜ ଖାଦାନ୍‌ର ଲିଜ୍ ଦଲିଲ୍‌ରେ, ଅଡିଟ୍ ଲକ୍ଷ୍ୟ କଲେ ଯେ, ଜିଲ୍ଲା ଉପନିବନ୍ଧକମାନେ ଅଧିନିୟମ ଅନୁସୂଚୀ 1-ଏ ର ଧାରା 35(ସି) ଏବଂ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ (ଆରଡିଏମ୍) ର ସ୍ପଷ୍ଟୀକରଣ (ଜାନୁଆରୀ 2017) ଅନୁଯାୟୀ, ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ନିର୍ଣ୍ଣୟ କରିବା ପାଇଁ ଲିଜ୍ ଅବଧିର ସଂପୂର୍ଣ୍ଣ ପାଞ୍ଚ ବର୍ଷ ପରିବର୍ତ୍ତେ, କେବଳ ଏକ ବର୍ଷ ପାଇଁ ଭଡା ଏବଂ ରୟାଲ୍‌ଟିକୁ ବିବେଚନା ହିସାବରେ ନେଇଥିଲେ । ଏହା ବ୍ୟତୀତ, ଜିଲ୍ଲା ଉପନିବନ୍ଧକମାନେ ଲିଜ୍ ବିବେଚନା ମୂଲ୍ୟ ପହଞ୍ଚିବା ପାଇଁ ପ୍ରତ୍ୟେକ ମାମଲାରେ ଡେଡ୍ ରେଣ୍ଟ୍‌କୁ ମଧ୍ୟ ହିସାବକୁ ନେଇଥିଲେ, ଯାହାକି ଅଣଦେଖା କରାଯାଇପାରିଥାନ୍ତା, ଯେହେତୁ ଏହା ରୟାଲ୍‌ଟି ପରିମାଣ ଠାରୁ କମ୍ ଥିଲା । ଅଧିନିୟମର ବ୍ୟବସ୍ଥା ଅନୁଯାୟୀ, ଅଡିଟ୍, 20ଟି ଲିଜ୍ ଦଲିଲ୍ ଉପରେ ଆଦାୟ ଯୋଗ୍ୟ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ହିସାବ କରିଥିଲେ, ଯାହାକି 13.69 କୋଟି ଟଙ୍କା ଥିଲା । ତଦନୁସାରେ ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ଆଦାୟଯୋଗ୍ୟ ପରିମାଣ 95.86 ଲକ୍ଷ ଟଙ୍କା (ଏସ୍‌ଡି 68.47 ଲକ୍ଷ ଟଙ୍କା ଏବଂ ଆର୍‌ଏଫ୍ 27.39 ଲକ୍ଷ ଟଙ୍କା) ହୋଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲା

[142] ବାଣିଜ୍ୟିକ ଉଦ୍ଦେଶ୍ୟରେ ଭଡ଼ା ଦିଆଯାଇଥିବା ସମ୍ପତ୍ତିର ଭଡ଼ା ସହିତ, ଲିଜ୍‌ଧାରୀମାନେ 18 ପ୍ରତିଶତ ହାରରେ ସାମଗ୍ରୀ ଏବଂ ସେବାକର (ଜିଏସ୍‌ଟି) ଦେୟ କରିବେ ।

[143] ଲଘୁ ଖଣିଜ ଉପରେ ଲିଜ୍ ଦଲିଲ୍: 24 ଏବଂ ବାଣିଜ୍ୟିକ ଉଦ୍ଦେଶ୍ୟରେ ସମ୍ପତ୍ତି ଭଡ଼ା ଦେବା: 8

[144] କୋରାପୁଟ, କଳାହାଣ୍ଡି ଏବଂ ସୁନ୍ଦରଗଡ଼

ଉପନିବନ୍ଧକ ମାନେ 35 ଲକ୍ଷ ଟଙ୍କା (ଷ୍ଟାମ୍ପ୍ ଡ୍ୟୁଟି 29.71 ଲକ୍ଷ ଟଙ୍କା ଏବଂ ପଞ୍ଜୀକରଣ ଶୁଳ୍କ 6.16 ଲକ୍ଷ ଟଙ୍କା) ପରିମାଣର ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କ ଆଦାୟ କରିଥିଲେ । ତେଣୁ ଲିଜ୍ ଦଲିଲ୍‌ରେ ଉଲ୍ଲେଖ କରାଯାଇଥିବା ବିବେଚନା ମୂଲ୍ୟର ଭୁଲ ମୂଲ୍ୟାୟନ ଯୋଗୁଁ ଷ୍ଟାମ୍ପ୍ ଡ୍ୟୁଟି (38.76 ଲକ୍ଷ ଟଙ୍କା) ଏବଂ ପଞ୍ଜୀକରଣ ଶୁଳ୍କ (21.23 ଲକ୍ଷ ଟଙ୍କା) ଅଭିମୁଖେ 59.99 ଲକ୍ଷ ଟଙ୍କାର ରାଜସ୍ୱ କମ୍ ଆଦାୟ ହୋଇଥିଲା ***(ପରିଶିଷ୍ଟ 2.9.3)*** ।

କୋରାପୁଟ ଏବଂ କଳାହାଣ୍ଡିର ଉପନିବନ୍ଧକମାନେ କହିଥିଲେ (ମାର୍ଚ୍ଚ 2023 ଏବଂ ଜାନୁଆରୀ 2023) ଯେ କ୍ଷତି ହୋଇଥିବା ଷ୍ଟାମ୍ପ୍ ଡ୍ୟୁଟି ଏବଂ ପଞ୍ଜୀକରଣ ଶୁଳ୍କର ଆଦାୟ ପାଇଁ ସଂପୃକ୍ତ ଲିଜ୍‌ଧାରୀମାନଙ୍କୁ ନୋଟିସ୍ ଜାରି କରାଯିବ । ଉପନିବନ୍ଧକ, ସୁନ୍ଦରଗଡ କହିଥିଲେ (ମାର୍ଚ୍ଚ 2023) ଯେ ରାଜସ୍ୱ ପର୍ଷଦ, ଓଡିଶାର ସ୍ୱଷ୍ଟୀକରଣ ଅନୁସାରେ ଏକ ବର୍ଷ ପାଇଁ ଭଡା ଏବଂ ରୟାଲ୍‌ଟି ବିଚାର କରିବା ପରେ ବିବେଚନା ମୂଲ୍ୟ ସ୍ଥିର କରାଯାଇଥିଲା । ବିବେଚନାର ମୂଲ୍ୟାଙ୍କନ ଭାରତୀୟ ଷ୍ଟାମ୍ପ୍ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ନଥିଲା, କିମ୍ବା ଆର୍‌ଡିଏମ୍ ବିଭାଗର ସ୍ୱଷ୍ଟୀକରଣ ସହିତ ସମନ୍ୱୟ ନ ଥିଲା, ତେଣୁ ଉତ୍ତର ଗ୍ରହଣୀୟ ନୁହେଁ ।

ଉପରୋକ୍ତ ବିଷୟଗୁଡିକ ସରକାରଙ୍କୁ (ଅକ୍ଟୋବର 2023 ଏବଂ ଜାନୁଆରୀ 2024 ମଧ୍ୟରେ) ଅବଗତ କରାଯାଇଛି, ଉତ୍ତର ପ୍ରତୀକ୍ଷିତ ଅଛି ।

## 2.10 ଜମି ଲିଜ୍ ମାମଲା ଫୈସଲା ନହେବା ଯୋଗୁଁ ସରକାରଙ୍କର 22.99 କୋଟି ଟଙ୍କାର ରାଜସ୍ୱ ହାନି

**ରାଜସ୍ୱ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁଁ 1992 ରୁ 1997 ମସିହା ମଧ୍ୟରେ ରୁଜୁ ହୋଇଥିବା ମହାନଦୀ କୋଲ୍ ଫିଲ୍ଡ୍‌ସ୍ ଲିମିଟେଡ୍‌କୁ ଜମି ଲିଜ୍ ଦେବା ମାମଲାର ପ୍ରକ୍ରିୟା ମାର୍ଚ୍ଚ 2023 ପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରିଲା ନାହିଁ । ଫଳସ୍ୱରୂପ ସରକାରଙ୍କ 22.99 କୋଟି ଟଙ୍କାର ରାଜସ୍ୱ ଅଣାଦାୟ ରହିଲା ।**

ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଜମି ପ୍ରିମିୟମ୍, ସୁଧ ଏବଂ ଜରିମାନା ନିର୍ଦ୍ଧାରଣ ପାଇଁ ନୀତିକୁ ସଂଶୋଧନ କରିଥିଲେ (ନଭେମ୍ବର 2010), ଯେଉଁଥିରେ, ଅନ୍ୟ କଥା ସହିତ, ଏହା କୁହାଯାଇଥିଲା ଯେ, ଯେଉଁ ସବୁ ମାମଲା ଗୁଡ଼ିକରେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଜମି ଦଖଲ କରାଯାଇଛି, ସେ କ୍ଷେତ୍ରରେ ଜମି ଦଖଲକାରୀଙ୍କୁ, ନିଜ ସପକ୍ଷରେ ସମାଧାନ କରିବାକୁ ହେଲେ, ଦଖଲ ସମୟରେ ପ୍ରଚଳିତ ପ୍ରିମିୟମ୍ ଏବଂ ତା'ଉପରେ ସୁଧ, ସମାଧାନ ହେବା ତାରିଖ ପର୍ଯ୍ୟନ୍ତ ଦେବାକୁ ପଡ଼ିବ । ସରକାରୀ ସଂସ୍ଥା ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ସରକାରୀ ଜମି ଲିଜ୍ ଦେବା କ୍ଷେତ୍ରରେ ଜିଲ୍ଲାପାଳ, ରାଜସ୍ୱ ବିଭାଗୀୟ କମିଶନର୍ (ଆର୍‌ଡିସି) ଏବଂ ରାଜସ୍ୱ ବୋର୍ଡର ସଦସ୍ୟ ଯଥାକ୍ରମେ ଏକ ଏକର, ପାଞ୍ଚ ଏକର ଏବଂ 10 ଏକର ସରକାରୀ ଜମିର ଲିଜ୍ ମଞ୍ଜୁର କରିବାକୁ ସକ୍ଷମ ଏବଂ 10 ଏକର ରୁ ଅଧିକ ଜମି କ୍ଷେତ୍ରରେ, ରାଜସ୍ୱ ବିଭାଗ ହେଉଛି କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷ ।

ଅଡିଟ୍, ସମ୍ବଲପୁର ଜିଲ୍ଲାପାଳଙ୍କ ନଥିପତ୍ର ଯାଞ୍ଚ କରିବା ସମୟରେ (ମାର୍ଚ୍ଚ 2022) ଜାଣିବାକୁ ପାଇଲେ ଯେ, ସମ୍ବଲପୁର ସଦର ତହସିଲଦାର, 1992 ରୁ 1997 ମସିହା ମଧ୍ୟରେ, ବୁର୍ଲା ସହରର 59.564 ଏକର ଜମି, ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍), ସମ୍ବଲପୁରକୁ ଦେବା ପାଇଁ ସୁପାରିଶ୍ କରିଥିଲେ ଏବଂ ପାଞ୍ଚଟି ଲିଜ୍ ମାମଲା[145] ରୁଜୁ କରିଥିଲେ । ଅଡିଟ୍ ଲକ୍ଷ୍ୟ କଲେ ଯେ, ମାର୍ଚ୍ଚ 2023 ସୁଦ୍ଧା, ଏହି ପାଞ୍ଚଟି ମାମଲା ମଧ୍ୟରୁ କୌଣସି ଗୋଟିଏ ହେଲେ ମଧ୍ୟ ଚୂଡ଼ାନ୍ତ ହୋଇନଥିଲା କିମ୍ବା ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ଆଗୁଆ ଜମି ଦଖଲ ନିମନ୍ତେ ଅନୁମତି ଦିଆଯାଇ ନଥିଲା । ଏହା ସତ୍ତ୍ୱେ, ଏମ୍‌ସିଏଲ୍ ସମୁଦାୟ 59.564 ଏକର ଜମିକୁ ନିଜ ଦଖଲରେ ରଖିଥିଲେ ଏବଂ ଏହା ଉପରେ କର୍ପୋରେଟ୍ ଅଫିସ୍, କଲୋନୀ ଆଦି ନିର୍ମାଣ କରିସାରିଥିଲେ । ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମୟ ସମୟରେ ଦାବି କରାଯାଇଥିବା ରାଶି, ଏମ୍‌ସିଏଲ୍ ଦ୍ୱାରା ଜମା କରାଯାଇଥିବା ରାଶି ଏବଂ ମାର୍ଚ୍ଚ 2023 ସୁଦ୍ଧା ପ୍ରତ୍ୟେକ ଲିଜ୍ ମାମଲାର ବଜାର ମୂଲ୍ୟ ଏବଂ ଅନ୍ୟାନ୍ୟ ଦେୟ ଅନୁଯାୟୀ, ଦେୟ ପରିମାଣ, **ସାରଣୀ 2.10.1** ରେ ଦର୍ଶାଯାଇଛି ।

145 ଲିଜ୍ ମାମଲା ସଂଖ୍ୟା (i) 22/1992: 41.425 ଏକର; (ii) ମାମଲା ସଂଖ୍ୟା 09/1994: 10.500 ଏକର; (iii) ମାମଲା ସଂଖ୍ୟା: 12/1994 ଏବଂ 25/1997: 7.059 ଏକର; (iv) ମାମଲା ସଂଖ୍ୟା: 18/1994: 0.58 ଏକର

***ସାରଣୀ 2.10.1: ମାର୍ଚ୍ଚ 2023 ସୁଦ୍ଧା ଏମ୍‌ସିଏଲ୍ ଠାରୁ ଅନାଦାୟ ଜମିର କିସ୍ତି, ଖଜଣା, ସେସ୍ ଏବଂ ସୁଧ ଅର୍ଥ***

***(ଟଙ୍କା ଲକ୍ଷରେ)***

| କ୍ର. ସଂ. | ନିର୍ଦ୍ଦିଷ୍ଟ | ଜମି ମାମଲା ନମ୍ବର | | | | ସମୁଦାୟ |
|---|---|---|---|---|---|---|
| | | 22/1992 | 9/1994 | 12/1994 & 25/1997 | 18/1994 | |
| 1 | ଜମି ପରିମାଣ (ଏକରରେ) | 41.425 | 10.5 | 7.059 | 0.58 | 59.564 |
| 2 | ଏମ୍‌ସିଏଲ୍ ଦ୍ୱାରା ଦଖଲଜନିତ ବର୍ଷ | 1994-95 | 1995-96 | 2001 | 1994-95 | |
| 3 | ଦଖଲ କରାଯାଇଥିବା ସମୟରେ ପ୍ରତି ଏକର ପିଛା ଜମିର ବଜାର ମୂଲ୍ୟ | 8.00 | 8.00 | 11.20 | 8.00 | |
| 4 | ବଜାର ମୂଲ୍ୟ ଆନୁସାରେ ଜମିର କିସ୍ତି (1 x 3) | 331.40 | 84.00 | 79.06 | 4.64 | 499.10 |
| 5 | ଏମ୍‌ସିଏଲ୍ ଦ୍ୱାରା ଦାଖଲ ହେବା କିସ୍ତି | 33.60 | 37.17 | 50.00 | 0 | 120.77 |
| 6 | ଜମିର କିସ୍ତି ବାକି ଅର୍ଥ (4 - 5) | 297.80 | 46.83 | 29.06 | 4.64 | 378.33 |
| 7 | ଖଜଣା ( ପ୍ରିମିୟମ୍‌ର 1 ପ୍ରତିଶତ) | 96.11 | 23.52 | 17.39 | 1.35 | 138.37 |
| 8 | ସେସ୍ (ଖଜଣାର 75 ପ୍ରତିଶତ) | 72.08 | 17.64 | 13.05 | 1.01 | 103.78 |
| 9 | ବାକି କିସ୍ତି ଉପରେ ସୁଧ | 1,036.30 | 157.35 | 76.72 | 16.15 | 1,286.56 |
| 10 | ଖଜଣା ଉପରେ ସୁଧ | 161.46 | 38.10 | 21.92 | 2.26 | 223.74 |
| 11 | ସେସ୍ ଉପରେ ସୁଧ | 121.09 | 28.58 | 16.44 | 1.7 | 167.81 |
| **ସୁଧ (6+7+8+9+10+11)** | | | | | | **2,298.59** |

***(ଉତ୍ସ: ସମ୍ବଲପୁର ସଦର ତହସିଲଦାରଙ୍କ ନଥିପତ୍ରର ସଙ୍କଳନ)***

**ଟିପ୍ପଣୀ:**

(କ) ଜମି ଦଖଲ ବର୍ଷରୁ ବାର୍ଷିକ 12 ପ୍ରତିଶତ ନିର୍ଦ୍ଧାରିତ ହାର ଅନୁଯାୟୀ ବକେୟା ପ୍ରିମିୟମ୍, ଖଜଣା ଏବଂ ସେସ୍ ଉପରେ ସୁଧ ଗଣନା କରାଯାଇଛି ।

(ଖ) ଜମି ଦଖଲ ବର୍ଷରୁ ପ୍ରତିବର୍ଷ ଜମି ପ୍ରିମିୟମ୍‌ର ଏକ ପ୍ରତିଶତ ନିର୍ଦ୍ଧାରିତ ହାରରେ ଖଜଣା ଗଣନା କରାଯାଇଛି ।

(ଗ) ଜମି ଦଖଲ ବର୍ଷରୁ ପ୍ରତିବର୍ଷ ଖଜଣାର 75 ପ୍ରତିଶତ ନିର୍ଦ୍ଧାରିତ ହାରରେ ସେସ୍ ଗଣନା କରାଯାଇଛି ।

ଉପରୋକ୍ତ ବିଶ୍ଳେଷଣରୁ ଏହା ଜଣାପଡ଼ିଲା ଯେ, ମାର୍ଚ୍ଚ 2023 ସୁଦ୍ଧା, 26 ରୁ 31 ବର୍ଷ ବିତି ଯାଇଥିଲେ ମଧ, ଲିଜ୍ ମାମଲାଗୁଡ଼ିକ ଚୂଡ଼ାନ୍ତ ନହେବା ଯୋଗୁଁ, ଏମ୍‌ସିଏଲ୍ ଠାରୁ 22.99 କୋଟି ଟଙ୍କା ଆଦାୟ ହୋଇପାରି ନାହିଁ । ଅଡିଟ୍ ପ୍ରତ୍ୟେକ ଲିଜ୍ କେସ୍ ରେକର୍ଡ ଯାଞ୍ଚ କରିଥିଲା, କେସ୍ ନମ୍ବର 25/1997 ବ୍ୟତୀତ, ଯାହା ଖୋଜାଖୋଜି ହେବା ପରେ ମଧ ନ ମିଳିବାରୁ ଅଡିଟ୍‌କୁ ଦିଆଯାଇ ନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ତହସିଲ୍‌ଦାର ସ୍ତରରୁ ଆରମ୍ଭ କରି ଆର୍‌ଡିସି, ଉତ୍ତର ଡିଭିଜନ୍ ପର୍ଯ୍ୟନ୍ତ, ରାଜସ୍ୱ କର୍ତ୍ତୃପକ୍ଷ, ଲିଜ୍ ଆବେଦନ ଠାରୁ ଆରମ୍ଭ କରି ମାର୍ଚ୍ଚ 2022 ପର୍ଯ୍ୟନ୍ତ, ବିଭିନ୍ନ ପର୍ଯ୍ୟବେକ୍ଷଣ ସହିତ ପରସ୍ପର ମଧରେ କେସ୍‌ରେକର୍ଡ ଆଦାନ ପ୍ରଦାନ କରିବା ସହିତ ଏମ୍‌ସିଏଲ୍ ଠାରୁ ବିଭିନ୍ନ ତଥ୍ୟ ମାଗିଥିଲେ । ଅଡିଟ୍‌ରୁ ଜଣାପଡ଼ିଛି ଯେ ଲିଜ୍ ପାଇଁ ଆବେଦନ କରାଯାଇଥିବା ଜମି ଉପରେ କୌଣସି ନ୍ୟାୟିକ ପ୍ରତିବନ୍ଧକ ନଥିଲା କିମ୍ବା ଏମ୍‌ସିଏଲ୍ ଦ୍ୱାରା ଲିଜ୍ ଆବେଦନ ଦାଖଲ କରିବାରେ କୌଣସି ତ୍ରୁଟି ନଥିଲା । ତେଣୁ, ପ୍ରଶାସନିକ ପ୍ରକ୍ରିୟା ପାଳନ ପାଇଁ ଲିଜ୍ ମାମଲାଗୁଡ଼ିକୁ 26-32 ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାର କୌଣସି ଦୃଢ଼ କାରଣ ନଥିଲା । ଲିଜ୍ ମାମାଲାଗୁଡ଼ିକୁ ଚୂଡ଼ାନ୍ତ କରିବା ପାଇଁ ଦୀର୍ଘ ସମୟ ନେଇଥିବାରୁ, ଏହା ରାଜସ୍ୱ କର୍ତ୍ତୃପକ୍ଷଙ୍କର ଉଦାସୀନ ମନୋଭାବକୁ ସୂଚାଉଛି, ଯାହାଫଳରେ 22.99 କୋଟି ଟଙ୍କାର ସରକାରୀ ଦେୟ ଆଦାୟ ହୋଇପାରୁ ନାହିଁ ।

ଏ ନେଇ ସରକାରଙ୍କୁ ଅବଗତ କରାଯାଇଛି (ମଇ 2024) । ଉତ୍ତର ପ୍ରାପ୍ତ ହୋଇନାହିଁ (ଜାନୁଆରୀ 2025) ।

## 2.11 ଲିଜ୍ ମାମଲାର ଚୂଡ଼ାନ୍ତକରଣରେ ଅବହେଳା ଯୋଗୁଁ ଲିଜ୍ ପ୍ରିମିୟମ୍ ଏବଂ ଅନ୍ୟାନ୍ୟ ବକେୟା ଦେୟ ଆଦାୟ ନହେବା

**1981-82 ମସିହାରେ ନାଲ୍‌କୋ ସପକ୍ଷରେ 29.58 ଏକର ସରକାରୀ ଜମିର ଲିଜ୍ ମଞ୍ଜୁର ପାଇଁ ଆରମ୍ଭ ହୋଇଥିବା ଏକ ଲିଜ୍ ମାମଲା 39 ବର୍ଷ ପରେ ଅପ୍ରେଲ୍ 2021 ରେ ଚୂଡ଼ାନ୍ତ ହୋଇଥିଲା । ନାଲ୍‌କୋ, ଜମିର ଅନଧିକୃତ ଦଖଲରେ ଥିବା ସତ୍ତ୍ୱେ, ଜମିର ମୂଲ୍ୟ 1.35 କୋଟି ଟଙ୍କା ଜମା କରିନଥିଲା ।**

ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶରେ କହିଥିଲେ (ନଭେମ୍ବର 2010) ଯେ, ଯେଉଁ କ୍ଷେତ୍ରରେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା, ଜମି ଜବରଦଖଲ କରାଯାଇଛି, ସେ

କ୍ଷେତ୍ରରେ ସରକାର, ଓଡ଼ିଶା ଭୂମି ଜବରଦଖଲ ନିବାରଣ (ଓପିଏଲ୍‌ଇ) ଆଇନ ଅନୁଯାୟୀ ପ୍ରିମିୟମ୍, ଜରିମାନା, ବକେୟା ଖଜଣା ଏବଂ ସୁଧ ସହିତ ସେସ୍, ଇତ୍ୟାଦି ଯାହା ସମ୍ପୃକ୍ତ ସମୟ ମଧ୍ୟରେ ପ୍ରଚଳିତ ବଜାର ମୂଲ୍ୟ ଉପରେ ଆଧାରିତ, ଆଦାୟ କରି, ଜବରଦଖଲକାରୀ ସହିତ ଜମିର ସମାଧାନ କରିବାକୁ ବିଚାର କରିପାରିବେ । ନିର୍ଦ୍ଦେଶରେ ଆହୁରି ଉଲ୍ଲେଖ କରାଯାଇଛି ଯେ ପ୍ରିମିୟମ୍, ବକେୟା ଖଜଣା ଏବଂ ସେସ୍ ଉପରେ 27 ନଭେମ୍ବର 1992 ପର୍ଯ୍ୟନ୍ତ 6 ପ୍ରତିଶତ ଏବଂ ତା'ପରେ ବାର୍ଷିକ 12 ପ୍ରତିଶତ ସୁଧ ଆଦାୟ କରାଯିବ । ଏହା ବ୍ୟତୀତ, ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ (ସଂଶୋଧନ) ନିୟମ, 2013 ର ନିୟମ 12 ରେ, କୃଷି ଏବଂ ବାସସ୍ଥାନ ବ୍ୟତୀତ, ଅନ୍ୟ କୌଣସି ଉଦ୍ଦେଶ୍ୟରେ ସରକାରୀ ଜମି ଲିଜ୍ କ୍ଷେତ୍ରରେ ଆନୁଷଙ୍ଗିକ ଦେୟ ଆଦାୟ ପାଇଁ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ, ଓପିଏଲ୍‌ଇ ଆଇନର ଧାରା 7, ଯେକୌଣସି ବ୍ୟକ୍ତି ଦ୍ୱାରା ଅନଧିକୃତ ଭାବରେ ଦଖଲ କରାଯାଇଥିବା ସରକାରୀ ଜମି ପାଇଁ ଭଡ଼ା, ସେସ୍ ଏବଂ ଜରିମାନା[146] ଆଦାୟ ସହିତ ସଂକ୍ଷିପ୍ତ ଉଚ୍ଛେଦ ପାଇଁ ତହସିଲ୍‌ଦାରମାନଙ୍କୁ ଅଧିକାର ଦେଇଛି ।

ଅଡିଟ୍ କୋରାପୁଟର ଜିଲ୍ଲାପାଳଙ୍କ ଠାରେ ଜମି ହସ୍ତାନ୍ତର ରେକର୍ଡ ଯାଞ୍ଚ କରି ଦେଖିଲା (ଅକ୍ଟୋବର 2022) ଯେ ମେସର୍ସ ନ୍ୟାସନାଲ୍ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ଲିମିଟେଡ୍ 1981-82 ମସିହାରେ କୋରାପୁଟ ଜିଲ୍ଲାର ଆରିପୁତ୍ରଘାଟି ଗ୍ରାମରେ ଅବସ୍ଥିତ 29.58 ଏକର ସରକାରୀ ଜମିର ଲିଜ୍ ପାଇଁ ଆବେଦନ କରିଥିଲା । ଲିଜ୍ ମଞ୍ଜୁରୀ ବିଚାରାଧୀନ ଥିବାବେଳେ ଏବଂ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମୋଦନ ବିନା, ନାଲ୍‌କୋ ସେହି ସମୟରୁ ଉକ୍ତ ଜମି ଦଖଲ କରି ରଖିଛି । ଉପଲବ୍ଧ ରେକର୍ଡରୁ, ଅଡିଟ୍ ଦେଖିଲା ଯେ ମାର୍ଚ୍ଚ 1982 ଠାରୁ ତହସିଲଦାରଙ୍କ ଦ୍ୱାରା ଲିଜ୍ ମାମଲା ବହୁବାର ଦାଖଲ କରାଯାଇଥିଲା, ଯେଉଁଥିରେ ଲିଜ୍ ମଞ୍ଜୁର ପାଇଁ ସୁପାରିଶ କରାଯାଇଥିଲା । ତଥାପି, ପରବର୍ତ୍ତୀ ଉଚ୍ଚ ଅଧିକାରୀ ମାନେ ବିଭିନ୍ନ ତ୍ରୁଟି[147] ଦର୍ଶାଇ ସୁପାରିଶ ଗୁଡ଼ିକୁ ଗ୍ରହଣ କରିନଥିଲେ । ଏହି ସମୟରେ, ରାଜସ୍ୱ ଅଧିକାରୀଙ୍କ ନିର୍ଦ୍ଦେଶର ଜବାବରେ, ନାଲକୋ ଲିଜ୍ ପାଇଁ ଆବେଦନ କରାଯାଇଥିବା ଜମି ବାବଦରେ, ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ପ୍ରିମିୟମ୍, ଭଡ଼ା, ବ୍ୟାକ୍ ରେଣ୍ଟ୍, ସୁଧ ଏବଂ ଜରିମାନା, ଯଦି କିଛି ଥାଏ, ପ୍ରଦାନ କରିବାକୁ ଏକ ଲିଖିତ ପ୍ରତିଶ୍ରୁତି ଦାଖଲ କରିଥିଲା (ମାର୍ଚ୍ଚ 2015) । ପୂର୍ବରୁ ଦର୍ଶାଯାଇଥିବା ସମସ୍ତ ତ୍ରୁଟି ଦୂରକରିବା ପରେ, ଅପ୍ରେଲ୍ 2021 ରେ ଆର୍‌ଡିଏମ୍ ବିଭାଗ ଦ୍ୱାରା ଲିଜ୍ ମଞ୍ଜୁର କରାଯାଇଥିଲା । ମଞ୍ଜୁରୀର ସର୍ତ୍ତାବଳୀ ଅନୁଯାୟୀ, ମଞ୍ଜୁରୀ ଆଦେଶର ବୈଧତା ଛଅ ମାସ ଥିଲା, ଯେଉଁ ମଧ୍ୟରେ ନାଲ୍‌କୋ 1.35 କୋଟି ଟଙ୍କା[148] (2020-21 ବର୍ଷ ପର୍ଯ୍ୟନ୍ତ ସୁଧ ସହିତ) ଜମା କରିବାକୁ ଏବଂ ଏକ ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା । ତଥାପି, ନାଲକୋ ଏହି ପରିମାଣ ଜମା କରିନଥିଲା । ତେଣୁ, ଲିଜ୍ ଡିଡ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ଉପରୋକ୍ତ ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ବିଷୟଗୁଡ଼ିକ ଲକ୍ଷ୍ୟ କଲେ:

- ରାଜସ୍ୱ ଅଧିକାରୀମାନେ ଯଥା ତହସିଲଦାର, ଉପ-ଜିଲ୍ଲାପାଳ, ଜିଲ୍ଲାପାଳ ଏବଂ ଆର୍‌ଡିସି (ଦକ୍ଷିଣ ଡିଭିଜନ୍) 1981-82 ମସିହାରେ ଆରମ୍ଭ ହୋଇଥିବା ଲିଜ୍ ମାମଲାକୁ ଚୂଡ଼ାନ୍ତ କରିବା ପାଇଁ ପ୍ରାୟ 39 ବର୍ଷ (ମାର୍ଚ୍ଚ 2020 ସୁଦ୍ଧା) ନେଇଥିଲେ । ଅନୁମୋଦନ ପାଇଁ ଲିଜ୍ ମାମଲାର ଉପଯୁକ୍ତ କାଗଜପତ୍ରରେ ଥିବା ତ୍ରୁଟିଗୁଡ଼ିକୁ ସଂଶୋଧନ କରିବା ପାଇଁ ଏତେ ଲମ୍ବା ସମୟ ନେବା ଅଯଥା ଏବଂ ରାଜସ୍ୱ ଅଧିକାରୀଙ୍କ ଅବହେଳାର ପରିଚାୟକ ଥିଲା ।

- ଲିଜ୍ ମାମଲା ବିଚାରାଧୀନ ଥିବାବେଳେ, ବିନା ଅନୁମତିରେ ନାଲକୋ ଜମି ଦଖଲ କରିଥିଲେ ମଧ୍ୟ, କୌଣସି ଜବରଦଖଲ ମାମଲା ଦାୟର କରାଯାଇ ନଥିଲା । ଅପ୍ରେଲ୍ 2021 ରେ ଲିଜ୍ ମଞ୍ଜୁର ହେବାର ଛଅ ମାସ ମଧ୍ୟରେ ନାଲ୍‌କୋ ଦ୍ୱାରା ଜମିର ମୂଲ୍ୟ ଜମା ନ କରିବା ପରେ ମଧ୍ୟ, ଓପିଏଲ୍‌ଇ ଆଇନ୍

146 ଅନଧିକୃତ ଦଖଲର ପ୍ରତି ବର୍ଷ ପାଇଁ ପ୍ରତି ଏକର ଜମି ପାଇଁ ଶହେ ଟଙ୍କାରୁ ଅଧିକ ନୁହେଁ

147 ଜଙ୍ଗଲ ଜମିର ସଂରକ୍ଷଣ ବିଛିନ୍ନ କରାଯାଇ ନଥିଲା, ଜମିର କିସମ ଲିଜ୍ ପାଇଁ ପଡିତରେ ପରିବର୍ତ୍ତନ କରାଯାଇ ନଥିଲା, ବିଭିନ୍ନ ଆବଶ୍ୟକୀୟ କାଗଜପତ୍ରର ଅଭାବ ଇତ୍ୟାଦି

148 ପ୍ରିମିୟମ୍: 22.78 ଲକ୍ଷ ଟଙ୍କା, ଖଜଣା: 8.66 ଲକ୍ଷ ଟଙ୍କା, ସେସ୍: 5.75 ଲକ୍ଷ ଟଙ୍କା, ଆନୁଷଙ୍ଗିକ ଦେୟ: 2.28 ଲକ୍ଷ ଟଙ୍କା, ପ୍ରିମିୟମ୍ ଉପରେ ସୁଧ: 94.30 ଲକ୍ଷ ଟଙ୍କା, ଖଜଣା ଉପରେ ସୁଧ: 0.94 ଲକ୍ଷ ଟଙ୍କା ଏବଂ ସେସ୍ ଉପରେ ସୁଧ: 0.66 ଲକ୍ଷ ଟଙ୍କା

ଅନୁଯାୟୀ ଉପଯୁକ୍ତ ପଦକ୍ଷେପ, ଯଥା ଜବରଦଖଲ ଜମିରୁ ଉଚ୍ଛେଦ କିମ୍ବା ଜରିମାନା ଆଦାୟ କରାଯାଇ ନଥିଲା ।

ଅଡିଟ୍ ମାର୍ଚ୍ଚ 2023 ସୁଦ୍ଧା ସଂଶୋଧିତ ଜମି ମୂଲ୍ୟ 1.71 କୋଟି ଟଙ୍କା ଆକଳନ କରିଥିଲା, ଯାହା **ସାରଣୀ 2.11.1** ରେ ଦର୍ଶାଯାଇଛି ।

***ସାରଣୀ 2.11.1: ମାର୍ଚ୍ଚ 2023 ସୁଦ୍ଧା ମେସର୍ସ ନାଲକୋରୁ 29.58 ଏକର ଜମିର ମୂଲ୍ୟ ବାବଦକୁ ଆଦାୟଯୋଗ୍ୟ ଦେୟ***

| କ୍ର. ସଂ. | ବିଶେଷ | ପରିମାଣ (ଟଙ୍କା ଲକ୍ଷରେ) |
|---|---|---|
| 1 | ପ୍ରତି ଏକର ଜମି ପ୍ରିମିୟମ୍ | 0.77 |
| 2 | ଜମି ପ୍ରିମିୟମ୍‌ର ମୋଟ ମୂଲ୍ୟ | 22.78 |
| 3 | ଖଜଣା | 9.57 |
| 4 | ଖଜଣା ଉପରେ ସେସ୍ | 6.43 |
| 5 | ଆନୁଷଙ୍ଗିକ ଦେୟ | 2.28 |
| 6 | ବକେୟା ପ୍ରିମିୟମ୍ ଉପରେ ସୁଧ | 98.85 |
| 7 | ଖଜଣା ଉପରେ ସୁଧ | 8.98 |
| 8 | ସେସ୍ ଉପରେ ସୁଧ | 22.04 |
| | **ମୋଟ (କ୍ରମିକ 2 ରୁ କ୍ରମିକ 8 ପର୍ଯ୍ୟନ୍ତ ଯୋଗ)** | **170.93** |

***(ଉତ୍ସ: ଜିଲ୍ଲାପାଳ, କୋରାପୁଟର ରେକର୍ଡରୁ ସଂକଳିତ)***

**ଟିପ୍ପଣୀ:**

(କ) ଜମି ପ୍ରିମିୟମ୍‌ର 10 ପ୍ରତିଶତ ହାରରେ ଆନୁଷଙ୍ଗିକ ଦେୟ ଆଦାୟ

(ଖ) ପ୍ରିମିୟମ୍‌ର ଏକ ପ୍ରତିଶତ ହାରରେ ଖଜଣା, 42 ବର୍ଷ ପାଇଁ (1981-82 ରୁ 2022-23)

(ଗ) ସେସ୍, 13 ବର୍ଷ ପର୍ଯ୍ୟନ୍ତ 50 ପ୍ରତିଶତ ଖଜଣା ହାରରେ (1981-82 ରୁ 1993-94 ପାଇଁ) ଏବଂ 29 ବର୍ଷ ପାଇଁ 75 ପ୍ରତିଶତ ହାରରେ (1994-95 ରୁ 2022-23 ରେ)

(ଘ) ବକେୟା ଭୂମି ପ୍ରିମିୟମ୍, ଖଜଣା ଏବଂ ସେସ୍ ଉପରେ ବାର୍ଷିକ ଛଅ ପ୍ରତିଶତ ହିସାବରେ 11 ବର୍ଷ 8 ମାସ ପାଇଁ (1981-82 ରୁ ନଭେମ୍ବର 1992) ଏବଂ 12 ପ୍ରତିଶତ ହିସାବରେ 30 ବର୍ଷ 04 ମାସ ପାଇଁ (ଡିସେମ୍ବର 1992 ରୁ ମାର୍ଚ୍ଚ 2023 ) ।

ତେଣୁ, ଜମି ମୂଲ୍ୟ ଏବଂ ସୁଧ ବାବଦକୁ 1.71 କୋଟି ଟଙ୍କା ମାର୍ଚ୍ଚ 2023 ସୁଦ୍ଧା ଅସୁଲ ନ ହୋଇ ରହିଯାଇଥିଲା, କାରଣ ଲିଜ୍ ମାମଲା ଚୂଡ଼ାନ୍ତ କରିବାରେ ରାଜସ୍ୱ ଅଧିକାରୀଙ୍କ ଅବହେଳା ଏବଂ ଓପିଏଲ୍‌ଇ ଆଇନ୍ ଅନୁଯାୟୀ ଅନଧିକୃତ ଦଖଲକାରୀଙ୍କୁ ବେଦଖଲ ନକରିବା ଇତ୍ୟାଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ଏହି ମାମଲା ସରକାରଙ୍କୁ ରିପୋର୍ଟ କରାଯାଇଛି (ମଇ 2024); ଉତ୍ତର ଅପେକ୍ଷା କରାଯାଇଛି (ଅଗଷ୍ଟ 2024) ।

## 2.12 4.57 କୋଟି ଟଙ୍କାର ଆନୁଷଙ୍ଗିକ ଦେୟ ଆଦାୟ ନହେବା

**କେନ୍ଦୁଝର ଜିଲ୍ଲାପାଳ ଆଠଟି ଶିକ୍ଷ ସଂସ୍ଥା ସପକ୍ଷରେ ପରିପୂରକ ବନୀକରଣ ପାଇଁ ଜମିର ଲିଜ୍ ପ୍ରଦାନ ବିଚାର ବେଳେ 4.57 କୋଟି ଟଙ୍କାର ଆନୁଷଙ୍ଗିକ ଦେୟ ଲାଗୁ କରିନଥିଲେ । ଜିଲ୍ଲାପାଳଙ୍କର ଏଭଳି କାର୍ଯ୍ୟ ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ (ସଂଶୋଧନ) ନିୟମ, 2013 ବ୍ୟବସ୍ଥାର ଉଲ୍ଲଂଘନ ଥିଲା ।**

ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ, (ଓଜିଏଲ୍‌ଏସ୍) (ସଂଶୋଧନ) ନିୟମ, 2023 ର ନିୟମ 12 (ଅନୁସୂଚୀ-III) ରେ ଜମି ପ୍ରିମିୟମ୍, ଖଜଣା, ସେସ୍ ଏବଂ ଆନୁଷଙ୍ଗିକ ଦେୟ[149] ଆଦାୟ ପାଇଁ ବ୍ୟବସ୍ଥା ରହିଛି । ଏହି ନିୟମରେ କୁହାଯାଇଛି ଯେ କୌଣସି କମ୍ପାନୀ, କର୍ପୋରେସନ୍ କିମ୍ବା ଅନ୍ୟ ସଂସ୍ଥା ସପକ୍ଷରେ କୌଣସି ସରକାରୀ ଜମିକୁ ଲିଜ୍ ଦେବା କିମ୍ବା ହସ୍ତାନ୍ତର କରିବା କ୍ଷେତ୍ରରେ ଆନୁଷଙ୍ଗିକ ଦେୟ, ଜମି ପ୍ରିମିୟମ୍‌ର 10 ପ୍ରତିଶତ ହାରରେ ଓ ଏକର ପିଛା ସର୍ବନିମ୍ନ 1,000 ଟଙ୍କା ହାରରେ ଆଦାୟ ହେବ । ଶିକ୍ଷ ସଂସ୍ଥାଗୁଡିକ ଦ୍ୱାରା ଶିକ୍ଷ ଉଦ୍ଦେଶ୍ୟରେ ବ୍ୟବହୃତ ଜଙ୍ଗଲ ଜମି ବଦଳରେ ପରିପୂରକ ବନୀକରଣ ପାଇଁ ଆବଣ୍ଟିତ ଜମିଗୁଡିକ, ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ

[149] ଭୂମି ଅଧିଗ୍ରହଣ କାର୍ଯ୍ୟକଳାପରେ ପ୍ରତିଷ୍ଠା ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଦେୟ ପାଇଁ

ପରିବର୍ତ୍ତନ ବିଭାଗ ଅଧିନରେ ରହିଥାଏ । ଯେଉଁ ଶିଳ୍ପ ସଂସ୍ଥାଗୁଡିକ ଶିଳ୍ପ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରନ୍ତି, ସେମାନଙ୍କୁ, ଜମିର ପ୍ରିମିୟମ୍ ଏବଂ ଅନ୍ୟ ସମସ୍ତ ଆନୁଷଙ୍ଗିକ ଦେୟର ମୂଲ୍ୟ ବହନ କରିବାକୁ ପଡେ ।

ଅଡିଟ୍, କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ଵାରା ଆର୍ଥିକ ବର୍ଷ 2018-19 ରୁ 2021-22 ମଧରେ ପରିପୂରକ ବନୀକରଣ ପାଇଁ ଲିଜ୍ ଆକାରରେ ମଞ୍ଜୁର କରାଯାଇଥିବା ଜମିର ଯାଞ୍ଚ (ଡିସେମ୍ବର 2022) କରିଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଶିଳ୍ପ ପ୍ରତିଷ୍ଠା ପାଇଁ ଜଙ୍ଗଲ ଜମି ବଦଳରେ, ପରିପୂରକ ବନୀକରଣ ପାଇଁ ଜିଲ୍ଲାପାଳ ଆଠଟି ଶିଳ୍ପ ସଂସ୍ଥାକୁ 16 ଟି ପଟ୍ଟାରେ 1,503.603 ଏକର ଅଣଜଙ୍ଗଲ ସରକାରୀ ଜମି ମଞ୍ଜୁର କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ସମସ୍ତ 16 ଲିଜ୍ ମାମଲାରେ, ଜିଲ୍ଲାପାଳ କେବଳ ଜମି ପ୍ରିମିୟମ୍[150] ପାଇଁ 45.65 କୋଟି ଟଙ୍କା ଦାବି କରିଥିଲେ ଏବଂ ଆନୁଷଙ୍ଗିକ ଦେୟ ବାବଦକୁ କିଛି ରାଶି ଦାବି କରି ନଥିଲେ, ଯଦିଓ ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ଆଇନ ଅନୁଯାୟୀ ତାହା ଆଦାୟ ଯୋଗ୍ୟ ଥିଲା । ଅଡିଟ୍, ଜମି ପ୍ରିମିୟମ୍‌ର 10 ପ୍ରତିଶତ ନିର୍ଦ୍ଧାରିତ ହାରରେ ଆଦାୟ ଯୋଗ୍ୟ ଆନୁଷଙ୍ଗିକ ଦେୟ 4.57 କୋଟି ଟଙ୍କା ବୋଲି ହିସାବ କରିଥିଲେ ***(ପରିଶିଷ୍ଟ 2.12.1)*** ।

ତେଣୁ ଆନୁଷଙ୍ଗିକ ଦେୟ ଆକାରରେ ବୈଧାନିକ ସରକାରୀ ବକେୟା ଆଦାୟ ନ କରିବା, କେବଳ ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ ନିୟମର ଉଲଂଘନ ନୁହେଁ, ବରଂ ଆଠ ଜଣ ପଟ୍ଟାଧାରୀଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦାନ କରିବା ସହ ସମାନ ।

କେନ୍ଦୁଝର ଜିଲ୍ଲାପାଳ ଦର୍ଶାଇଥିଲେ (ଜାନୁଆରୀ 2023) ଯେ ଆନୁଷଙ୍ଗିକ ଦେୟ ଆଦାୟ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ଵାରା କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନଥିଲା । ଉତ୍ତରଟି ଗ୍ରହଣ ଯୋଗ୍ୟ ନୁହେଁ, କାରଣ ଓଡ଼ିଶା ସରକାରୀ ଭୂ-ବନ୍ଦୋବସ୍ତ (ସଂଶୋଧନ) ନିୟମ, 2013 ର ନିୟମ 12 ରେ ସ୍ପଷ୍ଟ ଶବ୍ଦରେ ଆନୁଷଙ୍ଗିକ ଦେୟ ଆଦାୟ ପାଇଁ କୁହାଯାଇଛି, ଯାହା ବିଭାଗ ତରଫରୁ ପରବର୍ତ୍ତୀ ନିର୍ଦ୍ଦେଶର ଆବଶ୍ୟକ କରେ ନାହିଁ । ଅଧିକନ୍ତୁ, ଅନ୍ୟ ଦୁଇଟି ଘଟଣାରେ ଅଡିଟ୍ ଦେଖିବାକୁ ପାଇଥିଲା ଯେ, ଯାଜପୁର ଏବଂ ସୁନ୍ଦରଗଡ ଜିଲ୍ଲାର ଜିଲ୍ଲାପାଳମାନେ ପରିପୂରକ ବନୀକରଣ ପାଇଁ ଲିଜ୍ ଦିଆ ଯାଇଥିବା ଜମି ପାଇଁ ପଟ୍ଟାଧାରୀଙ୍କ ଠାରୁ ଆନୁଷଙ୍ଗିକ ଦେୟ ଲାଗୁ କରିଥିଲେ ଏବଂ ଆଦାୟ ମଧ କରିଥିଲେ । ତେଣୁ ବିଭାଗର କୌଣସି ନିର୍ଦ୍ଦେଶର ଅନୁପସ୍ଥିତି, ଆନୁଷଙ୍ଗିକ ଦେୟ ଆଦାୟ ନ କରିବା ପାଇଁ ଏକ ଗ୍ରହଣୀୟ ଆଧାର ହୋଇପାରିବ ନାହିଁ ।

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଛି (ମଇ 2024); ଏହାର ଉତ୍ତରକୁ ଅପେକ୍ଷା କରାଯାଇଛି (ଜାନୁଆରୀ 2025) ।

## 2.13 ଜମିର ବଜାର ମୂଲ୍ୟର ତ୍ରୁଟିପୂର୍ଣ୍ଣ ଆକଳନ ଯୋଗୁଁ ଅଧିକ କ୍ଷତିପୂରଣ ପ୍ରଦାନ

**ଅଧିଗ୍ରହଣ ପାଇଁ ନିର୍ଦ୍ଧାରିତ ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ସମୟରେ, ପୁରୀ ଜିଲ୍ଲାର ରାଜସ୍ୱ ଅଧିକାରୀ ବଜାର ମୂଲ୍ୟର ତ୍ରୁଟିପୂର୍ଣ୍ଣ ହିସାବ କରିବା ଯୋଗୁଁ ଜମି କ୍ଷତିପୂରଣ ବାବଦକୁ ଅଧିକ 16.68 କୋଟି ଟଙ୍କାର ବ୍ୟୟ ହୋଇଥିଲା ।**

ଉପଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଏବଂ ଜମି ଅଧିଗ୍ରହଣ, ଥଇଥାନ ଏବଂ ପୁନର୍ବାସ ଅଧିକାର (ଆର୍‌ଏଫ୍‌ସିଟିଏଲ୍‌ଏ ଆର୍‌ଆଣ୍ଡ୍‌ଆର୍) ଆଇନ୍, 2013 ର ଧାରା 26(1) ରେ, ଅନ୍ୟାନ୍ୟ ବିଷୟ ସହିତ, ଅଧିଗ୍ରହଣ ହେବାକୁ ଥିବା ଜମିର ବଜାର ମୂଲ୍ୟ ନିର୍ଦ୍ଧାରଣ ପାଇଁ ନିମ୍ନଲିଖିତ ପ୍ରକ୍ରିୟା ଅନୁପାଳନ ପାଇଁ ଉଲ୍ଲେଖ ରହିଛି:

- ଭାରତୀୟ ଷ୍ଟାମ୍ପ ଅଧିନିୟମ, 1899 ଅନୁସାରେ ସ୍ଥିରୀକୃତ ଜମିର ବଜାର ମୂଲ୍ୟ କିମ୍ବା ସେହିଠାରେ ସ୍ଥିତ ଜମିର ବିକ୍ରୟ ଚୁକ୍ତି ପାଇଁ ମୂଲ୍ୟ କିମ୍ବା ଅନୁମୋଦିତ ବେଞ୍ଚମାର୍କ ମୂଲ୍ୟ[151]; କିମ୍ବା

[150] ଖଜଣା ଏବଂ ସେସ୍ ଲାଗୁ ହେବ ନାହିଁ, କାରଣ ଏକ ପରିପୂରକ ବନୀକରଣ ଅଞ୍ଚଳର ମାଲିକାନା ପରବର୍ତ୍ତୀ ସମୟରେ ପଟ୍ଟାଧାରୀଙ୍କ ଦ୍ଵାରା ଜଙ୍ଗଲ ଏବଂ ପରିବେଶ ବିଭାଗ, ଓଡ଼ିଶା ସରକାରଙ୍କ ପାଖରେ ନ୍ୟସ୍ତ ଥାଏ

[151] ବିଭିନ୍ନ ସମୟରେ ସଂଶୋଧିତ ଓଡ଼ିଶା ଷ୍ଟାମ୍ପ୍ ନିୟମ, 1952 ଅନୁଯାୟୀ ସରକାରଙ୍କ ଦ୍ଵାରା ସ୍ଥିର କରାଯାଇଥିବା ସର୍ବନିମ୍ନ ମୂଲ୍ୟ । ଏହା ସରକାରଙ୍କ ଦ୍ଵାରା ଦ୍ଵିବାର୍ଷିକରେ ସଂଶୋଧିତ ହୋଇଥାଏ

- ନିକଟତମ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ସମାନ ପ୍ରକାର ଜମିର ଠିକ୍ ପୂର୍ବ ତିନି ବର୍ଷର ହାରାହାରି ବିକ୍ରୟ ମୂଲ୍ୟ; କିମ୍ବା

- ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ବେଳେ ଅତିକମ୍‌ରେ 80 ପ୍ରତିଶତ ପ୍ରଭାବିତ ପରିବାରଗୁଡିକ ସହ ସହମତ ହୋଇଥିବା କ୍ଷତିପୂରଣ ପରିମାଣ,

ଉପରୋକ୍ତ ମଧ୍ୟରୁ ସର୍ବୋଚ୍ଚ ମୂଲ୍ୟ ।

ଏହି ସର୍ତ୍ତରେ ଯେ ବଜାର ମୂଲ୍ୟ ନିର୍ଦ୍ଧାରଣର ତାରିଖ, ଅଧିନିୟମର ଧାରା 11 ଅନ୍ତର୍ଗତ ଜାରି ହୋଇଥିବା ବିଜ୍ଞପ୍ତି ତାରିଖ ହୋଇଥିବ ।

ଅଡିଟ୍, ପୁରୀରେ ଶ୍ରୀ ସେତୁ ନିର୍ମାଣ ପାଇଁ ତିନିଟି ଗ୍ରାମରେ[152] 8.3083 ଏକର ଘରୋଇ ଜମିର ଅଧିଗ୍ରହଣ ସମ୍ବନ୍ଧୀୟ ରେକର୍ଡ, ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତନଖି କଲେ (ମଇ 2023) । ଜିଲ୍ଲାପାଳ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଅଧିନିୟମର ଧାରା 11 ଅଧିନରେ, ଜୁଲାଇ 2021 ରେ, ପ୍ରାଥମିକ ବିଜ୍ଞପ୍ତି ଜାରି କରିଥିଲେ ଏବଂ ମାର୍ଚ୍ଚ 2022 ରେ ଧାରା 19 ଅଧିନରେ ପ୍ରଭାବିତ ପରିବାରଙ୍କର ପୁନର୍ବାସ ଏବଂ ପୁନଃ ଥଇଥାନ ପ୍ୟାକେଜ୍ ସୂଚୀ ଘୋଷଣା କରିଥିଲେ । ଜମିର ମୂଲ୍ୟ ବାବଦକୁ ଜୁଲାଇ ଏବଂ ସେପ୍ଟେମ୍ବର 2022 ରେ 69.73 କୋଟି ଟଙ୍କା କ୍ଷତିପୂରଣ ରାଶି ଘୋଷଣା କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ଜମି ଅଧିଗ୍ରହଣ ଅଧିକାରୀ (ଏଲ୍‌ଏଓ), ପୁରୀଙ୍କ ଦ୍ୱାରା 1 ଅପ୍ରେଲ୍ 2022 ରେ ପ୍ରଚଳିତ ବେଞ୍ଚମାର୍କ ମୂଲ୍ୟ ଆଧାରରେ କ୍ଷତିପୂରଣ ରାଶି ସ୍ଥିର କରାଯାଇଥିଲା, ଯାହା ପୂର୍ବ ତିନି ବର୍ଷ ମଧ୍ୟରେ ସମାନ ପ୍ରକାରର ଜମିର ହାରାହାରି ବିକ୍ରୟ ମୂଲ୍ୟ ଠାରୁ ଅଧିକ ଥିଲା । ବିଏମ୍‌ଭି ନିରୂପଣ ପାଇଁ 1 ଅପ୍ରେଲ୍ 2022 କୁ ଆଧାର ଧରିବା ଅଧିନିୟମର ଧାରା 26 ର ପରିପନ୍ଥୀ ଅଟେ, ଯେହେତୁ ଏହି ଧାରାରେ ଉଲ୍ଲେଖ ଅଛି ଯେ ବିଏମ୍‌ଭି ନିରୂପଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶନ ତାରିଖକୁ ଆଧାର ବୋଲି ବିବେଚନା କରାଯିବ ଯାହା ଜୁଲାଇ 2021 ଥିଲା । ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା କ୍ଷତିପୂରଣ ରାଶି ଆକଳନ ପାଇଁ ଅପ୍ରେଲ୍ 2022 ଓ ଜୁଲାଇ 2021 ର ବିଏମ୍‌ଭି ମଧ୍ୟରେ ତୁଳନା ***(ପରିଶିଷ୍ଟ 2.13.1)*** ଅଡିଟ୍ କରିଥିଲା ଏବଂ ଏହା ଲକ୍ଷ୍ୟ କରାଗଲା ଯେ ଅପ୍ରେଲ୍ 2022 ର ବିଏମ୍‌ଭି 7.85 କୋଟି ଟଙ୍କା ଅଧିକ ଥିଲା । ତେଣୁ, କ୍ଷତିପୂରଣ ରାଶିର ତ୍ରୁଟିପୂର୍ଣ୍ଣ ଆକଳନ ଫଳରେ 7.85 କୋଟି ଟଙ୍କା ଅତିରିକ୍ତ କ୍ଷତିପୂରଣ ଦିଆଯାଇ ଥିଲା । ଯେହେତୁ ଜମିମାଲିକମାନେ ମଧ୍ୟ କ୍ଷତିପୂରଣ ରାଶି ଏବଂ ଅତିରିକ୍ତ ବଜାର ମୂଲ୍ୟର 100 ପ୍ରତିଶତ ହାରରେ ସହାୟତା ପାଇବାକୁ ହକଦାର ଥିଲେ, କ୍ଷତିପୂରଣ ରାଶିର ତ୍ରୁଟିପୂର୍ଣ୍ଣ ବୃଦ୍ଧି ଫଳରେ ଅତିରିକ୍ତ 7.85 କୋଟି ଟଙ୍କା ସହାୟତା ଏବଂ 97.75 ଲକ୍ଷ ଟଙ୍କା ଅତିରିକ୍ତ ବଜାର ମୂଲ୍ୟ[153] ଭାବେ ଦିଆଯାଇଥିଲା । ଯାହା ଫଳରେ ମୋଟ ଅତିରିକ୍ତ ରାଶି 16.68 କୋଟି ଟଙ୍କା ବୋଲି ଗଣନା କରାଯାଇଥିଲା ।

ଅଡିଟ୍ ଆହୁରି ଲକ୍ଷ୍ୟ କଲା ଯେ, ଜମି ଅଧିଗ୍ରହଣ ଅଧିକାରୀ, ପୁରୀ ଏହିପରି ତ୍ରୁଟିପୂର୍ଣ୍ଣ କ୍ଷତିପୂରଣର ରାଶିର ଗଣନା କରିଥିଲେ ମଧ୍ୟ ତାହା ଜିଲ୍ଲାପାଳଙ୍କ ଦ୍ୱାରା, ଅଧିନିୟମର ଧାରା 26 ର ବ୍ୟବସ୍ଥା ସହିତ ସଠିକତା ଯାଞ୍ଚ ନ କରି, ଅନୁମୋଦିତ ହୋଇଥିଲା । ଏହିପରି, ପଦାନୁକ୍ରମିକ ପ୍ରଣାଳୀରେ ଯାଞ୍ଚ ଏବଂ ସନ୍ତୁଳନ ବ୍ୟବସ୍ଥାର ଅଭାବ ଥିଲା ।

ଏହାର ଉତ୍ତରରେ, ଏଲ୍‌ଏଓ, ପୁରୀ କହିଲେ (ମଇ 2023) ଯେ ଅଧିନିୟମର ଧାରା 26 (3) (ସି) ର ବ୍ୟବସ୍ଥା ଅନୁଯାୟୀ ବଜାର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ କୌଣସି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଜିଲ୍ଲାପାଳ ସେହି ଅଞ୍ଚଳରେ ପ୍ରଚଳିତ ବଜାର ମୂଲ୍ୟ ଆଧାରରେ ଜମିର ବଜାର ମୂଲ୍ୟ ସଂଶୋଧନ ଏବଂ ଅଦ୍ୟତନ କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସେମାନେ ପ୍ରଚଳିତ ବଜାର ଦରକୁ ବିଏମ୍‌ଭି ଭାବେ ଆଦୃତ କରିଥିଲେ, ଯାହା ଉପରେ ଜମି ଅଧିଗ୍ରହଣ ସମୟରେ ଷ୍ଟାମ୍ପ୍ ଡ୍ୟୁଟି ଆଦାୟ କରାଯିବାର ଥିଲା ।

[152] ସମଙ୍ଗ:4.513 ଏକର, ମାଟିତୋଟା: 2.723 ଏକର ଏବଂ ମାର୍କଣ୍ଡେଶ୍ୱର ସାହି: 1.0723 ଏକର

[153] ପ୍ରାରମ୍ଭିକ ବିଜ୍ଞପ୍ତି ତାରିଖରୁ ପ୍ରଦାନ ତାରିଖ ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ଉପରେ ବାର୍ଷିକ 12 ପ୍ରତିଶତ ହାରରେ ସୁଧ ହାର

ଉତ୍ତରରେ ଦିଆଯାଇଥିବା କାରଣ ଯୁକ୍ତିଯୁକ୍ତ ନୁହେଁ, କାରଣ ଅଧିନିୟମର ଧାରା 26 (1) ରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ବିଭିନ୍ନ କାରଣରୁ ଯେଉଁଠାରେ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରିବ ନାହିଁ, ଉକ୍ତ ଧାରାଟି ସେଠାରେ ଲାଗୁ ହୋଇଥାଏ । ଆହୁରି ମଧ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ବଜାର ମୂଲ୍ୟରେ ଏପରି ନିର୍ଦ୍ଧାରଣ କରିବାକୁ ପଡିବ । ବର୍ତ୍ତମାନର ମାମଲାରେ ବଜାର ମୂଲ୍ୟ ନିର୍ଦ୍ଧାରଣରେ କୌଣସି ପ୍ରତିବନ୍ଧକ ନଥିଲା କାରଣ ପୂର୍ବ ତିନି ବର୍ଷର ବିକ୍ରୟ ପରିସଂଖ୍ୟାନ ତଥା ବିଏମଭି ଉପଲବ୍ଧ ଥିଲା । ଆହୁରି ମଧ ଏଭଳି ନିଷ୍ପତ୍ତି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ନିଆଯିବା ପରିବର୍ତ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁରହିଥିବା ମଧ୍ୟରେ ଯଥା ଘୋଷଣା ଜାରି ହେବା ପରେ ନିଆଯାଇଥିଲା । ତେଣୁ ଧାରା 26 (3) (ସି) ଅନୁଯାୟୀ ଜିଲ୍ଲା କଲେକ୍ଟରଙ୍କୁ କ୍ଷମତା ପ୍ରୟୋଗ କରିବାର କୌଣସି ଆଧାର ଉପଲବ୍ଧ ନଥିଲା ଏବଂ ଏପରି କ୍ଷମତା ପ୍ରୟୋଗ କରିବାର ଯଥାର୍ଥତା ନ ଥିଲା । ଯାହାର ଫଳସ୍ୱରୂପ 16.68 କୋଟି ଟଙ୍କାର ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରାଯାଇଥିଲା ।

ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଛି (ମଇ 2024); ଉତ୍ତରକୁ ଅପେକ୍ଷା କରାଯାଇଛି (ଜାନୁଆରୀ 2025) ।

## ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

### 2.14 ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମରେ ନିଷ୍ଫଳ ବ୍ୟୟ

**ତାଲିମ୍ ଆଧାରିତ ନିଯୁକ୍ତି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅତି କମ୍‌ରେ 70 ପ୍ରତିଶତ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ଦେବା ସ୍ଥଳେ ମାତ୍ର 109 ବ୍ୟାଚ୍‌ରେ ତାଲିମ୍ ଦିଆଯାଇଥିବା 2,311 ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଜଣକୁ ବି ନିଯୁକ୍ତି ପ୍ରଦାନ କରାଯାଇ ନଥିଲା । ଫଳସ୍ୱରୂପ, ତାଲିମ୍‌ରେ ଖର୍ଚ୍ଚ ହୋଇଥିବା 3.66 କୋଟି ଟଙ୍କାର ବ୍ୟୟ ବହୁତାଂଶେ ନିରର୍ଥକ ହେଲା ।**

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ[154] (ଓଏସ୍‌ଡିଏ) 2011-12 ଠାରୁ ନିଯୁକ୍ତି ଆଧାରିତ ତାଲିମ କାର୍ଯ୍ୟକ୍ରମ (ପିଏଲ୍‌ଟିପି) ପରିଚାଳନା କରି ଆସୁଅଛି । ପିଏଲ୍‌ଟିପିର ଉଦ୍ଦେଶ୍ୟ ହେଉଛି, ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବେକାରୀ ଭଳି ଜଟିଳ ସମସ୍ୟାର ସମାଧାନ କରିବା । ଏହି କାର୍ଯ୍ୟକ୍ରମରେ ପଞ୍ଜିକୃତ ଜଣେ ପ୍ରାର୍ଥୀଙ୍କୁ ତାଲିମ ଦେବା ସମୟରେ ସମ୍ପୂର୍ଣ୍ଣ ଖର୍ଚ୍ଚ ସରକାର ବହନ କରିଥାନ୍ତି । ତାଲିମ ଶେଷ ହେବା ପରେ ନିଯୁକ୍ତି ପାଇଁ ଉପଯୁକ୍ତ ଶିଳ୍ପ ସଂସ୍ଥାକୁ ଏହି ପ୍ରଶିକ୍ଷାର୍ଥୀମାନଙ୍କୁ ପଠାଯାଇଥାଏ । ଉକ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ଓଏସ୍‌ଡିଏ କେତେଗୁଡ଼ିଏ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଙ୍ଗ୍ ଏଜେନ୍ସି (ପିଆଇଏ) ନିଯୁକ୍ତ କରିଥାନ୍ତି । ଏହି ପିଆଇଏ ମାନେ ଅଧାରୁ ପାଠ ଛାଡିଥିବା ଯୁବବର୍ଗଙ୍କୁ ଚୟନ କରି ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ତାଲିମ୍ ପ୍ରଦାନ କରିଥାନ୍ତି । ତାଲିମ୍‌ର ଅବଧି ବିଭିନ୍ନ ଶିଳ୍ପ ଅନୁଯାୟୀ ସର୍ବନିମ୍ନ ତିନିମାସରୁ ଛଅମାସ ପର୍ଯ୍ୟନ୍ତ ହୋଇଥାଏ ।

ଉପରୋକ୍ତ କାର୍ଯ୍ୟ ପାଇଁ 31 ମାର୍ଚ୍ଚ 2012 ରୁ 29 ଜୁଲାଇ 2019 ମଧ୍ୟରେ ଓଏସ୍‌ଡିଏ 10 ପିଆଇଏ ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିଲେ । ବୁଝାମଣାପତ୍ର ଅନୁଯାୟୀ, ପିଆଇଏ ତାଲିମ୍ ଦେବାର ତିନିମାସ ମଧ୍ୟରେ ଅତିକମ୍‌ରେ 70 ପ୍ରତିଶତ ତାଲିମ୍‌ପ୍ରାପ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ଚଳନୀୟ ଦରମା ସହିତ ନିଯୁକ୍ତି ପ୍ରଦାନ କରିବ । ରାଜ୍ୟ ଭିତରେ ଏହି ଦରମା ସର୍ବନିମ୍ନ ମାସିକ 6,000 ଟଙ୍କା, ରାଜ୍ୟ ବାହାରେ ସମ୍ପୃକ୍ତ ରାଜ୍ୟର ନ୍ୟୁନତମ ମଜୁରୀ ଏବଂ ବିଦେଶରେ ଏହା ସର୍ବନିମ୍ନ 25,000 ଟଙ୍କାରୁ କମ୍ ହେବ ନାହିଁ ବୋଲି ବୁଝାମଣା ପତ୍ରରେ ଉଲ୍ଲେଖ ଥିଲା । ପିଆଇଏ ମାନଙ୍କୁ ଦେୟ ପ୍ରଦାନ ସୂଚୀରେ, ବୁଝାମଣାପତ୍ରରେ ଦୁଇଟି ଭିନ୍ନ ସର୍ତ୍ତାବଳୀ ଥିଲା, ଗୋଟିଏ ମାର୍ଚ୍ଚ 2017 ପର୍ଯ୍ୟନ୍ତ ଏବଂ ଅନ୍ୟଟି ଅପ୍ରେଲ୍ 2017 ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ । ତାଲିମ୍ କାର୍ଯ୍ୟ ଶେଷ ହେବା ପରେ ପିଆଇଏମାନଙ୍କୁ ମୋଟ ତାଲିମ୍ ଖର୍ଚ୍ଚର 60 ପ୍ରତିଶତ ପ୍ରଦାନ, ବାକି 40 ପ୍ରତିଶତ ସଫଳ ତାଲିମ୍‌ପ୍ରାପ୍ତ ପ୍ରାର୍ଥୀଙ୍କର 75 ପ୍ରତିଶତଙ୍କୁ ନିଯୁକ୍ତି ମିଳିବା ପରେ ପ୍ରଦାନ କରାଯାଉ ଥିଲା । ଏହି ସର୍ତ୍ତଟି ମାର୍ଚ୍ଚ 2017 ରେ ପରିବର୍ତ୍ତନ କରାଯାଇଥିଲା । ପରିବର୍ତ୍ତିତ ସର୍ତ୍ତ ଅନୁଯାୟୀ ଅପ୍ରେଲ୍ 2017 ରୁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ସମସ୍ତ ତାଲିମ୍ ଖର୍ଚ୍ଚର 30 ପ୍ରତିଶତ ତାଲିମ୍ ଆରମ୍ଭ ହେବାପରେ, 50 ପ୍ରତିଶତ ତାଲିମ୍ ସମାପ୍ତ ହେବା ପରେ ଏବଂ ଅବଶିଷ୍ଟ 20 ପ୍ରତିଶତ

154 ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣର ପଞ୍ଜିକୃତ ଏକ ସୋସାଇଟି

ସଫଳ ଶିକ୍ଷାର୍ଥୀଙ୍କର 70 ପ୍ରତିଶତ ନିଯୁକ୍ତି ପରେ ପ୍ରଦାନ କରାଯାଉଥିଲା । ଯଦି ନିଯୁକ୍ତି ହାର 50 ରୁ 69 ପ୍ରତିଶତ ଭିତରେ ରହେ ତେବେ ଯଥାନୁପାତ, ପିଆଇଏ ମାନଙ୍କୁ ତାଲିମ୍ ଖର୍ଚ୍ଚ ଦେବାର ବ୍ୟବସ୍ଥା ଥିଲା ।

15 ସେପ୍ଟେମ୍ବର 2014 ରୁ 04 ସେପ୍ଟେମ୍ବର 2021 ମଧ୍ୟରେ 10 ଟି ପିଆଇଏ ଦ୍ୱାରା ଦିଆଯାଉଥିବା ତାଲିମ୍ ଦେୟ ଓ ପିଏଲ୍‌ଟିପି ଅଧିନସ୍ଥ କାର୍ଯ୍ୟ ସମ୍ପାଦନ ବିଷୟକୁ ଅଡିଟ୍ ଯାଞ୍ଚ କରିଥିଲେ (ଜୁଲାଇ 2023) । ଅଡିଟ୍‌ର ଦୃଷ୍ଟିକୁ ଆସିଲା ଯେ ଏହି ସମୟ ମଧ୍ୟରେ 10 ଟି ପିଆଇଏ 181 ଟି ବ୍ୟାଚ୍‌ରେ 3,782 ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ଦେଇଥିଲେ ଓ 6. 57 କୋଟି ଟଙ୍କା ପ୍ରାପ୍ତ କରିଥିଲେ । ଏହି ସମସ୍ତ ତାଲିମ ପ୍ରାପ୍ତ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ କେବଳ 892 (24 ପ୍ରତିଶତ) ଜଣଙ୍କୁ ନିଯୁକ୍ତି ମିଳିଥିଲା । ପ୍ରତ୍ୟେକ 10 ପିଆଇଏଙ୍କ ଦ୍ୱାରା ତାଲିମ୍ ପାଇ ନିଯୁକ୍ତି ପାଇଥିବା ପ୍ରଶିକ୍ଷାର୍ଥୀମାନଙ୍କ ସଂଖ୍ୟା ତଥା ପିଆଇଏମାନଙ୍କୁ ଦିଆଯାଇଥିବା ତାଲିମ୍ ବାବଦ ଖର୍ଚ୍ଚ, **ସାରଣୀ 2.14.1** ରେ ଦର୍ଶାଯାଇଛି ।

***ସାରଣୀ 2.14.1: 15 ସେପ୍ଟେମ୍ବର 2014 ରୁ 4 ସେପ୍ଟେମ୍ବର 2021 ପର୍ଯ୍ୟନ୍ତ ପିଆଇଏ ମାନଙ୍କୁ ତାଲିମ୍ ପ୍ରଦାନ ନିଯୁକ୍ତି ପ୍ରଦାନ ଏବଂ ଦେୟ ପ୍ରଦାନ***

| କ୍ର. ସଂ. | ପିଆଇଏର ନାମ | ବ୍ୟାଚ୍‌ର ସଂଖ୍ୟା | ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା | ନିଯୁକ୍ତି ପାଇଥିବା ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା | ନିଯୁକ୍ତି ପ୍ରତିଶତ | ପ୍ରଶିକ୍ଷଣ ଖର୍ଚ୍ଚ (ଟଙ୍କା ଲକ୍ଷରେ) |
|---|---|---|---|---|---|---|
| 1 | ଏଆଇଏସ୍‌ଇସିଟି, ଭୋପାଳ | 19 | 379 | 20 | 5 | 41.85 |
| 2 | ସିଏସ୍ସା ହସ୍ପିଟାଲିଟି ସର୍ଭିସେସ୍ ଲିମିଟେଡ୍, ବାଙ୍ଗାଲୋର | 1 | 30 | 5 | 17 | 2.99 |
| 3 | ସିପେଟ୍, ଭୁବନେଶ୍ୱର | 18 | 381 | 252 | 66 | 77.75 |
| 4 | ଡାଲମିଆ ଭାରତ ଫାଉଣ୍ଡେସନ୍, ନୂଆ ଦିଲ୍ଲୀ | 52 | 995 | 252 | 25 | 114.09 |
| 5 | ଜର୍ଜ ଟେଲିଗ୍ରାଫ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, କୋଲକତା | 10 | 257 | 0 | 0 | 43.75 |
| 6 | ଏସ୍‌ଏସ୍‌ଇପିଏଲ୍ ସ୍କିଲ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର | 13 | 229 | 30 | 13 | 33.60 |
| 7 | କ୍ୱିଭାନ୍ ସ୍କିଲ୍ ଏମ୍‌ପାୱାର୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ | 29 | 711 | 130 | 18 | 180.74 |
| 8 | ସିପେଟ୍, ବାଲେଶ୍ୱର | 13 | 285 | 98 | 34 | 89.01 |
| 9 | ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସ୍କିଲ୍ ଡେଭଲପ୍‌ମେଣ୍ଟ କର୍ପୋରେସନ୍ | 20 | 416 | 100 | 24 | 49.65 |
| 10 | ନେଟର୍ ଟେକ୍‌ନିକାଲ୍ ଟ୍ରେନିଂ ଫାଉଣ୍ଡେସନ୍, ବାଙ୍ଗାଲୋର | 6 | 99 | 5 | 5 | 23.93 |
| ମୋଟ | | **181** | **3,782** | **892** | **24** | **657.37** |

***(ଉତ୍ସ: ଓଏସ୍‌ଡିଏ ରେକର୍ଡରୁ ସଂକଳିତ)***

ସମୀକ୍ଷାରୁ ଜଣାଗଲା ଯେ:

- 10 ଟି ପିଆଇଏ, 181 ଟି ବ୍ୟାଚ୍‌ରେ ଦେଇଥିବା ତାଲିମ୍ ମଧ୍ୟରୁ 109 ବ୍ୟାଚ୍ (60 ପ୍ରତିଶତ)ର 2,311 ତାଲିମ୍ ପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ନଥିଲା । ତେବେ ଏହି 109 ଟି ବ୍ୟାଚ୍‌ର ତାଲିମ୍ ପାଇଁ ପିଆଇଏମାନଙ୍କୁ 3.66 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏଣୁ, ପିଏଲ୍‌ଟିପି ମାଧ୍ୟମରେ ନିଯୁକ୍ତି ପ୍ରଦାନର ଲକ୍ଷ୍ୟ ପୂରଣ ହୋଇପାରି ନଥିଲା ଏବଂ 3.66 କୋଟି ଟଙ୍କାର ବ୍ୟୟ ନିଷ୍ଫଳ ହୋଇଥିଲା ।

- 52 ବ୍ୟାଚ୍‌ରେ (29 ପ୍ରତିଶତ) ତାଲିମ୍ ଦିଆଯାଇଥିବା 1,089 ଜଣ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ କେବଳ 575 (53 ପ୍ରତିଶତ) ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା । ପ୍ରତି ବ୍ୟାଚ୍‌ର ନିଯୁକ୍ତି ଶତକଡ଼ା 17 ରୁ 67 ପର୍ଯ୍ୟନ୍ତ ଥିଲା, ଯାହାକି ରାଜିନିମାରେ ବର୍ଣ୍ଣିତ ନିର୍ଦ୍ଧାରିତ ଲକ୍ଷ୍ୟ 70 ପ୍ରତିଶତରୁ କମ୍ ଥିଲା । ଏହି 52 ଟି ବ୍ୟାଚ୍ ତାଲିମ୍ ପାଇଁ ପିଆଇଏ ମାନଙ୍କୁ 2.35 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେଣୁ, ପିଏଲ୍‌ଟିପିର ଉଦ୍ଦେଶ୍ୟ ଆଂଶିକ ଭାବେ ହାସଲ କରାଯାଇ ପାରିଥିଲା, କିନ୍ତୁ, ପିଆଇଏମାନଙ୍କ ସହ ହୋଇଥିବା ବୁଝାମଣାପତ୍ରର ଲକ୍ଷ୍ୟ ଅନୁସାରେ ନଥିଲା ।

- କେବଳ 20ଟି ବ୍ୟାଚ୍‌ରେ (11 ପ୍ରତିଶତ) ନିଯୁକ୍ତି ପ୍ରଦାନ ହାର ରାଜିନାମା ସର୍ତ୍ତାବଳୀ ଅନୁସାରେ 70 ପ୍ରତିଶତ କିମ୍ବା ଅଧିକ ଥିଲା । ଏହି 20 ଟି ବ୍ୟାଚ୍‌ର 382 ଜଣ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ 317 ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଓ ପ୍ରତ୍ୟେକ ବ୍ୟାଚ୍‌ରେ ନିଯୁକ୍ତି ପ୍ରତିଶତ 70 ରୁ 100 ପ୍ରତିଶତ ମଧ୍ୟରେ ଥିଲା । ତେଣୁ, ପିଏଲ୍‌ଟିପିର ଉଦ୍ଦେଶ୍ୟ କେବଳ ଏହି 20 ଟି ବ୍ୟାଚ୍‌ରେ ହାସଲ କରାଯାଇଥିଲା ।
- ଜର୍ଜ ଟେଲିଗ୍ରାଫ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, କଲିକତା ନାମକ ଏକ ପିଆଇଏ 16 ମଇ 2018 ରୁ 27 ଜାନୁଆରୀ 2020 ମଧ୍ୟରେ 10 ଟି ବ୍ୟାଚ୍‌ରେ 257 ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ଦେଇଥିଲା, ମାତ୍ର, ଏହା କୌଣସି ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ଦେଇନଥିଲା । କ୍ରମାଗତ ଭାବେ ଏଭଳି ନୈରାଶ୍ୟଜନକ ନିଯୁକ୍ତି ପ୍ରଦର୍ଶନ ସତ୍ତ୍ୱେ ପିଆଇଏକୁ 10 ବ୍ୟାଚ୍‌ର ତାଲିମ୍ କାର୍ଯ୍ୟକ୍ରମ ଦିଆଯାଇଥିଲା ଏବଂ 43.75 ଲକ୍ଷ ଟଙ୍କା ପ୍ରଦାନ କରାଯାଇ ଥିଲା ।

ଏହିପରି 15 ସେପ୍ଟେମ୍ବର 2014 ଏବଂ 4 ସେପ୍ଟେମ୍ବର 2021 ମଧ୍ୟରେ ଆୟୋଜିତ 181 ବ୍ୟାଚ୍ ତାଲିମ୍ କାର୍ଯ୍ୟକ୍ରମରେ ପିଏଲ୍‌ଟିପିର ମୂଳ ଲକ୍ଷ୍ୟ ଯାହାକି ତାଲିମ୍ ପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ଅତିକମ୍‌ରେ 70 ପ୍ରତିଶତ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଉଦ୍ଦେଶ୍ୟ ପ୍ରାୟତଃ ଅସଫଳ ରହିଥିଲା । ଏହା ସତ୍ତ୍ୱେ, ପିଆଇଏ ଗୁଡ଼ିକର କାର୍ଯ୍ୟଦକ୍ଷତା କିମ୍ବା ପିଏଲ୍‌ଟିପିର ଉପଯୋଗିତାର ସମୀକ୍ଷା କରାଯାଇ ନଥିଲା । 109 ବ୍ୟାଚ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା ପାଇଁ ପିଆଇଏଗୁଡ଼ିକୁ ଦିଆଯାଇଥିବା 3.66 କୋଟି ଟଙ୍କା ଫଳପ୍ରଦ ହୋଇନଥିଲା ।

ଉକ୍ତ ବିଷୟଟି ସରକାରଙ୍କୁ ଅବଗତ କରାଯାଇଅଛି (ଫେବୃଆରୀ 2024), ଯାହାର ଉତ୍ତରକୁ ଅପେକ୍ଷିତ ଅଛି (ଜାନୁଆରୀ 2025) ।

ଭୁବନେଶ୍ୱର **(ରାଜ କୁମାର)**

ତାରିଖ 28 MAR 2025 **ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-I)**
**ଓଡ଼ିଶା**

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ **(କେ. ସଞ୍ଜୟ ମୂର୍ତ୍ତୀ)**

ତାରିଖ 01 APR 2025 **ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**